
odia.org

ଭକ୍ତକବି ୰ ଗୋପାଳକୃଷ୍ଣ
ଆବିର୍ଭାବ—ଖ୍ରୀ: ୧୭୭୭, ଆଶ୍ୱିନ ଶୁକ୍ଳ ନବମୀ
ତିରୋଭାବ—ଖ୍ରୀ: ୧୮୬୨, ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା

ଭକ୍ତକବି ୰ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ବିରଚିତ

# ଗୋପାଳକୃଷ୍ଣ ଗ୍ରନ୍ଥାବଳୀ




ପ୍ରକାଶକ ଓ ପ୍ରତିଷ୍ଠାନ

ଓଡ଼ିଶା କୋହିନୂର ପ୍ରେସ

ଚଉଧୁରୀ ବଜାର-କଟକ-୧ ଓ ପୁସ୍ତକ ଭଣ୍ଡାର

ସଂକଳକ ଓ ସମ୍ପାଦକ—

**ଶ୍ରୀ ସରୋଜ କୁମାର ପାଣିଗ୍ରାହୀ**

ଇଚ୍ଛସିଂହ

ପୋ. ଅ: ଜମୋଳ, ଜିଲ୍ଲା—କଟକ

ପ୍ରକାଶକ—

**ସେଖ ଅମିନୁଲ୍ ଆଇ.**

ନୂଆହାଟ, କଟକ-୧

**Right of collection reserved by the Publisher**

ଶୁଭ ମୁକ୍ତି—

ଗାନ୍ଧୀ ଜୟନ୍ତୀ— ୧୯୭୯

ମୁଦ୍ରାକର—

ଏସ୍ ଅମିନୁଲ୍ ଆଇ.

**ଓଡ଼ିଶା କୋହେନୁର୍ ପ୍ରେସ**

ଚୌଧୁରୀ ବଜାର, କଟକ-୧

**ସୁଲଭ ମୂଲ୍ୟ— ବାର ଟଙ୍କା ମାତ୍ର**

ଉତ୍କଳ ଜନନୀର ଯେଉଁ ବୀର ସନ୍ତାନ ମାତୃଭୂମି ଉତ୍କଳ ଓ ମାତୃଭାଷା ଓଡ଼ିଆର ସମ୍ମାନ ଲାଗି ସର୍ବଶ୍ରେଷ୍ଠ ସାହାଯ୍ୟ ଦୂରେଣ ଏ ସ୍ୱଜାତିର ସହର ମଫସଲ ସ୍କୁଲ ଆଦି ସ୍ଥାପିତ ଏବଂ ଏହି ଗ୍ରନ୍ଥାବଳୀର ରଚୟିତା କବି କଳହଂସ ଭକ୍ତକବି ସ୍ୱର୍ଗତ ଗୋପାଳକୃଷ୍ଣ ପଟ୍ଟନାୟକ ଯେଉଁ ରାଜ ପରିବାରର ଦ୍ୱାରା ଉତ୍ସାହିତ ଓ ସମ୍ମାନିତ ହୋଇ ଉତ୍କଳ ଭାରତୀର ଗଳା ଲାଗି ଦାନ କରିଗଲେ ଭକ୍ତି ରସର ସହସ୍ରାଧିକ ଉଚ୍ଚାଙ୍ଗ ସଂଗୀତ; ସେହି ଯୋଗଜନ୍ମା, ପରମ ପଣ୍ଡିତ, ବଦାନ୍ୟ ଶ୍ରେଷ୍ଠ ପାରଳା ଖେମୁଣ୍ଡୀର ମହାରାଜା ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପବିତ୍ର କର କମଳରେ ମୋର ଏହି ସଶ୍ରଦ୍ଧ ଭେଟି—

ଗୁଣମୁଗ୍ଧ
ସମ୍ପାଦକ

ପରେ ପରେ ପ୍ରକାଶ ପାଉଛି

# ଗୋପାଳକୃଷ୍ଣ ଗ୍ରନ୍ଥାବଳୀ

## ଦ୍ୱିତୀୟ ଭାଗ

ଭକ୍ତକବିଙ୍କ ଜୀବନର ବିଭିନ୍ନ ଘଟଣାବଳୀ ଏବଂ ତାଙ୍କ
ଲିଖିତ ଶହ ଶହ ସଂଗୀତ ଏବଂ ତା'ର ସୁବିସ୍ତୃତ
ଆଲୋଚନା ସହ ଅଳଙ୍କୃତ ରଂଗୀନ
ଫଟୋ ଥାଇ ରେକ୍ସିନ ବନ୍ଧାଇ
ହୋଇଥିବା ଏକ ଦୁର୍ଲଭ
ସଂକଳନ ।



ସେଖ୍ ଅମିନୁଲ୍ ଇସଲାମ୍

ଗୋପାଳକୃଷ୍ଣ ଗ୍ରନ୍ଥାବଳୀ'ର ପ୍ରକାଶକ



ଶ୍ରୀ ସରୋଜ କୁମାର ପାଣିଗ୍ରାହୀ

ସଂକଳକ

ଗୋପାଳକୃଷ୍ଣ ଗ୍ରନ୍ଥାବଳୀ

## କବି କଳହଂସ ଭକ୍ତ କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କର

# ସଂକ୍ଷିପ୍ତ ଜୀବନୀ

ବନସ୍ତ ଭିତରେ ଯେତେବଡ଼ ଗହଳିଆ ସ୍ଥାନ ହେଉନା କାହିଁକି ସୁବାସିତ ଫୁଲ ଯେଣ୍ଡାଏ ଫୁଟିଲେ ତାର ମହକ ଯେଉଁ ଭଳି ପବନରେ ଚାରିଆଡ଼କୁ ଭାସିଯାଏ, ସେହିଭଳି ଜଣେ ସୁପୁରୁଷ ଯେତେବଡ଼ ଅନୁନ୍ନତ ଅଞ୍ଚଳରେ ଜନ୍ମଲାଭ କରିଥାଆନ୍ତୁ ନା କାହିଁକି ତାଙ୍କର ଖ୍ୟାତିଜନକ ( **Causing good name** ) ଘଟଣାବଳୀ ସହସ୍ର ମୁଖରେ ପ୍ରଚରିତ ହୋଇଥାଏ।

ଯାର ପ୍ରସବିନୀ ଉତ୍କଳ ଭୂମି। ଯାହା ବକ୍ଷରେ ପ୍ରବାହିତ ନଦୀ···ମହାନଦୀ, ଚରଣଚୁମ୍ବି ସାଗର···ମହୋଦଧି, ଦାଣ୍ଡର ଧୂଳି···ସରଧାବାଲି,···ଯେଉଁ ଦେଶର ଦାଣ୍ଡ ବଡ଼ଦାଣ୍ଡ,···ଠାକୁର···ବଡ଼ଠାକୁର, ଦେଉଳ···ବଡ଼ ଦେଉଳ ଯାଙ୍କୁ ଯେଉଁ ଦେଶର ପତାକା ପତିତପାବନ ନାମକୁ ଧାରଣକରି ଶହ ଶହ ହଜାର ହଜାର କୋଷ ବାଟରୁ ପାପି ତାପି ମାନଙ୍କୁ ସ୍ୱଶକ୍ତି ମହିମା ବଳରେ ଟାଣି ଆଣି ସେମାନଙ୍କ ମନରେଥିବା ଦାମ୍ଭିକତା, କ୍ରୁରତା ଇତ୍ୟାଦିକୁ ହଟେଇ ଦେଇ ସେଇ ସବୁ ସ୍ଥାନରେ ଶାନ୍ତି ଓ ପବିତ୍ରତା ଭରିଦିଏ, ସେହି ପୁଣ୍ୟ ଦାୟିନୀ···ପତିତ ତାରଣୀ ଉତ୍କଳଭୂମିର ମାଟି ଉପରେ ନାଚିକୁଦି···ଖେଳି ବୁଲି···କେତେଯେ ମହାତ୍ମା ଜନ୍ମମାଟି ଓଡ଼ିଶାର ନାମ ରଖିଯାଇଛନ୍ତି ତାହା ଇତିହାସ କହିବ।

ଯାର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ଶ୍ରୀ ଶ୍ରୀ କପିଳେନ୍ଦ୍ର ଦେବଙ୍କର ଯେଉଁ ପୁଅ ଦାକ୍ଷିଣାତ୍ୟରେ ଗୋଟିଏ ମ୍ଳେଚ୍ଛ ରାଜାକୁ ମାରି ପାରଳାଖେମୁଣ୍ଡି ରାଜ୍ୟସ୍ଥାପନ କଲେ ସେତେବେଳେ ନିଜର ରାଜ୍ୟରେ ଭଲ ବ୍ରାହ୍ମଣ ଓ ଶିକ୍ଷିତ ଲୋକ ନଥିବାରୁ ଯଯାତି ନଗର (ଯାଜପୁର) ରୁ କେତେ

ଜଣ ବ୍ରାହ୍ମଣ ଓ କରଣଙ୍କୁ ସପରିବାରେ ନେଇ ସେମାନଙ୍କ ପାଇଁ ପାରଳା ଖେମୁଣ୍ଡିରେ ବୃତ୍ତିଖଞ୍ଜି ଦେଇଥିଲେ । କାଳକ୍ରମେ ଏହି ବ୍ରାହ୍ମଣ, କରଣମାନେ ପାରଳାର ବାସିନ୍ଦା ହୋଇ ପଡ଼ିଲେ । ବନବାସୀ ପଟ୍ଟନାୟକ ସେହି କରଣ ପରିବାରର ଗୋଟିଏ ନାମଯାଦା ଲୋକ । ରାଜାଙ୍କ ପାଞ୍ଜିଆ କରଣଥିବାରୁ ଟଙ୍କା ସମ୍ମାନ, ଓ ପ୍ରତିପତ୍ତି ସେତେବେଳ ସମୟରେ କମ୍ ନଥିଲା । କିନ୍ତୁ ଗୋଟିଏ ବିଷୟରେ ତାଙ୍କ ମନରେ ସବୁବେଳେ ଦୁଃଖ ରହୁଥିଲା ଯେ ଲଳିତାଦେଈଙ୍କୁ ବିବାହ କରିବାର ବହୁଦିନ ପରେ ମଧ୍ୟ ତାଙ୍କ କୋଳକୁ ପବିତ୍ର କରିବା ନିମନ୍ତେ ସନ୍ତାନଟିଏ ହୋଇ ନଥିଲା । ଗୌରଭକ୍ତ ବନବାସୀ ଓ ଲଳିତା ଦୁହେଁଯାକ ମିଳିତ କଣ୍ଠରେ ଠାକୁରଙ୍କୁ ଜଣାଣ କରନ୍ତି ଠାକୁରେ ଆମ କୋଳରେ ପିଲାଟିଏ ଦିଅ ।

ସନ ସତର ଶହ ସତସ୍ତରି ମସିହା ଆଶ୍ୱିନମାସ ଶୁକ୍ଳ ପକ୍ଷ ନବମୀ ତିଥି । କେଉଁ ଯୋଗରେ ସେଦିନର ପ୍ରଭାତ ହୋଇଥିଲା କେଜାଣି ବନବାସୀ ପଟ୍ଟନାୟକଙ୍କ ଗୃହକୁ ଆଲୋକିତ କରି ତଦୀୟ ପତ୍ନୀ ଲଳିତା ଦେଈଙ୍କ କୋଳରେ ଜନ୍ମଲାଭ କଲା ଗୋଟିଏ ଶିଶୁ । ତାର କୁଆଁ କୁଆଁ କାନ୍ଦଣାରେ ବାପମାଙ୍କ ଆନନ୍ଦ କହିଲେ ନସରେ । ନାମକରଣ ଉତ୍ସବରେ ଭକ୍ତ ବନବାସୀ ପଟ୍ଟନାୟକ ପହିଲି ସନ୍ତାନର ନାମଦେଲେ **ଗୋପାଳକୃଷ୍ଣ** ।

ଗୋପାଳକୃଷ୍ଣଙ୍କ ବ୍ୟତୀତ ମାତା, ଲଳିତା ଦେଈଙ୍କ କୋଳରୁ ପର ୨ ଦୁଇଟି ସନ୍ତାନ ଓ ତିନୋଟି ସନ୍ତତି ମାନଙ୍କର କୁଆଁ ରବ ଶୁଣାଯାଇଥିଲା । ମାତ୍ର ବିଧିର ବିଧାନ ବିଚିତ୍ର । ଭଗବାନ ଚାହୁଁ ନଥିଲେ ବନବାସୀଙ୍କ ମୁହଁରେ ଏତେ ହସ ଦେଖିବାକୁ । ଯେଉଁ ଶିଶୁମାନେ ଜନ୍ମ ହେଲାବେଳେ ନିଜେ କାନ୍ଦି ବାପ ମାଆଙ୍କ ମୁହଁରେ ହସ ଫୁଟାଇଥିଲେ ସେଇମାନେ ଦିନ କେଇଟା ମାତ୍ର ବ୍ୟବଧାନରେ ସମସ୍ତଙ୍କ ମୁହଁରେ ବିଷାଦ ବୋଳି ଆଖିରୁ ଲୁହ ଢାଳି ଯାଆନ୍ତି ଗାଆଁ ସେମୁଣ୍ଡ ମଶାଣି ପଦାକୁ ।

ସମସ୍ତେ କହନ୍ତି ଗୋପାଳକୃଷ୍ଣଙ୍କ ଜାତକ ( ଅବଧାନଙ୍କ ତିଆରି ଜନ୍ମ ପତ୍ରିକା ) ବଡ଼ ଉଗ୍ର ଧରଣର ଥିଲା । ବୋଧହୁଏ ସେଇଥିପାଇଁ ତାଙ୍କ ତଳର ଭାଇ ଭଉଣୀମାନଙ୍କୁ କେହି ଗୋଟିଏ ହେଲେ ଜୀବଦ୍ଦଶାରେ ବଞ୍ଚି ପାରିଲେ

ନାହିଁ । ଛଅଟି ସନ୍ତାନର ସମସ୍ତ ସ୍ନେହ ମମତାକୁ ଏକୁଟିଆ ଭୋଗ କରି ଗୋପାଳକୃଷ୍ଣ ଶୁକ୍ଳପକ୍ଷ ଚନ୍ଦ୍ର ପରି ବଢ଼ିବାକୁ ଲାଗିଲେ । ସାତବର୍ଷ ବୟସରେ ତାଙ୍କର ବିଦ୍ୟାରମ୍ଭ ହେଲା । ମାତ୍ର ସେ ପାଠ ପଢ଼ାରେ ମନ ନ ଦେଇ ଦଶବର୍ଷ ଯାଏ ଗାଈ ମଇଁଷୀ ମାନଙ୍କ ପଛରେ ଗୋଡ଼େଇ ଗୋଡ଼େଇ ବାପା ମାଆଙ୍କର ଚିନ୍ତାର ପାତ୍ର ହେଲେ । ଏକମାତ୍ର କୁଳର ପ୍ରଦୀପ ଏହି ଅଖିଳ ସନ୍ତାନର ବିଦ୍ୟାପ୍ରତି ନିରୁତ୍ସାହିତା ଭାବଦେଖି ବନବାସୀ ପଟ୍ଟନାୟକଙ୍କର ଦୁଃଖ କହିଲେ ନସରେ ।

## ପାଠ ପଢ଼ିବ

ସେଦିନର କଥା । ଯେଉଁ ଦିନ କି ଗୋପାଳକୃଷ୍ଣଙ୍କ ମନରେ ଅଦ୍ଭୁତ ପୂର୍ବ ପରିବର୍ତ୍ତନ ଆସିଲା । ବୈବର୍ତ୍ତୀ ପଟ୍ଟନାୟକ ନାମରେ ବନବାସୀ ପଟ୍ଟନାୟକଙ୍କର ଜଣେ ପଡ଼ୋଶୀ ଥିଲେ । ତାଙ୍କ ( ବୈବର୍ତ୍ତୀଙ୍କ ) ଚଉପାଢ଼ୀରେ ଅଧିକାଂଶ ବେଳେ ପଣ୍ଡିତ ମାନଙ୍କର ଭିଡ଼ ହୋଇ ନାନାବିଧ ଶାସ୍ତ୍ରାଲୋଚନା ଚାଲେ । ବନବାସୀ ପଟ୍ଟନାୟକଙ୍କ ସହ ବୈବର୍ତ୍ତୀ ମହାଶୟଙ୍କର ସମ୍ପର୍କ ଅତି ମଧୁର ଥିଲା । ଶାସ୍ତ୍ରାଲୋଚନା ସମୟରେ ବନବାସୀ ସେଥିରେ ଅଂଶ ଗ୍ରହଣ କରନ୍ତି । ଏଇଭଳି କୌଣସି ଦିନ ପଣ୍ଡିତ ମାନଙ୍କର ସଭା ବସିଥିବା ବେଳେ ଶିଶୁ ଗୋପାଳକୃଷ୍ଣ ସେଠାରେ ଉପସ୍ଥିତ ହୋଇ, ଉପସ୍ଥିତ ବିଦ୍ୱଜ୍ଜନ ମଣ୍ଡଳୀ ସହ ଆପଣା ପିତାଙ୍କୁ ପ୍ରଣିପାତ କରି ଭୟ ଓ ସଙ୍କୋଚର ସହ ସେଠାରେ ବସିପଡ଼ିଲେ । ପାଞ୍ଜିଆ କରଣଙ୍କ ଏହି ଶିଶୁ ପୁତ୍ରଟିର ଅପରୂପ ସୌନ୍ଦର୍ଯ୍ୟ, ନମ୍ରତା ଓ ଶିଷ୍ଟାଚାରରେ ସମସ୍ତେ ମୁଗ୍ଧ ହୋଇ ପ୍ରଶଂସା କଲାବେଳେ ଶୁଣିବାକୁ ପାଇଲେ ଯେ, ମହାକାଳ ଫଳ ପରି ଏହି ପିଲାଟିର କେବଳ ଚମଡ଼ା ସୁନ୍ଦର । ଭିତରେ କିଛି ସୁନ୍ଦର ହୋଇନାହିଁ । କୈଶୋରର ମଧ୍ୟାହ୍ନରେ ଉପସ୍ଥିତ ହୋଇମଧ୍ୟ ପିଲାଟା ପାଠ ନପଢ଼ି ଗୋରୁ ମଇଁଷୀ ପଛରେ ଗୋଡ଼ାଇ ଗୋଡ଼ାଇ ସମୟ ବିତାଇ ଦେଉଛି । ଏ ବିଷୟ ଯେତେବେଳେ ସଭାସ୍ଥିତ ସଜ୍ଜନମାନେ ଜାଣିଲେ, ଘୃଣାରେ ନାସିକା କୁଞ୍ଚନ କରି ଗୋପାଳକୃଷ୍ଣଙ୍କ ଉପରୁ ମୁହଁ ଫେରାଇ ନେଲେ । ଯେଉଁମାନେ ଅଳ୍ପ ସମୟ ତଳେ ପ୍ରଶଂସା କରିବାକୁ ଶତମୁଖ ହୋଇ ଉଠିଥିଲେ, ସେଇ ମାନଙ୍କ ମୁହଁରୁ ନିନ୍ଦାଶୁଣି ଗୋପାଳକୃଷ୍ଣ ଅପମାନରେ ଜର୍ଜି

ପଢ଼ିଲେ । ସେହିଦିନ ଠାରୁ ତାଙ୍କ ମନରେ ପରିବର୍ତ୍ତନ ଆସିଲା । ବିଦ୍ୟାଧ୍ୟୟନ ସକାଶେ ଭୋକ ଶୋଷ ମଧ୍ୟ ଭୁଲିଗଲେ । ପିଲା ଦିନରୁ ତାଙ୍କର ଆରାଧ୍ୟ ଦେବତା ଥିବା ରାଧାକୃଷ୍ଣଙ୍କୁ ପଣରଖି ପାଠପଢ଼ି ଚାଲିଲେ ।

ପ୍ରାୟ ପନ୍ଦର ବର୍ଷ ବୟସରେ ଅମର କୋଷାଦି ଅଧ୍ୟୟନ ସହ ଛନ୍ଦ, ଉପନିଷଦ, ବରାହ, ଭବଭୂତି, କାଳିଦାସ ଆଦିଙ୍କ ନାନାଦି କାବ୍ୟ ଶାସ୍ତ୍ର ପଢ଼ି ଜ୍ଞାନ ଗରିମାରେ ଖୁବ୍ ଅଳ୍ପ ବୟସରୁ ଗୋପାଳକୃଷ୍ଣ ଧୁରନ୍ଧର ହୋଇ ପଡ଼ିଲେ । ସାଧୁ ସଜ୍ଜନମେଳରେ ପରିଚିତ କରାଇ ପୁତ୍ରର ଗୁଣ ବର୍ଦ୍ଧନ ସକାଶେ ପିତା ବନବାସୀ ପଟ୍ଟନାୟକ ପାରଳାଖେମୁଣ୍ଡି ରାଜ ସଭାକୁ ତାଙ୍କୁ ସ୍ୱତିମତ ସାଙ୍ଗରେ ନେଲେ । ଗୋପାଳକୃଷ୍ଣଙ୍କର ଅସାଧାରଣ ଜ୍ଞାନ ଦେଖି ସମସ୍ତେ ଚମତ୍କୃତ ହେଲେ । ସନ୍ତାନବତ୍ସଳ ପିତା ନିଜର ପିଲାମାନଙ୍କଠାରୁ ଯାହା ଆଶା କରନ୍ତି ବନବାସୀ ପଟ୍ଟନାୟକଙ୍କଠାରେ ତାହାହିଁ ଦେଖିବାକୁ ମିଳିଲା । ଏକ ମାତ୍ର ପୁତ୍ର ଗୋପାଳକୃଷ୍ଣଙ୍କୁ 'ହୀରା ନାମ୍ନୀ ସୁନ୍ଦରୀ ଯୁବତୀ ସହ ଚୋଉଦ ବର୍ଷ ବୟସରେ ବିବାହ କରାଇ ଦେଇ ସବୁଦିନ ପାଇଁ ଆଖି ବୁଜିଲେ ।

ଉପଯୁକ୍ତ ପିତାଙ୍କର ଉପଯୁକ୍ତ ଦାୟାଦ ଭାବରେ ଗୋପାଳକୃଷ୍ଣ ପଟ୍ଟନାୟକ ପାରଳାଖେମୁଣ୍ଡିର ଗଜପତି ମହାରାଜଙ୍କ ଦରବାରରେ 'ପାଞ୍ଜିଆ କରଣ' ରୂପେ ନିଯୁକ୍ତି ପାଇଲେ । ତାଙ୍କର କର୍ମ ଦକ୍ଷତା ପ୍ରତ୍ୟେକଙ୍କୁ ମୁଗ୍ଧ କଲା । ମାତ୍ର ଜଣେ ସ୍ୱାର୍ଥ ଲିପ୍ସୁ କର୍ମଚାରୀ ଗୋପାଳକୃଷ୍ଣଙ୍କ ଲୋକ ପ୍ରିୟତାକୁ ବରଦାସ୍ତ କରି ପାରିଲେ ନାହିଁ । ସେ କିଏ ?

## ବିପ୍ଳବୀ ଗୋପାଳକୃଷ୍ଣ

ସେତେବେଳେ 'ପଦ୍ମନାଭ' ନାମରେ ପାରଳାଖେମୁଣ୍ଡି ରାଜ୍ୟର ଜଣେ ମ୍ୟାନେଜର ଥାଆନ୍ତି । ବ୍ରିଟିଶ ସରକାରଙ୍କ ସେ ଗୋଡ଼ ଚାଟିଚାଟି ଏଭଳି ପ୍ରଭୁତ୍ୱ ଦେଖାଉଥିଲେ ଯେ ତାଙ୍କ ଅତ୍ୟାଚାରରେ ଗଗନ ପବନ ଥରହର ହେଉଥିଲା । ଜାରସାହି ଶାସନ ସକାଶେ ପ୍ରଜାକୁଳ ପଦେ ପଦେ ସନ୍ତ୍ରସ୍ତ । ରାଜଲକ୍ଷ୍ମୀର ଲୀଳା ସ୍ଥଳୀ ପୁଣ୍ୟତମା ଗଜପତି ଭୂମି ବ୍ରିଟିଶ ଲୁଣ୍ଠନର ଉଷ୍ଣ ଲୁହରେ

ଆବିର୍ଭୂତ । ଅନନ୍ତ ପ୍ରସନ୍ନାକାଶ ଅତ୍ୟାଚାରର ପ୍ରପୀଡ଼ିତ ନିରକ୍ଷ ମାନଙ୍କର ପ୍ରାଣାନ୍ତକ ଆର୍ତ୍ତନାଦରେ ଭକ୍ତ ଗୋପାଳକୃଷ୍ଣଙ୍କ କଂପିତ ପ୍ରାଣ ହାୟ ହାୟ କରି ଉଠେ । ବିଧାତାଙ୍କର କି ଅଭିଶାପ ପାରଳାଖେମଣ୍ଡୀ ପ୍ରତି ?

ମେଘ ଆସେ······ବରଷେ ନାହିଁ ।

ଶସ୍ୟ ଲାଗେ······ଫଳେ ନାହିଁ ।

ରୁକ୍ଷ ଶାସନର ଦୁର୍ଦ୍ଧର୍ଷ କାପାଳିକର ଅବତାର ଧରି ପଦ୍ମନାଭ ଦେବ ପ୍ରେତ ଦାସ ମାନଙ୍କ ଠାରୁ ଯେଉଁ ତାଣ୍ଡବ ମାଧୁର୍ଯ୍ୟ ଅନୁଭବ କରନ୍ତି ତାର ଶେଷ କେଉଁଠି ? ତାଙ୍କର ଅମାନୁଷିକ ସ୍ପୃହା, ପୈଶାଚୀକ ପ୍ରବୃତ୍ତି ଦେଖି ଦେଖି ଗୋପାଳକୃଷ୍ଣ ଅସ୍ଥିର ହୋଇ ପଡ଼ିଲେ । ପ୍ରଜାପୁଞ୍ଜର ଆକୁଳ ନିବେଦନ ଶୁଣି ଶୁଣି ସେ ବଧିର ହୋଇଗଲେ । କିନ୍ତୁ କେତେଦିନ ଏମିତି ଚୁପ ହୋଇ ବସିବେ ? ଶେଷକୁ ସ୍ଥିର କରି ନେଲେ ଯେ କୋଟି ଅନ୍ତରର ବିପ୍ଳବ ବହ୍ନି ଦିଗ ଦିଗନ୍ତରୁ ଲେଲିହାନ ମାନ ରସନାରେ ଆସି ପଦ୍ମନାଭ ଦେବଙ୍କୁ କପଟ ଛାର ଖାର କରିଦେବ !

ସେତେବେଳେ ପାରଳାଖେମଣ୍ଡୀର ଗଜପତି ଥିଲେ ଜଗନ୍ନାଥ ନାରାୟଣ ଦେବ । ରାଜ୍ୟରେ ପ୍ରଜା ଅଶାନ୍ତ । କେତେ କେତେ ପ୍ରଜା ରାଜ୍ୟ ଛାଡ଼ି ଚାଲି ଯାଉଛନ୍ତି ଏହି କଥା ଚିନ୍ତାକରି କରି ସେ ଏକ ରକମ ସ୍ଥାଣୁ ପାଲଟି ଗଲେଣି ।

ହଠାତ୍ ଦିନେ ଶୁଣାଗଲା ଯେ ମ୍ୟାନେଜର ପଦ୍ମନାଭ ଦେବଙ୍କ ଦମନ ନୀତି ବିରୁଦ୍ଧରେ ପାଞ୍ଜିଆ କରଣ ଗୋପାଳକୃଷ୍ଣ ପଟ୍ଟନାୟକ ବିଦ୍ରୋହ ସୃଷ୍ଟି କରି ସେ କିଭଳି ଭାବରେ ପଦଚ୍ୟୁତ ହେବେ ଏଥିପାଇଁ ଜିଲାକଲେକ୍ଟରଙ୍କୁ ଲେଖିଛନ୍ତି । ଏକଥା ଶୁଣାଯିବା ପରେ ସ୍ୱାର୍ଥଲିପ୍ସୁ କର୍ମଚାରୀ ମାନେ ଗୋପାଳକୃଷ୍ଣଙ୍କୁ ଜୀବନରେ ମାରିଦେବାପାଇଁ ଷଡ଼ଯନ୍ତ୍ର କଲେ । ସେ ( ଗୋପାଳକୃଷ୍ଣ ) ଯେତେବେଳେ ଏ ଖବର ପାଇଲେ କାହାକୁ କିଛି ନକହି ରାତାରାତି ପାରଳା ଖେମୁଣ୍ଡୀ ଛାଡ଼ି ଗଞ୍ଜାମ ଚାଲିଆସିଲେ ।

—ଛଅ—

# ବିପ୍ଳବୀ ନୁହେଁ କବି

ଯୌବନର ମଧ୍ୟାହ୍ନରେ ଗୋପାଳକୃଷ୍ଣ ନଗର ବୁଲିଯାଉଥିବାବେଳେ ଏକଦା କୁମୁଟି ( ଦକ୍ଷିଣର ବୈଶ୍ୟଜାତି) ଘରର ସୁନ୍ଦରୀ ଯୁବତୀଟିଏ ଦେଖିବାକୁ ପାଇଥିଲେ । ସେହି ସୁନ୍ଦରୀ ଯୁବତୀଟି ଗୋପାଳକୃଷ୍ଣଙ୍କ ହୃଦୟରେ କବିଭାବ ଉଦ୍ରେ ସୃଷ୍ଟି କରିଥିଲା । ଘରକୁ ଫେରିଆସି ଯୁବତୀର ଅପରୂପ ଶୋଭାକୁ ଗୋପାଳକୃଷ୍ଣ ଭୁଲି ପାରିଲେ ନାହିଁ । ତାଳ ପତ୍ରର ବକ୍ଷ ବିଦୀର୍ଣ୍ଣ କରି ଲେଖନୀମୁନରେ ମଚମଚ କରି ଲେଖିଗଲେ ଜୀବନର ପହିଲି କବିତା । ''ସ୍ବପ୍ନରେ ଦେଇ କିନ୍ତୁ ନଯାରେ'' ଇତ୍ୟାଦି ଓ ବିପ୍ଳବୀ ଗୋପାଳକୃଷ୍ଣରୁ 'କବି ଗୋପାଳକୃଷ୍ଣ' ରୂପେ ତାଙ୍କୁ ପରିଚିତ କରାଇଲା । କିନ୍ତୁ ଗୋପାଳକୃଷ୍ଣଙ୍କ କବିତାର ଆଉ ଜଣେ ସାର୍ଥକ ପ୍ରକାଶ କୃପାସିନ୍ଧୁ ନରେନ୍ଦ୍ର ଦେବ କହନ୍ତି ଯେ ଗଞ୍ଜାମରେ ରହୁଥିବାବେଳେ ବନ୍ଦବାକ ଚକ୍ରପାଣି ପଟ୍ଟନାୟକ ଓ ଆଉ କେତେଜଣଙ୍କ ସହ ଯୁବକ ଗୋପାଳକୃଷ୍ଣ ସନ୍ଧ୍ୟାସମୟରେ ଋଷିକୁଲ୍ୟା ନଦୀ କୂଳକୁ ବୁଲି ଯାଉଥିବା ସମୟରେ ପୂର୍ବୋକ୍ତ କୁମୁଟୀ ଜାତୀୟ ସୁନ୍ଦରୀ ଯୁବତୀକୁ ମୁଣ୍ଡରେ ପାଣି ବୋହି ନେଉଥିବାର ଦେଖି ସମସ୍ତେ ଚମତ୍କୃତ ହୋଇଥିଲେ । ଏହାପରେ ସେହି ଯୁବତୀକୁ ଲକ୍ଷ୍ୟକରି ଏକ ଏକ କବିତା ରଚନା କରିବା ନିମନ୍ତେ ଶ୍ରୀକରଣ-ପଟ୍ଟନାୟକ କହିବାରୁ ସମସ୍ତେ କବିତା ଲେଖିଲେ । ମାତ୍ର ଆଗରୁ କେବେ ଲେଖା ଲେଖି କରି ନ ଥିବାରୁ ଗୋପାଳକୃଷ୍ଣ ଅସାମର୍ଥ୍ୟ ପ୍ରକାଶ କଲେ । କିନ୍ତୁ ଶ୍ରୀକରଣ ପଟ୍ଟନାୟକଙ୍କର ଜିଦ୍ ଯେ ପ୍ରତ୍ୟେକଙ୍କୁ କବିତା ଲେଖିବାକୁ ହେବ । ପରିଶେଷରେ ସମସ୍ତଙ୍କ ଅନୁରୋଧରେ ଅନୁରୁଦ୍ଧ ହୋଇ ଗୋପାଳକୃଷ୍ଣ ଯେଉଁ କବିତାଟିକୁ ରଚନା କଲେ ତାହା ପୂର୍ବରୁ କୁହାଯାଇଛି । ଶ୍ରୀକରଣ ପଟ୍ଟନାୟକ ସମସ୍ତଙ୍କ କବିତାଗୁଡ଼ିକୁ ଏକାଠି କରି ଦେଖିଲେ ଯେ ସ୍ୱଳ୍ପ ବୟସ୍କ ଓ ନବୀନ-କବି ଗୋପାଳକୃଷ୍ଣଙ୍କ କବିତାର ଭାବ ଭଙ୍ଗୀଆଦି ଅନ୍ୟାନ୍ୟ କବିମାନଙ୍କ ଲେଖା ଅପେକ୍ଷା ରସଗ୍ରାହୀ ଓ ସମୟୋପଯୋଗୀ ହୋଇଛି । ଯେତେବେଳେ ଶ୍ରୀକରଣ-ପଟ୍ଟନାୟକ ସଙ୍ଗୀମେଳରେ ଏହି କଥା ପ୍ରକାଶ କଲେ, ଉପସ୍ଥିତ ବନ୍ଦବାକ୍ ଚକ୍ରପାଣି ପଟ୍ଟନାୟକ ଯୁବକ ଗୋପାଳକୃଷ୍ଣଙ୍କୁ ପ୍ରଥମେ ଅଭିନନ୍ଦନ ଜଣାଇଲେ ଏବଂ କବିତା ଲେଖା ନଛାଡ଼ି ଏକମତ ସାଧନା କରିଲେ ଭବିଷ୍ୟତରେ ପ୍ରଶଂସା ମିଳିବ ବୋଲି ଉପଦେଶ ଦେଇଥିଲେ ।

ପରବର୍ତ୍ତୀ ଜୀବନରେ ଦଣ୍ଡପାଣି ପଟ୍ଟନାୟକଙ୍କ କଥା ଅକ୍ଷରେ ଅକ୍ଷରେ ସତ ହେଲା । ଗ୍ରାମ୍ୟ ରସରେ କବିତା ଲେଖି ଗୋପାଳକୃଷ୍ଣ ସମସ୍ତଙ୍କୁ ଟପିଗଲେ । ଯାଉଛି ଯାମାରଜନୀ ଚନ୍ଦ୍ରବଦନା ଯାମା, ସତେ କରବକ ବନ୍ଧୁ, ହାସ ମଲ୍ଲୀକ, ଆରେ ସରସ ହୃଦୟା କାନ୍ତ ମୋର ଏ ବସନ୍ତ କାଳରେ ଆଦି ଏହି ଗ୍ରାମ୍ୟରସ କବିତାର ଅନ୍ତର୍ଭୁକ୍ତ ଅଟେ ।

ଗ୍ରାମ୍ୟରସର ଗୀତମାନ ଲେଖା ଚାଲିଥିବାବେଳେ ଏକଦା କବିଙ୍କ ଦୀକ୍ଷାଗୁରୁ ଲୋକନାଥ ଗୋସ୍ୱାମୀଙ୍କଠାରୁ ଆଦେଶ ପାଇ ଗ୍ରାମ୍ୟରସର କବିତା ବନ୍ଦ ହୋଇଯାଇ ତା ବଦଳରେ ଭକ୍ତିରସ କବିତାର ଝରଣା କବିଙ୍କ ଲେଖନୀମୁନରୁ ମୃତ୍ୟୁ ପର୍ଯ୍ୟନ୍ତ ଛୁଟି ଚାଲିଲା ।

ଗଜପତି ଜଗନ୍ନାଥନାରାୟଣ ଦେବଙ୍କ ପରେ ତାଙ୍କ ପୁଅ ପ୍ରତାପରୁଦ୍ର-ଦେବ ପାରଳା ସିଂହାସନ ଅଳଂକୃତ କରିଥିଲେ । ସେ ମହାଶୟ ଗୋପାଳକୃଷ୍ଣ-ଙ୍କର ଆଲୌକିକ କବି ପ୍ରତିଭା ଦେଖି ମୁଗ୍ଧ ହୋଇଥିଲେ । ତାଙ୍କୁ କବି କଳହଂସ ଉପାଧି ଦେଇ ଏକୋଇଶିଖଣ୍ଡ ଗ୍ରାମରେ କରଣିକ କରିଦେଇ ଥିଲେ । ଗୋପାଳକୃଷ୍ଣ ଯେତେବେଳେ ସନ୍ଧ୍ୟାରେ କାମ ସାରି ଘରକୁ ଯାଆନ୍ତି ସେତେବେଳେ ଗୁଣଗ୍ରାହୀ ମହାରାଜାଙ୍କ ନିର୍ଦ୍ଦେଶରେ ତାଙ୍କ ଆଗରେ ଯୋଡ଼ୀ ମଶାଲ ଯାଉଥିଲା । ଏହାର ପ୍ରତିବଦଳରେ ସେ କେତେଗୁଡ଼ିଏ ସଂସ୍କୃତ ଶ୍ଳୋକର ପଦ୍ୟାନୁବାଦକରି ମହାରାଜା ପ୍ରତାପରୁଦ୍ର ଦେବଙ୍କ ନାମରେ ସେସବୁକୁ ଭଣିତା କରିଥିଲେ ।

ଗ୍ରାମ୍ୟ ଗୀତ, ପ୍ରେମଗୀତ ଓ ଭକ୍ତିଗୀତ ହଜାର ହଜାର ସଂଖ୍ୟାରେ ସେ ଲେଖିଛନ୍ତି । ମାତ୍ର ସେଗୁଡ଼ିକର ପାଣ୍ଡୁଲିପି ସାଇତି ରଖିନଥିବାରୁ ଆଜିକାଲି ଖୋଜି ପାଇବା ଦୁଷ୍କର ହୋଇଛି । ଇନ୍ଦୁ ନାମ୍ନୀ ଜଣେ ଦେବଦାସୀ ନୃତ୍ୟଛଳରେ ତାଙ୍କର କବିତାଗୁଡ଼ିକୁ ପ୍ରଚାର କରାଇ ଥିଲା । ସେହି ଅବସରରେ ସିଏ ଯେଉଁଠି ତାଙ୍କର ଯେଉଁ କବିତାଟି ଶୁଣିଲା ସେ ସେତକ ଲେଖି ରଖିଲା । ଏହିଭଳି ଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାଙ୍କର କବିତାବଳୀ ଶୁଣିବାକୁ ମିଳିଥାଏ ।

# ଅନ୍ତିମ ପଥର ଯାତ୍ରୀ

ବୃଦ୍ଧ ବୟସରେ ଜ୍ୟେଷ୍ଠପୁତ୍ର କରୁଣାନିଧି ପଟ୍ଟନାୟକଙ୍କ ମୃତ୍ୟୁଜନିତ ଦୁଃଖ ତାଙ୍କୁ ତିଳ ତିଳ କରି ଦଗ୍ଧୀଭୂତ କରୁଥିଲା । ଏହିଭଳି ସମୟରେ ଜ୍ୱାଇଁ ମରିଯିବାରୁ ଝିଅର ବୈଧବ୍ୟବେଶକୁ ଦେଖି ସେ ଧୈର୍ଯ୍ୟହରା ହୋଇ ପଡ଼ିଲେ । ଖାରଡ଼ା ଗ୍ରାମରେ ମଠଟିଏ ପ୍ରତିଷ୍ଠାକରି ସେହିଠାରେ ନିଜର ସନ୍ୟାସ ଜୀବନ ଯାପନ କରୁଥିବାବେଳେ ୮୫ବର୍ଷ ବୟସରେ ୧୮୭୨ମସିହା ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା ତିଥିରେ ଇହଧାମ ଛାଡ଼ି ସ୍ୱେଶ୍ୱରଙ୍କର ପଦଦାସୀ ହେବା ଲାଳସାରେ ସେ ପାରିକୁ ଚାଲିଗଲେ । ଯେଉଁଠାକୁ ଲୋକ ଥରେ ଗଲେ ଆଉ ଫେରେନାହିଁ ।

ପିତାଙ୍କ ଆଦେଶାନୁଯାୟୀ ତାଙ୍କର ଦୁଇପୁତ୍ର ଗୌରଚନ୍ଦ୍ର ପଟ୍ଟନାୟକ ଓ ହରିବନ୍ଧୁ ପଟ୍ଟନାୟକ ବୈଦିକ ମତରେ ଅନ୍ତ୍ୟେଷ୍ଟି କ୍ରିୟା ନକରି ବୈଷ୍ଣବମତରେ ସମସ୍ତ କର୍ମ ସାଙ୍ଗକଲେ ।

କବି କଳହଂସ, ପାରଳା ଖେମୁଣ୍ଡିର ବସନ୍ତ କୋକିଳ ଭକ୍ତ କବି ଗୋପାଳକୃଷ୍ଣଙ୍କ ତିରୋଧାନ ଆଜକୁ ୧୦୭ବର୍ଷ ହୋଇଗଲା । ଏହି ୧୦୭ବର୍ଷରେ କେତେ ନୂଆ ଆସି ପୁରୁଣା ଗଲେଣି । ମାତ୍ର ଗୋପାଳକୃଷ୍ଣ କାବ୍ୟସ୍ୱାଦୀମାନଙ୍କ ନିକଟରେ ତାଙ୍କର କବିତା ସକାଶେ ଏବେମଧ୍ୟ ଜୀବିତ ଅଛନ୍ତି ଏବଂ ବହୁ ଶତାବ୍ଦି ଧରି ରହିବେ ମଧ୍ୟ । ତାଙ୍କ ଅମର ଲେଖନୀରୁ ନିସୃତ କବିତାମାନ ଗୋପାଳକୃଷ୍ଣ ଗ୍ରନ୍ଥାବଳୀ ନାମରେ ଯେତେବେଳେ ପ୍ରକାଶ ପାଉଛି ସେତେବେଳେ ତାଙ୍କର ଅମର ଆତ୍ମା ପ୍ରତି ଆମର ଭକ୍ତି ଓ ଶ୍ରଦ୍ଧା ନିବେଦନ କରୁଛୁ ।

# ମୁଖଶାଳା

ଢାଣ୍ଡି ବୃତ୍ତିର ପ୍ରଚଳନ ଶିଥିଳ ହେବାପରେ 'କୋଇଲି' କବିତା ମଧ୍ୟରେ ଗୀତି ମସୃଣ ସନ୍ନିବିଷ୍ଟ କରାଇ କବିତାକୁ ଗଣଭୋଗ୍ୟ କରାଇବାର ପ୍ରାଜ୍ଞ ପ୍ରଚେଷ୍ଟା ସପ୍ତଦଶ ଶତାବ୍ଦି ବେଳକୁ ପୂର୍ଣ୍ଣତା ପ୍ରାପ୍ତ ହୋଇଥିଲା । ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦିର କବିମାନଙ୍କ ମଧ୍ୟରେ ଯେଉଁମାନେ ଗୀତି ଧାରାକୁ ପରିପୁଷ୍ଟ କରିଥିଲେ ସେମାନଙ୍କ ଭିତରେ "ଗୋପାଳକୃଷ୍ଣ ପଟ୍ଟନାୟକ" ଉତ୍କଳ ଭୂମିର ସାହିତ୍ୟାକାଶରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି । ଏହି ବିଶିଷ୍ଟତାର ପ୍ରଧାନ କାରଣ ହେଲା ତାଙ୍କ ଭାଷାର ସରଳତା ଓ ଭାବର ମାଧୁରୀ । ଯଦିଓ କବିସୂର୍ଯ୍ୟଙ୍କ ଚମ୍ପୂର ସଂଗୀତାବଳୀ ଓଡ଼ିଶାର ଘରେ ଘରେ ପରିଚିତ ତଥାପି ତାହା ସାଧାରଣ ଭାଷାଡମ୍ବର ସକାଶେ ଦୁର୍ବୋଧ୍ୟ ହୋଇ ପଡ଼ୁଛି । ଏଇ ହେଲା କବିସୂର୍ଯ୍ୟ ଓ ଭକ୍ତକବି ଗୋପାଳକୃଷ୍ଣଙ୍କ ଭିତରେ ତଫାତ୍ । ଗୋପାଳକୃଷ୍ଣ ସରଳ ଘରୋଇ ଓଡ଼ିଆ ଭାଷାରେ କବିତା ରଚନା କରିଥିବାରୁ ତାହା ସମସ୍ତଙ୍କର ପ୍ରାଣସ୍ପର୍ଶୀ ହୋଇ ପାରିଛି । ଯଦିଓ ସେ ( କବି ଗୋପାଳକୃଷ୍ଣ ) ବ୍ରଜରସ ବା ରାଧାକୃଷ୍ଣଙ୍କ ପ୍ରେମରସକୁ କବିତା ମଧ୍ୟରେ ଫୁଟାଇ ଛନ୍ତି ତଥାପି ତହିଁରେ ତାଙ୍କର ବ୍ୟକ୍ତିଗତ ସ୍ପନ୍ଦନ ଓ ସ୍ୱପ୍ନ ସ୍ୱତଃ ସ୍ଫୁରିତ ହୁଏ ।

ଗୋପାଳ କୃଷ୍ଣଙ୍କ ସମସ୍ତ କବିତା ଉଚାଙ୍ଗ ସଙ୍ଗୀତ ରୂପେ ଓଡ଼ିଶାର ପୁର ପଲ୍ଲୀରେ ବିଶେଷ ଭାବରେ ଆଦୃତ । ମାତ୍ର ଗୀତି ବିଭବରେ ବିଭୂଷିତ ଏହି କବିତାଗୁଡ଼ିକର ଗୁଣ ଗରିମା ଗାୟକଙ୍କର ସ୍ୱର ବିନ୍ୟାସ ସାପେକ୍ଷ । କାରଣ ସଙ୍ଗୀତର ଆକର୍ଷଣ ରଚନାର ଲିଖନ ଭଙ୍ଗୀରେ ଯେତେ ନଥାଏ ସେତେ

ଥାଏ ଗାୟକର ସ୍ୱର ସାଧନା ଓ ସଂଯୋଜନାରେ । ମାତ୍ର ସ୍ୱର ମାଧୁର୍ଯ୍ୟକୁ "ଶିଶୁର୍ବେତ୍ତି ପଶୁର୍ବେତ୍ତି, ବେତ୍ତିଗୀତ ରସଂ ଫଣୀ ।" ଗୋପାଳକୃଷ୍ଣଙ୍କ ରଚନାର ସଙ୍ଗୀତ ରୂପାୟନ ଏଥିପର ସାପେକ୍ଷିକ ଥିବା ସ୍ଥଳେ ସାହିତ୍ୟ ଭାବେ ଏଗୁଡ଼ିକର ଗୁଣ ପ୍ରତିଷ୍ଠା କିନ୍ତୁ ଅନପେକ୍ଷ, ସ୍ୱୟଂ ବିଳସିତ । କାବ୍ୟାସ୍ୱାଦୀ ମାନଙ୍କ ନିକଟରେ ଏହା ଗୀତଗୋବିନ୍ଦୀୟ ରଚନା ପରି ଲଳିତ ଭାବ ବ୍ୟଞ୍ଜକ ଓ ବିମୋହକ ।

ପ୍ରାଚୀନ ବହୁ ଓଡ଼ିଆ କାବ୍ୟ କବିତା ସଦୃଶ ରାଧାକୃଷ୍ଣ ପ୍ରସଙ୍ଗ ଗୋପାଳ କୃଷ୍ଣଙ୍କ କବିତାର ଉପଜୀବ୍ୟ ବସ୍ତୁ । ମାତ୍ର ସମଶ୍ରେଣୀୟ ରଚନା ପର୍ଯ୍ୟାୟରେ ଗୋପାଳକୃଷ୍ଣଙ୍କ ରଚନା ଅତିରଞ୍ଜନ ବା ଅପ୍ରମେୟ ନୁହେଁ କି ଆଲୋଚ୍ୟ କବି ପୂର୍ବବର୍ତ୍ତୀ ବା ପରବର୍ତ୍ତୀ କୌଣସି କବିଙ୍କ ପ୍ରତିଭା ଭିତରେ ବିମଳିନ କାନ୍ତି ନୁହଁନ୍ତି । ସେ ନିଜ ଜ୍ୟୋତିରେ ନିଜେ ଭାସ୍ୱାନ୍ । ବ୍ରଜ ରସାତ୍ମକ ଯେତେ ଯେତେ କବିତା ଗୋପାଳକୃଷ୍ଣଙ୍କର ଦେଖାଯାଏ ତାହା ତାଙ୍କର କଳ୍ପନା ପ୍ରସୂତ ନୁହେଁ । ଏହି ରସର ସମସ୍ତ କବିତା ପଞ୍ଚ ମହାଜନ ମାନଙ୍କ ପଥାନୁସରଣରେ ସେହି ମାନଙ୍କ ଗ୍ରନ୍ଥ ଅବଲମ୍ବନରେ ଲିଖିତ ବୋଲି କେହି କେହି ବୈଷ୍ଣବ ଶାସ୍ତ୍ରବିଦ୍ ସଜ୍ଜନ-ମାନେ କହିଥାଆନ୍ତି । ରସାମୃତସିନ୍ଧୁ, ବୃନ୍ଦାବନ ଲୀଳାମୃତ ବିଦଗ୍ଧ ମାଧବ, ଉଜ୍ଜ୍ୱଳ ନୀଳମଣି, ଶ୍ରୀକୃଷ୍ଣ ଭାବନା ମୃତ, କୃଷ୍ଣ କର୍ଣ୍ଣାମୃତ, ଗୋବିନ୍ଦ ଲୀଳାମୃତ ଓ ଲଳିତ ମାଧବ ଆଦି ବୈଷ୍ଣବ ଶାସ୍ତ୍ରକୁ ନିଜ ଜୀବନର ପରମ ସମ୍ବଳ ବୋଲି ଗୋପାଳକୃଷ୍ଣ ଅନୁଭବ କରିଥିଲେ । କହିବା ବାହୁଲ୍ୟ ହେବ ଯେ ଉଲ୍ଲିଖିତ ବୈଷ୍ଣବ ଶାସ୍ତ୍ରର ଅନେକ ପ୍ରଭାବ ଗୋପାଳକୃଷ୍ଣଙ୍କ କବିତା ମାନଙ୍କ ଉପରେ ପଡ଼ି ସେ ଗୁଡ଼ିକୁ ଜୀବନ୍ତ ଓ ରସଯୁକ୍ତ କରିଛି ।

ରସ କଲ୍ଲୋଳ, ମଥୁରା ମଙ୍ଗଳ ବା ବିଦଗ୍ଧ ଚିନ୍ତାମଣି ସଦୃଶ କୃଷ୍ଣ ବିଷୟକ କାବ୍ୟ ଗ୍ରନ୍ଥ ପାଠରେ ଯେଉଁ କଳା ସମୃଦ୍ଧି ପରିଦୃଷ୍ଟ ହୁଏ, ଗୋପାଳ-କୃଷ୍ଣଙ୍କ କବିତାବଳୀକୁ ଭାବ ସମରେ ପାଠକଲେ ସମ ଗୌରବ ପରିଲକ୍ଷିତ ହେବ । କାବ୍ୟ ଗ୍ରନ୍ଥରେ ବିଷୟ ସନ୍ନିବେଶ ପରି ଏଥିରେ ଦୈନ୍ୟବୋଧିକା ନାମ କୀର୍ତ୍ତନ, ସ୍ୱାଭିଳାଷ କଥନରେ ଅକଳଙ୍କ ପୂର୍ଣ୍ଣଚନ୍ଦ୍ର ମୁଖଦ୍ୱନ୍ଦ ଦର୍ଶନରେ ଜନ୍ମ ଜନ୍ମର ଦୁଃଖ ବିମୁକ୍ତ ଆଶା ଓ ରାଧାକୃଷ୍ଣଙ୍କ ସଙ୍ଗରସ ପ୍ରସଙ୍ଗାଦି ସମସ୍ତ,

ବର୍ଣ୍ଣିତ ହୋଇଅଛି । ପୁନଶ୍ଚ ସମୁଦାୟଭାବେ ନଦେଖି ପ୍ରତି କବିତାକୁ ସ୍ୱତନ୍ତ୍ରଭାବେ ବିଚାର କଲେ ପ୍ରତ୍ୟେକଟି ଖଣ୍ଡାକାଶପ୍ରକୃତ ପ୍ରତିଫଳିତ ବିଚିତ୍ର ଶିଶିର ବିନ୍ଦୁ ପରି ରମଣୀୟ ଓ ପରିପୂର୍ଣ୍ଣ ବୋଧ ହେବ ।

ଏ ସମ୍ପର୍କରେ ଅନ୍ୟତମ ପ୍ରାଚୀନ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ବିଦଗ୍ଧ ଚିନ୍ତାମଣି ସହ ଗୋପାଳକୃଷ୍ଣଙ୍କ କବିତାବଳୀକୁ ତୁଳନା କରାଯାଇ ପାରେ । "ଓ ବାରିଦ ଆଲୋଦାସୀ ହୋଇଲେ କି ତୋଷ" କହିଥିଲେ ଅଭିମନ୍ୟୁ । ଏଠାରେ ମଧ୍ୟ ପ୍ରଭୁଙ୍କ ପ୍ରେମରସରେ ନିଜକୁ ମଜାଇ ଭବିଷ୍ୟତ ସୁଖପ୍ରାପ୍ତି ( ଚରଣ ସେବା ) କୁ ଗୋପାଳ କୃଷ୍ଣ କଳନା କରିନପାରି ତାଙ୍କ ପ୍ରାଣରୁ ସ୍ୱତଃ ପ୍ରକାଶ ପାଇଛି "ଏତେଭାଗ୍ୟ ମୋର ହେବକି ? ହେବି ବୃନ୍ଦାବନେଶ୍ୱରୀ ସେବକୀ" ଇତ୍ୟାଦି— ।

ହେନେ ମଥୁରା ମଙ୍ଗଳର କବି ଭକ୍ତଚରଣ ଦାସ ତାଙ୍କ କବିତାରେ 'କୃଷ୍ଣ' ବୋଲି ଗାଉଥିବି ମୁଖେ, ଥିବି ସେ ଗୋପୀଙ୍କ ପାଖେ ପାଖେ । କହି ନିଜ ମନର ଅଭିଳାଷ ପ୍ରକାଶ କରିଥିଲେ । କିନ୍ତୁ ଭକ୍ତ ପ୍ରବର ଗୋପାଳକୃଷ୍ଣ ଖାଲି ଗୋପୀ ଗୋପାଳ ମନରେ ରହିବା ନିମନ୍ତେ ଚାହିଁନାହାନ୍ତି । ସେ ଚାହିଁଛନ୍ତି କୃଷ୍ଣଙ୍କ ସହିତ ଏକ ଓ ଅଭିନ୍ନ ହୋଇ ତାଙ୍କର ଦେହରେ ମିଶିଯିବାକୁ । ଗୋପଜାତି ସମ୍ବନ୍ଧରେ ତାଙ୍କର ବର୍ଣ୍ଣନା ପ୍ରତ୍ୟେକ କୃଷ୍ଣଭକ୍ତ ମାନଂକର ଆଦରଣୀୟ କବିତା ।

ଗୋପାଳକୃଷ୍ଣଙ୍କ କବିତାବଳୀରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦିଆଯାଇ ପାରେ । ସେ ନିଜ ମନର ଭାବନାକୁ ପ୍ରାର୍ଥନା ଆଦିରେ ରାଧାକୃଷ୍ଣଙ୍କ ପ୍ରଣୟ ଘଟିତ ସୁ-ରୁଚି ଅନୁକୂଳ, ସ୍ୱଭାବ ସୁନ୍ଦର ସ୍ୱଚ୍ଛ ବର୍ଣ୍ଣନା କରି ଭବିଷ୍ୟତ ଯୁଗ କବିମାନଙ୍କର ଆଦର୍ଶ ହୋଇ ପାରିଛନ୍ତି । ଭଞ୍ଜ ଯୁଗୀୟ କବି ମାନଙ୍କ ମଧ୍ୟରେ ଗୋପାଳକୃଷ୍ଣଙ୍କ କବିତାର ସ୍ଥାନ ସ୍ୱତନ୍ତ୍ର । ଆଜକାଲି-କାର ଆଧୁନିକ କବିମାନଙ୍କପରି ବା କବି ସମ୍ରାଟଙ୍କ ସମସାମୟିକ ଅନ୍ୟ କବିମାନଙ୍କ ଭଳି ତାଙ୍କ କବିତାରେ ଅତି ରଞ୍ଜନ ବା ଦୈହିକ ମିଳନର ନଗ୍ନଚିତ୍ର ପ୍ରଣୟ ପ୍ରସଙ୍ଗରେ ନାହିଁ । ପାଠକ ପାଠିକା ପ୍ରାଣରେ ଗୋପାଳକୃଷ୍ଣଙ୍କ କବିତାମାନ ତୋଳିଥାଏ ବିଷାଦ ଓ ପ୍ରସାଦର ଝଞ୍ଜା । ରାଧିକାଙ୍କ ମିଳନର ଆଶା ଓ

ଆଶଙ୍କାରେ ନିଜ ମନର ଆତ୍ମପ୍ରକାଶ । ଯୋଗୀ ମନର ଖେଦ ଓ ଅଭିମାନ ସହ ଅନୁରାଗ ରଞ୍ଜିତ ମନର ଆବେଗ ।

କେଶର କୁଞ୍ଜ ଶେଯରେ ବ୍ରଜେନ୍ଦ୍ର ବୃନ୍ଦାଙ୍କୁ ପୁଚ୍ଛନ୍ତି ଧୀରେ, ସହଚରୀରେ ରାଧା ବୋଲି କେ ବ୍ରଜରେ ବା "କି ନାମ ବୋଇଲୁ ତୁହି ଗୋ ଲଳିତେ" କୁହାଇବା ଦ୍ୱାରା ପରସ୍ପର ମଧ୍ୟରେ ସ୍ନେହ ଓ ପ୍ରୀତିର ଉତ୍ସ ସୃଷ୍ଟି କରାଯାଇଛି । 'ଆରାଧ୍ୟ' ଦେବତାଙ୍କ ଚରଣ ତଳେ ଆରାଧିକା କୁଳକୁ ଜଳାଞ୍ଜଳୀ ଟେକି ଦେଇଛନ୍ତି । ଆଦ୍ୟ ଅନୁରାଗରେ ଉଭୟ ପ୍ରଣୟୀ ପ୍ରଣୟିନୀ ନିଜ ନିଜ ମଧ୍ୟରେ ଅବଗତ ଥିବା ସମୟରେ ଜଣେ ଅନ୍ୟ ଜଣକୁ ଜାଣିବା ପାଇଁ ଯେଉଁଭଳି ବ୍ୟାକୁଳିତ ହୁଏ ଏଠାରେ ସେହିପରି ଘଟିଛି । ଲଳିତା ଓ ବୃନ୍ଦା ଦୁହେଁଯାକ ପୁରାଣଯୁଗର ସୁନାମ ପ୍ରସିଦ୍ଧା ଦୂତୀ । ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଏହିମାନେ ମଧ୍ୟସ୍ଥତା କରି ଏକର କଥା ଆନକୁ ଜଣାଇଛନ୍ତି । ପରସ୍ପର ମଧ୍ୟରେ ଉକ୍ତି ପ୍ରତ୍ୟୁକ୍ତି ମଧ୍ୟଦେଇ ସେ ଗୁଡ଼ିକର ପ୍ରକାଶ କରାଯିବା ଦ୍ୱାରା ସ୍ନେହ ମମତାର ଗଭୀରତାରେ ସଂଯୋଗ ( ମିଳନ ) ର ଉତ୍ସୁକତା ଉତ୍‌ଥଳ ହୋଇଛିତ ମୁରଲୀର ଅପୂର୍ବ ନିସ୍ୱନ ପ୍ରେମିକ ଶ୍ରେଷ୍ଠଙ୍କ ସଂକେତକୁ କର୍ଣ୍ଣ ଗୋଚର କରାଇ ଶଉରେ ଜଗାଇଛି ସମ୍ବୋଧନ । ପରିବାର ଭିତରେ ପୂଜ୍ୟ ଲୋକ ମାନଙ୍କ ପାଖରେ ଥାଇବ ଅଜଣା ଅଶୁଣା ଜାଗରଣରେ ଶରୀର ହୋଇଛି ରୋମାଞ୍ଚିତ ।

ଲଜ୍ଜାପୂର୍ଣ୍ଣ ଜାଗରଣ, ଆଶଙ୍କାଯୁକ୍ତ ଭାବକୁ ଚୟନ କରି ଅଳ୍ପ କେଇପଦ ଭାଷା କବି କଲମରୁ ପ୍ରକାଶ କରାଯାଇଛି—

ଶ୍ୟାମ ସୁନ୍ଦର      ମୁରଲୀ ନିନାଦ
ଜାତି ନେବ ବୋଲି ମଣିଲି
ଗୁରୁଜନ ସଙ୍ଗେ      କଥା ପରସଙ୍ଗେ
ବସିଥିଲି କି ଚମକି ପଡ଼ିଲି ।

—ଚଉଦ—

ଫୁଟିଲା ପୁଲକ ଦେହ ଗୋଟାଯାକ
ଛନା ଶୀତରେ ମୁଁ ଥରିଲି
କାହିଁ ଗଲା ମନ କାହିଁ ଗଲା ଜ୍ଞାନ
ବେନ ନୟନ ମୁଁ ବୁଜିଲି ।

× × ×

ନରନାରୀ ମାନଙ୍କର ପ୍ରଥମ ପ୍ରଣୟର ଅନୁଭୂତି ଜନିତ ପୁଲକ, ମନର ଆବେଗ ଆଦି ପ୍ରତ୍ୟେକଙ୍କର ବାସ୍ତବ ଅନୁଭୂତି । ମାତ୍ର ଏହା କ'ଣ ସମ୍ଭବ ହୋଇପାରେ ? ମନର ଆବେଗ ମନରେ ମରେ । ସମାଜର ସାମାଜିକ ପରି- ବେଶ ମିଳନ ପଥରେ କଣ୍ଟାଭଳି ଦେଖାଦିଏ । "ପ୍ରୀତିର ପଥ ଖସଡ଼ା" ପ୍ରଣୟ ମାର୍ଗର ଚିରନ୍ତନ ସତ୍ୟ ଘଟଣା । ଗୁରୁଜନ ମାନଙ୍କ ଶାସନ, ସମାଜର ନାଲି ଖି ରାଧିକାଙ୍କର ସଙ୍କେତ ସ୍ଥାନକୁ ଯିବାର ପଥରୁଦ୍ଧ କରି ଦେଇଛି । ଯାହାଲାଗି ଭିସାରିକା ବେଶ ସାଜିଥିଲେ ତାହା ପାଖକୁ ଯିବା ସମ୍ଭବ ହୋଇ ପାରୁନାହିଁ । କବରୀର ସୁବାସିତ ପୁଷ୍ପମାଳା ଝାଉଁଳି ପଡ଼ୁଛି । ମନର ପିପାସା ମନରେ ମରି ଯାଉଛି । ଅନ୍ତରର ଅଭିଳାଷ ଉଜାଣି ସୁଅରେ ଯେତେବେଳେ ଭାସି ଭାସି ଚାଲିଯାଉଛି···ଠିକ୍ ସେତିକବେଳେ ସାମାଜିକ ଜୀବନରେ ଥିବା ନିଜର ଅପ୍ରଶସ୍ତ ପରିସରକୁ ନିନ୍ଦାକରି ତାଙ୍କର ଦୁଃଖିତ ପ୍ରାଣରୁ କ୍ଷୀଣ ବିପ୍ଳବର ଧ୍ୱନି ନିସୃତ ହୋଇଛି । "ଧୀକ ନାରୀଜନ୍ମ କି କଲୁ ବିରିଞ୍ଚ ସଦାକରି ପରାଧିନ" ।

ଲଳିତା ଚରିତ୍ର ପ୍ରତି ଏଠାରେ ପ୍ରତ୍ୟେକ ଚିନ୍ତାଶୀଳଙ୍କର ମନରେ ପ୍ରଶ୍ନ ଉଠେ ସେ କିଏ ବୋଲି ? ବାସ୍ତବିକ ଲଳିତା ଚରିତ୍ରରେ ପ୍ରତ୍ୟେକ ଆଶ୍ଚର୍ଯ୍ୟ ହୁଅନ୍ତି । ଗୋପାଳକୃଷ୍ଣ ତାକୁ ଗୋଟାଏ ସତର୍କ ଘଣ୍ଟି ଭଳି ଚିତ୍ରଣ କରିଛନ୍ତି । ଗୁପ୍ତ ପ୍ରେମର ସ୍ରୋତରେ ରାଧା ଭାସି ଭାସି ଚାଲିଛନ୍ତି । ସଂସାରିକ ବନ୍ଧନ

ଭିତରେ ଥାଇ ମଧ୍ୟ କଣ କରିଯାଉଛନ୍ତି ସେ ନିଜେ ବି ଜାଣି ପାରୁ ନାହାନ୍ତି ପ୍ରେମ···ପ୍ରେମ···ପ୍ରେମ । କିନ୍ତୁ ଦୁନିଆ ଆଖିରେ ସେ ହେଉଛି କଳଙ୍କ କାଳିମା ରାଧା ଯେତେବେଳେ କୃଷ୍ଣ ପ୍ରେମରେ ମଜ୍ଜି ଗଲେଣି ସେତେବେଳେ ଯମୁନା କୂଳକୁ ପାଣି ଆଣିବା ବାହାନାରେ ଯିବା ଏକାଧିକ ଥର ହେଉଛି । କୃଷ୍ଣଙ୍କ ମିଳା ମିଶାର ପରିମାଣଟା ଅଧିକରୁ ଅଧିକ ହୋଇ ଦାଣ୍ଡରେ ବାଟରେ ସମସ୍ତଙ୍କ ମନରେ ସଂଦେହ ସୃଷ୍ଟି କରୁଛି । ଠିକ୍ ସେହି ସମୟରେ ଲଳିତା ପହଞ୍ଚି ଯାଇଛି । ସେ ସହି ପାରୁନାହିଁ ରାଧୀକା ନାମର କୁତ୍ସାରଟନା । ତୋ ପାଇଁ "ବ୍ରଜ ବଜାରେ" ଶୁଣି ସଶଂକ ଚିତ୍ତରେ ଶିହରି ଉଠିଛନ୍ତି ରାଧିକା । ଲୋକ ନିନ୍ଦାକୁ ଡରି ପହିଲି ସଗର ଭାଙ୍ଗି ଯାଉଛି । ନାନାପ୍ରକାର ଆଶଙ୍କାରେ ଭୀତ ଥରି ଉଠୁଛି । ସେତିକି ବେଳେ × × × ଏକ ହଟ ହଟା ବ୍ରଜ ଯାକ ପଡ଼ିଲାଣି ହରିମା, ପାଦକଂଟି ଗୁଲୁଗୁଲୁ ହେଲ ଏତେ ସରିମା × × × କିନ୍ତୁ ସ୍ନେହ ଓ ପ୍ରୀତି ( **Love and affection** ) ର ଅନୁରାଗ ଯେତେବେଳେ ବଢ଼ି ବଢ଼ି ତାହା ନିବିଡ଼ରୁ ନିବିଡ଼ତର ହୋଇଛି ସେତେବେଳେ ରାଧା ମୁଖରୁ × × × ଶ୍ୟାମ ଅପବାଦ ମୋତେ ଲାଗିଥାଉ ନିତି ସେ ଚିନ୍ତାରେ ଦିନଯାଉ × × ଶୁଣି ପ୍ରତ୍ୟେକ ଆଶ୍ଚର୍ଯ୍ୟ ହୁଅନ୍ତି । ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ଏଥିରେ ନାହିଁ । ମନୁଷ୍ୟ ଯାହାକୁ ନଦେଖି ଆଗରୁ ଡରୁଥାଏ ତାର ସାମନା ସାମନି ହୋଇଗଲେ ଡରଭୟ କିଛି ରହେନାହିଁ ସେଇ ସକାଶେ ସାଧାରଣ ଗ୍ରାମବାସୀ ମଧ୍ୟ ମଶାଣିରେ ଜନ୍ମକରି ଡର ନାହିଁ କୋଲି କହୁଥାଏ । ରାଧାଙ୍କ ପରିସ୍ଥିତି ସେହିଭଳି ହୋଇଛି । ଲୋକନିନ୍ଦା ଯେତେବେଳେ ଚରମ ପର୍ଯ୍ୟାୟରେ ପହଞ୍ଚି ଯାଇଛି ସେତେବେଳେ ତାଙ୍କ ନାମର ନିନ୍ଦା ଅପବାଦ ମାନ ଅପଯଶ ନହୋଇ ପରମ 'ଗୌରବ'ରେ ପରିଣତ ହୋଇଅଛି । ପ୍ରେମିକ ଶ୍ରେଷ୍ଠ ଶ୍ରୀକୃଷ୍ଣଙ୍କ ପାଖରେ ପୂର୍ଣ୍ଣତା ପ୍ରାପ୍ତ ଆତ୍ମୋତ୍ସର୍ଗ ପରେ ପ୍ରାଣରେ ଆସନ କାନ୍ଧିଛି ଅକୈତବ ଅନୁରାଗ । ସ୍ୱାର୍ଥ ବିରହିତ ସେଉଁ ପ୍ଲାବନ ସ୍ରୋତଆଡେ ଖେଳ ଯାଇଛି ସେଥିରେ ମାନ, ଅପମାନ, ଅଭିମାନ, ଦମ୍ଭ, ଆଶଂକା ଇତ୍ୟାଦି ବୁଦ୍‌ବୁଦ ସମ ନିଜ ନିଜର ସମସ୍ତ ସତ୍ତାକୁ ହରାଇ ବସିଛନ୍ତି । ଆତ୍ମୋତ୍ସର୍ଗ ପରେ ତାଙ୍କଠାରେ କୌଣସି ପ୍ରକାର କାମନା ଦେଖା ଯାଇନାହିଁ ।

—ଷୋହଳ—

ତସ୍ମା ନ କରନ୍ତୁ ମୁଁ ଦାସୀ ସିନାରେ
ଦୁଃଖଦେଇ ଶ୍ୟାମକୁ     ରାଧାସୁଖୀ ହେବାକୁ
ରୁଚିବ କଳଙ୍କ ଆଲୋଚନାରେ ।
ଯେ ତାଙ୍କ ସେବାକାଙ୍କ୍ଷୀ     ତା ନଉକରୀ କରି
ଦିନନେବ ପଛକେ ଗୁମାନ ନାଁରେ ।

ସ୍ୱୀୟ ପ୍ରାଣର ରୂପଦାନ କରିବାକୁ ଯାଇ ଉଦାହୃତ ପଦ ମଧ୍ୟରେ ଭକ୍ତ କବି ଗୋପାଳକୃଷ୍ଣ, ରାଧିକାଙ୍କ କୃଷ୍ଣଙ୍କଠାରେ ଥିବା ଗଭୀର ଅନୁରକ୍ତିକୁହିଁ ଏଠାରେ ପ୍ରକାଶ କରିଛନ୍ତି ।

ରଚନାର ପ୍ରତି ଛନ୍ଦେ ଛନ୍ଦେ ପ୍ରାଣର ସ୍ପର୍ଶ ଅତି ନିବିଡ ଓ ବାସ୍ତବ । ପ୍ରଣୟିନୀର ମିଳନାକାଙ୍କ୍ଷା ବର୍ଣ୍ଣନା ଯେପରି ସରସ, ବିଫଳତାର ଦଂଶନରେ ବ୍ୟଥାର ମର୍ମବାହ ସେପରି କରୁଣ । ପ୍ରତୀକ୍ଷମାଣା ରାଧାଙ୍କର ମିଳନ ରଜନୀ ନିଃସଙ୍ଗ ଭାବେ ଉତ୍ତୀର୍ଣ୍ଣ ହୋଇ ଯାଇଛି । ବହୁ ଆଦରର ମିଳନ ଶଯ୍ୟା ତାଙ୍କର ରହିଯାଇଛି ପରିଶୂନ୍ୟ । ବ୍ୟର୍ଥକାମା ରାଧା, ହୃଦୟର କ୍ଷୋଭ ଭରରେ ଭାଗ୍ୟକୁ ନିନ୍ଦା କରି କହୁଛନ୍ତି—

କି ଯୋଗରେ ଆଜ     ସାଜିଥିଲି ଶେଯ
କାନନ ମଲ୍ଲୀଦଶା ଲଭିଲି ମା ।

ଠିକ୍ ଏହିଭାବ ନେଇ ବାସକ ସଜା ରାଧାଙ୍କର ସମପରିସ୍ଥିତିରେ ଏକ ବିଷଦୋକ୍ତି କବିସୂର୍ଯ୍ୟ ବଳଦେବ ରଥଙ୍କ ଲେଖନୀ ମୁନରୁ ପ୍ରକାଶ ପାଇଛି "ପ୍ରାଣନାଥ ବିଜେ ବେଳ ବଳିଲାରେ ସଖି" । ମାତ୍ର ଗୋପାଳକୃଷ୍ଣ ଗୋଟିଏ ଦୃଷ୍ଟାନ୍ତରେ ଅଭିମାନର ଅନ୍ତରାଳରେ ରାଧା ପ୍ରାଣର ଉଦ୍‌ଗତ କ୍ଷୋଭକୁ ଯେଭଳି ଫୁଟାଇ ପାରିଛନ୍ତି କବିସୂର୍ଯ୍ୟଙ୍କ ରଚିତ କବିତାରେ ତାହା ନାହିଁ । ବୈଷ୍ଣବୀୟ ଧାରଣାରେ ରାଧା ଶ୍ରେଷ୍ଠ ଆରାଧନା କାରିଣୀ ଶକ୍ତି । ଏଣୁ ଆରାଧ୍ୟଙ୍କ ଉତ୍କଣ୍ଠା ପ୍ରକାଶ ବା ଅନୁରକ୍ତି ଜନିତ ସଂବେଦନା ଅଧିକ ସମର୍ଥନ ଯୋଗ୍ୟ । କବି ତାଙ୍କର ଅଧିକାଂଶ କବିତାରେ ଆରାଧିକା ରାଧିକାଙ୍କ ମନୋଗତ ଅବସ୍ଥାକୁ ରୂପାୟିତ କରି ଅଛନ୍ତି । ଏ ଚିତ୍ରଣ ଯେପରି ସରସ ସେହିପରି ସ୍ୱଭାବ ସୁନ୍ଦର ମହିମାରେ ପ୍ରାଣବନ୍ତ ।

—ସତର—

## ଗୋପାଳ କୃଷ୍ଣଙ୍କ କବିତାରେ ରାଧାଚରିତ୍ର

ଗୋପାଳକୃଷ୍ଣଙ୍କ ରାଧା କେବଳ ଯମୁନା ତଟ ବିହାରିଣୀ ନୁହନ୍ତି କି ରାଧାକୃଷ୍ଣଙ୍କ ପ୍ରେମଲୀଳା ଏକ ଅପ୍ରାକୃତ ଐଶ୍ୱର୍ଯ୍ୟ ମଣ୍ଡିତ ହୋଇ ସାଧାରଣ ଜୀବନାନୁଭୂତିର ଊର୍ଦ୍ଧ୍ୱରେ ଲୋକ ଚିତ୍ତକୁ ସଂଶୟ ମିଶ୍ରିତ ଅନବବୋଧ ଭକ୍ତି ରସରେ ସଂକ୍ରାମିତ କରେନାହିଁ । ରାଧାକୃଷ୍ଣଙ୍କ ପାରସ୍ପରିକ ପ୍ରୀତି, ମିଳନର ଆକୁଳ ଆବେଗ ଭକ୍ତି ତନ୍ମୟ ହୃଦୟର ଗଭୀର ନିବେଦନ କେବଳ ଚରିତ୍ର ବିଶେଷରେ ଭାବ ବିଳାସ ବା କବି ଅନ୍ତରର ଉଚ୍ଛ୍ୱସିତ ଅନୁରକ୍ତ ହୋଇ ରହି ନାହିଁ । ବ୍ୟଷ୍ଟି ଭାବନାର ସୀମାତିକ୍ରମ କରି ରସ ସମ୍ଭାରରେ ତାହା ସମଷ୍ଟିର ଅନ୍ତରକୁ ସ୍ପର୍ଶ କରିଛି, ଏକର ନିବେଦନ ବହୁ ପ୍ରାଣର ଅନୁଭୂତି ସମ୍ବେଦନକୁ ପ୍ରକଟିତ କରିଛି । ରାଧାକୃଷ୍ଣ ବା ଗୋପଗୋପାଙ୍ଗନାଠାରେ ଯେଉଁ ମହିମା ବା ଦେବତ୍ୱ ଆରୋପିତ ହୋଇଛି, ତାହା କେବଳ କବିଙ୍କ ସ୍ୱାଭିଳାଷ କଥନରେ ସୀମିତ । ଅଥଚ ସ୍ୱ ସ୍ୱ କାର୍ଯ୍ୟ ଓ ଚିନ୍ତାରେ ଚରିତ୍ର ଗୁଡ଼ିକ ଏହି ଦୁନିଆଁର ନରନାରୀ ସଦୃଶ ହିତ, ଅହିତ, ନିନ୍ଦା, ପ୍ରଶଂସା, ଆଶା, ଆଶଂକାରେ ବିକ୍ଷୋଭିତ ବିଚଳିତ । ରାଧାଙ୍କ ଅନ୍ତରରେ କୃଷ୍ଣଙ୍କ ସ୍ଥାନ ଏତେ ନିଶ୍ଚିତ ଯେ ତାଙ୍କ ଚତୁର୍ଦ୍ଦିଗ ଖାଲି ନୀଳୋତ୍ପଳ ମୟ ଦିଶୁଛି । ରନ୍ଧନ ଶାଳାରେ ରୋହିଣୀଙ୍କ ସାଙ୍ଗରେ ଥିବା ବେଳେ ନାଗର ବରଙ୍କ ଉପରେ ଆକସ୍ମିକ ଦୃଷ୍ଟି ପଡ଼ିଯିବାରୁ ସେ ଲାଜରେ ବୁଡ଼ି ଯାଉଛନ୍ତି । ପୁନଶ୍ଚ ଗୋପନ ପ୍ରଣୟ ରାଷ୍ଟ୍ର ହୋଇ ଯିବାରେ ରାଧାଙ୍କର ଜାତିରୁ ବାହାରି ଯିବାର ଆଶଂକା । ବୃଦ୍ଧ ଆଭୀର ( ଗଉଡ଼ ବା ଗୋପାଳ ) ସଭାରେ ଚନ୍ଦ୍ରାବଳୀର ଆଚରଣ ସମ୍ପର୍କରେ ଦରବାର ବସିବା ଏସବୁ ଚିତ୍ର ସେତେବେଳର ପ୍ରାକୃତ ଜନ ସମାଜର ନିର୍ମଳ ପ୍ରକାଶ ।

"ଈଶ୍ୱର ମଧ୍ୟ ଭଗବାନ ଶ୍ରୀକୃଷ୍ଣ ପ୍ରଥମତଃ ନିତ୍ୟ ବୃନ୍ଦାବନ ଧାମରେ ଏକାକୀ ବାସ କରୁଥିଲେ । ତାହା ପରେ ସ୍ୱଇଚ୍ଛାରେ ଲୀଳା କରଣେଚ୍ଛୁକ ହୋଇ ନିଜେ ଦ୍ୱିଧାରୂପ ହେଲେ । ତାଙ୍କର ଦକ୍ଷିଣାଙ୍ଗ ଶ୍ରୀକୃଷ୍ଣ ଓ ବାମାଙ୍ଗ ରାଧା ହେଲା । ରାଧାଙ୍କ ବାମାଙ୍ଗରୁ ଜାତ ହେଲେ ମହାଲକ୍ଷ୍ମୀ । ଯେଉଁ ମହାଲକ୍ଷ୍ମୀ ବୈକୁଣ୍ଠ ବାସୀ—ମର୍ତ୍ତ୍ୟରେ ଦ୍ୱାରକା ବାସୀ ଚତୁର୍ଭୁଜ କୃଷ୍ଣଙ୍କର ରୁକ୍ମିଣୀ ନାମ ଧାରିଣୀ ପତ୍ନୀ ।

ଭଗବାନଙ୍କ ଶକ୍ତି ପ୍ରଧାନତଃ ତିନି ଭାଗରେ ବିଭକ୍ତ ।
୧ ପରା ୨ କ୍ଷେତ୍ରଜ୍ଞା ବା ଜୀବଶକ୍ତି ୩ ଅପରା ବା ମାୟାଶକ୍ତି ।
ତନ୍ମଧ୍ୟରୁ ପରାଶକ୍ତି ତ୍ରିବିଧ ହ୍ଲାଦିନୀ, ସନ୍ଧିନୀ ଓ ସମ୍ବିତ୍ ।

ଭଗବାନ 'ହ୍ଲାଦାତ୍ମା' ହେଲେ ହେଁ ଯେଉଁ ଶକ୍ତି ଦ୍ୱାରା ହ୍ଲାଦବାନ ହୋଇ ଜୀବକୁ ଆହ୍ଲାଦ ପ୍ରଦାନ କରନ୍ତି ତାହା 'ହ୍ଲାଦିନୀ; ଶକ୍ତି ନାମରେ ପରିଚିତ ।

ଯେଉଁ ଶକ୍ତିଦ୍ୱାରା ଭଗବାନ ସଦାତ୍ମା ହୋଇ ସୁଦ୍ଧା ସତ୍ତା ଧାରଣ କରନ୍ତି ଓ ଜୀବକୁ ସତ୍ତା ପ୍ରଦାନ କରନ୍ତି ତାହା 'ସଂଧିନୀ' ଶକ୍ତି ।

ଭଗବାନ ନିଜେ ସଂବିଦାତ୍ମା ହୋଇ ସୁଦ୍ଧା ଯେଉଁ ଶକ୍ତି ବଳରେ ନିଜେ ଜ୍ଞାନବାନ ହୁଅନ୍ତି ଓ ଜୀବକୁ ଜ୍ଞାନବାନ କରାନ୍ତି ତାହା 'ସଂବିତ' ଶକ୍ତି । ହ୍ଲାଦିନୀ ଶକ୍ତିର ସାର ପ୍ରେମ, ପ୍ରେମର ସାର ଭାବ ଓ ଭାବର ଚରମ ସୀମା ମହାଭାବ । ମହାଭାବର ମାଦନ ଓ ମୋହନ ନାମକ ଯେଉଁ ଦୁଇଟି ଅବସ୍ଥା ଅଛି ତନ୍ମଧ୍ୟରୁ ମାଦନାବସ୍ଥା ଶ୍ରେଷ୍ଠତର । ଅତଏବ ଏଥିରୁ ଜଣା ଯାଉଛି ଯେ ମାଦନାଖ୍ୟା ହେଉଛନ୍ତି ମହାଭାବ ସ୍ୱରୂପିଣୀ ରାଧିକା ଏବଂ ମହାଭାବ ସ୍ୱରୂପିଣୀ ତାଙ୍କର ସହଚରୀ ବ୍ରଜ ଲଳନାମାନେ ହେଉଛନ୍ତି—ମୋହ ନାଖ୍ୟା ।

ରାଧା ଅବତାରିଣୀ । ନାରାୟଣ କାନ୍ତା ମହାଲକ୍ଷ୍ମୀ ଦେବୀ ଶ୍ରୀରାଧିକାଙ୍କର ବିଳାସ ଓ ଅନ୍ୟାନ୍ୟ ଲକ୍ଷ୍ମୀ ଗଣ ରାଧିକା ବିଳାସ ମହାଲକ୍ଷ୍ମୀଙ୍କର ଅଂଶ । ଲୀଳା ଲାଗି ରାଧା ନିଜ ଶ୍ରୀକୃଷ୍ଣଙ୍କ ଭଳି ବହୁ ରୂପରେ ପ୍ରକାଶ ହୋଇଥିଲେ, ତାଙ୍କର ସେହି ବହୁ ରୂପହିଁ ଗୋପୀଗଣ । ରାଧାଙ୍କର ମଞ୍ଜରୀ ଶ୍ରେଣୀୟା ବୟସ୍ୟା ମାନଙ୍କୁ ଛାଡ଼ି ଦେଲେ ଅନ୍ୟାନ୍ୟ ସକଳ ବୟସ୍ୟା ମାନ ପାଞ୍ଚ ଶ୍ରେଣୀର ଅଟନ୍ତି ।—

୧ ରାଧା ୨ ନିତ୍ୟ ସଖୀ ୩ ପ୍ରାଣ ସଖୀ ୪ ପ୍ରିୟସଖୀ ୫ ପରପ୍ରେଷ୍ଠ ସଖୀ । କବି ଯେ ବହୁ ଶାସ୍ତ୍ରଦର୍ଶୀ ଥିଲେ ଏହାହିଁ ତାହାର ପରିଚୟସୂଚକ । ବୈଷ୍ଣବ ଶାସ୍ତ୍ର ମତେ ଅନ୍ୟତମ ପ୍ରାଚୀନ କବି ଦେବ ଦୁର୍ଲଭ ଦାସଙ୍କ ପ୍ରମାଣାନୁସାରେ ଲଳିତା ହେଉଛନ୍ତି ଶ୍ରୀରାଧାଙ୍କ ପରପ୍ରେଷ୍ଠ ସଖୀ ।

ଗୋପାଳକୃଷ୍ଣ, କବିତା ରଚନା କାଳରେ ପୂର୍ବାପର ବହୁ ଦିଗକୁ ଦୃଷ୍ଟି ରଖି ଲେଖିଥିଲେ । ଅନ୍ୟାନ୍ୟ କବି ମାନଙ୍କ ପରି ତାଙ୍କ ଲେଖାରେ ଅତି ରଞ୍ଜନ ନାହିଁ । କିଂବା କୌଣସି ବିଷୟ ବସ୍ତୁ ତାଙ୍କର ମନଗଢ଼ା ନୁହେଁ । ଏକଥା ପୂର୍ବରୁ କୁହାଯାଇଛି ।

## ରାଧାକୃଷ୍ଣଙ୍କ ମିଳନ ଅଶ୍ଳୀଳ ନୁହେଁ

କେତେ କେତେ ପାଶ୍ଚାତ୍ୟ ଶିକ୍ଷାଭିମାନୀ ଶିକ୍ଷିତ ବ୍ୟକ୍ତିମାନେ ରାଧାକୃଷ୍ଣଙ୍କ ମିଳନକୁ ଅଶ୍ଳୀଳ ଓ ସମାଜ ବିରୋଧୀ ମିଳନ ବୋଲି କହି ଆସନ୍ତି । ସେମାନଙ୍କର ମତ ଯେ ସାଂସାରିକ ଜୀବନରେ ରାଧା ହେଉଛନ୍ତି ଅନ୍ୟର ବିବାହିତା ରମଣୀ ଏବଂ ପାରିବାରିକ ସମ୍ପର୍କରେ କୃଷ୍ଣଙ୍କ ମାଉ ପ୍ରତିମା ମାଉଲାଣୀ । ସେ ସକାଶେ ତାଙ୍କ ସହ ମିଳନକୁ ତତ୍‌କାଳୀନ ସମାଜ ପସନ୍ଦ କରୁନ ଥିଲା । କିନ୍ତୁ ଭକ୍ତକବି ଗୋପାଳକୃଷ୍ଣ ଏହି ସ୍ଥୂଳ ମତର ସଂମ୍ପୂର୍ଣ୍ଣ ବିରୋଧ କରିଛନ୍ତି । ଶ୍ରୀମଦ୍ ଭଗବଦ ଗୀତାକୁ ସମର୍ଥନ କରି ସେ କୁହନ୍ତି ଯେ ଦୁଷ୍ଟ ନାଶି ସନ୍ଥ ପାଳିବା ନିମନ୍ତେ ଭଗବାନ ଯୁଗେ ଯୁଗେ ଧରଣୀ ପୃଷ୍ଠରେ ଅବତାର ଗ୍ରହଣ କରନ୍ତି । ଦ୍ୱାପର ଯୁଗରେ ଗୋଲକ ବାସୀ ଭଗବାନ; 'କୃଷ୍ଣ' ଅବତାର ଗ୍ରହଣ କରି ମାୟା ଲୀଳା ଖେଳା କରିଛନ୍ତି—

ସେହି ମହାପ୍ରଭୁ          ଲୀଳା ଖେଳା ଲାଗି
ବ୍ରଜେ ହୋଇ ଅବତାର
କଳା କାହ୍ନୁ ରୂପେ          ଆମ୍ଭ ଆଖି ପଟେ
କରିଛ ମାୟା ବିହାର ।

( ଗୋ· ଗ୍ର· ୧୮ ପୃଷ୍ଠା )

ପ୍ରକୃତି ଓ ପୁରୁଷ ମିଳନ ବ୍ୟତିରେକେ ସଂସାର ସୃଷ୍ଟି ଅସମ୍ଭବ । ରାଧା ହେଉଛନ୍ତି ପ୍ରକୃତି ଏବଂ କୃଷ୍ଣ ତାଙ୍କର ପୁରୁଷ । ଯୁଗେ ଯୁଗେ ବିଭିନ୍ନ ନାମ ଧାରଣ କରି ସେମାନେ ମର୍ତ୍ତ୍ୟରେ ଲୀଳା ଖେଳା କରନ୍ତି । ଭାଗବତରେ ଲେଖାଅଛି—

—ଷୋଡ଼ଶ—

ଗୋପୀ ଗୋପାଳ ଆତ୍ମ କଲ୍ପ । ନର ଜୀବନ ଯେ ଆବୋଳ ॥
ଭକତ ଜନ ତାରିବାରେ । ଯେ ଯାତ ମନୁଷ୍ୟ ଶରୀରେ ॥
ତାର ଚରିତ ମନେ ଚିନ୍ତ । ଭକତି ପଥ ଆବୋରନ୍ତି ॥
( ଜଗନ୍ନାଥ ଦାସ ଭାଗବତ )

× × × ×

ମାନବ ଦେହଧାରୀ ଶ୍ରୀକୃଷ୍ଣ ମର୍ତ୍ତ୍ୟ ଲୀଳାରେ ବିଭୋର ହୋଇ ଯେତେବେଳେ ନିଜର ଅତୀତ ଓ ବର୍ତ୍ତମାନର ସ୍ମୃତି ଆଦିକୁ ଭୁଲି ଯାଉଛନ୍ତି, ସେତେବେଳେ ଶକ୍ତି ରୂପିଣୀ ରାଧାଙ୍କ ମୁହଁରେ ଚେତାଇ ଦେଇ ଗୋପାଳକୃଷ୍ଣ କହୁଛନ୍ତି—

ଶ୍ରୀ ହରି ଯେନ ଯାନା ଗୁହାରୀ ହେ
ଯୁଗେ ଯୁଗେ ମୁହିଁ ତୁମ୍ଭ କିଙ୍କରୀ ହେ ।
( ଗୋ. ଗ୍ର. ୧୭୭ ପୃଷ୍ଠା )

ନିଜର ସ୍ୱାମୀ ବା ପ୍ରେମିକ ଅନ୍ୟ ଗୋଟିଏ ଯୁବତୀ ସହ ସମ୍ପର୍କସ୍ଥାପନକୁ କୌଣସି ନାରୀ ପସନ୍ଦ କରେନାହିଁ । ଦୁଃଖରେ ଭାଙ୍ଗିପଡେ ସେ । ନିଜ ଆଡ଼କୁ ପୁଣି ଟାଣି ଆଣିବା ନିମନ୍ତେ ଆପ୍ରାଣ ଚେଷ୍ଟା କରେ । ରାଧାଙ୍କ କ୍ଷେତ୍ରରେ ତାହାହିଁ ଘଟିଛି । ଚନ୍ଦ୍ରାବଳୀ ସହ ଶ୍ରୀକୃଷ୍ଣଙ୍କ ପ୍ରଣୟରେ ଅଧୀର ହୋଇପଡ଼ି ଉପରୋକ୍ତ କବିତାକୁ ସେ ଗାଇଛନ୍ତି । ଏହା ଦ୍ୱାରା କବି ଗୋପାଳକୃଷ୍ଣ ସାଂସାରିକ ଜୀବନର ଗୋଟିଏ ସୁନ୍ଦର ଚିତ୍ର ପାଠକ ମାନଙ୍କ ସମ୍ମୁଖରେ ବାଢ଼ିଛନ୍ତି ।

ଗୋପାଳ କୃଷ୍ଣଙ୍କର ଏହି ଯୁକ୍ତିର ଯଥାର୍ଥତା କେତେ ତାର ପ୍ରମାଣ ବ୍ରହ୍ମବୈବର୍ତ୍ତ ପୁରାଣ । ଏଥିରେ ବର୍ଣ୍ଣନା କରାଯାଇଛି ଯେ ଶ୍ରୀ ସୁଦାମା ରାଧାଙ୍କୁ ଅଭିସମ୍ପାତ ଦେଇ କହିଥିଲେଯେ "ତୁମ୍ଭେ ଗୋପୀ ରୂପରେ ମର୍ତ୍ତ୍ୟରେ ଜନ୍ମ ଗ୍ରହଣ କର । ତୁମର କୃଷ୍ଣଙ୍କ ସହ ଶତବର୍ଷ ବ୍ୟାପୀ ବିଚ୍ଛେଦ ଘଟୁ ।"

"ଭବ ଗୋପୀ ଗୋପକନ୍ୟା ଗୋପୀଭିଃ ସ୍ୱାଭିର୍ଭବତ
ତତ୍ର ତେ କୃଷ୍ଣ ବିଚ୍ଛେଦୋ ଭବିଷ୍ୟତି ଶତଂ ସମାଃ ।
( ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରକୃତିଖଣ୍ଡ ୫୧ ଅଧ୍ୟାୟ )

ପଦ୍ମ ପୁରାଣରେ ବର୍ଣ୍ଣିତ ଅଛି ଯେ—

କାଳିନ୍ଦ୍ୟାଃ ପୁଳିନେ ରମ୍ୟେ ପୁଣ୍ୟେ ବୃନ୍ଦାବନା ବୃତେ
ଗୋପନାରୀ ଭିର ନଶଂ କ୍ରୀଡ଼ୟାମାସ କେଶବ ।
ରମ୍ୟ କେଳି ସୁଖେ ନୈବ ଗୋପବେଶଧରୋ ହରିଃ
ବଭଃ ପ୍ରେମରସେନାହ ମାସ ହମ୍ପୁ ମୁକାସ ହ ॥

ନାମରତ୍ନ ଗୀତାର ୨୮ । ୨୯ ।୩୦ ଅଧ୍ୟାୟରେ ଲେଖା ଅଛି ଯେ—

ନନ୍ଦନନ୍ଦନ କୃଷ୍ଣ, ଦେବ ତ୍ରିପୁରଙ୍କୁ ନୃତ୍ୟସ୍ଥଳୀ ଦେଖାଇବାକୁ ଅନୁରୋଧ କରିଥିଲେ । ତ୍ରିପୁର ତାଙ୍କୁ ସ୍ତ୍ରୀ ବେଶରେ ନୃତ୍ୟ ସ୍ଥଳୀର ଗୋପୀ ମାନଙ୍କ ସହ ନୃତ୍ୟ କରାଇ ଥିଲେ । ନୃତ୍ୟରେ ହୁଡ଼ି ହେବାରୁ ଗୋପୀମାନେ ଜାଣିପାରିଲେ ଓ ନିରାକାର ହରି ମଧ୍ୟ ଧ୍ୟାନରେ ମାନବ ଦେହୀ କୃଷ୍ଣଙ୍କର ଧୃଷ୍ଟତା ଅବଗତ ହେଲେ । ନିରାକାର କ୍ରୋଧ ହୋଇ ତ୍ରିପୁରଙ୍କୁ କହିଥିଲେ—

ଗୋପୀଙ୍କ ସଙ୍ଗରେ ତୋତେ ପଣଦେଲୁ ଯହିଁ
ମୃତ୍ୟୁ ଅଙ୍ଗ ବସ୍ତୁକଳା ଆଣିଲୁ ତୁ କାହିଁ ।
ମାନବ ବସ୍ତୁଙ୍କୁ ଏଥିଁ ଯାଅ କେତେ ଯୋନି,
ମର୍ତ୍ତ ମଣ୍ଡଳରେ ଜନ୍ମ ଜାତ ହୁଅ ବେନି ।

ଏହି ମତକୁ ସମର୍ଥନ କରି ଶୂନ୍ୟ ସଂହିତାରେ ଅଚ୍ୟୁତାନନ୍ଦ ଦାସ କୃଷ୍ଣଙ୍କ ମୁଖରେ କହିଛନ୍ତି—

× × × କ୍ଷଣେ ମୁଁ ନଗ୍ନଢ଼େ ରାଧିକାର ସଙ୍ଗ × × ×
ଆଗେ ରାଧା ପଛେ ମୁହିଁ ଲମ୍ପଟ ଭାବରେ
ଏକଖାଳ କେନପାଳ ଯୁଗଳ ଅଙ୍ଗରେ । × × ×

## ବାତ୍ସଲ୍ୟ ରସ

ମଧୁର ରସ ବର୍ଣ୍ଣନାରେ କବି କରଣି ଯେଉଁ ଭଳି ରମଣୀୟ, ସନ୍ତାନ ବତ୍ସଳା ଯଶୋଦାଙ୍କ ବାତ୍ସଲ୍ୟ ରସ ବର୍ଣ୍ଣନାରେ ତାହା ସେହିଭଳି ଅନୁରୂପ ବା ଅକୃତ୍ରିମ । ଗୋପାଳନ ସକାଶେ ପ୍ରତ୍ୟହ କୃଷ୍ଣଙ୍କ ବନ ଗମନକୁ ଯଶୋଦା ସୁଖକର ମଣୁନାହାନ୍ତି । କୃଷ୍ଣ ଅରଣ୍ୟରେ ଅଶେଷ ଦୁଃଖସହି ଗୋଚାରଣ କରି କୁଟୁମ୍ବ ପୋଷିବା ଅପେକ୍ଷା ସେ ନିଜେ ଭିକ୍ଷାବୃତ୍ତି ଅବଲମ୍ବନ କରିବାକୁ

ପ୍ରସ୍ଫୁଟ । ସୂର୍ଯ୍ୟଦେବଙ୍କ ଖରରଶ୍ମିରେ ନିର୍ଗତ ସ୍ୱେଦ ଗୋଷ୍ପଦ ଧୂଳି ସହମିଶି ତାଙ୍କର ଧୂସର ତନୁ ସ୍ମରଣ ଯଶୋଦାଙ୍କ ହୃଦୟକୁ ସତେ ଯେପରି ବିଦୀର୍ଣ୍ଣ କରି ଦେଉଛି । ମନେ ପଡ଼ି ଯାଉଛି କୋଳାଗତ ଶ୍ରୀକୃଷ୍ଣ ତାଙ୍କର ସ୍ତନ୍ୟପାନ କରିବାକୁ ଇଚ୍ଛା କରୁଥିଲେ ହେଁ ସାଥୀମାନେ ନିକଟରେ ଥିବାରୁ ସେହି ଲଜ୍ଜାରେ ତହିଁରୁ ବିରତ ହୁଅନ୍ତି । କ୍ଷୁଧାରେ ସୁନ୍ଦର ପେଟ ବଳି ହୋଇ ଯାଉଥିବା ଆଶଙ୍କାରେ ସେ ଉତ୍କଣ୍ଠିତା ହୋଇ କୃଷ୍ଣଙ୍କ ଘର ବାହୁଡ଼ା ପଥକୁ ଚାହିଁ ରହିଛନ୍ତି । "କେତେବେଳେ ମୋର କୃଷ୍ଣଚନ୍ଦ୍ର ଆସିବ । କୋଳରେ ବସିଲେ ଦେଖିବ ମୋର ଦୁଃଖ ଯିବ ।" ଏହି ପ୍ରସଙ୍ଗରେ ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ଲେଖାଠାରୁ ଗୋପାଳକୃଷ୍ଣଙ୍କ ଲେଖା ଅଧିକ ହୃଦୟ ସ୍ପର୍ଶୀ । "ବିଳାମାଣିକ"ର ବର୍ଣ୍ଣନା ସାମାନ୍ୟ କାବ୍ୟିକ । ମାତ୍ର ଏଥିରେ ଅପେକ୍ଷା କୃତ ସରଳ ପରିପାଟୀରେ ମାତୃ ହୃଦୟର ଅଭିବ୍ୟକ୍ତି ମଞ୍ଜୁଳ ।

କୃଷ୍ଣଙ୍କ ଆଖିକୁ ନିଦ ଆସୁନାହିଁ । ଯଶୋଦା "ବ୍ରଜକୁ ଚୋର ଆସିଛି, ଧେନ ଯିବ ଶୁଅ ତୁନି ହୋଇରେ" ପ୍ରଭୃତି କଥା କହି ତାଙ୍କୁ ଶୁଆଇ ପକାଇବାକୁ ଚେଷ୍ଟା କରୁଛନ୍ତି । ରାତି ନପାହୁଣୁ ଯଶୋଦା ଦଧି ମନ୍ଥିବାରେ ବ୍ୟସ୍ତ । ଏଣେ ବିଟୋଳ କୃଷ୍ଣ ନିଦରୁ ଉଠି ଜଞ୍ଜାଳ ଲଗାଉଛନ୍ତି । ଯଶୋଦାଙ୍କର ସସ୍ନେହ କୋପ—

ଉଠିଲୁ ଏତେ ବେଗି କାହିଁକରେ ଦୁଃଖିଧନ
ଦଧି ମନ୍ଥାଇ ଦେବୁ ନାହିଁକରେ ।
ଗୃହ କୃତ୍ୟ ପକାଇ        ବସିଥିବି ଏକାଇ
ନିଶିଦିନ ତୋତେ କାଖିଆଇ କରେ ।

ପଦ ଗୁଡ଼ିକରେ କର୍ମନିରତା ଓଡ଼ିଆ ଗୃହିଣୀର ଗୃହଧନ୍ଦା, ସନ୍ତାନ ସନ୍ତତି ମାନଙ୍କର ଅସୁମାରି ଅଳି ଅଝଟ ମଧ୍ୟରେ ନିପିଡ଼ିତ ଜନନୀର ପ୍ରଶାନ୍ତ କୋମଳ ମୁଖ ମଣ୍ଡଳଟି ମନଶ୍ଚକ୍ଷୁରେ ଉଦ୍ଭାସିତ ହୋଇ ଉଠେ ।

ଗୋପାଳକୃଷ୍ଣଙ୍କ କୋଇଲି ରଚନା ମଧ୍ୟ ଓଡ଼ିଆ ସାହିତ୍ୟ କୋଇଲି ପର୍ଯ୍ୟାୟରେ ଉପଯୁକ୍ତ ଆସନ ପାଇବ । ଗୋପାଳନ ନିମିତ୍ତ କୃଷ୍ଣଙ୍କ ବନ ଗମନରେ ଯଶୋଦାଙ୍କର କୃଷ୍ଣଭାବ ସୁମରି ଦୁଃଖ ପ୍ରକାଶ ଏଥିର ବିଷୟ ବସ୍ତୁ ।

## —ତେଇଶି—

ଗୋଧୂଳୀ ବେଳା ବିଗତ ହୋଇ ଯାଇଛି । ତଥାପି କୃଷ୍ଣ ଘରକୁ ବାହୁଡ଼ି ନାହାନ୍ତି । ଝାଡ଼ି ଜଂଗଲରେ ଗୋରୁ ପଛରେ ବୁଲି ବୁଲି କୃଷ୍ଣ ଯେ ଝାଟିପରି କ୍ଷୀଣ ହୋଇ ଯାଉଛନ୍ତି ଏଥିରେ ମାଆ ମନର ଧୈର୍ଯ୍ୟଅବା କିପରି ରହନ୍ତା ? ଅନ୍ୟାନ୍ୟ କୋଇଲି କବିତା ସଦୃଶ ସେ ପରିଷ୍କାର ଭାବରେ କୋଇଲିକୁ ସମ୍ବୋଧନ କରି ନିଜର ଭାବବ୍ୟକ୍ତ କରି ଅଛନ୍ତି ।

କୋଇଲି ଜଣକ ବିନୁ ହି ଶ୍ୱାସୁ ନାହିଁ ଆଲୋ ।
ଜୀବନ ସେହି ମୋର ଧନ ସେହି ଲୋ । ଇତ୍ୟାଦି ।

କେଶବ କୋଇଲିପରି ସରଳ ମାର୍ଜିତ ଭାଷାରେ ଲିଖିତ ଏ ରଚନାଟିରେ ବାତ୍ସଲ୍ୟ ରସ ମଧୁର ଭାବରେ ବର୍ଣ୍ଣିତହୋଇଅଛି । ରଚନାର କଥା ବସ୍ତୁ ଦିଗରୁ ବିଚାର କଲେ ଗୋପାଳକୃଷ୍ଣଙ୍କ କବିତାରେ ନୂତନତ୍ୱ ଅବଶ୍ୟ ବିଶେଷ ନାହିଁ । ମାତ୍ର ପ୍ରତି କବିତାରେ କବି ପ୍ରକାଶ ଭଙ୍ଗୀର ଯେଉଁ ବୈଶିଷ୍ଟ୍ୟ ବିଦ୍ୟମାନ ତାହା ସମ ବିଷୟକ ରଚନା ମଧ୍ୟରେ ତାଙ୍କ ଲେଖାକୁ ବିଶିଷ୍ଟ ଭାବେ ମାଧୁର୍ଯ୍ୟାନ୍ୱିତ କରିଛି । ଯାହାର ସାଦୃଶ୍ୟ କେବଳ କବିସୂର୍ଯ୍ୟଙ୍କ ରଚନାରେ ଓ ବନମାଳୀଙ୍କ ପଦ୍ୟାବଳୀରେ ଦେଖିବାକୁ ମିଳିବ ।

ଗୋପାଳ କୃଷ୍ଣ ବିଶିଷ୍ଟ ସଂସ୍କୃତଜ୍ଞ ଥିଲେ । ବଳଦେବଙ୍କ ଚମ୍ପୂ ଭି ସଂସ୍କୃତ ରଚନା ପରି ଗୋପାଳକୃଷ୍ଣ ସ୍ତୁତି ଓ ମନ ଶିକ୍ଷାଦି ରଚନାରେ ସଂସ୍କୃତ ଶ୍ଳୋକ ଉପକ୍ରମଣିକା ଦେଇ ପରେ ଓଡ଼ିଆ ରଚନା କରିଛନ୍ତି । ସେ ସଂସ୍କୃତଜ୍ଞ ଥିବା ସତ୍ତ୍ୱେ ତାଙ୍କ ରଚନାରେ ସଂସ୍କୃତ ପଦାଧିକ୍ୟ ବା ଗୌଡ଼ୀୟ ରୀତିର ପ୍ରଭାବ ପରିଲକ୍ଷିତ ହୁଏନାହିଁ । ଦୀନକୃଷ୍ଣଙ୍କ ପରି କାନ୍ତ କୋମଳ ପଦ୍ୟାବଳୀରେ ସେ ତାଙ୍କ ଭାରତୀର ବନ୍ଦନା କରି ଅଛନ୍ତି । ସେ ଯୁଗ ରୀତିର ଅନୁକ୍ରମରେ ପ୍ରବାସୀ ପ୍ରଣୟୀର ପ୍ରଣୟିନୀ ରତ୍ୟାମୂଳକ ଗ୍ରାମ୍ୟ ରସକୁ ସେ କେତୋଟି କବିତା, ସେ ଚଉତିଶା ରୀତିରେ ଲେଖିଛନ୍ତି ସେ ଗୁଡ଼ିକର ଅକ୍ଷର ନିୟମ ବନ୍ଧନରେ ରହିମଧ୍ୟ ସାରଲ୍ୟ ବିବର୍ଜିତ ନୁହେଁ । ଅଳ୍ପକୁ ବହୁ ଭାବରେ ଓ ବହୁକୁ ଅଳ୍ପ ଭାବରେ ପ୍ରକାଶ କରିବାହିଁ ଉତ୍କୃଷ୍ଟ କବିର ସାପେକ୍ଷ । ଏହି ଦକ୍ଷତାରେ କବିକୃତିର ସାର୍ଥକତା । ଗୋପାଳକୃଷ୍ଣଙ୍କ ଠାରେ କବିତ୍ୱର ଏହି ବୈଶିଷ୍ଟ୍ୟ ପ୍ରତିଭାତ । ଉଦାହରଣ ସ୍ୱରୂପ ଲଳିତା ନିକଟରେ ରାଧାଙ୍କର କୃଷ୍ଣଙ୍କ ପ୍ରତି ଅନୁରାଗ କଥନ ବା ରାଧାଙ୍କ ପ୍ରସଙ୍ଗରେ ବୃନ୍ଦା କୃଷ୍ଣଙ୍କର ଜିଜ୍ଞାସା ମଧ୍ୟରେ ଶରୀରର ବିଭିନ୍ନ ଅଙ୍ଗ

ସୌଷ୍ଠବ ଗୋଟିଏ ଗୋଟିଏ କ୍ଷୁଦ୍ର ପଦରେ ପ୍ରଶ୍ନୋତ୍ତର ଛଳରେ ବିଚିତ୍ର ଭାବେ ବର୍ଣ୍ଣିତ ହୋଇଛି । ଅଳ୍ପ କେତୋଟି ପଦ ସମନ୍ୱୟରେ ପ୍ରଶ୍ନଟି ଯେପରି ସୁନ୍ଦର ଓ ପ୍ରାଞ୍ଜଳ, ଉତ୍ତର ସେହିପରି ସରସ ଓ ସମ୍ପୂର୍ଣ୍ଣ । ରଚନା ଶୈଳୀରେ ଆଧୁନିକ ଚଳିତଧାରାରେ ଲିଖନ ରୀତି ଓ ବ୍ୟବହାରିକ କଥନ ରୀତି ମଧ୍ୟରେ ପାର୍ଥକ୍ୟ କ୍ଷୀଣ କରିବାକୁ ଚେଷ୍ଟା ହେଉଅଛି । ସେ ଯୁଗର କବି ଗୋପାଳକୃଷ୍ଣଙ୍କ ରଚନା-ଭଙ୍ଗୀ ଏହି ଦୃଷ୍ଟିରୁ ଆଧୁନିକତାର ସନ୍ନିକଟ । କୃଷ୍ଣଙ୍କ ପ୍ରତି ରାଧାଙ୍କର ଗୂଢ଼ ଅଭିମାନ ଲଳିତା ଲକ୍ଷ୍ୟକରି ଜିଜ୍ଞାସା କରୁଛି "ଶ୍ୟାମର ବୋଲ କଥା ନାହିଁକିରେ ତୁ ନକହିଲେ ମୁଁ ଜାଣି ନାହିଁକିରେ ।"

ଅକ୍ଷର ସଂଖ୍ୟା ବା ଯତି ମିଳନକୁ ଲକ୍ଷ୍ୟ ରଖି କବିଙ୍କୁ ପଦ ନିର୍ବାଚନ କରିବାକୁ ହୋଇନାହିଁ । ଅନ୍ତରର ଭାବ, ସଖୀ ପ୍ରତି ସଖୀର ସ୍ୱଭାବ—କୁତୁହଳ ଉକ୍ତି ସ୍ୱଚ୍ଛନ୍ଦ ସରଳତାରେ ଅଭିବ୍ୟକ୍ତ ହୋଇଛି । ସବୁ କବିତା ଗୁଡ଼ିକରେ ଏହିପରି ଅକୃତ୍ରିମ ପ୍ରକାଶ ସୌଷ୍ଠବ, ପୁରୁଣା ପରିଚିତ କଥାବସ୍ତୁକୁ ନୂତନ ପ୍ରତିଭାର ପ୍ରଲେପାଞ୍ଜନରେ ସୁସ୍ନିଗ୍ଧ କରି ରସ ଗ୍ରାହକଙ୍କୁ ମୁଗ୍ଧ କରେ । ପ୍ରଚଳିତ ଲୋକକଥା ଶବ୍ଦର ବିଶିଷ୍ଟାର୍ଥକ ପ୍ରୟୋଗ କବିତାର ଅପରୂପ ସୌନ୍ଦର୍ଯ୍ୟ ସୃଷ୍ଟି କରିଛି—

"ଜଣାଗଲା କାହ୍ନିଙ୍କ ପରମାଣ
କରର ଚୂଡ଼ିକ ଲୋଡ଼ା କେଣେ ଦରପଣ"

ସମାଲୋଚକ ବୈକୁଣ୍ଠ ନାଥ ରଥଙ୍କ ଭାଷାରେ କହିଲେ ସୁସ୍ପଷ୍ଟ ହେବ ଯେ—"କବିତ୍ୱ ସାଧ୍ୟ ସାଧନାର ବସ୍ତୁ ନୁହେଁ । ପ୍ରାଣରସରେ ଏହା ଉତ୍ସାରିତ ।"

ହୃଦୟର ଅନୁଭୂତି ଯେତେବେଳେ ହୁଏ ବିଷାଦ ଓ ଗମ୍ଭୀର; କବିର ଭାଷା ସେତେବେଳେ ହୁଏ ଭାବର ଅନୁଗାମୀ ।

ରାଧାଭାବରେ ବିମୁଗ୍ଧ ଭକ୍ତକବି ଗୋପାଳ କୃଷ୍ଣ ସ୍ୱୀୟ ରଚନାରେ ରାଧାକୃଷ୍ଣ ପ୍ରଣୟର ଯେଉଁ ଚିତ୍ର ଦେଇଛନ୍ତି ତାହା ଯେପରି ମନୋଜ୍ଞ ସେହିପରି ଶବଳ । ଚରିତ୍ର ବିଶେଷରେ ଭାବାବେଶରେ ପ୍ରତି ହୃଦୟାନୁଭୂତିର ଘାତାପାତ ଅଛି । ଏହା ପ୍ରାଣସ୍ପର୍ଶୀ ବାସ୍ତବ ଜୀବନର ଆଶା···ଆଶଙ୍କା, ହର୍ଷ···ବିଷାଦରେ ଜୀବନ୍ତ ।

# ଭକ୍ତକବି ଗୋପାଳକୃଷ୍ଣଙ୍କର ବଂଶ ପରିଚୟ

- ଶ୍ରୀ ବଂଶୀଧାରୀ ପଟ୍ଟନାୟକ
  - ବନବାସୀ ପଟ୍ଟନାୟକ
    - **କବି ଗୋପାଳକୃଷ୍ଣ ପଟ୍ଟନାୟକ**
      - ଗୌରଚନ୍ଦ୍ର
        - ଶ୍ରୀ ଗୋପୀନାଥ ପଟ୍ଟନାୟକ
          - ୧ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ
          - ୨ ଶ୍ରୀ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ
          - ୩ ଶ୍ରୀ ନୀଳମଣି ପଟ୍ଟନାୟକ
        - ଶ୍ରୀ ବୈଷ୍ଣବ ଚରଣ ପଟ୍ଟନାୟକ
          - ୧ ଶ୍ରୀ ବନବାସୀ ପଟ୍ଟନାୟକ
          - ୨ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ
          - ୩ ଶ୍ରୀ ଚକ୍ରପାଣି ପଟ୍ଟନାୟକ
      - ହରିବନ୍ଧୁ ( କବି ) ( ନିଃସନ୍ତାନ )
      - କରୁଣାନିଧି ( ବାଲ୍ୟମୃତ )
  - ଶ୍ରୀ ବ୍ରଜବାସୀ ପଟ୍ଟନାୟକ ( ନିଃସନ୍ତାନ )

# ପ୍ରକାଶକଙ୍କ କଲମରୁ

ଓଡ଼ିଶାର ବିଖ୍ୟାତ ଗୀତି କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କର ସମସ୍ତ ରଚନା ବଳୀ ସଂଗୃହୀତ ହୋଇ ଆଜି "ଗୋପାଳକୃଷ୍ଣ ଗ୍ରନ୍ଥାବଳୀ" ପ୍ରକାଶ ପାଉଅଛି । ଏହି ଶୁଭ ଅବସରରେ ଉତ୍କଳର ଅତୀତ ସଂସ୍କୃତି ଆଡ଼େ ଥରେମାତ୍ର ସିଂହାବଲୋକନ କଲେ ଜଣାପଡ଼ିବ ଯେ ପ୍ରତ୍ୟେକ ଶତାବ୍ଦିରେ ଉତ୍କଳ ଭାରତୀଙ୍କର ଜଣେ ଜଣେ ସାର୍ଥକ ଜନ୍ମା ସଂତାନ ଜନ୍ମଲଭି କରି ଉତ୍କଳର ବାଣୀ ଭଣ୍ଡାରକୁ ପରିପୂର୍ଣ୍ଣ କରି ଯାଇଥାନ୍ତି । ଜୟଦେବଂଙ୍କ ଗୀତ ଗୋବିନ୍ଦ, ଦୀନକୃଷ୍ଣଙ୍କ ରସକଲ୍ଲୋଳ, କବି ସମ୍ରାଟଙ୍କ ଗ୍ରନ୍ଥାବଳୀ, ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣି, କବି ସୂର୍ଯ୍ୟଙ୍କ ଚମ୍ପୂ ଏବଂ ଭକ୍ତ କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ସୁମଧୁର ସଙ୍ଗୀତ ମାନ ପ୍ରାଚୀନୋତ୍କଳ ସାହିତ୍ୟ ଜଗତରେ ଏକ ଏକ ଅମୂଲ୍ୟରତ୍ନ ଭାବରେ ପରିଗଣିତ ହୋଇ ଆସିଛି । ଏହି ସବୁ ଗୀତି ସାହିତ୍ୟ ଯେତେ ପୁରାତନ ହେଲେମଧ୍ୟ ତାର ମୂଲ୍ୟ ଏପର୍ଯ୍ୟନ୍ତ ପ୍ରକୃତ ସାହିତ୍ୟିକ ମାନଙ୍କ ନିକଟରେ କମିନାହିଁ କି କମିବ ନାହିଁ । ଅଭିମନ୍ୟୁ ସାମନ୍ତ ସିଂହାରଂକ ବିଖ୍ୟାତ ଧୀରେ ବେନ କାନନରେ କୃଷ୍ଣ ବିଳମ୍ବିତ କୁ କେନ୍ଦ୍ରରେ ସ୍ୱରଦେଇ ମଫସଲ ଗାଆଁର ଭିକମଗା ଯୋଗୀ ଗାଇଲାବେଳେ ପୁତ୍ର ବିଚ୍ଛେଦ ବିଧୁରା କେଉଁ ମାଆ ଆଖିରୁ ଲୁହ ନଗଡ଼େ ?? ହଜାର ହଜାର ଦର୍ଶକ ମାନଙ୍କ ଆଗରେ ଗୋଡ଼ରେ ଘୁଂଗୁର ବାନ୍ଧି ଭଞ୍ଜ କବିତାର ତାଳେ ତାଳେ ଯେତେବେଳେ ନର୍ତ୍ତକୀ ନାଚିଉଠେ କଳାପ୍ରେମୀ ଜନତା ହୁଏ ନିରବ ନିସ୍ତବ୍ଧ । ପୁରୁଣା ହୋଇ ଯାଇଛି ବୋଲି କେହି କଣ ଏ ଗୀତକୁ ଅନାଦର କରିଛି ?

ସେହିଭଳି ଭକ୍ତକବି ଗୋପାଳକୃଷ୍ଣଙ୍କ କବିତା ସମ୍ପର୍କରେ କୁହାଯାଇ ପାରେ । ଏହି ଗ୍ରନ୍ଥର ସଂକଳକ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ଭାଷାରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଗୋପାଳକୃଷ୍ଣଙ୍କ କବିତା ଗାଇଲା ବେଳେ ପ୍ରତ୍ୟେକ ତାଙ୍କ ସ୍ପନ୍ଦନ ଦ୍ୱାରା ସ୍ପନ୍ଦିତ ହୋଇ ଥାଆନ୍ତି । ଅନୁସରିତ ! ପ୍ରତ୍ୟେ କାଳ ଯାକ ଗଲା ସରିତ ବା କେଶର କୁଞ୍ଜ ଶେଯରେ କବିତା ଭଳି କବିତାମାନ ବର୍ତ୍ତିମାନ ସୁଧା ସହର ମଫସଲ ଘୁରିଆଡ଼େ ଶୁଣାଯାଏ ।

## —ଅବତରଣି—

କାଳର କରାଳ କବଳରେ ପଡ଼ି ପ୍ରାଚୀନ କବି ମାନଙ୍କର ପ୍ରକାଶିତ ରଚନାବଳୀ କ୍ରମେ କ୍ରମେ ଦୁଷ୍ପ୍ରାପ୍ୟ ହୋଇପଡ଼ୁଛି ତ ସେମାନଙ୍କର ଅପ୍ରକାଶିତ ଲେଖାମାନ କୀଟ ଦ୍ରଂଷ୍ଟ ହୋଇ ଦିନକୁ ଦିନ ସଂଖ୍ୟାନ୍ୟୂନ କରି ଚାଲିଛନ୍ତି । ଅତୀତରେ ଓଡ଼ିଶାର ପ୍ରଥମ ନାଟ୍ୟ ସାହିତ୍ୟ ନାମରେ ପ୍ରତିଷ୍ଠିତ ଗଣକବି ବୈଷ୍ଣବ ପାଣି କାହ୍ନୁପାଣି, ବାଳକୃଷ୍ଣ, ରାମଚନ୍ଦ୍ର ସ୍ୱାଇଁ ଓ ହରକିଶୋରରାୟଙ୍କ ଗୀତିନାଟ୍ୟମାନ ଆମ୍ଭେ ପ୍ରକାଶ କରି ଓଡ଼ିଶାର ନାଟକ ଜଗତରେ ବିରାଟ ଆଲୋଡ଼ନ ସୃଷ୍ଟି କରାଇଥିଲୁ । ଆଜିମଧ୍ୟ ଜଣେ ପ୍ରାଚୀନ କବି ଗୋପାଳକୃଷ୍ଣଙ୍କ ଅମର ପ୍ରତିଭାପ୍ରତି ସମ୍ମାନ ଜଣାଇ ତାଂଙ୍କର କବିତାଗୁଚ୍ଛ ଏକତ୍ରିତ କରାଇ ଗ୍ରନ୍ଥାବଳୀ ପ୍ରକାଶ କରୁଛୁ । ଏହି ଗ୍ରନ୍ଥାବଳୀ ପ୍ରକାଶ କରିବା ନିମନ୍ତେ ଆମ୍ଭର ବହୁ ଅର୍ଥବ୍ୟୟ ହୋଇଛି । ଆମ ଅନୁରୋଧରେ ଓଡ଼ିଶାର ଜଣେ ବିଶିଷ୍ଟ ଯୁବ ସାମ୍ବାଦିକ ତଥା ବ୍ୟଙ୍ଗ ସାହିତ୍ୟିକ ଶ୍ରୀଯୁକ୍ତ ସରୋଜ କୁମାର ପାଣିଗ୍ରାହୀ ଏହି ଗ୍ରନ୍ଥ ସଂକଳନ ଦିଗରେ ଯେଉଁ ପରିଶ୍ରମ କରିଛନ୍ତି ତାହା ପ୍ରଶଂସନୀୟ । ଓଡ଼ିଶାର ଜଣେ ପ୍ରାଚୀନ କବିଂକ ଲେଖାବଳୀ ସଂଗ୍ରହ କରିବା ଦ୍ୱାରା ଓଡ଼ିଆ ସାହିତ୍ୟର ଉନ୍ନତି କରିଥିବାରୁ ଗ୍ରନ୍ଥର ପ୍ରକାଶକ ହିସାବରେ ମୁଁ ମୋ ତରଫରୁ ଓ ପାଠକ ମାନଂକ ତରଫରୁ ତାଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ଏବଂ ଏହିଭଳି ଦୁଷ୍ପ୍ରାପ୍ୟ ଗ୍ରନ୍ଥ ସଂକଳନ ଦିଗରେ ବ୍ରତୀ ହେବାପାଇଁ ଭଗବାନଙ୍କ ନିକଟରେ ତାଙ୍କର ଦୀର୍ଘ ଜୀବନ କାମନା କରିବା ସଂଗେ ସଂଗେ ଓଡ଼ିଶାର ଯେଉଁ ଜନନେତାମାନେ ଏହି ଗ୍ରନ୍ଥାବଳୀର ପ୍ରକାଶନ କାର୍ଯ୍ୟକୁ ସ୍ୱାଗତ କରିଛନ୍ତି ସେମାନଙ୍କୁ ମଧ୍ୟ ମୋର କୃତଜ୍ଞତା ଜଣାଉଛି ।

ବିନୀତ

**ଏମ୍ ଅମିନୁଲ୍ ଆଇ**

ଓଡ଼ିଶା କୋହିନୂର ପ୍ରେସ ପଞ୍ଜିକାର ମାଲିକ

—ଅବତରଣି—

# ମୋ ନିଜ କଥା

ଭାରତ ବିଖ୍ୟାତ ଓଡ଼ିଶା ବ୍ରହ୍ମପୁରର ପ୍ରେସ ପଞ୍ଜିକାର ମାଲିକ ଶ୍ରୀଯୁକ୍ତ ସେଖ ଅମିନୁଲ ଇସଲାମ ମହାଶୟ ଗୋପାଳ କୃଷ୍ଣ ପଟ୍ଟନାୟକଙ୍କ ସମସ୍ତ କବିତା ଗୁଡ଼ିକୁ 'ଗ୍ରନ୍ଥାବଳୀ' ଆକାରରେ ପ୍ରକାଶ କରୁଛନ୍ତି । ଅତୀତରେ ଏହି ମହାଶୟଙ୍କ ଦ୍ୱାରା ପ୍ରକାଶିତ 'ସଙ୍ଗୀତ ଗୋପାଳକୃଷ୍ଣ' ନାମକ ଛୋଟିଆ ବହିଟି ଓଡ଼ିଶାର ସଙ୍ଗୀତ ପ୍ରେମି ମାନଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା । ପିଲାଦିନର କଥା ମନେ ପଡ଼ୁଛି—

ଆମ ଗାଁଆଁ ଇବରସିଂହ ପାଖରୁ କୋଠିହାଟର ଦୂରତା ଅଧ ମାଇଲଏ ହେବ । ଫାଲ୍‌ଗୁନମାସର ଦୋଳଯାତ୍ରା ଦେଖିବା ନିମନ୍ତେ ସେଠିକି ଯାଇଥାଏ । ଯାତ୍ରାରୁ କେତେ ଜିନିଷ କିଣି ଘରକୁ ଆସିଲି । ସେହି କିଣା ଜିନିଷ ଭିତରେ "ସଙ୍ଗୀତ ଗୋପାଳକୃଷ୍ଣ" ବହି ଖଣ୍ଡିକ ମୋର ଅତି ଆଦରଣୀୟ ଥିଲା ।

ଗୋପାଳକୃଷ୍ଣ କିଏ ସେତେବେଳେ ଜାଣିନଥିଲି । ଜାଣିବାଭଳି ମୋର ବୟସ ହୋଇ ନଥିଲା ବୋଲି । ମାତ୍ର ଏତିକି ଉପଲବ୍ଧି କରୁଥିଲି ଯେ 'ଗୋପାଳକୃଷ୍ଣ' ବୋଲି କେହି ଜଣେ କବି ଅଛନ୍ତି । ସେ ଭଲ ଭଲ ଗୀତ ଲେଖନ୍ତି ।

ସେ ଦିନର ବାଲ୍ୟ ଜୀବନ ମୋର ଅତି ବାସ୍ତବ ହୋଇଯାଇଛି । ସାମ୍ବାଦିକ ଜୀବନରେ କେତେ ମୁଲକ ବୁଲି ବୁଲି ୧୯୬୭ ମସିହା ଦଶହରା ପୂର୍ବରୁ ଯାଇଥିଲି କୋରାପୁଟ । ପାରଳାଖେମୁଣ୍ଡିରେ କଣଲୟ ସାହିତ୍ୟ ସଂସଦର ଗୋଟିଏ ଉତ୍ସବ ହେଉଥାଏ । ସେଥିରେ ଯୋଗଦେଇ ଯେଉଁ କେତେ-ଜଣ ନୂଆ ବନ୍ଧୁଙ୍କ ସହିତ ପରିଚିତ ହେଲି ତା ଭିତରେ ଦେସ୍ୱାମଠ ମହନ୍ତ ଶ୍ରୀଯୁକ୍ତ ସୀତାରାମ ଦାଶ ଗୋସ୍ୱାମୀ ଅନ୍ୟତମ । ପାରଳାଖେମୁଣ୍ଡିର ଅତୀତ ସଂସ୍କୃତି ବୁଝାଇବାକୁ ଯାଇ ଗୋପାଳକୃଷ୍ଣ ପାଠାଗାର ଆଡ଼େ ମୋତେ ସେ ବୁଲାଇ ନେଇଥିଲେ । ସେଇଦିନ ମୁଁ ଭଲଭାବରେ ଜାଣିଲି କବି ଗୋପାଳକୃଷ୍ଣ କିଏ ଏବଂ କ'ଣ ସେ ଲେଖିଛନ୍ତି ।

## —ଅଣ୍ଡଭଙ୍ଗୀ—

ପାରଳା ଖେମୁଣ୍ଡୀ ରାଜ୍ୟର ବସନ୍ତ କୋକିଳଙ୍କୁ ଭଲକରି ଚିହ୍ନିବା ପରେ ତାଙ୍କ ଲିଖିତ କବିତା ମାନ ସଂଗ୍ରହ କରିବାରେ ମନ ଦେଲି । କାରଣ ସୀତାରାମ ଦାସ ଗୋସ୍ୱାମୀ ଓ ବାଗଶାଳା ମଠ ମହନ୍ତ ଦୟାଳୁ ଦାସ ଗୋସ୍ୱାମୀଙ୍କ ଠାରୁ ମୁଁ ଶୁଣିଥିଲି ଯେ ଗୋପାଳକୃଷ୍ଣଙ୍କ ବହୁତ କବିତା ଏପର୍ଯ୍ୟନ୍ତ ଲୋକ ଲୋଚନକୁ ଆସି ନାହିଁ ବୋଲି ।

କଟକ କଟେରା ଫେରନ୍ତା ବାଟରେ ଦୈବାତ୍ ଦେଖାହେଲେ ଓଡ଼ିଶାର ସୁପରିଚିତ ପୁସ୍ତକ ପ୍ରକାଶକ ଶ୍ରୀଯୁକ୍ତ ଅମିକୂଲ ବାବୁ । ଗୋଟିଏ ରିକ୍‌ସାରେ ବସି ତାଙ୍କର ଓଡ଼ିଶା କୋଟଦ୍ୱଲୁର ପ୍ରେସକୁ ଆସିଲୁ । ନାନାପ୍ରକାର ଆଲୋଚନା ପରେ 'ଗୋପାଳକୃଷ୍ଣ ଗ୍ରନ୍ଥାବଳୀ'ର ପ୍ରକାଶନ ନିମନ୍ତେ ତାଙ୍କର ଅଭିଳାଷ ସେ ମୋତେ ଜଣାଇଲେ ଏବଂ ମୁଁ ତାଙ୍କର ଅନୁରୋଧକୁ ଏଡ଼ାଇ ନପାରି ଗ୍ରନ୍ଥାବଳୀ ସଙ୍କଳନ ଦିଗରେ ମନ ଦେଲି ।

ଭଗବାନ ଶ୍ରୀକୃଷ୍ଣଙ୍କ ଅନୁକଂପାରୁ ଖୁବ୍ କମ୍ ଦିନ ଭିତରେ ମୋତେ ପ୍ରସ୍ତୁତ ହେବାକୁ ପଡ଼ିଲା । ଦିନର କାମ ସାରି ରାତିରେ ବିଛଣାକୁ ଯିବା ପୂର୍ବରୁ ଯାହା ଲେଖିଥାଏ ସକାଳକୁ ତାହା ପ୍ରେସକୁ ଯାଏ ଛପା ହେବା ପାଇଁ । କପି ମିଳାଇ ଆଉଥରେ ପଢ଼ି ଯିବାକୁ ମୋତେ ସମୟ ଅଣ୍ଟେ ନାହିଁ । ତେଣୁ ମୁଦ୍ରଣଗତ ଓ ଭାଷାଗତ ତ୍ରୁଟି ରହିବା ଅସମ୍ଭବ ନୁହେଁ ।

ଏହି ଗ୍ରନ୍ଥାବଳୀର ସଙ୍କଳନ ଦିଗରେ ମୁଁ ବିଭିନ୍ନ ସ୍ଥାନରୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ସାହାଯ୍ୟ ସହାନୁଭୂତି ପାଇଅଛି ।

ଔପନ୍ୟାସିକ ଶ୍ରୀଯୁକ୍ତ କାହ୍ନୁ ଚରଣ ମହାନ୍ତି, ଦୈନିକ 'ସମାଜ'ର ବାର୍ତ୍ତା ସଂପାଦକ ଶ୍ରୀଯୁକ୍ତ ଉଦୟନାଥ ଷଡ଼ଙ୍ଗୀ, ଗଣକବି ବୀର କିଶୋର ଦାସଙ୍କ ପ୍ରେରଣା ଗ୍ରନ୍ଥାବଳୀ ସଂକଳନ ଦିଗରେ ମୋର ପ୍ରଧାନ ସମ୍ବଳ ହୋଇଛି । କର୍ମପଥରେ ବାଟ ଚାଲୁ ଚାଲୁ ଯେଉଁଠି ଟିକିଏ ଥମି ଯାଉଛି, କଟକ ପଢ଼ିଆରୀ ପାଠାଗାର ତତ୍ତ୍ୱାବଧାରକ 'ଗେଣ୍ଡୁ ବାବୁ' ଛୁଟ ମାରି ମୋତେ ସଜାଗ କରି ଦେଉଛନ୍ତି ଆଗକୁ ମାଡ଼ି ଚାଲିବା ପାଇଁ ।

## —ଭଣିତି—

ଉତ୍କଳର ଗୌରବୋଜ୍ଜ୍ୱଳ ସନ୍ତାନ ନବ ଉତ୍କଳର ନିର୍ମାତା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ସୁଯୋଗ୍ୟ ପୁତ୍ର ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର ଆଡ଼ଭୋକେଟ ଓଡ଼ିଶା ହାଇ କୋର୍ଟର ବାରିଷ୍ଟର ରଣଜିତ ମହାନ୍ତି, ଆଡଭୋକେଟ ମଧୁସୂଦନ ମହାନ୍ତି, ଆଡଭୋକେଟ ଗୌରାଙ୍ଗ ଚରଣ ଦାସ, କଟକ ସହର ଭଗତପୁରର ବିଶିଷ୍ଟ ସମାଜ ସେବୀ ସହଦେବ ମହାରଣା, ମୋତେ ଯେଉଁ ଭଳି ଭାବରେ ସାହାଯ୍ୟ ସହାନୁଭୂତି ଦେଇ କର୍ମ ପଥରେ ଉତ୍ସାହିତ କରିଛନ୍ତି ସବୁଦିନ ପାଇଁ ସେମାନେ ମୋର ନମସ୍ୟ ହୋଇ ରହିବେ ।

ସ୍ନେହବନ୍ଧୁ ବାନାମ୍ବର ପଣ୍ଡା ଓ ଅରଡ଼ ନିବାସୀ ଶ୍ରୀମାନ ଦ୍ରୋଣନିଧି ଜେନା ଗ୍ରନ୍ଥାବଳୀର ମୁଦ୍ରଣ ସମୟରେ ଯେଭଳି ସାହାଯ୍ୟ କରିଛନ୍ତି ସେଥିପାଇଁ ସେମାନଙ୍କର ଦୀର୍ଘ ଜୀବନ କାମନା କରୁଛି ।

ପାରଳାଖେମୁଣ୍ଡି ଦେବୀମଠର ମହନ୍ତ ସୀତାରାମ ଦାଶ ଗୋସ୍ୱାମୀ ଓ ସ୍ନେହ ଶ୍ରୀମାନ ରମେଶ ଚନ୍ଦ୍ର ସାହୁ ଭକ୍ତକବି ଗୋପାଳକୃଷ୍ଣଙ୍କର ଫଟୋଟି ପ୍ରକାଶ କରିବା ନିମନ୍ତେ ଯୋଗାଇ ଦେଇ ଥିବାରୁ ସେମାନଙ୍କୁ ମୋ ତରଫରୁ ଓ ଗ୍ରନ୍ଥାବଳୀର ପ୍ରକାଶକ ସେଖ ଅମିନୁଲ ଇସଲାମଙ୍କ ତରଫରୁ ଆନ୍ତରିକତା ଜଣାଉଛି ।

ପରିଶେଷରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିଶିଷ୍ଟ ଲଢ଼ୁଆ ସୈନିକ, ଗଡଜାତ ଆନ୍ଦୋଳନର ଖ୍ୟାତନାମା ନେତା ଓଡ଼ିଶାର ଉପମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ପବିତ୍ର ମୋହନ ପ୍ରଧାନ, ମନ୍ତ୍ରୀ ଶାନ୍ତନୁ କୁମାର ଦାସ, ମନ୍ତ୍ରୀ ବନମାଳି ପଟ୍ଟନାୟକ, ଉପମନ୍ତ୍ରୀ ମନମୋହନ ଟୁଡୁ, ସମାଜର ସମ୍ପାଦକ ପଦ୍ମଭୂଷଣ ରାଧାନାଥ ରଥ ଏମ୍. ଏଲ. ଏ, ପୌରୁଷ ସମ୍ପାଦକ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ଓ ସମାଜ ସେବୀ ଶ୍ରୀଯୁକ୍ତ ମଧୁସୂଦନ ମହାନ୍ତି ଆଡ଼ଭୋକେଟ, ପୁରୀ ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ବୀର ହନୁମାନ ଶାସ୍ତ୍ରୀ ସାହିତ୍ୟ ଓ ଜ୍ୟୋତିଷାଚାର୍ଯ୍ୟ, 'ଗ୍ରନ୍ଥାବଳୀ' ଦେଖି ନିଜ ନିଜର ମତାମତ ଦେଇ ଥିବାରୁ ସେମାନଙ୍କ ନିକଟରେ ମୋର କୃତଜ୍ଞତା ଜଣାଉଛି ଏବଂ ମୋର ସମସ୍ତ ପ୍ରକାର ତ୍ରୁଟି ସକାଶେ ପାଠକ ମାନଙ୍କ ନିକଟରେ କ୍ଷମାଭିକ୍ଷା କରୁଛି ।

ଶ୍ରୀ ସରୋଜ କୁମାର ପାଣିଗ୍ରାହୀ
ସଂକଳକ

# ≡ ସୂଚୀପତ୍ର ≡


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅ** | |
| ଅବିବେକ ଦଇବ | ୧୭ |
| ଅଳି କେଶର କୁଂକନ୍ତୁ | ୫୧ |
| ଅନୁ ସରିତ ! ପ୍ରଶ୍ନେ | ୭୨ |
| ଅନୁମାନ ନକଲି | ୧୦୭ |
| ଅର୍ଣ୍ଣି ଗଲନ କୋଟି | ୧୧୧ |
| ଅକାରଣେ ଦୁଃଖିରେ | ୧୪୬ |
| ଅନାଥରେ ଅନା ଥରେ | ୨୦୪ |
| ଅନୁସରିବା ଫଳ | ୨୨୩ |
| ଅନୁଗତ କଲୁ ଫଳ | ୨୫୪ |
| ଅନୁ ସରିବାର | ୨୫୭ |
| ଅଭିମାନ ଅଗ୍ନି | ୨୯୬ |
| ଅଖିଳ ଉପମା | ୩୦୪ |
| ଅସ ଚେଷ୍ଟା କଷ୍ଟ | ୩୫୧ |
| ଅରେ ଚେତଃ | ୩୯୭ |
| **ଆ** | |
| ଆଜ ଶ୍ରୀ ଗୋଷ୍ଠ ଚନ୍ଦ୍ରମା | ୮୭ |
| ଆସି ଯାଇଛୁ ସିନା | ୧୨୯ |
| ଆଜି କି ବେଶ ସଜନୀରେ | ୧୭୪ |
| ଆହେ ଶ୍ୟାମଘନ | ୧୭୫ |
| ଆହେ ଶ୍ରୀ ରଙ୍ଗା ଧୂସର | ୧୮୬ |
| ଆଜ ବ୍ରଜ ରାଜ | ୨୨୭ |
| ଆଜି ଆସିବେ | ୨୩୨ |
| ଆଗୋ ସହଚରି | ୨୫୯ |
| ଆ'ରେ ଫୁଲ ତୋଳି | ୨୬୦ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଆ** | |
| ଆସଗୋ ବରଜ ବାଳୀ | ୩୩୯ |
| ଆରେ ମନ ନହୁଅ ଘାଡ଼ | ୩୬୯ |
| ଆନ ରସରେ | ୩୭୧ |
| ଆଲୋକ ଚନ୍ଦ୍ରକ | ୩୮୫ |
| ଆରେ ମନ ବ୍ୟର୍ଥ ହୋଇ | ୩୮୯ |
| ଆରେ ମନ କେଣେ ଭୁଲି | ୩୯୮ |
| ଆହା କି ଗଳାରେ | ୨୪୮ |
| **ଇ** | |
| ଇତ୍ଥଂ ସର୍ବାର୍ଥଦା ରାଧା | ୧୫୯ |
| **ଉ** | |
| ଉଠିଲୁ ଏଡ଼େ ବେଗି | ୭ |
| ଉତ୍ତମା ଭକ୍ତକ ମନ | ୧୫୮ |
| ଉଠ ନକର ମଠ | ୨୬୧ |
| ଉପମାନ ଘଟାମାନ | ୩୦୪ |
| **ଋ** | |
| ଋଷିକନ୍ତ ମା ଗୋଷ୍ଠ ଚନ୍ଦ୍ରମା | ୧୦୩ |
| **ଏ** | |
| ଏ ଘନ ଝନ | ୧୩୮ |
| ଏ କି ପରମାଦ ଆସି ପଡ଼ିଲା | ୧୫୦ |
| ଏଡ଼େ ସ୍ୱପନ | ୧୫୩ |
| ଏକି ହଟା ବ୍ରଜ ଗୋଠା | ୧୬୪ |
| ଏଣି ଈଷଣି | ୨୫୮ |
| ଏତେ ଦୁଃଖ | ୨୪୪ |
| ଏକି ତୋର ବୁଝାମଣା | ୩୬୩ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଏ** | |
| ଏଣିକି ମାନଟେକ | ୩୨୭ |
| ଏ ଚୋର ବୁଝାମଣା | ୪୦୦ |
| ଏଥରକ ଶ୍ୟାମଦୋଷ | ୮ |
| ଏତେ ଭାଗ୍ୟ ମୋର ହେବକି | ୩୭ |
| ଏନନ୍ଦ ସୁନ୍ଦୁ ସ୍ୱାସ୍ତ | ୧୨୩ |
| **କ** | |
| କର କରୁଣା ମୟୀ ରାଧେ | ୧ |
| କେଣେ ଆସିଲୁ ମନ | ୧୭ |
| କେ ସଖି ନୀପ ମୂଳରେ | ୧୯ |
| କୀର୍ତ୍ତିଦା ସୁତାଙ୍କ ରୂପଗୁଣ | ୨୦ |
| କର ଜୁହାର | ୨୫ |
| କି ପାଶୋରି ଦେଲି | ୩୩ |
| କେ କି କଥା କି ବିଗିଡ଼ାଇଲା | ୩୭ |
| କେଶର କୁଂଜ ଶେଯରେ | ୫୩ |
| କାହ୍ନୁଙ୍କ ଶ୍ୟାମ ମୂରତି | ୫୫ |
| କେଉଁ ବିଦେଶୀ ପରବାସରେ | ୭୫ |
| କେଉଁ ପଥିକ ନଗରେ | ୮୧ |
| କି କରିବ ପଛେ ଗୋଡ଼ାଇଲି | ୬୨ |
| କୋଇଲି | ୭୦ |
| କୁଂଜ ବନରେ କାନ୍ହା ଦେବତା | ୮୭ |
| କି କଲକି ମୁ ରୁଷ୍ଟି ରହିଲରେ | ୯୮ |
| କେଣେ ନଶୁଣ ହେ | ୧୦୩ |
| କେଉଁ ତୀର ପର ବାସୀ | ୧୦୪ |
| କଦମ୍ବ ବନେ ବଂଶୀ ବାଜିଲା | ୧୧୨ |
| କୃପା ନକଲେ | ୩୧୩ |
| କଳା କାହ୍ନୁ ହେ | ୩୧୭ |

| ବିଷୟ | ପୃଷ୍ଠାଙ୍କ |
|---|---|
| **କ** | |
| କରୁଣା ମୟୀ ରାଧେ | ୩୧୯ |
| କେବେ ମୁଁ ଅରୁଣ କମଳ | ୩୫୨ |
| କାଳୀୟ ମର୍ଦ୍ଦନ ଶରୀର | ୧୧୫ |
| କେଶବ ଦେବ .ଗୁଆଲୀ ଗଣ | ୧୧୭ |
| କର କୀର୍ତ୍ତନରେ ରସନା ସନ୍ତତ | ୧୧୮ |
| କେଉଁ ବ୍ରଜ କୁଳାଙ୍ଗନା ମଧ୍ୟେ | ୧୧୯ |
| କରି ଜୁହାର ମାଗୁଛି ମୁଁ | ୧୨୦ |
| କୃଶ କରନ୍ତୁ ସେ କୃଷ୍ଣ | ୧୨୩ |
| କନକ ରୁଚିର କାନ୍ତି | ୩୩୩ |
| କସ ହେବାରୁ | ୩୪୪ |
| କୋକଧରି ନେବରେ | ୩୪୬ |
| କଳା ଶ୍ରୀମୁଖ ହେ | ୩୫୩ |
| କଲ୍ଲ ଜଇଥିଲେ | ୧୩୭ |
| କାହିଁକି ମନ ନ ଦେନୁ | ୧୪୦ |
| କେପଥ ବଣାକଲ | ୧୪୮ |
| କରନ୍ତୁ ପୀୟୂଷ ଥାଳୀ | ୧୫୦ |
| କହୁଛି ଧେନରେ ମନ | ୩୫୭ |
| କେବଣ ବରଷି | ୩୬୪ |
| କହିବାକୁ ସିନା ଶ୍ୟାମ ପ୍ରିଷ୍ଟ | ୧୫୨ |
| କଶୋରୀ ମଣୀ | ୧୫୨ |
| କେତେବୋଲ ମୋ ଦୁଃଖ | ୧୬୩ |
| କହୁଥିଲି ମୁଁ ନାହିଁ ନାହିଁ | ୧୬୫ |
| କହୁଛି କି ମୁହିଁ ଗୁମାନ | ୧୬୬ |
| କି କରିବ କହ ବ୍ରଜବଧ | ୧୬୭ |
| କି ବଳଗଲା ରାଧିକେ | ୧୭୦ |
| କହୁଛିରେ ମନ | ୩୭୦ |

| ବିଷୟ | ପୃଷ୍ଠାଙ୍କ |
| --- | --- |
| **କ** | |
| କହ କହ ସହଚରୀ | ୧୮୦ |
| କଳାକାହ୍ନୁ ଉଠରେ | ୧୯୨ |
| କେତେ କାଳ ହେଲା | ୩୯୦ |
| କହିଲେ କହିବୁ ଶେଷ | ୨୦୨ |
| କେବେ ନଥିବ ତୃଷା | ୨୦୬ |
| କି କଲାକ ମୁ ବୁଝିଲି | ୨୦୬ |
| କାହିଁକରେ ମନ | ୨୧୦ |
| କେକ ଲଗାଇ କହିଲା | ୨୨୪ |
| କି କରି ନାହିଁ ପଙ୍କଜ | ୨୨୪ |
| କେବେ ନଶୁଣ | ୨୨୫ |
| କି ନାଦରେ | ୨୨୭ |
| କୁଂକ ବନମାଳ | ୨୩୦ |
| କି ପଡ଼ିଗଲୁ ଶ୍ୟାମ | ୨୩୪ |
| କେ ମୁଁ ଜାଣଇ | ୨୩୫ |
| କେତେ କହିଲେ | ୨୪୪ |
| କହ କହ ସହଚରୀ | ୨୪୭ |
| କୋପାଇଲା ଯେ ସେ | ୨୪୭ |
| କହରେ ସେ ସଙ୍ଗିନୀ | ୨୪୮ |
| କେତେବେଳକୁ | ୨୫୧ |
| କେତେପରି ଡାକିଲେ | ୨୫୩ |
| କେବଣ ବାରସ୍ତି | ୨୫୩ |
| କେ କସ ଲକ୍ଷ୍ମଣ | ୨୫୪ |
| କି କରି କି କଲୁ ପାପ | ୨୬୪ |
| କି ସୁକୃତ କରି ଥିଲା | ୨୬୭ |
| କାହାତର ତାହାଙ୍କୁହିଁ | ୨୬୩ |
| କି କଲି ମୁଁ ଖିଅଲେ | ୨୭୫ |
| **ଖ** | |
| କି ଶୁଣିଲି ଆଜ ନୂଆ | ୨୮୩ |
| କହିଲେ କହିବୁ ଶେଷ | ୨୮୪ |
| କେକ କହିକଲା ମନା | ୨୮୭ |
| କି କଲି କି କଲି | ୨୯୮ |
| କାଳିନ୍ଦୀ କୂଳେ | ୩୦୧ |
| କୁମୁଦ ପରାଏ | ୨୬୬ |
| **ଗ** | |
| ଗୋଷ୍ଠ ଖଣ୍ଡଲ କୁଳ କୁମୁଦ | ୧୦୨ |
| ଗୋଷ୍ଠ ଚନ୍ଦ୍ରମାଙ୍କୁ ଆସ | ୩୬୩ |
| ଗୁରେ ଗୋଷ୍ଠେ | ୩୬୨ |
| ଗଙ୍ଗ ଦମ୍ଭ ପରିହରିରେ | ୩୬୨ |
| ଗୁଣମଣି କି ଗୁଡ଼ ଅଇଲ | ୨୧୯ |
| ଗଲାବେଳେ ମୋ ଗାବ | ୨୨୯ |
| ଗୁମାନ | ୨୭୯ |
| ଗୁମାନଭେଜ ଏଥର | ୨୯୦ |
| **ଘ** | |
| ଘନଶ୍ୟାମ ପ୍ରେମ ଭାବନା | ୫୮ |
| ଘନକାଳେ ବନଜାକ୍ଷୀ | ୩୪୫ |
| ଘେନରେ ଅବୋଧମନ | ୩୫୬ |
| ଘେନ ଅବୋଧମନ | ୩୫୪ |
| ଘୋଷ ଘେନରେ ମନ | ୩୬୧ |
| ଘନ କୁନ୍ତ ! ମାରମୁଖୁ | ୨୯୨ |
| ଘରି ନହୁଅ | ୨୯୯ |

।


| ବିଷୟ | ପୃଷ୍ଠାଙ୍କ |
| --- | --- |
| **ଚ** | |
| ଚଳୁଥା ଭୁ ନିରନ୍ତରେ | ୩୧୭ |
| ଚାହାଁ ଶ୍ରୀମତୀ ନୀଳହାଣ୍ଡି | ୩୨୪ |
| ଚିନ୍ତରେ ସ୍ୱାନ୍ତ ନିରନ୍ତର | ୧୨୦ |
| ଚନ୍ଦ୍ରାନନେ ଧନୀ ମୂର୍ଚ୍ଛି | ୧୫୭ |
| ଚିନ୍ତାମଣି ପ୍ରକର | ୩୯୩ |
| ଚାହୁଁ ନାହିଁ ସହକରି | ୨୩୫ |
| ଚାହିଁ କଲା କି ଭଙ୍ଗୀ | ୨୫୨ |
| ଚାହାଁରେ ନିକୁଞ୍ଜ ଶେଯ | ୨୫୭ |
| ଚନ୍ଦ୍ରାବଳୀ | ୨୭୧ |
| **ଛ** | |
| ଛଇଲ ବର | ୨୪୭ |
| **ଜ** | |
| ଜଗବନ୍ଧୁ ଦୟାଳୁ | ୩୧ |
| ଜୟ ରାଧାକୃଷ୍ଣ ବୋଲ | ୫୧ |
| ଜଳଆଣି ଯାଇ କାଲି | ୫୭ |
| ଜୟ ଶ୍ରୀ ରାଧେ | ୩୦୩ |
| ଜନେ ଜାଣିଲେକି | ୩୧୧ |
| ଜୟନ୍ତି ଜୟନ୍ତି ରାଧା | ୮୩ |
| ଜଣାଗଲା ଜାହ୍ନିଙ୍କ ପରମା | ୧୦୭ |
| ଜାଣି ଜନମ ଶୁଣି | ୧୧୭ |
| ଜୁହାର ସେ ଶ୍ୟାମ ଗୋପାଳ | ୧୨୪ |
| ଜାଣ ଆରେ ମନ | ୩୫୧ |
| ଜୀବନ ଯିବ ପରା ସୁମତି | ୧୭୧ |
| ଜାଣିଲ ସବୁ ତୋ ମନ | ୧୭୨ |
| ଜୟ ରାଧେ କୃଷ୍ଣ ବୋଲି | ୪୦୦ |
| ଜୁହାର ସେ ମୋହନ ପ୍ରୀତିକି | ୨୦୫ |
| **ଜ** | |
| ଜନମିଲେ ଥିଲେ ଶ୍ରୀବ୍ରଜେ | ୨୨୨ |
| ଜୟ ଜୟ ବ୍ରଜଭୂବନ | ୧୯୦ |
| ଜଳା ଗଲାକି | ୨୧୩ |
| ଜୀବନ ବଂଧୁ ମାଗୁଛି | ୨୫୮ |
| **ଡ** | |
| ଡାକନ୍ତି ରାଧା ରମଣ | ୨୫ |
| **ଢ** | |
| ଢଳି ଢଳି ଆସେ ମୋହନ | ୨୮୦ |
| **ତ** | |
| ତୋତେ ଭୁଲି ପ୍ରାଣ ସଖି | ୩୧୨ |
| ତୋତେ କେ କହିଲା ପର | ୨୦୮ |
| ତୋ ପୀରତି ଲାଗିରେ | ୨୩୪ |
| ତାଙ୍କୁ କେଉଁ କହି | ୨୩୭ |
| ତୋ ରୂପ ପ୍ରତି ଦିଶେ | ୨୫୮ |
| ତରଣୀ ଯା ତଟେ | ୨୭୨ |
| **ଥ** | |
| ଥରେ ଦେଖିଛି ଯେ | ୨୧୨ |
| **ଦ** | |
| ଦେଲି ପଣି କୂଳକୁ ଠେଲି | ୨୯ |
| ଦେଖାଇବକି ସତେ ଦଇବ | ୫୯ |
| ଦୟା କରନ୍ତୁ | ୭୯ |
| ଦୁଃଖିଧନ | ୧୪୭ |
| ଦିଶୁଛି ଉପେନ୍ଦ୍ର ପରି | ୨୩୩ |
| ଦେଖିଲେ ପ୍ରାଣ ଯିବ | ୨୫୨ |
| ଦୁଃଖ ସିନ୍ଧୁରେ ବନ୍ଧୁ | ୨୪୭ |
| ଦଗାଦାର ଶ୍ୟାମ | ୨୭୨ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଦ** | |
| ଦେଖିଲେ ଦେଖିଲୁ ପରି | ୧୬୬ |
| ଦୀନବନ୍ଧୁ ହେ ହରି | ୧୫୫ |
| ଦହି ଦୁଧ ସର ଲେଖା | ୧୭୪ |
| ଦୟାମୟୀ ଜଣି ବ | ୨୮୨ |
| **ଧ** | |
| ଧୀରେ ଚାହାଁ ମନ | ୩୨୨ |
| ଧୀରେ ସମିରେ ବସି | ୧୪୨ |
| ଧନ୍ୟ ସଜନୀ ଧନ୍ୟ | ୨୩୧ |
| ଧୂର୍ତ୍ତକ ଧରିବରେ | ୧୬୪ |
| **ନ** | |
| ନୟାନା ଘେନ କମଳା | ୨୨୧ |
| ନଡ କେବଣେ ଦେଲୁ ଭାଙ୍ଗି | ୭୮ |
| ନବ ଗୋରଚନା | ୩୦୩ |
| ନଟ ପଟଳ ମୁକୁଟ | ୩୦୭ |
| ନାହିଁ କରିଦେରେ | ୧୦୯ |
| ନୟନରେ ନାଚୁଛି | ୩୧୮ |
| ନୀଳକାନ୍ତି | ୩୨୫ |
| ନନ୍ଦସୁତ ସୁନ୍ଦର | ୧୧୭ |
| ନୀପାରୂଢ଼ ବ୍ରଜରାଣୀ | ୧୨୯ |
| ନିଶି ଚତୁର୍ଥ ଯାମରେ | ୧୨୪ |
| ନାଗର ବର | ୩୪୭ |
| ନ ଆସନ୍ତେ ହେ ଯା | ୨୪୯ |
| ନୟନେ ଦେଖିଲି ମୁଁ | ୨୬୩ |
| ନୟନେ ଦେଖିଲି ନାହିଁ | ୨୭୭ |
| ନବ ନାଗର ହେ | ୨୮୮ |
| ନାଗର ହେ କାଳିଆ | ୨୯୫ |
| **ନ** | |
| ନା ବୋଲି କେତେ କହିଲି | ୧୬୯ |
| ନନ୍ଦକୁଳଚନ୍ଦ୍ର, ବ୍ରଜ | ୧୫୫ |
| ନାଚ ନାଚ ଗିରିଧାରୀ | ୧୯୩ |
| ନଧର୍ମଂ ନାଧର୍ମଂ | ୩୯୫ |
| ନନ୍ଦନନ୍ଦନ ଇନ୍ଦୁବର | ୨୨୦ |
| **ପ** | |
| ପଥ ଛାଡ଼ଦେ | ୩୯ |
| ପରିକର ପରିକର | ୮୧ |
| ପୀୟୂଷ ବର୍ଷି | ୮୭ |
| ପରମେଶ୍ୱର ଶ୍ରୀକୃଷ୍ଣ | ୧୧୩ |
| ପୀତପଟେ ସେ ଶ୍ୟାମ | ୩୨୩ |
| ପୁରରେ ଥିବା ଯାଏ | ୧୨୯ |
| ପରସ୍ପର କେବଣେ ମନରେ | ୧୪୧ |
| ପଙ୍କଜ ଲପନା | ୨୧୪ |
| ପାମର ମନ | ୩୬୭ |
| ପରିପନ୍ଥୀ ଗରବ | ୩୬୩ |
| ପୁରୁଷ ଭିମାନ | ୩୭୭ |
| ପ୍ରତିଷ୍ଠା ଧୃଷ୍ଟା | ୩୮୦ |
| ପ୍ରତିଷ୍ଠା ଆଶା ଦୁଷ୍ଟା | ୩୮୦ |
| ପ୍ରାଣମିତଣୀ | ୨୪୧ |
| ପ୍ରାଣ ସଙ୍ଗିନୀ | ୨୩୬ |
| ପ୍ରେମ ଚିନ୍ତା ମଣିକ | ୨୬୦ |
| **ବ** | |
| ବ୍ରଜକୁ ଫେର ଆସିଛୁ | ୨୦୭ |
| ବାଉନ ବାଉନରେ | ୩୫ |
| ବଞ୍ଚାଇ ସଜନୀ ମୋତେ | ୫୯ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ବ** | |
| ବନ୍ଧୁ ଗୁଣ୍ଠି ଭାବେ | ୮୦ |
| ବାଜ ବାଜରେ ମୁରଲୀ | ୩୦୬ |
| ବ୍ରଜବନ୍ଧୁ ତୋତେ ବନ୍ଦେଇବା | ୧୧୦ |
| ବନମାଳି ହେ | ୩୧୪ |
| ବାଟ ଗୁଡ଼ ହଟିଆ | ୩୧୫ |
| ବଛୁରୀ ଚରାଇ ଯିବ ମା | ୩୨୮ |
| ବ୍ରଜ କିଶୋର | ୧୨୧ |
| ବଂଶୀ ବାଜୁଛି | ୧୩୦ |
| ବୃନ୍ଦାରଣ୍ୟ ସାର୍ବଭୌମ | ୧୩୧ |
| ବନୋଦ୍ୟମ ରେ | ୩୩୮ |
| ବ୍ରଜବନକୁ ମନ | ୧୦୮ |
| ବାସ ଅଭିଳାଷ କର | ୧୪୮ |
| ବ୍ରଜ ବଧୂକୁ ପଥ | ୧୬୨ |
| ବଧୂ ନବରଙ୍ଗ | ୧୬୩ |
| ବ୍ରଜ ବଧୂଚୋର | ୧୭୨ |
| ବ୍ରଜ କିଶୋରୀ | ୧୭୯ |
| ବରଞ୍ଚ ଭଲ ପାଞ୍ଚିଲ | ୧୯୯ |
| ବେଣୁଂ କ୍ୱଣନ୍ତ | ୩୯୭ |
| ବ୍ରଜେନ୍ଦ୍ର ନନ୍ଦନସଖି | ୨୦୯ |
| ବାଞ୍ଛା ନୃତ୍ୟେଁ ନାଞ୍ଚି | ୨୩୮ |
| ବ୍ରଜଜନ ନେହ ସମ୍ପତ୍ତି | ୨୩୯ |
| ବାଞ୍ଛା ନାଞ୍ଚି କରି ମୋତେ | ୨୪୯ |
| ବାଜୁଛି ସଖି ବାଜାରେ | ୨୫୫ |
| ବିହନାରେ ମଳୟ ବାଆ | ୨୭୪ |
| ବୃନ୍ଦେଦେବୀ ଅପରାଧ କ୍ଷମା | ୨୮୪ |
| ବୁଡ଼ିଗଲୁ ଶ୍ୟାମ | ୨୯୧ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଭ** | |
| ଭଜମନ ରାଧେ ଶ୍ୟାମ | ୧୫୧ |
| ଭଜମନ ହରିପ୍ରାଣ | ୧୪୧ |
| ଭଜମନ ବ୍ରଜବନ | ୮ |
| ଭାବ ଭାବ ଧନ ନଶି | ୨୮ |
| ଭ୍ରୂଜିତାନଙ୍ଗ କୋଦଣ୍ଡାଂ | ୩୦୪ |
| ଭ୍ରୂ ଯୁଗଳ ପରିପାଟି | ୩୧୪ |
| ଭଗିଲଉଥିଲୁ ମାନ ସେ | ୧୦୯ |
| ଭଜମନ ଗୋପେନ୍ଦ୍ର ନନ୍ଦନ | ୩୫୦ |
| ଭଜମନଶ୍ରୀ ଶଚୀ ନନ୍ଦନ | ୩୬୫ |
| ଭଜ ବ୍ରଜେନ୍ଦ୍ର | ୩୬୮ |
| ଭଜମନଶ୍ରୀ ବ୍ରଜେନ୍ଦ୍ର | ୩୭୨ |
| ଭଜମନ ରାଧାଶ୍ୟାମେ | ୩୮୨ |
| ଭଜରେ ମାନସ | ୩୮୫ |
| ଭଜଜନା ରାଧେକୃଷ୍ଣ | ୩୯୦ |
| ଭ୍ରମ ଭୋଗ ରୋଗ | ୩୯୩ |
| ଭ୍ରମି ଲୁବ୍ଧ ବିଷୟୁ | ୩୯୪ |
| ଭଜ ଥାରେ ମନ | ୩୯୬ |
| ଭଜ ଭୁରେ ମନ | ୩୯୭ |
| **ମ** | |
| ମଦନ ମୋହନ ମନୋହାରୀ | ୧୬ |
| ମାନ କରିଥିଲ | ୨୩ |
| ମନରହ ରାଧାକୃଷ୍ଣ | ୨୪ |
| ମୁକ୍ତି କି ବା ପଦାର୍ଥ କସେ | ୩୦ |
| ମୋ ମନରୁ ଯାଉନାହିଁ | ୩୫ |
| ମୋ ଜୀବର ଜୀବନ | ୪୮ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ମ** | |
| ମୁହଁ ମୁହିଁ କିଶୋର ଚନ୍ଦ୍ରମା | ୪୭ |
| ମହା ଭାବରୂପ ଭାବରେ ମାନସ | ୪୯ |
| ମୋହନ ଶାନ୍ତି ଚାହାଁ ପଡ଼ିଲା | ୫୫ |
| ମୁଁ ଗୁଡ଼ ଦେଖନ୍ତ କି | ୩୧୧ |
| ମିଳଣୀରେ ଦେଖି କଳା କହ୍ନାଇ | ୩୦୫ |
| ମୋର ବନ୍ଧୁ ଭୁଲି ରୁଷନା | ୩୧୦ |
| ମନେ ପଡ଼ୁଛିରେ ସେହି ଚନ୍ଦ୍ରମୁଖ | ୧୦୮ |
| ମାନସ ଭଜ ଗୋପାଳଙ୍କୁ | ୧୨୨ |
| ମୋହନ ନୟନାଞ୍ଚଳେ | ୩୧୨ |
| ମଧୁରେ ମଧୁରିପୁ | ୪୧୧ |
| ମିଳଣୀ ଅନା ଘନ କାଳିଆକୁ | ୩୩୭ |
| ମିଳଣୀରେ ପାଷାଣେ ଗଢ଼ିଲୁ | ୩୪୨ |
| ମାନିନୀ ଗୋ ମନୁ | ୩୪୩ |
| ମନାଇ କହ ଗୋ | ୩୪୮ |
| ମୋହନ ମାଧୁରୀ | ୧୩୬ |
| ମାଧୁରୀରେ ମାଧୁରୀ | ୧୩୭ |
| ମୁଁ କି ମୂଢ଼ ବୁଦ୍ଧି କଲିରେ | ୧୩୯ |
| ମୋ କୃଷ୍ଣ ଚନ୍ଦ୍ରମା | ୧୪୫ |
| ମୋତେ ଲଗାନାରେ | ୧୫୧ |
| ମହଣା ନାଥରେ | ୩୫୬ |
| ମିଳଣୀ ଚାଲୁ··ଭଳିଦେ | ୩୫୮ |
| ମାନସ କେଣେ ରହୁ | ୩୬୨ |
| ମନ ଏ କି ଘୋର ଭ୍ରମ | ୩୬୮ |
| ମୁରୁଛି ନୁହଇ ମନୁ | ୧୬୨ |
| ମୁଁ ତ ଜାଣି ଜାଣି | ୨୧୮ |
| ମୃଦୁ ବାଣୀ ଥରେ | ୨୨୧ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ମ** | |
| ମୋ ଧନ ଯିବ ପଣ | ୨୫୦ |
| ମନଭଙ୍ଗା ପିରତି | ୨୬୨ |
| ମାନସ ଭାବ ରାଧା ମାଧବ | ୨୮୦ |
| ମୋହନ ଯାଯା ଲୁ | ୨୮୬ |
| ମଜା ମଜାଇଲ | ୨୩୦ |
| ମୋହନ ଦେଖିଲେ ତୋତେ | ୨୩୨ |
| ମାନସନ୍ତୁ ଯିବକି | ୨୪୨ |
| ମୋହନ ପ୍ରସଙ୍ଗ | ୨୪୫ |
| ମୂଢ଼ ମନ ଦୁର୍ଦ୍ଦିନରେ | ୩୬୫ |
| ମାନସ କେତେ ହୋଇ ଯାଉ | ୩୬୨ |
| ମନ ଭଜ ନିରନ୍ତରେ | ୩୮୨ |
| ମନ ସ୍ୱଦାକର ଆଶ | ୩୮୦ |
| ମିଳନ ମାଧୁରୀ | ୧୮୮ |
| ମନ ଭ୍ରମ ହେଉ କେତେ | ୩୯୩ |
| ମନ ଶୋକ ମୋର ବାଣୀ | ୩୯୫ |
| ମନ ତୋତେ ବୁଝାଇ କହୁଛିରେ | ୩୯୮ |
| ମନ୍ନାଥ ଅନ୍ତରେ | ୨୦୧ |
| ମୁଁ ଶ୍ୟାମବନ୍ଧୁ ଭଜି କି | ୨୧୫ |
| **ଯ** | |
| ଯାବେ ମାନସ | ୩୦୩ |
| ଯୋଷାବରରେ | ୪୦୦ |
| ଯିବ ଏ ଗାଁର ସୀମାରେ | ୯ |
| ଯାହାର ସେ ପ୍ରାଣଧନ | ୧୫୯ |
| ଯାଉଛି ଘମା ରତନ | ୧୬୮ |
| ଯଦଚ୍ଛେସି ବାଞ୍ଛଂ | ୩୬୦ |
| ଯେ ଦେଖିଛି ସେ ସୀମାରେ | ୨୧୮ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଯ** | |
| ଯାହା ସ୍ୱଳଥିଲ | ୨୧୯ |
| ଯଶୋବନ୍ତୀ ମାଏ ଶୁଣ | ୩୦୨ |
| ଯିବସର୍ | ୨୪୩ |
| ଯେବେ ନ ଆସିଲେ | ୨୬୮ |
| ଯାଅ ଗୋ ଲଳିତେ | ୧୮୪ |
| ଯାଅ ଯାଅ ମୋପାଶରୁ | ୧୨୪ |
| ଯ ଛଳଆ କୁହ ଯି କରେ | ୧୯୭ |
| **ର** | |
| ରତ୍ନପାଇକ ରଷ୍ଟା ପ୍ରତିଷ୍ଠା | ୩୭ |
| ରାସେଶ୍ୱର ପଦ | ୯ |
| ରାଧା ଗୋବିନ୍ଦ ଭଜରେ | ୫୦ |
| ରାକେନ୍ଦୁ ମୁଖୀ | ୫୨ |
| ରାଧାପଦ ରାଧା ପିନାରେ | ୭୩ |
| ରେ ବଂଶୋ | ୩୨୧ |
| ରାଧେକୃଷ୍ଣ ରାଧେ କୃଷ୍ଣ | ୩୩୦ |
| ରସବତୀ ଦେମା ଆନ ଆନ | ୩୩୧ |
| ରାଧାବଂଶୀ ବଦନ | ୩୨୨ |
| ରାଖ ଗୌରି ଲେଖେ | ୩୭୧ |
| ରାଧାକୃଷ୍ଣ ନାମ ଚିନ୍ତାମଣି | ୮୪ |
| ରସ ମାନସ ସାଧକେ | ୮୫ |
| ରାଧା ପଦ୍ମହସ୍ତ ସଙ୍କେତରେ | ୮୮ |
| ରାଧେ ଶ୍ରୀ ପଦାବ୍ଜେ ଦାସ ଦରଶନ | ୧୦୦ |
| ରୁଚିରନ୍ତ ମା ତୋଷ୍ଟୁ ଚନ୍ଦ୍ରମା | ୧୦୩ |
| ରସ ରସନାରେ କୃଷ୍ଣକଥା | ୩୪୦ |
| ରେ ମାନସ ସେବନସାର | ୩୭୪ |
| ରେ ମାନସ ସେବନସାର | ୩୭୮ |
| **ର** | |
| ରେ ମାନସ ଗୁରୁଆଜ୍ଞା | ୩୭୭ |
| ରମ୍ୟ ବୃନ୍ଦାବନ | ୩୭୮ |
| ରଜନୀ ବଦନ | ୩୮୧ |
| ରଜନୀ ବଦନ୍ତୁ | ୩୮୩ |
| ରାଧାଙ୍କ ବିନା ସଂସାରୁ ବାହାର | ୨୦୦ |
| ରେ ମାନସ ସ୍ୱାମିନୀ | ୩୭୮ |
| ରେ ମାନସ କାହାକୁ ଭଜବୁ | ୩୮୮ |
| ରେ ମାନସ ! ଭଜରେ ଭଜିବା | ୩୯୧ |
| ରାଧା ଗୋବିନ୍ଦ ଭଜ | ୨୦୩ |
| ରସ ସରସି | ୨୩୭ |
| ରାଧ ରୁଚିରୁ | ୨୯୩ |
| **ଲ** | |
| ଲେଖି ଅଛନ୍ତି ଗୋ | ୨୨୯ |
| **ଶ** | |
| ଶ୍ରୀ ବୃଷଭାନୁ କୁମାରୀ | ୨ |
| ଶ୍ୟାମ ଯା ଯା ସୁହାର | ୧୭ |
| ଶ୍ରୀ ନନ୍ଦ ଗୃହିଣୀ | ୨୭ |
| ଶ୍ରୀ ଗୁରୁ ଚରଣ ତନୁ ଏବେ | ୨୮ |
| ଶୁଣାଯିବ କି ସେ ଶ୍ରୀ ମୁଖରୁ | ୪୮ |
| ଶ୍ୟାମ ଅପରାଧ | ୫୨ |
| ଶୁଣ ସଜନୀ କାଲି ରଜନୀରେ | ୮୪ |
| ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ | ୧୦୧ |
| ଶ୍ୟାମଳ କମଳ ଜଳଧର | ୩୨୦ |
| ଶ୍ୟାମ ମୋ ଗଳାର | ୩୪୧ |
| ଶୁଣ ପ୍ରାଣମିତ | ୩୫୨ |
| ଶଚୀନନ୍ଦନ ପାଦ୍ମ ପ୍ରତେ | ୧୪୦ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଶ** | |
| ଶ୍ୟାମକୁ ଜୁହାର | ୧୪୪ |
| ଶ୍ୟାମ ଅପବାଦ | ୧୪୫ |
| ଶୁଣ ଆରେ ମନ | ୩୫୭ |
| ଶରଧାରେ ଧାଇଁ | ୩୫୯ |
| ଶୁଣ କନା ଆରେ ମନ | ୩୬୦ |
| ଶରଧାରେ କର ମନ | ୩୬୭ |
| ଶ୍ୟାମର ଚୋର କଥା ନାହିଁକି | ୧୫୪ |
| ଶ୍ରୀ ଗୁରୁ କଳପତରୁ | ୩୬୭ |
| ଶ୍ରୀନନ୍ଦ ବୃନ୍ଦାବନ ଧାମେ | ୩୬୮ |
| ଶ୍ରୀହରି ଘେନ ଏନା ଗୁହାରି | ୧୭୭ |
| ଶ୍ୟାମ ସଙ୍ଗ ରାଧା | ୧୯୯ |
| ଶ୍ରୀଗୁରୁ ପ୍ରକଟ ତନୁ | ୩୮୭ |
| ଶ୍ରୀରାଧା ଗୋବିନ୍ଦ ବୋଲି | ୪୯୨ |
| ଶ୍ୟାମ ସୁନ୍ଦର ମୁରଲୀ ଜନକ | ୨୮ |
| ଶ୍ୟାମ କୋଇଲେ ଗୋ | ୨୧୪ |
| ଶ୍ୟାମ କମନୀୟ | ୨୨୨ |
| ଶୁଣଗୋ କିଶୋରୀମଣି | ୨୬୬ |
| ଶ୍ୟାମଚନ୍ଦ୍ର | ୨୭୦ |
| **ସ** | |
| ସାଜ ସାଜ ଗୋଷ୍ଠ ଚନ୍ଦ୍ରମା | ୧୯ |
| ସହି ଏହିକ ପଞ୍ଚମୀ | ୩୮ |
| ସୁରେ ଦେଇ ବଚନ | ୫୦ |
| ସାଜ ସାଜ ସରସ ଲପନା | ୯୬ |
| ସିଦ୍ଧତତ୍ତ୍ୱ ଏକା ରହସ୍ୟକୁଞ୍ଜ | ୯୯ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ସ** | |
| ସତ୍ୟ ଚୈତନ୍ୟକୁଳାଧି | ୧୧୨ |
| ସ୍ୱପନେ ବଲେକଲ | ୧୧୮ |
| ସେବୁଛି କେ ସେଠି | ୧୨୧ |
| ସରସିଜନ ଲୋଡ଼ ଲୋଡ଼ | ୩୨୦ |
| ସଖୀରେ ଦେଖ ଅରେ | ୩୨୭ |
| ସେ ତନୁ ଶିଖ ସୁଷମା | ୩୨୯ |
| ସେ ଶ୍ୟାମଙ୍କ କୃପା | ୩୩୨ |
| ସଖୀ ଭାଳିକ ଦେବ | ୩୪୯ |
| ସରଳିଣି ସୁଖ ସ୍ନେହ | ୧୯୫ |
| ସଙ୍ଗୀମାରେ ରସରଙ୍ଗିମା | ୧୯୭ |
| ସେ ସିନା ନୂଆ କରେ | ୧୯୮ |
| ସମଂସ୍ତୁ ରୂପେଣ ସୁର | ୩୮୯ |
| ସରଧାରେ କର ମନ | ୩୦୨ |
| ସର ପିକନ ଲୋଡ଼ | ୨୦୪ |
| ସେହି ଦେହି ଏ ବ୍ରଜେନ୍ଦ୍ର | ୨୧୭ |
| ସରଧାରେଧାଇଁ ଶ୍ରୀରାଧା | ୨୧୧ |
| ସହରେ ଦେଖିଲନ | ୨୧୨ |
| **ହ** | |
| ହା ଗୋଷ୍ଠ ପୁରନ୍ଦର | ୧୫ |
| ହେ ଦୁଃଖକାରୀ ନାହିଁ | ୧୬୮ |
| ହସି ହସି ରହିବା! | ୧୭୩ |
| **କ୍ଷ** | |
| କ୍ଷଣଭୂଷଣ | ୨୨୫ |


—*—

## —ନିବେଦନ—

ଗୋପାଳକୃଷ୍ଣ ଗ୍ରନ୍ଥାବଳୀରେ ଯେଉଁ ସବୁ
ମୁଦ୍ରାପ୍ରମାଦ ରହିଛି ୪୦୧ ପୃଷ୍ଠାରେ
ତାହାର ଶୁଦ୍ଧିପତ୍ର ଦେଖନ୍ତୁ ।

# ଗୋପାଳକୃଷ୍ଣ ଗ୍ରନ୍ଥାବଳୀ

## ରାଧାଙ୍କ ସମ୍ମୁଖେ ବିଜ୍ଞପ୍ତି

( ରାଗ ଜଙ୍ଗଲା, ଆଡ଼ତାଳ )

କର କରୁଣା କରୁଣାମୟୀ ରାଧେ!
ଶରଣ ହେଲି ଚରଣାମ୍ବୁଜେ କିଙ୍କରି କରି ।୦।

ପ୍ରିୟ ଠାକୁ ଯିବାକୁ ରହସ୍ୟ କୁଞ୍ଜକୁ
ଲେପ ନବ କୁଙ୍କୁମ ପଙ୍କ ରଞ୍ଜଣି ।୧।

ବ୍ରଜବଧୂ ଅଙ୍କରେ ବିଜେ କଲ ବେଳରେ
ସେବିଲି ପରି ମୁଁ ପୁଷ୍ପ ବ୍ୟଜନ ଧରି ।୨।

ମୋହନ ବେଶ ଆନ ଆପଣା ସମ୍ପାଦନ
ନିରେଖିଲେ ନିଯୋଗ ମୋତେ ଶ୍ରୀ କିଶୋରୀ ।୩।

ଦୂର ନୋହି ମୁହୂର୍ତ୍ତେ ସହଚରୀ ସଙ୍ଗତେ
ଯାବତ ଶ୍ରୀଅଙ୍ଗ ସେବା ମୁଁ କଲି ପରି ।୪।

ଶ୍ରୀ କଞ୍ଜାଂଘ୍ରି ସ୍ମରଣ କରି କରି ପ୍ରାଣ
ଗୋପାଳକୃଷ୍ଣ ବୋଲେ ଯାଉ ପା ବାହାରି ।୫।

—*—

ଶ୍ରୀ କୃଷ୍ଣଭାନୁ କୁମାରୀଙ୍କର        ପଦ ପଙ୍କଜରୁ ହୋଇ ଦୂର
କେସେ କଙ୍କଣି ରୂପ ଗୁଣ ସୁମରି
ବିଳାପ କରଇ ନିରନ୍ତର ଯେ । ରାସେଶ୍ୱରୀ ।
ଭିନ୍ନ ହେଲି କି ମୁ ରହିଛି ପ୍ରାଣ ଧରି ଯେ ।
ମନେ ହେଉଛି ଏବେ ଦେଖିଲି ପରି ଯେ ।
ପରଂ ପଦରେ ନଥିବାର ମାଧୁରୀ ଯେ । ୧ ।

ଆଉ ଅବଲୋକିବି ନାହିଁ ପରି        ଶ୍ରୀ ବ୍ରଜବଧୂଙ୍କ ନେହକାର ।
ନିରଙ୍କ ସମ୍ପୂର୍ଣ୍ଣ ସର୍ବଦା ପ୍ରସନ୍ନ
ଶରଦ ଶଶୀ ଶ୍ରୀମୁଖ ଚୋରୀ ଯେ । ରାସେଶ୍ୱରୀ । ୨ ।

ଗୋ କୁଳ କୁଳ ଯୁବତୀଙ୍କର        ଗୁରୁଚମ୍ପା ଗନ୍ଧ ମଣ୍ଡଳର
ଲକ୍ଷେ ଲକ୍ଷ୍ମୀ ଶୋଭା ଲକ୍ଷ୍ୟ ହେବ ନାହିଁ
ପଦାବ୍ଜ ନଖ ତ୍ରିକୋଣକୁ ଯାର ଯେ । ରାସେଶ୍ୱରୀ । ୩ ।

ବ୍ରଜେନ୍ଦ୍ର ନନ୍ଦନ ପ୍ରାଣପ୍ରିୟା        ସୌଭାଗ୍ୟ ବଳରେ ଅଦ୍ୱିତୀୟା
ତେମନ୍ତ ହେଲେହେଁ କୃଷ୍ଣଦାସୀ ବୋଲି
ଅଭିମାନୀ ଆହ୍ଲାଦକ ବନସ୍ଥା ଯେ । ରାସେଶ୍ୱରୀ । ୪ ।

କୃଷ୍ଣଲାଗି ସ୍ରକ ଧରି ଆସି        ବୃନ୍ଦା ଜାତୁ ଉଠି ହସି ହସି
ପାଣି ପ୍ରସାରି ଯେନି ନେବେ ଛୁଆଉଁ
ଛୁଆଉଁ ପଡ଼ନ୍ତିର ଉଲ୍ଲସି ଯେ । ରାସେଶ୍ୱରୀ । ୫ ।

ଶ୍ରୀମୂର୍ତ୍ତି ସୁଷମା ବ୍ରଜେଶ୍ୱରୀ        ଯେଉଁଠାରେ ଦେଖି ଦେଲେ ଧରି
ଆନନ୍ଦେ ଅଶ୍ରୁ ପୁରି ଯାଇ ନୟନେ
ଯେଣ୍ଣ ଯାନ୍ତି ଲୋଭେ କୋଳ କରି ଯେ । ରାସେଶ୍ୱରୀ । ୬ ।

ପଖା ମୁଁ ପକାଉଥିବା ବେଳେ        ଗୋଷ୍ଠ ଚନ୍ଦ୍ରମା ବସାଇ କୋଳେ
ମୁଖେ ମୁଖ ଦେଇ ତାମ୍ବୁଲ ଦେବାର
ଶୋଭା ନରୁହିଁ ହୋଇଲା କାଳ ଯେ । ରାସେଶ୍ୱରୀ । ୭ ।

ବ୍ରଜେନ୍ଦ୍ର ପୁରକୁ ଭୋଜ୍ୟ ଦେଇ        ହା ସ୍ୱାମିନି ମୋତେ ପଠାଇ
ଲେଉଟିବା ଯାଏ ଅନାଉ ଥିବାର
ପୁର ପ୍ରାଙ୍ଗଣରେ ଉଭା ହୋଇ ଯେ । ରାସେଶ୍ୱରୀ । ୮ ।

ବାହୁଡ଼ି ମୁଁ ଅଇଲି ବେଳକୁ        ହସିଲି ହୋଇ ଆସି ରହକୁ

ଚରୁରୁ ପ୍ରାଣେଶ ସମସ୍ତ ମୁଁ କହି
ଧଅଇ ଚଟାଉ ଶ୍ରୀହସ୍ତକୁ ଯେ । ରାସେଶ୍ୱରୀ । ୯ ।
ନାମ ନ ଧର ପ୍ରାଣ ଶଂକର ପଛେ ଚାଲି ଯାଇ ଓଁକିଲାର
ପୁଣି ଖୁଣ୍ଟିବାକୁ ବନ ବଜାରରେ
ମୋହନ ଭୁନାଇ ହୋଇବାର ଯେ । ରାସେଶ୍ୱରୀ । ୧୦ ।
କୁଞ୍ଜ ଝରକଳ ବାଟିକାରେ ଅଳ କ୍ରୀଡ଼ା ଭୂମ୍ୟ ଶ୍ରୀ କନ୍ଦରେ
ପାଣି ଦେଇ ପ୍ରିୟ ଗୃହୁଁ ଜାଣି ତାଙ୍କ
ନେତ୍ର ବୁଜିବାର ଶ୍ରୀ ହସ୍ତରେ ଯେ ରାସେଶ୍ୱରୀ । ୧୧ ।
ପ୍ରିୟ ସ୍ତନକ୍ଷତ ପୂଜାଦ୍ଧନ ନନ୍ଦ ପୁରେ ନବ ବଧୂଜନ
ପୁରଥିଲେ ବ୍ରଜ ବନ୍ଧୁକୁ କହାଇ
ଯିବା ସମୟରେ ସୁପ୍ରସନ୍ନ ଯେ । ରାସେଶ୍ୱରୀ । ୧୨ ।
ଦୋଳ ମହୋତ୍ସବେ ଅର୍ଘ୍ୟସ୍ଥାଳୀ ବନ୍ଦାଇ ପ୍ରିୟଙ୍କୁ ନେତ୍ର ଡାଳି
ସମୁଦ୍ର ଉଚ୍ଛୁଳିଲା ପରି ଶୁଭିଲା
ବ୍ରଜବାଳୀ ଦେଲେ ହୁଳହୁଳୀ ଯେ । ରାସେଶ୍ୱରୀ । ୧୩ ।
ଆଉ କେତେ କୋଟି ଜନମରେ ଝଲେକବି ନେତ୍ର ଯୁଗଳରେ
ପୌର୍ଣ୍ଣମାସୀ ଆଜ ଗୃହିଁ ବୁଡ଼ିଗଲେ
ସ୍ନେହ ସୁଖ-ସୁଧା ବାରିଧିରେ ଯେ । ରାସେଶ୍ୱରୀ । ୧୪ ।
ଝଙ୍କେ କରିଯାଇ ଶାଲୁଂଳକୁ ବଳେ ପ୍ରିୟ ନେଇ ହୃଦୟକୁ
ସେସେ ବସୁ ପଦ ଧୂଳି ପୋଛି ଯାଉ
ମୁଁ ଆଗ ହୁଅନ୍ତି ମୋହନଙ୍କୁ ଯେ । ରାସେଶ୍ୱରୀ । ୧୫ ।
ହାର ଗୁନ୍ଥିବାକୁ ନିଭୃତରେ ଠାରି ଡାକି ମୋତେ ମସ୍ତକରେ
ମୁକ୍ତାମଣି ଯାକ ସେତ ଗୋଟିଆଇ
ଦୁହେଁ ଦେବାର ମୋ ଅଞ୍ଜଳୀରେ । ରାସେଶ୍ୱରୀ । ୧୬ ।
ଆପଣାକୁ ଗୃହିଁ ଏକାକରି ସୁଷ୍ମା ବନ୍ଦୁନେ ବଂଶୀଧାରୀ
ଆଶ୍ଲେଷ କରି ଶ୍ରୀମୁଖେ ଚୁମ୍ବଦେଉ
କହିବାର ହସି ସରି ସରି ଯେ । ରାସେଶ୍ୱରୀ । ୧୭ ।
ଦାନ କେଳିରେ ବ୍ରଜେନ୍ଦ୍ର ସୁତ ପଣ୍ଡରେ ଯାଇ ଧରୁ ପଣନ୍ତ
ପ୍ରଣୟ ରୋଷ ହାସ ଭୂରୁ କୁଞ୍ଚିତ
ହୋଇଥାଇ ବାଣୀ ବର୍ଣ୍ଣ ଲୁପ୍ତ ଯେ । ରାସେଶ୍ୱରୀ । ୧୮ ।

ଓଟାର ହୋଇ ପଛକୁ ଆସ୍ୟ      ବୁଲାଇ ଛଡ଼ାଇ ବାସ ଶେଷ
ଲୁଚବାକୁ ଗୋବର୍ଦ୍ଧନ କନ୍ଦରରେ
ନେଇ ମୁଁ କରଇ ପରବେଶ ଯେ । ରସେଶ୍ୱରୀ । ୧୯ ।
ସୂର୍ଯ୍ୟାର୍ଚ୍ଚନ ଲାଗି ବ୍ରହ୍ମ ବେଶ      ହୋଇ ଆସିଥାନ୍ତି ପ୍ରାଣଈଶ
ପୂଜା ବଡ଼ୁ ଓଳଗ ବୋଲୁ ଜଟିଳା ।
ଜୁହାର ହେବାର ହସ ହସ ଯେ । ରସେଶ୍ୱରୀ ।୨୦ ।
ଦେଖ ବୋଲି ବୃଦ୍ଧା ବଧୂପ୍ରାଣି      ଛଦ୍ମ ବଟୁକରେ ଦେଉ ଆଣି
ହାତଧରି କହୁ ଲଳିତା ପଛରେ
ଥିର ଉଭା ହୋଇବାର ଠାଣି ଯେ । ରସେଶ୍ୱରୀ । ୨୧ ।
ସମନାଙ୍କି ଜଣେ ସର୍ବାଂଶରେ      ଯାହାଙ୍କୁ ଗୋଲକ ପର୍ଯ୍ୟନ୍ତରେ
ତେମନ୍ତ ବ୍ରଜେନ୍ଦ୍ର ସୁତ କହୁଛନ୍ତି
କୃଷ୍ଣ ଯା ପଦାବ୍ଜ ଦାସୀଠାରେ ଯେ । ରସେଶ୍ୱରୀ । ୨୨ ।
ପ୍ରିୟ ସୁନକ୍ଷତ୍ର ପୂଜାଦନ      ଜନନୀ ଗୃହକୁ ଯିବାଦନ
ଆଳୀ-ନକ୍ଷତ୍ରାବଳୀରେ ପୂର୍ଣ୍ଣ ଚନ୍ଦ୍ର
ଚାଲିଗଲା ପରି ଶୋଭାବନ ଯେ । ରସେଶ୍ୱରୀ । ୨୩ ।
ଯାଇ ପିତାମାତା ଚରଣରେ      ପ୍ରଣମିତ ହେଉ ଧରଣୀରେ
ଦୁହେଁ ତୋଳୁ ତୋଳୁ ଯାହା ହେଉଥାନ୍ତି
ସୁଖ, ଶୋକ, ସ୍ନେହ ବାତ୍ସଲ୍ୟରେ ଯେ । ରସେଶ୍ୱରୀ । ୨୪ ।
ସୁତ୍ରାମାମଣି ପ୍ରତିମା ପରି      ହୋଇଥାନ୍ତି ଗୃହେଁ ବଂଶୀଧାରୀ
ଚରଣ ନୂପୁର କ୍ୱଣନରେ ଆହା
ଆହା ରାଜ ଉଠେ ସଖୀପୁରୀ ଯେ । ରସେଶ୍ୱରୀ । ୨୫ ।
ଆହା ସେ କାଳ ଲଳନା ଯାକ      ଭାଳିଲେ ରହିବ କା ବିବେକ
ହାଣି ପ୍ରାପ୍ତି ହେଲା ପରି ମଣୁ ଥାନ୍ତି
ବୃଷଭାନୁ ପୁରଜନ ଯାକ ଯେ । ରସେଶ୍ୱରୀ । ୨୬ ।
ତାମ୍ବୁଲ ଯୋଗାଉ ସପ୍ରମାଦେ      ଡାଳି ତୋଳା ପ୍ରାଣନାଥ ପାଦେ
ଲଜ୍ଜ ହର୍ଷ ମିଶା ଶ୍ରୀ ମୂର୍ତ୍ତିଙ୍କି ଦେଖି
ମଜ୍ଜିଲି ନାହିଁ ମୁଁ ଆନନ୍ଦରେ ଯେ । ରସେଶ୍ୱରୀ । ୩୦ ।
ନାଟ୍ୟ ଚମତ୍କାର ଯାକ କଳି      ନର୍ତ୍ତକ ସାମନ୍ତ ବନମାଳୀ

ଶ୍ରମ ବୁଝିଁ ଆପଣଙ୍କୁ ହୃତପଦ୍ମେ
ଧରିବାର କରପଦ୍ମେ ତୋଳି ଯେ । ରାସେଶ୍ୱରୀ । ୩୧ ।
ବାନ୍ଧୁ ନିଜ ପୀତବାସ ଶେଷେ     ବ୍ୟଜନ ଭ୍ରମର ଭୂରି ପାଶେ
ସମୁଦ୍ର ତରଙ୍ଗ ପରି ପଡୁଥାଇ
ବଲ୍ଲେକୁ ଥାଇ ମୁଁ ସହରଷେ ଯେ । ରାସେଶ୍ୱରୀ । ୩୨ ।

ଶ୍ରୀ ବୃନ୍ଦାବନେ ପଟ୍ଟାଭିଷେକ     ହେବା ଦିନ ମହୋତ୍ସବ ଯାକ
ଶେଷରେ ନିଃଶେଷ ହେବକ ସେକଥା
ଜିଣି ଭାରିଗଲା ବ୍ରହ୍ମଲୋକ ଯେ । ରାସେଶ୍ୱରୀ । ୩୩ ।

ଶଙ୍ଖ ଚୂଡ଼କୁ ସଂସାରୁ ହରି     ଆସୁ ଭୟେ ତାଙ୍କ କଣ୍ଠଧରି
ହୃଦେ ଲାଗି ରହି ଯିବାର ସୁଷମା
ଏବେ ଈକ୍ଷଣେ ରହିଛି ପୂରି ଯେ । ରାସେଶ୍ୱରୀ । ୩୪ ।

ଥାଉ ଆଉ ଯାକ ପାଶେ ଆଳୀ     ପୂରି ବସିଥାନ୍ତି ଶିରି ଚୂଳ
ଠାରି ତାଙ୍କ ମୁଖୁ ଚର୍ବିତ ତାମ୍ବୁଳ
ଦେବାର ମୁଖ ଚନ୍ଦ୍ରମା ତୋଳି ଯେ । ରାସେଶ୍ୱରୀ । ୩୫ ।

ସ୍ୱ କିଂକରୀ ଜନବତ୍ସଳତା     କରିବେ କି କୋଟି ଜନମା ତା
ଆପଣା ଅନୁଭବ ଶେଷ ଯାବତ
ଦତ୍ତ କରିବାର ଶେଷ ବଦାନ୍ୟତା ଯେ । ରାସେଶ୍ୱରୀ । ୩୬ ।

ରହନ୍ତୁ ଇତର ବ୍ରଜବାଳୀ     ଯାଗୁଣି ସୁନ୍ଦର ପଣ ଭାଳି
ସପୁଲକ ହୋଇ ମଜ୍ଜି ଯାଉ ଥାଇ
ଶୁଣି ପରପକ୍ଷୀ ଚନ୍ଦ୍ରାବଳୀ ଯେ । ରାସେଶ୍ୱରୀ । ୩୭ ।

ଥିଲେ ମୁଁ କି ଅପରାଧ କରି     ଭୁଜକୁ ହେଲେ ମାଇଲା ପରି
ଶ୍ରୀକର ଗୋଳି ପୁଣି ହସିଦେବାର
ସୁମରି ହେଉଛି ପ୍ରାଣ ଘାରି ଯେ । ରାସେଶ୍ୱରୀ । ୩୮ ।

ଜନମୀ ଗୃହରେ ସ୍ଫୁଟ କରି     ହା ସ୍ୱାମିନି ମୋର ନାମ ଧରି
ତାଙ୍କ ପଶ୍ଚରୁ ପ୍ରାଣନାଥ ସମସ୍ତ
କଷ୍ଟ ତୋଷି ଦେବାର ମାଧୁରୀ ଯେ । ରାସେଶ୍ୱରୀ । ୩୯ ।
ନିଭୃତ କୁଞ୍ଜ କୁସୁମ ଶେଜେ     କଲି କାଳେ କାନ୍ତ କୋଳେ ବଜେ

ବୀଣା ମୁଁ ବଜାଉ ପଦ୍ମତ ହୃଦରେ
ହସି ଧରିଥାନ୍ତ ପ୍ରିୟ ଭୁଜ ଯେ । ରାସେଶ୍ୱରୀ । ୪୦ ।
ଆହାକି ମୋହର ସୁଦଇବ     ପୂର୍ବର ସେ ଭାଗ୍ୟ ଲେଉଟିବ
ବିଲୋକିବ ପ୍ରାଣନାଥଙ୍କ ଅଙ୍କରେ
ହରଷାଶ୍ରୁ ନେତ୍ରେ ପୂରିଯିବ ଯେ । ରାସେଶ୍ୱରୀ । ୪୧ ।
ଆସ ଆସ ବୋଲି ହସି ହସି     ତାଙ୍କୁ ତନୁ ପଡ଼ିବ ଉଲ୍ଲସି
ସାଷ୍ଟାଙ୍ଗେ ଦୁହିଁଙ୍କ ପଦାବ୍ଜେ ଲୋଟିବି
ତୋଳିବେ ଶ୍ରୀହସ୍ତେ ଆଶ୍ୱାସି ଯେ । ରାସେଶ୍ୱରୀ । ୪୨ ।
ସତେକି ଶ୍ରୀମୁଖ ବିଲୋକିବି     ପୀୟୁଷ ଦୃଷ୍ଟିରେ ଗାଧୋଇବି
ଚିରକାଳ ଚରଣାବ୍ଜର ବିଚ୍ଛିତି—
ଉଗ୍ରବାତ ହୋଏ ଲଭାଇବ ଯେ । ରାସେଶ୍ୱରୀ । ୪୩ ।
ବୃଷଭାନୁ କୁଳ-କୀର୍ତ୍ତିଲତା     ପୌର୍ଣ୍ଣମାସୀଙ୍କ ସର୍ବସ୍ୱଭୂତା
ବୃନ୍ଦାବନ ପ୍ରାଣୀ ପ୍ରାଣ ହା ସମସ୍ତ
କାନ୍ତ କୁଳଧିଷ୍ଠାତ୍ରୀ ଦେବତା ଯେ । ରାସେଶ୍ୱରୀ । ୪୪ ।
ଶ୍ରୀ ଗୋବିନ୍ଦ ସର୍ବାର୍ଥ-ସାଧିକେ     ଗୋପୀ ପ୍ରେମରତ୍ନ ମଞ୍ଜୁଷିକେ
ଶ୍ରୀ ବ୍ରଜେଶ୍ୱରୀଙ୍କ ବାତ୍ସଲ୍ୟ ବସତି
ହା ଶ୍ରୀ କୀର୍ତ୍ତିଦା ନେତ୍ର ତାର କେ ଯେ । ରାସେଶ୍ୱରୀ । ୪୫ ।
ଆହା ରାମଲାସ୍ୟ ପରୀକ୍ଷାରେ     ମଦନ ମୋହନ ସମକ୍ଷରେ
ଅଙ୍ଗାଭ ବ୍ୟଞ୍ଜକ ସୁଭୂଷା ଝଲକ
ଆହା ମନୋଭବ ସ୍ୱ ରୂପରେ ଯେ । ରାସେଶ୍ୱରୀ । ୪୬ ।
ଲଳିତାଂଘ୍ରିରେ ଓଲଟି ହେଉ     କରୁଣା ଗୁଣେ କରେ ଉଠାଉ
ଭବ ଅନ୍ଧକାର କୂପର କଦନ
ସ୍ୱପନରେ ନଦିଶିବ ଆଉ ଯେ । ରାସେଶ୍ୱରୀ । ୪୭ ।
ଦଣ୍ଡବତ ହୋଇ ବିଶାଖାଙ୍କୁ     ଜୁହାରିବ ପ୍ରଭୁବର୍ଗଙ୍କୁ
ରୂପ ମଞ୍ଜରୀ ପଦେ ପଡ଼ି ଲଭିବି
ସେବା ଚିନ୍ତାମଣି ରତନକୁ ଯେ । ରାସେଶ୍ୱରୀ । ୪୮ ।
ଦୟାମୟୀ ପଣେ ଦତ୍ତବର     ଶ୍ରୀପଦ ପଙ୍କଜ ସେବା ମୋର

ଗୋପାଳକୃଷ୍ଣ ଜଣାଉଛନ୍ତି ଦର୍ଶନେ
ତୃଣ ବଂଶୀ କୋଟି କୋଟି ବାର ଯେ । ରାସେଶ୍ୱରୀ । ୪୯ ।

—*—

## ( ରାଗ-ମାୟା ମାଳବ ଗୌଡ଼ା । ରୂପକ-ତାଳ )

ଉଠିଲୁ ଏତେ ବେଗି କାହିଁକରେ ଦୁଃଖିଧନ !
ଦଧି ମନ୍ଥାଇ ଦେବୁ ନାହିଁକି ରେ । ପଦ ।

ଦେହ ପାସୋରି ଦଣ୍ଡେ ନିଦନଗଲୁ ଏତେ
ଉଚ୍ଛୋଳ ହେଲୁ ମୋର ପାଇଁକରେ । ୧ ।

ଖେଳରୁ ରାମ ଭୁଲେ ପଛେ ରୁଷି ଯାଇଲେ
ଶୁଆଇ ଦେବ ଗୀତ ଗାଇକି ରେ । ୨ ।

ମନ୍ଥିବି ମୁଁ କେମନ୍ତ ଖୁଆ ଦଣ୍ଡରୁ ତାତ
ଛୁଡ ଦେଉଛୁ ସର ଖୋଇକି ରେ । ୩ ।

ଆହାଏକି ପ୍ରମାଦ ଛନ୍ଦନା ବାବୁ ପାଦ
ଡାକ ଯା ବଳରାମ ଭାଇକିରେ । ୪ ।

ମନ୍ଥନ ଘଟେ ହାତ ପୂରାଇ ନବନୀତ
କାଢ଼ୁ ବୋଲନ୍ତି ହେଲୁ ବାଇକିରେ । ୫ ।

ଭୁଗ୍ନ ହାତଟା ଖାଇ ନାଚୁଛୁ କାହିଁ ପାଇଁ
ଶିଖିଥିବୁ ନଚୁହାଁ ଗୁଇକରେ । ୬ ।

ଗୃହକୃତ୍ୟ ପକାଇ ବସିଥିବ ଏକାଇ
ନିଶିଦିନ ତୋତେ କାଖେଇ କରେ । ୭ ।

ପଣନ୍ତରେ ବଦନ ପୋଛିଦେଲେ ଚୁମ୍ବନ
ଗୋପାଳକୃଷ୍ଣ ଚିନ୍ତାଇ ଦୁହିଁକିରେ । ୮ ।

—*—

## ରାଗ-ମାୟା ମାଳବ ଗୌଡ଼ା

( ମିଶ୍ର ରୂପ )

ଏଥରକ ଶ୍ୟାମ ଦୋଷରେ କ୍ଷମାରେ । ପଦ ।

ପଦତଳେ ପଡ଼ି ଯାଉଛନ୍ତି ସଢ଼ି
ତୋଳ ହେଲେ ଶ୍ରୀମୁଖ ଚନ୍ଦ୍ରମାରେ । ୧ ।

ନ ଘୋଡ଼ା ଶ୍ରବଣ କହୁଛନ୍ତି ଶୁଣ
କୃପାନିଧି ବୃଷଭାନୁ ଜେମାରେ । ୨ ।

କେତେ ଥର ସହ୍ୟ ଯାଇନାହୁଁ ସହ୍ୟ
ଅପରାଧ ତକ ଘେନି ପ୍ରେମାରେ । ୩ ।

ପଶୁଚ ନଗରି ଶିଖି ପିକସ୍ୱର
ନରୁହାଁଲେ କେଶରୀ ମଧ୍ୟମାରେ । ୪ ।

ଗୋପାଳ କୃଷ୍ଣ ସେ ସମୟରେ ଖସେ
ଅର୍ଥ ହୋଇ ଗଲଣି ସୀମା ରେ । ୫ ।

—*—

## ରାଗ ପାନ୍ତ ବରାଡ଼ି—ମିଶ୍ର ରୂପତାଳ

ଭଜ ମନ ବ୍ରଜବନ ଦ୍ୱିଜରାଜଙ୍କୁ
ଅଜ ଶେଷ ଭବ ବନ୍ଦ୍ୟ ପଦପଙ୍କଜଙ୍କୁ । ପଦ ।

ନେତ୍ରେ ରଂଜି ଦକ୍ଷ୍ୟାଞ୍ଜନ ପ୍ରେମରେ କର ଲୋକନ
ବଦ୍ଧେ ବଂଶୀ ହୃଦେଶ୍ୱରୁ ଗୁଂଜ ସ୍ରଜଙ୍କୁ । ୧ ।

ଅମ୍ବୁଜ କୁଟୁମ୍ବ କନ୍ୟା ପ୍ରାନ୍ତର କଦମ୍ବ ବନ୍ୟା
ନଭଚର ରାଧାସ୍କନ୍ଧ ନ୍ୟସ୍ତ ଭୁଜଙ୍କୁ । ୨ ।

ପଶୁପୀ ନକ୍ଷତ୍ରା ବଳୀ ହୋଇ ସର୍ବସ୍ୱ ମଣ୍ଡଳୀ
ସାଜନ୍ତିଛନ୍ତି ହୁର ପରାଜୟ ସଜଙ୍କୁ । ୩

ଅଖିଳ ରସ ଶ୍ରୀମୂର୍ତ୍ତି କୋଟିଏ ମଦନ ଦ୍ୟୁତି
ଅନାବେନବ ଶ୍ରୀଖଣ୍ଡ ଚୂଳ ଧ୍ୱଜଙ୍କୁ । ୪

ଶ୍ରୀପ୍ରତାପ ରୁଦ୍ର ଦେବ ଭଣନ୍ତି ସନ୍ତତ ଭାବ
ହର ଜନ୍ମାନ୍ତର ଅହଂ ତମ ପୁଞ୍ଜଙ୍କୁ । ୫ ।

———

( ଯୋଇକାଣୀ )

ରାସେଶ୍ୱର ପଦ ସରୋରୁହ ଦାସୀ
କରେ ବଲାପକେ ବଞ୍ଚି ଉରେ ବସି । ୧
ଆହା ଶ୍ରୀବୃନ୍ଦାରଣ୍ୟ ଚନ୍ଦ୍ର ବର୍ତ୍ତିନୀ
ଆହା ବ୍ରଜ ବଧୂ ପ୍ରାଣ ପ୍ରଣୟିନୀ । ୨ ।
ଆହା ଶ୍ରୀନନ୍ଦସୁତ ହୃତକଂଜ ଗୃହିଣୀ
ଆହା ଶ୍ରୀ ପରମାନଂଦ ସ୍ୱରୂପିଣୀ । ୩ ।
ହା ସ୍ୱାମିନୀ କରୁଣା ବରୁଣାଳୟେ
ଆହାସର୍ବରମା ରାମାଜନ ଶ୍ରେୟେ । ୪ ।
ଆହା ଗୋପୀ ପ୍ରେମରତ୍ନ ମଂଜୁଷିକେ
ଆହା ସାଧ୍ୱୀ ଶିରୋମଣି ଶ୍ରୀରାଧିକେ । ୫
ପରବ୍ରହ୍ମ ବସ୍ତଲାରେ ଜଣେ କେହି
ଆହା ପରମପଦରେ ଭୁଲ ନାହିଁ । ୬
ଏହି ଯେନ ବଡ଼ୁଛି ସଂତତ ଆଶା
ଲେଉଟିବ ବୋଲି ମୋର ଶୁଭଦଶା । ୭
ହେଲେ ବର ପର ପରାଧିନୀ ମୁଁ ସହଜେ
ରାଧେ କ୍ଷମା ଦାରାନଧି ଆପଣ ଯେ । ୮
ମୋର ମଉଳୀ ଭୂଷା ଶ୍ରୀପଦତଳୁ
ଆହା ଦୂର ହୋଇଗଲୁ କେତେ କାଳୁ । ୯
ବ୍ରହ୍ମ ବପୁସରୁ ଅଧେ ସରିଗଲା
କୃପା କଟାକ୍ଷ ଲବ ନ ପ୍ରସରିଲା । ୧୦
ପଦ ତଳରେ ଶରଣ ଆଜନମୁଁ
ରକ୍ଷିଥିଲାର ନରେଖ ଜନେ ମୁଁ । ୧୧
ସ୍ୱକିଂକରୀଙ୍କର ପରବ୍ରହ୍ମ କର
ଦରଶନ ଦିଅହେଲେଶ୍ରୀ କଶୋଷ୍ମ । ୧୨
ତ୍ରିମ୍ବ ଅଳିଜନ କାଳକୂଟ ଅଗ୍ନି
ଢାଳି ହେ ସ୍ୱାମିନୀ ଦେହ୍ରୁ ନାହିଁ । ୧୩

କୃପା କଟାକ୍ଷ        ପିୟୂଷ ଲବ ସିଂଚ<br>
ଲକ୍ଷ ଦନ୍ତେ ତୃଣିଧରି ଜଣାଉଛି । ୧୪

ଦେଖିବାର ଆଉ        ଦୁଃଖ ଶୁଣିଲେତ<br>
ସେହ୍ନ କ୍ଷଣି ଆର୍ଦ୍ର ହୋଇଯିବା ଚିତ୍ତ । ୧୫

ଏତେ ଜଣାଇଲେ        ଶୁଣି ନ ଶୁଣିଲା ପରି<br>
ହେବ ବୋଲି ମୋ ମନେ ନଥିଲା । ୧୬

ପିତା ପୁରୁକୁ ପଠାଇ        ଏକାମୋତେ<br>
ପଥ ଜନକୁ ପଚ୍ଚରୁ ଥାଅ କେତେ । ୧୭

ଆହା କାହିଁ ଖରିଗଲା        ତେଡେ ଶୋଭ<br>
ଦେଖିବାକୁ ଶ୍ରୀମୁଖ ହେଲା ଦୁର୍ଲଭ । ୧୮

ମୋର କୃତ୍ୟଯାକ        ଗୁହିଁ ହରଷରେ<br>
କେତେ ତୋଷ ହେବାର ସେ ମୋ ସେବାରେ । ୧୯

ଅଗୁଳା ଗୁରୁ ଉଲାଗି        ମାଳା ମୋତେ<br>
ଡାକ ଆଗ କରି ଦେବାର ସେ ହାତେ । ୨୦

ଦାସୀ ହେଲେ ଅନୁଜା        ପରାଏ ପାନ<br>
ଶ୍ରୀ ମୁଖରୁ ମୁଖେ ଦେଇ ନାଗବଲ୍ଲୀ । ୨୧

ଆହା କୃଷ୍ଣ ଧନୁ        କୂଳ-କୀର୍ତ୍ତି-ବଲ୍ଲୀ<br>
ଗୁଣିବ ମୁଁ ଗୁଣଯାକ କେତେ ବୋଲି । ୨୨

ଆହା କାହିଁ        ଅଡ଼ାଇବା ସୁଗୁଭୂଷା<br>
ବାଣୀ ବାଜଣି ଶିଖାଇବା ମାଧୁରୀ । ୨୩

ଧାତୁ ରଙ୍ଗରେ କି        ମାଳା ଗ୍ରନ୍ଥନରେ<br>
ପ୍ରବର୍ତ୍ତାଇବାର ବସାଇ ପାଶରେ । ୨୪

ବୈଜୟନ୍ତୀ ଗୁନ୍ଥିଲାର        କେଲେ ମୋତେ<br>
ଧୀରେ ଗୀତ ଶିଖାଇ ବାର ସେ କେତେ । ୨୫

ଆହା କେତେ କଥା        ମାନ ସେ ପଡ଼ୁଛି<br>
ବାସ ବଢ଼ାଇବାର ମୁଁ କରି କୁଞ୍ଜ । ୨୭

ଅଂଗ ସୁବାସ        ସଂଭୃତ ଲୁଟବାସ<br>
ତୋଳି ଧରି ହେଉଥାଇ କି ସଂତୋଷ । ୨୭

ଘୃତ କର ଉଦ୍ଧର୍ତ୍ତା          ଶ୍ରୀଖଣ୍ଡ ମଳ
ହୃଦେ କି ସୁଖେ ହେଉଥାଇ ମୁଁ ବୋଳ । ୨୮
ଅଭିସାର କାଳେ          ଘନ ତମସୀରେ
କର ଘଇଠ ଦେଲାର ମୋ ଚରମରେ । ୨୯
ଧୋଇ ପଦାବ୍ଜ          ପୋଛୁ ମୋ ଫଣନ୍ତରେ
କରଭର ଦେଲାର ମୋ ଚରମରେ । ୩୦
କେଉଁ ଜନ୍ମରେ          ଆଉ ମିଳିବ ତାହା
ଆହା କେଉଁ ହେଲେ ହେଲେ ନାହିଁ ସାହା । ୩୧
କେଉଣେ ଘରି ଯାଇ          ଥିଲେ ଆଣି ଲେଉଡ଼
ଆହା ଲଳିତାଙ୍କ ପଦ ତଳେ ପଡ଼ । ୩୨
ସେହି ପ୍ରାଣନାଥଙ୍କର          କେତେ କଥା
ଜଣାଇ ମୁଁ ଛଡାଉଛି ହୃଦ ବ୍ୟଥା । ୩୩
ଥରେ ହେଲେ ସେ          ସ୍ମରଣ କଲେ ନାହିଁ
ଆହା ଭୁଲ ହେଲେ ପଦେ ନ ଜଣାଇ । ୩୪
କେବେ ସ୍ୱାମିନୀ          ମୋପରେ ହେଲେ କୋପ
ବନ୍ଧୁଥିବାର ଦେଖି ନୟନୁ ବାଷ୍ପ । ୩୫
ଦୟାମୟୀ ଶ୍ରୀଲଳିତା          ବୋଧ କରି
ଯେନ ଯାନ୍ତି ସେ ଗ୍ରୁମୁରୁ ହାତ ଧରି । ୩୬
ଆହା ତେମନ୍ତ          ମମତା କେଉଣେ ଗଲା
ମୋ ଅଦୃଷ୍ଟକୁ ପୀୟୂଷ ମାର ହେଲା । ୩୭
ଆହା ବଣାଖେ          ବାନ୍ଧି କଳପ ବଲ୍ଲି
ପଦଗ୍ରୁଯ୍ୟାରୁ ଦେଲ ଯେ ଦୂର କରି । ୩୮
ଆହା ଉଚ୍ଛିଷ୍ଟ ପାନ୍ତ          ମୁଁ ଧୋଇବାକୁ
ବାହ୍ୟା ଗାରକୁ ହେଲେ ମାର ନେବାକୁ । ୩୯
ସେବା ଶିକ୍ଷା ଗୁରୁ          ଶ୍ରୀରୂପ ମଂଜରୀ
ଆହା ନ ଲୋଡ଼ିଲେ ଦେଲେ ମନ କରି । ୪୦
ଆହା ରସ ଲାସ୍ୟ          ରସ ସୁପଣ୍ଡିତା
ଆହା ଘୋଷ ଯୋଷାଙ୍କ ଲଲାଟ ଶିତା । ୪୧

ଆହା ଅପାର    କରୁଣା ଅକୂପାର
ବୋଲି ବ୍ରହ୍ମାଣ୍ଡେ ଡ଼ାକ ବାଜୁଛି ଯାର । ୪୨
ମୋହ ଛଳର ଲାଗି    ହେବ କି ଅନ୍ୟଥା
ବ୍ରଜ ପୁରେ ସୁଚରିତ ଯାର କଥା । ୪୩
ମୋ ଅଜଣାରେ    ଗୋପେନ୍ଦ୍ରଙ୍କର ଭୁଲେ
କୁଂଜେ ଲୁଚିଥିଲେ କ୍ଷଣେ ନ ଦିଶିଲେ । ୪୪
ବୃନ୍ଦାଟବୀ କୁଂଜଯାକ    ବୁଲି ବୁଲି
କେତେ ଶୋକ କରୁଥାଇ ମୁଁ ମୂର୍ଚ୍ଛିଲି । ୪୫
ମୋର ପଛେ ପଛେ    ଆସି କୃପାମୟୀ
ଆସ ଆସ ବୋଲି ଧୀରେ ଡ଼ାକ ଦେଇ । ୪୬
ଦେଖି ନୟନେ ନୀର    ସ୍ୱ ଅଞ୍ଚଳରେ
ପୋଛି ଦେଲ ନେବାର ଯେ ବଦନରେ । ୪୭
ଆଳୀ ସରିକ    ଅଜଣା ସେବା ଯାର
ଆହା ତେମନ୍ତ କଂକଣୀ ହେଲା ଦୂର । ୪୮
ଆଉ କେସେ ଦେନିବ    ହୃଦର ଦୁଃଖ
କାହାର ନୋହି ହୋଇଲି ଯେ ନିରେଖ । ୪୯
ହେ ଶ୍ରୀ ବୃନ୍ଦା    ବନାଧୀଶ ପ୍ରାଣେଶ୍ୱରୀ
ଖାଲି ଯାଉଛୁ ନାମ ଧରି ଧରି । ୫୦
ବୃନ୍ଦାରଣ୍ୟରେ    ପୁଷ୍ପାବଚୟନରେ
ଆଳୀ ରହିଥିଲା କାଳେ ଦୂରେ ଦୂରେ । ୫୧
ଫୁଲ ତୋଳି ତୋଳି    ପ୍ରିୟ ପ୍ରୀତି ଗୀତ
କରି କମ୍ପିତ ହେବାର ପୁଲକିତ । ୫୨
ଜାଣି ବିଶାଖା    ବାଣୀ ଶବଦାଇଲେ
ଲାଜେ ରହିବାର ବ୍ରଜବଧୂ କୋଳେ । ୫୩
ଆଉ ଅଖି ଦେଖିବ    ସେ ମହୋତ୍ସବ
କ୍ଷଣ କ୍ଷଣକୁ ଆହା ନୂତନ ଭାବ । ୫୪
ପିତା ପୁରେ ପୁଷ୍ପ-    ମଣ୍ଡପରେ
ଦୋଳା ପହଞ୍ଚାଇ ବସି ସ୍ୱଚ୍ଛନ୍ଦରେ । ୫୫ ।

ହୃଦେଉରମଣଙ୍କ ଭାବ ଅବଧରି
ଆହାଗୀତ ଗାଇବାର କି ମାଧୁରୀ । ୫୬ ।
ଶୁଣି ପାଶ ପଡ଼ି- ଶାରି ସେତେଜନ
ସ୍ତମ୍ଭପରି ରହିଥାନ୍ତି ଡେରି କର୍ଣ୍ଣ । ୫୭ ।
ବୋଲି ବୋଲି ହେଉଥାନ୍ତି ରାଧା ପରି
ଗୁଣ ସୁନ୍ଦର ପଣେ କେ ହେବ ସରି । ୫୮ ।
ଇନ୍ଦୁ ଉଦୟୁ କାଳର ସିନ୍ଧୁ ବ୍ରତ
ଶୁଣି ହୃଦ ହେଉଥାଇ ଉଚ୍ଛୁଳତ । ୫୯ ।
ନବ ତରୁଣିମା ଲକ୍ଷ୍ମୀ ସନ୍ତତରେ
ସେବ ରହିଛି ନ ଚଳ ପଦାବ୍ଜରେ । ୬୦ ।
ବ୍ରଜ ଜନଙ୍କୁ ସହଜ ବନ୍ଧୁ ପରି
ଘେନାଉଛି ଯା ଭଜନସୁ ସୁମାଧୁରୀ । ୬୧ ।
ଯେଉଁଠାରେ ବିଲୋକିଲେ ଗୁରୁଜନ
ଆହା ନେଉଥାନ୍ତି କେତେ ନିର୍ମଞ୍ଛନ । ୬୨ ।
ଓଲଗିଲେ ତରଂଗୀବ ତୁଅ ବୋଲି
ବୋଲୁ ନେତ୍ରୁ ସ୍ନେହେ ଅଶ୍ରୁପଡେ ଝୁରି । ୬୩ ।
ବଜେ କଲେ ସାରୀ ପଞ୍ଜୁରୀ ପାଶରେ
ସେ ଡାକିବାର ଶୁଣିଛି ଯା ଶ୍ରୁତିରେ । ୬୪ ।
ଆଗୋ ମା ବୋଲି କାନ୍ଦିଦା ବୃଷଭାନୁ
ଡାକିଲାର ସେ ଡାକ ନଯାଏ ମନୁ । ୬୫ ।
ହା ସ୍ୱାମିନି ଅନଙ୍ଗ ମଞ୍ଜରୀ ଡ଼ାକ
ବାର ବାର ଡାକନ୍ତି କି କରି ଡାକ । ୬୬ ।
ଅପ ପଦାନ୍ତେ ଆକାର ଯୁକ୍ତ କରି
ଡାକିଲାର ହୃଦ ହେଉଛି ସେ ଶାରି । ୬୭ ।
କେତେ ତୋଷ ହେଉଥାଇ ଶୁଣି ମନ
ହା ଦୁର୍ଦ୍ଦୈବ କରି ଦେଲୁ ସ୍ୱପନ । ୬୮ ।
ଉଚ୍ଚାରୁ ଆଉ ସ୍ୱରୂପ ତାଙ୍କ ପରି
ଆହା ମାନସରୁ ନୁହଇ ବିସ୍ମରି । ୬୯ ।

ପୁଣି ପଢଇ ଜୟ ଶ୍ରୀ ଗାନ୍ଧର୍ବିକେ
ହେ ଶ୍ରୀମତି ଜୟ ଜୟ ଶ୍ରୀ ରାଧିକେ । ୭୦ ।
ଆହାକି ସୁସ୍ୱର ଆହା କି ମଧୁର
ହାସେ ବାଣୀ ସତେ ସୁଧା ସହୋଦର । ୭୧ ।
ପ୍ରିୟ ଲେଖ ଆଣି ବିଚକ୍ଷଣ କାର
ଦେଲ ଇକ୍ଷଣେ ଲଗାଇ ଆପଣାର । ୭୨ ।
ଯତ୍ନେ ଲଗାଇ ହୃଦୟ ବସନରେ
ପକ୍ୱ ଦାଡ଼ିମ୍ବ ବୀଜ ଧଃ ଶ୍ରୀକରେ । ୭୩ ।
ତାକୁ ଛୁଆଇବାର ଶ୍ରୀହସ୍ତେ ଧରି
ହରେ ହରେ ହସୁ ଅଛ ସେ ମାଧୁରୀ । ୭୪ ।
ରୁହଁ ଚନ୍ଦ୍ରାନନ ଚିହ୍ନି ଧୀର କରି
ଭାଷେ ହେ ବୃନ୍ଦାବନ ପରମେଶ୍ୱରୀ । ୭୫ ।
ଗୋଷ୍ଠ ପୁରନ୍ଦର ସୁତ ପ୍ରାଣାଧିକେ
ବୋଲୁ ଶ୍ରୀ ଲଳିତା ମିତ୍ର ନିଜାନ୍ତିକେ । ୭୬ ।
ରୁହଁ ବାହାର ଯିବାର ଭୟ କରି
ପୂର୍ବ ବୟସ ମାନସରେ ସୁମରି । ୭୭ ।
ଦୁହେଁ ହସାହସି ହୋଇ ଆସିବାର
ନୟନରେ ନାଚୁଛି ସେ ଚମତ୍କାର । ୭୮ ।
ସଙ୍ଗେ କଲାର ଦଶୁଛି ପଲଙ୍କରେ
ଦର ଆଜ୍ଞା ଦେଇ ଲଳିତା ପରେ । ୭୯ ।
ହଙ୍ଗି ପାନ ଦେଉ ଦେଉ ରଜବାସେ
ପ୍ରିୟ ଦନ୍ତ ଚିହ୍ନ ଦେଖି ହସିଲେ ସେ । ୮୦ ।
ଦୁଇ ହାତେ ଭୁଜ ହୋଇ ଦୁଇ ନେତ୍ର
ହସି ଲାଜେ ଲଳିତା ହୃଦରେ ବକ୍ତ୍ର । ୮୧ ।
ଲୁଚାଇ ବାର ହସୁଛି ହା ସ୍ୱାମିନି
ପତଦ୍‌ଗ୍ରହ ଥାଇ ସେ ମୁଁ କରେ ସେନି । ୮୨ ।
କେବେ ଶୟନ ମେଳରୁ ବନା କରି
ପ୍ରିୟ ମୁଖକୁ ନ ଦେଖ ସହିକରି । ୮୩ ।

ଦଇବରେ ଏକା ହେଲେ    ଗୁଣ ଆଖି
ଲଜେ ରହ ସେ ଗଣ୍ଡେ ପଣନ୍ତ ରଖି । ୮୪ ।
ଘଦ ଅବମା    ଉପରେ ଘସିବାର
ଗୋଷ୍ଠ ଚନ୍ଦ୍ରମାତଙ୍କୁ କଷିବାର । ୮୫ ।
ମଜ୍ଜି ରହେ ମୁଁ    ପୀୟୂଷ ବାରିଧିରେ
ଆହା ଦେଖୁଥାଇ କେତେ ସରଧାରେ । ୮୬ ।
କୋଲ୍ଲୁ-ଗୋପାଳକୃଷ୍ଣ    ନୟନୁ ନୀର
ବହିଗଲା ଯୋଛୁ ପୋଛୁ ବାରମ୍ବାର । ୮୭ ।

—**—

## ପ୍ରାର୍ଥନା

ରାଗ ଯଦୁକୁଳ କାମୋଦୀ । ଆଦିତାଳ
( ଯେନାଇ ଆମ୍ଭେ ଯେତେ କହିଲୁ—ବୃତ୍ତେ )
ହା ଗୋଷ୍ଠ ପୁରନ୍ଦର ନନ୍ଦନ ହେ ।
ହା ବ୍ରଜବାସୀ ଜନ ଜୀବନ ହେ ।
ହା କାଳନ୍ଦୀ ପୁଳିନ । କଳ ଭେନ୍ଦୁ ସୁନ୍ଦର
ମଦନାବୁର୍ଦ ମଦ ମର୍ଦ୍ଦନ ହେ । ୧
ଶ୍ରୀ ଯଶୋଦା ବାତ୍ସଲ୍ୟ ଲକ୍ଷ୍ମୀରୂପ
କାନ୍ତି ନନ୍ଦକ କୋଟି ତାରାଧିପ
କୁଣ୍ଡଳ ଆନ୍ଦୋଳନ । ଅଳକା ବୃତାନନ
ହା ହା ହାସ ଶ୍ରୀଅଙ୍ଗ ବିକ୍ଷେପ ହେ । ୨
ଦ୍ୱାପରଯୁଗ ସ୍ମର ସମ୍ପ୍ରରେ
କାର୍ତ୍ତିକ ଶୁଦ୍ଧ ପର୍ବ ମିହିବାରେ
ସୁର ପତିର ମଦ । ହରିଗୋଷ୍ଠ ସଂପଦ
ଗୋପାଳଙ୍କୁ ରଖିଲ ନିସ୍ତାରି ହେ । ୩ ।
ଏକ ଅଧିକ ଋତୁ ବୟସରେ
ସପ୍ତଦିବା ରଜନୀ ବାମ କରେ
ଗୋବର୍ଦ୍ଧନ ଶିଖରୀ । ଛତ୍ର ପରିଏଧରି

କୀରତି ରୁହାଇଲ ଜଗତରେ । ୪ ।
ଜାଣି ଜାଣି ଶ୍ରୀ ଗୋସ୍ୱେଶ୍ୱରୀ କୋଳେ
ଧରି ଆପଣଙ୍କୁ ହା ଶୋକାକୁଳେ
ମସ୍ତକେ ଚମ୍ପି କାର । ସ୍ୱରୂପ ଦୁହିଁଙ୍କର
ଶ୍ରୀ ଶ୍ରୀ ପ୍ରତାପରୁଦ୍ର ଦେବ ଭୋଳେ । ୫ ।

—*—

## ରାଗ ଝିଂଝୋଟି—ରୂପକ ତାଳ

ମଦନମୋହନ ମନମୋହନ ରେ ଏକ ନୂତନ ଗୀତ । ପଦ ।
ସାରି ଦେଶ ଅଭିସାର    କଲା ବେଳକୁ ଅସାର
ରୁହାଇ ନେତ୍ର ଯୁଗଳରୁ ବସିଲୁ ଶ୍ରୀ ମୁଖ ପୋତି । ୧ ।
ଏହିପରି କର ଭେରୁ    ଆସୁଛୁ ତ ମୁଁ ଘୁମୁଁରୁ
ସେନ ଦେଇଛନ୍ତି ବଂଶୀକ କରିବାକୁ ତୁ ପ୍ରଶାନ୍ତ । ୨ ।
କାନନେ ପଶୁ ପକ୍ଷିଙ୍କି    ପ୍ରଭୁ ବଟପୀ ବଲ୍ଲୀକ
ଜନକଜା ଭଳି ଶ୍ରୀରାମ ପରି ପଗ୍ରୁରୁ ଅଛନ୍ତି । ୩ ।
ଭାଷନ୍ତି ଶ୍ରୀମହୀଧୀରେ    ରାହପଟ ଦର୍ପଣରେ
ଶ୍ୟାମବାମେ ମୋ ଗ୍ଲାଇକ ମୁଁ ଗୃହୁଁ ଭ୍ରମଦ୍ଧେଲ ମତ୍ତ । ୪ ।
ଗୋପାଳ କୃଷ୍ଣ ସରଣି    ମଣାଇ ନେଉ ତରଣି-
ତନୟା ତଟେ ଭେଟିଲେ ସେ ପ୍ରିୟକୁ ଅଧପରିତ । ୫ ।

—*—

## ରାଗ ମାଳ୍ୟମାଳବ ଗୌଡ଼ା । ମିଶ୍ରରୂପ ତାଳ

ଶ୍ୟାମ ଯା ଯା କୁହାର ତୋ ପୀରିତିକି । ପଦ ।
ତୋର କଥାକୁ କୁଳଜା    ପରତେ କରିଥିବ ଯା
ହୃଦୟରେ ମାରି ନ ଦେଲା କାତିକି । ୧ ।
କରଜର ଗାରଡ଼ଆ    ଦେଖାଇ ଏ କୁହୁଡ଼ଆଁ
ମନମଥ ଭୂତ ଲଗାଉ ସଙ୍ଗକି । ୨ ।

ମୁଁ ବୁଝି ଦୁର୍ଲଭନର     ହୋଇଲି କାଳେ ବାକୁଳ
ମାଣ ସକାଇ ଥିଲି କେ ସୁବର୍ଣ୍ଣକ । ୩ ।
ଗୋବର୍ଦ୍ଧନ ଶୃଙ୍ଗଧରୁ     ଲୁଚି ଅଇଲି ବେଳରୁ
ଘୃଷ୍ଟ ନଥିଲ ମୁଁ ସେ ପଞ୍ଚଙ୍କ । ୪ ।
ଗୋପାଳ କୃଷ୍ଣ କହଇ     ବୋଲନ୍ତି ସେ ମୁଁ ଲୁହିଁଇ
ତୁମ୍ଭେ ନୋହିଲେ ତୁରିବ ଧରଣୀକ । ୫ ।

— * —

## ରାଗ ଯଦୁକୁଳ କାମୋଦୀ । ମିଶ୍ର ରୂପତାଳ

( ନାଗରବରର ପ୍ରେମ ଅପେକ୍ଷା କର-ବୃନ୍ଦେ )

ଅପେକ୍ଷା ଦର୍ଶନ ଏ ଲୁଚାଇଲା
କି ମୁଁ ଦୁଃଖ ଦେଲ ମୁଁ କାଳେ ହୋଇଲି । ପଦ ।
ଅଲଗା ଲାଗୁଥିବ     ସଦନ ଯାକ ନବ
ସତତ କଣ୍ଟୁପୀକି ଦଣ୍ଡ ଦେଲି । ୧ ।
ଅଙ୍ଗିଗଲା ପ୍ରାଣକୁ     ଦୁଃଖେ ସୁଞ୍ଜ ପଞ୍ଚକୁ
ତୁମ୍ଭ ନା ବୋଲି ଧନ ଦସି ତୁଟିଲି । ୨ ।
କି ରଖିଲି ଜୀବନ     ଆଖି ଅଇଲ ବଦନ
ସଖିକର ମୁଖକୁ ଚାହିଁ ନଥିଲି । ୩ ।
ଲାଜ ବରଷକାର     ଭଙ୍ଗୁ କେଳି ଅଗାର
ଅଜାଣ ସୁଖଗ୍ରରେ ବଳ ନଥିଲ । ୪ ।
ଗୋପାଳ କୃଷ୍ଣ କୋହିଲ     ଅଙ୍କେ ନୀଳ ଧାଇଲେ
ଦେଖି ଆଜ ଆଉରି ଚିନ୍ତା ଅଛିଲା । ୫ ।

— * —

## ରାଗ ତୋଡ଼ି—ଏକତାଳି

କେଉଁଠି ଆସିଲୁ ମନ ରଙ୍ଗ ନଯାଇ ।
ସମସ୍ତ ବଳଶିବ ଦେଖୁକ ଭାଇ । ପଦ ।
ଗୋଷ୍ଠଚଳ ଚନ୍ଦ୍ରମା     ଶ୍ରୀ କୃଷ୍ଣଙ୍କୁ ଜେମା
ସଦାର ଭଜ ସେବାକୁ ଗ୍ରନ୍ଥ ଦେଇ । ୧ ।

ନିଭୃତ କୁଞ୍ଜରେ ତ ଅଳି ବାନ୍ଧିବେ ଛକ
ଡ଼ାକି କଣ୍ଠଘଣ୍ଟୀ ଏବେ ଦେବ ଉଠାଇ । ୨ ।
ହୋଇଲେ ଅପରାହ୍ନ ଧଇକାଂଶୀ ପାହୁତ
ସ୍ୱାମିନ ଆଗେଯାନ୍ତୁ ପଥ କଢ଼ାଇ । ୩ ।
ସୂର୍ଯ୍ୟ ପୂଜା ବେଳରେ ସ୍ୱାମିନ ଅଞ୍ଚଳରେ
ବେଗେ ଅର୍ଘ୍ୟର ଦିଅନ୍ତୁ ବଢ଼ାଇ । ୪ ।
ନନ୍ଦପୁରକୁ ଫେରି କଲେ ଗହଣେ କୁ ଯେ
ଥାଇ ପ୍ରାଙ୍ଗଣେ ପଦ ଦିଅନ୍ତୁ ଧୋଇ । ୫ ।
ନାଗେଶ୍ୱର କୁଞ୍ଜରେ ଶ୍ରୀ ରତନ ଦୋଳାରେ
ବସେ କଲେ କୁ ଦେଖନ୍ତୁ ପଦ୍ମଆଇ । ୬ ।
ସାରି ଜଳଲୀଳାକୁ ବାସଲଗି ହେବାକୁ
ବସ୍ତ୍ର ବରଣି କରନ୍ତୁ ପଲ୍ଲ ଆଇ । ୭ ।
ସ୍ୱେଶ୍ୱରୀ ଚୋର ହସ୍ତେ ବଂଶୀ ଦେଲେ ଗୁପତେ
ଯତନେ ରଖିଥାନ୍ତୁ ପଛ ଲୁଚାଇ । ୮ ।
ଶ୍ରୀମନ୍ତ ଗୁମାନରେ ଲଳିତାଙ୍କ ପଦରେ
ଜଣାନ୍ତୁ ଜଣାଣ ଶ୍ରୀ ଗୋବିନ୍ଦ ପାଇ । ୯ ।
ପ୍ରାଣନାଥ ଗୁମ୍ଫୁକୁ ଝଡ଼େ ଦମ୍ଭ କାଳକୁ
ଲେଉଟେ ବେଗେ ଏବେ ସାଞ୍ଜ ପଳାଇ । ୧୦ ।
କେତେ ପ୍ରହେଳୀ ଗାନ ଆଜ୍ଞା ସଫ ଦର୍ଶନ
ଶ୍ରମ ନାଶିବୁ ଫୁଲ ପଖା ପକାଇ । ୧୧ ।
ନାଗରେନ୍ଦ୍ର ଗୁମ୍ଫୁ ବୃନ୍ଦା ଆସୁ ଦୂରନ୍ତୁ
ସ୍ୱେଶ୍ୱରୀଙ୍କ ରହରେ ଦେବୁ ଭେଟାଇ । ୧୨ ।
ନାସା ଶିର ଭୂଷାକୁ ନାଗର ମୁକୁଟଙ୍କୁ
ମୁରୁଛିଲୁ କିପରି କୁ ନ ଜୋଗାଇ । ୧୩ ।
ମଧୁପାନ ଉତ୍ସରେ କରିଥାନ୍ତୁ ଲପରେ
ସୁଧା ସଳାପ ଶୁଣି ହସିଲୁ ହୋଇ । ୧୪ ।
ନିକୁଞ୍ଜ ପ୍ରାଙ୍ଗଣରେ ଚନ୍ଦ୍ରମା କିରଣରେ
ପ୍ରହେଳୀ କଉତୁକ ଶୁଣିଲୁ ନାହିଁ । ୧୫ ।

ସଖୀଖେଳ ବେଳରେ      ସ୍ୱାମିନୀ ନ ବସିଲେ
ବଟଲ ଲଳିତା ଦେବେ ଧରି ବସାଇ । ୧୭ ।
ଗୋପାଳ କୃଷ୍ଣ ଭଣେ      ପ୍ରାଣକୁ ଟେକା ଗହଣେ
ନଅ ଗାଜନା ଦେଇ ଭିତରେ ଲଇ । ୧୬ ।

## ରାଗ ହରିକାମୋଦ ମିଶ୍ର ରୂପ ତାଳ

ସାଜ ସଜ ଗୋଷ୍ଠ ଚନ୍ଦ୍ରମା ଆସିବେ ଆଜ । ପଦ
ଦେଇଛନ୍ତି ଝରା      ଧର ଧୀର ଧୀର
ରାସ ରଂଗିଣୀ କାହ୍ନିଙ୍କ ନାଜ । ୧
ମୋ ବାଣୀ ପ୍ରଣିତ      କର ପ୍ରାଣମିତ
ଖାତୁ ଖାତୁ ହୋଇ ସିବ ସାଜ । ୨
ଜଟିଛନ୍ତି ବାଟ      ଶିଖଣ୍ଡି ମୁକୁଟ
ପଠାଇବୁ ବୋଲି ଲାଗି ସଜ । ୩
ଯେବେ ମୋ ବଚନ      ହୁଅସୁ ପ୍ରସନ୍ନ
ପର ପତ୍ନୀଙ୍କର ଲଜ୍ଜା ତେଜ । ୪
କଂକଣ ଶଂକାଶ      ନଖରେ କଂକାସ
ଗୋପାଳ କୃଷ୍ଣ ବୋଲଇ ବ୍ରଜ । ୫

—*—

## ରାଗ ଝଂଜୋଟି ମିଶ୍ର ରୂପ ତାଳ

( କାମନେ ଥିଲି ଏକଥାରେ—ବୃତ୍ତେ )

କେ ଟସ୍ପ ନୀପମୂଳରେ । ନୂଆ ବାନ୍ଧବାନ୍ଧ ପଗ ଏ ବଟେଶ । ଘନ
ପ୍ରଗନ ପୁଞ୍ଜ ଟେକ ସହରସେ । ବରହ ନାଚୁଛି ଚରମ ଦେଶେ ।
ଇନ୍ଦ୍ରଧନୁ ଉଦେ ହୋଇଛି ଘଗ । କ କେକ ଶିଖଣ୍ଡ ମୁକୁଟ ଚୋରି ସେ ।
କଟୀରେ କ ପୀତବାସ ଶୋହୁଛି । କ୍ଷଣପ୍ରଭା ଅବା ସ୍ଥିର ହୋଇଛି ସେ ।
ଗଣ୍ଡ ବାସବ ମଣି ଆଦରସେ । କୁଣ୍ଡଳ ଘନମଣି ଭରି ଝଳ ସେ ସେ ।
ବକ ଆବଳୀକ ମୁକୁତା ହାରୁ । ଜଗ ଜନ ମନମୃଗ ବାଗୁରା ସେ ।
ସୁରଟି ବୃନ୍ଦାରଣ୍ୟ ଚକ୍ରବର୍ତ୍ତୀ । ଶୃଙ୍ଗାର ରସ କି ହେଲା ମୁରତି ସେ ।
ଗୋପାଳ କୃଷ୍ଣ କହେ ବ୍ରଜ ବନ୍ଧୁ । ଯେ ଗୋପବନ୍ଧୁ ଜୀବନର ବନ୍ଧୁ ସେ ।

—*—

## ରାଗ ଚକ୍ରା କେଦାର

କାଳିନ୍ଦୀ ସଖୀଙ୍କ ରୂପଗୁଣ । କେ ସେ ଦାସୀ ଶୁଣି ପୁନଃ ପୁନ ।
କରଇ ବଳାପ ସ୍ତ୍ରେ ଶ୍ୟାମଙ୍କ ସେବା
ସ୍ୱର୍ଗ ନାଗର କର ସ୍ମରଣ ସେ । କଙ୍କଣ । ୧
ଖଦ୍ୟୋତଭା ତଟ ନିକୁଞ୍ଜ ତେ । ଗଗନନନ୍ଦନ କକ୍ଷାନ୍ତରେ ।
ଖଂଜନାକ୍ଷୀ ଆସୁ ଉଠିପ୍ରିୟ ପାଶୁ
ଜଗିଥିବ ମୁଁ ଦ୍ୱାର ପାଶରେ ହେ । ସ୍ୱାମିନୀ । ୨
ଗବାକ୍ଷ ଜାଳରେ ନେତ୍ର ଡାଳି । ଗଲ ବୃନ୍ଦଁ ଥିଲୁ କେବେ ଆଳୀ ।
ଗୋବିନ୍ଦ ସହ ଚଳିଲେ ଦେହଳୀ କ
ଯିବ ମୁଁ କେଳ ତଳପ ତୋଳି ହେ । ସ୍ୱାମିନୀ । ୩
ଘର୍ମ ମିଶା ସିନ୍ଦୁର ଶୀକର । ସଞ୍ଜେ ଠାଁ ଠାଁ ଧୋଇ ପଡ଼ିବାର ।
ଘୋଷି ହେବ ଶଙ୍କେ ଅଳକ୍ତ ଚିହ୍ନକୁ
ଘୃଷ୍ଟି ସେଜରେ ଶ୍ରୀ ପଦାବ୍ଜର ହେ । ସ୍ୱାମିନୀ । ୪
ଙରେଖ ମୁଁ ଛିନ୍ନ ମୋତିହାର । କେହ୍ନ ଗୋଟିଆଇ ଚଢ଼ିବାର ।
ନୂପୁର କାଞ୍ଚୀ କାଞ୍ଚୁଳି ଙସ ଧର
ହେବ ପୁର ପଥେ ଆଗୁସାର ହେ । ସ୍ୱାମିନୀ । ୫
ଚୁଲ ଆସୁଛି ଜଟିଳା ହେଟି । ଚଳ ପଲ୍ଲବ ବୋଲୁ କଣ୍ଠି ।
ଚଞ୍ଚଳେକ୍ଷଣୀ ଚକ୍ର ମୁଁ ବୁଲଆଗେ
ଚୁମ୍ବି ଥିବ ପଙ୍କଜୁ ଖାଳଟି ହେ । ସ୍ୱାମିନୀ । ୬
ଛନ୍ନ କଣ୍ଟକଳ ଚନ୍ଦ୍ର ଲପନେ । ଛପି ପ୍ରବେଶୁ କଷ ସଦନେ
ଛନ୍ଦ ପ୍ରିୟଙ୍କର ଶ୍ରୀ ଅଙ୍ଗେ ବଳେଇ
ମାଗି ଲୁଗ୍ରଇ ଦେଖ ସତନେ ହେ । ସ୍ୱାମିନୀ । ୭
ଯାଇ ଖେଳେ ପଦ୍ମଡ଼ ଭିତ୍ତିରେ । ଜମ୍ବୁକ ଦାଣ୍ଡୀ ତାପ ପଟରେ
ଜଙ୍ଘେକ ବାଧୁ ଲୁଣଙ୍କ ଚୁମ୍ବି ଚୁମ୍ବି
ତୋଳି ଦେବ ପଦ ପଣାନ୍ତରେ । ସ୍ୱାମିନୀ । ୮
ଝିନ ଉପୁଡ଼ଣ ଯାହୁଗାଇ । ଝସ ନଇଁମା ହେ ପଦ୍ମଡ଼ାଇ
ଝଲ ଅଳକା ଭଙ୍ଗ କର ପଦଧର
ଧୀରେ ଦେବ ଅଙ୍ଗୁଳି ଫୁଟାଇ ହେ । ସ୍ୱାମିନୀ । ୯

ନଃ ଶେଷରେ ନଶି ହେଜ୍ଞ ହତ । ନିତ୍ୟ କୃତ୍ୟର ବସ୍ତୁ ପାବତ
ନବାହ୍ନ କରପୁଣି ଆସି ଭେଟନ୍ତୁଁ
ଅପହୃଷ୍ଟ ହୋଇଥିବନ ତ ହେ । ସ୍ବାମିମା । ୧୦
ଝାଣେ ଜଟିଳା ଡାକନ୍ତେ ଉଠି । ଝେକ ପଲକ ଦେଖି ବଧୋସ୍ତୀ
ଝଳ ଝଳ ହୋଇ ଗୃହସାଇ ପୀଠେ
ବସୁଦେବ ସାରଦନ୍ତ କାଠି ହେ । ସ୍ବାମିମା । ୧୧
ଠାକୁରାଣୀ ଦନ୍ତ ସମାର୍ଜ୍ଜନ । ଠିକେ ବତ୍ରୁ କଢ଼ାଇବ ବନ
ଠ କର୍ଣ୍ଣ ମୁଖ ସୁବର୍ଣ୍ଣାଙ୍ଗୀ ପ୍ରକ୍ଷାଳ୍ଲି
ଧନ୍ତେ ଦେବ ପୋଛିବା ବସନ ହେ । ସ୍ବାମିମା । ୧୨
ତାଙ୍କ ମଧ୍ୟ ବାହ୍ୟ କୃତ୍ୟ ସାରି । ତାଙ୍କୁ ମୋତେ ଆଜ୍ଞାଧୀର କରି
ଡାହାଣ ବାମ ପାଣି ପାଦ ଧୋଇବ
ମୃଦ ଦେଇ ନଉଡ଼ାଇ ବାରି ହେ । ସ୍ବାମିମା । ୧୩ ।
ତାକୁଥିବେ ତୋଳା ଭର୍ଜ୍ଜି ଦ୍ରବ୍ୟ । ତାଲେ କ୍ଷଣୀ ଚେଳ ସେବାସନ୍ତ
ତୋକଲ୍ଲ ଶ ସୁଧା ଶୁଣି ମଣିବ
ବୋଲି ଆଣଯା ବାରି ରମ୍ଭୋରୁ ହେ । ସ୍ବାମିମା । ୧୪
ଅବ୍ଜ ଯୁତ ସୁବାସିତ ନୀର । ଅଭିଷେକ କରୁ ମୁଁ ସଭୁର
ଅଙ୍ଗପନ୍ନେ ଚୀବାଂ ଶୁକେ ଶ୍ରୀଲଳିତା
ମାଜ ମୋଛୁବେ ଶ୍ରୀକଳେବର ହେ । ସ୍ବାମିନ । ୧୫
ଭୂଲ୍ୟ କାଳାନ୍ତୁଣ ଦ୍ୟୁତିଲଙ୍ଗି । ତନୁଦଣ୍ଡ ହୋଇ ଆଡ଼େ ଲାଗି
ତଣ୍ଟାଳ କନ୍ତୁଳ କାନ୍ତୀ ଚୀନ ଚେଳ
ପିନ୍ଧ ଚଳବ କଳ ଧୌତାଙ୍ଗୀ ହେ । ସ୍ବାମିନ । ୧୬
ଥିର ହୋଇ ବସୁ ଆସନରେ । ଥାଇ ଲଳିତା ପଛକତରେ
ଥୋଇ ଝଙ୍କାରି କଙ୍କତିକା କୁନ୍ତଳ
ଫେଡ଼ି ବେଢ଼ିବେ ଜଳ ନକର ହେ । ସ୍ବାମିନ । ୧୭
ଦେବ ସନ୍ତୁଡ଼ି ତାଳି ଶୁମର । ଦ୍ରବ୍ୟ ମଣି ସ୍ତବକ ନକର
ଦେଇ ଶ୍ୟାମଳ ବେଣି ବ୍ୟାଳୀ ସାଜବେ
ହରିବାକୁ ଧୈର୍ଯ୍ୟ ବ୍ରଜେନ୍ଦ୍ରର ହେ । ସ୍ବାମିନ । ୧୮
ଧରି ଥିବ ମୁଁ ଦର୍ପଣ ପାଖେ । ଅନ୍ୟ ସଖୀ ଲେପି ଶ୍ରୀଗାତେ

ଧୀରେ ଭଲ୍ଲ ଛେଦ କର ମୃଗ ମଦ
ଶଙ୍ଖ କଳଙ୍କେ ଉରଜ ଗାଢେ ହେ । ସ୍ୱାମିନୀ । ୧୯
ନଇଁଳରେ ସିଂଦୂର ବିଂଦୁକୁ । ନଯୋଜୁ ଲାବୁଥିବ ମନକୁ
ନକ୍ଷୁକ ବହ୍ନାସ୍ତ୍ର ନୟନରେ କାମ—
ଭମ ନାଶିବ ବୋଲି କ୍ଷଣକୁ ହେ । ସ୍ୱାମିନି । ୨୦
ପଦ୍ମ ପକ୍ଷାଲଙ୍ଗ୍ରିତ ଭ୍ରମର । ପର ବଶୀବ କେଶେ ସୁଂଦର
ପରମାନଂଦ ସ୍ୱରୂପିଣୀ ଚିବୁକେ
ବିଂଦୁ ନ ଯୋଜୁ ମୃଗ ମଦର ହେ । ସ୍ୱାମିନି । ୨୧
ଫୁଲ ନମିଁଦା ଆଣି ଦେବାର । ଫେଡ଼ି ପିନ୍ଧାଇ ଦେବ ସତ୍ୱର
ଫଳ ଉଠିବ ମୋ ତନୁ ସୀମନ୍ତରେ
ଲେଖି ଲଳିତା ସିଂଦୂର ଗାର ହେ । ସ୍ୱାମିନି । ୨୨
ବ୍ରଜ ବଧୂ ସୁଖୀ ହେବା ପାଇଁ । ବକ୍ଷୋଜକୁ ରଖିବଲୁକାଇ
ବିଚିତ୍ର କାଞ୍ଚୁଲି ନାନା ହାର୍ବଳି
ଦେବ ଜତନେ ଲଗି କରାଇ ହେ । ସ୍ୱାମିନି । ୨୩
ଧର ଯାଉବ ମୋତେ ସେବାରେ । ଭପ୍ସ ତେଜ ଅଂଜନ ନେତ୍ରରେ
ଭର ମାର୍ଜି ଦେବ କର ଦରଶନ
ବ୍ରଜ ବଧୂ ହେବେ ମୋ ପରରେ ହେ । ସ୍ୱାମିନି । ୨୪
ମଣି ରତ୍ନାଲଙ୍କାର ଯାବତ । ମଥା ଯାଏ ପଦରୁ ଲୁଣ୍ଠିତ
ମଣ୍ଡିକ ଉତ୍ତମ ମିତ୍ର ଶମନ୍ତକ
ମଣି କରି ଦେବ ଅଳଂକୃତ ହେ । ସ୍ୱାମିନି । ୨୫
ଯେଉଁ ଚରଣ କଞ୍ଜର ଧୂଳି । ସୁବାଦର ହୋଇବାର ବୋଲି
ଯତ୍ନେ ଲେଖିଦେବ ଲାକ୍ଷା କ ମୋ ପଦେ
ଯାର ରକ୍ତାମ୍ବୁଜ ନିଜସ୍ଥଳ ହେ । ସ୍ୱାମିନି । ୨୬
ଲତ ସବ ମଟ୍ରୃତ ମେଳା । ରମଣୀପୁ ଶତକଳ ମାଳା
ରମଣୀ ମୁକୁଟ ମଣି କଣ୍ଠେ ଦେଲ
ଆନେ ନ ଭକ୍ତ ପ୍ରାଣେଶ ଡୋଳା ହେ । ସ୍ୱାମିନି । ୨୭
ଲୀଳା କମଳ ଯେନ ଶ୍ରୀକରେ । ଲଳିତାଙ୍ଗୀ ସ୍ନେହ ବାଟିକାରେ
ଲଳିତା ସଙ୍ଗେ ଦ୍ୟୁମଣି ମଣି ବେଳ

ମଧ୍ୟେ ଭକ୍ତେ କରନ୍ତୁ ସତ୍ତ୍ୱରେ ହେ । ସ୍ୱାମିନ । ୨୮
ବନଶ୍ରୀଙ୍କ ଆରାଧନା ସାରି । ବାସେ ବାହୁଡ଼ନ୍ତ୍ୟ କରି କରି
ତନ୍ମେଳୁ କୁଟିଳତା ଆସି ଡାକବେ
ଜଟିଳାଙ୍କ ସମାଧାନ କରୁ ହେ । ସ୍ୱାମିନ । ୨୯
ସବୁ ସଖୀ ସଦନକୁ ଯାଇ । ସୀଉକାର ଶାଙ୍କୁକୁ କରାଇ
ସଭ୍ୟର ସେଙ୍କୁଦବଲ୍ଲୀ ଭ୍ରମନ୍ତୁ ପାଶେ
ଗୋଷ୍ଠୀ କରିବେ ଆଳୀଙ୍କି ନେଇ ହେ । ସ୍ୱାମିନ । ୩୦
ସନ୍ଧ୍ୟା ଆସିବାକୁ ନାହିଁ ଡେରି । ସବୁ କୃତ୍ୟ ଅନ୍ତ୍ୟ ସଦନର
ଶୁଣି ଜଟିଳା ବୋଲିବେ ଯାଅ ଚୌଣ୍ଡ୍ର ମାସ
କନ୍ଦିବନ୍ତୁ ବାର ବାର ହେ । ସ୍ୱାମିନ । ୩୧
ସବୁ ସଖୀ ସଙ୍ଗେ ରଙ୍ଗେ କରନ୍ତୁ । ସୁଦସ୍ଥାରେ ମୋତେ ଶିରେ ଠାନ୍ତୁ
ସବ୍ୟାନ ପ୍ରାତେ ଶଙ୍କର ଧରି ଯିବ
ରୂପ ମଂଜରୀଙ୍କ ଆଦେଶରୁ ହେ । ସ୍ୱାମିନ । ୩୨
ତର୍ଷେ ମନ୍ତ୍ରି ଯାଉ ରାଜପଥେ । ହୋଇ ଭେଟ ଗୋଟେ ପ୍ରାଣନାଥ
ହସି ରହିଁ ଥିବେ ଶ୍ରୀବ୍ରଜେଶ୍ୱରୀଙ୍କି
ପ୍ରଣମିବ ହୋଇ ହେଟ ମାଥ ହେ । ସ୍ୱାମିନ । ୩୩
କ୍ଷମାକର ମୁଟକୁ ଅନାଇ । କ୍ଷୀରେଦଧି ପ୍ରାଏ ଗାଢୀ ହୋଇ
କ୍ଷଣେ ବୋଳ କରି ଶିରେ ଚୁମ୍ବ ଦେଇ
ଗୋପାଳ କୃଷ୍ଣାଂଘ୍ରି ଦେବ ଧୋଇ ହେ । ସ୍ୱାମିନ । ୩୪

—*—

## ରାଗ ମୋହନା—ରୂପକ ତାଳ

( ମୋ ଜୀବର ଜୀବନ—ବୃତ୍ତେ )

ମାନ କରୁ ଥିଲି
ବ୍ରଜ ବଧୂ ନେତ୍ର ଲୁହ     ପୋଛୁଲବ ବୋଲି ସିନା ମୁଁ । ପଦ ।
ମନୋରଥ ପୂରିଲା
ଭଗାବନ ପଦାର ବଂଦ   ସେମାନଙ୍କ ପରମାନନ୍ଦ ହୋଇଲା । ୧ ।
ଏଥର ନଷ୍ଟ ନ ହେଲ
ମୋ ସେବା ଦୁଃଖ ପାଉଥିଲ କେତେ ଯେ କୃଷ୍ଣ ବାଞ୍ଛା ପୂର୍ଣ୍ଣିଲା । ୨ ।

ବ୍ରଜର ଚନ୍ଦ୍ରାବଳୀ
ବନ୍ଦଶୀ ମୋଠାରେ ଏପାଳି   କରିବ ଶ୍ୟାମଙ୍କୁ ଗଳାର ମାଳ । ୩ ।
ସୁଖୀ ହୋଇବେ ଅତୁଳ
ଏଣିକ ଗୁଆଳୀ ପ୍ରଣୟରେ ମଜ୍ଜି   ଶ୍ରୀ ଯଶୋଦାଙ୍କ ସଙ୍ଗାଳ । ୪ ।
ଆଳୀ ନେତ୍ର ଲୁବ୍ଧ ନାଳୀ
ବନ୍ଧୁ ଗୋପାଳକୃଷ୍ଣ କହେ   ଅଇଲେ ଦେଖି ଶିଖଣ୍ଡ ମଣ୍ଡଳ । ୫ ।

—**—

## ରାଗ ଖମାଚ—ଆଡ଼ତାଳ

( ଭଜମନ ରାଧେକୃଷ୍ଣ ବୋଲି—ବୃତ୍ତେ )

ଯନରତ୍ନ ରାଧାକୃଷ୍ଣ ଶ୍ରୀ ମୂର୍ତ୍ତିଙ୍କି ଧ୍ୟାଇଁ ।
ମନ ସଂଗଣ୍ଠରେ ରଖି ଯାଅନା ପଳାଇ । ପଦ ।

ବିଶ୍ୱ ବିଷ ଗର୍ତ୍ତରେ   ମଜ୍ଜି ଅନୁ ବରତରେ
ଭବଭୋଗ ପ୍ରତ୍ୟାଶାରେ ମାରନା ଭୁଲାଇ । ୧ ।
କଳିନ୍ଦ କନ୍ୟା କୂଳରେ   କୁସୁମିତ କୁଞ୍ଜବନେ
ରତ୍ନ ଚିନ୍ତାମଣି ସିଂହାସନରେ ବସାଇ । ୨ ।
ଖଂଜନ ଦଳଗଞ୍ଜନ   ବଦନାବ୍ଜ ସୁରଂଜନ
ତନୁ ଦ୍ୟୁତିକି ଦିବ୍ୟ ଲୋଚନରେ ଅନାଇ । ୩ ।
ଶୀବ ସ୍ୱପ୍ନ ମୂର୍ଚ୍ଛରେ   ଧ୍ୟାନକୁ ଯେ ଆଗୋଚର
ଧ୍ୟାବରେ ଭାବ ସେବ ମୋ ସଂକଳ୍ପ ପୂରାଇ । ୪ ।
ସ୍ୱକାର୍ଯ୍ୟସ୍ଥ ସାଧୁ ସଙ୍ଗେ   ସ୍ୱାରସିକା କଥା ରଙ୍ଗେ
ଦିନ ନିଅ ଶ୍ରୀରାଧା ଗୋବିନ୍ଦ ଗୀତଗାଇ । ୫ ।
ଗୋପାଳକୃଷ୍ଣ ଭଣିତ   ହୋଇଛି ତୋ ଅନୁଗତ
ମୋ ଜୀବକୁ ସେ ପଦାବ୍ଜ ଛାଅରେ ମିଳାଇ । ୬ ।

—*—

## ରାଗ ଝଂଜୋଟୀ—ମିଶ୍ରରୂପ ତାଳ

( ମୁରଲୀ ତୋରେ ଶରଣ ଗଲି—ବୃତ୍ତି )

ଡାକନ୍ତ ରାଧା ରମଣ ବୋଲିକି
ଦୂତୀ କି ବୋଲଇ ସେନବା ଭଲ ଯେ । ପଦ ।
ଧୋଇଲା କାରଣ ଯାଏ ଧୂଳି
ଛାଡ଼ଏ ନ ଯାଉ ହେବତ ବୋଲି ଯେ । ୧ ।
ଆଖିର ପୁଟରେ ଏ ନଟ ଭ୍ରୂବଲ୍ଲୀ ।
ଅଛି କେ ଅପରସ୍ତେ ଛଇଳ ଯେ । ୨ ।
ବପୁଃ ସଙ୍ଗୀତ୍ତ କଳବା ଗୁଆଳୀ
ଯାକର ଯା କର ମଥା ମୁରଳୀ ଯେ । ୩ ।
ଗଉସ୍ତ ତୀର୍ଥ ଆଡ଼ ବାଟ ଭୁଲି
କହ ବଂଶୀ ତୁହିଁ ଗୃଡ଼ଳ ବୋଲି ଯେ । ୪ ।
ଯା ଅଧର ସଙ୍ଗ ଗୋକୁଳ ବାଳୀ
ମଧୁ ପିଇବାର ଅଧୁଆଳୀ ଯେ । ୫ ।
ଗୋପାଳ କୃଷ୍ଣଙ୍କୁ ସେ ବନମାଳୀ
ଭୃଷନ୍ତ ଜାଣି ହେଉଛୁ ବାଉଳ ହେ । ୬ ।

## ରାଗ ନାଦନାମକ୍ରୟା—ମିଶ୍ରରୂପ ତାଳ

( ଧୀର ସମୀରେ ବସି ଡାକୁଛି ତୋନାରେ—ବୃତ୍ତି )

କଣ ଜୁହାର ମାଗୁଛି       ମୁଁ ବଂଶୀ ତୋତେ
ହରକଣ୍ଠେ କହ ମୋ ଦଶା ଭରତେ । ପଦ ।
କୃଷ୍ଣ ମୁଖାର ବନ୍ଧ       ସମୀର ମକରନ୍ଦ
ରସିକା ତୁ ଅନୁଗ୍ରହ କର ମୋତେ । ୧ ।
ଅଧରା ରୁଣ ମଣି       ସଜନର ଶୁଦ୍ଧଣୀ
ଚନ୍ଦାବ୍ରଜର ଦୁର ଦୁଃଖ ଜଣା ଯେତେ । ୨ ।
ତ୍ରୈଲୋକ୍ୟ ନିରୁପମ       ବ୍ରଜ ବନିତା ପ୍ରେମ
ଜାନ୍ତଲେ ଶ୍ରୀ ପ୍ରତାପରୁଦ୍ର ସନ୍ତତେ । ୩ ।

—*—

# ଦୋଳି ଗୀତ

ଶ୍ରୀ ନନ୍ଦ ସୁନ୍ଦରୀ ବନ ପଥକୁ ଚାହିଁ
ଭାଳନ୍ତି ଅପରାହ୍ଣ କାଳେ ସିଂହଦ୍ୱାରେ ରହି । ୧ ।
କେତେବେଳକୁ ମୋ କୃଷ୍ଣଚନ୍ଦ୍ର ଆସିବ
କୋଳରେ ବସିଲେ ଦେଖିବ ମୋର ଦୁଃଖେ ଯିବ । ୨ ।
ଗଲାବେଳୁ ବାବୁ ବନେ ଗୋରୁ ଚରାଇ
ଢଗ ଆକାଶ ଲୋକ ମୋତେ କେହିଦଣ୍ଡୁ ନାହିଁ । ୩ ।
ପାପିନୀ ମୋ ଗର୍ଭେ କାହିଁପାଇଁ ଜନ୍ମିଲୁ
ଦଣ୍ଡେ ନରହିଲୁ ସଦନେ ବନେ ଘର କଲୁ । ୪ ।
ଏ ଗ୍ରୀଷମ କାଳେ କ୍ଷୁଧା ତୃଷା ଆକୁଳେ
ଗୋରୁ ଚରାଉଥିବୁ ବସି କେଉଁତରୁତଳେ । ୫ ।
ନବ ନବନୀତ ଠାରୁ ଦେହ କୋମଳ
ଏ ଖରାଲାଗି ବହୁଥିବ କେତେ ଶ୍ରମଜଳ । ୬ ।
ଦୁଖିର ଜୀବନ ଦରିଦ୍ରର ସମ୍ବଳ
ବେଳ ଗଡ଼ିଗଲା ନଇଲା ମୋର ବନମାଳୀ । ୭ ।
କ୍ଷଣେ ଅଲଗା ନୋହୁ କ୍ଷଣେ ହୃଦରୁ
ପଠାଉ ବନକୁ ନିତ ମୁଁ ନାହିଁ କରୁ କରୁ । ୮ ।
ବଳ ତେଜଉଥିବ କ୍ଷୁଧା ବଶେ ଉଦର
କେଉଁ ସଜନୀ ତା ଦେଖିଲେ ଧରିବ ଶରୀର । ୯ ।
ମୁଁ ଭୋଳକଲେତ ସ୍ତନ ପାନକୁ ମନ
ସଖା ହସିବେ ବୋଲି ପିନା କନ୍ଥୁବରଜନ । ୧୦ ।
ଫାଟି ଯାଉ ନାହିଁ ମୋ ପାମରୀର ଛାତି
ପଠାଇ ଦେଉଛି ବନକୁ ସଜକରି ନିତି । ୧୧ ।
ଆରେ ଗୋକୁଳ ନୃପତି କୁଳ ପ୍ରଦୀପ
ଧନଜନ ଦୁଃଖ ପାଇଲୁ କଲି ମୁଁ ପାପ । ୧୨ ।
କେତେ କୋଟି ଜନ୍ମେ କେତେ ତପସ୍ୟା କରି
ନଲଭି ଇଭଲି ହେବାକୁ ପଣ୍ଟ ଏତେ ସରି । ୧୩ ।

ମକର କୁଣ୍ଡଳ ତୋ ଶିଖଣ୍ଡ ମୁକୁଟ
ଅଳକା ବଳର ସୁଷମା ତୋ ଲଲାଟ ପଟ । ୧୪ ।
ନାସା ବସଣିର ନୂଆଁ ଶିଆ ମୁକୁତା
ନୂଚ ଯାଉ ତୋ କପାଳର ଗୋରଚନା ଚିତା । ୧୫ ।
ନୂପୁରର ମଣି ଛଟି ତନୁ ସୁନ୍ଦର
କୋଟିଏ ବ୍ରହ୍ମାଣ୍ଡ ନନର ମୁକୁଟାଳଙ୍କାର । ୧୬ ।
ଧେନୁ ପଛେ ବୁଲୁ ବଥାଇଲେ ପ୍ରପଦ
କେତେଠାରେ ବସୁଥିବଟି ମୋ କେଶ ସମ୍ପଦ । ୧୭ ।
ଟଳଟଳ ଧେନୁ ଧୂଳି ପଡ଼ିଥିବ ଅଙ୍ଗରେ
ଝାଡ଼ିଦେବ କୋଳେ ବସାଇ ମୋର ପଣନ୍ତରେ । ୧୮ ।
ତୋ କଣ୍ଠେ ଗୁଞ୍ଜାଂସ ପଲ୍ଲବର ସୁଷମା
କେତେ ବେଳକୁ ଦେଖିବିରେ ଗୋପସ୍ତ ଚନ୍ଦମା । ୧୯ ।
ଆକୁ ବନପଥେ ବଂଶୀ ସ୍ୱନ ଶୁଭିଲା
ସେ ସୁଖ ବଦ୍ରନା ନୟନେ ଲୁହ ପୁରିଗଲା । ୨୦ ।
ଚଣ୍ଡିକର ବରେ ନବ ପ୍ରସୂତି ଧେନୁ
ପଗ୍ରସ୍ତେ ଚଳିଲେ ଜନମା ଷୀର ସ୍ରବୁ ସ୍ତନୁ । ୨୧ ।
ବଂଶୀଧ୍ୱନୀ ଲକ୍ଷ୍ୟ ବନ ସ୍ତ୍ରଜ ସଙ୍ଗରେ
ବିଲୋକିଲେ ରାଣୀ ଗୋପାଳ ସୁତ ମଣ୍ଡଳରେ । ୨୨ ।
ଗୋକୁଳ କୁଳଜା ରାଜପଥେ ମିଳିଲେ
ଆଲିଙ୍ଗିଲେ ବୃଷ ଭାନୁଜା ଅଙ୍କାଳ ମଣ୍ଡିଲେ । ୨୩ ।
ନନ୍ଦ ମିଳନ ଶ୍ରୀରାଧା ଗୋବିନ୍ଦଙ୍କର
ନଥିବ ତିନ ଭୁବନରେ ଆହା ଚମତ୍କାର ।୨୪।
ଯଶୋଦା କୁଣିକ ପିୟୂଷର ସେଚନ
ଧାଇଁକେତନ ଜନ ହୋଇଲେ ପରମ ପ୍ରସନ୍ନ । ୨୫ ।
ନନ୍ଦୀ ପାଣି ପ୍ରସାରୁ ଆସି ମୋହନ
କୁହାରୁ କୋଳ କରି ଶିରେ ବହିଲେ ଚୁମ୍ବନ । ୨୬ ।
ବନ୍ଧେ ମିଳି କଢାଇଲେ ସ୍ନାନ ଅଶନ
ହର୍ଷେ ଗୋପାଳକୃଷ୍ଣ କଲେ ବୃମର ସେବନ । ୨୭ ।

—*—

## ରାଗ ଖମାଚ—ଆଦତାଳ

( ଭଜମନ ହରପ୍ରାଣ ପ୍ରେୟସୀ ଶ୍ରୀମତୀଙ୍କି—ବୃତେ )

ଭାବି ଭାବି ଦିନ ଗଣି କାଳ କଟାଇଲି
କେବଳ ହେଲେ ଶ୍ରୀ ପଦାବ୍ଜ ପ୍ରାନ୍ତ ନ ଦେଖିଲି ୦ ।
ଗୋକୁଳାଚଳ ଚନ୍ଦ୍ରମା ଅଙ୍କେ ବସିବା ସୁଷମା
ଆଲୋକନ ସଂକଳ୍ପ ଆଜକୁ ନ ପୂରିଲା । ୧ ।
ପ୍ରିୟ ସଙ୍ଗେ ପରିହାସ ଆହା ସେ ବାଣୀ ପୀୟୂଷ
କଣ ହେଲେ ଶ୍ରବଣରେ ଅବର ନପଡ଼ିଲା । ୨ ।
ଶ୍ରୀ ବ୍ରଜେନ୍ଦ୍ର ପ୍ରାଣପ୍ରିୟା ଗାନ ଦର୍ପାର୍ଦ୍ର ହେଲା
କେଳିଆଶା ସନ୍ତତରେ ସ୍ୱାମିନୀ ବଡ଼ିଲା । ୩ ।
ଶ୍ରୀ ଲଳିତା ଦକ୍ଷିଣରେ ରୂପ ମଞ୍ଜରୀ ସମ୍ମୁଖରେ
ଥିବ ମୋତେ ଗୃହର ସେବା ତ ନ ମିଳିଲା । ୪
ବଂଶୀ ଦଶନରେ ତୃଣ ହୋଇଥିଲି ସେ ଶରଣ
ହେବାକୁ କଙ୍କଣ ଗୋପୀ କୃଷ୍ଣ ଜନ୍ମିଲା । ୫ ।

—*—

## ସ୍ୱାଭୀଷ୍ଟ ଲାଲସା—ରାଗ ରାମକେରୀ

( କଳାକଳେବର କାହ୍ନାଇ ବୃତ୍ତେ )

ଶ୍ରୀ ଗୁରୁଦତ୍ତ ତନୁ ଏବେ ହୋଇ ଯାଆନ୍ତା ମୋର
ଯାଇ ପୁଣି ଉଭା ହୁଅନ୍ତା ପାଶେ ଶ୍ରୀ ସରସୀର । ୧ ।
ସାଷ୍ଟାଙ୍ଗ ପ୍ରଣାମ କରୁ ମୁଁ ହୃଷ୍ଟ ହୋଇ ସଘନ
ପୁଲକ ହୋଇ ବହନ୍ତା ଯେ ନେତ୍ରାନନ୍ଦାଶ୍ରୁଧାର । ୨ ।
ସରସୀ ଆରଣ୍ୟ ତଟଲୋକ ପ୍ରତି ବୃକ୍ଷ ବଲ୍ଲୀଙ୍କି
ଓଳଗି ଆଶ୍ଲେଷ କରନ୍ତା ସାଦରେ ନାମଗାଇ । ୩ ।
ହା ବୃନ୍ଦାବନ ଧରଣୀରେ ସୂକ୍ଷ୍ମ ସିକତା ଉପେ
ଯୁଗଳାଙ୍ଘ୍ରୀ ଚିହ୍ନ ଅବଲୋକ ଲୋଟନ୍ତା ପ୍ରଥମରେ । ୪ ।

ମାଧବୀ ବଲ୍ଲରୀ ବେଷ୍ଟିତ ଶ୍ରୀ କେଶର କୁଞ୍ଜରେ
ନାନା ରତ୍ନମଣି ଜଟିତ ଚିତ୍ର ମଣ୍ଡପ ପରେ । ୫ ।
ଆଳୀ ମଞ୍ଜରୀ ବେଢ଼ାଇଣ ପରିବାର ବେଷ୍ଟିତ
ଦିବ୍ୟାସନରେ ଗୋ ସ୍ୱାମିନି ପ୍ରାଣନାଥ ସହିତ । ୬ ।
ବରଲୀଳ ପରମ ଅଦ୍ଭୁତ ଚିଦାନନ୍ଦ ସ୍ୱରୂପ
ପଡ଼ି ରହନ୍ତି ପଦାବ୍ଜତଳେ ଲଭି ସୁଖ ଅମାପ । ୭ ।
ସମସ୍ତଙ୍କ ଦୃଷ୍ଟି ପଡ଼ନ୍ତେ ଦୁଅନ୍ତି ଏକାଥରେ
ଆସ ବୋଲି ଆଜ୍ଞା ଦିଅନ୍ତେ ସ୍ୱାମିନୀ ଶ୍ରୀମୁଖରେ । ୮ ।
ଶୀଘ୍ରେ ଠାରୁ ରୂପ ମଞ୍ଜରୀ ଡାକନ୍ତେ ଯେ ପାଶକୁ
ଯାଇ ଶ୍ରୀରୂପରେ ରହନ୍ତି ସ୍ୱାମୀର ଲଳିତାଙ୍କୁ । ୯ ।
ଶ୍ରୀ କିଶୋରୀ ମଣି ପକାଇ ଦୟା ଦୃଷ୍ଟି ମୋ ପରେ
ଭଙ୍ଗୀ ଦିଅନ୍ତେ ରୂପପୂର୍ବ ମଞ୍ଜରୀ ମୋ ହାତରେ । ୧୦ ।
ହସି ଶ୍ରୀ ବ୍ରଜେନ୍ଦ୍ର ଭାଷନ୍ତେ ପୂର୍ବପରି ଏ ମୁହିଁ
କାହାକୁ ଗୁହିଁଲେ ଦେବୁକ ତୋ ସ୍ୱାମିନଙ୍କି କହ । ୧୧ ।
ଧଣ୍ଡୁ ନଥିଲୁ ଉପହାର ଧରି ନ ଆସୁ ଆଜ
ସବୁ ଦିନେ ପଦସେବାକୁ ଆଗ ହୋଇ ଯେ ଥାଉ । ୧୨ ।
ଶୁଣି ମୋ ନୟନୁ ବହିବ ଲୁହ ନକହି କଥା
ଶ୍ରୀପଦାବ୍ଜକୁ ମୁଁ ଅନାଇ ରହିଁ ପୋତିବି ମଥା । ୧୩ ।
ହା ପ୍ରାଣେଶ୍ୱରୀ ପ୍ରାଣନାଥ ଆଘ୍ରାଣ ପୁଷ୍ପ କର
ଆସିବ ମଥାରେ ମୋହର ଯାନ୍ତି ଲାଗେ କୁଠାରୁ । ୧୪ ।
ଦୟାକୁ କଟାକ୍ଷମଣି ଯେ ବୋଧକରନ୍ତେ ମୋତେ
ଚରଣେ ଶ୍ରୀକର ସ୍ମରଣୀ ଗାବବନ୍ଧୁ ପ୍ରତେ । ୧୫ ।

---

## ରାଗ ଆନନ୍ଦ ଭୈରବୀ—ଆଦିତାଳ

ଦେଖି ସଖି କୁଳକୁ ଟେକି କରାଞ୍ଜଳି ।
କାଳଶ୍ୟାମ ପ୍ରୀତିକ ଗାବନ ସଂଗୀନ । ପଦ ।
କରିଥିଲି ମୁଁ ଯେତେକ ବାର ବୃନ୍ଦାବଳୀ

ହେଲଣି ତା ଯାକ ପଦତଳେ ନଖସ୍ଥଳ । ୧ ।
କୋଟି ଜନ୍ମାନ୍ତର ପୁଣ୍ୟଫଳ ଗଲୁ ମିଳ
ମୁଁ ଯୋଗିନୀ ଜାଣ ଅଳୀ ସେ ମୋହର ଆଳୀ । ୨ ।
ମୋ ହୃଦର ନବ ମୃଗମଦ ପତ୍ରାବଳୀ
ମତ୍ତ ମଧୁକର ସେ ମୁଁ କାନନ ନଳିନୀ । ୩ ।
ସୁଗୁଣ ସୁନ୍ଦର ପୁଣ ଯାଦ ଭଳ ଭଳ
ନାମ ଜପୁଥିବ ଏକୋଟିଶ ଜପମାଳ । ୪ ।
ଅଖିଳ ସୌନ୍ଦର୍ଯ୍ୟବନ୍ତ ମଣ୍ଡଳର ମାଳ
ଭଣନ୍ତୁଅ ବୋଲନ୍ତୁ ଶ୍ରୀ ଲଳିତା ଏ ପାଳ । ୫ ।
ସୁଭ୍ରଷ୍ଟ କାନନୁ ବାହୁଡା ବଂଶୀ ଧାଳକୀ
ବୋଲେ ଗୋପାଳ କୃଷ୍ଣ ଭ୍ରମର ତାଳ ତାଳା ୬ ।

—*—

## ରାଗ ଆନନ୍ଦ ଭୈରବୀ—ମିଶ୍ର ରୂପତାଳ

( ମୋହନଙ୍କୁ ଦୃଷ୍ଟେ—ବୃନ୍ଦେ )

ମୂର୍ଚ୍ଛିବା ପଦାର୍ଥ କି ସେ ଗୋଷ୍ଠଚନ୍ଦ୍ରମା ସଖିରେ ।
ଅଟେ ଦେଖ ମୁହିଁ ଅଜ ନିକୁଞ୍ଜ ସେଜରେ ।
ନଭଙ୍ଗ ନିଦ୍ରା ରୁହିଁଲ ତନୁ ସୁଷମା । ୧ ।
ପୁରନ୍ଦରମଣି ଦର୍ପଣରୁ ଚିକ୍କଣ
ଭୂଷଣର ଭୂଷା ମୋ ନେତ୍ର ପ୍ରତିମା । ୨ ।
ମୃଗମଦ ନୀଳୋତ୍ପଳ ଚାରୁ ପରିମଳ
ସରସ ଶିଖିଷ୍ଟ ସୁମନ ସୁଗନ୍ଧିମା । ୩ ।
କାନନ ବାହୁଡା ବେଣୁ ରସାଲସ୍ୟ ଶେଷ
ମଦନ ମୁଖ ପ୍ରାନ୍ତର ସୁମଧୁରିମା । ୪ ।
ଗୋପାଳକୃଷ୍ଣ କହଇ ସ୍ୱାମିମା ଏଣିକ
ନ ଦେଖିଲେ ସିନା ଦ୍ରଷ୍ଟବ୍ୟର ଗରିମା । ୫ ।

—*—

## ରାଗ—ଶଙ୍କରା ଭରଣ (ରୂପକ ତାଳ)

(ପୋଡ଼୍ ପର ଅନୁରାଗ—ବୃନ୍ଦେ)

ଜଗବନ୍ଧୁ ଦୟାଳୁ । ଆଉ ମନ କାହିଁ ପାଇଁ ଶଙ୍କୁରେ ।
ରହ ଉଦ୍ଧରିବେ ଏ ଜଂଜାଳୁରେ । ପଦ
ଅନୁ ପାଧି କୃପାକର ମହିମାବ୍ଧି
ନୀଳାଚଳ ସୁଧାକର
ନିଖିଳ ପ୍ରାଣିହିତକାଂକ୍ଷୀ ତୋ ପ୍ରତି କଦନ
କି ତାଙ୍କୁ ଘୋର । ୧
ପତିବାଦ ନେଶ ସ୍ୱରୂପେ ଅର୍ପି କି
କରୁଣା ନ ଥାଏ ପ୍ରପନ୍ନେ
ଧ୍ରୁବଙ୍କି କାମ ହରଖାଉଛି ସମ
ଅଧୀଶ୍ୱ ଭକ୍ତ ଜନେ । ୨
ଦାମୋଦର ଚଲେ ନମାରୁ ଯା ଦେଲେ
ଶୁଣିଛ ଥିବ ପୁରାଣେ
ବୃଥା ହୋଇବନି ଜଣାଇ ଦାଉଛୁ
ପ୍ରଣାମ କରି ଚରଣେ ୩
କୃପାକୁ ପଣକେ କାଳକୁ ପିଆଇ
ଦେଇଥିଲା ବିଷ କଣ
ଦୋଷ ଘେନ କହ ଦଣ୍ଡିବେ ଜନନୀ
ଗଣରେ ଦେଲେ ଗତି କି । ୪
ନ ପ୍ରମୂନ ଗୋପୀ ସଙ୍ଗୀ ପିତୃଙ୍କର
ଶତ୍ରୁଷଣ୍ଡ ଆତ୍ମ ମୋକ୍ଷ ।
କରୁଛି ଯା ନାମ ମାନବେ କେ ପ୍ରଭୁ
ହୋଇ ଅନନ୍ତ ପ୍ରତ୍ୟକ୍ଷ । ୫
କାରଣ ବର ପରିତ୍ରାଣ ଘୋଷଣ ଦୃଷ୍ଟାନ୍ତ
ଭରି ପଠାଇ
ଜାହାକୁ ପାଇଛି ନ କର ସ୍ମରଣ
ଦୁଃଖ ଦେଉ କାହିଁ ପାଇଁ । ୬

ଦ୍ୟୁତ ସଭାତଳେ ଡାକିବାର ବେଳେ
ସାହା ଦେଲେ ଦ୍ରୌପଦୀଙ୍କି
ଆଜ ତାହା ଶୁଣି ବୋଲି ମୁଁ କହୁଣି
କହୁ ଅଛନ୍ତି ସେ ଡାକ । ୭

ଭକ୍ତ ବନ୍ଧୁ ପଣ ଭାରତ ଯୁଦ୍ଧରେ
ଯୁଦ୍ଧଠାରେ ଦେଖାଇଲେ
ନିୟମ ଲଂଘି ରଥରୁ ଡେଇଁ
ରଥ ଚରଣ ଧରି ଧାଇଁଲେ । ୮

ଶରଣ ପଶି ବିଭୀଷଣ ଆସିଛି
ବୋଲି କହୁ ଶ୍ରୀରାମରେ
ଦେଲେନି ଡେରେ ଦେଇଲେ ତାକୁ ଲଂକା
ପଦବୀ ଭ୍ରୂ ଲୀଳାରେ । ୯

ବଧ୍ୟ ପଦମୁଖ ବୋଲି ହନୁମାନ
କଲରୁ ଅନୁମୋଦନ
କ୍ଷମା କରିବେ ଭକ୍ତିଜନ୍ତୁ ପ୍ରଭୁଙ୍କ
ଏପରି ଜାଣିବ ମନ । ୧୦

ଧ୍ରୁବ ମନୋରଥ ପୂର୍ଣ୍ଣ କରିବାର
ପ୍ରତ୍ୟକ୍ଷରେ ତ ଦେଖୁଛି
ଚରଣ ପ୍ରହର ଗଂଜରେ ପଥର
ପଥର ନାଗ ତରୁଛି । ୧୧

ପ୍ରହର ଅର୍ଚ୍ଚକେ ଧୂଳି ହେଲେ ଭକ୍ତ
କରିଷି ରାକ୍ଷସ ମେଳୁ
ସେ ପ୍ରହଲ୍ଲାଦଙ୍କ ରୂପଦ ଠାକୁର
ନ ଭୁଲିଲ ତୋ ଖେଳକୁ । ୧୨

ଭଜନ କୀର୍ତ୍ତନ ଆତ୍ମ ସମର୍ପଣ
ଦାସ୍ୟ ସଖ୍ୟାଭିବାଦନ
ସ୍ମରଣ ପୂଜା ଶ୍ରବଣ ନବରତ୍ନ
କୃଷ୍ଣ କରିଛନ୍ତି ଦାନ । ୧୩

ଉମା ଶୁକବନ୍ଦି — ହନୂମାନାର୍ଜ୍ଜୁନ
ଅକ୍ରୂର ଦୈତ୍ୟ ତନୁଜ
ପୃଥୁ ପରୀକ୍ଷିତ — ହୋଇ ଅଲଙ୍କୃତ
ଲଭିଛନ୍ତି ପଦକଂଜ
ବୋଲିବୁ ମୁଁ ଦୀନ — ଭଜନ ସାଧନ
ନ ଜାଣଇ ଜନମରୁ
ଅଜାମିଳ — ଯାମଳାର୍ଜ୍ଜୁନ କି
ତପ କରିଥିଲେ କି ପୂର୍ବରୁ ? ୧୫
ଯା ଗୁଣାର୍ଣ୍ଣବରୁ — କି ହୁଏ ବର୍ଣ୍ଣିଲେ
ଶେଷରେ ନ ହେବ ଶେଷ
କି କହିବ ତାହା — ଗୋପାଳକୃଷ୍ଣ ତ
ନୁହଁଇ କାଷ୍ଠ ସଦୃଶ । ୧୬

—*—

## ରାଗ କେଦାର—ତାଳ ଝିପଟା

କି ପାଶୋରି ହେଲ କାହ୍ନିଁକରେ ରହିଲି
ଶ୍ରୀକିଶୋରୀ କୁଂଜ ବିହାରିଙ୍କି
ପରମ ଧାମରେ ସମନ ଥିଲି ଯେ
ହେମ ମରକତ ମାଧୁରୀକ । ପଦ
ରମା ସମାନ ସୁଷମା ବ୍ରଜ ରାମା—
ଉତ୍ତ ମାଙ୍ଗ ମାଳା କୃଷ୍ଣ ଶ୍ୟାନ୍ ଜେମା
ଗୋଷ୍ଠ ଚନ୍ଦ୍ରମା ବାମା ନେତ୍ର ତ୍ରଭମା
କାମାଭି ରାମ ବଂଶୀ ଧାରିଙ୍କି । ୧
ଦାଣ୍ଡି ବୃତ୍ତ ଶିର ମାଳ ଉପୁରାଣ
ଢେଙ୍କେ ପ୍ରଚଳାକ ଚୂଳ ବିଭୂଷଣେ
ତରଳ ତର ଈକ୍ଷଣ ବିଶୋଚଣ
ହା ହା ରୋମାଞ୍ଚ ତନ୍ ଶିରକ । ୨

ହା ରାସ ରସ ତାଣ୍ଡବ ସୁପଣ୍ଡିତା
ହା ସାତ୍ତ୍ୱକାବଳି ରତନ ମଣ୍ଡିତା
ହା ମାର୍ତ୍ତଣ୍ଡ ଜାଗରା—ରଣ୍ୟା ଖଣ୍ଡନ
ଋରୁ ନେହାଞ୍ଚଳ ଋଭୁଷା କି । ୩

ଅଧୋନ୍ନତ କୁତ—ଦୃଷ୍ଟି ଚନ୍ଦ୍ରାନନ
ଲଜ ହର୍ଷ ହାସ ସୁନର୍ମ ବଚନ
ପରସ୍ପରେ ପ୍ରେମ ସୁଧାବ୍ଧି ମଜ୍ଜନ
ଜଳାଧର ଯୁବା ଜମ୍ଭାରିଙ୍କି । ୪

ଦେଖି ଦୂରରୁ କେ ପାରୁଛି ସିବାର
ଥର ଥରକେ ପଛକୁ ଘୂଞ୍ଚି ବାର
ପ୍ରିୟ ଲାଗି ହେଲେ ଅବଲମ୍ବିବାର
ହସିଲା ହୋଇ ସହଚରୀଙ୍କି । ୫

କୁସୁମ ମେଜରେ ବ୍ରଜ ଯୁବରାଜ
କୁଂଜ ଦ୍ୱାରକୁ ରାଧାଙ୍କୁ କରିସଜ
ଭେଟି କରିବାର ଆହା ଆଲୀବ୍ରଜ
ନ ଚେତ ଅଳିଂକ ସେ ପାଶକ । ୬

ଗୋପାଳ କୃଷ୍ଣ ମାନ ସେ ନିରନ୍ତର
ଶଙ୍କି ବ୍ୟାକୁଳେ କପାଳେ ମାରିକର
ହା କି ଦୂର ଦୁଷ୍ଟ ହେଲ ଏତେ ଦୂର
ବୋଲି ନେତ୍ରୁ ଚେଜଇ ବାରିକ । ୭

## ରାଗ ଝଙ୍ଖୋଟୀ । ଏକତାଳ

ବାଜନ ବାଜନ ରେ । ଗୁଣ ମଞ୍ଜୁମା ହେଲେନ ମା
ନେଷ୍ଟୁଛନ୍ତି କଳନ୍ଦଜ । ଖର ପୁଲକମ୍ପ ଅବମାରେ । ପଦ
ସୁନ୍ଦର ସୁନ୍ଦର ହସି । ଜାଣତୋ ସୁଷ୍ମମା ଶ୍ରୀ କଣୋଷ୍ଟ
ଗାଉଥିଲେ ଗୀତ କର । ଧର ସାଣା ପ୍ରାଣ ସଂଗିମାରେ । ୧
ପ୍ରସାର କର ସାଷ୍ଟକ । ବସାଇ ଧୀରେ ତୋ ସ୍ୱାମିନାକ
ଡାକ ଆସିବେ ଏଣିକ । ବୋଲୁ ନେସ ଅନ ଅନ ମାରେ । ୨
ଆସୁଥିବୁ ପଶ୍ଚ ବୋଲ । ଘଡ଼ ଘଡ଼ିକ ନବ ଛଇଲ
ତୋଳ ସଘନେ ଭ୍ରୂବଲ୍ଲୀ । ଗୁନ୍ଥୁଥିଲେ ଚନ୍ଦ୍ର ବଦନରେ । ୩
ଶ୍ୟାମ କରିବାର ଦୋଷ । ସନ୍ଧି ମୋହର ହେଲାଗୋ ଆସ
ହୁଅ କ ନନ୍ଦୁଅ ବେଶ । ବ୍ରଜ ଯୋଷ୍ୟ ଶିର ମଣ୍ଡ୍ରମାରେ । ୪
ନଖରୁ ଶିଖ ପର୍ଯ୍ୟନ୍ତେ । ଆଳୀ ସାଜିଲେ ବେଶ ଭରତେ
ଗୋପାଳକୃଷ୍ଣ ପୁରତେ । ଦେନଗଲ ଲୁଚବର୍ତ୍ତିମାରେ । ୫

## ରାଗ ସେହାନା ଏକତାଳ

ମୋ ମନରୁ ଯାଉ ନାହିଁ ରେ ସଙ୍ଗାତ !
ବ୍ରଜେନ୍ଦ୍ର ବୋଲବେ ଜାଣଇ ତମାଳ
ଭ୍ରମରେ ଦେଖି ଅନାଇଲେ ରେ । ୧
କରନ୍ଧ ମୁକୁଟ ଖଞ୍ଜଣି ଗୃଭୁସ୍ତ
ଷବେକ ଫେଲ୍ଲ ହଜାଇ ରେ । ୨
ରନ୍ଧ୍ର ରନ୍ଧ୍ର ଡୋଳା ଢାଳି ଦେଇ ସ୍ତ୍ରୁତି
ଓଟେ ଦେବାର ଥଜାଇ ରେ । ୩
ଗେନ୍ଦ୍ରେନ୍ଦ୍ର—ପୂଜ୍ୟ ପୁଞ୍ଜ ଅନୁଭବକୁ
ଅଛନ୍ତି କାହାର ପାଇଁ ରେ । ୪
ପୁଷ୍ପକାଟୀ ଶିଳା ଦେହରଣ କଥା
ଗୋପାଳ କୃଷ୍ଣ କହଇ ରେ । ୫

—*—

## ରୂପ କଲ୍ୟାଣ—ରୂପକ ତାଳ

( ରାତି ପାହିଗଲା ହେ ଶ୍ୟାମ—ବୃତ୍ତରେ )

ଏତେ ଭାଗ୍ୟ ମୋର ହେବକି ?
ହେବି ବୃନ୍ଦାବନେ ଶ୍ରୀଶ୍ରୀ ସେବକା
ଶ୍ରୀ ଗୁରୁଦତ୍ତ ବୀଜମନ୍ତ୍ର କଳସ
କଳସ ବଲ୍ଲୀରେ ପ୍ରେମ ଫଳ ଫଳିବ କି ? । ପଦ ।
ଶ୍ରୀ ସ୍ୱାମିଜୀଙ୍କର ଯାବତ
ଅଷ୍ଟକାଳ ସେବା ସନ୍ତତ
ଶ୍ରୀରୂପ ମଞ୍ଜରୀ ଆଜ୍ଞା ଶିରେ ଧରି
କରିବ ମନୋରଥ ପୂରିବ କି ?
ବ୍ରଜରାଜ କୁଳ ଚନ୍ଦ୍ରମା    ଦୋଷ କରିବା ପାଇଁ କ୍ଷମା
ଲଳିତାଙ୍କ ପଦାବ୍ଜେ ଖଡ଼ି ଜଣାଇବା ଶୁଭଦଶା ସମ୍ଭବିବ କି ?
ଗୋଷ୍ଠେଶ୍ୱରୀ କୋଳରେ ମରି    ବଧୂ ସୁଖେ ଲାଳନା କରି
ସ୍ନେହେ ଅଶ୍ରୁ ପୋଛୁ ସ୍ନେହଶ୍ୱରୀଙ୍କ ଲଜ୍ଜା ନମ୍ରମୁଖ ବଧୂ ଦେଖାଇବ କି ?
ରାସର ସାମ୍ଭାବ୍ଧି ବଧୂ    ଅଙ୍କରେ ଜଟିଳାଙ୍କ ବଧୂ
ରଜେ କରିବାର ଦେଖି ମୋ ଆଖିର ସୁଖ ଅକୂପାର ଉଚ୍ଛୁଳିବ କି ?
ହୃଦେ ଧରି ସେ ଦୁଇ ରୂପ    ଶ୍ରୀ ମଞ୍ଜରୀ ସଖୀ କଳାପ
ବୋଲେ ଗୋପାଳକୃଷ୍ଣ ମୁଖେ ଶ୍ରୀରାଧାକୃଷ୍ଣ ବୋଲି ଶାବ ବରଜିବ କି

## ରାଗ ଧନାଶ୍ରୀ ମିଶ୍ରରୂପ ତାଳ

( ମୋହନ ଶ୍ୟାମ ଚାହାଁ ପଡ଼ିଲା—ବୃତ୍ତେ )

କେ କି କହି କି ବଗଡ଼ାଇଲା ରେ
ମୋହନଙ୍କୁ ମଞ୍ଚରେ ଗଡ଼ାଇଲାରେ । ପଦ ।
ପ୍ରଥମ କରି ଆଜ    ବ୍ରଜରାଜ ତନୁଜ
ନେତ୍ରରୁ ନୀର ନିଗିଡ଼ାଇଲା ରେ । ୧
ତୋଳିଗି ରବିକନ୍ୟା—    ଶୀର କୁସୁମ ବନ୍ୟା
ନିକୁଞ୍ଜ ଯାକ କେତେ ଲୋଡ଼ାଇଲାରେ । ୨

ଝୁଲୁଁ ଚମ୍ପକ ବଲ୍ଲୀ ସଜନୀ ଭୁଲି ବୋଲି
ଶ୍ୟାମ ଶ୍ରୀଭୁଜରେ ତ ଭିଡ଼ାଇଲା ରେ । ୩
ପଡ଼ିଲା କେଡ଼େ ଦଣ୍ଡ ନବ ଶିଖି ଶିଖଣ୍ଡ
ମୁକୁଟ ମଥାରୁ ଛଡ଼ାଇଲାରେ । ୪
ଅଇଲ ସେ ସମୟ ହେଜ ମୁଁ କଣ
ପାଇଁ ସୁବଳଙ୍କୁ ଦଉଡ଼ାଇଲାରେ । ୫
ଗୋପାଳକୃଷ୍ଣ ଭଣି ଶ୍ରୀମତୀଙ୍କି ସେକ୍ଷଣି
ଭେଟାଇ ଶ୍ୟାମ ଦୁଃଖ ଛଡ଼ାଇଲା ରେ । ୬

—*—

## ରାଗ ପରଜ—ମିଶ୍ର ରୂପ ତାଳ

( ସଙ୍ଗ ଯିବନି ଲୋଡ଼ ଲୋଡ଼ ସେ ମୋତେ—ବୃନ୍ଦେ )

ରଙ୍ଗି ଯାଇଛି ରୁଷା ରୁଷିଟା 'ନିରତ ସନ୍ଧି ପ୍ରୀତିରେ । ପଦ
ଭୁ ବ୍ରଜବଧୂ ଯେମନ୍ତ ରୂପବତୀ ରୂପବନ୍ତ
ବୁଡ଼ିଛନ୍ତି ପ୍ରେମ ସୁଧା ସିନ୍ଧୁରେ ।
କ୍ଷଣେ ହୋଇବକ ରଙ୍ଗି ପଡ଼ିଲେ ମୁହାଁ ମୁହିଁ
ବଳେ ମିଶିଯିବ ସ୍ମୃତିରେ । ୧
ତୃଷାପ୍ସୁ ଜନ ନଥିଲା କାଳରେ ଜାଣୁ ଛିଲା
ଯାହା ଅନୁଭବ ସୁପାତ୍ରରେ,
ସ୍ତୁଷ୍ଟ ହୋଇଗଲେ ମନେ ଗାୟନେ ଅବାସ୍ତପନେ
ଲୋଟୁ ଦିନ ସରିବ କି କ୍ଷଣରେ । ୨
କଥା କେତେବେଳେ ଯାଇ ନ କହିବ ନ ଅନାଇଁ
ଏକା ଏକ ହୋଇଲେ ଲାଗରେ,
କେତେଗୋଟି ଗାଢ଼ାଲିଙ୍ଗନ କେତେଗୋଟି ସରୁ ଚୁମ୍ବନ
ସରିଯିବ ହରଷ ଝଟକରେ । ୩
ଗଡ଼ା ଗଛ ବନ ବାଟେ ଜଗା ଜଗି ଜଳ ଘାଟେ
ହେଲେ ଲୁଚି ନ ଦେଖିଲେ ପ୍ରାଣେ,

ଅସଜା ହେଉଥିବତ ଗୋପାଳ କୃଷ୍ଣ ଭଣିତ
ଘାରି ହୋଇ ଶଂକର ଅନ୍ତରେ । ୪

—*—

## ରାଗ ନାଟ  କୁରଙ୍ଗୀ ରୂପକ ତାଳ

ସଖି ଏହିଟି ପଶୁପୀ ଲମ୍ପଟିଆ
ବରହି ବରହ ମୁକୁଟିଆ । ୦ ।
ନୂତନ ବାରିବାହ ପରିହସୁଅଛି ଦେହ
ଅନା କଳନ୍ଦ ସୁତା ତନଯୁ । ୧ ।
ବ୍ରଜଶିଶୁଙ୍କ ସଙ୍ଗେ ବଂଶିବଜାଇ ରଙ୍ଗେ
ନାଚି ଆସୁଛି ପୀତ ଧଟିଆ । ୨
ନାସିକା ମୋତିବର ଝଶୁଛି କି ସୁନ୍ଦର
ରତ୍ନ ମେଖଳା କ୍ଷୁଦ୍ର ଘଣ୍ଟିଆ । ୩ ।
ଗୋରଚନା ତିଳକ ହଜାଉଛି ବଦେକ
ସୁରୁଚିର ଚନ୍ଦନ ପାଟିଆ । ୪ ।
ଅନା ଗୋ କି ମାଧୁର୍ଯ୍ୟ ଶ୍ରୀ ମୁଖେ ଭ୍ରମବାରି
କୁଟିଳ ଅଳକ ଲଲାଟିଆ । ୫ ।
ଆହା କୁଣ୍ଡଳ ପ୍ରଭା ଗଣ୍ଡସ୍ଥଳରେ ଶୋଭା
ପତିବ୍ରତା ଚିତ୍ତ ଉଚାଟିଆ । ୬ ।
ଗଇରିକ ରଞ୍ଜିତ ବନ୍ୟସ୍ରଜ ଆବୃତ
ହୃଦ ମାଳମଣି କବାଟିଆ । ୭ ।
ପିନ୍ଧିଛି ସେ ବେଶନ୍ତେ ଫୁଲ ଜାନୁ ପର୍ଯ୍ୟନ୍ତେ
ଲମ୍ବାଇ ଦେଇ କୁଞ୍ଜ କୁଟିଆ । ୮ ।
ହୋଇବାର ତ୍ରିଭଙ୍ଗ ଛନ୍ଦି ଚରଣ ଯୁଗ
ଅନା ଅତୁଳ ତୁଳା କୁଟିଆ ।୯ ।
ଭୃଙ୍ଗି ପରସରକୁ ତାଳ ତାଳ ଡୋଳାକୁ
ଲୁହୁଁଛି କେତେ ନଟ କୁଟିଆ । ୧୦ ।

ନୂଆ ମଦନ ମୂର୍ତ୍ତି ନାଗର ଚକ୍ରବର୍ତ୍ତୀ
ଲଳନା ମନ ଧନ ଲୁଟିଆ । ୧୧ ।
କେ ବଧି ଗଲ ବଙ୍କ ମଥୁରା ପଥେ ଲୁକ
ଦାନ ଘେନିବା ନଟ ଘଟିଆ । ୧୨ ।
ପଡ଼ପଣେ କଟେ ଗୋରୀ ତୋତେ ଦୁଃଅନ୍ତା ସତ
ନ କଲ ବନ୍ଧୁ ଅସଲ କ୍ଷିଆ । ୧୩ ।
ଲେଖାଇ ସଖୀ ହାତେ ରଖିଛୁ ଯା ଗୁପତେ
ସଜନ ରେ ସେ ଶଢ ପଟିଆ । ୧୪ ।
ନବ ମାଧମଞ୍ଜରୀ କଣ୍ଠେ ଉତଂସ କର
ହେଉଛୁ ଧେନୁ ପଛ ପଟିଆ । ୧୫ ।
ଗୋପାଳକୃଷ୍ଣ ଭଣେ ରାଧା ବୋଲନ୍ତ କ୍ଷଣେ
ହସିଲେ ଦେଖନ୍ତ ଏକୁଟିଆ । ୧୬ ।

—*—

## ବନମାଳି ଗୀତ

( ଏଗୀତଟିର ବିଶେଷ ଏହି ଯେ ଶ୍ରୀକୃଷ୍ଣଙ୍କ ବନ୍ଦନ ପରେ ଶ୍ରୀରାଧା ହର୍ଷୋତ୍ ଫୁଲିତ ହୋଇ ନିଜ ମନୋଭାବକୁ କିଂଚିତ୍ ପ୍ରକାଶ କରୁଛନ୍ତି )

### ରାଗ—ଭାଟିଆରି

ପଥ ଛାଡ଼ ଦେ ମୁଁ ଯିବ ଫୁଲ ତୋଳି ଯେ । ବନମାଳୀ ।
ସ୍ନାନ କରିଛୁ ପୂଜିବ କର ମାଳି ଯେ । ପଦ
ବୃନ୍ଦାବନେ ପୁଷ୍ପ ତୋଳୁ ରଂଗେ ।
ଗୋଷ୍ଠ ସୁଧାକର ରାଧା ଆଗେ ।
ମିଳନ୍ତେ ଅନାଇ ଚମକି ଭାଷନ୍ତ
ଛିନ୍ନ ହୋଇମନ ଉଦବେଗରେ ଯେ । ୧
ଘୁଞ୍ଚିବାକୁ ଆଖି ଠାରି ଠାରି...
ନୁହଁଇଟି ମୁଁ ସେ ଚନ୍ଦ୍ରାବଳି

ବରଜ ଦାଣ୍ଡରେ ବଜାର ବସାଇ
ବଇଶୀ ହାତରେ ନମସ୍ତ ଚାଳ ଯେ । ୨
ବନ ମଧ୍ୟେ ଏକ କଉତୁକ···,
ଯା ଯା ବାଟେ ବାଟେ ଯିବା ଲୋକ
ଯେ ତୋ ସଙ୍ଗତେ ଗୁଜିଲ ଦେଉଥିବ
ତା ଆଗେ ହୁଅଇ ଭଂଗିଯାକ । ୩
ମୁରଲୀ ଛୁଆଁଇ ଦେଲ ଲବେ···,
ପୁଲକ ପୂରିଗଲା ଶ୍ରୀ ଅଂଗେ
ଥର ଅପସର ଆଣିଦେଇ ବାଣୀ
ଖପନ୍ତ ଲାଗନାହିଁ ମୋ ସଂଗେ ଯେ । ୪
ବାଳକ ବୁଦ୍ଧି ତ ଗୁଡ଼ି ନାହିଁ···,
ଛୁଇଁ ଦେଲୁ ସବ କହୁ କହୁ
ବଳ ଯାଉଛି ନା ଉପଦ୍ରବ ଯାକ
ଯାଉ ବୋଲୁ ଯିବା ସହୁ ସହୁ ଯେ । ୫
ନୁହଁଇ ମୁଁ ତୋ ଟାପରାଭଳ···
ରଧ ଯା ଘରେ ଯେ ଗୃତୁସୀ ଆଳ
ନିକଟେ ଅଛନ୍ତି ଲଳତା ଜାଣିଲେ
ମୁଖକୁ ନଚାହିଁ ଦେବେ ଗାଳି ଯେ । ୬
ପିଠାକୁ ଡର ଖୁଆଇ ଡ଼ାକ···
ନ ପାରିବାରୁ ମୁଁ ସଜମା କ
ନିର୍ମଳକୁଳ ପଣ୍ଡି ବ୍ରତା ବରତ
ନାମ କରୁଛୁ ଏ ଧରମ କ ଯେ ।୭
ହୋଇବାରୁ ଲାଗ ଲାଗ ହରି···
ଲୀଳା କମଳ ଶ୍ରୀହସ୍ତେ ଧରି
ମାରି ହସିଲା ହୋଇ ଧୀରେ ବୋଲନ୍ତି
ପଳାଅ ଅଇଲା ସହଚରୀ ଯେ । ୮
ଯାଅ ହୁଅନା ମୋ ଚାଷ ପାଷ··
ନାଶ କରି ଦେଲୁ ସୁମନଶ

ହାତକୁ ହାତ ବଜାଇ ଦେଇ ପୁଣି ବୋଲୁଛୁ
ଆହ୍ଲବ କାହାର ଦୋଷ ସେ । ୯
ଛୁଡ଼ି ଗଲା ଲୀଳା ଅରବିଂନ୍ଦ···
ଏହିକ୍ଷଣି ଆସି ଆଳିବୃନ୍ଦ
ପଚାରିଲେ ତାଙ୍କୁ କଉଳ କହିବ···
ହସୁଅଛୁ ପୁଣି ମଂଦ ମଦଂ ସେ । ୧୦
ଓଗାଳୁ ସରଣୀ ଗଲେ ଯେଣେ
ଚରମ ବାସ ଉଷ୍ଟାନ୍ତୁ ତେଣେ
ପଚାରିବ କି ତୋ ଜନନୀ କି ଯାଇ
ଏଣଣ୍ଟା ଯାକ ସେ ଗୋଷ୍ଠାଙ୍ଗଣୀ ସେ । ୧୧
ପରାଣ ମଦନ ରୂପୋଧଣ୍ଟା··
ନବାଞ୍ଜନ ପୁଞ୍ଜ ପରିକାନ୍ତି
କୁଂଜବନ ଯାକ ଦେବତା ବୋଲୁଛି
ଏହା ଦେଖି ପରୀ କହୁଥାନ୍ତି ଯେ । ୧୨
ନାରୀ—ମନ—ଧନ ହରିବାର···
ଖଣ୍ଡ କୂଳ ଗୁରୁଭୂ ନାଗର
ରୂପଗୁଣ ବଂଶୀ ଆକୃତି ପ୍ରକୃତି
ଘଟାଇ ଦେଇଛି କେଦବନ୍ଧ ଯେ । ୧୩
ଆହା ମୁଖରା ଆସନ୍ତା ହେଲେ··
ପଳାଇ ଯାଆନ୍ତି ଘରଗଲେ
ଆଜ ଏ ବରଜ ବନନ ଆସିବ
ନାହିଁ ମୋ ଦେହରେ ପ୍ରାଣ ଥିଲେ ସେ । ୧୪
ହେଲି କାଲଧୂଳୀ ଖେଳବାର
ଝାଲେ ଢଣେ ତନୁ ଜରର
ଚୂର୍ଣ୍ଣ କୁନ୍ତଳ ମୁଖକୁ ପଡ଼ୁଥିଲା··
ତଣ୍ଟିକ ପଛରେ ଧାଇଁବାର ସେ । ୧୫
ଦର ବିଚଳିତ ବାଲ୍ୟାବସ୍ଥା···
ଏତେ ବେଗି କାହିଁ ଏତେ କଥା

ପର ରମଣୀକୁ ଦେଖିଲେ ଦୂରରୁ···
ଲଇଁ ଯାଉ ଥାନ୍ତା ପିନା ମଥା ଯେ । ୧୬
ପଡ୍ନୀ ଶ୍ରଦ୍ଧା ଥିଲେ ବ୍ରଜେଶ୍ୱରଙ୍କ···
ଆଗେ କହ ଦେବେ ବନ୍ଧାକର
ପର ପରମଦା ପରେ ଆଶାକଲେ···
ମନୁଷିଙ୍କ କେତେ ଶଦ୍ଧ ସର ଯେ । ୧୭
ଜନ୍ମ ଜନ୍ମାନ୍ତରେ ତପ କରି···
ପତ୍ତି ପାଇଥିଲେ ଏହ୍ନପରି
ହାତ ପଛଆଡେ ଲୁହ ପୋଛୁ ପୋଛୁ
ବନ ନେବ ପିନା ମନମାରି ଯେ । ୧୮

ଜମୁନା ତଟରୁ ନାଗରୀଙ୍କର···
ଲଟବାସ ସବୁ ଚୋରି ପାର
ଗୋପରେ ଆଜକୁ ବାଜୁଛି ଘୋଷଣା···
ଅଣ୍ଣ ନାହିଁ ଲାଜ ଥରକର ଯେ । ୧୯

ଏହୁ ବନ୍ଦୁ ଏତେ ଉଚ୍ଛୃଙ୍ଖଳ···
ଆହୁରି ଅଦ୍ଭୁତ କାଳବେଳ
ଯଉବନ ଲବ ଛୁଇଁଛନ୍ତି ନାହିଁ···
ବ୍ରଜ ହୋଇଗଲା କୋଳାହଳ ଯେ । ୨୦
ବ୍ରଜବଧୂ ଗଲେ ଦହ୍ନ ବକ···
ଯମୁନାରେ ବାହ୍ନ ତରଣୀକ
ସ୍ରୋତ ମଧେ ନାବ ରଖି ତାଙ୍କୁ
କଲା ଉଦାସୀ ଧରଣୀ ଧରିବଙ୍କ ଯେ । ୨୧
-ସଖୀମାନେ କହୁଥିଲେ ଯାହା···
ଅନୁଭବ ଆଜ କଲା ତାହା
ଶ୍ରୀ ଗୋଷ୍ଟେଶ୍ୱରୀଙ୍କ ଗର୍ଭରୁ ସମ୍ଭୂତ
ହୋଇବାକୁ ଏକା ଥିଲା ଏହା ଯେ । ୨୨
ଗୋପ ଜାତରେ ବଭ ହୋଉଂଶ··
ବଇଁଶି ବଜାଇ କେ ନଟବେଶ

ହୋଇ ନାଚଥିଲା ବିଶ୍ୱକ ବନ୍ଧିଲା···
କରିବାକୁ ସାଧ୍ୱୀବ୍ରତ ଧ୍ୱଂସ ଯେ । ୨୩
ଯାହାକୁ ସନ୍ତତେ ଡ଼ରୁଥିଲି···
ତା ଆଗେ ଏକାକୀ ପଡ଼ିଗଲି
କାହାକୁ ଡାକିବି କାନନ ମଧ୍ୟରେ
କେହିନାହିଁ ଜାତି ହରାଇଲି ଯେ । ୨୪
ଘରକୁ ଗଲେ ସେ ବଣାଖାକୁ···
ଫଗୁଣର ପିନା କାନନକୁ
ଫୁଲ ତୋଳିଯିବ ବୋଲି ଡାକିଆଣି
କରାଇଲା ଇଏ ଷଡ଼ଯନ୍ତ୍ରକୁ ଯେ । ୨୫
ଗୃହ ପତି ଜନନୀ ଜଟିଳା···
ଗରଳୁ କଳତା ବାଣୀଜ୍ୱାଳା
ଏପରି ଥିଲାର ଡାକିଲେ କାଟିବ···
କଟାଳ କୁଠାରେ ମୋର ଗଳା ଯେ । ୨୬
ଗଭସ୍ତି ତୀର୍ଥକୁ ଚନ୍ଦ୍ରାବଳୀ···
ଗଲି ପୂଜି ସାରିବନ କାଳୀ
ମନ କାମନା ପୂରାଇଲ ସେପିନା
ଯାର ଲୋଡ଼ ଥିଲେ ତାର ଆଳି ଯେ । ୨୭
ପାଶେ ଥିଲି କେବଳ ଆର୍ଯ୍ୟଗଣ···
କାହିଁ ଥାଇଟି ଏ ଧୂର୍ତପଣ
ଦଶ ଅଂଗୁଳୀକୁ ଅନାଇଁ ରହିଲି—
ପରବଶୁ ଥାଇ ଆଚରଣ ସେ । ୨୮
ଗୋପେନ୍ଦ୍ର ନନ୍ଦନ ଅଲୌକିକ···
ସୁନ୍ଦର ପଣ ସୁଗୁଣ ଯାକ ।
ଛାରପର ବଧୂ ପରସଂଗରଙ୍ଗ
ଆଶାରେ ନବୁଡ଼ା ଏତେ ଠେକ ଯେ । ୨୯ ।
କେ ଦେଖିଲେ ପ୍ରୀତି ଥିଲାପରି···
ଏବେ ପଡ଼ିଯିବ କୁଟିଳ ହରି

ପାଟକ ଜାଡ଼ ମୋ ଶୀଖଣ୍ଡ ମୁକୁଟ···
କୁଳରୁ ଦେବେ ମୋ କଣ୍ଠାଳ ଜଣ ଯେ । ୩୦ ।
ନାଗର ହଣ୍ଟ ନକର ବୃଥା···
ଲୁଚବ ନାହିଁଟି ଏ ସବଥା
ବଦନେ ବାସ ଦେଇ ଲୋକେ ହସିବେ
କାଳକୁ ବୋଲ ରହିବଟି କଥା ଯେ । ୩୧ ।
ଏହି ଯଣିଟି ଆର୍ତ୍ତିରେ ଧାଇଁ···
ସଖା ଏ ଆପଣା ନାମଦେଇ ।
ଡାକ ଡ଼ାକ ଏହିପଥେ ମଲେ ମୁହିଁ
ଥାଉଛୁ ଏଠାରେ ଆସ ଯାଇଁ ଯେ । ୩୨ ।
ଗିର ଗୋପାଳଙ୍କୁ ଗିରିଧର···
ଉଦ୍ଧରିଛ କେତେ ଉପକାରୀ ।
ପଣ୍ଡେ ପ୍ରସାର ମାଗୁଛି ମୁଁ ଏତେ···
ଆଉ ହୁଅ ଥରେ ଦୟା କର ଯେ । ୩୩ ।
ରତ୍ନ ହାସ ପରିହାସ ଯାକ···
ନିକଟେ ଶୁଭୁଛି ଲୋକ ଡାକ ।
ସୁହାର କରୁଛି ରହି ନପାରଇ
ହୃଦ ହେଉଛି ମୋ ଦକ ଦକ ଯେ । ୩୪ ।
ନିଶ୍ଚେ ଆସିବ ଶପଥ ମୋର···
ଏହି ପଥରେ ନାଗର ବର ।
ଯାହା ବୋଇଲେ ମୁଁ ନିୟମ କରୁଛି
ଅବଶ୍ୟ କରିବ ଅଙ୍ଗୀକାର ଯେ । ୩୫ ।
ଫିଟିଗଲା ମୋ କବରୀ ଭାର···
ଝାଳେ ପୂରିଲାଣି କଳେବର ।
କାହା ମୁଖ ଗୁହିଁ ଆସିଥିଲି ଆଜ
ପଡ଼ିଗଲି ଏତେ ହାରବର ଯେ । ୩୬ ।
କି ଶବ୍ଦ ହେଲେଟି ଅଳଆଳ···
ଏଡ଼କ ଦ୍ୱୋଳକୁ ପାଶେ ମିଳ ।

କରବାବଳୀ ମୋ ବିବେକ ହରିଲେ
ଆହା କେଉଁ ଅଡ଼େ ଗଲେ ଆଳି ଯେ । ୩୭ ।
ହସି ବ୍ରଜବଧୂ ମଧୁକର···
ନକର କର ଶ୍ରୀକରଭର ।
ଘଷିଲେ ହୃଦେ ଲଗାଇ କି କାହ୍ନବ
ପରିଜନେ ଅବଧାନ କରଯେ । ୩୮ ।
ନକ୍ଷତ୍ର ମାଳା ହୃଦରୁ ଫେଇ···
ମୋହନ ଶ୍ରୀରାଧା କଣ୍ଠେ ଦେଇ ।
ବିନୟ ହୋଇ ଘଷିଲେ ହେ ମିଷ୍ଟ ମିଷ୍ଟ
ବାଣୀ ସକମ୍ପ ତନୁ କହି ଯେ । ୩୯ ।
ବଲ୍ଲୀ ଉହାଡରେ ସଖୀ ବୃନ୍ଦ
ରହି ଶୁଣୁଥିଲେ ସେ କଳହ ।
ଶ୍ରୀକୃଷ୍ଣ ଶ୍ରୀମତି ମିଳନ ବିଲୋକି
ସୁଖରେ ପାଶୋରି ଦେଲେ ଦେହ ଯେ । ୪୦ ।
ଶ୍ରୀକୁଣ୍ଡ ସେତୁ ନିକୁଞ୍ଜ ସେ ଯେ··
ଶ୍ରୀରାଧା ମାଧବ କଲେ ବିଜେ ।
ସୁପ୍ତ ବ୍ୟଞ୍ଜନ ଧରି ଗୋପାଳ କୃଷ୍ଣ ପଞ୍ଚ ନାୟକ
ପଦାବ୍ଜେ ଭଜେ ଯେ-ବନମାଳୀ । ୪୧ ।

—*—



## ରାଗ ମାୟା ମାଳବ ଗୌଡ଼ା—ମିଶ୍ର ରୂପତାଳ

ବରଜ ଶିଖି ସଙ୍ଗ ଯିବଟି ସର ରେ
ଝାପରି ନୂହଇ ଟି କଟଣାଖ ରେ । ପଦ ।
ଶ୍ୟାମଠାରୁ ଆସି        କ କହୁଛୁ ବାର୍ତ୍ତା
ଶୁଣି ନେନେ ରହୁ ନାହିଁ ବାରରେ । ୧ ।
କେ ତାକୁ ତୋଟର        ଅଛୁ ଗୋପ ନାଙ୍କ
ନପାରିଲୁ ଏତିକ ବର୍ଣ୍ଣି ରେ । ୨ ।
ନଳିନୀ ଦଳରେ        ଏକା ନିକୁଞ୍ଜରେ
ଶୁଆଇଲୁ ତୋତେ ‹କ ସରରେ । ୩ ।
ହାତଧରି କେତେ        ଜଣାଇଲି ତୋତେ
ନ ଦେଲ ହସାଇଲୁ ବଇସୀରେ ରେ । ୪ ।
ଘାରି ହୋଇଲ ନ        ତୋ ହୃଦ ସଜନୀ
ହସିବାକୁ ଅଛୁ କଆଁଉର ରେ । ୫ ।
ଏକା ବୋଲେ ଉଠ        କରନା ଗୋ ମଠ
ମାଗୁଛି ମୁଁ ପଣନ୍ତ ପ୍ରସାର ରେ । ୬ ।
ଲୁହଁ ପଟେ ସଜ        ହେ ସ୍ୱାମିନ ଆଜ
କୋଲେ ଗୋପାଳକୃଷ୍ଣ ଜୁହାରରେ । ୭ ।

—*—

## ରାଗ ସୌରାଷ୍ଟ୍ର —ମିଶ୍ରରୂପତାଳ

( ମଦନ ମୋହନ ନାଟେନ୍ଦ୍ର ଦନ୍ତ ମଲ୍ଲଙ୍କ ଚେଜ ପ୍ରଭୂ-କୁଡେ )
ବ୍ରଜେନ୍ଦ୍ର କୁମାର

ତରଣୀ ତନୟା ତରଣୀରେ ଆଜ କଲ କେତେ ହରବର । ପଦ ।
ପାରି କରି ଦେବ ବୋଲି ସେ ପାରିକ ହାତ ଧରି ନେଇ ଗଲ
ତରୀରେ ବସାଇ ଆଗାଧ ବାରିରେ କ୍ଷେପଣି ବସାଇ ଦେଲ ।୧ ।
ଶ୍ରୀ କିଶୋର ଶଶୀ କରେଧରି ବଂଶୀ ଅଳପ ଅଳପ ହସି
ସେ ଛାନ୍ତରେ ରହି ଦେଲ ମା ଝୁଲାଇ ଗଲା ଗଲା ବୋଲି ଭାଷି ।୨।

ଦ୍ୱୀପ ନିକଟରେ କଣ୍ଠ ଦଗ୍ନମାରେ ନଉକା ଥକାଇ ଦେଲ
ଜଣ ଜଣକୁ କାଖିଆଇ ପହଁର ଏପାଖିରେ ଗୁଡ଼ ଦେଲ । ୩ ।
ଆଣ୍ଟୁ ମୁଖେ ମୁଖ ଲଗାଇ ଦଅଇ ଅନାୟୁତ୍ତ ହେଲ ପର ।
ନିତମ୍ୱରେ ହାତ ଦଅଇ ଊର୍ଦ୍ଧ୍ୱକୁ ଟେକିଲ ପଗ୍ୱାଏ କରି । ୪ ।
ଗୋପାଳକୃଷ୍ଣ କହଇ ଭୁଲି ହୁଅ ସେଠାରେ ଗଲ ସେ କଥା
ବ୍ରଜସାକ ସ୍ଫୁଟ ହୋଇଯିବ ଏବେ ଲଜେ ନୁଆଁଇବ ମଥା । ୫ ।

—*—

## ରାଗଖରହର ପ୍ରିୟା—ମିଶ୍ର ରୂପ ତାଳ

ମୁହିଁ । ମୁହିଁ କିଶୋର          ଚନ୍ଦ୍ରମାଙ୍କର ମୋର
ଆଜ ଯମୁନାଘାଟରେ ହୋଇ ଗଲିମା । ୦ ।
ବେଳା ଶିଳାରେ ବସି          ହେଳାରେ ତନୁ ଦସି
ହେଉ ଥିଲ ବସ୍ତୁସୀ ଠାରି ଦେଲ ମା । ୧ ।
ଉଠୁ ମୁଁ ଝଟକରି          ଆଳୀ ଆପଟ କରି
ପ୍ରଭୁ ପ୍ରଣୀକ ଯାକ ଥଇଲ ମା । ୨ ।
ଫିଟି ଚରମେ କେଶ          ଲୋଟୁଥିଲ ଗୋ ବାସ
ଥିବା ଠାରେ ସତନରେ ନଥିଲ ମା । ୩ ।
ଆଉରି ରହ ବୋଲି          ସେକାଳେ ଭୁରୁ ବଳି
ଭୁଞ୍ଜି ଭୁହୁଁ ମୋ ଜ୍ଞାନ ହଜିଲ ମା । ୪ ।
ପଥରକୁ ଆସୁ ସେ          ପଥ ମୋତେ ନ ଦିଶେ
ଘାଟରେ ବୁଡ଼ ଆଳୀ କହିଦେଲ ମା । ୫ ।
ବୁଡ଼ିଗଲି ଆଜିଟିଏ          କାଳନ୍ଦୀ ମାରେ ମାରେ
ଗୋପାଳକୃଷ୍ଣ ବାଟ କଢ଼ାଇଲ ମା । ୬ ।

## ସ୍ୱାଭିଷ୍ଟ ଲାଳସା

ରାଗ ମାଳବ ଗୌଡ଼ା—ମିଶ୍ର ଝମ୍ପ

ଶୁଣାଯିବ କି ସେ ଶ୍ରୀମୁଖରୁ ବାଣୀ ଶ୍ରବଣେ ମୋହର । ୦ ।
ନବନୀତ ମୃଦୁ ପୀୟୂଷରୁ ସ୍ୱାଦୁ
ଗୋଷ୍ଠ ଚନ୍ଦ୍ରମା ମୋହନ ମନ୍ତ୍ରର । ୧ ।
ବନ ଲେଉଟାଣି ବଂଶୀସ୍ୱନ ଶୁଣି
ଅଗଣାରେ ଆଳୀଙ୍କି ଡାକିବାର । ୨ ।
ମୋହନ ଶ୍ରୀ ହସ୍ତ ଚିଟାଉ ଏକାନ୍ତ
ସ୍ଥଳେ ରହି ହସି ପାଠ କଲାର । ୩ ।
ସଖୀ ପକ୍ଷେ ଥାଇ ବଦନ ନୂଆଇଁ
ବ୍ରଜ ବଧୂଙ୍କ ଦେଲାର ଉତ୍ତର । ୪ ।
ପଦାବ୍ଜ ସେବାକୁ ଗୋପାଳକୃଷ୍ଣଙ୍କୁ
ଆସ ବୋଲିବାର ସ୍ୱାମିନୀଙ୍କର । ୫ ।

—*—

## ରାଗ ମୋହନା—ରୂପକତାଳ

ମୋ ଜୀବର ଜୀବନ
କାହିଁକି ଆଜ ସଜ ସରସିଜ ମୁଖ କରିଛନ୍ତି ମ୍ଳାନ ମିଁଡଣିରେ !
ଲେଉଟାଇ ଗୋଧନ
ଆସୁ ସଦନକୁ ସବୁଦିନ ପରି ଶୁଭନାହିଁ ବଂଶୀସ୍ୱନ । ୧ ।
ଆରାଧି ବ କର୍ତ୍ତନ
ଅସିଲ୍ଲ ବେଳେ ହସି ହସି ଯାଚି ଦେଇ ଅଇଲ ଚୁମ୍ବନ । ୨ ।
ଚମ୍ପି ସନ୍ଧ ପ୍ରସୂନ
କର୍ଣ୍ଣରେ ମୋର କରି ଅବତଂସ ଚାଲିଗଲେନି ବନ୍ଧନ । ୩ ।
ମୋଆନଟି ମୁଁ ମାନ
କରିନାହିଁ ଚନ୍ଦ୍ରାବଳୀ ମନେ ଭାବିଥିବ ପରାଟି ଗୁମାନ । ୪ ।

ଭେକ ବୃନ୍ଦବଚନ

ଗୋବର୍ଦ୍ଧନ ମଥୁରକୁ ଯିବାକଥା କଲେ କି ଅନୁସନ୍ଧାନ । ୫ ।

ଗୋପାଳ କୃଷ୍ଣ ବଚନ

ପୌର୍ଣ୍ଣମାସୀ ଆସି ତା ଯାକ କହେତ୍ୟ କଲେ କତ ସମାଧାନ । ୬ ।

—*—

## ରାଗ ନାଟନାମ କିମ୍ବା—ଏକତାଳ

( ଗଳାଣିତ ଗଳ୍ପ କଥା—ବୃତ୍ତେ )

ମହାଭାବ ରୂପ ଭାବରେ ମାନସ ।

ଯାହା ସଂଗେ ଶ୍ରୁତି ରସ ରହିଛନ୍ତି ସଦା ବନ୍ଧ ଅବସ୍ଥାରେ ।
ସନକ ସନନ୍ଦନ ସନତ୍କୁମାର ସନତ୍‌ବସି ରହସ୍ୟରେ ।
ବ୍ରହ୍ମାନନ୍ଦ ମୁଖ ବରଜ ମଜ୍ଜିଲେ ଯା ଲୀଳା ରସକଥାରେ । ୧
ଯା ସୁଷମା ଗୁଣ ଶୁଣି ଗୀତ କରି ଗାଉ ନାରଦ ବୀଣାରେ
କଳେବର ପୁଷ୍ଟ ହୋଇ ଉପଗୀତ ଛିନ୍ନ ହେଉଛି ଶ୍ରଦ୍ଧାରେ । ୨
ବ୍ରଜ ଜନଙ୍କର କୋଟିଏ ଜନ୍ମର ପୁଣ୍ୟ ବଟପିର ଫଳ
ନିକୁଞ୍ଜ ସେଜରେ ଭଜେ କରିବାର ବେଢ଼ିରେ ଆଳୀ ମଣ୍ଡଳ । ୩
ସ୍ୱାମିନୀ ଶରଣ ହେଲ ମୁଁ ବୋଲି ଯେ ବୋଲୁଛି ଥରେ ଜୁହାର
ବ୍ରଜେନ୍ଦ୍ର ଲକ୍ଷା ଲେଖିବା ପଦେ ସଦା ହୋଇ ରହୁଛି କିଂକର । ୪
ଗୋପେନ୍ଦ୍ର ନନ୍ଦନ ସେବା ସୌଭାଗ୍ୟ ଲୋଭିବାକୁ ଯଦି ଆଶା
ଗୋପାଳକୃଷ୍ଣ କହଇ ଶ୍ରୀରାଧିକା ପଦେ ରହି ଅହନିଶା । ୫

—*—

## ରାମ ମୋହନା—ତିସ୍ର ଜାତି ଏକତାଳ

( ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ ମାନସ—ବୃତ୍ତେ )

ରାଧା ଗୋବିନ୍ଦ ଭଜରେ, ମାନସ । ପଦ ।

ତେଜ କୂଟ କପଟ ଲୋଟ ଯମୁନା ତଟ

ଶ୍ରୀରାମ ସ୍ଥଳୀ ରଜରେ, ମାନସ । ୧

ଶ୍ୟେଶ୍ୱସ୍ୱକୁଣ୍ଡ ସ୍ନାନ କନେବସନ୍ତ କର

ହରି ଏଭଳ ରୁଚରେ, ମାନସ । ୨

ଗଳ ପଡ଼ଥିବାର ତଳେ ମୁକ୍ତା ହାର

ଗୋଟାଇ ଗୁନ୍ଥି ସ୍ରଜରେ, ମାନସ । ୩

ଦୋଳା ଲୀଳା କାଳରେ ଧରି ଡୋରି ସଧିରେ

ପଞ୍ଚାଇ ସୁଖେ ମଞ୍ଜରେ, ମାନସ । ୪

ରାସ ଅବସାନରେ କୁସୁମ ବ୍ୟଜନରେ

ରଙ୍ଗ ସଖୀ ସମାଜରେ, ମାନସ ।୫

ଗୋପାଳକୃଷ୍ଣ କଥା କରନାହିଁ ଅନ୍ୟଥା

ନିଭୃତ କୁଞ୍ଜ ସେଜରେ, ମାନସ । ୬

—*—

## ରାଗ ମୋହନା—ରୂପକ ତାଳ

( ଧରଣିର ଚମ୍ପାଝରେ—ବୃତ୍ତେ )

ସ୍ୱରେ ଦେଇ ବଂଧୁ ନୟାରେ

ରହ ଜଟେନ୍ଦ୍ର ସ୍ୱ ଚିତ୍ତ ହଜାରେ । ପଦ

ଗର୍ଭାଳସୀ ହଂସୀ ଗମନା

ପୂରିତନୁ କାମ କାମନା

ପୂର୍ଣ୍ଣି ହେବ ବୋଲି ସୁମନା

ଜଗିଛି ପଥ ମୃଣାଳ ଭୁଜା ରେ । ୧

କରେ ଗଣ୍ଡକର ଆଚ୍ଛନ୍ନ

ଧନ ବୁନ୍ଦହିଁରେ ଛନ୍ନ ଛନ୍ନ,

ଟେଙ୍କ ମୁଖ ମୃଗ ଲାଞ୍ଛନ
ମୋ ମନ କଷାଇ ଦଅ ଓଜାରେ । ୨
ସରଣି ନଖାଙ୍କି କରଜ
ଲୁଆଇଁ ବଦନ ନୀରଜ ।
ଦନ୍ତଧର ଭଣ୍ଡା କରଜ
ଅନା ଥରେ ହସି ବନାଲଙ୍କାରେ । ୩
ଭାଷ ଗିର ଆନ ଧରନା
ପର ବୋଲି ମୋତେ ଡରନା
କମାନା ତୁ ଶର୍ମ୍ମ ବରନା
ଲଭିଛି ତୋ ଭେଟ ହର ପୂଜାରେ । ୪
ଗୋପାଳକୃଷ୍ଣ ରେ ଦୂଷ୍ଟିକ
କହିବା ଶୁଣୁଛି ଶ୍ରୁତିକ
ଗଲେତ ନରହୁ କଡିକ
ଅସୂୟା କାଟିଁକ ଦୟା ମଙ୍କାରେ । ୫

—*—

## ରାଗବଳାହାର—ତାଳଏକିପୁଟ

ଜୟ ରାଧା କୃଷ୍ଣ ବୋଲ ଜୟ । ପଦ
ସ୍ୱାର୍ଥ କୃତ ଭକ୍ତିଯୋଦ । ନକର ହେଲୁ ଉନ୍ମାଦ
ନ କହ ଆଉ ପ୍ରମାଦ । ଏଣିକ ହୋଇ ନିବେଦ । ୧
ନିଭୃତ ନିକୁଂଜ ସେନେ । ବଜେ କରଛନ୍ତି ସେ ଯେ ।
ପାଶରେ ଆଳୀ ସମାଜେ । ମିଳବୁ ଶ୍ରୀମୁଖେ ପଦାମ୍ବୁଜେ । ୨
ଆହା ସେକ ଚମତ୍କାର । ପ୍ରହେଳୀ ପ୍ରଶ୍ନୋତ୍ତର
ଲୁହା ଲୁହି ହୋଇବାର । ହସି ହସି ଧୀର ଧୀର । ୩
ସ୍ୱାହା ବସାନେ କଟାକ୍ଷ । ପ୍ରିୟ ହୃଦେ ଅପସର
ଉଭା ହେବାର ମାଧୁର୍ଯ୍ୟ । ରୂପ ସୁନ୍ଦର ସୁନ୍ଦର । ୪
ବେଣୀ ପାଖରେ ଭ୍ରମର । ବ୍ୟଜନ ଧରି ସତ୍ୱର
ଆଳୀ ଚକାଉ ଥିବାର । ଭାବ ଭାବ ନିରନ୍ତର । ୫

ମଧୁ ପାନେ ମତ୍ତ ହୋଇ । ବର୍ଣ୍ଣିଲୁପ୍ତ ଗୀତ ଗାଇ
ଗଣ୍ଡ ପାଶେ ଗଣ୍ଡ ଦେଇ । ଭଜିବା ସ୍ତ୍ରୀ ମୁହିଁଥାଇ । ୬
ଆସି ଆସି ମଥା ପୋଡି । ହସ୍ତ ହେବାର ଝଟତି
ଲୁଟିବାର ଲଭ୍ୟ ଖ୍ୟାତି । ସେ ସୁଷମା ଚମ୍ପୁ ଚନ୍ତ୍ର । ୭
ଗୋପାଳ କୃଷ୍ଣ ଭଣିତ । ଯାଅନ୍ତୁ ମନ ସନ୍ତତ
ହୁଅ ସ୍ତ୍ରୀ ଲଳିତାଶ୍ରିତ । ପୂର୍ଣ୍ଣଚନ୍ଦ୍ର ଅଭିମତ । ୮

---

## ରାଗ ବଲାହାର । ଆଦିତାଳ

ଶ୍ୟାମ ଅପରାଧ୍ୟଙ୍କ ମୁଁ ସଙ୍ଗିନୀ । ପଦ ।

ଚନ୍ଦ୍ରାବଳୀଙ୍କ ଅଣୋଲୁ ସେ ଡାକ
ସେ ଯିନା ହୃଦର ବଳାସିଣୀ ମା । ୧ ।
ଗଲେ ଯିବ ଯେବଣେ ନସ୍ତୁଡ଼ିବ ଷଣେ
ଗଢେଣ ଥିବ ଦିନ ରଜନୀ । ୨ ।
ମୋର ଚକ୍ଷୁ ବଳ ଅଙ୍କନ୍ତ ଗୁଆଳୀ
ଯିବେ ତ କଲେ ମୁରଲୀଧ୍ୱନ । ୩ ।
ମଥା ମୋର ବ୍ୟଥା କହିନୁହେ କଥା
ତୋ କୁନ୍ଦ ମାଳା କୁ ନଅ ଦେନ । ୪ ।
କୁହଇ ଗୋପାଳ କୃଷ୍ଣ ସମ୍ପଟଳ
ପ୍ରୀତିର ଫଳତ ମିଳନ୍ତିନ । ୫ ।

*-*-*

## ରାଗ ଝିଂଜୋଟି । ରୂପକ ତାଳ

( ଭଜ ମାନସ ରାଧିକେଶ-ବୃନ୍ଦେ )

ରାଜେନ୍ଦ୍ର ମୁଖି ରାସେଶ୍ୱର ରାଧିକେମାଂ ପାହି ।
ଗୋକୁଳ କୁଳଜା ସାମନ୍ତମଣି ସୁରଗଣ ନଦୋହି । ୧ ।
ଦେବ କୃଷ୍ଣମୟି ହ୍ଲାଦିନ ସାଧ୍ୱୀଗଣ ବନ୍ଦ୍ୟେ
ଲକ୍ଷ୍ମୀ-ଲକ୍ଷ୍ମୀ-ଜୟିନି ମାର-ନନ୍ଦ୍ୟ ଭବ ଗାମ୍ଭୀର୍ଯ୍ୟେ । ୨ ।

ପଶୁପୀ ପ୍ରେମ ବସନ୍ତ ହେମ-ଗୌର ନବକିଶୋରୀ
କାଳିନ୍ଦୀ ତଟ କୁଞ୍ଜ-ଗୃହିଣୀ କାର୍ତ୍ତିକା କୁମାରୀ । ୩ ।
ମହାଭାବ ଚିନ୍ତାମଣି ଭାବିତ ଶ୍ରୀ ବିଗ୍ରହେ
କୃଷ୍ଣ ପ୍ରେମ ପୀୟୂଷପାର୍ଷି ସର୍ବସୁଗୁଣ ସଂଗ୍ରହେ । ୪ ।
ନିଜ ପରିଜନ ତାପ ଧ୍ୱଂସିନୀ ବଧୂ ସରସିଜ ସୌରଭେ
କନକାଚଳ ନିଳୟ ସରସ କେତକୀ ଦଳ ସନ୍ନିଭେ । ୫ ।
ଲାଜ ଲୋଚନ ବଂଶତି ଚିହ୍ନାନି ମୃଦୁ ପ୍ରପଦେ
ଗୋକୁଳେନ୍ଦ୍ର-ତନୟ-ପ୍ରାଣପ୍ରେୟସି ଶୁଭ ବରଦେ । ୬ ।
ଆଦାୟ ଗୋପାଳକୃଷ୍ଣ କବିଦ ସୁଶାନ୍ତି ଦର୍ଶନେ
ଯାରେ କଙ୍କଣ ମୀଣ୍ଟର କୁନ୍ତଳ ବାଂଛି ନନ୍ଦନେ । ୭ ।

—*—

## ନବାନୁରାଗ

କେଶର କୁଞ୍ଜ ଶେଜରେ । ବ୍ରଜେନ୍ଦ୍ର ବୃନ୍ଦାଙ୍କୁ ପୁଛନ୍ତି ଧୀରେ ।
ସହଚରୀରେ ! ରାଧା ବୋଲି କେ ବ୍ରଜରେ । ୧ ।
ଶୁଣିଲି ବେଣୁ ସେ ନାମ । ସୁଧାପାନ ପରି ଲାଗୁଛି ଭ୍ରମ
ସହଚରୀରେ ! ଫିଟାଇ କହ ମରମ । ୨ ।
ଚଉହଟକୁ ଅନାଇ । ବୃନ୍ଦା ମନ୍ଦ ମନ୍ଦ ହସିଲା ହୋଇ
କହିଆହୁସେ । ଅଙ୍ଗେ ପୁଲକ ପୂରାଇ । ୩ ।
ସେ ଶ୍ରୀ ବୃଷଭାନୁ ଜେମା । କିଶୋରୀ ଗୋଠ ନକ୍ଷତ୍ର ଚନ୍ଦ୍ରମା
ରସରାଜହେ ! ରମା ବନ୍ଦ୍ୟ ଯା ସୁଷମା । ୪ ।
ଜୀବ ଥିବା ଯାକ କହି । ବଷପୁ ବରଜ ବସିଲେ କହି
ରସରାଜହେ ! ଶୋଭା ଶେଷ ହେବ ନାହିଁ । ୫ ।
ଥାଉ ମାଧୁରୀର ଧୁରୀ । ତୁମ୍ଭେ ତା ପାଶେ ଥିଲେ ବଂଶୀଧାରୀ ।
ରସରାଜ ହେ । ଦିଶିବ ସୁନାଷ୍ଟା ପରି । ୬ ।
ଅମ୍ବା ବଳାମ୍ବା ଗୃହରେ । ତୋଷି ହେଉଥିବେ ବସି ସ୍ନେହରେ
ସହଚରୀ ରେ ! ଅଶନ କଲ୍ୟ କାଳରେ । ୭ ।

ଶ୍ୟାମସୁନ୍ଦରଙ୍କୁ ମୋର । ଏକା ରାଧିକା ଥିଲା ପଟାନ୍ତର
ବୋଲୁ ସଜନୀ । ନାମ ଶୁଣିଲି ତାହାର । ୮ ।
କୃଷ୍ଣ କହନ୍ତି ବୟସ । ଭାଷ କେତେ ହୋଇଥିବ ବରଷ
ସହଚରୀ ରେ ! ବୋଲୁ ବୃନ୍ଦା ହସ ହସ । ୯ ।
ହେ ନୂତନ ରଣ ରଣ । ଯୌବନ ଲକ୍ଷ୍ମୀତା ପାଦେ ଶରଣ ।
ରସ ରାଜ ହେ ! ହୋଇସାରିଲାଣି ଜାଣ । ୧୦ ।
ବୟସ ଏଗାର ବାର । ଭିତରେ ପରି ହେଉଛି ଗୋଚର
ରସରାଜ ହେ ! ସେ ସାଧ୍ୱୀ ଶିରୋମଣିର । ୧୧ ।
ବ୍ରଜବାସିଙ୍କ ନୟନ । ସମ୍ପତ୍ତି ସେ ଶ୍ରୀ କିଶୋରୀ ରତନ
ରସରାଜ ହେ ! ଅହା ଦିଶୁଛି ବଦନ । ୧୨ ।
ଛଡ଼ାଇ ହୃଦରୁ ମସୀ । ଗୋଟିଏ ହୋଇଲେ କୋଟିଏ ଶଶୀ
ରସରାଜ ହେ ! ତୁଷ ପରି ହିବ ଦିଶି । ୧୩ ।
ଦିନର ସୁନା ନଳିନ । ଯାମ୍ୟକୁ ଭାବିଲେ ଚିନ୍ତକୁ ମନ
ରସରାଜ ହେ ! ପଳାଇ ଯାଉଛି ସେନ । ୧୪ ।
ପରମାନନ୍ଦ ସ୍ୱରୂପିଣୀ । ଯୋଡ଼ିଛି ଯା କାନ୍ତି ଜଗତ ଶ୍ରେଣୀ
ରସରାଜ ହେ ! ସେ ସଦ୍‌ଗୁଣର ଖଣି । ୧୫ ।
ଦେହଲୀରେ ଟଳେଜ୍ୱଳ । ପଦାବ୍ଜ ଚନ୍ଦନ ଚୁମ୍ବୁଛି ଅଳି
ରସରାଜ ହେ ! ଅଙ୍ଗାମୋଦ ନୋହେ କଳି । ୧୬ ।
ଶ୍ରୀ ନଟିକାଳକାବଳୀ । କଳା ମେଘ ତଳେ ରହିଲା ଭଳି
ରସରାଜ ହେ ! ଦଶେ ଅଚଳ ବିଜୁଳି । ୧୭ ।

*-*-*

* ଭକ୍ତକବି ଗୋପାଳ କୃଷ୍ଣ ଭାଙ୍କର ଏହି ଅଖ୍ୟାତ କବିତାଟିକୁ ପୂର୍ଣ୍ଣାଙ୍ଗ କରି ପାରି ନାହାନ୍ତି ।

## ରାଗ ଧନାଶ୍ରୀ—ମିଶ୍ର ରୂପକାଳ

ମୋହନ ସ୍ମିତ ଚନ୍ଦ୍ରା ଉଦିଲା ମା ।୦
ଅପାର ରଜନୀ ହେଲାରେ ସଜନୀ
ପ୍ରାଚୀ ବଧୂକୁ ବଧୂ ଚୁମ୍ବିଲା ମା । ୧
କି ଯୋଗରେ ଆଜ ସାଜିଥିଲା ସଜ
କାନନ ମଲ୍ଲୀ ଦଶା ଘଟିଲା ମା । ୨
ଭୋଳିଦେ ଗୋ ଚନ୍ଦ୍ର ପୂରିଲା ସକଳୁ
ନିକୁଂଜ ସୌଖ୍ୟ ଭୋଗ ଅଣ୍ଟିଲି ମା । ୩
ପର ପୀରତିକ ପ୍ରଗୁଣ ଜାଣିକି
ପରତେ କଲାଫଳ ମିଳିଲା ମା । ୪
ଗୋପାଳ କୃଷ୍ଣ ସେ ସମୟରେ ସତେ
ଲୁଚିଛନ୍ତି ସବୁ ଶୁଭିଲା ମା । ୫

—*—

## ରାଗ ଝଂକଟି—ମିଶ୍ର ରୂପକାଳ

( ଝଗଡ଼ ମାସ ହେଲ ହେ ଶ୍ୟାମ ତୁମ୍ଭେ )

କାହିଁକି ଶ୍ୟାମ ମୂରତି ଗୋ
ସଦା ଦିଶୁଛି ମୋତେ ଦିନ ରାତି ଗୋ ।୦
ପଛୁ ଆସିଲା ପରି ହୁଏମତି
ଚାହିଁଲେ କେ ନ ଦିଶେ ଏକା ରାତି । ୧
ଆସି ଆଗେ ରହୁ ହେଟି କରଣି
ହୋଲୁ ମୋ ହୃଦେ ଲୁକୁଛି ଝଟତି । ୨
ଆଖି ବୁଜିଲେ କୁଂଜବନେ ନିତି
ସ୍ୱପ୍ନେ ବୁଲାଉଛି ଏ କି ବିପତ୍ତି । ୩
ଘରୁ ଅଗଣାକୁ ଯିବାକୁ ଯାନ୍ତି
ଲାଗି ଲାଜ ମୋତେ କହ କି ଗତି । ୪

କୃଷ୍ଣ କୃଷ୍ଣ ବୋଇଲାର ସ୍ୱରଣ
କାନରେ ପଡ଼ିଲେ ଥରୁଛି ଗୁଣ । ୫
ଗୋପାଳ କୃଷ୍ଣ ବୋଲଇ ବଢ଼ି ତ
କଣ୍ଠରୁ ଏପରି ହେଉଛି ସ୍ଫୂର୍ତ୍ତି ।

—*—

## ପୂର୍ବ—ଅନୁରାଗ

( ରାଧାଙ୍କର ସଖୀପ୍ରତି ଉକ୍ତି )

ଜଳ ଆଣି ଯାଇ କାଲି ଜଳଘ ସୁଠାକୁ
ଫଳ ପାଇଲି ଅନାଇରେ । ସଙ୍ଗାତ ।
କଦମ୍ବ ମୂଳକୁ ରେ । ସଙ୍ଗାତ ।୧
ପ୍ରତାପରୁଦ୍ର ଗଜପତି ନାରାୟଣଦେବ ଏକଦା ପାରଳାଖେମୁଣ୍ଡୀ ରାଜ୍ୟର ଶାସକ ଥିଲେ । ଏହିରାଜା ଯେଭଳି ସୁଶାସକ ସେହିଭଳି ଭକ୍ତି ପରାୟଣ । ବିଶାଳ ପାରଳା ରାଜ୍ୟର ଅଧିପତି ହୋଇ ମଧ ରାଧା କୃଷ୍ଣଙ୍କ ଶରଣ ପଞ୍ଜରରେ ଆଶ୍ରୟ ନେଇ ଦୈବିକ ଜୀବନ ଯାପନ କରୁଥିଲେ । ଧନ ଜୀବନାଦି ସମସ୍ତ ପ୍ରକାର ବିଭବକୁ ନଗଣ୍ୟ ମନେ କରି 'ରାଜଭକ୍ତ' ମହାରାଜା ସାଧୁ ସନ୍ଥ ସେବାରେ ସବୁବେଳେ ମଜ୍ଜି ରହୁଥିଲେ ଏବଂ ଭକ୍ତ କବି ଗୋପାଳ କୃଷ୍ଣଙ୍କୁ ରାଜ ସଭାରେ ବିଶିଷ୍ଟ ଆସନ ଦେଇଥିଲେ । ଗୁଣଗ୍ରାହୀ ମହାରାଜାଙ୍କ ଅଶେଷ ଗୁଣରେ ପ୍ରୀତ ହୋଇ ରାଜ ଭକ୍ତ ଗୋପାଳକୃଷ୍ଣ ଶ୍ରୀ ଶ୍ରୀକୃଷ୍ଣ କର୍ଣାମୃତରୁ ୧୭ଟି ଶ୍ଳୋକ ଉଦ୍ଧାର କରି ସତର ଗୋଟି କବିତା ରଚନା କଲାପରେ ସେ ସବୁକୁ ମହାରାଜାଙ୍କ ନାମରେ ଭଣିତା କରିଥିଲେ ।

—'ସଂକଳକ'

ଯାଂ ଦୃଷ୍ଟ୍ୱା ଯମୁନାଂ ପିପାସୁର ଜଶଂ ବ୍ୟୂହୋଗବା ଗାହତେ
ବିଦ୍ୟୁତ୍ୱାନିତ ନଳକଣ୍ଠ ନିବହୋ ଯା ଦ୍ରଷ୍ଟୁମୁତ୍କଣ୍ଠତେ
ଉତ୍ତଂସାୟ ତମାଳପଲ୍ଲବମିତି ଛିନ୍ଦନ୍ତି ଯା ଗୋପିକାଃ
କାନ୍ତିଃ କାଳିୟ ଶାସନସ୍ୟ ବପୁଷଃ ସା ପାବନୀ ପାତୁନଃ ।

## ରାଗ କଳନୀଗୋଡ଼ା—ଆଠତାଳି

( ନଳିନ ସ୍ୱରୁମୁଖ ନାଥ ହେ—ବୃତ୍ତେ )

କାଳୀୟ ମର୍ଦ୍ଦନ ଶଙ୍କର ।
କାନ୍ତ ସ୍ୱହିଁ ଦୁହେଁ ଭ୍ରାନ୍ତ କାହାର । ପଦ

ସୁରଭି ନିକର      କୁମାରୀ ସୂର୍ଯ୍ୟର
ବୋଲି ଧାଉଁଛନ୍ତି ହୋଇ ତୃଷାତୁର । ୧ ।
ବରହି ନିବହ      ମଣିକାର ବାହ
ଉତ୍ସୁକତ ହେଉଛନ୍ତି ନିରନ୍ତର । ୨ ।
ବଲ୍ଲବୀ ତମାଳ      ଭ୍ରମେ ତସୁଁ ଦଳ
ଉତ୍ତଂ ସାର୍ଥରେ ତୋଳିବାକୁ ବସ୍ତୁର । ୩ ।
ଆମ୍ଭଙ୍କୁ ରକ୍ଷା      କରନ୍ତୁ ପୂର୍ବୋକ୍ତ
ଶ୍ରୀ ପ୍ରତାପ ରୁଦ୍ର ଭଣିଲେ ଏ ଗିର । ୪ ।

—*—

ଶ୍ଳୋକ—ଦେବଃ ପାୟାଦପାୟାଦପି ବିମଳେ ଯାମୁନେ ମଜ୍ଜତୀନାଂ
ଯାଚନ୍ତୀ ନାମଦ୍ୱନସ୍ତୁ ପଦେ ବଂଶତାନ୍ୟଂ ଶୁକାନ
ଲଜ୍ଜ୍ୟାଲୋଲୈ ରଳସ୍ୱବଳପୈର୍ଲୁଣ୍ଠ ଘସୃଣ୍ଡକାଢ଼ୈର୍
ର୍ଗୋପସ୍ତ୍ରୀଣାଂ ନସ୍ତନ କୁସୁମୈରର୍ଚ୍ଚିତଃ କେଟବୋନଃ ।

## ରାଗ ଭୈରବୀ—ଆଦତାଳ

କେଶବ ଦେବ ଗୁଆଲୀଗଣ ସଙ୍ଗରେ । ବହୁରଣ ସୁର
ସୁତାଖାରେ । ସିଞ୍ଚ ରସରେ ରଞ୍ଜିତବସନ ହୋଇ ।
ମାଗନ୍ତି କାଳୀ ତେଲ ସ୍ତ୍ରରେ ।

ଅଳପ ବଳସିତ ସୁମନ ଶରେ ଇଷିତ । ଜୁମ୍ଭିତ ନେସ ଇନ୍ଦୀବରେ । ହୋଇବାର ଅଛି ତ । ଶ୍ରୀ ବ୍ରଜରାଜ ସୁତ । ସରସ ବନସ୍ଥ ଖାରଖାରେ । ୨ ।

ଶାର ଶ୍ରୀଗଜପତି ପ୍ରତାପରୁଦ୍ର ଚନ୍ଦ୍ର । ସେ ଖେଳା ସମ୍ପତ୍ତି ଶତ୍ରରେ । ଭଣିଲେ ହରଷରେ । ଆମ୍ଭଙ୍କୁ ପଦାବ୍ଜରେ । ରଖନ୍ତୁ ସେ ଶ୍ରୀହରି ଦାସରେ । ୩ ।

---

ଶ୍ଲୋକ—ମାତର୍ନାରଃ ପର ମନୁଷତଂ ଯତ୍ ଖଳାନାଂ ପୁରସ୍ତା-
ଦସ୍ତ୍ରାଶଂକଂ ଜଠର ପିଠର ପୂର୍ତ୍ତୟେ ନର୍ତ୍ତିତାସି
ତସ୍ମାନ୍ନବ୍ୟଂ ସହଜ ସରଲେ ବଲ୍ଲଲେ ବାଣିକୁଞ୍ଜାଂ
ପ୍ରାପୁଷ୍ଟିତ୍ତଂ ଗୁଣଗୁଣନସ୍ପୃ ଗୋପବେଶସ୍ୟ ଶମ୍ଭୋଃ ।

## ରାଗ କାମୋଦୀ—ଆଦତାଳ

( ଯେନାଇ ଅମ୍ଭେ ଯେତେ କହିଲୁ—ବୃତ୍ତେ )

ଜାଣି ଜନନୀ ଶୁଣି ଜଣାଶ ହେ
ଦୋଷ ସହ ହୋଇ ସକରୁଣ ହେ ।
କୁଷି ଭଜନ ପୂରଣାର୍ଥେ ଦୁର୍ଜ୍ଜନ ଅଗ୍ରେ
ନଚାଇଲ କର ମତ୍ତ ପଣ ହେ । ୧ ।

କଲି ଭ୍ରମର ପଦ କମଳେ ହେ
ହ୍ରୋଦ ନାଶିବେ କୃଷ୍ଣାବଲ୍ଲେ ହେ
ଧୃତ ବରଜ ବେଶ ଶ୍ରୀକୃଷ୍ଣ ଗୁଣ ଯଶ
କର କୀର୍ତ୍ତନ ରୂପ ସ୍ମରଣ ହେ । ୨ ।

ବରାଧିଶ୍ୱର ଶ୍ରୀ ପ୍ରତାପରୁଦ୍ର
ଗଙ୍ଗ ବଂଶ କ୍ଷୀର ସମୁଦ୍ର ଚନ୍ଦ୍ର
ଭଣିଲେ ଶ୍ରୀ ଗୋପାଳ ସ୍ୱାମୀ ପଦାବ୍ଜରେ
ସ-ଦାର-ପୁତ୍ର ହୋଇ ଶରଣ ହେ । ୩ ।

—*—

ଶ୍ଳୋକ—ଅଙ୍ଗୁଲ୍ୟଗ୍ରୈ ରରୁଣକିରଣୈର୍ମୁକ୍ତ ସଂରୁଦ୍ଧ ରନ୍ଧ୍ରଂ
ବାରଂବାରଂ ବଦନ ମରୁତା ବେଣୁ ମାପୂରୟନ୍ତଂ,
ବ୍ୟତ୍ୟସ୍ତାଂଘ୍ରିଂ ବିକଚ କମଲଚ୍ଛାୟ୍ୟା ବିସ୍ତାର ନେତ୍ରଂ
ବନ୍ଦେ ବୃନ୍ଦାବନ ସୁଚରିତଂ ନନ୍ଦ ଗୋପାଳ ସୂନୁଂ ।

## ରାଗ କାମୋଦୀ—ମିଶ୍ରରୂପତାଳ

ନନ୍ଦସୁତ ସୁନ୍ଦର—ପୁରନ୍ଦରଙ୍କୁ ।
ବନ୍ଦନା କରୁଛି ସଚ୍ଚିଦାନନ୍ଦଙ୍କୁ । ପଦ ।
ଅରୁଣାଙ୍ଗୁଳି ଅଗ୍ର । ବେଣୁ ରନ୍ଧ୍ରରେ ବ୍ୟଗ୍ର
ନଚ୍ଛଇ ଫୁଙ୍କିବାର ଅର ଥରକୁ । ୧ ।
ଛନ୍ଦୀ ଚରଣ ଦ୍ୱନ୍ଦ୍ୱ । ବିକଚ ଅରବିନ୍ଦ
ନେତ୍ର ଚୁମ୍ବୁଛି ଯାର ଶ୍ରୁତି-ସୀମାକୁ । ୨ ।
ହୋଇଛି ସୁଚରିତ ବୃନ୍ଦାବନରେ ଜାତ
ଯା ଶୋଭା ଜିଣି ଯାଉଛି କାମକୁ । ୩ ।
ଭଣିଲେ ଶ୍ରୀ ପ୍ରତାପ-ରୁଦ୍ର ଦେବ ସେ ରୂପ
ଭାବ ଶ୍ୟାମ ଭବରୁ ପାରି ହେବାକୁ । ୪ ।

—*—

ଶ୍ଳୋକଃ—ମନ୍ଦଂ ମନ୍ଦଂ ମଧୁରନିନଦୈର୍ବେଣୁମାପୂରୟନ୍ତଂ
ବୃନ୍ଦଂ ବୃନ୍ଦାବନଭୁବି ଗବାଂ ଚାରୟନ୍ତଂ ଚରନ୍ତଂ
ଛନ୍ଦୋଭାଗେ ଶତମଖମୁଖଧ୍ୱଂସିନାଂ ଦାନବାନାଂ
ହନ୍ତାରନ୍ତଂ କଥୟ ରସନେ ଗୋପକନ୍ୟା ଭୁଜଙ୍ଗଂ ।

## ରାଗ ଆନନ୍ଦ ଭୈରବୀ—ଆଦିତାଳ

( ମୋତେ ଲଗାନାରେ ବ୍ରଜବଧୂ ଲଟ—ବୃତ୍ତେ )

କର କୀର୍ତ୍ତନରେ ରସନା ସନ୍ତତ
ବ୍ରଜବଧୂ ଜାର କଥାମୃତ କର ପାନ । ୦ ।
ବଂଶୀରେ ମଧୁରାଳାପ । କରି ଅଳପ ଅଳପ
ବୃନ୍ଦାବନେ ଚଳି ଚରାଇ ବାରି ଗୋଧନ । ୧ ।
ହ୍ୱବର୍ଗୀ ଯେ ସାଗର । ଇନ୍ଦ୍ରାଦି ଦେବତାଙ୍କର
ଧ୍ୱଂସକ ଦାନବ ନକୁରମ୍ବର ଶମନ । ୨ ।
ଶ୍ରୀ ପ୍ରତାପରୁଦ୍ର ଦେବ ନୃପ । କେଶରି ଦୁଷ୍କୃତଦ୍ୱିପ
ନାଶିଲେ ସେ ଶ୍ରୀକୃଷ୍ଣ ପଦାବ୍ଜେ କରିଧ୍ୟାନ । ୩ ।

---

ଶ୍ଳୋକଃ—ବେଣୀମୂଳେ ଵିରଚିତ ଘନଶ୍ୟାମ ପିଞ୍ଛାବ ଚୂଡୋ
ବିଦ୍ୟୁଲ୍ଲେଖାବଳୟିତଇବ ସ୍ନିଗ୍ଧପୀତାମ୍ବରେଣ
ମମାଲିଙ୍ଗନ୍ମରକତମଣିସ୍ତମ୍ଭ ଗମ୍ଭୀର ବାହୁଃ
ସ୍ୱପ୍ନେ ଦୃଷ୍ଟସ୍ତରୁଣ ତୁଳସୀ ଭୂଷଣୋ ନୀଳମେଘଃ ।

## ରାଗ ଝଂକୋଟୀ—ଆଦିତାଳ

( ବାହୁନ ବାହୁନରେ—ବୃତ୍ତେ )

ସ୍ୱପନେ ବିଲୋକିଲି ରେ । ନୀଳ ନୀରଦ ମୂରତି
ବେଣୀମୂଳେ ଚୂଡ଼ାଞ୍ଚଳେ । ବିରଚି ବରହତତି । ୧ ।
ବୀତ ତଡ଼ିତ ବ୍ରତତି । ସ୍ୱଚ୍ଛ ପୀତବାସ ଦ୍ୟୁତି ।
ଶ୍ରୀରାଧା ଲିଙ୍ଗିତ ଭୁଜ । ମରକତ ସ୍ତମ୍ଭାକୃତି । ୨ ।
ଭୂଷିତାସିତ ତୁଳସୀ । ଅଳି ସଙ୍ଗ ବୈଜୟନ୍ତୀ
ଶ୍ରୀପ୍ରତାପରୁଦ୍ର ଦେବ । ଶତ୍ତେ ଦିବାନିଶି ଚିନ୍ତ । ୩ ।

---

ଶ୍ଳୋକଃ—କୁଞ୍ଜେଷୁ ତ୍ୱରିତା ସିଚୟୁ ନିଚସ୍ତଂ କୂଳ କୁଞ୍ଜାଧିରୂଢେ
ମୁଗ୍ଧା କାଚନ୍ନୁ ହରନୁନୟୈଃ କନ୍ଧୁ ତିର୍ବ୍ୟାହରନ୍ତୀ
ସଭ୍ରୂଭଙ୍ଗ ସଦରହସିତଂ ସଙ୍କପଂ ସାନୁରାଗ
ଘ୍ରାସ୍ୟାଶୌରେଃ କରତଳଗତାମ୍ବରଣ୍ୟାଚ କର୍ଣ୍ଣ ।

## ରାଗ ବେଗଡ଼ା—ତ୍ରିପୁଟା ତାଳ

( ଟାଳେଟ ଟାଳଲୁ ନାହିଁ—ବୃନ୍ଦେ )

ମାୟାରୂଢ଼ ବ୍ରଜଶଶି । କରୁ ବାସକେ ଆକର୍ଷି
ମନ୍ଦ ମନ୍ଦ ହସି ହସି । ଲୋକେ ମଜ୍ଜି ନବ ବୟସୀ । ୧ ।
କୁଂଚିତ କରି ଭ୍ରୂଲତା । ପୁଣ ପୁଣ ହୋଇ ବନତା
ସଙ୍ଗରେ ମାଗିବାର । ହୃଦେ କୁନ୍ତଳ ବିନ୍ୟାସି । ୨ ।
ଶ୍ରୀ ପ୍ରତାପରୁଦ୍ର ଦେବ । ଭବସ୍ୱାନ୍ତରେ ଏଭାବ
ପ୍ରେମ-ସୁଧାବ୍ଧି ମଧ୍ୟରେ । ମଜ୍ଜିଲେ ଦିବସ ନିଶି । ୩ ।

—*—

ଶ୍ଲୋକଃ—ଅପିଜନୁଷି ପରସ୍ମିନ୍ନସ୍ତଂ ପୁଣ୍ୟୋଭବେୟଂ
ତଟଭୁବି ଯମୁନାୟା ସ୍ତାଦୃଶୋ ବଂଶନାଳଃ
ଅନୁଭବତି ଯଏଷ ଶ୍ରୀମଦାଭୀର ସୂନୋ
ରଧରମଣି-ସମୀପନ୍ୟାସ ଧନ୍ୟାମବସ୍ଥାଂ ।

## ରାଗ କାମୋଦୀ—ତାଳ ରୂପକ

କେଉଁ ବ୍ରଜ କୁଳାଙ୍ଗନା ମନେ
ମନେ ଭାଳେ ବସି ରହି ନିଟବଣନେ । ପଦ ।
ବଂଶୀର ପୂର୍ବ ଜନ୍ମରେ । କି ପୁଣ୍ୟ ଶ୍ରୀକୃଷ୍ଣାଧରେ
ବସି ସୁଧାପାନ କରେ । ଯମୁନା ତୀରବନରେ । ୧ ।
ଧନ୍ୟ ବେଣୁ ନାଳର ସୁଦଶା
ଆହା ମୁଁ ହୁଅନ୍ତ ପୂର୍ଣ୍ଣ ହୁଅନ୍ତା ଆଶା
ମଣିସେ ଗୁଆଳଙ୍କର । ହରିପ୍ରେମ ଚମତ୍କାର
ଭଣିଲେ ପ୍ରତାପରୁଦ୍ର । ଗଜପତି ନରେଶ୍ୱର । ୨ ।

---

ଶ୍ଲୋକଃ—ଅସ୍ପି ସରିଚନୁ ଚେତଃ ପ୍ରାତରମ୍ଭୋଜ ନେତ୍ରଂ
କବର କଳିତ ଚଞ୍ଚତ୍ପିଞ୍ଛଚୂଡା ମାଭିରାମଂ
ବଳଭିଦୁ ପଳମାଳଂ ବଲ୍ଲବୀ ଭାଗଧେୟଂ
ନିଖିଳ ନିଗମ ବଲ୍ଲୀ ମୂଳକନ୍ଦଂ ମୁକୁନ୍ଦଂ ।

## ରାଗ ଧନାଶ୍ରୀ—ଆଦିତାଳ

( ଗୃହିଁାରେ ନିକୁଞ୍ଜ ଶେଯକୁ—ବୃତ୍ତେ )

ଚିନ୍ତରେ ସ୍ୱାନ୍ତ ନିରନ୍ତର
ଜଗଦାନନ୍ଦ ମୁକୁନ୍ଦ ସୁନ୍ଦର ଶରୀର । ପଦ ।
ଏହିଟି ସମସ୍ତ ଛନ୍ଦ ବ୍ରତତୀର ମୂଳକନ୍ଦ
ମହେନ୍ଦ୍ର ମଣି ନିର୍ଦ୍ଧୂତି ରୁଚୋଦ୍ଧତ ସାର । ୧ ।
ବାହର ମୁଖ ନଳିନ ପ୍ରସନ୍ନ ଜିଣି ନୟନ
ସ୍ପନ୍ଦନ ନବ ଶିଖଣ୍ଡ ମଣ୍ଡନ କବର । ୨
କଳ୍ପିତ ନିକୁରୁମ୍ବର ଭାଗ୍ୟ ସୁକୃତ ପୁଞ୍ଜର
ଶ୍ରୀ ପ୍ରତାପ ରୁଦ୍ରଙ୍କର ପ୍ରାଣର ଈଶ୍ୱର । ୩

—*—

ଶ୍ଳୋକ—ଅୟୁ ମୁରଲ ମୁକୁନ୍ଦ ସ୍ମେର ବକ୍ତ୍ରା ରବିନ୍ଦ
ଶ୍ୱସନ ମଧୁର ଯଙ୍କେ ତ୍ୱାଂ ପ୍ରଣମ୍ୟାଦ୍ଧ ଯାଚେ
ଅଧର ମଣି ସମୀପଂ ପ୍ରାପ୍ତବତ୍ୟାଂ ଭବତ୍ୟାଂ
କଥୟ ରହସି କର୍ଣ୍ଣେ ମଦ୍ଦଶାଂ ନନ୍ଦସୂନୋଃ ।

## ରାଗ ନାଦ ନାମକ୍ରୀୟା—ତାଳଝମ୍ପା

(ଧୀର ସମୀରେ ବସି ଡାକୁଛି ତୋ ନାବରେ—ବୃତ୍ତେ)

କରି ହୁଙ୍କାର ମାଗୁଛି ମୁଁ ବଂଶୀ ତୋତେ
ହରି କର୍ଣ୍ଣେ କହ ମୋ ଦଶା ଭରତେ । ପଦ ।
କୃଷ୍ଣ ମୁଖାର ବିନ୍ଦ ସମୀର ମକରନ୍ଦ
ରସିକା ତୁ ଅନୁଗ୍ରହ କର ମୋତେ । ୧
ଅଧରାରୁଣ ମଣି ସଦନର ଗୃହିଣୀ
ପଦାବ୍ଜର ଦୁଃଖ ଜଣା ଯେତେ । ୨
ତ୍ରୈଲୋକ୍ୟ ନିରୁପମ ବ୍ରଜ ବନିତା ପ୍ରେମ
ଚିନ୍ତିଲେ ଶ୍ରୀ ପ୍ରତାପରୁଦ୍ର ସନ୍ତତେ । ୩

—*—

ଶ୍ଳୋକଃ—ଅଧର ବିମ୍ବ ବିଡ଼ମ୍ବିତ ବିଦ୍ରୁମଂ
ମଧୁର ବେଣୁ ନିନାଦ ବିନୋଦନଂ
କମଲ କୋମଲ କମ୍ରମୁଖା ମ୍ବୁଜଂ
କମପି ଗୋପ କୁମାର ମୁପାଶ୍ରୟେ ।

## ରାଗ କଲ୍ୟାଣୀ—ମିଶ୍ର ଗ୍ରୁପତାଲ

( ଭଜ କରଜ ଯାଜ ରେ—ବୃତ୍ତେ )

ଦେଖୁଛି କେ ସେହି ସେ । ଗୋପକୁମାର
ମୂର୍ତ୍ତିଙ୍କି ଜାଣି ବିବସେ । ପଦ ।
ବିମ୍ବ ବିଦ୍ରୁମ ଗୁର । ଥାଉଯା ଅଧର
ଶୁଚି ଦ୍ରୁମରେ ରାଗ କୁସୁମ ପରି ବିଶେ । ୧
ମଧୁର ବଂଶୀସ୍ୱର । ନବରସିକ
ବର କିଶୋର ଶେଖର ମୃଦୁଳ ସରୋଜର
ଶଶାଙ୍କଙ୍କୁ ସୁନ୍ଦର ।
ବଦନ ଶ୍ରୀ ପ୍ରତାପରୁଦ୍ର ଚିତ୍ତେ ମାନସେ । ୨

—✳—

ଶ୍ଳୋକଃ—ସାକାପି ସର୍ବଜଗତା ମତିବାମ ସୀମା
କାମାସ୍ପଦେନୋ ଭବତୁ ଗୋପ କିଶୋର ମୂର୍ତ୍ତିଃ
ଯା ଶେଖରେ ଶ୍ରୁତିଗିରାଂ ହୃଦି ଯୋଗଭାଜାଂ
ପାଦାମ୍ବୁଜେ ଚ-ସୁଲଭା ବ୍ରଜ ସୁନ୍ଦରୀଣାଂ ।

## ରାଗ ମୁଖାରୀ—ମିଶ୍ର ଗ୍ରୁପତାଲ

(ଜଣା ଗଲାନି, ଗ୍ଲାଲ ଗ୍ରହାଣି—ବୃତ୍ତେ)

ବ୍ରଜ କିଶୋର । କେସେହି ହେଜ । ପଦ ।
ସର୍ବ ଲୋକର ସେବାରେ ସାର
ଯା ମୂର୍ତ୍ତି ବେଦାନ୍ତ ଶିରେ ଅଗୋଚର । ୧
ବ୍ରହ୍ମ ନୈଷ୍ଠିକ ଯୋଗିମାନଂକ
ହୃଦରେ ଦୁର୍ଲ୍ଲଭ ସ୍ଫୂର୍ତ୍ତି ଲବଯାର । ୨

ଗୋପ ପ୍ରମଦା          ପଦାବ୍ରଜ ସଦା
ସୁଲଭ ସେ ଶିଖି ଶିଖଣ୍ଡ ଶେଖର । ୩
କରନ୍ତୁ ସ୍ଫୂର୍ତ୍ତି          ଅଧ୍ୟାତ୍ମ ମୂର୍ତ୍ତି
ସେ ଅଚ୍ଛିଦ୍ର ବ୍ରହ୍ମ ବିଗ୍ରହ ଆତ୍ମର । ୪
ପ୍ରତାପରୁଦ୍ର          ଦେବ ନରେନ୍ଦ୍ର
ସେବିଲେ ସେ ଗୋପୀ ଗୋବିନ୍ଦ । ୫

ଶ୍ଳୋକଃ—ବଦନେ ନବନୀତ ଗନ୍ଧବାହଂ
ବଚନେ ତସ୍କର ଚାତୁରୀ ଧୁରୀତା
ନୟନେ କୁହନାଶ୍ରୁ ମାଶ୍ରୟେଥା
ଚରଣେ କୋମଳ ତାଣ୍ଡବଂ କୁମାରଂ ।

## ରାଗ ମୋହନା—ରୂପକ ତାଳ

( ମାନ ମୁଁ କରିଥିଲି—ବୃତ୍ତେ )

ମାନସ ଚିନ୍ତ ଗୋପାଳଙ୍କୁ । ନୃତ୍ୟ କୁଶଳ । କମଳୁ କୋମଳ
ଶ୍ରୀଚରଣ ଯୁଗଳକୁ । ମାନସ । ୧
ଆସ୍ୟ ନବନୀତ । ମାନସ । ହାସ ସ୍ୱପନ । କପଟ ରୋଦନ ।
କରରେ ନେଇ ପିଣ୍ଡିତ । ୨
ଚାତୁରୀ ଚୌରର । ମାନସ । ବାଣୀ ଜାଣି ଭଣିଲେ ପ୍ରତାପ ରୁଦ୍ର
ଦେବ ନୃପବର । ୩

—*—

ଶ୍ଳୋକ—ଅମୁନାଖିଳ ଗୋପ ଗୋପନାର୍ଥଂ
ଯମୁନା ରୋଧସି ନନ୍ଦ ନନ୍ଦ ନେନ
ଜମୁନା ବନ ସମ୍ଭବଃ ପଦେ ଜମୁନା—
ସୌ ଶରଣାର୍ଥିନାଂ ଶରଣ୍ୟଃ ।

## ରାଗ ଭୈରବୀ—ଆଦିତାଳ

( କୁଂଜ ଗଂଜନ ମୁଖୀ ଖଂଜନ ନେଷାନ୍ତରେ—ବୃତ୍ତେ )

ଏନଂଦ ସୂନୁ ଛାଡ଼ି ନ କରିବେକ । ବିଷାଦ କାହିଁକ ହେ ?
ଛୁଆଇଁ ଚରଣ । ମୋକ୍ଷ କରି ଦେଲେ
କୃଷ୍ଣ ଯୁଗଳକୁ ମାନସେ ନାହିଁ କି ? ପଦ
ଯେ ଯମୁନା ତୀରେ ପଶୁପ ସୁତଙ୍କୁ । ଦାବାଗ୍ନି ଭୟରୁ ହେ
ବୁଜଟି ନୟନ ବୋଲି କଲେ ପାନ
ବନ ପରି ଆହା ! ବହ୍ନି କି ଦୂରରୁ । ୧
ଶରଣାର୍ଥି ଭକ୍ତ । ଶରଣ୍ୟ ଏ ଖ୍ୟାତ । ଅଜାଣ୍ଡ କୋଟିରେ ହେ
ମଣି ଶ୍ରୀପ୍ରତାପ-ରୁଦ୍ର ଦେବଭୂପ ।
ଭଣିଲେ ସେ ମୂର୍ତ୍ତି ଭାବ ହୃଦୟ ରେ । ୨

—*—

ଶ୍ଳୋକଃ—ଜଗଦା ଦରଣୀୟୁ ତାରି ତତ୍ତ୍ୱଂ
ଜଳ ଜା ପତ୍ୟ କଟୈ ବର୍ତ୍ତୁର ଗମ୍ୟଂ
ତନୁତାଂ ତନୁତାଂ ଶିବେ ତରୁଣାଂ
ସୁରନାଥୋପଳ ସୁନ୍ଦରଂ ମହୋନଃ ।

## ରାଗଶ୍ରୀ—ରୂପକତାଳ

କୁଶ କରନ୍ତୁ ସେ କୃଷ୍ଣ ଶୁଭାଶୁଭକୁ ଆମ୍ଭର ହେ । ପଦ ।
ଭୁବନ ଗୁରୁଙ୍କର ଆଦର । ଶ୍ରୀ ବ୍ରଜର ଜାରଭାବସାର
ବ୍ରହ୍ମାର ବ୍ରାହ୍ମୀ ଉତ୍ତର । ମୀମାଂସାରେ ଯେ ଗୋଚର ହେ । ୧
ଶଙ୍ଖମଣି ମଦ ହରକାନ୍ତ । ମୂରତିକ ନିରବଧି ଚିନ୍ତ
ଭାବିଲେ ବୀର ପ୍ରତାପ-ରୁଦ୍ର ଦେବ ନୃପବର ହେ ।୨

ଶ୍ଳୋକଃ—ସଜଳ ଜଳଦନୀଳଂ ବଲ୍ଲବୀ କେଳି ଲୋଲଂ
ଶ୍ରିତସୁରତରୁମୂଳଂ ବିଦ୍ୟୁ ଦୁଲ୍ଲାସି ଚେଳଂ
ନତସୁର ମୁନିଜାଳଂ ସନ୍ମନୋବିମ୍ବଲୀଳଂ
ସୁର ରିପୁ କୁଳକାଳଂ ନୌମି ଗୋପାଳ ବାଳଂ ।

## ରାଗ ପାନ୍ତ୍ରବରାଡ଼ି—ତାଳ ରୂପକ

( ପଞ୍ଚର ଲତାକୁ ସନ୍ଦେଶ—ବୃନ୍ଦେ )

ଜୁହାର ଶ୍ରୀ ଗୋପାଳ ବାଳଙ୍କୁ । ସ୍ଥିର ତଡ଼ିତ ବୃନ୍ଦ
ମଦ ବିଡ଼ମ୍ବ ପୀତଚେଳଙ୍କୁ । ପଦ ।
ସଜଳ ସନ୍ନତ ଜଳଦମାଳ । ପଶୁପୀନବନ୍ଧ କେଳିଲୋଳ
ସ୍ଥିତ ସୁମନସ ବିଟପିମୂଳ । କୌଣପ କୁଳ କାଳଙ୍କୁ ।୧
ନମ୍ର ସୁର ମୁନୀନ୍ଦ୍ର ଜାଳଙ୍କୁ । ସାଧୁ ନିକର ହୃଦୟସ୍ଥ
ଆବରଣ ସାକାର ଲୀଳଙ୍କୁ ।
ବ୍ରଜପୁର ଯୁବରାଜ ଶ୍ରୀଳ । ଅଖଣ୍ଡନ ନବ ଶିଖଣ୍ଡ ଚୂଳ
ପ୍ରତାପରୁଦ୍ର ହୃଦୟସ୍ଥ କମଳ । ଅଳଧୃତ ବଂଶନାଳଙ୍କୁ ।୨

—*—

# ଶ୍ରୀ ରାଧାକୃଷ୍ଣ ପ୍ରାତଃ ସ୍ମରଣାମୃତ

## ରାଗ—ନଳିନୀ ଗୌଡ଼ା

( ଗାନ କଳସା ବାଣୀ )

ନିଶି ଚତୁର୍ଥ ଯାମରେ ଶ୍ରୀ ନବଦ୍ୱୀପରେ
ଚେତ ଶଚୀସୁତ ବସି ପଲଙ୍କ ଉପରେ ।୧
ବୃନ୍ଦାବନରେ ଶ୍ରୀରାଧା କୃଷ୍ଣ ଉତ୍ଥାପନ
ଲୀଳାସ୍ମରୁ ପ୍ରେମାବ୍ଧିରେ ମଗ୍ନହେଲା ମନ ।୨
ଅଥାନନ୍ତରେ ଶ୍ରୀ ବ୍ରଜେ ରବିସୁତା ତଟରେ
ବୃନ୍ଦା ମିଳିଲେ ନିଭୃତ କୁଞ୍ଜ ଅଗଣାରେ ।୩

ବୃନ୍ଦା ଆଗମନ ହେତୁ ଦ୍ୱିଜରାଜ ଧୀରେ
ବସିଲେ ମଧୁର ଧ୍ୱନି ଲତା ବିଟପିରେ ।୪
ଦ୍ରାକ୍ଷାଲତାକୁ ଅଇଲେ ସାରିକା ନିକର
ମାରଜ ପର ମଣ୍ଡିଲେ ନିକୁଞ୍ଜ ଶିଖର ।୫

ରସାଳ ଶାଖାରେ ପିକ କରକରେ ଶୁକ
ପିଳୁରେ କପୋତ ଯମୁନାରେ ଚକ୍ରବାକ ।୬
ଅବନରେ କଲେ ତାମ୍ରଚୂଡ଼ ଆମ୍ରେଡ଼ିତ
ହଂସଜାରେ ରାଜହଂସ ବଂଶକଲେ ରୁତ ।୭

ଅନିଳ ବହିଲା ପଦ୍ମ ପରିମଳ ଘେନି
ଅଳି ଆଳି ମିଳିକଲେ କେଳିକୁଞ୍ଜେ ଧ୍ୱନି ।୮
କୁଞ୍ଜ ପୁରତର ଭୃଙ୍ଗ ତୂଳରୁ କଳାପି
ଭ୍ରମନ୍ତେ ଅଇଲା କେକା ବାଣୀକି ପ୍ରଳାପି ।୯

ବ୍ରଜବଧୂଙ୍କର ସୁରଙ୍ଗ ନାମ କୁରଙ୍ଗ
ପ୍ରିୟା ସଙ୍ଗେ ହେଲା କୁଞ୍ଜ ଅଳିନ୍ଦରଲଗ ।୧୦
ଲଳିତା ଚମ୍ପକଲତା ଚିତ୍ରା ଇନ୍ଦୁଲେଖା
ତୁଙ୍ଗବିଦ୍ୟା ରଙ୍ଗଦେବୀ ସୁଦେବୀ ବିଶାଖା ।୧୧

ମଞ୍ଜରୀ ପ୍ରାନ୍ତ ରୂପ ରତି ଲବଙ୍ଗରସ
ଗୁଣବିଳାସ ହୋଇଲେ କୁଞ୍ଜ ଆସ ପାଶ ।୧୨
ଶ୍ୟାମଳା ବିମଳା ମଧୁମତୀ ଭଦ୍ରସାରୀ
ପାଳିଚନ୍ଦ୍ରମୁଖୀ ଆଦି ଯେତେ ଯୁଥେଶ୍ୱରୀ ।୧୩

ସର୍ବେ ମିଳି ନିକୁଞ୍ଜ ପଞ୍ଜର ଜଳ ପାସେ
ଲୀନ ହୋଇ ରହି ବିଲୋକନ୍ତି ଅନିମିଷେ । ୧୪ ।
ବହୁଳ ବିହାର ରାକ ଗହଳରୁ କୁଞ୍ଜେ
ଗହଳେ ଚେତିଲେ ରାଧାକୃଷ୍ଣ ଫୁଲ ସେଜେ । ୧୫ ।

ନାଚିଲ କେଳି ସାକ୍ଷୀ ପଞ୍ଜରୀ ଶୁକ ସାରୀ
ସର୍ବେ ଡାକନ୍ତି ସ୍ୱ ସ୍ୱ ପ୍ରଭୁଙ୍କ ନାମଧରି । ୧୬ ।
ଶୁକ ଭଣେ ଜୟ ଗୋକୁଳ-ମଙ୍ଗଳ କନ୍ଦ
ଜୟଶ୍ରୀ ବ୍ରଜ ଯୁବତୀ ଭ୍ରୂଭଙ୍ଗୀ-ଅରବିନ୍ଦ । ୧୭ ।

ଜୟ ପ୍ରତିପଦ-ବିବର୍ଦ୍ଧିତ-ନନ୍ଦାନନ୍ଦ
ଜୟ ଜୟ ଗୋବିନ୍ଦ ଅଚ୍ୟୁତ ଶତାନନ୍ଦ । ୧୮ ।
ଚେତି ନନ୍ଦା ଶ୍ରୀ ପୌର୍ଣ୍ଣମାସୀଙ୍କି ସଙ୍ଗେ କରି
ଶୟନ ମନ୍ଦିରକୁ ନଯାଉ ଗୋଷ୍ଠେଶ୍ୱରୀ । ୧୯ ।

ହରି କୋଳରୁ ବରଜ କୁଳଜା ରାଧାଙ୍କୁ
ଦେଖ ପ୍ରାଚୀ ଦିଗ ବହିଲାଣି ଅରୁଣକୁ । ୨୦ ।
ସାରୀ ଧୀରେ ଡାକେ ଜୟ ଜୟ ଶ୍ରୀ ରାଧିକେ
ଜୟ ବୃଷଭାନୁ ସୁତେ ଜୟ ଗାନ୍ଧର୍ବିକେ । ୨୧ ।

ଜୟ ଜୟ ଶ୍ରୀବୃନ୍ଦାଟବୀ-ପଟ୍ଟାଭିଷେକେ
ଜୟ ରାସେଶ୍ୱରୀ ଜୟ ହରି ପ୍ରାଣାଧିକେ । ୨୨ ।
ଉଠ ଉଠ ନକର ଶ୍ରୀବୃଷଭାନୁ କେମା
ବିଲୋକ ଚରମାଚଳେ ସମ୍ପୂର୍ଣ୍ଣ ଚନ୍ଦ୍ରମା । ୨୩ ।

ବିରଜ ବରଜ ଯୁବରାଜଙ୍କୁ ଏଥର
ସଜହୁଅ ନିଜ ଶଯ୍ୟା ସଦ୍ମକୁ ସତ୍ୱର । ୨୪ ।
ଅଭିମନ୍ୟୁ ଧରି ଆସିବଣି କ୍ଷୀର ଭାର
ଜଟିଳା ଡାକବେଟି ଆକ୍ରୋଶ ଗର୍ବଗାର । ୨୫ ।

ନିରଳସେ ବନେ କରି ନସରୁ ରଜନୀ
ନିଳୟର ମଙ୍ଗଳ କୃତ୍ୟ କର ସ୍ୱାମିନି । ୨୬ ।
ସାରୀ ଗିର ମନ୍ଦର ହୋଇଲା ନିପତନ
ଶ୍ରୀ ରାଧା ହୃଦ କ୍ଷୀରାବ୍ଧି ମଧ୍ୟରେ ବହନ । ୨୭ ।

ସୁମନସ ଶେଜୁ ତୋଳି ଶ୍ରୀରାଧାଙ୍କୁ ଧିରେ
ପହଞ୍ଚାଇଲେ ଶ୍ରୀ ବ୍ରଜ ବଧୂ ହୃଦୟରେ । ୨୮
ନୀପମୂଳେ ଥିଲା କକ୍ଖଟୀ ନାମେ ମର୍କଟୀ
ଡାକିଲା ଜଟୀଳା ଧରିଣ ଆଇଲେଟି ଯଷ୍ଟି । ୨୯

କାହା ଅଙ୍ଗେ କାହାବାସ ନୋହିଲା ଗୋଚର
ସୋଦେଶ୍‌ରେ ନିକୁଞ୍ଜରୁ ହୋଇଲେ ବାହାର । ୩୦ ।
ଆସୁରାଧା ଆଳୀମେନେ ଲଳିତା ପାଶକୁ
ହସି କରପ୍ରସାରି ସେ ନେଲେ ହୃଦୟକୁ । ୩୧ ।

ଲଲମକ ପୁଷ୍ପ ସ୍ରକ ସୀମନ୍ତ ମଧ୍ୟରେ
ଦିଶେ ମଦନ-ଜୟ ଶ୍ରୀପତାକା ପରିରେ । ୩୨ ।
ଇଳାବୃତ-ଧରଣୀରେ ଇନ୍ଦ୍ରଗୋପ ପରି
ଗଣ୍ଡରେ ତାମ୍ବୁଳ ବୋଳ ଦିଶୁଛି ମାଧୁରୀ । ୩୩ ।

ମଧୁସୂଦନ କ୍ରୀଡ଼ାନ୍ତ ବଧୂଳିର ଛବି
ବହୁଛି ଅଧର ରୁଚି କଲେ ଆଳୀ ଭାବି । ୩୪ ।
ସିଥିଲ ସିନ୍ଦୂର ବିନ୍ଦୁ ଦିଶୁଛି ଏମନ୍ତ
ଅନୁରାଗ-ଲକ୍ଷ୍ମୀ ହେଲା ପରାଏ ଉଦିତ । ୩୫ ।

କନକ ଶଙ୍ଖରୁ ଝରିତାଳ ଜଳଧାର
ସ୍ରବିଲା ପରି ଖସି ଲୋଟୁଛି ପୀତାମ୍ବର । ୩୬ ।
ଭେଦେଣି ରହୁଁ କିଶୋର ଚନ୍ଦ୍ରମା ଲଲାଟକୁ
ବ୍ୟକ୍ତ ହୋଇ ସିନ୍ଦୂର ମୋହୁଛି ମନକୁ । ୩୭ ।

କଳାଉପୁରାଣ ଖସି ଯାଉଛି ଅଙ୍ଗରୁ
କାଳନ୍ଦୀ ପରାଏ କଳିନ୍ଦ ମନ୍ଦାଧରରୁ । ୩୮ ।
ପରସ୍ପରସୁଷମା ସକଳ ସଖୀ ହେଜି
ହେଲେ ହସା ହସି ସୁଖ ସୁଧାବ୍ଧିରେ ମଜ୍ଜି । ୩୯ ।

ଲଳିତାଙ୍କ କୋଳେ ରହି ଖଣ୍ଡି'ଦା କୁମାରୀ
ଢାଳି ଢୋଳା ନାଗର ମଧବା ଧୂର୍ତ୍ତ ହରି । ୪୦ ।
କରେ ଥାଉ ବଂଶୀ ମୋ ମୁରଲୀ କାହିଁ ବୋଲି
ଧରିଲେ ଅନଙ୍ଗ ମଂଜରୀଙ୍କ ଭୁଜବଲ୍ଲୀ । ୪୧

ରାଧା ସହ ବସିଲେ ବଦନେ ଦେଇ ହାସ
ଡାକେ କଣ୍‌ଖଟୀ ନରଷ୍ଟି ହେଲାଣି ପ୍ରବେଶ । ୪୨ ।
ହେଜ କୃଷ୍ଣ ଚେତ ଅନଙ୍ଗ ମଞ୍ଜୁଷା ପାଣି
ନଗେ କଶୋଷ୍ଣ ମଣିଙ୍କି ମାଗିଲେ ମେଲାଣି । ୪୩ ।

ଅପାଙ୍ଗରେ ଅଙ୍ଗୀକାର କରୁ ଗଲେ ଚଳି
ଦାସୀ ଚଳପରୁ ଛନ୍ନ ହାର ମୋତି ଚୋଳି ।୪୪
କାଞ୍ଚି କାଞ୍ଚୁଲି ନୂପୁର ପତଦ୍‌ଗ୍ରହ ହଂସ
ଧରି ସ୍ୱାମିନୀ ଗ୍ରହଣେ ଗଲେ ପରିଗୁଶ୍ଣା । ୪୫

ଯେଷ୍ଟାଶଯ୍ୟା ନକେତନେ ପହୁଡ଼ିଲେ ଯାଇ
ସେ ଶ୍ବସାଙ୍କ ପଦପଣନ୍ତରେ ପୋଛିଦେଇ ।୪୬
ପାଦ୍ବଗ୍ରଇ ଯତନେ ପ୍ରିୟ ପୀତ ବସନ
ଗୋପାଳକୃଷ୍ଣ କରଇ ପଦସମ୍ବାହନ । ୪୭

—*—

## ଶ୍ରୀକୃଷ୍ଣଙ୍କ କୈଶୋରାବସ୍ଥା

### ରାଗ ଝିଂକୋଟି—ମିଶ୍ରରୂପକତାଳ

ମୋହନ ନୟନାଞ୍ଚଳ ନାଚନ୍ତି । ପଦ
ତନୁ ତମାଳ ବନରେ ତରୁଣ କେଶରୀ ଧୀରେ
ରହୁବାର ହେଜ ଶିଶୁଦ୍ଧି ରଦ ପୁଟିଲ୍ଲନ । ୧
ନୀଳମଣି ଦରପଣ କଣୀଗଣ୍ଡ ସୁଚିକ୍କଣ
ମକର କୁଣ୍ଡଳ ପ୍ରଭା ତମ୍ଭକୁ ଯଚନ୍ତି । ୨
ମୃଦୁ ମନ୍ଦହାସ-ଇନ୍ଦୁ ମିଶା ଭାଷାସୁଧା ବିନ୍ଦୁ
ଲପନ ଶରଙ୍କ ଶୀତ ମୟୂଖ ସିଞ୍ଚନ୍ତି । ୩
ପକ୍ବ ନାଗରୀଙ୍କର କୋଟିଏ କୋଟି ଜନ୍ମର
ସୁକୃତ ବିଟପି ଫଳ ଏଥର ପାଚନ୍ତି । ୪
ମଦନ ଲୁଟ ମନରେ ଯୁବତୀ ସୃଷ୍ଟି ଉପରେ
ରୂଢ଼ ଭ୍ରୂ ଶରାସନ ଧରି ଆମନ୍ତ୍ରନ୍ତି । ୫

ଗୋପାଳକୃଷ୍ଣ ଭାଷଣ ସାଧ୍ୱୀ ହୃଦସ୍ଥ ହରଣ
ମାରଣ ଅଶନ ବାଣ ହରଅଁ ରଚନ୍ତିନ । ୭

—*—

## ରାଗଖରହରପ୍ରିୟା—ମିଶ୍ରରୂପତାଳ

ଆସି ଯାଇଛୁ ସିନା କରମକୁ
ରାଧା ରୁଷିବାର ଥାଇ ଶ୍ୟାମକୁ ଗୋ । ପଦ
ବ୍ରଜ ଯାକ ସଭେଚାର ସେ ବୃଷଭାନୁ ଜେମାର
ଏଥିରୁ ନଜାଣେ ତାର ଭମକୁ । ୧
କେ ହେଲେ ବଟଲୋକଛକ ସଜନ ଦୁହେଁ ଦୁହିଁଙ୍କ
ଭ୍ରମରେ କରିବାର ଚରମକୁ । ୨
ଅପରାଧ କେତେଥର କ୍ଷମା କରି ନାହିଁ ତାର
ଯାଉ ବୋଲି ପଣକରି ତମକୁ । ୩
ଆଳୀଙ୍କ ଦେଖିଲେ ଯାର ଉଭିବାର ପଣଚାର
ହୁଏ ଯେ ତେଜ ଲାଜ ସରମକୁ । ୪
ଜାଣି ସଜନ ଇଙ୍ଗିତ ଗୋପାଳକୃଷ୍ଣ ଭଣିତ
କଳା ଦୋଷ ଭେଦଛି ମରମକୁ । ୫

—*—

## ରାଗ ମାଳ୍ୱା ମାଳବ ଗୌଡ଼ା—ତାଳ ମିଶ୍ରରୂପ

( ନାହିଁ ମୋର ପୀରତି ସମକାର—ବୃତ୍ତେ )

ପୂରତରେ ଥିବାଯାଏ ପୁରୁଷଙ୍କ ଚିତ୍ତରେ
ଜାଣ ଦରପଣ ପରକାର । ୧
ନରହବ ବୋଲୁ ବୋଲୁ ନୋହିବାକୁ ଛନ୍ଦରେ
ଆନ ଦେଇଥିଲେ ବାର ବାର । ୨
ଦୁଃଖ ମଣୁ ନାହିଁ କାଳେ ହେଲା ଦରଶନ ଭେ
ନଥିବାରୁ ସିନା ବୋଲିବାର । ୩

ଅଚ୍ଛୁକ ନାହିଁ ଯାବନେ                    ବୋଲି ହେଲେ ଥରେ ରେ
ପିବା ଦନ୍ତୁଁ ନ ପେଶିଲେ ସ୍ବର । ୪
ଗୋପାଳକୃଷ୍ଣ ପ୍ରବୋଧି                    ଦେବାର ଅବଧିରେ
ଲେଖିଲ ପର ପାଣିରେ ଗାର । ୫

—*—

## ଶ୍ରୀରାଧା ଉକ୍ତି

## ରାଗ ଆନନ୍ଦ ଭୈରବୀ—ଆଦତାଳ

( ଅଳି କେଶର କୁଂଜରୁ ଅଇଲୁକି—ବୃତ୍ତେ )

ବଂଶୀ ବାଜୁଛି କାହାର କାନନରେ
ନବଘନ ନୀରଦ ନଶା ଗର୍ଜ୍ଜନରେ ।
ପୀୟୂଷ ପୂରିଛି କି—ତା ଆନନରେ । ପଦ

କାଳନ୍ଦୀ ତଟରୁ ସଦ୍ଧ                    ଆସୁଛି ଏ ନାଦ ବଦ୍ଧ
ଏ ବରଜ ନଗରକୁ ସମାନରେ । ୧
ମନ ମଥର ମୋହନ                    ମନ୍ତ୍ରର ମିତଣୀ ଧେନ
କରିବ ସୁବଶ ସୃଷ୍ଟି ଉଚ୍ଛନ୍ନରେ । ୨
ସନକ ସନନ୍ଦନାଦି                    ଯୋଗିଜନ ମନ ଭେଦ
ଛଡ଼ାଇ ଦେବନି ବ୍ରହ୍ମଧିଆନ ରେ । ୩
ଯେ ହେଉ ସେ ବଂଶୀ ବଜା                    ନଶ୍ଚେ ଛଡାଇବ ଲଜ୍ଜା
ସାରିଦେବ ପତିବ୍ରତା ଗୁମାନରେ । ୪
ଶ୍ରୁତିରେ ସୁଧା ବରଷା                    ହୃଦୟରେ କଣ୍ଟକସା
ଦହୁଛି ତନୁ ସ୍ମର ହୁତାଶନ ରେ । ୫
ଗୋପାଳକୃଷ୍ଣ କହଇ                    ସ୍ୱାମିନ ଭୁମ୍ଭର ପାଇଁ
ବଜାଉଛନ୍ତି ବ୍ରଜେନ୍ଦ୍ର ନନ୍ଦନ ରେ । ୬

—*—

# ଶ୍ରୀ ରାଧାଗୋବିନ୍ଦ କୀର୍ତ୍ତନ

ବୃନ୍ଦାରଣ୍ୟ ସାର୍ବଭୌମ ଦମ୍ପତି । ରାଧାଗୋବିନ୍ଦ ।

ସର୍ବ ବ୍ରଜବାସୀ ନେତ୍ର ସମ୍ପତ୍ତି । ରା । ୧ ।
ମହାଭାବୋଜ୍ଜ୍ୱଳ ରସ ଶ୍ରୀ ମୂର୍ତ୍ତି । ରା ।
ରାକାବନ୍ଧୁ ବିଜୟୀ ବଦନଦ୍ୟୁତି । ରା । ୨ ।
ସର୍ବାଶ୍ରୟ ସର୍ବଗ ସନାତନ । ରା ।
କିଶୋର ବୟସ ନିତ୍ୟ ନୂତନ । ରା । ୩ ।
ଗୋକୁଳେଶ୍ୱରୀ ବାତ୍ସଲ୍ୟ ସଦନ । ରା ।
ନିଜ ପରିଜନ ଜୀବ ଜୀବନ । ରା । ୪ ।
ଗୋଷ୍ଠକୁଳଜା ନିକର ବେଷ୍ଟିତ । ରା ।
ନାନାରତ୍ନାଳଙ୍କାର ବିଭୂଷିତ । ରା । ୫ ।
ରାସ ମଣ୍ଡଳ ମଧ୍ୟେ ବିରାଜିତ । ରା ।
ଚାରୁ ସରସୀ ରୁହ ବଂଶୀହସ୍ତ । ରା । ୬ ।
ଆହା ଫୁଲଶେଜ ବିଜେ କଲର । ରା ।
ପରିଷ୍ୱଙ୍ଗ ରଙ୍ଗରେ ମଜ୍ଜିବାର । ରା । ୭ ।
ଗଣ୍ଡେ ଗଣ୍ଡ ଦେଇ ଉଲ୍ଲସିବାର । ରା ।
ଆଳି ଦେଖିବେ ବୋଲି ଶଂକିବାର । ରା । ୮ ।
ହରିପୁର ସୁଧୀ ପରି ବଚନ । ରା ।
ସଜକଞ୍ଜ ସୁରଭି ନିଶ୍ୱାସନ । ରା । ୯ ।
ମନ୍ଦମୃଦୁ ମଧୁ ଗନ୍ଧ ହସନ । ରା ।
କଳାକାର ଶତ ଶୀତାପଘନ । ରା । ୧୦ ।
ଏକ ଫୁଲମାଳା ବେଷ୍ଟଗଳାରେ । ରା ।
ଗୀତ ମିଶାଇ ବଂଶୀ ନିସ୍ୱନରେ । ରା । ୧୧ ।
ସନ୍ତୁଚୁମ୍ବ ରଚନା ପରସ୍ପରେ । ରା ।
କର ନବେଶି ଚାରୁ ଚିବୁକରେ । ରା । ୧୨ ।
ପଶାଖେଳ ବେଳ ବସାସୁଷମା । ରା ।
ମନ ମୋହର ଚୁମ୍ବକ ପ୍ରତିମା । ରା । ୧୩ ।

ଆହା ପୁଲକ ଯାର ଗଣ୍ଡ ସୀମା । ରାଧାଗୋବିନ୍ଦ ।
ଲଜ୍ଜା ହର୍ଷ ମିଶ୍ରିତ ମଧୁରିମା । ” । ୧୪ ।
ମଧ୍ୟାହ୍ନରେ ପୁଷ୍ପାବଚୟନ ରେ । ”
କେବେ କ ଦେଖିଲ ଘୋର ବନରେ ” । ୧୫ ।
ପ୍ରେମ ପୁରୁଷ କୃଷ୍ଣଙ୍କ ସଙ୍ଗରେ । ”
କରିବାର ସଂଳାପ ପରସ୍ପରରେ । ” । ୧୬ ।
ବିଳସିବାର ବ୍ରଜେନ୍ଦ୍ର ପୁରରେ । ”
ବିରହିତା ବଧୂ ପୁଷ ପରିରେ । ” । ୧୭ ।
ଗୋଷ୍ଠେଶ୍ୱରୀଙ୍କ ଆନନ୍ଦାମୃତ ନିଧି । ”
କରୁଥିବାର କେତେପରି ବୃଦ୍ଧି । ” । ୧୮ ।
ଜନ ଗୋଷ୍ଠୀରେ ହେଲ ଅନା ଅନ । ”
କି ତୁଳନା ହେବ ତୁଚ୍ଛ ଦାମିନୀ । ” । ୧୯ ।
ଗୋବର୍ଦ୍ଧନ କନ୍ଦରର ବିହାର । ”
ବନ ପିଚ୍ଛୁଳାକୁ ଖିଟେଲିବାର । ” । ୨୦ ।
ରଙ୍ଗି ରସବଶରେ ପ୍ରକୋଷ୍ଠରେ । ”
ବ୍ରଜେଶ୍ୱରୀଙ୍କି ଆନନ୍ଦ ସିନ୍ଧୁରେ । ” । ୨୧ ।
ମଜ୍ଜାଇ ଦେବାରେ ଦରଶନରେ । ”
ରହିଥିବାର ନିଜ ହରଷରେ । ” । ୨୨ ।
ପ୍ରିୟ ଲକ୍ଷଣକୁ ବୁଝାଇ ବାର । ”
ଆଳୀ ଗଳ ଗ୍ରନ୍ଥି ବରଜିବାର । ” । ୨୩ ।
ଦୁହେଁ ମଜ୍ଜାଇ ଉଭଙ୍କୁ ଉରରେ । ”
ଗୁଡ଼ ବୋଲିବାର ଅତି ଲଜରେ । ” । ୨୪ ।
କୋଟି ବ୍ରହ୍ମାଣ୍ଡେ ନଥିବ ସୁନ୍ଦର । ” ।
ତନୁ ଅଳଙ୍କାରର ଅଳଙ୍କାର । ” । ୨୫ ।
ଲୋକୋତ୍ତର ଗୁଣମଣି ମନ୍ଦିର । ” ।
ଆହା ନୀଳ ପୀତ ଚେଳ ଲାଗିର । ” ।୨୬ ।
ସଦା ବିଳାସ ନିକୁଞ୍ଜ ଆରଣ୍ୟ । ”
ଅବତଳିତ ସେ ନବ ତାରୁଣ୍ୟ । ।୨୭ ।

ଶରଣାର୍ଥୀର ପରମ ଶରଣ୍ୟ । ରାଧାଗୋବିନ୍ଦ ।
ସ୍ନିଗ୍ଧ ପ୍ରଣୟ ପୀୟୂଷ ବଦାନ୍ୟ । " ।୨୮।
ଏକ ଆଦରଣକୁ ବୃନ୍ଦେଁ ବାର । "
ହରଷରେ ହସା ହସି ହେବାର । " ।୨୯।
ପଟାଞ୍ଚଳରେ ଝାଳ ପୋଛିବାର । "
ଉର ଉପରେ ଆଉଜାଇବାର । " ।୩୦।
ଚନ୍ଦ୍ର ଚନ୍ଦନ ଚର୍ଚ୍ଚିତ ପ୍ରଷ୍ଠକ । " ।
କଣ୍ଠେ ଉଂସିତ ସପଦ ଚମ୍ପକ । " ।୩୧।
ହୃଦ ହାରରେ ଅଶୋକ ସ୍ତବକ । "
ହା ସିନ୍ଦୂର ଗୋରଚନା ତିଳକ । " ।୩୨।
ଘୁରୁ ଅଳକା କଳ ଶ୍ରୀ ଅଳକ । "
ପୁଷ୍ପ ଝଁରା କେକପୁଚ୍ଛ ମସ୍ତକ । " ।୩୩।
ଆହା ନାସାଭୂଷା ନବ ମୌକ୍ତିକ । "
ଚରମରେ ପ୍ରଲମ୍ବ କୁନ୍ଦସ୍ରକ । " ।୩୪।
ଛିଡ଼ିଲାକ ମୋତିହାର ହୃଦରୁ । "
ଗୁନ୍ଥିବାର ଗୋଟିଆଇ ଶେଷରୁ । " ।୩୫।
ଖସି ପଡ଼ିଲାର ସ୍ରଜ କେଶରୁ । "
ଠାଣ ଦାସୀଙ୍କି ଦେବାର କରରୁ " ।୩୬।
ଚନ୍ଦ୍ର କିରଣେ କୁଞ୍ଜ ପ୍ରାଙ୍ଗଣରେ । "
ମନ୍ଦ ଗନ୍ଧ ଶୀତ ସମୀରଣରେ । " ।୩୭।
ବଜେ କର ପ୍ରିୟସଖୀ ଗଣରେ । "
ଆହା ପ୍ରହେଳୀ ପ୍ରଶ୍ନ କୁତୁକରେ । " ।୩୮।
ଆସୁ ଆସୁ କାନନୁ ଅଢ଼ାଳରେ । "
ରହି ଭେଟ ହେବାର ସରଣୀରେ । " ।୩୯।
ନିଧି ପ୍ରାପ୍ତି ପରାଏ ନର୍ତ୍ତନରେ । "
ମୁଦ ହେବାର ଆହା ପରସ୍ପରେ । " ।୪୦।
ଗାଢ଼ ନବ କାଦମ୍ବିନୀ ନିଶାରେ । "
ପରକ୍ଷିତ ଋତୁର ସଙ୍କେତରେ । " ।୪୧।

ମିଳିବାର ସଦନ ବାଟିକାରେ । ରାଧାଗୋବିନ୍ଦ ।
ଚାହିଁ ଚଉଦିଗକୁ ସଭୟରେ । ” । ୪୨ ।
ଆକର୍ଷିଲେ କେ ଓଢ଼ଣି ହେବାର । ”
ଲାଗି ବାସକୁ ହୋଇ ତର ତର । ” । ୪୩ ।
ନିକଟରେ ଶୁଭିଲେ ଆଳୀ ଗିର । ”
ଲତା ଗୃହକୁ ପଳାଇ ଯିବାର । ” । ୪୪ ।
ପ୍ରାଣ ଗଲେ କୁଙ୍କୁମେ ବୋଲି ସହି ”
ବଦନକୁ ଚାହିଁ କେ କେ ନଚାହିଁ । ” । ୪୫ ।
ହସି ଦେବାର କଥା କୁହାକୁହି । ”
ହି ଗାସୁ ବୋଲିବାର କେହି ନାହିଁ । ” । ୪୬ ।
ଜୃମ୍ଭା ଆସିଲେ ଅଙ୍ଗୁଳି ଶବଦ । ”
କରି ହସି ହୋଇବାର ଆନନ୍ଦ । ” । ୪୭ ।
ପୁଣି ଲେଉଟାଇ ବାର ଚାହିଁବାକୁ । ”
କଷ୍ଟ କଷ୍ଟରେ ଟେକି ପକ୍ଷ୍ମଲକୁ । ” । ୪୮ ।
ଆହା କୁଞ୍ଜ ପ୍ରାଙ୍ଗଣେ ମଧ୍ୟାହ୍ନରେ । ”
ପଦ ନଖରେ ଲଲାଟ ପଟରେ । ” । ୪୯ ।
ସ୍ଵ ସ୍ଵ ପ୍ରତିବିମ୍ବକୁ କୌତୁକରେ । ”
ବିଲୋକିବାର ଆଳୀ ସମକ୍ଷରେ । ” । ୫୦ ।
ଆହା ମଧୁପାନେ ହୋଇ ପ୍ରମତ୍ତ । ”
ହାସ ଯୁତ ଲୁପ୍ତବର୍ଣ୍ଣ ଭାଷିତ । ” । ୫୧ ।
ହା ଖଞ୍ଜନ ନୟନ କଷାୟିତ । ” ।
କ୍ଷଣେ ଚକିତ କ୍ଷଣେ ଆଘୂର୍ଣ୍ଣିତ । ” । ୫୨ ।
ପ୍ରାତଃ ନିଦ୍ରାମ ଶ୍ରୀ ମୁଖ ଲୋକନ । ”
ପକ୍ଷ୍ମ ଫିଟାଇ କରୁ ଦରଶନ । ” । ୫୩ ।
ପ୍ରେମ ସୁଧାବ୍ଧିରେ ହୋଇ ମଗନ । ”
ଦେଇ ଚୁମ୍ବନ ହେବାର ପ୍ରଚ୍ଛନ୍ନ । ” । ୫୪ ।
ପରଂପଦରେ ଗୀତ ଯାର କୀର୍ତ୍ତି ”
ଷଡ୍ଭୁଜନ୍ତ ଶ୍ରୀ ନୀଳାଦ୍ରି ସତ୍ତା । ” । ୫୫

## ରାଧାକୃଷ୍ଣଙ୍କ ନଗ୍ନ ପ୍ରେମଲୀଳା



ସ୍ୱ ସ୍ୱ ପ୍ରଭୁ ବମ୍ବକୁ କୁଚୁକରେ
ବଲ୍ଲକବାର ଆଳୀ ସମକ୍ଷରେ । ୫୧ ।
ଆହ୍ୱା ମଧୁପାନେ ହୋଇ ପ୍ରମତ୍ତ
ଦାସ ସୁତ ଲୁପ୍ତ ବର୍ଣ୍ଣି ଖ୍ୟାପିତ । ୫୨ ।
( ଗୋପାଳକୃଷ୍ଣ ଗ୍ରନ୍ଥାବଳୀ ୧୩୪ ପୃଷ୍ଠା )

ଯୋଗୀ ସଦା ଚନ୍ଦ୍ରକାନ୍ତ ସାନ୍ଦ୍ରମୂର୍ତ୍ତି ରାଧାଗୋବିନ୍ଦ ।
ଅସମ ଉନ୍ନତ ସୁଷମା ପ୍ରୀତି । ” । ୫୬ ।
ଦୁହେଁ ନିକୁଞ୍ଜ ପ୍ରଦୀପ ପାଶରେ । ”
ରସ କାବ୍ୟ ପଢି ପଢ଼ି ପୋଥିରେ ” । ୫୭ ।
ଗଣ୍ଡ ସ୍ଥଳକୁ ମିଶାଇ ଗଣ୍ଡରେ । ”
ମଜ୍ଜିବାର ଆହା ଭାବ ଭାବରେ । ” । ୫୮ ।
ରାସ ନର୍ତ୍ତନର ଅନୁରଞ୍ଜନ । ”
ଆହା ତ୍ରୈଲୋକ୍ୟ ଲକ୍ଷ୍ମୀର ସଦନ ” । ୫୯ ।
ରୂପ ଚରାଚର ପ୍ରାଣୀ ମୋହନ । ”
ଦ୍ୟୁତି ତଡ଼ିତ ଲତା ନବଘନ । ” । ୬୦ ।
କେବେ ସେ ରୁଷିଲେ ଆହା କାହାକୁ । ”
ରୁଣ୍ଡି ଥିବାର ଲଳିତା ଆଡ଼କୁ । ” । ୬୧ ।
ତାଙ୍କ ଭରଷାରେ ରୋଷ ଦୋଷକୁ । ”
ତେଜି ମିଶି ଖେଳିବାର କ୍ଷଣକୁ । ” । ୬୨ ।
ଦୁହେଁଯାକ ଦେହ ପ୍ରାଣ ପରସ୍ପେ । ”
ଦୂର ହେବାର ନାହିଁ ଯେ ଘଡ଼ିଏ । ” । ୬୩ ।
ଅନୁବ୍ରତ ସ୍ନେହରେ ଜରଜର । ”
ସବୁବେଳେ ଅଧୀନ ଆଳୀଙ୍କର । ” । ୬୪ ।
କୁଞ୍ଜବନେ ଲୁଚିଲୁଚି ଖେଳରେ । ”
କ୍ଷଣେ ଦିଶି ନ ଦେଲେ ବିକଳରେ ” । ୬୫ ।
ପୂରିଯାଇ ନେତ୍ର ଅଶ୍ରୁ ଜଳରେ । ”
ଆହା ପୋଛୁ ପୋଛୁ ଚେଲାଞ୍ଚଳରେ ” । ୬୬ ।
ହରି ହେଲା ମୋ କଣ୍ଠ ଆଳୀଙ୍କି । ”
ବୋଲିବାର ଏଥର ଦିଅ ଡାକି ” । ୬୭ ।
ଚିନ୍ତ ଗୋପାଳ କୃଷ୍ଣ ସେ ଚରଣ । ”
ପ୍ରାଣ ସମର୍ପି ପଶିଲା ଶରଣ । ” । ୬୮ ।

—*—

## ରାଗ ବେହାଗ—ଏକତାଲ

ମୋହନ ମାଧୁରୀ ଦେଖିଥିଲି ନାରୀ
ନଇ ଯିବ କି ଆଉ ଘରେ । ପଦ ।

ଦୃଷ୍ଟି ପାତ ଠାରେ ଅନୁ କରତରେ
ଲକ୍ଷ ଝଗିବ ତାହାରି ରେ
ପ୍ରାଣକୁ ଆଣିଲା ପରି ଲାଗୁ ଥିବ
ହସି ହସି ବଂଶୀଧାରୀ ରେ । ୧ ।

କି ସମ୍ଭବ ନାହିଁ କେଉଁ ଦେବତାଙ୍କୁ
ତା ପ୍ରୀତି ପାଇଁ ଭୁ ହାରି ରେ
ସବୁ ବରତ କରିବ ବୋଲୁଥିଲ
ପାଇଲେ କୁଞ୍ଜ ବିହାରୀ ରେ । ୨ ।

କୃଷ୍ଣ ବୋଲି କେଣେ କାହିଁକି କେ ତେଣେ
ଡାକିଲେ ପୁରୁ ବାହାରି ରେ
ଚଉଦିଗକୁ ଚାହିଁ ମୋର ମୋହରେ
ହୋଇ ନ ଯିବକି ଘାରିରେ । ୩ ।

କାଳିନ୍ଦୀ ଖରେ ନିକୁଞ୍ଜ କୁଟୀରେ
ନଗ୍ରଟ କାଳ ବିଗୁରି ରେ
ମିଳିବା ପାଇଁକି କେତେଥର ହେଲେ
ଆଣି ନ ଯିବକି ବାରିରେ । ୪ ।

ସୁଗୁଣ ସୁନ୍ଦର ପଣଯାକ ଗୁଣି
ଏକାଇ ତାକୁ ହିଆର ରେ
ବୋଲେ ଗୋପାଳକୃଷ୍ଣ ଭାବ ଥିଲେକି
ଯିବ ମନରୁ ପାସୋରି ରେ । ୫ ।

# ସ୍ୱାନୁଭୂତ

## ରାଗ ଆନନ୍ଦ ଭୈରବୀ—ଆଦତାଳ

( ଅଳି ! କେଶର କୁଞ୍ଜରୁ ଅଇଲୁକ—ବୃତ୍ତେ )

କଳ୍ପେ ଜଇଥିଲେ କିସ କରିବରେ
ସଂକଳ୍ପ ଯନ୍ଥ ଥରେ ନ ପୂରିବରେ । ୦ ।
ବୃନ୍ଦାବନ ଅପ୍ରାକୃତ । ମଦନ ବଚନାମୃତ
ଯା ଶ୍ରୁତି ପଥରେ ନ ସଂଶିବ ରେ । ୧ ।
ନୀଳୋତ୍ପଳ ମୃଗମଦ । ଶ୍ୟାମଳ ତନୁ ଆମୋଦ
ବାୟୁ ଯା ନାସାରେ ନ ପ୍ରସରିବ ରେ । ୨ ।
ଶଶୀ ଶୋଭା କୃଶ କର । ବଂଶୀ ବସା ମୁଖ ଶିର
ଯା ଈକ୍ଷଣେ କ୍ଷଣେ ନ ଉଦ୍ଭରିବ ରେ । ୩ ।
ସୁଧାଗର୍ବ ଖର୍ବୀକୃତ । ହରି ତାମ୍ବୁଳ ଚର୍ବିତ
ଲବ ନ ଲଭି ସେ ଦିନ ହରିବ ରେ । ୪ ।
ପରାର୍ଦ୍ଧ ବିଧୁ ଶୀତଳ । ମୋହନ ଶ୍ରୀ ବକ୍ଷସ୍ଥଳ
ସ୍ୱପ୍ନେ ହେଲେ ସ୍ପରଶି ନପାରିବ ରେ । ୫ ।
ଗୋପାଳକୃଷ୍ଣ କହଇ । ସେ ପାଦପଦ୍ମ ନ ପାଇ
କାହିଁ ପାଇଁ ପ୍ରାଣ ଆଉ ଧରିବରେ । ୬ ।

—*—

## ରାଗ ହରି କାମ୍ବୋଦି—ତାଳ ମିଶ୍ରରୂପ

ମାଧୁରୀ ରେ, ମାଧୁରୀ ରେ, ଆହା ମାଧୁରୀ
ନିକୁଞ୍ଜକୁ ବିଜେ କରିବାର ରସେଶ୍ୱରୀ । ପଦ ।
ପ୍ରଫୁଲ୍ଲିତ ବୃକ୍ଷବଲ୍ଲୀ ଭ୍ରମର ଗୁଞ୍ଜନ
କାଳନ୍ଦୀ କୁମୁଦ ବନ ଶୀତଳ ପବନ । ୧ ।
ତ୍ରୈଲୋକ୍ୟ ଲକ୍ଷ୍ମୀ ବସନ୍ତ କାନ୍ତ ରୂପ ଧାଇ
ପଦ ବିନ୍ୟାସ କଲାର ଧୀର ଧୀର ହୋଇ । ୨ ।

ତମାଳକୁ ଚୁମ୍ବି ଶ୍ୟାମ ଭ୍ରମେ ଚରମକୁ
ଧ୍ୱଂସିବାର ଗାଢ଼େ ଧରି ଲଳିତା ଭୁଜକୁ । ୩ ।
ଉଦ୍‌ବେଗ ଘୂର୍ଣ୍ଣ ଭ୍ରମ ପ୍ରଣୟ ହରଷ
ସ୍ୱେଦ କମ୍ପ ପୁଲକରେ ଶ୍ରୀଅଙ୍ଗ ଅବଶ । ୪ ।
ପ୍ରାଙ୍ଗଣେ ଜୀବନ ବନ୍ଧୁ ଶ୍ରୀ ମୂର୍ତ୍ତିଙ୍କ ଚୁମ୍ବି
ଚରଣ ନ ଚଳେ ଲାଜେ ବଳାଇଲେ ସଖି । ୫ ।
ଖସି ଯାଇ ମାଳ ଉପୁରଣ ମସ୍ତକରୁ
ଅଧୋମୁଖେ ରହିଲାର କନକ ଉନ୍ନୋରୁ । ୬ ।
ଗୋପାଳକୃଷ୍ଣ ଭଣେ ନାଗର ଚକ୍ରବର୍ତ୍ତୀ
ଉଷା ହେବାର ସଖୀଙ୍କ ସନ୍ନିଧେ ଶ୍ରୀମୂର୍ତ୍ତି । ୭ ।

—*—

## ରାଗ ନାଦନାମ କ୍ରିୟା—ଆଦିତାଳ

( କେତେ କାଳକୁ ମୁଖ ଦେଖିଲି ଆଜ—ବୃତ୍ତେ )

ଏ ଘନ ଵନ ଏକା ନେବେ କେ କରି
ପାମର ଦଇବ କଲା ଆହା ଏତେ ସରି, ସଖି । ପଦ ।
ଶୁଣି ଭେକ କେକୀ ନାଦ ପରମାଦସୁ ପ୍ରମାଦ
କି ହେଉଥିବ ସେ ହୃଦ କର ସହଚରି, ସଖି । ୧ ।
ଝଟକେ ଅନା ବିଦ୍ୟୁତ ମତ୍ତେ ଅଳି କରେ ରୁତ
ବହେ ମାଳତୀ ମରୁତ ଡାକୁଛି ଝିଙ୍କାରୀ, ସଖି । ୨ ।
ଯିବାକୁ ମାଗୁ ନେଲଣି ମୋତେ ମୋର ଗୁଣମଣି
ନଥିଲା ପୁଣି ପୁଣି ଶିରେ କର ଧରି, ସଖି । ୩ ।
ରଖି ନୟନର ନୀର ଲେଉଟି ବିଲୋକିବାର
ଫାଟି ଯାଉ ନାହିଁ ଉର ସେ ରୂପ ସୁମରି, ସଖି । ୪ ।
ଗୋପାଳକୃଷ୍ଣଙ୍କୁ ମୋର ପ୍ରବାସ କଷ୍ଟ ଶଙ୍କର
ଏହିବାରକ ଉଦ୍ଧର କହୁଛି କୁହାରି, ସଖି । ୫ ।

—*—

## ରାଗକାଫି—ଆଠତାଳୀ

( ଇନ୍ଦ୍ରେ ପରାଣ ବନ୍ଧୁ ଟେକ ମଥା—ବୃତ୍ତେ )

ମୁଁ କି ମୂଢ ବୁଦ୍ଧି କଲରେ ରସନିଧି । ପଦ ।
ଆଳୀ ବଦନରୁ ଶୁଣି ମୋ ନିଷ୍ଠୁର ଗିର
ଝାଳ ଝାଳ ତେଜି ଦୀର୍ଘ ନିଶ୍ୱାସ ସମୀର
ସ୍ୱାନ୍ତେ ଶାନ୍ତିକ ଭଙ୍ଗ ଅନୁରାଗ,ଅଙ୍କର
ଖଣ୍ଡି ଦେବ କି ହୁଡ଼ିଲେ ରେ । ୧ ।
ପ୍ରେମ ଦ୍ରୁମରେ ଫଳିଥିବା ଫଳ ବିଧାତା
କାହିଁ ଜନ ମାଇଲା ପରୀକ୍ଷା ପିଶୁନତା
ମୂଳରୁ ମୁଁ ଛିନ୍ନାଇଲି ରେ । ୨ ।
ତ୍ରୈଲୋକ୍ୟ ଲକ୍ଷ୍ମୀ ବସନ୍ତ ନବନୀତ ଦେହୀ
ଚଣ୍ଡାଳ ମଦନ ଶର କଦନ ନ ସହି
ପ୍ରାଣ ବିସର୍ଜିବ ପରି ଆଳୀଙ୍କି ନ କହି ।
ବିନା ଦୋଷେ ଦଣ୍ଡ ଦେଲିରେ । ୩ ।
ରାଧା ବୋଲି ପରିତୋଷ ହେଉଥାଉ ମନ
କେବେ ହେଲେ ସ୍ୱଚ୍ଛ କରି ସେ ଶ୍ରୀ ଚନ୍ଦ୍ରାନନ
ଆହା ଦେଖି ନପାରିଲି ରେ । ୪ ।
ବୋଲୁ ଶୁଣୁଥିଲି ଗୋପାଳ କୃଷ୍ଣ ଭଣିଲି
ଆପଣାର ଅଙ୍ଗ ଉତ୍ତୀର୍ଣ୍ଣ ରଙ୍ଗଣ ମାଳା
ଶ୍ରୀ କିଶୋରମଣି କଣ୍ଠେ ଶୋଭା ପାଉଥିଲା ।
ଏକ୍ଷଣି ଦେଖି ଆଇଲି ରେ । ୫ ।

## ରାଗ ଧନାଶ୍ରୀ—ଆଦିତାଳ

( କି ଆରେ ମନ ଭଜ ଗୋଲ ହରିବୋଲନା—ବୃତ୍ତେ )

କାହିଁକି ମନ ନ ଘେନୁ ତୁ କେତେ କହିଲେ
ଶ୍ରୀ ରାଧାକୃଷ୍ଣ ପଦାବ୍‌ଜେ ରହିଥା ବୋଇଲେ । ପଦ ।
ପରମାରାଦ୍ଧ ଲୋକରେ ନାହିଁକେ ସେ ସଦ୍‌ଗୁଣରେ
ଗଣନା ହୋଇବୁ ତାଙ୍କ କିଙ୍କରୀଙ୍କ କୁଳେ । ୧ ।
ଅଧୀମାଧୀଶ ମାଧୁରୀ ସ୍ୱଚ୍ଛନ୍ଦରେ ଅବଧାରି
ଯେମନ୍ତ ସୁଖ ଲଭିବୁ ହେଜିବୁ ସେ କାଳେ । ୨ ।
ତୋ ସ୍ୱାମିନ ସ୍ୱାମିଙ୍କର ଶ୍ରୀ ବୃନ୍ଦାରଣ୍ୟ ବିହାର
ଦେଖି ଭାସିବୁ ପୀୟୂଷ ବାରିଧି କଲ୍ଲୋଳେ । ୩ ।
ରାସେଶ୍ୱରୀ ରାସେଶ୍ୱର ହୃଦରେ ଆଉଜି ବାର
ରାସାବସାନେ ସେବିବୁ କସ୍ତୁରୀ ଫୁଲେ । ୪ ।
ବିକ୍ୟନେନ୍ଦ୍ର ପ୍ରେମାଞ୍ଜନ ରଞ୍ଜିକରି ଆଲୋକନ
ରତ୍ନରତ୍ନ ଚିନ୍ତାମଣି ସିଂହାସନ ତଳେ । ୫ ।
କୁଣ୍ଠିତ ବିଷୟ ଭୋଗ ଆଶାରେ ତୁଅନା ଯୋଗ୍ୟ
ଗୋପାଳକୃଷ୍ଣ ବୋଲଇ ମନ୍ତ୍ର ଅଭିକଳେ । ୬ ।

*-*-*

## ପ୍ରାର୍ଥନା

### ରାଗ ମୁଖାରୀ—ମିଶ୍ରରୂପ

( କିଶୋର ମଣି ଗୀତ—ବୃତ୍ତରେ )

ଶଚୀ ନନ୍ଦନ । ପାହି ପ୍ରଭୋ ଦୟାନିଧେ । ପଦ ।
ପୂର୍ଣ୍ଣ ସନାତନ । ଆନନ୍ଦ ବର୍ଦ୍ଧନ
ନିଗମବନଗୃଢ଼ । ଜନ ପ୍ରଚ୍ଛନ । ୧ ।
ହେମାବ୍ଜ ନନ୍ଦନ । କୋମଳାଙ୍ଗଘନ
ପଗର୍ବ ମଦନ ନିର୍ଧୂତ ଶୋଭନ । ୨ ।
ସ୍ୱୀୟପ୍ରେମଧନ । ବିଦାନ୍ୟ ଚୈତନ୍ୟ-
ଚନ୍ଦ୍ର ମୂଢ଼ାନ୍ଧଧେୟ ଦୁଃଖ ଧ୍ୱଂସନ । ୩ ।

ସ୍ୱରୂପପାବନ । ରୂପ ହୃତ୍କେତନ
ସନାତନ ମାନସ ନଳିନନନ୍ଦନ । ୪ ।
ପ୍ରଭୁ ସଙ୍କୀର୍ତ୍ତନ । ପଣ୍ଡିତ ନର୍ତ୍ତନ
ଗୋପାଳକୃଷ୍ଣ ହୃତ୍ତମ ବିକର୍ତ୍ତନ । ୫ ।

—*—

## ରାଗ ସାବେରୀ—ଏକତାଳି

( ଗଲଣିତ ଗଳ୍ପ କଥାରେ ସଂଗୀତ—ବୃତ୍ତେ )

ପରସ୍ପର କେଣେ ମନରେ ମିଳଣି !

ହୃଦରେ ଆବେଶ ହୋଇଛନ୍ତି କି ରେ ଶ୍ରୀ ବୃନ୍ଦାରଣ୍ୟ ମଦନ ।ପଦ।
ଲଳିତାଙ୍କି ମୁହିଁ ଲଳିତା ଡାକୁଛି ଏଣେ ଦେଉନାହୁଁ କାନ
କି ମଜ୍ଜିଛି ଚିତ୍ତ ଆରେ ପ୍ରାଣମିତ ଡାକୁତ ନାହୁଁ ନୟନ । ୧ ।
ଆସୁ ଆସୁ ମୁଁ ପାଶ୍ୱେଁଟି ଆସିଆଗେ ହୋଇ ଯାଉ ବେପ ପ୍ରସନ୍ନ
ସ୍ନେହସୀ ବିଦ୍ୟୁଲ୍ଲତା ପରିରମ୍ଭ ପଦେ କହୁଛ ନାହିଁ ବଚନ । ୨ ।
ଛାଡ଼ ମୋ ଅଞ୍ଚଳ କାହାକୁ ବୋଲୁଛ କୈଶ୍ୱ କାହାନ୍ତି ତଜନ ।
ହାତରେ ସରସିଜ ଧରି ମାଗୁଛି ବଅବୋଲି ମୋ ନଳନ । ୩ ।
ପଥ ଛାଡ଼ ବୋଲି କହୁଛ କାହାକୁ ବନ ନୁହେଁ ଏସଦନ
କହ ଦେବଟି ସଖୀଙ୍କି ବୋଲୁ ଏଣେ ଆଖିରୁ କହୁଛି ବନ । ୪ ।
ଚେତ ଚନ୍ଦ୍ର ଶ୍ରୀ କିଶୋରୀମଣି ଲଟଜ ଲୁଆଁଇ ଦେଲେ ଲପନ
ଖଟଳ ଗୋପାଳକୃଷ୍ଣ କତି ଏପରି ହେଲେ କୈହୁଣିବ ବନ । ୫ ।

—*—

## ରାଗ ଖମାଚ—ଆଦ୍ଧତାଳି

( ନ ଖାଗରେ ଶୁଖାଙ୍ଗି ଖରତିତୁଅ ସ୍ୱାହା—ବୃତ୍ତେ )

ଭଜମନ ହରିପ୍ରାଣ ପ୍ରେୟସୀ ଶ୍ରୀମତିଙ୍କି
ଶୁଣାଯିବ ସେହି ଗୋଷ୍ଠଚନ୍ଦ୍ରମା ବନିତାଙ୍କ । ପଦ ।
ନୋହୁନକର ଶୋଚନା          ସେ ଦେଇ ନାହାନ୍ତି ସିନା
ଜଣାଇଲେ ହୋଇ ପଦ ପଙ୍କଜେ ପ୍ରଣତିଙ୍କ । ୧ ।

ସେ ଚନ୍ଦ୍ରାବଳୀଙ୍କ ତୁଳେ ଥିଲ୍ବେଳେ ତୁ ଦେଖିଲେ
ତୋ ପଛେ ପଛେ ବୁଲୁ ସରବ ଧନ ସତ୍ତକ । ୨ ।
ରୁଷି ଥିଲେ ଶ୍ରୀ କଶୋଗ୍ଣି ତୋ ଆଡ଼କୁ ଅନୁସରି
ଲେଖି ଲେଖିଧରି ଦେଖୁଥିବେ ତୋ ପଦ୍ଧତକ । ୩ ।
ସ୍ଥମୁରେ ଅଛୁ ସେବାରେ ବୋଲିଜଣାଇବୁ ବାରେ
ପାସୋରନା ବୋଲ ଦେବେ ତୋ ପଣେନ୍ତେ ଗ୍ରନ୍ଥିକ ।୪।
ବାଟିକା ଦ୍ୱାର କବାଟୀ କଳଶି ଦେଇ ନଥାନ୍ତି
ବୋଲି ଆନ ଦେବେ ସୁଖ ଲଗାଇ ତୋ ଶ୍ରୁତିକ । ୫ ।
ଗୋପାଳ କୃଷ୍ଣ କହଇ ରାଧାଙ୍କୁ ଅଙ୍କେ ବସାଇ
ଡ଼ାକିବେ ନିତ୍ୟାବସାନେ ନାମଧରି କନ୍ତକ । ୬ ।

—*—

## ରାଗ ନାଦନାମକ୍ରିୟା—ମିଶ୍ରରୂପତାଳ

( ନାହିଁ ମୋର ପୀରତି ସମକାର—ବୃତ୍ତେ )

ଧୀର ସମୀରେ ବସି ଡ଼ାକୁଛି ତୋ ନାଁ ରେ । ପଦ ।
ପ୍ରାଣେଶ୍ୱରୀ ରାଧିକେ ଶ୍ରୀମନ୍ତି ଗାନ୍ଧର୍ବିକେ
ବୋଲୁ ହଜି ଯାଉଛି ତୋ ଚେତନାରେ । ୧ ।
ବନେ ପ୍ରତି ବଲ୍ଲୀକି ଧେନୁ ପଶୁ ପକ୍ଷିକି
ତୋ ଅଭିଧାନରେ କରି କଳ୍ପନାରେ । ୨ ।
ତୋଳି କୁସୁମ ବାଳା ତୋ ବେଣୀ ପାଇଁ ମାଳା
ଗୁନ୍ଥି ସେ ରଖୁଛି ଚନ୍ଦ୍ର ବଦନାରେ । ୩ ।
ଧ୍ୟାନ କରୁ ତୋ ରୂପ ବଢ଼େ ଲୁହ ଅମାପ
ଦ୍ୱିଗୁଣେ ବୃଦ୍ଧି ହେଲାନ ଯମୁନାରେ । ୪ ।
ତା ଦୋଷ ବୁଝାମଣା କରି ସ୍ଥମୁକୁ ଅଣା
ଦଣ୍ଡ ଦିଅ ପଦ୍ମକେ ତୁ ଉଦନା ରେ । ୫ ।
ଗୋପାଳ କୃଷ୍ଣ ବୋଲେ ସେହ୍ନସନେ ଚଳିଲେ
ପଥେ ସଖୀକହେ ଶୁଣ ସୁମନାରେ । ୬ ।

## ରାଗ ମୁଖାରୀ—ମିଶ୍ରରୂପ ତାଳ

( କୋପାଇଲା ଯେ ସେ କ ପାଇଲା—ବୃତ୍ତେ )

କାହୁଁ ଏ ନୂଆ ରୁଷା ଶିଖିଲୁ ରେ
ସଖି ଏମନ୍ତ କେବେ ନଥିଲୁରେ । ପଦ ।

ଘନ ଶିଥିଳ କେଶ କରିଦେବି ସୁବେଶ
ବୋଲନ୍ତେ କି କପଟ ରଚିଲୁ ରେ;
ଏଲାଗି ଦୁଃଖ କେତେ ପାଇବି ସୁଖ ମୋତେ
ହୋଇଛି ସିନା ଥାଉ କୋଇଲୁ ରେ । ୧ ।

ହେଉ ସଫଳ ଶ୍ରମ ବୋଲି ଜାତି କୁସୁମ
ମାଳା ଯୋଗାନ୍ତେ ବନ୍ଧେ ଗୁନ୍ଥିଲୁ ରେ;
ଶ୍ରୀକର ଶିରେ ଦେଇ ହୋଇ ମୋତେ ବିନମ୍ରୀ
ମଥା ମୋ କଥାଉଛି କହିଲୁ ରେ । ୨ ।

ମୁଖରୁ ଶ୍ରମ ବାରି ପୋଛି ଦେବି ବସ୍ତ୍ରର
ଧରୁ ମୁଁ ଉତ୍ତରୀୟ ହେଜିଲୁ ରେ;
ଦେଖ ଶ୍ରମ ଶ୍ରୀକର ବିଶେ କେଡ଼େ ସୁନ୍ଦର
ବୋଲି ବନ୍ଧୁ ମୁକୁର ଧଇଲୁ ରେ । ୩ ।

ଯାବକ ହେଲେ ଦେବି ବୋଲି ମାନସେ ଭାବି
ଗୋଡ଼ୁ ଅଲକ୍ତ ରସ ଜାଣିଲୁ ରେ;
ଏ ହେଲୁ କି ସୁନ୍ଦର ବୋଲି ମୋତେ ତା ଶିର
ଶପଥ ପକାଇ ନିଷେଧିଲୁ ରେ । ୪ ।

ଗୋପାଳକୃଷ୍ଣ ଭଣି ବିଦଗ୍ଧ ଶିରୋମଣି
ଚିତ୍ତକୁ ଏକେମନ୍ତ ଆସିଲୁ ରେ;
କୃଷ୍ଣ କହନ୍ତ ପଛେ ମୋତେ ବଳେକି ହୁଛେ
ଦନ୍ତେ ରସନା ଦଂଶି ହସିଲାରେ । ୫ ।

## ରାଗ ଯଦୁକୁଳ କାମୋଦ—ଆଦିତାଳ

ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର ମା ।
ସେ କରୁ ଗୋ ମୀରନ୍ତ ଯା ଦେହ ଲୁହାର ମା ।ପଦ।
ଶୁଣିଛୁ ପ୍ରସଙ୍ଗରେ ଚନ୍ଦ୍ରାବଳୀର ସଙ୍ଗରେ
ନାଗରୀ ବାଜ ଛି ବ୍ରଜ ଯାକରେ ଯାହାର ମା ।୧
ମଥୁରାକୁ ଉଧ୍ୱବକ ପଥେ ଗଲା ଶୁଆଳକ
ଶେଷେ ଶୁଆଇଛୁ ସେ ଗୋବର୍ଦ୍ଧନ ଗୁହାର ମା ।୨
ପଡ଼ିଲେ କା ଆଗରେ ବୁଡ଼ିବ ଦୁଃଖ ସାଗରେ
ପ୍ରାଣ ଧରିରହିଁବ ମୁଁ ମୁଖକୁ କାହାର ମା ।୩
କାଳିନ୍ଦୀ କୂଳରେ ରହିଁଲି ନୀପ ମୂଳରେ
ପଳାଇ ଆସିଲି ଠାରି ଜାଗୁଥିଲେ ଦ୍ୱାର ମା ।୪
ଗୋପାଳକୃଷ୍ଣ ଭଣେ ସ୍ୱାମିନୀ ତୁମ୍ଭ ପାଇଁ ସେ
ବ୍ରଜବଧୂ ହୋଇଛନ୍ତି ସୁରଭି ମାହାର ମା ।୫

—*—

## ରାଗ ବସନ୍ତ—ମିଶ୍ର ରୂପତାଳ

ହେଟି ଗୋ ଶ୍ୟାମଚନ୍ଦ୍ରକୁ ଅନା କଦମ୍ବ ମୂଳକୁ ।ପଦ।
ଲଳିତ ତ୍ରିଭଙ୍ଗ ଭଙ୍ଗୀ ନଟବର ବେଶ
ରଚିତ କଣ୍ଠେ ପ୍ରିୟ କନକମଞ୍ଜରୀ ନବରତ୍ନ କୁଣ୍ଡଳକୁ ।୧
ଜନ୍ମି ଦ୍ରୁତର ମାଳତୀ ମାଳା ହୃଦୟରେ
କି ରୁଚିର ନବଶିଖି ଶିଖଣ୍ଡ ବରଅଳକ ଚୂଳକୁ ।୨
କୁଟିଳ ଅଳକା ତଳେ ଚନ୍ଦନର ବିନ୍ଦୁ
ରୁରୁ ଭ୍ରୂ ବଲ୍ଲୀ ନାଚ ନାସାରେ ନୂଆ ମୁକୁତା ଫଳକୁ ।୩
ଦଳିତ ନବ ଅଞ୍ଜନ ପୁଞ୍ଜ ତନୁଦ୍ୟୁତି
ଜଗିଛନ୍ତି ପଥ ଥରେ ଦଶାଅ ମୁଖଚନ୍ଦ୍ର ମଣ୍ଡଳକୁ ।୪
ମୁରଲୀ ମଧୁର ନାଦେ ସୁରଭି କୁଳକୁ
ଡାକି ଡାକି ଡାକୁଛନ୍ତି ଗୋ ଆଉ କେତେ ନୟନାଞ୍ଚଳକୁ ।୫
ରହୁଁ ସଖୀ ଆପଟରେ ରହି ଶ୍ରୀ ରାଧିକା
ଗୋପାଳକୃଷ୍ଣ ବୋଲଇ ଝିଡ଼ିଲା କରୁ ମୁରଲୀ ତଳକୁ ।୬

—*—

## ରାଗ ପରଜ—ମିଶ୍ର ରୂପତାଳ

ମୋ କୃଷ୍ଣଚନ୍ଦ୍ରମା ପରି ଆନଟି କେ ଅଛି ସରମା । ପଦ ।
ରତ୍ନ ଚିନ୍ତାମଣି ମୋର        ତ୍ରିଭୁବନ ଅଳଙ୍କାର
ଦୁଃଖିର ସଙ୍ଗାଳି ଦରିଦ୍ରର ଧନ ମୋ ଶ୍ରୀ ହରି ।୧
ଝାଳରେ ତିନ୍ତି ଅଳକ        ଲିଭି ଯାଇଛି ତିଳକ
ସ୍ତନ୍ୟ ଦେଇ ମୁଖବାସେ ପୋଛି ଭସେ ବ୍ରଜେଶ୍ୱରୀ ।୨
ଖେଳୁଥିଲୁ କାହାଘରେ        ଧୂଳି ପୂରିଛି ଦେହରେ
ଦେଖାନ୍ତି ମା'ଇଁକି ମୋର ବାବୁ ତୋ ବଦନ ଶିରୀ ।୩
ଦେଖ କାହିଁ ନାହିଁ କିଛି        ଉଦର ବଳ ହେଉଛି
ମୂଢ ପଣେ ମୁଁ ରହିଲି ତେଣେ ଗୃହକୃତ୍ୟ କରି ।୪
ତୁମ୍ଭର ଆଶିଷ ପାଇ        ଆଉ ଚିରଂଜିବ ହୋଇ
ବୋଲି ମୁଖେ ମୁଖ ଦେଇ ଚୁମ୍ବନ୍ତି କାଖରେ ଧରି ।୫
କାହିଁ ରହିଥିଲୁ ଯାଇ        ମୋତେ ମନେ ନ ପକାଇ
ବୋଲଇ ଗୋପାଳ କୃଷ୍ଣ ଖେଳରେ ଦେଲେ ପାସୋରି ।୬

—*—

## ରାଗ ଝଂକୋଟୀ—ମିଶ୍ର ରୂପତାଳ

( ଦୁଃଖିଧନ ଦୁଃଖମୟ ନକର ସରସ ମନ—ବୃତ୍ତେ )
ଶ୍ୟାମ ଅପବାଦ ମୋତେ ଲଗି ଥାଉରେ ପ୍ରାଣସହି ।
ନିତ୍ତ ସେହି ଚିନ୍ତାରେ ମୋ ଦିନ ଯାଉରେ । ପଦ ।
ଚୁହିଁଦେଲେ ଥରେ ସେ ଶ୍ରୀମୁଖ        କୋଡ଼ିଏ କୋଟି ଜନ୍ମର ଦୁଃଖ
ଲିଭିଯାଉଛି ରେ ପରାଣ ମିତଣୀ ଯେଯେତେ ବୋଲିବ ବୋଲୁଥାଉ ।୧
ବଚନସ୍ତୁ କାରିଧି ମୃଦୁବାଣୀ        ଶ୍ରୁତି ପଥରେ ଯେ ଥିବ ଶୁଣି
ପୀୟୂଷାଶନ ଜନଙ୍କୁ ଧନ୍ୟବୋଲି ବୋଲିବ କି ତା ଦୁଖରେ ଆଉ ।୨
ବାଉଳିଭକ୍ତିକି ହୋଇଲି ପରି        ବୋଲୁଥିଲେ ହେଲେ ବ୍ରଜନାରୀ
ଶୁଣି ନଶୁଣିଲି ପରି ମୁଁ ଯାଉଛି ଆଡ଼ ଉହାଡ଼ରେ ଟକିଦାଉ ।୩
ଗୋପାଳକୃଷ୍ଣ ବୋଲଇ ଧୀରେ        କାଳୁଳୀ କୁଟିଳ ରୂପଳୀରେ
ବରଜ-ନଟର ଯାକ ଫୁଟି ହେଲି ସଦ ବେଳେ ହେଉ ରାଉ ରାଉ ।୪

—*—

## ରାଗ କାମୋଦୀ—ଆଦିତାଳ

ଅକାରଣେ ଦୁଃଖୀରେ ଆନନ୍ଦ ସୁଖୀ । ପଦ

ନନ୍ଦ ନନ୍ଦନ ମନ୍ଦ    ନ ଜାଣୁ ତୁ ତା ଛନ୍ଦ
ଫାନ୍ଦରେ ପକାଇ ତୋ ମନ୍ଦିରକୁ
ନେବ ବୋଲନ୍ତେ ଶ୍ୟାମ    ଉଦର ହେଲୁ ତମ
ଛଳି ଶ୍ୟାମ ପ୍ରେମରେ ଦୋପରକୁ ।୧
ମନ୍ତ୍ରର ସ୍ଥାନ ଯାର    ସେ ଭଜିବ ସେ ଜାର
ଇତର କଲେ ତାର ନାହିଁ ଗତି;
ବୋଲି କହନ୍ତେ ତୋତେ    ନ ଦେନଲୁ କାଂଶତେ
ପ୍ରତେ ହେଲା କି ଏବେ ଏ ସଙ୍ଗତି ।୨
ଗୁରୁଜନ ତର୍ଜ୍ଜନା    ଜରଷର ଭର୍ତ୍ସନା
ଯାହାଲାଗି ଶୋଚନା ନ ଦେନଲୁ ;
ସେ କି ଜାଣିଲା ତାହା    ଆହା କିସ୍ତ ଦେହା
ମୁଁ ଆଜ କଷ୍ଟ ଦେହ ସୁହାଇଲୁ ।୩
ଏହିଲାଗି ବନନ୍ତ    ପ୍ରିୟ ହେଲେ ଆରନ୍ତ
ଧଣି ନପାନ୍ତୁ ଧୃତ ଦୟାବନ୍ତ;
ନୋହିଲେ ଇଷିତରେ    ଶିଖି ପିଚ୍ଛ ଚୂଳରେ
ଲେଟିବାର ଦେଖନ୍ତେ ସଖୀତନ୍ତ ।୪
ଲଳିତା ସ୍ମିତବାଣୀ    ବୃଷଭାନୁଜା ମଣି
ଲଭ୍ୟ ଧୈର୍ଯ୍ୟ ପେଷଣି ମାନସରେ;
ଜାଣି ହୋଇଲ ତୁଷ୍ଟ    କହି ଗୋପାଳକୃଷ୍ଣ
କୃଷ୍ଣ ଅଇଲେ ସେହି ଅବସରେ ।୫

## ରାଗ ମୋହନା—ମିଶ୍ର ଝମ୍ପତାଳ

ଦୁଃଖିଧନ । ଚନ୍ଦ୍ରାନନରେ
ତୋତେ ପଠିଆଇ ଦେବ    କେଉଁ ବନରେ । ପଦ
ତୋ ଜନମରୁ ଆଜଯାଏ ମୁହିଁ;
ଦେହ ପାସୋର ନଦଜାଣି ନାହିଁ;
କ୍ଷଣେ ଇକ୍ଷଣରୁ    ଆଜ ହେଲେ ଦଶ
ଦିଗ ଦିଶୁଛି ତ ମୋତେ ଶୂନ୍ୟରେ ।୧
ଅତି ବିଷମ ଗୋ ଝୁରଣ ବୃତ୍ତି
ସେ ତ ଦୁଃସହ ଦୁଃଖର ବସତି;
ଧେନୁ ରଖିବାର    ଭୁକ ଜାଣିବାରୁ
ଖାଇ ଜାଣିନାହୁଁ କରେ ଅନ୍ନରେ ।୨
ତୋ'ତେ କେ ଶିଖାଇଲା ଏ ବୁଦ୍ଧି
କେତେ କହିଲେ ନପେନୁ ପ୍ରବୋଧି;
କାଖରୁ କ୍ଷଣେ ନ ଓହ୍ଲାଉ ତଳକୁ
ପଶନ୍ତ ନଗ୍ରଡ଼ୁ ନଶିଦ୍ଧନରେ
ନବ ନୀଳମ ନୀରଦ ସୁନ୍ଦର
ନୟନର ମିତୁଲା ତୁ ମୋହର;
କର ମାଳିକର ଲାଗି ଲୁଳସିକ
ଶିରୀଷ କୋମଳ ଅଧରନରେ ।୩
ଶେଯେ ଶୁଆଇଲେ କୋଳରୁ ତୋଳ
ମା ମା ବୋଲି ଡାକୁ କଣ୍ଠ ଫୋଟାଳ;
ଫଳାଇ ଗଲା ପରି ହୋଇ ଆତୁର
କାଲି କରୁଥିଲୁ ସ୍ତନ୍ୟ ପାନରେ ।୪
ଆରେ ବରଜଗ୍ରଜ ପୁଣ୍ୟ ପୁଞ୍ଜ;
ପୁରେ ରହିଥାଅ ତୁ ନଅରଜ;
ପୋଷା ନ ଗଲେ ଭକ୍ଷା ପଟଙ୍କ ମାଗିବ
କାଟି ଇନ୍ଦ୍ର ସମ୍ପତ୍ତି ତୋ ଦରଶନରେ ।୫

ଆଣି ନୟନରୁ ପାଣି ରୋହିଣୀ
ବୋଲନ୍ତ ଶୁଣିବାକୁ ଯଦୁମଣି;
ଜନନୀ ଦୁଃଖ ଧରଣୀ ଧରୁନାହିଁ
କ ଏଡ଼େ ନିଷ୍ଠୁର କଲୁ ମନରେ ।୭
କହୁ ପୁଣ କହିଲା ଶ୍ରୀ ଯଶୋଦା
ସ୍ତନ୍ୟ ଅଶ୍ରୁ ସ୍ୱେଦରେ ହେଲେ ଓଦା
ନନ୍ଦଲ ଗୋପାଳ କୃଷ୍ଣ କହେ ପୌର୍ଣ୍ଣ
ମାସୀ କରିବେ ତ ସମାଧାନ ରେ । ୮

—*—

## ରାଗ ଶଂକରାଭରଣ—ରୂପକ ତାଳ

( ପୋଡ଼ୁ ପର ଅନୁରାଗ । ତହୁଁ ଭଲ ତନୁ ତ୍ୟାଗ—ବୃତ୍ତେ )

ବ୍ରଜ ବନକୁ ମନ ଯା ଗୁଳରେ । ଜୟ ରାଧେକୃଷ୍ଣ ବୋଲରେ । ପଦ
ଭାଳନା ଏଥିରେ କଛି ନାହିଁ ସୁଖ । ମୂ ରୁଖ ସବୁଟି ଦୁଃଖରେ ।
ନିଭୃତ କୁଂଜରେ ବିଜେ କରିଛନ୍ତ ରହି ଦେଖ ଚନ୍ଦ୍ର ମୁଖରେ । ୧
ଚିନ୍ମୟ ଶଦ୍ଦନ ରସମୟ କୃଷ୍ଣ । ଆନନ୍ଦ ରୂପିଣୀ ରାଧା ।
ସଖୀ ମଞ୍ଜରୀଙ୍କ ସଂଗତେ ରହିବୁ ନାଶିବେ ସକଳ ବାଧାରେ । ୨
ନିଶାନ୍ତରୁ ରାସାବସାନ ପର୍ଯ୍ୟନ୍ତେ । ସେବାରେ ଥିବୁ ସଂତତରେ
ନିଷ୍କାମ ହୋଇଣ ସାଧୁଜନେ ପୁଣ ରହିଣ ଭାଳ ତୁ ଅନ୍ତରେ । ୩
ଶ୍ରୀଗୁରୁ ଦତ୍ତ ବୀଜମନ୍ତ୍ର ଆଧାର କରିଣ । ହୃଦରେ ରଖରେ
ଗୋପାଳକୃଷ୍ଣ ଭାଷଇ ସେ ଯୁଗଳ ରସକୁ ଭାବ ତୁ ସୁଖରେ । ୪

—*—

## ରାଗ ମୋହନା—ତ୍ରସ୍ରଗତ ଏକତାଳ

( ରାଧା ଗୋବିନ୍ଦ ଭଜରେ ମାନସ ! ବୃତ୍ତେ )

କେ ପଥ କଣା କଲାରେ ବ୍ରଜ ବଧୂକୁ । ପଦ
ସଦ୍ଧି କେଉଁରମଣୀ ମୋ ପ୍ରୀତି ଚନ୍ତାମଣି
ପାଇ ରଖି ଯେଣିଲାରେ । ୧
କେତେ ସରସେ ସଜ ସାଜଥିଲି ମୁଁ ଆଜ
ମୋ ଆଶା ଛିନ୍ନାଇଲାରେ । ୨

ମୋତେ ସ୍ୱର ବାନ୍ଧିରେ ଜଣାଇ ସେ ଅଙ୍କରେ
ଧରି ନଶୀ ବଂଶାଲୁ ରେ । ୩
କଟି ଥିଲି କୋଠାରେ କି କହି ସେ ମୋନାଠେ
ମାନସ ଭଙ୍ଗାଇଲାରେ । ୪
ଗୋପାଳକୃଷ୍ଣ ଭାବେ ଦେଖି ବିଜେ କଲେ ସେ
ବୋଲି ଭ୍ରୂରୂ ଯୁଗଳରେ । ୫

—*—

## ରାଗ:ଝଞ୍ଜୋଟି—ମିଶ୍ରରୂପତାଳ

( ମୁରଲୀ ତୋରେ ଶରଣ ଗଲି—ବୃତ୍ତେ )

ଯାହାର ଯେ ପ୍ରାଣଧନ ଗୋ
ତାହା ପରେ ସିନା ତାର ଗୁମାନ ଗୋ । ପଦ
ଲୁଷାଲୁଷିରେ ମିଶା ମିଶି ମନ
ସୁନା ସୁଟ ପରି ବଢ଼ଇ ତାନ ଗୋ । ୧
କଥାକୁ ପ୍ରଶ୍ନ ଉତ୍ତର ବଚନ
ନ ଦେଲେ ଅନ୍ଧାରତ ତ୍ରିଭୁବନ ଗୋ । ୨
ସ୍ୱପ୍ନ ବଚଣ କେବେ ହୋଇଲେ ଭିନ୍ନ
କୋଟିଏ ଯୁଗର ଗୋଟିଏ ଦିନ ଗୋ । ୩
ନୁହଇ ମୁଁ ସେତେଡ଼ଭଲ ଭାଜନ
ଚନ୍ଦ୍ରାବଳୀକି ସେ ଅନୁ ରଞ୍ଜନ ଗୋ । ୪
ଭଲ ସଜନୀ କଲେ ଅନୁମାନ
ତୁହେଁ ତୁହିଁଙ୍କର ମନ ଜୀବନ ଗୋ । ୫
ଗୋପାଳକୃଷ୍ଣ କହଇ ମୋହନ
ଦେଖି ଆସିଲେନ ଉଃ ବଦନ ଗୋ ୬

—*—

## ରାଗ ମୋହନା—ମ ଶ୍ରଋପତାଳ

କରନ୍ତୁ ପୀୟୂଷ ଆଳୀ ଡାଳ ଦେଲ ରେ ପ୍ରାଣମିତଣି । ପଦ
ଧିକ ହେଉ ମୋର ନକଲ ବରୁର
ଗୁମାନ ବୋଲି ମୁଁ ବିଷ ପାନ କଲ ରେ । ୧
ରଖି ନେଲେ ମାର ମୋ ଶ୍ୟାମ ସୁନ୍ଦର
ବାସ ପ୍ରସାରି କନ୍ଧ ଯା ଭୁଜ ହେଲରେ । ୨
ଦେଇ ନଜ ଆନ ନାହିଁ ମୋର ଆନ
ବୋଇଲେ ହେଲେ କଂକଡେ ନଗୃହ୍ଣିଁ ରେ । ୩
ପର ହେଲେ ସତେ ଡବଯାତ୍ରା ଯେତେ
ଆକୁଳ ହୋଇଲେ ମୁଁ ତାଂକ ସହିଲରେ । ୪
କାଳିନ୍ଦ୍ରି ଦ ଘାରେ ଉଡ଼ଏ ଚଳରେ
ଗୋପାଳ କୃଷ୍ଣ ଦେଖିଲ ଶୁଣିଥିଲରେ । ୫

—*—

## ରାଗ ନାଦନାମ କ୍ରିୟା—ମିଶ୍ରଋପତାଳ

ଏକ ପରମାଦ ଆସି ପଡ଼ିଲ ମା ?
ଦଣ୍ଡେ ତ ଶ୍ୟାମ ସଙ୍ଗ ନ ଛାଡ଼ିଲ ମା । ପଦ
ସେହି କରହ ଉତ୍ତଂସ ସେହି ନଟବର ବେଶ
ଯେଣେ ଗଲେ ଆଗେରହି ଅଡ଼ିଲ ମା । ୧
ଚଲ ଯେତେ ପଣ କଲ କଲେ ଶିଖଣ୍ଡ ମଣ୍ଡଳ
ନଛଳ କର ଶିରରେ ଯୋଡ଼ିଲ ମା । ୨
ବୋଧେ ମୁଁ ଅଧର ବଂଶି କେଣୀ ଶେଷରେ ପ୍ରେସୁଁଷି
ମାରୁ ମାରୁ ହୃଦେ ହସି କଡ଼ିଲ ମା । ୩
କେଉଁ ପଥେ କେ ନଜାଣୁ ଯାଇ ସେ ମୁଁ ନ ପାଉଣୁ
ନିତ ମୋର ସେଜରେ ଚଢ଼ିଲ ମା । ୪
ଗୋପାଳକୃଷ୍ଣ ଭାଷଣେ ବୃଷଭାନୁ ଜେମା ଶୁଣ
ସେ ପ୍ରେମ ସିନ୍ଧୁରେ ଚିତ୍ତ ବୁଡ଼ିଲ ମା । ୫

—*—

## ରାଗ ଆନନ୍ଦ ଭୈରବୀ—ଏକତାଲ

(କେତେ ହଟିଅରେ ସେ ନବନାଗର—ବୃତ୍ତେ)

ମୋତେ ଲଗାନାରେ ବ୍ରଜବଧୂ ଲଟ
ଭୃଣ୍ଡେ ଭୁଞ୍ଜ ଜଟିଳା କରିବ ନିପଟ । ପଦ
ଥରେ ହେଲେ ସ୍ୱଚ୍ଛ କରି    ଭଲେକ ନାହିଁ ମୁଁ ଡରି
କଳାଙ୍କ ଗୋପ୍ତ ସେ ନବ ଶିଖଣ୍ଡ ମୁକୁଟ । ୧
ଅତି ମନ୍ଦ ମୋ ନଣନ୍ଦ    ଜଣିଲୁ ଷଣ୍ଠି ଅନାନ୍ଦ
ସକ୍ରୋଧ ହୋଇ ବଦନ କରୁଛି ବିକଟ । ୨
କାଲି ଗୋଷ୍ଠ ପ୍ରାଙ୍ଗଣରେ    ବୃଦ୍ଧ ଆଭୀର ସଭାରେ
ଚନ୍ଦ୍ରାବଳୀର ଚରିତ କହିଥିଲା ଦାଟ । ୩
ଗୁଲୁ ପାଦ କଣ୍ଠି କଣ୍ଠି    ପଡ଼ୁଛି ନାନା ଅରଣ୍ଟି
ଭୁଞ୍ଜରୁ ଲୋକ ଡରକ ବାନ୍ଧୁଛନ୍ତି ବାଟ । ୪
କୃଷ୍ଣ ଲାଗି ମାଳା ଦେଇ    ଗୋପାଳ କୃଷ୍ଣ କହଇ
ଆନ ଦେଇଛନ୍ତି ଜଳ ନଥାଏ କବାଟ । ୫

—*—

## ରାଗ ଖମାଚ—ଆଦିତାଳ

( କହଙ୍ଗରେ ଶୁଭଙ୍ଗି ଗରଜ ହୁଅ ସାହା—ବୃତ୍ତେ )

ଭଜମନ ରାଧେକୃଷ୍ଣ ରାଧେ କୃଷ୍ଣ ବୋଲରେ ।
ବ୍ରଜକୁ ଚାଲା ଯା ଏ ଜଞ୍ଜାଳରୁ ହୁଗୁଳରେ । ପଦ
କାହାର ତୁ ତୋହର ଏକ ହୁଅନା ବାଉଳ ରେ
ମିଳବଟି ପ୍ରେମଧନ ପ୍ରାଣକୁ ସମ୍ଭାଳ ରେ । ୧
ଢାଳ ଢାଳ ଶ୍ରୀବୈଷ୍ଣବ ପଦାବ୍ଜ ମଣ୍ଡଳରେ
ବୁଲି ମାଗ ମାଧୁକରୀ ପ୍ରସାଦ ଅଞ୍ଜଳୀରେ । ୨
ଗୋବର୍ଦ୍ଧନ ପରିକ୍ରମା କର ମାତ୍ର ତାଳରେ
ଲୋଟି ହୁଅ କୋଟିବାର ରାସସ୍ଥଳୀ ଧୂଳିରେ । ୩
ଶ୍ରୀନାମ ସୁଧାରେ ଘନ ସାର ଶ୍ରଦ୍ଧା ଗୋଳରେ
ପାନ କର ନାଚମଥା ପରେ କର ଭୋଳ ରେ । ୪

ଶ୍ରୀକୁଣ୍ଡ ତୀରରେ ବୁଡ଼ି ତୀର କୁଂଜ କେଳୀରେ
ରହ ଯା ମଧ୍ୟାହ୍ନ ଲୀଳାଯାକ ଖେଳ ଖେଳ ରେ । ୫
ପ୍ରେମ ଚିନ୍ତାମଣି ଏହି ଅଭିଧା ବୁଝିଲି ରେ
ଗୋପାଳକୃଷ୍ଣଙ୍କୁ ଭୁଲନା ଆଉ ତୁ ଭୁଲରେ । ୬

—*—

## ରାଗ ମୋହନା—ମିଶ୍ର ରୂପତାଳ

( ଆଗୋ ଜନନୀ ମାଟି ମୁଁ ଖାଇନାହିଁ—ବୃତ୍ତେ )

କହିବାକୁ ସିନା ଶ୍ୟାମ ପ୍ରୀତି କରୁଛି
ନୋହିଲେ କି ଦାରୁଣ ପ୍ରାଣ ରହିଛି । ପଦ
ଗୁଣ ଯାକ ସୁମରି ବସିଛି ମୁଁ ଆଉରି
ଯାଠାରୁ ଯାହାକୁ ବଂଧୁ ଧରିଛି । ୧
ଏହି ମୁଖେ ମୋହନ ମୋ ଜୀବର ଜୀବନ
ବୋଲୁଥିଲି ଗଲେ ମୂର୍ଚ୍ଛିତ ହୋଇଛି । ୨
ସୌଭାଗ୍ୟ ବର୍ଣ୍ଣପଣ ଦେଖାଇ ବାକୁ ଜାଣ
ଈକ୍ଷଣରୁ ଲୁହ ଦୁହାଇ ଦେଉଛି । ୩
ଜାଣିଲି ଅପସ୍ମାର ଏ ହୃଦୟ ମୋହର
ଫାଟି ନ ଯାଉ ବୋଲି ବନ୍ଧି ଗଢ଼ିଛି । ୪
ଏ ଜାଲୁ ବାଣି ଶୁଣି ଗୋପାଳ କୃଷ୍ଣ ଭଣି
ସେ କେଣେ ଯିବ ମୁହିଁ ଯାଇ ଆଣୁଛି । ୫

—*—

## ରାଗ ମାୟୁମାଳବ ଗୌଡ଼ା—ମିଶ୍ରରୂପତାଳ

( ବରଜ ଶିବ ସବୁ ଯିବଟି କଣ୍ଠୋଷ୍ଠରେ—ବୃତ୍ତେ )

କିଶୋରି ସଖି ! ପଡ଼ିଲି ସେ-ଚୋ ନେତ୍ରେ ସରଣି ରେ । ପଦ
ନବାଞ୍ଜନ ଚାରୁ ତା ତନୁ ମାଧୁରୀ
କୁଂଜେ ଚଲି ଦେଖିବା ସେ ପୁଣିରେ । ୧
ନଟବର ବେଶ ବରହ ଉତଂସ
ଲଳିତ ତ୍ରିଭଙ୍ଗ ଭଙ୍ଗୀ ଠାଣିରେ । ୨

ନାସାରେ ବସିଣ ନାଗପରି ବେଣୀ
ବଂଶୀ ମୁଖରେ ବନ୍ଦ ଗୁହାଣି ରେ । ୩
ଦେଖିଲେ ଯୁବଣି ଛାଡ଼ୁଲେ ଗୋଡ଼ାନ୍ତି
ହେଉଛନ୍ତି କୁଂଜର ଗୃହାଣୀ ରେ ।୪
ଲଭିଲୁ ଏଦଶା ବୃଥା ରସାଳସା
କାଲି ଏକା ଆଣିଯାଇ ପାଣିରେ । ୫
କଂପ ସ୍ୱର ଭଙ୍ଗ ରୋମାଞ୍ଚ ଉଦ୍‌ବେଗ
ମୋହ ହେଉଛୁ କ୍ଷଣକ୍ଷଣି ରେ । ୬
ଏଥିକି ଉପାୟ ଶ୍ରୀନନ୍ଦ ତନୟ
ଜାଣନ୍ତି ଗୋପାଳ କୃଷ୍ଣ ଭଣି ରେ ।

—*—

## ରାଗ ମୋହନା—ମିଶ୍ର ରୂପତାଳ

( ଜଣାଥିଲା କି ମୋତେ ଏ ଗାନ୍ତରେ—ବୃତ୍ତେ )

ହେଜ ସୁନ୍ଦର ସ୍ୱପନ ଗାନ୍ତରେ
ଦେଖିଲି ରୋହଣୀ ଅଛୁ ମାନ୍ତରେ
ମୋ କୃଷ୍ଣଚନ୍ଦ୍ରମା ବୃଷଭାନୁ ଜେମା
ଦୁହିଁଙ୍କି ଦମ୍ପତି ଗାନ୍ତରେ । ପଦ ।
ନୂଆ ବସନ ନୂତନ ଭୂଷଣ
ଭୂଷିତ ହୋଇ ଆସି ମୋ ଚରଣ
ତଳେ ଓଳଗିଲୁ ନବବଧୂ ପରି
ତୋଳି ମୁଁ ଧଇଲି ଗୁଣ୍ଡରେ । ୧ ।
ମୋ ମୋହନର ହୃଦୟରେ ଥିଲା
ମଲ୍ଲୀମାଳା ମାଗିଲି କାଢି ଦେଲା
ହସି ତୋତେ ରାଧା କେଶେ ପିନ୍ଧାଇଲି
ବୋଲି ହେଉଛୁ ପ୍ରଶାନ୍ତରେ । ୨ ।
ଛୁଣ୍ଡି ହେଲା ସ୍ୱାପ୍ନେ ସବ ମଙ୍ଗଳ
ବଶୁଥିଲା ଏ ଗୃହ କି ତହଳ

ବଳସିଲ ପର ପ୍ରତେ ହେଉଥିଲା
ପରମ ଲକ୍ଷ୍ମୀ ମୂରତିରେ । ୩ ।
ଆଣୁ ମୋ ଶ୍ୟାମ ସୁନ୍ଦର ସଦ୍ମକୁ
ଲାଜେ ସେ ଧୂମ୍ର ଯିବାର ପଛକୁ
ଗୃହିଁ କୋଟିଧନ ଲଭିଲା ପରାୟେ
ହେଉଥିଲା ମୋତେ ସୁଷ୍ଟିତରେ । ୪ ।
ପୀଠେ ନବସୁ ଭୋଜ୍ୟ ବାଢ଼ି ଦେଲା
ରନ୍ଧା ରନ୍ଧନ ଗୃହେ ଗୃହିଁ ଥିଲା
ଗୋଷ୍ଟେନ୍ଦ୍ର ଅଶନାନ୍ତେ ଶୁଣି ମୁଁ ବୋଲୁ
ବସିଲା ତା କୂଳ କଟିରେ । ୫ ।
ଶୁଣି ଗୋପାଳ କୃଷ୍ଣ ସେ ସଲାପ
ଚଳ ସ୍ୱସ୍ୱାମିନୀ ଆଳି କଳାପ
ବସିଥିଲେ ଶ୍ରୀ ଲଳିତାଙ୍କୁ କହିଲା
ଆମୂଳାନ୍ତେ ଏ ସଂଗତ ରେ । ୬

—*—

## ରାଗ ଝଞ୍ଜୋଟି—ମିଶ୍ର ରୂପତାଳ

( ମୁରଲୀ ତୋରେ ଶରଣ ହରଣ ଗଲି—ବୃତ୍ତେ )

ଶ୍ୟାମର ଚୋରି କଥା ନାହିଁକି ରେ
ତୁ ନ କହିଲେ ମୁଁ ଜାଣୁ ନାହିଁ କିରେ । ପଦ ।
ତାଙ୍କ ସ୍ୱନକ୍ଷବ ପୂଜିବା ଧନ
ସବୁ ବଣ୍ଟି ମୁହିଁ ଅନୁମାନରେ । ୧ ।
ନଜାଣିଲାପରି ସେତେ ଆଡ଼ିକୁ
ଅନ୍ଧୁ ଧୂମ୍ର ଯିବାର ତୁ ପଛକୁରେ ।୨
ଅର୍ଘ୍ୟ ଥାଳୀରୁ ବଚକୋଳ ମାଳା
ତୁ ଦେଲାବେଳେ ତଳା ଡଳ ଡୋଳାରେ ।୪
ସେ ପ୍ରକୋଷ୍ଠରେ ତୁ ରସବକ୍ଷରେ
ହସା ହସି ହୋଇ ଅନାଅନିରେ ।୩
ଚନ୍ଦ୍ରମୁଖୀ ସଖୀ କହୁ ହସିଲା
ହୋଇଲେ ଗୋପାଳ କୃଷ୍ଣ ଲଜ୍ଜିତ ରେ ।୫

—*—

## ରାଗ—ବରାଡ଼ୀ ଆଷାଢ଼ ଶୁକ୍ଳ ତାଳ-ଝୁଲା

ଭଜ ଭୁ ରେ ମନ ।
ନନ୍ଦ କୁଳ ଚନ୍ଦ୍ର ବ୍ରଜ ମୋହନ । ଘୋଷା ।
ଶ୍ରୀ ବୃନ୍ଦାରଣ୍ୟ ନବୀନ ମଦନ । ଗୋକୁଳଜା ହୃଦତଟ ଚନ୍ଦନ ।
ରାଧିକା ଲପନ ବିଧୁ ଚକୋର । ଭକ୍ତ ଚାତକ ନବ ଜଳଧର । ୧ ।
ବ୍ରଜେଶ୍ୱରୀ ନେହାନନ୍ଦ ପସରା । ସର୍ବ ବ୍ରଜବାସୀ ଦୁଃଖ ପାସୋରା ।
ନିତ୍ୟ ନୂତନ ମୂରତି ସୁନ୍ଦର । ନବ କୈଶୋର ନବ ନଟବର ।୨।
କଦମ୍ବ ପାଦପ ତଳ ଲମ୍ପଟ । ଗୋପୀ ବଦନାମ୍ବୁଜ ମଧୁଲିଟ ।
ଲଳିତ ତ୍ରିଭଙ୍ଗ ମୋହନ ଠାଣି । ସୁରମ୍ୟାଙ୍ଗ ବିଦ୍ରଧ ବଂଶୀପାଣି ॥
କୋଟିମନମଥ ମନ ମଥନ । ଲାବଣ୍ୟ ବିଗ୍ରହ ମୋଦ ବର୍ଦ୍ଧନ ।
ଗୁଣ ରତ୍ନାକର ଲୀଳା ବିହାରୀ । ଶ୍ରୀ ଗିରିରାଜ ଗୋବର୍ଦ୍ଧନ ଧାରୀ ।୪
ନିଭୃତ ନିକୁଞ୍ଜ ନିଳୟ ବାସୀ । ଅପ୍ରାକୃତ ପ୍ରେମ କେଳି ବିଳାସୀ ।
ସାର ରସାମୃତେ ସଦା ମଗନ । ବ୍ରଜ ବଦ ସାର୍ବଭୌମ ଚିଦ୍‌ଘନ ॥
ଯାମଳାର୍ଜ୍ଜୁନ ଶାପ ବିମୋକ୍ଷଣ । ଧର ଧାରଣେ ଗୋ ବ୍ରଜରକ୍ଷଣ ।
ସଦାନନ୍ଦ ଶ୍ରୀ ସର୍ବ ସୁଲକ୍ଷଣ । ସ୍ଫୁଟ ଶତପତ୍ର ଜଳ ଈକ୍ଷଣ । ୬ ।
କଳିନ୍ଦ ତନୟା ତୀର ନିବାସୀ । ଗୋଧନ ଚାରଣ କାନନଚାରୀ ।
ମହାନାଗରେନ୍ଦ୍ର ସର୍ବବିତାରୀ । ଗୋପାଳ କୃଷ୍ଣର ଶତ୍ରୁ ସଂହାରୀ ।୭

—*—

## କଣୋଣୀ

### ରାଗ ପୁନ୍ନାଗ—ତାଳ ଝମ୍ପା

( ଭଜ ମନରେ, ଘନ କଳା କହ୍ନାଇ—ବୃନ୍ଦେ )
ଜ୍ଞାନ ବନ୍ଧୁ ହେ ! ହରି ଜଗନ୍ନିବାସ
କାହିଁ ପାଇଁ ପ୍ରଭୋ ନିରାଶ କରୁଛ
ନୁହଇ କି ଭବେ ମୁଁ ତୁମ୍ଭ ଦାସ । ଘୋଷା ।
ନିଶ୍ଚିନ୍ତରେ ବସି ନାମ ଭଜିବାକୁ
ପାଉନାହିଁ ଲବେ ମୁଁ ଅବକାଶ,
ଦୁଃଖ ନିବାରଣ କାରଣ ତାରଣ
ସଦାସ୍ତୁ ନୋହିଲେ ଗଲିଟି ନାଶ । ୧ ।

ଶ୍ରୀ ପତ୍ତି ଶ୍ରୀରଙ୍ଗ    ଆଦ୍ୟେ ଶ୍ୟାମଳାଙ୍ଗ
ନ ଶୁଣିବ ଯେବେ ମୋ ଦୈନ୍ୟଭାଷ,
ତୁମ୍ଭ ବ୍ୟତିରେକେ    ଅଛି ବା ଆଉ କେ
ଜଣାଇବି ଦୁଃଖ ମୁଁ କାହା ପାଶ । ୨ ।
ମାଗୁନାହିଁ ଧନ    ଜନ ବଡ଼ପଣ
ମାଗୁଛି କେବଳ ଶ୍ରୀ ବ୍ରଜେ ବାସ,
ସାଧୁ ସଙ୍ଗେ ଥାଇ    ତବ ଗୁଣ ଗାଇ
ଅବିରତ ହେଉଥିବ ଉଲ୍ଲାସ । ୩ ।
ହେ ରାଧାରମଣ    ଶରଣ ରକ୍ଷଣ
ଅକାରଣ ନୋହୁ ମୋ ଅଭିଳାଷ,
ଗଲାବେଳେ ଜୀବ    ତୁଣ୍ଡ ଉଚ୍ଚାରିବ
ଶ୍ରୀ ରାଧା ଗୋବିନ୍ଦ କୁଞ୍ଜ ବିଳାସ । ୪ ।
ଷଡ଼ ରିପୁଙ୍କର    ଦାଉ ଭୟଙ୍କର
ଯେ ଯା ମାର୍ଗେ ହାଣି ଦେଖାନ୍ତି ତ୍ରାସ,
ଏକରୁ ଆରେକ    ଦର୍ପୀ ଅତିରେକ
ଜଗି ବସିଛି କରିବାକୁ ଗ୍ରାସ । ୫ ।

---

* ମୋର କୋରାପୁଟ ଜିଲ୍ଲା ଭ୍ରମଣ କାଳରେ ପାରଳାଖେମଣ୍ଡି ଦେଇ ଗୁଣୁପୁର ଯିବାକୁ ହୋଇଥିଲା । ପାରଳାଖେମୁଣ୍ଡି ଦେବମଠ'ର ସୁଯୋଗ୍ୟ ମହନ୍ତ ଶ୍ରୀଯୁକ୍ତ ସୀତାରାମ ଦାଶ ଗୋସ୍ୱାମୀ ମହାଶୟ ଗୋପାଳକୃଷ୍ଣ ପାଠାଗାର ଆଡ଼େ ବୁଲାଇ ନେଇଥିଲେ । ଭକ୍ତକବି ଗୋପାଳକୃଷ୍ଣଙ୍କ ସମ୍ପର୍କରେ ସେ ଅନେକ କଥା କହିଲାପରେ ତାଙ୍କପ୍ରତି ( ୮ ଗୋପାଳକୃଷ୍ଣ ପଟ୍ଟନାୟକ ) ମୋର ଅପାର ଭକ୍ତି ଆସିଲା । ଗୁଣୁପୁରରେ ଲକ୍ଷ୍ମୀନାରାୟଣ ମନ୍ଦିରରେ ରହୁଥିବା ବେଳେ ବଂଶଧାରା କୂଳ ବହରମପୁର ବଜାରର ଗୋଟିଏ ଅନ୍ଧ ମୁହଁରୁ ଏହି କାବ୍ୟଟି ଶୁଣି ସାଦରେ ଲେଖି ଆଣିଥିଲି ।

'ସଂକଳକ'

ଏ ସର୍ବ ବିପଦୁଁ ରଖ ଭକ୍ତବନ୍ଧୁ,
ଅନ୍ତର୍ଯାମୀ ନାଥ ହେ ପୀତବାସ,
ହଂସଜ ଡ଼ରରେ ଆସି ମୋ ଆଗରେ
ଅନ୍ତଃକାଳେ ଗଳେ ନ ଦେବେ ପାଶ । ୬ ।
ଶ୍ରୀ ଗୁରୁ ପ୍ରଦତ୍ତ ଦେହ ପାଇ ନିତ୍ୟ
ଧାମେ ଚଳିଯିବି ସେବା ସକାଶ,
ଗୋପାଳ କୃଷ୍ଣର ଗିର
ବ୍ୟର୍ଥ ନୋହୁ ହରି ଅନ୍ତର ପ୍ରାଣ । ୭ ।

—*—

## ରାଗ ଆଶାବରୀ—ତାଳ,ଆଠତାଳୀ

( ପ୍ରିୟସଖା । ଶ୍ୟାମବନ୍ଧୁ ପରି କେହ୍ନ ବିଶୁନାହିଁ—ବୃତ୍ତେ )

ଚନ୍ଦ୍ରାନନେ ! ଧନ୍ୟମୁହିଁ ସିନା ତୋ ପୀରତି ଧନେ ଗୋ । ପଦ ।

ତୋର ତନୁ ଅନୁରାଗେ ଜ୍ଞାନଧନ
ଅନୁଦିନ ପିନ୍ଧେ ସୁପୀତ ବସନ
କେଳି ଶାପମୂଳ ମୋ ଆଶ୍ରୟ ସ୍ଥାନ,
ଏକା ତୋ ରୂପ ଦର୍ଶନେ ଗୋ । ୧ ।
ତୋ ନାମକୁ ଗାଇବାକୁ ପ୍ରାଣେଶ୍ୱରୀ ।
କରେ ଧେନିଥାଇ ମୋହନ ବାଂଶରୀ
ଯଥାକାଳେ ତୋ ସରଣୀ ଅନୁସରି,
ଭ୍ରମୁଥାଇ ବୃନ୍ଦାବନେ ଗୋ । ୨ ।
ତୋ ଲାଗି ଗନ୍ଧ ସୁମନସ ହାର,
ଖଞ୍ଜିଲି ଚନ୍ଦ୍ରକ ଚନ୍ଦ୍ରାରେ ମୁଁ ପରା
ତୋର ପଦଚିହ୍ନ ଧୂଳିରାଶି ତୋଳି,
ବୋଳିହୁଏ ଅସ୍ପୃଶ୍ୟନ ଗୋ ।
ଶ୍ରୀ ଭକ୍ତିବେଦାନ୍ତ ସ୍ୱାମୀଙ୍କ ପାଶେ,
କୋଳୁ ଏବେ ମଧୁବନ ଅବକାଶେ,
ଯୁଗଳ ପଦାବ୍ଜ ସେବାଧାନେ ଘଟେ
ଗୋପାଳ କୃଷ୍ଣ ପ୍ରସନ୍ନେ ଗୋ । ୪ ।

—*—

# ମନଶିକ୍ଷା-ଯୁଗଳ ଭଜନ

## ( ରାଗ—ଧନଶ୍ରୀ ତାଳ—ଏକତାଳୀ )

ଭଜମନ ! ରାଧା ଶ୍ୟାମେ,
ବାସ ଅଭିଳାଷ କର ନିତ୍ୟ ବ୍ରଜ-ଧାମେ ।ପଦ।
ଦିନୁ ଦିନୁ ପରମାୟୁ ଯାଉଅଛି ଚଳି
ଭାବଦେଖ ରାଧାକୃଷ୍ଣ ବିନୁନାହିଁ ଗତି ।୧
ଧନଜନ ପୁତ୍ର ପତ୍ନୀ କେ ଅବା କାହାର ?
ଅସାର ସଂସାର ଏକା ହରିନାମ ସାର ।୨
କୁସଙ୍ଗ ବରଜ ସଦା ସାଧୁ ସଙ୍ଗ ବାଞ୍ଛି
ଜାତି, କୁଳ ଅଭିମାନ ତୃଣ ଭଳି ପୁଞ୍ଛି ।୩
କୃଷ୍ଣଗୁଣ ଲୀଳା ଗାନେ ହୁଅ ତୁ ପ୍ରମତ୍ତ
ଯୁଗଳ ପଦାବ୍ଜ ଧନେ ହୋଇବୁ କୃତାର୍ଥ ।୪
ଶ୍ରୀଧର ଗୋପାଳ କୃଷ୍ଣ କ କରିଛ ଟେକଣି
ସେବା ଅଧିକାର ପାଇଁ ହୁଅରେ ଲାଳସୀ ।୫

—*—

## ( ରାଗ—ମଙ୍ଗଳ ଗୁଜରୀ ତାଳ—ଏକତାଳୀ )

ଉତ୍ତମାଭକ୍ତି କି ମନ; କର ତୁ ଆଶ୍ରୟ
ପରିହରି ଜ୍ଞାନ କର୍ମ ଲଜ୍ଜା ଘୃଣା ଭୟ ।ପଦ।
ଯାବତ ବାସନା ତୋର ସମୂଳେ ବରଜ
ଅନୁକୂଳ ଭାବେ ସଦା ରାଧେକୃଷ୍ଣ ଭଜ ।୧
ସର୍ବୋପାଧି ଶୂନ୍ୟ ହୋଇ ରହତୁ ତତ୍ପର
ହୃଷୀକେ ହୃଷୀକେଶଙ୍କ ସେବାକୁ ଆଦର ।୨
ସାଲୋକ୍ୟାଦି ପଞ୍ଚବିଧ ମୁକ୍ତି ନ ବାଞ୍ଛ
ସ୍ୱର ପୁରୁଷାର୍ଥ ମଣି ଭୂପେଶ ଭୁଞ୍ଜ ।୩
ନିବିଧ ସୁଖରେ ତୋ ଦଅ ଜଳାଞ୍ଜଳି
ଅନୁରାଗେ ଦେନ କୃଷ୍ଣ ସଦ୍‌ଗୁଣ ଆବଳୀ ।୪

ନିଷ୍କାମେ ସାଧନ ଭାବ ପ୍ରେମଯେ ଅମୂଲ୍ୟ
କୋଟି କୋଟି ବ୍ରହ୍ମାନନ୍ଦ ନୁହେଁ ଯାର ତୁଲ୍ୟ ।୫
ଗୋପୀ ଅନୁଗତେ ରାଗ ମାର୍ଗ ଅନୁସରି
ଲୁବ୍ଧ ହୋ ଗୋପାଳ କୃଷ୍ଣ କହଇ ବସୁରି । ୬ ।

—*—

## ଶ୍ରୀ ବୃଷଭାନୁଜା ପ୍ରେମ ନାମାବଳୀ

ଶ୍ରୀକୃଷ୍ଣ ଚୈତନ୍ୟ ଚନ୍ଦ୍ରାୟ ନମଃ

ଇତ୍ଥଂ ସର୍ବାର୍ଥଦା ରାଧା; ପ୍ରେମ ନାମାବଳୀ ଶୁଭା
ଯସ୍ୟାଃ କୀର୍ତ୍ତନ ମାତ୍ରେଣ, ଶ୍ରୀ ରାଧିକା ପ୍ରସୀଦତି

ପାହି ଶ୍ରୀ ରାଧିକେ, ପାହି ଗାନ୍ଧର୍ବିକେ,
କୃଷ୍ଣ ପ୍ରାଣାଧିକେ, ଚୀନ ମାଲାଂଶୁକେ । ଧ୍ରୁବ ।

ଶ୍ରୀ କୀର୍ତ୍ତିଦାପୁତ୍ରି, ମହାଭାବ ଗାତ୍ରି
ରମୋମାଧିଷ୍ଠାତ୍ରି, ଗୋପୀ ପ୍ରେମଦାତ୍ରି ।୧
ମାଧୁର୍ଯ୍ୟାଣାଂ ପୂର, ହେ ଶ୍ରୀ ରସେଶ୍ୱରୀ
ସ୍ଫୁରିର ବିଦ୍ୟୁତ ଗୌର, ସୌଭାଗ୍ୟ ମଞ୍ଜୁଷା ।୨

ସାଧ୍ୱୀ ବ୍ରଜାସ୍ୱର୍ବି, ଗୋଲୋକାଧିଦେବି
ସ୍ୱାମିନି ମାଧବି, ଶ୍ରୀ ବାର୍ଷଭାନବି ।୩
ସୁଚେନ୍ଦୁ ଦ୍ଭାସିନି, ଶ୍ୟାମାଙ୍କ ବର୍ତ୍ତିନି
ସ୍ୟନ୍ଦ ନନ୍ଦ୍ ହ୍ଲାଦିନି, ହେ ଦୁଃଖ ଧ୍ୱଂସିନି ।୪

ହେ କୁଞ୍ଜ ଗେହିନି ହେମାବ୍ଜ ଦେହିନି
ଗୋବିନ୍ଦ ମୋହିନି, କାରୁଣ୍ୟ ବାହିନି ।୫
ରତିର ପକ୍ଷ୍ମପାଳି, ରକ୍ଷଜନ୍ମଖରାଳି,
ସର୍ବଦା ପରିଚାଳି, ଶୁଦ୍ଧ ସଦ୍‌ଗୁଣାଳି ।୬

ନିତ୍ୟ ନୂତନକାୟେ, ଶ୍ୟାମ ସୁନ୍ଦର ପ୍ରିୟେ
ପ୍ରଚୟ ରତ୍ନାଳୟେ, ପଶୁପରାମାଶ୍ରୟେ ।୭
ଇନ୍ଦ୍ୱ ବ୍ରଜ ପରିମଳେ, ଶଧୂତ୍ରାତ ଶୀତଳେ
ନବନୀତ କୋମଳେ, ନିଜ ଦାସୀ ବତ୍ସଳେ ।୮

ଅଖିଳ ଶକ୍ତିବରେ, ଜଗଦେକବନ୍ଧୁରେ
ମଧୁବ୍ରତ ଭଙ୍ଗୁରେ, ମଣିଗୁରୁ ନୂପୁରେ ।୯
ଗୋକୁଳାଟ ଘଟେଶ, ସଦ୍ବ୍ରହ୍ମା ବନ୍ତସେ
ନିର୍ଲିପ୍ତ ନର୍ଦ୍ଦୋଷେ, କୋଟୀନ୍ଦୁସଂକାଶେ ।୧୦

ଅଭିନବ ପ୍ରମଦେ, ନଟନ ବିଶାରଦେ
ଗାମ୍ଭୀର୍ଯ୍ୟ ବରହ୍ରଦେ, ଭ୍ରମଭୟ ହରଦେ ।୧୧
ସତ୍‌ପଥେ ସୁବ୍ରତେ, ଯଶୋଦାଲାଳିତେ,
ଷଡ଼ୈଶ୍ୱର୍ଯ୍ୟାନ୍ୱିତେ, ସ୍ୱୀୟ ପ୍ରେମାର୍ପିତେ ।୧୨

ଅଷ୍ଟାସାତ୍ତ୍ୱିକାଙ୍ଗି, ଚଳାପାଙ୍ଗ ଭଙ୍ଗୀ,
କୃଷ୍ଣ ସ୍ୟାବ୍ଜ ଭୃଙ୍ଗି ଗୋବିନ୍ଦ ପ୍ରିୟାଙ୍ଗି ।୧୩
ଜୟ ଶ୍ରୀ କମଳାନ, ସ୍ୱି ବଳ ସୁଶୋଭନ,
ସିନ୍ଦୂର ତିଳକନ, ରମା ଶ୍ରୀବଜ୍ରପୂଣ ।୧୪

ଶତ୍ରୁ ମଦମର୍ଦ୍ଦିନି, ଗୋଷ୍ଠ ଶୁଭ ବର୍ଦ୍ଧିନି,
କୃଷ୍ଣମୟ ବଳ୍‌ଖନି, ଲଳିତାମ୍ବ ସଙ୍ଗିନି ।୧୫
ସତ୍ୟେ ତୀର୍ଥପୂତେ, ନନ୍ଦାଳୀ ପ୍ରସିଦ୍ଧେ,
ଲାବଣାମ୍ବୁଧୌତେ ହସ ବସ୍ତ୍ରାଙ୍କିତେ ।୧୬

ହେ ଧୀରାତିଧୀରେ, ନିତ୍ୟାନନ୍ଦପୂରେ,
ବନ୍ଧୁଜୀବାଧରେ, କେଶାଦ୍ୟ ଗୋଚରେ ।୧୭
ହରି କର ଶୃଙ୍ଖଳେ, ଜୟ ଜଗନ୍ମଙ୍ଗଳେ,
ମହର୍ଷି ନର୍ମିଳେ, ପାକାଦ୍ଭୁତ କୌଶଳେ ।୧୮

ସୁଧା ଧାରସିକ୍ତେ, ହେ ନର୍ମ ପଣ୍ଡିତେ,
ସୁସ୍ନିଗ୍ଧେ ବ୍ରଜହୃଦ୍ୟେ, ହଦଗେ ହଳତେ ।୧୯
ଗୁରୁ ଭ୍ରୂକାମୁକେ, ରତ୍ନ ଗ୍ରୈବେୟକେ,
ପିୟୂଷ ବାଚକେ, ଲସଦୋବଲ୍ଲିକେ ।୨୦

ସୌଭାଗ୍ୟ ରେଖିକେ, ବକ୍ର ଲୋକକେ,
ଲୋଳଲୀଳାଳକେ, ସଙ୍ଗୀତ କୌତୁକେ ।୨୧
ହେମୋଜ୍ଜ୍ୱଳକର୍ଣ୍ଣଳେ, ଚଳ ଦୃଗଞ୍ଚଳେ,
ସୁଚିତ୍ରକୁନ୍ତଳେ, ଶ୍ରୀଳ ଗଣ୍ଡସ୍ଥଳେ ।୨୨

ଶ୍ରୀ କୃଷ୍ଣାନୁ ଶୀଳେ, ହେମ୍ନୋଲ କୁଣ୍ଡଳେ,
ଗୋବର୍ଦ୍ଧନାନୁକୂଳେ, ସ୍ୱକେଳି ବନ୍ଧୁଳେ ।୨୩
ମାଣିକ୍ୟ ସ୍ତବଦେ; ହର୍ ପ୍ରେମୋନ୍ମଦେ,
କଳାସୁକୋଷଦେ, କୃଷ୍ଣଶର୍ମାପ୍ରଦେ ।୨୪

କ୍ରୀଡ଼ାଧୌରେୟୁକେ, ଦିବ୍ୟାଙ୍ଗ ଲୀସୁକେ,
ଘୋଣାଗ୍ର ମୌକ୍ତିକେ, ସ୍ୱୀ ମୌଳି ମାଳକେ ।୨୫
ସୁକାନ୍ତେ ସଶ୍ରୋଣି, ରମ୍ଭୋରୁ ସୁର୍ବଣି,
କୋକିଳା ଭାଷିଣି, ଓଁକାର ରୂପିଣି ।୨୬

ମତ୍ତେଭ ଗାମିନି, ଚନ୍ଦ୍ରବାକସ୍ତନି
ବଳକ୍ଷ ବାଦନି, ଗୋଲକ ବାସିନି ।୨୭
ସୁପଟ୍ଟ ରଚଚ୍ଛିକେ, ଚିତ୍ର କଞ୍ଚୋଳକେ,
ମହା ଲକ୍ଷାଙ୍ଘ୍ରିକେ, ସୁରକ୍ତାଳକ୍ତକେ ।୨୮

ଶ୍ରୀକୃଷ୍ଣାଦଭନ୍ନେ, ଦାରିଦ୍ର୍ୟ ଦଳନେ
ବିପଦ୍ଵିଧୂନନେ, ପ୍ରସୀଦ ପ୍ରସନ୍ନେ । ୨୯ ।
ଦିବ୍ୟରତ୍ନାଙ୍ଗଦେ, ବୃନ୍ଦ ମନ୍ଦ ଭୁଦେ
ଗୋବିନ୍ଦ ଭଙ୍ଗଦେ, ନତୋଽସ୍ମି ତେପଦେ । ୩୦ ।

ଇତି ଶ୍ରୀ ଗୋପାଳକୃଷ୍ଣ ପଟ୍ଟନାୟକ ବିରଚିତ
ଶ୍ରୀ ବୃଷଭାନୁଜା ପ୍ରେମ ନାମାବଳୀ ସମାପ୍ତ ।

## ରାଗ ଝିଂଝୋଟି—ଆଦିତାଳ

ମୂରୁଛି ନୁହଇ ମନୁ ବନ୍ଧୁଙ୍କ ବୁଦ୍ଧି କରିବ ରେ । ପଦ ।
ରତ୍ନନାହିଁ ନେତ୍ରେ ବନ ଅନୁବ୍ରତେ ନିଶିଦିନ
ତୋ ଶ୍ରୀମୁଖଚନ୍ଦ୍ରଛବି ଧ୍ୟାବ ବୃନ୍ଦ ରେ । ୧ ।
ଦୁଃଖୀ ହେବାକୁ ଶେ ଚନା ନାହିଁରେ ସ୍ନେହ ଅଧୀନା
ଗଲେ ଜୀବନ ଆଜ କାହୁଁ ଦେଖିବ ରେ । ୨ ।
ନୟନେ କଶିଛି ଘର ଭୟେ ହୋଇ ଡର ଡର
ଚମ୍ପୁ ଯେମ ପଲାଇ ଯିବାର ଛବି କି ରେ । ୩
ଶୁଭଗଲେ ମୋର ଗିର ସ୍ନେହେ ହୋଇ ଜର ଜର
ଆସିବାର ଖୋସି ଖେସି କେଶ ମାଡରେ । ୪ ।
ଗୋପାଳକୃଷ୍ଣ ଭାବନ କରେ ତୁ ମିଳିଲେ ଧନ
ଜିଇଁଥିବା ଯାକ ହରଙ୍କୁ ସେବିବ ରେ । ୫ ।

—*—

## ରାଗ ତୋଡ଼ି—ଆଦିତାଳ

ବ୍ରଜ ବଧୂକୁ ପଥ କେ ଭୁଲାଇଲା ରେ ।
କେ କଂସ କହ୍ନା କି ବଗିଡାଇଲା ରେ । ପଦ ।
ସୁଖେ ପୂରାଇବ ନିଶା ବୋଲି କରିଥିଲି ଆଶା
ନସିବ କେ ମୋର ମନୋରଥ ଲତା ମୂଳ ଉପୁଡାଇଲା ରେ । ୧ ।
ଘାଞ୍ଚିବାର ଗଲା କେଣେ ବେଶ ହେଲି ଅକାରଣେ
ନିକୁଞ୍ଜ ତଳପ ତଲେ ପଣନ୍ତରେ ମୋତେ ତ ଗଡାଇଲାରେ । ୨ ।
ମଦନ ଦାବ ଦହନ କଦନର ବିମୋଚନ
ପରମ ପ୍ରେମ ପୀୟୂଷ ପୂର୍ଣ୍ଣ ଚଷକ କରୁ ଛଡାଇଲାରେ । ୩ ।
ଆହା ଡୋଳାର ପିତୁଳା ଗଳାର ମଯାର ମାଳା
ଦୁର୍ଦ୍ଦଇବ ଦୂର କରି ନୟନରୁ ମୋର ନିଗିଡାଇଲା ରେ । ୪ ।
ଗୋପାଳ କୃଷ୍ଣ ଭାଷଣ ଉଠ ଥଇଲେ ରମଣ
ବୋଲି କୁଞ୍ଜ ଦେହଳୀକି କରଯରେ ଚର୍ମ୍ମ ବଡାଇଲାରେ । ୫ ।

—*—

## ରାଗ ଧନାଶ୍ରୀ—ମିଶ୍ରଝମ୍ପତାଳ

( ମୋହନ ଶୁଣ ଚନ୍ଦ୍ରା ପଡ଼ିଲା ମା—ବୃତ୍ତେ )

କେତେ ବୋଲି ମୋ ଦୁଃଖ ସହିବରେ ।
କା ଆଗେ ହୃଦ ଫେଡ଼ି କହିବରେ । ପଦ ।
ଲଭି ଏତେ କଷଣ     ଯାଉନାହିଁ ପରାଣ
କି ଉପାୟେ ସଂଗିନ ବଞ୍ଚିବରେ । ୧ ।
ପ୍ରବେଶ ହେଲେ ରାତି     ଖସି ଯାଉଛି ଧୃତି
ଜାଣି ନଥିଲି ଏକା ରହିବରେ । ୨ ।
ନୁହଇ ଦାସୀ ଭଳି     ଆସିବା ପାଇଁ ଆଳି
ଶ୍ୟାମୁକୁ ଲେଖି କେହି ବହିବ ରେ । ୩ ।
ଦେହେ ପରାଣ ଥାଉ     ସତେ ସଜନୀ ଆଉ
ଗୋପାଳ କୃଷ୍ଣଙ୍କୁ ମୁଁ ଚାହିଁବ ରେ । ୪ ।

—*—

## ରାଗ ମୁଖାରୀ—ମିଶ୍ର ଝମ୍ପତାଳ

ବନ୍ଧୁ ମୋ ନବାଙ୍ଗ ଆଶାରେ
ଯୋଷା ରତନ ରସଭୂଷାରେ । ପଦ ।
ଚନ୍ଦ୍ର ଚକୋର     ପରାଏ ତୋର
ପଥଚାହୁଁଛି ମୃଗ ତୃଷା ରେ । ୧
ଜନମାନ୍ତର     ସୁକୃତ ମୋର
ତୋ କୃପା କଟାକ୍ଷରେ ଦଶାରେ । ୨ ।
ଯୋଡ଼ି ବଦନ     ସ୍ମର-କଦନ-
ଅକୂଳ ନଦୀରେ ନ ଭସାରେ । ୩ ।
ସୁଧା କଳପ     କଥା ଅଳପ
କହି ନବାର ଚିର ତୃଷ୍ଣାରେ । ୪ ।

ହେଲେ ସମ୍ମୁଖ କହ୍ନିବ ଦୁଃଖ
ଯେଣକୁ ଥାଇ ଏ ଭରସା ରେ । ୫ ।
ଶୁଣି ଲଳିତ ଦେଲା ସଂକେତ
ଗୋପାଳ କୃଷ୍ଣଙ୍କୁ ସୁରସା ରେ । ୬ ।

—*—

## ରାଗ ବଳାହର—ମିଶ୍ରରୂପତାଳ

ଏକ ହଟ୍ଟା ବ୍ରଜ ଗୋଷ୍ଠା-ଯାକ ପଡ଼ିଲାଣ ହୁରି ମା । ପଦ ।
ଆଜନମରୁ ଆଜକୁ ମୁହିଁ ସଦନ ଅଲନ୍ଧ ଜଣିନାହିଁ
ଦେଖି ପାଦ କର୍ଣ୍ଣ ଗୁଲୁ ଗୁଲୁ ହେଲ ଏତେ ସରମା । ୧ ।
ବନକୁ ଗତାଗତରେ ତାର କେବେହିଁ କେମନ୍ତ ଦେଖିବାର
ଏଣ୍ଡୁ ଦୋଷ ଦେଲେ ଏକା ମାତରକ ମୁହିଁ ହାରି ମା । ୨ ।
ଇତର ଜନଙ୍କ ପରି ମୁହିଁ ହୋଇଥିଲେ କଥା ଲୁହାଲୁହି
ଦଅନ୍ତେଣି ପରା ଏତେବେଳକୁ ଜାତିରୁ ଣିବାରି ମା । ୩ ।
କେଠାରେ କେ ସାଖି କେତେବେଳେ
ମୁଁ ଥିଲି ସେ ବ୍ରଜ ବଧୂ ଭୁଲେ
ବୃଥା ଅପବାଦ ଆରୋପଣ ନଦେଖି ନଧରି ମା । ୪ ।
ଗୋପାଳକୃଷ୍ଣ ପଞ୍ଚନାୟକ ଭାଷେ ସ୍ୱାମିନ ଏ ବ୍ରଜଲୋକ
ପରଖିଲେ ମିଛ ବୋଲିବ ମୁଁ ପରମାଣ କରିମା । ୫ ।

—*—

## ରାଗ ମରୁଆ—ମିଶ୍ର ରୂପତାଳ

ଧିକ୍ ଧରିବ ରେ ସଜନୀ କ କରି
ନତିକ ନତି ହେଲେ ଏପରି । ପଦ ।
ପ୍ରେମ ବନ୍ଧନରୁ ଯେତେ ଯାତନା ରେ
ବୈଷ୍ଣୀ କରିତ ନ ଯେନନ୍ତ ହରି । ୧ ।
ପ୍ରୀତି ନଜାଣିଲା ସ୍ଥିତି ଏ ଲୋକରେ
ସ୍ୱୈରିଣୀ ବୋଲନ୍ତ ଏ ବ୍ରଜ ନାରୀ । ୨ ।

ମାରୁଛୁ ଦୁର୍ବଳ ନାହିଁ ବିବେକରେ ।
ଶୌରି ସୁତରେ କି ଦୋଷ ମୁଁ ନାଶି । ୩ ।
ଆନକ ଦେନନ୍ତୁ ଏ ଦୁଃଖ ନଜାଣୁ
ଗୌରି କାନ୍ତୁ ସଙ୍ଗତ ସହଚର । ୪ ।
ଗୋପାଳ କୃଷ୍ଣ କହଇ ଶ୍ରୀମନ୍ତ ଗୋ
ଗୌରି ତୀର୍ଥକୁ ଗମିଲେ ମୁରାରି । ୫ ।

—*—

## ରାଗ ଧନାଶ୍ରୀ—ତସ୍ରଗତି ଏକତାଳି

କରୁଥିଲି ମୁଁ ନାହିଁ ନାହିଁ ରେ
ଆଣି ପକାଇ ଦେଲୁ ମୋତେ କାହିଁ ରେ । ପଦ ।
ଯିବା ବୋଲି ଗାଧୋଇ ଫାନ୍ଦେ ମୋତେ ପକାଇ
ବ୍ରଜବଧୂଙ୍କୁ କଲୁ ମୁହାଁ ମୁହିଁରେ । ୧ ।
ସାହସ ଏଡ଼େ କେ କରିବ ଅଧରେ ନାଶି ଧରିବ
ସହଚରୀ ଅଛୁ ଜାଣିବି ରହ ମୋ ସଂସାର ସରିବ । ୨ ।
ଜଟିଳା ଦେଖିବଟି କଷଣ ନା ଟି ଏବେ ମୋ ଋଣ
କୋଟିବାର ତୁମ୍ଭ ଶରଣ ହେଉଛି ଜନ ଭାଷଣ ଶୁଣ । ୩ ।
ଦିନକର ପୂଜାର ଫୁଲ ବନଜାକ୍ଷ ସ୍ମରଣିଲ
ବନଯାକ ବୁଲି ବୁଲି ଅଇଲ ସ୍ନାନକରିଥିଲି ଛୁଇଁଲ । ୪ ।
କେଳି କୁଞ୍ଜ ଫୁଲ ସେଜେ କଲେ ରାଧାକୃଷ୍ଣ ବିଜେ
ଭଣି ଗୋପାଳ କୃଷ୍ଣ ଭଜେ ମିଳି ସେ ଚରଣ ସରୋଜେ । ୫ ।

## ରାଗ ବେଗଡ଼ା—ତ୍ରିପୁଟା ତାଳ

ଡ଼ାଳେ ତ ଡ଼ାକିଲୁ ନାହିଁ କୃପା ସୁଧା ଝରକ—ବୃଟେଇ )

ଦେଖିଲେ ଦେଖିଲି ପର ଥରେ ରସିକ ରାଜଙ୍କୁ
ଅଖିଳ ବ୍ରଜବାସିଙ୍କ ଆଖିର ପୁଣ୍ୟ ପୁଞ୍ଜକୁ । ପଦ ।
ସୁରଭି ଗଣ ପଛରେ          ମୁରଲୀ ବଜାଇ ଧୀରେ
ନାଚି ଆସିବା ବେଳରେ ବନ ବାହୁଡ଼ା ସଜକୁ । ୧ ।
ବିନ୍ଦୁ ବିନ୍ଦୁ ଶ୍ରମ ଝାଳ          ଅଳକା ବୃତ କପୋଳ
ମକର କୁଣ୍ଡଳ ଗଣ୍ଡ ଶିଖଣ୍ଡ ଚୂଳ ଧ୍ୱଜକୁ । ୨ ।
ନଟବର ଶିଖା ମଣି          ଚରମ ଦେଶର ବେଣୀ
ଖେଳିବାର ବଂଶୀ ରନ୍ଧ୍ରେ କୃରୂ ଅଙ୍ଗୁଳି ବ୍ରଜକୁ । ୩ ।
ନାସିକାର ମୋତି ବର          ଧୀରେ ଧୀରେ ଚଳିବାର
ଗୁଞ୍ଜାହାର ଭୁଲେ ଉର ପରମ ବନ୍ୟ ସ୍ରଜକୁ । ୪ ।
ଝୁମୁ ଝୁମୁ ବାଜିବାର          ମଞ୍ଜୁଳ ମଣି ମଞ୍ଜୀର
ଗୋପାଳକୃଷ୍ଣ ଚିତ୍ତେ ସେ ସ୍କନ୍ଧା ଚରଣ କଞ୍ଜକୁ । ୫ ।

—*—

## ରାଗ ମାୟା ମାଳବ ଗୌଡ଼ା – ମିଶ୍ରରୂପକ ତାଳ

( ଆନେ ପରା ନ କର—ବୃଟେଇ )

କରିଛୁ କି ମୁହିଁ ଗୁମାନ କାହିଁକି ଆନ । ପଦ ।
ସୁବେଶ ହେବାକୁ ଆଳୀ          ଡାକିଲେ ମୁଁ ନାହିଁ କଲି
ମଥା ମୋର ବ୍ୟଥା ବୋଲି ତେଣୁ ମୋ ଲପନ ମ୍ଲାନ । ୧
ଏବେ ଶୁଣିଲି ଖବର          ଆସିବ ପୁର ପଥର
ଉଭା ହେବା ଅବସର ନାହିଁ କରିବ ରନ୍ଧନ । ୨
ଏକ୍ଷଣି ହେଲି ଶବରୀ          ଆସିଲ ଆହା ଜପର ?
ଡାକିବେ ଶ୍ରୀ ବ୍ରଜେଶ୍ୱରୀ କରିବା ପାଇଁ ଅଶନ । ୩
କେତେ କୋଟି ଜନମର          ପୁଣ୍ୟପୁଞ୍ଜ ଫଳ ମୋର
ସେବା ସେ ହୋଇବ ଦୂର ଆହା କେଣେ ଅନୁମାନ । ୪

ଏବ୍ରଜରେ କାହାଠାରେ    କରୁଣା କେଉଁ ଘରରେ
ଦେହକ ନାହିଁ କି ହୃଦରେ ମୋ ଜୀବର ତ ଜୀବନ । ୫
ଗୋପାଳକୃଷ୍ଣ କହଇ    ବଢ଼ି ଯାଉଛି ମଣୋହ୍ଣ
ବୋଲୁ ଶ୍ରୀଲଳିତା ନେଇ ପହୁଡାଇଲେ ବନ୍ଧନ । ୬

—*—

## ରାଗ ପରଜ—ତସ୍ମଗତ ଏକତାଲ

( ରାଧାକୃଷ୍ଣ ନାମ ଚିନ୍ତା ମଣିକ—ବୃତ୍ତେ )

କି କରିବ ବ୍ରଜବଧୂ ଲାଗି ରେ ।
ମୋର ହୃଦରେ ରହିଲା ଜଗିରେ । ପଦ
ପ୍ରିୟଙ୍କ ମୁହୁଁ ପଲକ ନ ଟଳୁ
ଆଗେ ମିଳିଗଲା କେତେ ବେଗିରେ । ୧
ନବେନ୍ଦୀବର ସୁଷମା ଯାହାର
କେତେ ନତ କରୁଛି ଭ୍ରୂଭଙ୍ଗୀରେ । ୨
କୀର୍ତ୍ତି ଶ୍ରବସ ଚମ୍ପକ ଉତ୍ତଂସ
ଦେହି ଯାଚୁଛି ପରାଣ ଫଗିରେ । ୩
ଧଇଲା ହାତ ଦେଖ ଗୋ ସଂଗାତ
ଛାଡ଼ୁ ନାହିଁ ଦେଲେ ମୁଁ ଫିଙ୍ଗିରେ । ୪
କାହିଁରେ ଅଛି କେ ମୁଁ କରୁଛି
ଜାଣୁ ନାହିଁ ଖାଇଲି କଲାଗିରେ । ୫
କହେ ଗୋପାଳ—କୃଷ୍ଣ ପୀତ—ଚେଳ
ସ୍ତୁତି ଧୃତି ଗିର ଦେଲା ଭାଙ୍ଗିରେ । ୬

## ନାୟକର ବିଦେଶ ଯାତ୍ରା

### ( ରାଗ—ଦକ୍ଷିଣ କାମୋଦୀ, ତାଳ—ଆଡ଼ତାଳି )

ଯାଉଛୁ ଶ୍ୟାମା ରତନ ! ନ ଘେନିବୁ ମନେ ଆନ
ପିଣ୍ଡକୁ ସିନାରେ ଧନ ! ନେଉଛୁ ରଖି ଜୀବନ । ପଦ
ପ୍ରାଣ ବନ୍ଧୁ ମୋ ଭରସା     ତୋ ବିନା କେ ଅଛି ରସା ?
ନେଉଛୁ ମୋର ନବରଷା; ଆସିବ ନୋହୁଁ ବରଷା । ୧
ଅତନୁ ସନ୍ତାପ ସହା     ହୃଦରେ ମୃଣାଳବାହା
ଥିଲି ମୋ କପାଳେ ଏହା, ନଜଳି ଦଇବ ଆହା । ୨
ମୋ ଛୁର ପାଇଁକି ଦୁଃଖୀ     ହେଉରେ ଆନନ୍ଦ ସୁଖୀ ?
ମୁଁ ସିନା ତୋ ପ୍ରୀତିରଖି, ପାଇଲି ନାହିଁ ସୁମୁଖି । ୩
ସଂଗୀତ ପ୍ରବୀଣୀ ସହି     ସଙ୍ଗୀତ ନଥିଲୁ ହୋଇ
ଝାଙ୍କିତ ଦେଉଛୁ ବହି, ଫିଙ୍ଗି ମୋତେ ଦୂରେ ନେଇ । ୪
ଗୋପାଳ କୃଷ୍ଣ ତୋହର     ଦୟାମାଳଆ ନକର
ନପାସୋରି ତ୍ରୁଟି କର—ବମ୍ପା ଗୋଷ୍ଠ ରସାସାର । ୫

—*—

## ମାନିନୀ ରାଧାଙ୍କ ଦୂତୀ ପ୍ରତି ଉକ୍ତି

### ( ରାଗ କଳସା—ତାଳ ତ୍ରିପୁଟା )

ହେ ଦୂତି ! କାହିଁ ନାହିଁ ତୋ କୋମଳ କଥନେ ।
ବାକ୍ୟାଳାପ ନ କରିବ ସେ ମଧୁ ମଥନେ ଗୋ । ୧
ଯା ସ୍ୱଭାବ ବ୍ୟବହାର ସମ ପରସ୍ପରେ
ତା ଭୁଲେ ମୈତ୍ରୀ ଜନ୍ମିଲେ ସ୍ଥାୟୀ ହୋଇପାରେ । ୨
ନିରତ ଶମ୍ଭୁ ଚଞ୍ଚଳ ଚିତ୍ତ ଅପହନ୍ତା
ମୋ ଧୀରତାର ପ୍ରଶଂସା ଦିଗନ୍ତ ବ୍ୟାପିତା । ୩
ଶଠତା ମୟ କେବଳ ସେ ଶ୍ୟାମ ତରୁଣ
ମୁଁ ଯେ ନିଜ କୁଳପାଳୀ ମୃଦୁହୃଦା ମାନ । ୪

ଦୁଷ୍ଟ ହରି ଅଂକୁଶ ନର୍ମ ଉପଯୁଣ
ସୁଦୃଢ଼ାକୁ ବଂଧେ ମୁଁ ଧାର୍ମିକା ସଦ୍ଧଜେଣ । ୫
ଏଣୁ ସେ ବଂଚକ ସଂଗେ ମୋ ପ୍ରଣୟ ବ୍ରତ
ସୁଖକର ହୋଇ ନପାରିବ କଥାଚତ । ୬
ବାଲ୍ୟ କାଳାବଧି ପ୍ରାଣବଧ ଯା ଅଭ୍ୟାସ
ଧ୍ୱଂସିତ ହେଉଛି ପୁତନାଦି କଲି ନାଶ । ୭
ସେ ନାଗରଙ୍କ ଚରିତ ଶାଠ୍ୟ କୋଳି ମିତ !
ହୋଇ ସାରିଛି ଉତ୍ତମ ରୂପେ ଅବଗତ । ୮
କୋମଳ ହୃଦୟା କୁଳାଙ୍ଗନା କୋଳି ମୂର୍ତ୍ତି
ବୁଝି ପାରି ନଥିଲି ଚେତିଲି ଏବେ ସ୍ୱଚ୍ଛ । ୯
ସେଥିଲାଗି ଯଥୋଚିତ ଶିକ୍ଷା ପାଇଲଣି
ତୋ ଶିକ୍ଷା କଥାରେ ନ ଭୁଲିବ ଆଉ ଗୁଣି । ୧୦
ପ୍ରବୋଧି ଗୋପାଳ କୃଷ୍ଣ କହେ ପୁନର୍ବାର
ଯାଁ ହେଉ ପ୍ରେମବନ୍ଧର ଆଚରଣ କର । ୧୧

—*—

## ରାଗ ଆନନ୍ଦ ଭୈରବୀ—ରୂପକତାଳ

( ଆଜ ଚଳଲୁ କୁଂଜ ଭୁବନେ ଗୋ—ବୃତ୍ତେ )

ନା ଭୋଳିଲି କେତେ କହିଲି ତୋତେ ରେ ସଂଗିନ ।
ଯା ବୋଲି ରୋଷ କହିଲୁ ଶଠେ ରେ । ପଦ
ଭାବ ନାହିଁଟି ସେ କହୁବାର
ଠାକରେ ମନ ନ ରହେ ତାର
ଲୋକରେ ହୋଇ ଯିବ ପ୍ରଚାର
ଶୋକରେ ସତ୍ତ ଯିବୁଟି ସନ୍ତରେ ।
ବାସର ଜଗି ହେଉଲୁ ନାହିଁ
ବାସ କଲୁ କୁଂଜବନେ ଯାଇ
ରାସ ରସେ ଖେଳେକା ହଜାଇ
କ୍ଲେଶ ଲଭିଲୁ ସଖିକେ ଯେତେ । ୨

ଜାଣନ୍ତୁ ଲୋକେ ଦେବେ ହସାଣି
ଘୋଷିବେ ଶୁଣି ସ୍ୱଜନେ ମଣ୍ଡଳି
କାନ୍ତ କୁଳ ଦେବତା ହେବୁ ସଜ
ପ୍ରୀତି କଲେ ସେ ମୋହନ ସଂଗତରେ । ୩

ଶ୍ୟାମଲ ଲଗି କୁଟିଳ କେଶୀ
ଜାମର ହେଲୁ ଗଞ୍ଜନ ଦ୍ୱେଷୀ
ନାମ ତାହାରୁ ଏକାଇ ଘୋଷି
କ୍ଷମା ହେଲୁ ଝୁରି ଝୁରି ମରମେ । ୪

କାଣଯାଷ୍ଟି ଭ ଦେମୁ ଆଙ୍କର
ରୋଷ କରୁ ମେରୁ ପଟାନ୍ତର
ଦାସ ମୁଁ ବୋଇଲେ ଛଦ ଥିର
ତୋଷ ହୋଇ ଯାଉନ୍ତୁ ଭୁ,ଇଭିତେ । ୫

ଏ ପାଳ ହେଲେ ବନମାଳୀଙ୍କି
ସୋପାନ କଲେ ଅନନ୍ତ ତାଙ୍କ
କୃପାକର ବୋଇଲେ ଆଳୀଙ୍କି
ଗୋପାଳକୃଷ୍ଣ ଶ୍ରୀହରି ଇଂଗିତେ । ୬

—*—

## ରାଗ ସାବେରୀ—ମିଶ୍ରରୂପ ତାଳ

( ଦୁଃଖି ହେବନ ମୋ ଧନା ଆଜମନ ସୁକୁମାରୀ—ବୃତ୍ତେ )

କି କଲରେ । ରାଧିକେ ନେହ ଲୁହ ପୋଛିବାକୁ ଏବେ । ୦ ।
ଲୁଷିଲ ବୋଲ । ନବ ଛଇଲ । ଭାଙ୍ଗୁଛି କି ବସି ।
ଅଧ କରସି । ତୋ ପରକୃଷି
ହୋଇ ନରଜେ ରଙ୍ଗଅଛି ଦେଖି ତ ସେବାକୁ ଏବେ । ୧ ।
ସୁନା ନଳିନ । ସମବଦନ । ମଉଳି ଯାଇଛି ।
କବରୀ ଫିଟି । ଚରଣେ ଲୋଟି
ଯାଉଛି କେବେଣେ ନ ଖୋଜ କରିଛୁ ଅନାଇଁ ଧରାକୁ । ୨ ।

ଗୋଷ୍ଠେ ଗୁଆଳ । ତୋ ଛଡ଼ୁଁ ବଳ । କେ ଏଣ୍ଟି ସେ ଅଛି ।
ମୋହନ ମନ । ତୋ ଠାରୁ ଆନ ।
କରିବ ଦିଶୁନାହିଁ ଜଣେ ମୋତେ ଭିନ୍ନ କରିବାକୁ । ୩ ।
ତପ ଦୁଃଖ ଜାଣି । ଜନନୀ ଆଣି । କୋଳରେ ବସାଇ,
ଭାଷିଲେ କଥା । ନ ଜାନୁ ମଥା
ଯୋଗଥା ଅଣାଉଛି ଗୋଷ୍ଠାଞ୍ଚଳ ଚନ୍ଦ୍ରମାକୁ । ଏବେ । ୪ ।
ନବ ନୀରଦ । କୁଙ୍କୁମ ପଙ୍କ । ଗଞ୍ଜଇ ଅଳକ
ଶିଖଣ୍ଡଚୂଳ । ପଛେ ଗୋପାଳ—
କୃଷ୍ଣ ସହିତେ ଆସେ ଆସୁଅଛି କହିବାକୁ । ଏବେ । ୫ ।

—*—

## ରାଗ ଖମାଜ---ଆଦିତାଳ

( ନ ଭାଗରେ ଶୁଭାଙ୍କି—କୃଷ୍ଣ )

ଜୀବନ ଯିବ ପରା ସୁମରି ମା
ମିଳିବ କି ସତେ ମୋତେ ନନ୍ଦକୁଞ୍ଜ ବିହାରୀ ମା । ଘୋଷା ।
ଅଭ୍ରଲିହାଗ୍ନି ଦହୁଛି ଚଉଦିଗେ ମୋର
ବଞ୍ଚିବ କେହ୍ନେ କୋମଳ ରଙ୍ଗିଣୀ ବାଳିକା । ୧ ।
ପୂର୍ବ ପୁଣ୍ୟ ପୁଞ୍ଜ ସବୁ ଦର୍ଶିବ ମୋହର
ହେବ ଯଶୋଦା-ବାତ୍ସଲ୍ୟ-ଲକ୍ଷ୍ମୀଙ୍କ କଙ୍କଣ । ୨ ।
ଲଳିତା ସ ତ୍ରିଭଙ୍ଗ ଭଙ୍ଗୀ ଆହା ବଂଶୀଧାରୀ
ଆଖିରେ ନାଚୁଛି ଶିର ଶିଖଣ୍ଡ ମାଧୁରୀ । ୩ ।
ବିନୟୁ ମିଶା କଟାକ୍ଷ କୁଣନ ସୁଭୂଷି
ନିଶିଦିନ ଉନ୍ମାଦ ମୋ ମନେ ସଭି କରି । ୪ ।
କହୁ କହୁ ଗୁହୁଁ ଗୁହୁଁ କାନଗଲା ସରି
ମନମଥ ହୃଦସ୍ଥ ପକାଉଛି ବିଦାରି । ୫ ।
ଗୋପାଳକୃଷ୍ଣ ଅଲିଙ୍କ ରସ କାଳେ ବିହାରୀ
ତ୍ରିସ୍ଥ ପ୍ରତ୍ୟଙ୍ଗ ଲେଖି ହୃଦ ବାସେ ଧରି । ୬ ।

—*—

## ରାଗ ପାନ୍ତବରାଡ଼ି—ମିଶ୍ରରୂପ ତାଳ

( ଭଜମନ ବ୍ରଜବନ ବିଜ ରାଜନ୍ତଂ—ବୃତ୍ତେ )

ଜାଣିଲ ସଖି ତୋ ମନ୍ଦ ମନ୍ଦ ହସ ରେ । ପଦ ।
କହୁଛନ ରହିଥା ବୋଲ ନ ଭୁଲ ରେ । ପଦ ।

ମୁଁ ପଚାରିଲି କଥାକୁ ଉତ୍ତର ଦେଲ ବେଳକୁ
କେଣେ କର୍ଣ୍ଣମୂଳ କେଣେ ନଖ ଚଳ ରେ । ୧ ।

ବ୍ରଜବଧୂ ଦୁଃଖ ଶୁଣି ପୂରିଲାଣି ନେତ୍ରେ ପାଣି
ବୋଲୁ ଛୁ ଯେ ଆଉରି କି ବଳଗଲାରେ । ୨ ।

ଜନ୍ମି ଛୁଟି କି ସନ୍ଦେହ ଦମ୍ଭେ ଭାଙ୍ଗି ଦେଉ ଦେହ
ଜୃମ୍ଭା ପରେ ଜୃମ୍ଭା ଆଣୁ ଛୁ ଛଇଲ ରେ । ୩

ମୁଖ ବୁଲାଇଲ କ୍ଷଣି ଦଣ୍ଡକେ ପ୍ରାଣ ମିଳଣି
ପ୍ରେମ ପୀୟୂଷ ଘଡ଼କେ ଏଡ଼ି ଦେଲାରେ । ୪

ଆସିଛୁ ପଥେ ବସାଇ କସ କହିବରେ ଯାଇ
ବୋଲୁ ସଖୀ ନୟନେ ଲୁହ ପୂରିଲ ରେ । ୫

ଲଳିତା ବୁଝି ସେ ଚତୁ ବକୁଳ କୁଂଜ ସଂକେତ
ଜହିଲେ ଗୋପାଳ କୃଷ୍ଣକୁ ଚଳିଲ ରେ । ୬

—*—

## ରାଗ ମାୟା ମାଳବ ଗୌଡ଼ା—ମିଶ୍ରରୂପତାଳ

( ଶ୍ୟାମ କମଳାୟୁଷ୍ଣ ସମଦାହିଁ ଆଉ—ବୃତ୍ତେ )

ବ୍ରଜ ବଧୂ ପର ମୋତେ କେ ଦିଶୁନାହିଁ
ମନ ପୂରୁଛି କି ହେଲେ ନିତ୍ତ ରହିଁ । ପଦ ।

ପ୍ରଣୟ ପରିହାସ ମିଶା ଭାଷା ପୀୟୂଷ
ହସିବାର ଅଳପ କହି କହି ।

କାନନୁ ଆସିବାର ଅନାଇ ବାର ବାର
ଲେଉଟି ଘରପଥେ ରହି ରହି । ୨

କୋଟିଏ କୋଟି ମାର ପଦନଖ କୋଣର
ଅଂଶ ଲେଶକୁ ସମ ହେବ କାହିଁ । ୩
ଥିଲେ ହେଲେ ହୃଦରେ ମୋ ମନ ଶ୍ରୀପଦରେ
ରହି ଥାଉଛି ସମ୍ଭାବନ ପାଇଁ । ୪
ପତିବ୍ରତାକୁ ଜଳା- ଞ୍ଜଳୀ ଦେବେ କମଳା
କମଳାକ୍ଷ ପଡ଼ିଗଲେ ମୁହାଁ ମୁହିଁ । ୫
ନିତ୍ୟନୂତନ ବପୁ ବନସ୍ପୃ ଅଦ୍ଭି ଷ୍ଟିସୁ
ଦେଖିଲେ ମୁ ରୁଷ୍ଟିବ କେ ଦେହ ବହି ।
ଗୋପାଳକୃଷ୍ଣ ଭଣେ ସୁଷମାରେ ସୁରସେ
ରମା ରମଣ ଯାଏ ସର କାହିଁ । ୭ ।

---

## ରାଗ ପୁନ୍ନାଗ—ଝୁଲ୍‌ତାଲ

ହସି ହସି ରେ ଚାହିଁବା ଦଶୁଛି ଝୁରୁ କେଶିରେ । ପଦ

ଆଲୀ ଠାରୁ ଦେଲେ ମୋର ସିବାର ସଭର
ଆସୁଧନ କେଶ ଖୋସି ଖୋସି ରେ । ୧
ଦୂରୁ ଶୁଣି ମୋର ବାଣୀ ପଞ୍ଜର ସରଣୀ ।
ପାଶେ ରଖିଥାଉ ମୁଖ ଶଶୀରେ । ୨
ଲଲାଟ ସିନ୍ଦୁର ତୋର କପାଳରେ ମୋର
ଲାଗିଯାଇଥିଲେ ଧନ କେଶିରେ । ୩
ରତି ଶେଷେ ବାସ ପିନ୍ଧୁ ଉଭା ହୋଇ ବନ୍ଧୁ
ଚଦେ ଚଦବାସ ଲାଜେ ଦଂଶିରେ । ୪ ।
ଗୋପାଳ କୃଷ୍ଣଙ୍କୁ କଥା କହି ପୋତୁ ମଥା
ଶାଢୀ ଢାଙ୍କ ନଖେ ଘସି ଘସି ରେ । ୫ ।

## ରାଗ ନାଟକ କ୍ରିୟା—ତାଳ ମିଶ୍ରରୂପ

( ମୁରଲି ତୋରେ ଶରଣ ଗଲି—ବୃତ୍ତେ )

ଆଜ୍ କି କେଶ ସଜନୀରେ
ପୁଷ୍ପ ବାଟୀକି ପ୍ରିୟ ଆସିଲେନିରେ । ପଦ ।
ଚଳନ୍ତି ବେଳେ ଏକା ସୌଦାମିନୀ
ଗବାକ୍ଷ ଜାଳେ ଗୃହୁଁ ଚାହିଁଲିନରେ । ୧ ।
ହେମନ୍ତରୁ ନବୀନ ଘନ ରଜନୀ
ବେଳହୁଁ ମୁହିଁ ଥିଲି ଅନୁମାନ ଗୋ । ୨ ।
ଦୀପ ଲଭିଅ ଆସିବା ଗୋ ଘେନ
ବରଷିଲାନି ଘଗ୍ର କାଦମ୍ବିନୀ ରେ । ୩ ।
ହସିପଛେ ଯାଉ ସବୁ ସଙ୍ଗିନୀ
ମୋହନ ହୃଦେ ରାଧା ରହିଲେନି ରେ । ୪ ।
ବୋଲେ ଗୋପାଳକୃଷ୍ଣ ଶୋଇଲିନି
ଜଟିଳା ପୁରକୁ ଆସ ସ୍ୱାମିନି ଯେ । ୫ ।

—*—

## ଖମ୍ବାଜ—ଏକତାଳ

## ଶ୍ରୀକୃଷ୍ଣଙ୍କ ପ୍ରତି ମଧୁମଙ୍ଗଳ

ଦହିଦୁଧ ସର ଚୋର !···(କଳାକାହ୍ନୁ)
ଶିଖି ଚୂଳିଆ ହେ କାଇଁଚ ମାଳିଆ
ଏବେ ପଡ଼ିଯିବ ଧରା । ୦
ବଙ୍କିମ ଅଧରେ ବେଣୁ ବାଇ ଧୀରେ
ଭଲ ନାଚ ବାଇ ପର
ବରଜ ବାଳୀଙ୍କ କେଳି ସୁଧାରଙ୍କ
ଜାଣେ ମୁଁ ତୁମ ଗୋପରା । ୧
ରବି ସୁତା ତଟ ନୀପ ତଳେ ଧିଟ
ଠିଆ ହୁଅ ଦେଖି ଖରା

କଳସୀ କାଖେଇ ଆସିବାର ଗୋଈ
ଦେଖି ମାତ୍ର ଆଖିଠାରି । ୨
ହେ ହଟ ନାଗର ଶାଉନ୍ତ ଭ୍ରମର
ବରଜେ ବାଜେ ନାଗରୀ
ଯାଇବ ନୋହନି ପ୍ରେମ ଗାଣ୍ଡଳୀ
ତୁମେ ତା ପ୍ରୀତି ପସରା । ୩
ଜାଣ ଯେତେହଟ ହେ ଶଠ ଲମ୍ପଟ
କିନ୍ତୁ ନ ସରିବ ଖରା
ମୋହିନୀ ଲଗାଇ ନାଗରୀ ଭୁଲାଇ
ଲୁଟନ୍ତୁ ଜୀବନ ସାରା । ୪
କପଟି ମୋହନ ମୋର ନିବେଦନ
ନ ହୋଇବ ଭକ୍ତହରା
ଗୋପାଳ କୃଷ୍ଣର ଶିରୁ ଶ୍ରୀପଦ୍ମର
ରେଣୁ କରନ୍ତୁ ଆସରା । ୫

—*—

## ଶ୍ରୀକୃଷ୍ଣଙ୍କ ପ୍ରତି ଲଳିତା

### ତାଳ—ଏକତାଳି

ଆହେ ଶ୍ୟାମ ଘନ ତୁମ ଲାଗି ଯେନ
ଶ୍ରୀମତୀ ଯାଉଛନ୍ତି ସତ୍ର ।
ଦେଇ ପ୍ରୀତିରସ କର ତାଙ୍କୁ ପାର
ଶ୍ରୀପଦେ ଭଲ ଏତେ ମାଗୁ ମୁଁ ଗୁହାରି ।
( ପଦ )
ପଞ୍ଚପୁଷ୍ପ ଶାୟକ
ଲକ୍ଷ କରନ୍ତି ଲକ୍ଷ
ବିରହ ଜ୍ୱରେ ଶୋଷ
ନିରନ୍ତର ଦହ ଦହ

ଝର ଝର ନୟନୁ
ମାର ଝରେ ଅଧିକ
ହତାଶ ଉଚ୍ଛ୍ୱାସରେ
ଶତଧ ଫାଟେ ବକ୍ଷ । ୧

ଶଶୀକ୍ଷତ ମୁଖ ମଉଳଚ୍ଛି ପ୍ରତ୍ୟକ୍ଷ
ମାନସ ପଡ଼ୁଚ୍ଛି ଭାଙ୍ଗି
କରଜ କେଶ ବାସ ହୋଇଲାଣି ଅବଶ
ଅମ୍ବୁଜ କଳିକାରେ ଶିଶିର ବିନ୍ଦୁ ଲାଗି—
ଲଭେ ଯେମନ୍ତ ଦଶା
ତେମନ୍ତ ରସାଳସା
ଦିନରୁ ଦିନ କ୍ଷୀଣ
ହୋଇ ହୁଏ ହତାଶା
ପଚ୍ଚରିଲେ ସଜନୀ
ନ କହେ ପଦେ ଭାଷା
ମଥା ପୋତି ତଳକୁ
କରଜେ ଖୋଳେ ରସା । ୨

ନୀଳମଣି ହାର ଗଳାରୁ ବାହାର
କରି ସେ ଦେଇଛି ଫିଙ୍ଗି
ମାଜୁ ନାହିଁ କେଶ ସାଜୁନାହିଁ ବେଶ
ଯମୁନା ଯିବା ପାଇଁ ନହୁଏ ଅନୁରାଗୀ
ଭ୍ରମର ଗୁଣ ଗୁଣୀ
ଝୁରେ ରମଣୀ ମଣି
ଶୁଣି କଳା ମେଘକୁ
ନେତ୍ର ଝରାଏ ପାଣି
କଦମ୍ବ ନଂତ ଦେଖି
ବିରହେ ହୁଏ ଘୂର୍ଣ୍ଣି
ତଳପ ତରଙ୍ଗ ତଳେ
ଗଡ଼େ ବିକା ଭଜନୀ । ୩

କୃପାସିନ୍ଧୁ ବୋଲାଇ ଅକୃପା କଲେ ଖାଇ
ଆଉ କି ସବେ କହିବ
ସୁତଉରେ ବସୁଣ ହେ ପ୍ରଭୁ ଗିର ଧାରୀ
କଣିଲା ଜନେ ଯେବେ ବିନା ଦୋଷେ ମୁଣ୍ଡିବ
କହ କିବା ଖ୍ୟାରତି
ଅରଜିବ ଶ୍ରୀପତି ?
ନାରୀ ହତ୍ୟା ପାତକୁଁ
କେମନ୍ତେଁ ବା ହେବ ମୁକ୍ତି ?
ଜଗତେ ନ ପାଇବ
ତୁମେ କି ଅପଖ୍ୟାତି ?
ଗୋପାଳକୃଷ୍ଣ ବୋଲେ
ରଙ୍ଗୀ ଚରଣ ଚିନ୍ତି । ୬

—*—

## ଶ୍ରୀକୃଷ୍ଣଙ୍କ ପ୍ରତି—ଶ୍ରୀରାଧା

### ତାଳ—ଆଠତାଳି

ଶ୍ରୀହରି ।···ହେନ ପାନା ଗୁହାରୀ ହେ ।
ଯୁଗେ ଯୁଗେ ମୁହିଁ ତୁମ୍ଭ କିଙ୍କରୀ ହେ । ୦
ତୁମେ କଳା ନିଧି ମୁହିଁ କୁମୁଦ
ତୁମ ଦରଶନେ ଫିଟଇ ମୁଦ ହେ । ୧
ତୁମେ ରବି ହେଲେ ପଦ୍ମିନୀ ହୋଇ
ସରସୀ ସଲିଳେ ଥାଏ ଅନାଇଁ ମୁଁ । ୨
ନୀପମୂଳେ ତୁମେ ବାଇଲେ ବଂଶୀ
ମନ ପ୍ରାଣ ମୋର ଉଠେ ଉଲ୍ଲସି ହେ । ୩
ଗୋବତ୍ସା ଚରାଇ ଆସିଲା ବେଳେ
ଦେଖିବାକୁ ଯେହେଁ ମୁହିଁ ନପାରିଲେ ହେ । ୪
ଶିରେ ଖୋଷି ଜାମୁ ଡାଳ ହେ ଶ୍ୟାମ
ନାଚବାରେ ଲାଗି ରହେ ମୋ ମନ ହେ । ୫

ଶିଖିଚୂଳ ବନ୍ଧୁ ଥାଏ ରୁଚିର
ରୁମୁ ଝୁମୁ ବାଜେ ପାଦେ ନୂପୁର ହେ । ୬
ଅଧରେ ମୋହନ ମୁରଲୀ ଶୋଭା
ଦେଖି ଛାଡ଼ୁ ମନ ଭୁଲଇ ଲୋଭା ହେ । ୭
ଭାଲେ ଗୋରଚନା ଗୋପୀ ଚନ୍ଦନ
ଦେଖି ପୀଡ଼ା ହଏ ମନ୍ଦ ମଦନ ହେ । ୮
ଦେଖି କେବେ ତ୍ରିଭଙ୍ଗିମା ମୂରତି
କେଉଁ ପତିବ୍ରତା ଧରିବ ଧୃତି ହେ । ୯
ଝୁଲି ଝୁଲୁ ଯେତେବେ ଗୋପ କଟକେ
ବୁଲୁଥାଅ ସଖାମେଳେ ଛଟକେ ହେ । ୧୦
ମାଳ ହାଣ୍ଡିଟିଏ ଗୁଲିଲି ପର
ମଣନ୍ତି ସକଳ ବରଜ ନାଶ ହେ । ୧୧
ଘରେ ଘରେ ପଶି ସର ଲବଣୀ
ଚୋରି କରି ଖାଅ ମୁରଲୀ ପାଣି ହେ । ୧୨
ଯମୁନା ପୁଳିନେ ହୋଇଣ ଠିଆ
ଘାଟ ମାଗି ବୋଧେ ଭାଙ୍ଗ ମାଠିଆ ହେ । ୧୩
ଯେତେ ହୁରି କୁରି କର ମୋହନ
ସବୁ ମଣେ ମୁଁ ଖିଆଲି ସମାନ ହେ ।୧୪
ସକଳେ କହନ୍ତି ନନ୍ଦ ନନ୍ଦନ
ମୁଁ କହେ ତୁମେ ମୋ ହୃଦଚନ୍ଦନ ହେ ।୧୫।
ଯାହା କର ମୋର ନାହିଁ ବାରଣ
ଆଶ୍ରା କରି ଅଛୁ ଛନ୍ଦା ଚରଣ ହେ ।୧୬।
ବାଜୁ ପଛେ ଅପବାଦ ନାଗରା
କହୁ କଳଙ୍କିନୀ ଜଗତ ସାରା ହେ ।୧୭।
କହି କଥାକୁ ମୋ ନାହିଁ ତ ଡର
ଏକା ପ୍ରଭୁ ତୁମ୍ଭେ ହୁଅ ମୋହର ହେ ।୧୮।
ଯୁଗେ ଯୁଗେ କଥା ଥାଉ ରହିଣ ।
ରାଧାକୃଷ୍ଣ ନାମ ଗିର ହୋଇଣ ହେ ।୧୯।

ଗୋପାଳ କୃଷ୍ଣର ଏତକ ଅଳି
ଦୟା କରି ରଖ ଶ୍ରୀବନମାଳ ହେ ।୬°।

—*—

## ଶ୍ରୀରାଧାଙ୍କ ପ୍ରତି ଶ୍ରୀକୃଷ୍ଣ

### ତାଳ–ଖେମଟା

ବ୍ରଜ କିଶୋରୀ ରାସେଶ୍ୱରୀ ପ୍ରିୟେ ଗୋ !
ବନ୍ଧା ମୁଁ ପ୍ରେମ ଡୋରେ ତୋହର
ଯେବେ କରିବୁ ହେଳେ ତାଳେ ନିରାଶ
ତେବେ ମରିବ ଭକ୍ଷି ନିଶ୍ଚେ ଜହର ।°।
ପ୍ରେମର ନିଶାଣୀ ତୋ ପଣନ୍ତ କାନ
ସାକ୍ଷୀ ତହିଁ ମୋର ଶିଖି ଚନ୍ଦ୍ରିକା
ମୋହନ ମୂରଲୀ ରାଧେ ରାଧେ ବୋଲି
ରଟୁଥିବଟି ଅଷ୍ଟ ପ୍ରହର ।୧।
ସଲିଳ ବହୁନେ··ନବଞ୍ଜଇ ଯେହ୍ନେ
ଝସକୁଳ ଆଗୋ ଏଣୀ ନୟନୀ
ତେସନ ମୋହରି··ହେବ ରସାଳସା
ଆନ ହେବ ନାହିଁ କଥା ନକର ।୧।
ମୁଁ ପିଣ୍ଡ ତୁ ପ୍ରାଣ··ରେ ରାମା ରତନ
ମୁଁ ସରସୀ ତୁହି ଜଳ ଭଣ୍ଡାର
ତୋହବନା ଶୂନ୍ୟ··ଚଉଦ ଭୁବନ
ଲିଭି ଯିବ ଏ କୃଷ୍ଣର ସୁନ୍ଦର ।୨।
ମନର ଉରଜା ରାମାଗଣ ରାଜା
ସଜାପଣେ ଦାଅ ଦୋଷ ଦେଖିଣ
ତେଜ ନାହିଁ ଭଲେ ଉରଜରୁ ହେଲେ
ଅଭିଜ ମାଗକ ଏତେ ମୋହର । ୩।

ଆନନ୍ଦ ରୁପିଣୀ···ପ୍ରେମମୟୀ ଧନି
ରସମୟ ମୂର୍ତ୍ତି ସିନା ତୋହର ।
ଗୋପାଳକୃଷ୍ଣର ସେବା ନିରନ୍ତର
ଥାଉ ଏହି ଯୁଗଳ ଶ୍ରୀପଦ୍ପୂର । ୪ ।

—*—

## ସଖୀ ଏବଂ ଶ୍ରୀରାଧା

ଶ୍ରୀରାଧା—କହ କହ ସହଚରୀ
କି କହିଲେ ସେହି କୁଞ୍ଜ ବିହାରୀ । ସହଚରୀରେ
କିବା ଦେଲେଣି ପାଶୋରି । ୧ ।
ଲଳିତା—ଶୁଣ ଗୋ ହେମ ବରଣୀ
ଭ୍ରମର ବରନେ କାଳିଆ ସୁନା । ବିନୋଦିନୀଗୋ
ହୋଇଛନ୍ତି ଦୁଃଖମନା । ୨ ।
ଶ୍ରୀମୁଖ ଶୁଖି ଯାଇଛି
ଝର ଝର ନେତ୍ର ନୀର ବହୁଛି । ବିନୋଦିନୀ ଗୋ
ତନୁଟି ଖିନ୍ନ ଦିଶୁଛି । ୩ ।
କେଶରେ ନାହିଁ ଶରଧା
ମନେ ପୂରିଅଛି ଅଶେଷ ବାଧା । ବିନୋଦିନୀ ଗୋ
ନିରବଧି ନେତ୍ର ମୁଦା । ୪ ।
ଯେତେ ଜଣିଲି ମଣାଇଁ
କିଛି ନ କହିଲେ କଳା କହ୍ନାଇଁ । ବିନୋଦିନୀ ଗୋ
ଖାଲି—ଲୁହ ପଡ଼ୁଥିଲା ବହି । ୫ ।
ଶିଖି ପୁଚ୍ଛଟି ତାଙ୍କର
ତଳେ ପଡ଼ି ଦିଶୁଥିଲା ଅସାର । ବିନୋଦିନୀ ଗୋ
ତନୁ—ଦିଶୁଥିଲା ନୀରଖାର । ୬ ।
ଅଧରେ ମୂରଲୀ ଦେଇ
ଖାଲି—ରାଧା ରାଧା ଡାକନ୍ତି ସେହି । ବିନୋଦିନୀ ଗୋ
ତୋହ ଭାବରେ ବିହ୍ୱଳ ହୋଇ । ୭ ।

ନିକଟେ ଆସିଲ ଫେର
ସେ ବେଳରୁ ମନ ଗଲାଣି ମରି । ଝନୋଦ୍ଭମା ଗୋ
ସବୁ ଯିବଟି ବଉଳ ଖିରି । ୮ ।
ଯାହା ଆସେ ତୋ ବସୁରେ
ବୁଦ୍ଧି ସୁଦ୍ଧି ଛାଡ଼ା କର ଶୀଘ୍ର ରେ । ଝନୋଦ୍ଭମା ଗୋ
ଯେବେ ସେ ହୁଅଏ ଶ୍ୟାମଠାରେ । ୯ ।
ଶ୍ରୀରାଧା—ଲଳିତା ବଚନ ଶୁଣି
ନେଣେ ଅଶ୍ରୁ ଭରି ତରୁଣୀ ମଣି । ବିଷାଦ ମନେ
ଲଲାଟେ ମଣ୍ଡିଲେ ପାଣି । ୧୦ ।
ହା ହା ମୋ ପ୍ରାଣ ମାଧୋଇ
ଲୁଚିଯିବ ସତେ ଭ୍ରମରୀ ପାଇଁ ମୋ ପ୍ରାଣବନ୍ଧୁ ହେ
ବ୍ରଜେ ମୋର ଗତି ନାହିଁ । ୧୧ ।
ସ୍ମରି ଅଭାଗିନୀ ଲଜି
ଜାଣୁ ଜାଣୁ କମ୍ପା ଏ ଦୁଃଖ ଭୋଗି । ପ୍ରାଣବନ୍ଧୁ ହେ
ନେବ ଯାଇ ଦୋଷ ମାଗି । ୧୨ ।
ବାଜୁ ପଛେ ନନ୍ଦା ବାଜା
ମୁଁ ଭୁଲୁ କାଙ୍କସି ତୁମ୍ଭେ ମୋ ରାଜା । ପ୍ରାଣବନ୍ଧୁ ହେ
ବିକ ଦେଇଛି କଲିଜା । ୧୩ ।
ମନ ନରହଇ ଘରେ
ବଂଶୀଧ୍ୱନି ଯେବେ ବାଜେ କାନରେ । ପ୍ରାଣବନ୍ଧୁ ହେ
ଯମୁନାକୁ ଯାଏ ଝରେ । ୧୪ ।
ଦିନେ ନ ଦେଖିଲେ ମୁଖ
ପ୍ରାଣେ ପୂରିଯାଏ ଅଶେଷ ଦୁଃଖ । ପ୍ରାଣବନ୍ଧୁ ହେ
ଛାତି ହୁଏ ଦକ ଦକ । ୧୫ ।
ଭ୍ରମରୀ ଘନ ବଉଳ
ଦେଖି ସୁଖୀହୁଏ ଲାପ ନସ୍ତନ । ପ୍ରାଣବନ୍ଧୁ ହେ
ପ୍ରୀତିରେ ଡୁବଇ ମନ । ୧୬ ।

ତୁମେ ମୋର ଗଳାହାର
କାଇଁତ ମାଳଆ ମରଲ୍ଲି ଧର । ପ୍ରାଣବନ୍ଧୁ ହେ
ହେଲ କ୍ଷମା ବାରଖାର । ୧୭ ।
ମୁଁ ପାପିନୀ ଦୋଷୀ ହେଲି
ସ୍ନେହ ପ୍ରତିମାକୁ ଏ ଦୁଃଖ ଦେଲି । ସହଚରୀରେ
କ୍ଷୀରେ ଖାର ମିଶାଇଲି । ୧୮ ।
ସୁଧାକୁ ମଣିଲି ପାଣି
ଅନାଦରେ ଫିଙ୍ଗିଲି ଜାଣି ଜାଣି । ସହଚରୀରେ
ଝୁରି ଯିବେ ମୋ ପରାଣ ମଣି । ୧୯ ।
ଯେନ ମୋହର ବସନ୍ତ
ଆଜି ଥରେ ଭୁଲି ଚାଲ ଝୁଣ୍ଟି ସହଚରୀରେ
କହ କରି ପ୍ରତି ପତ୍ତି । ୨୦ ।
ବର ହେ ଅଧୀର ହୋଇ
କୁଞ୍ଜେ ଅଛି ତାଙ୍କ ସରଣୀ ଚାହିଁ । ସହଚରୀରେ
କୁସୁମେ ଶେଯ ସେଜାଇ । ୨୧ ।
କ୍ଷମାକର ସର୍ବ ଦୋଷ
ଝୁଲି ଝୁଲି ଆସିବେ ପୀତବାସ । ସହଚରୀରେ
ଖଣ୍ଡିବାକୁ ମାର ତ୍ରାସ । ୨୨ ।
ହରଷ କରିବେ ଯେବେ
ଜହର ଖାଇ ମୁଁ ମରିବି ତେବେ । ସହଚରୀରେ
ଝୁରନ୍ତି ରହିବ ଭବେ । ୨୩ ।
ନଦେଖି କଳା ବଦନ
ଦିନୁ ଦିନ ବଢି ଯାଏ କଦନ । ସହଚରୀରେ
ଭଗାରି ହୁଏ ମଦନ । ୨୪ ।
ଭାସି ଯାଉଛି ଦୁଃଖରେ
ପଦ ତରଣୀରେ ତାରନ୍ତୁ ଖରେ । ଅଭାଗିନୀଙ୍କ
ବାନ୍ଧି ବାହୁ ଯୁଗଳରେ । ୨୫ ।

ରଖାଇଲେ ଦେଖୁଥାଉ
ନଷ୍ଟ ଭକତିକ ଶରଣ ପୁର । ସନ୍ତାପରେ
ଏଣୁ ନାହୁଁ ଛୁ ସଂସାର । ୨୬ ।

× × ×

ଶ୍ରୀରାଧା ବଦନ୍ତୁ ଶୁଣି
ଚନ୍ଦ୍ରାସ୍ୟା ଲଳିତା ତରୁଣୀ ମଣି । ଚପଳେ ଯାଇ
ଭେଟିଲା ମୁରଲୀ ପାଣି ।୨୭ ।
ଗୋପାଳକୃଷ୍ଣ ଭଣନ୍ତି
ଧ୍ୟେୟ ମୋର ସେ ଶ୍ରୀମତୀ ଶ୍ରୀପତି । ଏ ଭବଭ୍ରମେ
ତାଙ୍କ ପଦେ ଥାଉ ମତି । ୨୮ ।

## ଶ୍ରୀକୃଷ୍ଣଙ୍କ ପ୍ରତି—ଲଳିତା

ତାଳ—ଆଠତାଳୀ

ହେ ଶ୍ୟାମଘନ । ତବ ବିରହରେ ରାସେଶ୍ୱରୀ କ୍ଷୀଣ । ୦ ।
ବିରହ ହୁତାଶେ ଜଳେ ନିତି ତନୁ
ଝର ଝର ବାରି ଝରଇ ନୟନୁ
ମୋହନ ମୂରତି ନପାଶୋରି ମନୁ
ନିରତେ କରେ ରୋଦନ । ୧ ।
ସଜନୀଏ ମିଳି କହିଲେ ବୁଝାଇ
ଗ୍ରୁଳି ଢ଼ାଳି ଶିରେ ହେଲେ ନଶୁଣଇ
ହାହା ଶ୍ୟାମ ଶ୍ୟାମ ବୋଲି ସେ ଝୁରଇ
ଛାଡ଼ି କହେ ଦମ ଦମ ହେ । ୨ ।
ଅନ୍ତରୁରେ ତନୁ ସଦା ଜର ଜର
ମୁହୂର୍ତ୍ତ ହୁଏ ବରଷେ କାତର
ପଚାରିଲେ କିଛି ନଦେଇ ଉତ୍ତର
ବସାଦେ ବୁକେ ନଖକୁ ହେ । ୩ ।

ଚନ୍ଦନ କସ୍ତୁରୀ ଲେପିଲେ ଶ୍ରୀଅଙ୍ଗେ
ଶୋଭୁଛି ହିଏ କାଳୀ ଅନ ଅନୁରାଗେ
କେବଳ ଅନାଏ ପଥିକୁ ଅପାଙ୍ଗେ
ପାଇବାକୁ ଦରଶନ । ୪ ।
ସଞ୍ଜରୁ ସକାଳ ଯାଏ କଞ୍ଜକେଶା
ଅଞ୍ଜନ ନୟନ କରୁନାହିଁ କଷା
ଝାଳି ଝାଳି ଉଡ଼ି ଯାଇ ଅଛି ହଂସା
ମଉଳାଇ ଚନ୍ଦ୍ରାନନ । ୫ ।
ଶ୍ରୀଚରଣ ଦାସୀ ଠାରେ ଥିଲେ କୃପା
ପ୍ରକାଶ ମୋହନ ଥରେ ଅନୁକମ୍ପା
ଚମ୍ପା ବରଣୀକୁ ପୋଡ଼ିମାର କମ୍ପା
ହୋଇ କରୁଣା ନିଧାନ । ୬ ।
ଛନ୍ଦା ଚରଣରେ ହୋଇଛି ସେ ବନ୍ଦୀ
ମୁଣ୍ଡେ ମୁଣ୍ଡାଇଛି ସବୁ ନିନ୍ଦା ବାଧା
ତଥାପି ଭ୍ରମର ନାମେ ତା ଶରଧା
ଗୋପାଳକୃଷ୍ଣ ରଚନ । ୭ ।

—*—

## ଲଳିତାପ୍ରତି ଶ୍ରୀକୃଷ୍ଣ

ରାଗ—ଶଙ୍କରା ଭରଣ

ଯାଅ ଗୋ ଲଳିତେ ସେନି ନିବେଦନ ମୋର
ସର୍ବସ୍ୱଶ ବଦନାରେ କହିବ ଏ ଗ ର
ସେହି ଜଳ ମୁଁ ହି ମୀନ
ତାର ଅଦର୍ଶନେ ନିରହିବଟି ଜୀବନ । ୧ ।
ଚନ୍ଦ୍ରକୁ ତେଜି ଚକୋର ଲଭଇ ଯେ ଗତି
ରାଇହୀନ ଜୀବନ ମୋ ହୁଏ ସେହି ମତି
ନିଶା ଚକ୍ରବାକ ପରି
କାହ୍ନୁ କାନ୍ଦୁଛି ତାର ଗୁଣକୁ ସୁମରି । ୨ ।

ଝାସ କେତନ, ର ଦାଉ ନପାରିବ ସହି
ନଷ୍ଟେ କାଳନ୍ଦୀ ହ୍ରଦରେ ଝାସ ଦେବ ଯାଇ
କଥା କାଳେ କାଳେ ଥିବ
କିଶୋରୀ ଲାଗି ପରାଣ ତେଜିଲା ମାଧବ । ୩ ।

ଛଇଳ ରତନ ସେ ମୋ କଣ୍ଠ ତଟ ମଣି
ମାନସ ନାୟିକା ସ୍ନେହ ସାଗରର ଖଣି
ସେତେବେ ଯେବେ ସେ ପାଶୋର
ପରାଣ ତେଜିବ ନଷ୍ଟେ ତାଙ୍କୁ ଝୁରି ଝୁରି । ୪ ।
ଏ ବରଷେ ଜନ୍ମ ହେଲି ସିନା ତାହାପାଇଁ
କରେ ଯଷ୍ଟି ଘେନି ଧାଏଁ ଗୋବତ୍ସ ଚରାଇ
ଧରି ମୋହନ ମୁରଲୀ
ଫୁକାରି ସନ୍ତୋଷ ପାଏ ରାଧେ ରାଧେ ବୋଲି । ୫ ।
ରାଧା ମୋ ହୃଦ ଚନ୍ଦନ ରାଧା ମୋର ଜପ
ରାଧା ମୋର ଧ୍ୟାନ ଜ୍ଞାନ ରାଧା ମୋର ତପ
ମୁହିଁ ତାର ଯଶସ୍କର
ସେ ପର କଲେ କହ ମୁଁ ହୋଇବି କାହାର ? । ୬ ।
ରାଧା ଲାଗି ମାଧବ ମୁଁ ରାଈ ଲାଗି କାହ୍ନୁ
କିଶୋରୀ ଲାଗି କିଶୋର ହେଲି ଜନ୍ମଦିନୁ
ବୃନ୍ଦାବନ ରାସ ଖେଳି
ବୃଥା ହେବ ସବୁ ପର କଲେ ସେ ଛଇଳୀ । ୭ ।
ଆଗୋ ଲଳିତେ ପରାଣ ଯୋଡୁଛି ମୋହର
ଶ୍ରୀରାଧା ବହୂନେ ବୋଲି ଜାଣିଥା ନିକର
ରାସେ ନ ଆସଇ ଯଦ
ବେଳୁ ବେଳ ବଢ଼ିଯାଏ ବିରହ ବିଚ୍ଛେଦ । ୮ ।
କର ଧରି କହୁଛି ମୁଁ ଦୟାକର ଥରେ
ଭେଟାଅ ନେଇଣ ସାନୁ ଜେମା ସଙ୍ଗତରେ
ଧର୍ମ ହୋଇବ ଅପାର
ତୁମରି ଯଶ ଘୋଷିବ ଏ ସଚରାଚର । ୯ ।

ମାନିନୀ ସେ ବିନୋଦିନୀ ବନ୍ଧୁଥିବ ବେଶ
ଦେଖା ହେଲେ ଶ୍ରୀଗୁମ୍ଫୁରେ ମାଗିନେବ ଦୋଷ
ହୋଇ ବନ୍ଧୁ ନଇସ୍ଥଳ
ଗୋପାଳ କୃଷ୍ଣ କହଇ ସର୍ବ ମଙ୍ଗଳ । ୧୦ ।

---

## ଶ୍ରୀକୃଷ୍ଣପ୍ରତି ଲଳିତା

ତାଳ—ଆଠତାଳି

ଆହେ ଶ୍ରୀ ରଙ୍ଗା ପୟର
ଏ ସଂସାର ସାର  ମୁରଲୀଧର ହେ
ଖଣ୍ଡ କୋଟି ଜଗତର । ୦ ।
ଯେ ପଦ ସରୋଜ  ରଜ ଲଭିବାକୁ
ବ୍ରହ୍ମା ହର ନିରନ୍ତର
ମାଗୁଛନ୍ତି କର  ପ୍ରସାରି ବିନୟେ
କୃପା ଭିକ୍ଷୁ ପରକାର । ୧ ।
ଯେ ଚରଣ ଛୁଇଁ  ମୂର୍ତ୍ତିମତୀ ହେଲା
ବନେ ଅହଲ୍ୟା ପଥର
ସେ ଚରଣ ଧୋଇ  ସାଯୁଜ୍ୟ ମୁକତି
ହେଲେ ଲଭିଲା ଧିବର । ୨ ।
ମିଠା, ଖଟା, ପିତା,  ଫଳ ଚାଖି ଦେଲା
ସ୍ନେହେ ଶବରୀ ମାତର
ଧନ୍ୟ ତେତେ ପ୍ରଭୁ !  ଉଚ୍ଛିଷ୍ଟ-ଖାଇଲ
ଭକ୍ତ ଭାବରେ ବିଭୋର । ୩ ।
ଭକ୍ତ ଲାଗି ସ୍ତମ୍ଭୁ  ପ୍ରକାଶିତ ହେଲ
ଧରି ନୃସିଂହ ଶରୀର
ଚିରି ଦେଲ ହେଳେ  ହିରଣ୍ୟେକୁ ବନେ
ଶୁଷ୍କ ତୃଣ ପରକାର । ୪ ।

କ୍ରୋଧେ ଅନ୍ଧ ହୋଇ ଶ୍ରୀବତ୍ସ ବ୍ରାହ୍ମଣ
ଚରଣ କଲୁ ପ୍ରହାର
ସ୍ନେହରେ ସେ ଚିହ୍ନ ବକ୍ଷରେ ବହିଲ
କ୍ଷମି ସବୁ ଦୋଷ ଭାର । ୫ ।
ଭକତର ବନ୍ଧୁ ସେଣୁ ଦୀନବନ୍ଧୁ
ତେଣୁଟି ସଦା ଉଦାର
ଭକତ ନିମନ୍ତେ କରିପାର ସବୁ
ନିଜକୁ ମଣି ଅସାର । ୬ ।
ଭକ୍ତ ଜନେ ଦଣ୍ଡ ଦେବାକୁ ପ୍ରଚଣ୍ଡ
କ୍ରୋଧେ ହୋଇ ଜର ଜର
ସାତ ରାତ୍ରି ସାତ ଦିନ ବରଷିଲା
ଘୋର ଆଷାଢ଼େ ଜଳଧର । ୭ ।
ଘୋର ବାତ୍ୟା ଭୁଲେ ପଥର ଛେଚିଲା
କରି ଧୂମ ଅନ୍ଧକାର
ଭକତଙ୍କ ହିତେ କାଣୀ ଆଙ୍ଗୁଳିରେ
ଟେକି ଧଇଲ ମନ୍ଦର । ୮ ।
ହାରି ଯାଇ ଇନ୍ଦ୍ର ଶରଣ ପଶିଲା
କେବେ ଦେଖିଲୁ ଆମ୍ଭର
ବଛା ହରି ନେଇ ବ୍ରହ୍ମା ହାରି ଯାଇ
ଆଶ୍ରା କଲା ଶ୍ରୀପଦର । ୯ ।
ମହାଜନ ମାନେ ଯେ ପଦ ପଙ୍କଜେ
ଭୃଙ୍ଗ ପରି ନିରନ୍ତର
ମଧୁ ପାନ ଆଶେ ନିତ୍ୟଚିନ୍ତା ଆସି
ସେହିତ ସଂସାରେ ସାର । ୧୦ ।
ଗୁର ଗୋପାଙ୍ଗଣୀ ମାହ ଆମ୍ଭେ କାହ୍ନୁ
ମରତେ ଜନ୍ମ ଆମ୍ଭର
ତୁମ୍ଭ ଦରଶନେ ହୋଇ ଅଛୁ ଧନ୍ୟ
ସୌଭାଗ୍ୟଟି ନୋହୁ ତୁମ୍ଭର । ୧୧ ।

ଶ୍ରୀରଙ୍ଗା ଚରଣ ସେବା ଖଟିବାକୁ
କମଳା ସଦା ତତ୍ପର
ବାଣୋ ନେଇ ବାଣୀ ପରିପୂର୍ଣ୍ଣ ରୂପେ
ଗୁପନ୍ତ ଯାର ପସୂର । ୧୨ ।
ସେହି ମହା ପ୍ରଭୁ ଲୀଳା ଖେଳା ଲାଗି
ବ୍ରଜେ ହୋଇ ଅବତାର
କଳା କାହ୍ନୁ ରୂପେ ଆମ୍ଭ ଆଖି ପଟେ
କରୁଛ ମାୟା ବିହାର । ୧୩ ।
ଗୋପାଙ୍ଗଣୀ ରାଧା ଭାବରେ ଶରଧା
ଏତେ ତାହାଁଙ୍କ ତୁମ୍ଭର
ଲୁଚିପିବ ପ୍ରଭୁ ସହି ନପାରିବ
ଶୁଣି ତୁମ୍ଭ ଦୁଃଖ ଗିର । ୧୪ ।
କୋଟି କୋଟି ରାଧା ଉଚ୍ଛିବେ ପ୍ରଭୁହେ
ସେବିବାକୁ ଶ୍ରୀପୟର
ଏଗୁର କଥାକୁ ଅଧୀର ହୋଇଣ
ଗଡ଼ା ନାହିଁ ଅଶ୍ରୁ ଧାର । ୧୫ ।
ମୋ'ଗୁଣ ମାଧବ ଚିନ୍ତା କର ତ୍ୟାଗ
ଆସ ମୋ ଭୁଲେ ନକର ।
ଆଜ ଭେଟାଇବ ବନୋଦମା ଗ୍ରଣ
ଗୋପାଳ କୃଷ୍ଣ ବନ୍ଧୁର । ୧୬ ।

—*—

## ମିଳନ ମାଧୁରୀ

ତାଳ—ଅଠତାଳ

( ଦେଖ ) ମିଳନ ମାଧୁରୀରେ । ସହଚରୀ !
କୁଞ୍ଜପଟେ ବାଜୁଅଛି ମଙ୍ଗଳ ମହୁରୀ ରେ । ୦ ।
ଆଲଟ ଚାମର ଘେନି
ଲଳିତା ବିଶାଖା ବେନି
ଢାଳୁଛନ୍ତି ଧୀରେ ଧୀରେ ନେବେ ଠାରି ଠାରି ରେ । ୧ ।

କୁଂଜ ଦୋଳ ସିଂହାସନେ
ସ୍ନେହ ସନ୍ତର୍ପଣ ମନେ
ବଜେ ଯୁଗଳ ଛନ୍ଦରେ ରାଈ ଗିରିଧାରୀ ରେ । ୨ ।
କସ୍ତୁରୀ ଚନ୍ଦନ ଗୋଳି
କୋଳନ୍ଧଏ ଚମ୍ପା କାଳୀ
ଇନ୍ଦୁରେଖା ବାସଜଳ ମାରେ ପୀଚକାରୀରେ । ୩ ।
ଗୁନ୍ଥି ସଜଫୁଲ ମାଳ
ଚମ୍ପକଲତା ଛଇଳ
ଯୁଗଳ ମୂରତ୍ତି ଗଳେ ଦିଏ ସଜ କରିରେ । ୪ ।
ତାମ୍ବୁଲ ପେଟିକା ଧରି
ଧୀରେ ତୁଙ୍ଗ ବିଦ୍ୟାଗୋରୀ
ଭୁଞ୍ଜାଏ ରାଈ କାହ୍ନୁଙ୍କ ମୁଖେ ଥିରି ଥିରି ରେ । ୫ ।
ଚମ୍ପକ ଲତା ଛଇଳ
ସ୍ନେହେ ଦିଏ ହୁଲହୁଳୀ
ସୁଦେବୀ କା ରଙ୍ଗ ଦେବୀ କନ୍ଦା ପନା କରିରେ । ୬ ।
ଗାଆନ୍ତି ମିଳନଗୀତି
ସରିରେ ଫୁଲାଇ ଛାତି
କର୍ପୂର, ଚନ୍ଦନ, ଚୁଆ ଗୋଳା ପାନ୍ଧଭରିରେ । ୭ ।
ସକଳେ ହୋଇ ମଣ୍ଡଳି
ଦେଇ ଘନ ହୁଲ ହୁଳୀ
ହସି ନାଚ ଖେଳ କୁଦୀ ପିଚକାରୀ ମାରି ରେ । ୮ ।
ବାଇଲେ ବିବିଧ ବାଦ୍ୟ
ଶୁଣି କୁଞ୍ଜ ବନ ସ୍ତବ୍ଧ
ମୃଦଙ୍ଗ ପଦହଟ ରବା ମଙ୍ଗଳ ମହୁରୀ ରେ । ୯ ।
ଗାଇଲେ ମଧୁର ଗୀତ
ହୋଇଣ ଉନ୍ମତ୍ତ ଚିତ୍ତ
ଗୋପାଳ କୃଷ୍ଣ ଭଜଇ ଗୋପ ଗିରି ଧାରୀ ରେ । ୧୦ ।

—*—

## ସ୍ତବଗାନ

ଜୟ ଜୟ ବ୍ରଜ ଭୁବନ ଚନ୍ଦ୍ରମା
ଜୟ ନାଟୁଆ କିଶୋର
ଜୟ ଜୟ ବାଙ୍କ ଚୂଳିଆ କହ୍ନାଇ
ଜୟ ଦଧି ଦୁଗ୍ଧ ଚୋର । ୧ ।
ଚନ୍ଦନ ଚର୍ଚ୍ଚିତା ବୃଷଭାନୁ ସୁତା
ଜୟ ରାଧା ବିନୋଦିନୀ
କୃଷ୍ଣ ପ୍ରାଣାଧିକେ ଜୟ ଗାନ୍ଧର୍ବିକେ
ଗୋଷ୍ଠ ଶୋଭା ବିବର୍ଦ୍ଧିନୀ । ୨ ।
ରସ ରାସେଶ୍ୱରୀ ଭୁବନ ଈଶ୍ୱରୀ
ନାଗରୀ ମଉଡ଼ ମଣି
ଶ୍ରୀପଦ ସରୋଜ ମଧୁ ଲୋଭେ ନିତି
ଛୁଟନ୍ତି ମଧୁପ ଶ୍ରେଣୀ । ୩ ।
ଗୋକୁଳ ମଣ୍ଡନ ଯଶୋଦାନନ୍ଦନ
ଜୟ ହେ ବାଙ୍କ ଚୂଳିଆ
ଅନ୍ତୁଡ଼ି ଶାଳରେ ପୂତନା ନାଶିଲ
ଗୋପ ବାଳକ ମେଳିଆ । ୪ ।
ତୃଣା, ବକା, ଅଘା, ଶକଟା ନାଶକ
ଗୋବର୍ଦ୍ଧନ ଗିରିଧାରୀ
ଶରତ ରାସର ରସିକ ଶେଖର
ଜୟ କୁଞ୍ଜବନଚାରୀ । ୫ ।
ଧୂଳି ଖେଳ ଛଳେ ଅନ୍ଧ ବ୍ରାହ୍ମଣକୁ
ଚକ୍ଷୁଦାନ କଲ ହେଳେ
କାଳନ୍ଦୀରେ ପଶି କମଳ ତୋଳିଲ
କାଳୀୟକୁ ଦଳି ଦଳେ । ୬ ।
ଭୂତ ହୋଇ ରାଧାପୁରେ କଲ କେଳି
ଉଦ୍ଧାରି ବରଜ ସାରା

ସପ୍ତଜଳା ଜଳସୀରେ ଜଳଚୋଳ
ରାଣି ହେଲେ ସଖି ସ୍ୱାମି । ୭ ।
ଧନ୍ୟ ଧନ୍ୟରାଣୀ ନବୀନା କିଶୋରୀ
କଳାକାହ୍ନୁ ମନୋହାରୀ
ଯା ନାମ ଧରନ୍ତେ ନରକ ଯାତନା
ପ୍ରାଣୀଙ୍କୁ ପଳାଏ ଡରି । ୮ ।
ଏ ବ୍ରଜ ବଜାରେ ରାଧା ନାମ ଗୋଟି
ଅମୃତରୁ ବଳି ସ୍ୱାଦ
ରାଧା ବିନା ନାହିଁ କୃଷ୍ଣ ଦରଶନ
ଯୁଗେ ଯୁଗେଟି ପ୍ରବାଦ । ୯ ।
ଯହିଁ ରାଧା ତହିଁ କୃଷ୍ଣ ଗୋ ସଙ୍ଗିନୀ
କୃଷ୍ଣ ଯହିଁ ତହିଁ ରାଧା ।
ରାଧା କୃଷ୍ଣ ନାମ ଜପ କରି ପ୍ରାଣୀ
ହରଇ ଶମନ ବାଧା ।୧୦।
ଜମ୍ବୁନଦ ଗୋରୀ ଶ୍ରୀରାଧା କିଶୋରୀ
ନୀଳ ମେଘ କୃଷ୍ଣ କାନ୍ତି
କଳାଧଳା ତନୁ ମିଳନ ଦର୍ଶନେ
ତୁଟି ଯାଏ ଭବ ଭ୍ରାନ୍ତି ।୧୧
ଚିନ୍ମୟ ଚିଦ୍‌ଘନ ରସରାଜ କୃଷ୍ଣ
ରାଧା ଆନନ୍ଦ ରୂପିଣୀ
ଯାପ ନୟନରେ ନିରେଖିଲେ ଥରେ
ତରେ କାଳ ତରଙ୍ଗିଣୀ ।୧୨
ଆସ ଆସ ଗୋ ବରଜ ଲଳନା
ଧର ବନ୍ଦାପନା ଥାଳି
ବନ୍ଦାଇବା ଆଜ ଯୁଗଳ ଛନ୍ଦରେ
ଶ୍ରୀ କିଶୋରୀ ବନମାଳି ।୧୩
ବୃନ୍ଦାବନାରଣ୍ୟ ଦ୍ୱାଦଶ କୁଞ୍ଜରେ
ଥାପି ଯୁଗଳ ମୂରତି ।

ରଞ୍ଜି ସଞ୍ଜିବେଳେ ମଧୁର ସକାଳେ
କରିବା ନୃତ୍ୟ ଆରମ୍ଭ ।୧୯।
ଜୟ ଜୟ ରସରସିକ ଶେଖର
ଜୟ ରସିକା କଶୋସ୍ଥ ।
ଗୋପାଳ କୃଷ୍ଣର ମାନସ ଭ୍ରମର
ମାଗେ ସଦା ମଧୁକସ୍ତ ।୧୬।

—*—

## ଶ୍ରୀକୃଷ୍ଣଙ୍କ ପ୍ରତି—ଯଶୋଦା

### ତାଳ—ଖେମଟା

କଳାକାହ୍ନୁ ଉଠରେ ଉଠରେ ଦେଖ ପାହିଲାଣି ରାତି ।
କୁଞ୍ଜ କୋଣେ ଡାକଲେଣି ପକ୍ଷୀ ନାନାଜାତି
କାକ-କକ୍କୁଳ ପାନ୍ତି ।୦।
ବହିଲାଣି ମନ୍ଦ ମନ୍ଦ ମଳୟର ଭାତି
ଉପବନେ ଫୁଟିଲାଣି ଫୁଲ ଜାତି ଜାତି
କାବୁ ଦୋଳେ ପେନ୍ଥି ପେନ୍ଥି ।୧
ଉଠି ବଳରାମ ଦେଖ ଧରେ ପ୍ରଜାପତି
ସଖାଗଣ ଆସି ଦ୍ୱାରେ ଠୁଳ ହୋଇଛନ୍ତି
ତୋତେ ଶ୍ରଦ୍ଧାରେ ଡାକନ୍ତି ।୨
ଉଠି ମୁଖ ପଖାଳରେ ମୋ ଗୁଣ୍ଡୁଣୀ ହାତି
ସର ସାକର ଲବଣୀ ରଖିଛି ସାଇତି
ଭୁଞ୍ଜି-ଦୁଇଭାଇ ହୋଇସାଥୀ ।୩।
ଏତେ଼ ଅଳସୁଆ କାବୁ ହେବାର ଅନୀତି
ନିଦ୍ରା ତେଜନ୍ତି ସବେ ହୋଇଲେ ପାହାନ୍ତି
ଧନ ଦେଖରେ ସମ୍ପ୍ରତି ।୪।
ଉଠ କଳା କଳେବର ନୋହୁ ଅପକ୍ଷାତି
ଗୋପାଳ କୃଷ୍ଣ କହଇ ନଶୁଅ ଶ୍ରୀପତି
ଦେଖ-ହେଲାଣି ପ୍ରଭାତି ।୫।

—*—

## ଶ୍ରୀକୃଷ୍ଣଙ୍କ ପ୍ରତି—ଭକ୍ତ

## କୀର୍ତ୍ତନ

ନାଚ ନାଚ ଗିରିଧାରୀ ବ୍ରଜବାଳ ମେଳେ
ମାତି ଉଠୁ ବ୍ରଜଦାଣ୍ଡ ଭୂମ ନାଚ ଖେଳେ
ପ୍ରଭୁ ବାଜୁ ଶୁଭ ବାଜା
ଗୋପପୋଏ ପ୍ରଜା ତୁମ୍ଭେ ହୁଅ କାହ୍ନୁ ରାଜା ।୧।

ଗୋପ କନ୍ୟାମାନେ ଧରି ଆଲଟ ଚାମର
ପ୍ରଭୁ ମୁଗ୍‌ଧା କନ୍ୟାମାନେ
ପମାରରେ ପିଚକାରୀ ମାରନ୍ତୁ ଯତନେ ।୨।

କୁଙ୍କୁ ରଙ୍ଗେ ରବିସୁତା ବଏ ହୁଲହୁଲ
ସୁବଳ ବଜାଏ ଶଙ୍ଖ ଛଳାଇ କାହାଳୀ
ପଢ଼େ ସୁଦାମ ମଙ୍ଗଳ
ଜୟ ଜୟ ଗୀତ ଗାଏ ଶ୍ରୀମଧୁ ମଙ୍ଗଳ ।୩।

ନାଚନ୍ତୁ ଗୋପାଳ ଦୁଏ ହୋଇ ଧାଡ଼ି ଧାଡ଼ି
ଖେଳିବେ ଗୋପ ଗୋପାଳେ ଆସିଣ ଲଉଡ଼ି
ଦେଖିଣ ଯଶୋଦା ରାଣୀ
ସ୍ନେହେ ହାଇତି ରଖିବେ ସର ଯେ ଲବଣୀ ।୪।

ଗବାକ୍ଷେ ଅନାଇ ଥିବେ ବୃଷଭାନୁ ସୁତା
ମନେ ମନେ ହେଉଥିବେ ଅତି ଆନନ୍ଦିତା
ଅଷ୍ଟସଖୀ ହୋଇ ମେଳ
ବନ୍ଦାଇବେ ଯତନେ ଘେନିଣ ଅର୍ଘ୍ୟଥାଳ ।୫।

ସ୍ୱର୍ଗେଥାଇ ଦେବଗଣ ଦୁନ୍ଦୁଭି ବାଇବେ
ବ୍ରହ୍ମାସୁତ ନାଚି ନାଚି ବୀଣା ବଜାଇବେ ।
ହେବ ଜଗତ ଆନନ୍ଦ
ଲୀଳାରେ ମାତିବା ଦେଖି ଦେବ ଆଦିକନ୍ଦ ।୬।

ଜୟ ଜୟ ନନ୍ଦସୁତ ନାଟୁଆ କିଶୋର
ଅଶେଷ କୋଟି ଜଗତ ସାର ପରିବ୍ୱର
ସେହି ଚରଣ କମଳେ
ଗୋପାଳ କୃଷ୍ଣ ମଜ୍ଜିଳ ନିରନ୍ତର ଲୁବ୍ଧେ । ୭ ।

—*—

## ଖଣ୍ଡିତା ବାଣୀ

### ରାଗ ମୁଖାରୀ—ତାଳ ଆଦ୍ୱ

ଯାଅ ଯାଅ ମୋ ପ୍ରାଣରୁ ଶ୍ୟାମ ତେଣିକ ହେ । ଶୋଭା
କି ଭାଗ୍ୟ ଆଜ ମୋହର ପ୍ରଫୁଲ୍ଲ ମୁଖ ତୁମ୍ଭର
ଦେଖି ନେତ୍ର ଲୋଭ ନୋହିବ ପୁଣି କହେ । ୧
କାଲି ନିଶୀ ଉଜାଗର ରହିଲ କାହା ମନ୍ଦିର
ଶୟନ କରସା ହେନ କାଣୀ କି ହେ । ୨
ଅଧରେ କଜ୍ଜ୍ୱଳ ଗାର ଦିଶୁଛି କି ମନୋହର
କରେ ଦେଖ କଙ୍କଣର ମଣି କି ହେ । ୩
ତୁମ୍ଭ ବରନ ସମାନ ଜାଣିକେ ଦେଲା ବସନ
ଧନ୍ୟ ବୋଲି ସିନା ସେ ରମଣୀ କି ହେ । ୪
ଜଗନ୍ନାଥ ରାଜା ଭାଷେ ଆହା ଧ୍ୟାନେ କି ଶୋଭା ବେଶ
ଆସିଲ କି ପଥ ଭୁଲି ଏଣିକି ହେ । ୫

—*—

* ଜଗନ୍ନାଥ ରାଜା—ପାରଳା ଖେମୁଣ୍ଡି ରାଜ୍ୟର ତତ୍କାଳୀନ ନରପତି । କବି ଗୋପାଳକୃଷ୍ଣ ଏହାଙ୍କ ଅଶେଷ ଗୁଣରେ ପ୍ରୀତ ହୋଇ ରାଜାଙ୍କ ନାମରେ ଭଣିତା କରି ଏହି କବିତାଟି ତାଙ୍କୁ (ରାଜାଙ୍କୁ) ଭେଟି ଦେଇଥିଲେ ।

—ସଂକଳକ—

## ଶ୍ରୀ କୃଷ୍ଣଚନ୍ଦ୍ରଙ୍କ ଭାବନା

### ( ରାଗ ବେହାଗଡ଼ା—ତାଳ ତ୍ରିପୁଟା )

ସରିଲାଣି ସୁଖ ସ୍ନେହ କାହିଁରେ ନଲାଗେ ମନ
ବିରଚିଲା ବିଧି ବ୍ରଜ ପୁର ସୁଖ ନିକେତନ । ପଦ

ରହିଛି ସିନା ଜୀବନ ଝୁରିବାକୁ ନିଶି ଦିନ
ଦିନ ଦିନକର ଯେନା ଯେନ ସୁଖ ବରଧନ । ୧

ପ୍ରାଣସମା ଯଶୋଦାର ନ ଶୁଣେ ଅମୀୟ ଗିର
ବଦନ କଳମଧୁର ହେଲାଣି ଏବେ ସ୍ୱପନ । ୨

ଜଳୁଥିବ କଂସ ବଳୀ ଖେଳୁଥିବ ରସାଳସୀ
ଆହାରେ ମନ୍ଦ କରମ ବିଧି ହେଲା ବିଡ଼ମ୍ବନ । ୩

ଆସିଥିଲି ବୃନ୍ଦାବଣି ସୁବଳକୁ କରି ସାଥୀ
ଦେଇଛି ଅବଧି ତଥି ଯିବ ବୋଲି ବୃନ୍ଦାବନ । ୪

ବ୍ରଜ ବଧୂ ଭୁଲି ଏତେ ଉଦନ୍ତ ଉଦ୍ଧବ ହାତେ
ପେଶୁଁ ଲେଖି ସେ ପଦାବ୍ଜେ ଗୋପାଳକୃଷ୍ଣ ବନ୍ଦନ । ୫

—*—

* ଏହି ସୁମଧୁର ସଂଗୀତଟି ମୋର ପ୍ରିୟତମ ବନ୍ଧୁ ଜାମୁଗାଁ ନିବାସୀ ରଘୁନାଥ ଆଚାର୍ଯ୍ୟଙ୍କ ଠାରୁ ସଂଗୃହୀତ । ବ୍ରଜପୁର ଛାଡ଼ି କୃଷ୍ଣଚନ୍ଦ୍ର ମଥୁରାକୁ ଗଲାପରେ ଆତ୍ମୀୟ ସ୍ୱଜନଙ୍କ ବିଚ୍ଛେଦରେ ତାଙ୍କର ମନ କିଭଳି ଭାବରେ ବିଳପି ଉଠିଥିଲା ସରଳ ସୁନ୍ଦର ଭାଷାରେ ଗୋପାଳକୃଷ୍ଣ ତାକୁ ବର୍ଣ୍ଣନା କରିଛନ୍ତି । ଅନୁଭବ ବ୍ୟତୀତ ଅନ୍ୟ କୌଣସି ଲେଖକ ଏଭଳି ପ୍ରକାଶ କରିବା କ୍ୱଚିତ୍ ଦେଖାଯାଏ ।

—ସଂକଳକ—

## ରାଗ ମୋହନା—ରୂପକ ତାଳ

ହୋର ରଂଗେ ବହର । ହରି ସଙ୍ଗେ ଶ୍ରୀ କିଶୋରୀ । ପଦ

ପବନେ ଚଳ ଚମ୍ପକ ବଲ୍ଲୀ ତମାଳେ ଢଳିଲା ପରି । ୧
ପଶୁପୀବାଳା ଚପଳା ମାଳା ଘନକୁ ଘେରିଲା ପରି । ୨
ହେମାବ୍ଜ ବନ ବସୁସୀ ଜନ ମଧୁବ୍ରତ ଗିରିଧାରୀ । ୩
ଫିଙ୍ଗୁ ଅମ୍ବର ବ୍ରଜ ସୁନ୍ଦର କୁଂଚୁଳୀ ଗଳି ବାହାର । ୪
ଶ୍ରୀ ରାଧା ଫିଙ୍ଗୁ ମୋହର ଜରୁ ବାଜି ହୃଦରେ ସଞ୍ଚର । ୫
ନଳ ଯନ୍ତ୍ରର ଧରି ରନ୍ଧ୍ରର ବର୍ଣ୍ଣନ୍ତି ପନିର ବାରି । ୬
ଗୋପାଳକୃଷ୍ଣ ନୟନ ତୃଷ୍ଣ ହୋଇଲା ସେ ଶୋଭାସରି ।୭

—*—

## ରାଗ ନୀଳମ୍ବରୀ—ମିଶ୍ରରୂପ ତାଳ

ଯାଚ କଥା କୁହାଯିବରେ ଜାଣିଥା । ପଦ ।

ଲଳିତ ତ୍ରିଭଙ୍ଗଭଙ୍ଗୀ ନଟବର ସଜ
କରଧୃତ ଉତ୍ତମ ବଂଶୀ ବସ । ମୁଖାମ୍ଭୋଜ ।
ଯନ୍ଦ୍ର ମନରେ ପଡ଼ିବରେ । ୧ ।
ବିଧୁ ଉଦୟରେ କି କୁମୁଦ ନଫୁଟିବ
ଚନ୍ଦ୍ରକାନ୍ତ ମଣିକି ଦରବି ନସ୍ରବିବ
ଆସନ୍ତୁ ସେ ଜଣାଯିବରେ । ୨ ।
କ୍ଷଣ ନ ଦେଖିଲେ ଯାହା କୋଡ଼ିଏଥର
ଆଳୀଙ୍କି ପଠାଇ ଅଣାଉ ଥାଇ ଖବର
ସେ ଲୋଭକି ଗୁପ୍ତ ହେବରେ । ୩
କାଳୀୟ ମଥାରେ କଲାବେଳ ସେ ନର୍ତ୍ତନ
ଯାହା ହୋଇଗଲୁ କରିଥିଲୁ ଯେ ଗୁମାନ
ଛନ୍ତ ଚିତ୍ତେ କି ନ ଥିବ ରେ । ୪

ଅଭିମନ୍ୟୁ ସକୁଟୁମ୍ବ ହୋଇ ମଥୁରାକୁ
ଯିବ ବୋଲି କାଲି କହୁଥିଲା ଜଟିଲାକୁ
ପଡ଼ିଛି ତ ଉପଦ୍ରବ ରେ । ୫
ଛଳ ହୋଇ ଶ୍ରୀ ରାଧିକା ଆଳୀଙ୍କି ପଛୁରୁ
ସେ କହନ୍ତି ପଠାଇଛି ପୂର୍ଣ୍ଣମାସୀ ଠାରୁ
ଗୋପାଳକୃଷ୍ଣ ଆସିବରେ । ୬

—*—

## ଜାଗ ଜାଗି——ନିଦ୍ରା ଜାଗରଣ

( ତୋ ଲାଗି ମୋହନ ହୋଇ ଅଚେତନ—ବୃତ୍ତେ )

ସଙ୍ଗିନରେ ରାସରଙ୍ଗିନରେ ଦୋଷ
କ୍ଷମା କର ଗାବବନ୍ଧୁ ରୁଷନାରେ । ପଦ
ଯାକର ତୋ ପଦ ପଙ୍କଜ କିଂକର
ରଙ୍କ ରତନ ମୃଗାଙ୍କ ଲପନାରେ ।
ଶଙ୍କର ଚନ୍ଦ୍ର ନାଂଶଙ୍କରେ ଦହୁଛି
ଅଙ୍ଗ ପର୍ଯ୍ୟଂକ ମୋ ମନ୍ତ୍ର ବନାରେ । ୧
ଯୋଡ଼ି ପାଣି ଜଣାଉଛି ରାମାମଣି
ଧରଣୀରେ ନଖଗାର ଲେଖଣାରେ ।
କଣିଲ ଜନ ମୁଁ ତୋର ଆଜନ ମୁଁ
ଛନ୍ଦ ତୋଳ ରୁଚ୍ଛି ବେଣୀ ଲୋଟାନାରେ । ୨
ମାନସୁଛୁ ମାନ ସର ସ୍ମର ଶରୁ
ରଖ ନୁଆଁ ସରୁ ମାଳ ବସନାରେ ।
ଜାବଧା ଅଧରୁ ପୀୟୂଷ ହାସରୁ
ଲକ୍ଷ ପ୍ରସରୁ ରଞ୍ଜନ ନୟନାରେ । ୩
ଗୋକୁଳ କୁଳଜା ପରିଷଦ ରାଜା
ନ କଲେ କରୁଣା ମୁଁ ଜଣା ତୋଆରେ ।

ରାଧେ ରାଧେ ବୋଲି ସୋରସୀ ସଲିଳରେ
ହାସିବାର ଶୁଣୁ ସିନାରେ । ୪
ଅବନତ ହୋଇ ଧରନ୍ତି ପଦ ଦୁଇ
ରାଧା ପ୍ରସନ୍ନତା କରି କଳନା ରେ
ଗଲେ ନିଜ ନିଜ କୁଞ୍ଜେ ଆଳୀ ବ୍ରଜ
ଗୋପାଳକୃଷ୍ଣ କରେ ଭାବନା ରେ । ୫

—*—

## ରାଗ କୀରବାଣୀ—ତାଳ ମିଶ୍ରରୂପ

ହେ ସିନା ନୂଆକରେ ବ୍ରଜବନ୍ଧୁ ।
ଆସ ପଲଙ୍କୁ ପଲାନା । ପଦ ।
ଆସୁଛନ୍ତି ତୋ ପାଖୋଟି    ଆଗରୁ ସଙ୍ଗିନୀ ହେଟି ରେ
ବିଳାସ ବିହ୍ୱଳା ଅନାଅନା । ୧ ।
ଅରୁନ୍ଧୁ ଏତେ କାହିଁକି    ରହିଥା ଥାଉ ଘଡ଼ିକ
ପୂରାଇବେ ତୋ ମନ କାମନା । ୨ ।
ମୋ ପାଖେ ଆଜ ରଜନୀ    ରହିସିବୁ କି ସଜନୀ
ତନୁ କୁ ମୋ ପୋଟଳି ପକାନା । ୩ ।
ପୀରତି କଳପଲତା    କାନ୍ତ କୁଳାଧି ଦେବତା
ଲୁଚିବୁ କେଣି ଚନ୍ଦ୍ର ବଦନା । ୪ ।
ଛଡ଼ାଇ ଯୌବନ ଲଜ୍ୟା    ନିକୁଞ୍ଜ କୁସୁମ ଶଯ୍ୟା
କଲେ ଗୋପାଳକୃଷ୍ଣ ରଚନା । ୫ ।

## ରାଗ ଝଂଝୋଟି—ଆଦିତାଳ

ଶ୍ୟାମସରି ରାଧା ସୁଧାକର ମୁହିଁକ ।
ଯାଆନ୍ତିଲେ ଘଟଣା ଘଟିନାଆନ୍ତା ସୁନ୍ଦର ପଣକ । ପଦ ।
ଦିନେ ଦୂର ଦୂରରେ ବ୍ରଜ ରାଜ ପୁରରେ
ଥିଲେକ ମୁଁ ଅନୁମାନ ଥିଲି ଦୁହିଙ୍କି । ୧ ।
ଖେଳବଟି ଚତ୍ୱରରେ ତାରତମ୍ୟ ଭିତରେ
ଏତା ଶ୍ରୁତିତଟ ସରିହେବ ନାହିଁକ । ୨ ।
ନଦେଇନ୍ତେ କି ଖାଣ୍ଡିଦା ମାଗିଥିଲେ ଯଶୋଦା
ଏବେ ଦେଖି ପୁଣି ନନ୍ଦ କୁଳନ୍ତ ବହୁକ । ୩ ।
ଯମୁନା ଜଳରେ ସୁନା- ଝଂଜ ପରି ଖେଳନା
ଦଶୁଥାନ୍ତା ଜନେ ମୁରୁଛନ୍ତେ ରୁହିଁକ । ୪ ।
ଗୋପାଳକୃଷ୍ଣ ଭାଷେ ରାଧା ଲାଜ ହରଷେ
ହସି ହସି ଛଳେ ଚଳି ହେଲେ ଆଳୀଙ୍କି । ୫ ।

—*—

## ସଖୀ ଉକ୍ତି *

( ଡ଼ାକବ ରାଧାରମଣ—ବୃତ୍ତେ )

ବରଞ୍ଚ ଭଲ ପାଞ୍ଚିଲ ରେ
ଶ୍ୟାମ ଅନୁରୂପେ ରାଧା ରଚିଲ ରେ । ପଦ ।
କୋଟି ରତିମାର ନଉଛଣାକୁ
ଭୁଲ ହେବେ ନାହିଁ ପଦ ତଳକୁ । ୧ ।

---

* ପ୍ରେମ ଆଗରେ ଭଲମନ୍ଦ କିଛି ନାହିଁ । ସାନ ବଡ଼, ପର ଆପଣାର କୌଣସି ବନ୍ଧନ ସେ ମାନେନା । କୃଷ୍ଣଙ୍କ ଭଳି ଜଗଜ୍ଜନ ନୟନାଭିରାମ ପୁରୁଷ ମଧ୍ୟ ସୁନ୍ଦରୀ ସ୍ତ୍ରୀଟିଏ ଦେଖି ପାଗଳ । ସ୍ୱକୀୟା ଥାଉ ଥାଉ ପରକୀୟା ପ୍ରେମ କରୁଛନ୍ତି ବୋଲି କୌଣସି ଏକ ସଖୀ ମୁହଁରେ ଅଭିଯୋଗଟି ଗୋପାଳକୃଷ୍ଣ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି ।

ସୁନ୍ଦର ପଣରେ ପ୍ରଥମ ଗିରା ।
ଜଗଜ୍ଜନ ମନ ମୃଗ ବାଗୁରା । ୨ ।
ବାଦେ ବଡ଼ କୁନ୍ତ ଯା ଭକ୍ତ ପ୍ରେମ
ଆଜ ସରିକ ନାହିଁ ଯେ ବିଶ୍ରାମ । ୩ ।
ସାମାନ୍ୟ ସ୍ୱକୀୟାଙ୍କୁ ବରଜିଲା
ପରକୀୟାରେ ଚିତ୍ତ ମଜାଇଲା । ୪ ।
ଉତ୍କଳ ଅର୍ଦ୍ଧାଂଶ କୃଷ୍ଣ ଶ୍ରୀମୂର୍ତ୍ତି
ପରମାନନ୍ଦ ସ୍ୱରୂପିଣୀ ଶ୍ରୀମତୀ । ୫ ।
ଗୋପାଳ କୃଷ୍ଣ ସେ ପଦ ନଳିନ
ଯୁଗେ ସମର୍ପିଲା ମନ ଜୀବନ । ୬ ।

—*—

## ରାଗ କୀରବାଣୀ—ମିଶ୍ରରୂପ ତାଳ

( ସେ ସିନା ନୂଆଁକରେ ବ୍ରଜବଧୂ )

ରାଧାଶ୍ୟାମ ଯଯାଇ କାହାକୁ, ସଖି ସେ । ପଦ ।

ବ୍ରହ୍ମା ନାରଦ ଶଙ୍କର ଧ୍ୟାନରେ ଯେ ଅଗୋଚର
ଅନୁସରନ୍ତି ଦାସୀକି ତାର । ୧ ।
ଯା ବାମ ପଦ କନିଷ୍ଠା ଅଙ୍ଗୁଷ୍ଠି ନଖର ଛଟା
ଲବ ରମାର ଗର୍ବାପହାରୀ । ୨ ।
ବ୍ରଜ ସ୍ତ୍ରୀ ବାଳ ବୃଦ୍ଧାରୁ ସର୍ବାଂଶରେ ସବୁଠାରୁ
ବିଲକ୍ଷଣ ଗୁଣ ଗଣ ଯାର । ୩ ।
ଏ ଗୋଷ୍ଠବାସୀ ସକଳ ଆଖି ଥିବାର ଫଳ
ଏକା ସିନା ତାଙ୍କୁ ଦେଖିବାର । ୪ ।
ଗୋପାଳକୃଷ୍ଣ କଥନ ରହୁ ମୋ ମନ ଜୀବନ
ପଦାବ୍ଜେ ସେ କୀର୍ତ୍ତିଦା ଜେମାର । ୫ ।

—*—

## ଭକ୍ତର ଅନୁଚିନ୍ତା

### ଡାଲ ଝୁଲା

ମନ ଗାଅ ନିତ୍ତରେ

ନଟବର ବଂଶୀଧର    ଶ୍ୟାମଳ ସୁନ୍ଦର କାନ୍ତ । ୦ ।
ଭବପାରାବାର ଘୋର    ଅପାର ଭୟଙ୍କର
ସ୍ଥଳ କୂଳ ନାହିଁ ଥଇ ଉଠେ ଭ୍ରାନ୍ତି
ଯେବେ ଲୋଡ଼ିବୁ ଆଲୋକ    ତେବେ ନିରେଖ ଗୋଲୋକ
ବିରଜ ମଣ୍ଡଳେ ଜଳେ ଦିବ୍ୟ ଜ୍ୟୋତି ରେ । ୧ ।
ଘନ ବରନ ମଦନ    ମୋହନ ନନ୍ଦ ନନ୍ଦନ
ପୂତନା ପରାଣଖିଆ ନୀଳକାନ୍ତ,
ଯାମଳାର୍ଜ୍ଜୁନ ଭଞ୍ଜକ    ଯଶୋଦା ହୃଦ ଚଦକ
ଯା ଚରଣ ପବିତ୍ରର କମ୍ପାଗନ୍ତି । ୨ ।
ଶ୍ରୀବନଦ ଘନମାଳ    ଅପଘନ ସୁବମଳ
ଜମ୍ବୁନଦ ଗୋଷ୍ଠ ଯାର ପ୍ରାଣସାଥି ।
ସେ ପଦ ପଙ୍କଜତଳେ    ପ୍ରେମ ଭକ୍ତି ଭାବ ଭୋଳେ
ମୂଢ଼ମନ ଡାକଦିଅ ଭୋର ମନ୍ତରେ । ୩ ।
ଯେଉଁ ପଦ ଆଶ୍ରା କରି    ତରିଲ ଗୌତମ ନାରୀ
ଘୋରକଳେ ଥାଇଚିନ୍ତ ବାନ୍ଧୁବାଞ୍ଛା
ରକ୍ଷେ ନକ୍ର କରିନାଶ    ଯଶ କଲେ ପରକାଶ
ସେ ପଦୁର ଚିନ୍ତୁଥାଅ ଦିବାରାତ୍ରରେ । ୪ ।
ହର ବିରଞ୍ଚି ସମ୍ପଦ    ଅଟଇ ସେ ଅଭୟ ପଦ
ଯା ପ୍ରସାଦେ ଲଭେ ଯମଦଣ୍ଡ ତାଣ ।
ସେ ଅଖିଳ ଚିନ୍ତାମଣି    ଶ୍ରୀପଦେ କରେ ମାଗୁଣି
ଗୋପାଳକୃଷ୍ଣ ପାଗଳା ଦିବା ରାତ୍ରି ରେ । ୫ ।

---

## ରାଗ ମାଳବ ଗୌଡ଼ା — ମିଶ୍ରରୂପତାଳ

( ଚଳଣିତ ଗଳ୍ପ କଥାରେ—ବୃତ୍ତେ )

କହିଲେ କହିବୁ ରୋଷରେ ସଙ୍ଗାତ ।
ତୁହି ଦେନିବାକୁ ଅଛୁକି ଅଭିଶ ନିକୁଞ୍ଜ ବିହାରୀ ଦୋଷରେ ।ପଦ।
ବ୍ରଜ ପୁରନ୍ଦର ନନ୍ଦନ ସୁନ୍ଦର ବୃନ୍ଦ ଚନ୍ଦ ବରଣିକ
କର ଯୋଡ଼ିରେ ନବୁଇଲୁ ଇତର ଅଢ଼େ ନ ତାଙ୍କ ଦୃଷ୍ଟି କି । ୧ ।
ଝରକୁ ଝର ପତ୍ରାବଳୀ ମକରୀ ଲେଖୁଦିନ ଅଣ୍ଟୁ ନାହିଁ
ଆଜି ଯେତେ ସେବା ଆଳୀ ଅଜଣାରେ ତୋତେ ଏକାସାକ୍ଷୀ ଭୁଞ୍ଜି ।୨
କି କରି ନାହାନ୍ତି ତୋର ନଇଁକରି ଗ୍ରୀବପରେ ପାଶେ ଥାଇ
ଭ୍ରୁ ସିନା ନଦେଧି କଚୁଳୁ ଅସିଲେ ସେ ଲକ୍ଷ ଲେଖିବା ପାଇଁ । ୩ ।
ଯଉଁଏ ଛାମୁରୁ ହୋଇଲେ ଅନ୍ତର ତୋ ପାଦର ଚିହ୍ନର ଧୂଳି
କି ନ ହେଲେ ଲଗ୍ନ ଲୁହ ପୋଛି ପୋଛି ବୃନ୍ଦାବନ ସାରା ବୁଲି । ୪ ।
ଶୁଣି ସଖୀ ବାଣୀ ଶ୍ରୀ କିଶୋରମଣି ଶ୍ୟାମ ଛାମୁରେ ମିଳିଲେ
ଗୋପାଳକୃଷ୍ଣ ଉଦାଅଙ୍କ ପୋଛୁ ପୋଛୁ ମୋହନ କୋଳକୁ ନେଲେ ।୫।

—*—

## ରାଗ କାମୋଦୀ—ମିଶ୍ର ରୂପତାଳ

( ହେ ଗୋପିକା ନନ୍ଦନ ତୁମ୍ଭେ ନିଷ୍ଠୁର ହୃଦ ପ୍ରିୟ ହେ—ବୃତ୍ତେ )

ସରଧାରେ କର ମନ । ଶ୍ରୀ ରାଧା ନାମ କୀର୍ତ୍ତନ । ପଦ ।
ବିଶ୍ୱସୃଜ ସର୍ଜନାରେ ଶ୍ରୁତି ପୁରାଣରେ ।
ଏଥୁ ଭଳି ନାହିଁ ପଥ ଲଭିବାକୁ ପ୍ରେମଧନ । ୧ ।
କାହାକୁ ନକର ଲକ୍ଷ୍ୟ । ସବୁଥିରୁ ନିରପେକ୍ଷ
ହୋଇ କରୁଥା ଗୋଷ୍ଠେନ୍ଦ୍ର ଅଙ୍କେ ସ୍ୱାମିନୀଙ୍କ ଧାନ ।
ହେ ଶ୍ରୀକୃଷ୍ଣ ପ୍ରାଣପ୍ରିୟେ । ହେ ସର୍ବ ଭୂମା ଆଶ୍ରୟେ
ବୋଲି ଶ୍ରୀକୁଣ୍ଡ ସେତୁରେ ରାଧିକା ରଟ ସଦନ । ୩ ।
ରାଦେଶ୍ୱରୀ ସେବାଯୋଗ୍ୟ । କଙ୍କସି ଜନ ସୌଭାଗ୍ୟ
ବୃନ୍ଦାବନ ପୁରନ୍ଦର ବିନା ନ ଜାଣନ୍ତି ଆନ । ୪ ।

ଦ୍ୱିଁ ଚନ୍ଦ୍ରର ଯାମଲୀଳା । ସେବା ଗ୍ରନ୍ଥ ଧନ ବଳା
ସ୍ୱକାର୍ଯ୍ୟ ସାଧୁସଙ୍ଗେ ପ୍ରେମ ଭକ୍ତି ସୁଧାପାନ । ୫ ।
ଦସ୍ତାକ୍ତ ଶ୍ରୀଗୁରୁଦେବ । ବହୁବାର ଶିଖା ଅବଧୂବ
ଗୋପାଳ କୃଷ୍ଣ ଭଣେ ଲଭିବୁ ହୁଅ ସାବଧାନ । ୬ ।

—*—

## ରାଗ ମୋହନା—ତ୍ରସ୍ରକାନ୍ତ ଏକତାଲ

( ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ ମାନସ—ବୃତ୍ତେ )

ରାଧା ଗୋବିନ୍ଦ ଭଜନରେ ମାନସ । ପଦ ।
ଚେତ କୁଟ କପଟ ଲୋଟ ଯମୁନା ତଟ
ଶ୍ରୀ ରାସସ୍ଥଳୀ ରଜରେ ମାନସ । ୧
ସ୍ନେହ ଶ୍ୟାମ କୁଣ୍ଡତୀର ବନେ ବସନ୍ତ କର
ହର ଏ ଭବ ରୁଜରେ, ମାନସ । ୨
ଗଳ ପଡ଼ୁଥିବାର ଚଳେ ମୁକୁତା ହାର
ଗୋଷ୍ଠାଇ ଗୁଞ୍ଜ ସ୍ରଜରେ, ମାନସ । ୩
ଦୋଳାନ୍ଦୋଳା କାଳରେ ଧରି ଡୋରି ସଧୀରେ
ପଞ୍ଚାଇ ସୁଖେ ମଞ୍ଚରେ, ମାନସ । ୪
ରାସ ଅବସାନରେ କୁସୁମ ବ୍ୟଜନରେ
ରଙ୍ଗ ସଖୀ ସମାଜରେ, ମାନସ । ୫
ଗୋପାଳ କୃଷ୍ଣକଥା କରନାହିଁ ଅନ୍ୟଥା
ନିଭୃତକୁଞ୍ଜ ସେଜରେ, ମାନସ । ୬

## ରାଗ—ପରଜ—ମିଶ୍ର ରୂପତାଳ

( ଦେଖାଇବ କି ସତେ ଦଇବ—ବୃତ୍ତେ )

ସଙ୍ଗ ଯିବନି ଲୋଡ଼ ଲୋଡ଼ ଯେ ମୋତେ ସଜନି ଲପନା । ପଦ ।
ବସନ୍ତ ମରୁତ ପିକ ମଧୁବ୍ରତ ବନ୍ଧୁ ସଖା ସେନା ସୈନ୍ୟ ସଙ୍ଗେ
କେତକୀ କୁନ୍ତ ଧରାଇ ରୂପରେ ଶର ବସାଇ
ଦାରୁଣ ମଦନ ଧାଇଁ ଦେବନରେ ଦେବନ । ୧
ପ୍ରାଙ୍ଗଣର ମଲ୍ଲୀ ବଲ୍ଲୀରେ ବନ୍ଧୁଲି ଅଧର ଭୃଙ୍ଗ ରଙ୍ଗକୁ ଦୃଷ୍ଟି
ବାମପାଦେ ଅଳିନ୍ଦରେ ରଖି ଦୁଆର ବନ୍ଧରେ
ଅପସର ଲୁହ ପୋଛୁ ଥିବନରେ ଥିବନ । ୨
ଆଲୀ ମୋ ସଦେଶ ପଚୁରୁ ନାସାଗ୍ର ମଥା ପୋନ୍ତ ଧରାରେ ଅଙ୍ଗ ଛୁଟି
ଘସି ଘସି ଆସୁକଷ୍ଟ ବାଣୀ କଣ୍ଠେ ଗଲେ ରହି
ଶୋକରେ ବିକଳୀ ବଳ ହେବନ ରେ ହେବନ । ୩
ଉତ୍ତୀର୍ଣ୍ଣ ସୁବର୍ଣ୍ଣ କାନ୍ତିକ ଯା ବର୍ଣ୍ଣ ହସୁଥାଇ ଏବେ ଶୀର୍ଣ୍ଣ ହୋଇ
ଝାଞ୍ଜୀ ବଜା ନବ ବଲ୍ଲୀ ପରସ୍ପେ ଯିବନ ଲୋକ
ସେ ଯେ ଲାଗି ଯାଇଥିବ ମୋ ସେନରେ ମୋ ସେନ । ୪
ମାର ଅଂଧକାର କୂପରେ ଗୁଆଁର ପଣେ ଚିନ୍ତାମଣି ଦେଲପିଙ୍ଗି
ଗୋପାଳକୃଷ୍ଣ ଭଣିତ ଆଉ କି ପରାଣମିତ
ଧୃତି ଧରିବ ମୋ ଗୁଣ ବାଉନ ରେ ବାଉନ । ୫

—*—

## ରାଗ ଯଦୁକୁଳ କାମୋଦୀ—ମିଶ୍ରରୂପ ତାଳ

ଅନାଥରେ, ଅନାଥରେ
ଅନାସୂତ୍ରେ କି ଦୋଷ କଲି । ପଦ ।
ହେମ ବରନା କାମ ଚୋ ବନା
ନେବ ଯାବନ ସୁନ୍ଦନା । ୧
କର ଉରେ କର ଗଣ୍ଡରୁ
ଭର ଦୂର ମୁଁ ନ ସରୁ । ୨

ବଚନାମୃତ ରତ ଭରିତ
ମୁଞ୍ଚ ଦୋଷ ପ୍ରାଣମିତ । ୩ ।
ଯୋଷା ଯା କର ଭୂଷା ଯା କର
ହସାନାରେ ବନ୍ଧୁ ପର । ୪
କୃପାକୁ ତୋଳା ଅଭାଗୀ ତଳା
ଗୋପାଳ କୃଷ୍ଣ ହେଜଲା । ୫

—*—

## ରାଗ—ପୁନ୍ନାଗ ବରାଡ଼ି ଏକତାଳି

ନୁହଇ ନେହ ନେମୋହନ ପ୍ରୀତିକି । ଘୋଷା ।

ଯାହାକୁ ଦେଖିଲେ ଭୟ ସଦା ହେଉଛି ହୃଦୟ
ଧରି ହେଉନାହିଁ ଦଣ୍ଡେ ଧୃତିକି । ୧
କେ ମୋ ଲପନକୁ ଦେଖି ଥକାଇ ରଖିଲେ ଆଖି
ଜନ ଅଛି ଯାଉଛି ମୋ ଗତିକି । ୨
ଜାଣିଲେ ବ୍ରଜ ଗୁଆଳୀ ଜାତିରୁ ଦେବେ କି ଟାଳି
କହି ଦେବେ ଜଟିଳା ଜରତୀକି । ୩
ଶିରେ ଧରୁଛି ତୋହାତ ଶୁଣରେ ପରାଣ ମିତ
ନଆସିଲା ପରି କର ଗତିକି । ୪
ଗୋପାଳକୃଷ୍ଣ କହଇ କେ ଜାଣିବ କାହିଁ ପାଇଁ
ବୃନ୍ଦାବନେଶ୍ୱରୀ ଏଡ଼େ * ଭ୍ରାନ୍ତିକି ? ୫

—*—

* ପିରତି ପଥ ଖସଡ଼ା ଯେତେ ସତର୍କ ରହିଲେ ମଧ୍ୟ ତାହା ବ୍ରଜ ଲୋକମାନେ ଜାଣିବେ ଏଇ ସିଦ୍ଧାନ୍ତରେ କବି ଉପନୀତ ହୋଇ ପ୍ରେମିକା (ରାଧା) ମୁହଁରେ କୁହାଇଛନ୍ତି ।

—ସଂକଳକ—

## ରାଗ କାମୋଦ—ମିଶ୍ରରୂପ ତାଳ

( ନାଗର ବର ପ୍ରେମ ନରେଖି କର—ବୃତ୍ତେ )

କେବେ ନଥିବା ରୁଷା ଆଜ କାହିଁକି
ମୋହନ ଠାରେ ମନ ଭାଜିଗଲା କି ? ପଦ ।
କରିଜିବୁ ତୁ ସିନା    କପଟି ସେ ତୋ ବିନା
ବଞ୍ଚିବେ ମାନସରେ ପାଞ୍ଚିଲୁ କି ? ୧
ଶ୍ରୀ ବ୍ରଜେନ୍ଦ୍ର ନନ୍ଦନ    ମୋ ଜୀବର ଜୀବନ
କେତେଥର ବୋଲିଛୁ ପାସୋରିଲୁ କି ? ୨
ମହାଭାବ ରୂପିଣି    ପ୍ରେମଧନରେ କିଣି
ଅଧରୁ ସୁଧା ଯାକୁ ଦେଉଥିଲୁ କି । ୩
ଆରେ ପ୍ରାଣ ମିତଣି    କେଉଁ କହିଲେ ଶୁଣି
ଏପରି ହୁଅନା ରେ ଆଉ ଏଣିକି । ୪
ଗୋପାଳ କୃଷ୍ଣ ବୋଲେ    ହାତଧରି ପହିଲେ
ଆନ ପକାଇ ଲୁହାଯାଇ ନାହିଁକି । ୫

—*—

## ରାଗ ଝଙ୍କୋଟି—ମିଶ୍ର ରୂପତାଳ

( ମୁରଲୀ ତୋରେ ଶରଣ ଗଲି—ବୃତ୍ତେ )

କି କଲି । କି ମୁ ରୁଷିଲି * ରେ ।
କାଳେ ହେଲା ଆସି କି ରହିଗଲି ରେ । ପଦ ।
କି କରୁଥିବି ନବ ଛଇଳୀ
ଲଭିଲି ବୟସେ କି ଦଣ୍ଡ ହେଲି ରେ । ୧ ।

---

* ଭକ୍ତକବି ଗୋପାଳକୃଷ୍ଣ, ବୃଦ୍ଧ ବୟସରେ ପୁତ୍ର ଓ ଜାମାତାଙ୍କ ବିୟୋଗରେ ଶୋକାକୁଳ ହୋଇ ଉଠିଥିଲେ । ପାରିବାରିକ ଦୁଃଖ ତାଙ୍କୁ ମର୍ମାହତ କରିଥିଲା । ଶେଷପୁର୍ବ କରୁଣାନିଧି ପଟ୍ଟନାୟକଙ୍କ ମୃତ୍ୟୁ ପରେ ସେ ଏକରକମ ମୁକ ପାଲଟି ଗଲେ । ନିଜ ଗୃହର ଏକ ନିର୍ଜନ ସ୍ଥାନରେ ବସି ଉପରୋକ୍ତ କବିତାଟି ଲେଖି ଥିଲେ ବୋଲି ଶୁଣାଯାଏ ।

ନିଃଶଙ୍କେ ବସି ମା ଅଙ୍କ ରେ ଧନ
କହି ନଥିଲୁ ଖଣ୍ଡେ ବଚନ ରେ । ୨ ।
ପଶୁଣିଲେ ଆଳୀ ଯିବାର ମୋର
ଲୁଆଁଇ ଦେଉଥିବ ପିଣ୍ଡି ଶିରରେ । ୩ ।
ଅବଧି ବଳବା ବନ୍ଧୁ ସୁବେଶ
ନଷ୍ଟ ହେଉଥିବ ରମଣୀ ଈଶରେ । ୪ ।
ଫଳନା ପୀରତି କଳପ ବଲ୍ଲୀ
ବିଚ୍ଛେଦ ଅସିରେ ମୂଳୁ ନାଶିଲ ରେ । ୫ ।
ଗୋପାଳ କୃଷ୍ଣ ଭାଷଇ ଦଇବ
କପଟ ଗୁହିଁବ ଜୀବନେ ଥିବ ରେ । ୬ ।

—*—

## ବାଲ୍ୟଲୀଳା

( ଶ୍ରୀକୃଷ୍ଣଙ୍କ ବାଲ୍ୟାବସ୍ଥାରେ ମାତା ଯଶୋଦା ନାନା ପ୍ରକାର ଭୟ ଜନ୍ମାଇ ଶୁଆଇ ଦେଉଥିଲେ । ଏହି କବିତାରେ ମୃଦୁ ଭର୍ତ୍ସନା ଗୁଡିକ ବାତ୍ସଲ୍ୟ ରସର ଏକ ଏକ ନମୁନା—ସଙ୍କଳୟିତା

## ରାଗ ଧନାଶ୍ରୀ—ମିଶ୍ରରୂପତାଳ

( ଗୋଷ୍ଠ ଚନ୍ଦ୍ରମାଙ୍କୁ ଆସ କୋଳରେ—ବୃତ୍ତେ )

ବ୍ରଜକୁ ଷେହୁର ଆସିଛି ସେନ ନେବ ଶୁଅ ଲୁନ ହୋଇ ରେ ।
ରଙ୍କର ଧନ ମୋ ଗୋକୁଳ ଚନ୍ଦ୍ରମା ନଶି ଯାଇ ନାହିଁ ରେ । ୧ ।
ରାତି ଗୋଠା ଯାକ ମାତିଲୁ ନାଟରେ ପଲକ ନ ପକାଇରେ
ଗ୍ରାମ ନିଶବଦ ହେଲାଣି କି ତୋତେ ନିଦ୍ରା ଆସୁନାହିଁ ରେ । ୨ ।
କେ ଶିଖାଇ ଦେଲା ଡୋଳା ଢ଼ାଳିବାର ତାଳ ଝୁକୁଟାଇ ଟେଁ
ପାଦ ବଥାଇବ ପରା ଆଉ ବିକ ନାଟ ଅଣ୍ଟି ନାହିଁ ରେ । ୩ ।
ନିର୍ମଞ୍ଜନ ଜିତ କେତେ ଝାଳ ବହିଗଲା କ୍ଷୁଧା ଖାଇରେ
ଆସ ଆସ ସ୍ତନ୍ୟ ପାନ କରାଇବ ବାବୁ କାହିଁଆଇରେ । ୪ ।
ପଶୁ ଚନ୍ଦ୍ରକୁଳ-ପ୍ରତାପ ତୁ ଦେଖ ଖେଳ ଛାଡ଼ି ଦେଇରେ
କେତେବେଳ ହେଲା ଶୟନ କଲାଣି ବଳରାମ ଯାଇରେ । ୫ ।

ଚୁମ୍ବନ ଶିରେ ଦେଇ ନେଲେ ଯଶୋଦା ହୃଦରେ ଲଗାଇ ଯେ
କର୍ଣ୍ଣ ମୂଳେ ଧୀରେ ଧୀରେ କର ମାରି ଦେଲେ ପହୁଡ଼ାଇ ଯେ । ୬ ।
ନିମ୍ବ ପର୍ଣ୍ଣ ହରିଦ୍ରା ଚୂର୍ଣ୍ଣ ଘଷନ୍ତ ଅନଳେ ପକାଇ ଯେ
ଗୋପାଳକୃଷ୍ଣ କହଇ ଧୂପଦେଲେ ଧନସ୍ତି କା ନେଇ ଯେ । ୭ ।

—*—

## ରାଗ ନାଦନାମକ୍ରିୟା—ଏକତାଳି

ଶ୍ୟାମ ସୁନ୍ଦର ମୁରଲୀ ନିନାଦ ଜାତି ନେଇ ମଣିଲି । ପଦ ।
ଗୁରୁଜନ ସଂଗେ                    କଥା ପରସଙ୍ଗେ
ବସିଥିଲି କି ଚମକି ପଡ଼ିଲି । ୧ ।
ପୂରିଲା ପୁଲକ                    ଦେହ ଗୋଟାଯାକ
ବିନା ଶୀତରେ ମୁଁ କେତେ ଥରିଲି । ୨ ।
କାହିଁ ଗଲା ମନ                    ବୁଡ଼ି ଗଲା ଜ୍ଞାନ
କେନ ନୟନ ମୁଁ ବୁଜି ରହିଲି । ୩
ନିଶି କି ଦିବସ                    ବନ କି ଆବାସ
ଜାଗରି କି ସ୍ୱପନ ନ ଦେଖିଲି । ୪ ।
ଗୋପାଳ କୃଷ୍ଣ ସେ                    ଶ୍ରୀ ରାଧାଙ୍କୁ ଯାଚେ
ଶ୍ରାବ ଦ୍ରବ ଶ୍ରବୁଥିଲା ଲୁହଁକି । ୫ ।

—*—

## ରାଗ ଧନାଶ୍ରୀ—ମିଶ୍ରରୂପତାଳ

ତୋତେ କେ କହିଲା ପରି                    ମୋତେ ଚରମ କରି
ମରମ ବିଦାରି ପକାଇଲା ରେ । ପଦ ।
କାଟି ପାଶୋରିଲୁ                    ପରି ଯେ ଅଇଲୁ
କେତେ ଦିନକୁ ଦୟା ବୋଇଲା ରେ । ୧ ।
କରାଇଛି ବ୍ରତ                    ଆଜି ପୁରହିତ
ପୁତ୍ରଙ୍କୁ ଅନାନା ବୋଇଲା ରେ । ୨ ।

ତୁ ହସନ୍ତେ ଧୀରେ　　　　କଥାହେଲେ ଥରେ
　　ନଷେଧି ମଥାତ କମ୍ପାଇଲା ରେ । ୩ ।
ମୋହନଙ୍କୁ ମୁହିଁ　　　　ଗୁହିଁବତ ନାହିଁ
　　ତୋ ମୁଖେ ଯାଆନ୍ତୁ ବୋଇଲା ରେ । ୪ ।
କୁଣ୍ଡଳକ ମିତ　　　　ଭୁମ୍ବର ଯାବନ୍ତ
　　ସଙ୍ଗ ଲିଲା ଆଗନ୍ତୁଁ ଛଇଲାରେ । ୫ ।
ଗୋପାଳକୃଷ୍ଣ ସେ　　　　ବାଣୀ ଶୁଣି ଖସେ
　　ଆପଣ ଖଞ୍ଜକ ଯୋଗାଇଲା ରେ । ୬ ।

—*—

## ରାଗ ଭୈରବୀ—ମିଶ୍ର ରୂପତାଳ

( ମୋହନଙ୍କୁ ରୁଷିବ କ ସେ ରାଧା ଜୁନାରେ—ବୃତ୍ତେ )

ବ୍ରଜେନ୍ଦ୍ର ନନ୍ଦନ ସଙ୍ଗ ଏକା ଶ୍ରୀରାଧାର । ପଦ ।

ଚନ୍ଦ୍ରାବଳୀ ଆଦି କରି　　　　ପଞ୍ଚୁର ନାଗରୀ ନାରୀ
　　ବୃଥା ପଟନ୍ତେ ଧାଇଁ ବାର । ୧ ।
ଏ ଦେହ ସେ ଚରଣଟି　　　　ସେ ତନୁ ଏ ଜୀବନଟି
　　ବାରି ହେଉନାହିଁ ପ୍ରୀତି ସାର । ୨ ।
ଯେହିଁପରି ସୁଲକ୍ଷଣ　　　　ସେମନ୍ତ ଶୋଭା ସୁଗୁଣ
　　ଊଣା ଅଧିକ ନାହିଁ କାହାର । ୩ ।
ସେ ଦୁହିଙ୍କି ଏକା ବେଳେ　　　　ଦେଖି ନେଉଛନ୍ତି ଯେ ଡୋଳେ
　　ଆନନ୍ଦରୁ ହେଉଛନ୍ତି ଭୋର । ୪ ।
ଯା ମନ କୃଷ୍ଣକୁ ରସି　　　　ଲଳିତ ରାଧାର ଦାସୀ
　　ହେଉ ଗୋପାଳ କୃଷ୍ଣ ପ୍ରକାଶ । ୫ ।

## ରାଗ କୀରବାଣୀ—ମିଶ୍ରରୂପତାଳ

ସଖି ସେଖି ଏ ବ୍ରଜେନ୍ଦ୍ର କୁମାର । ପଦ ।

କରି କୁସୁମ ଚୟନ          ଖୋଇଲୁ ଯେ ଏକା ବନରେ
କୃଷ୍ଣର ଖୋଲି ମୁଁ କହିବାର । ୧ ।
ଶୁଣି ଯେ ହୋଇଲୁ ଛନ୍ନ          ସେ ଧନ ମୁରଲୀ ସ୍ୱନ ରେ
ଏହି ବୃନ୍ଦାବନ ଚନ୍ଦ୍ରମାର । ୨ ।
ବିଶାଖା ଲେଖି ପଟରେ          ଦେଇଥିଲେ ତୋ ଶ୍ରୀମୁଖରେ
ନୂଆ ନଟବର ରୂପ ସାର । ୩ ।
ଆଖି ପୂରି ଦରଶନ          କଲୁ ଜୀବନ ଧନ ରେ
ମୂର୍ତ୍ତି ବନ୍ତ ହୋଇଛି ଶୃଙ୍ଗାର । ୪ ।
ତୋ ପାଦ ଚନ୍ଦ୍ରର ଧୂଳି          ହୃଦୟରେ ହୋଇ ବୋଳି ରେ
ପୋଛିଥିଲେ ନେତ୍ର ନୀରରେ । ୫ ।
କାନନ କାହ୍ନୁଡ଼ା ବାଟ          ନିକଟେ ଅଟାଳି ଘାଟ ରେ
ଗୋପାଳକୃଷ୍ଣ କରି ବିହାର । ୬ ।

—*—

## ରାଗ ଝିଂଝୋଟି—ମିଶ୍ରରୂପ—ତାଳ

( ତୋତେ ସନ୍ଧ ନ ମିଳିଲାନ ଶ୍ୟାମ ବାଧା—ବୃନ୍ଦେ )

କାହିଁକିରେ ମନ          ମାନେ ଆଜି ମାନ
ତୋର ମୋହନର ସଙ୍ଗ । ପଦ ।
ଶତ ଶୀତ କର          ନହୁଁଛଇ ବାର
ଶ୍ରୀମୁଖେ ସରସ ନାହିଁ । ୧ ।
ନୟନରେ ନୀର          ଅଛି ଦୁହିଁଙ୍କର
କହୁ ହେଜ ହେଉ ନାହିଁ । ୨ ।
ପଦ୍ମା ଯାଇଥିଲା          ଭେଟ ନ ପାଇଲା
ବୁଝି ଆସିଲାତ ମୁହିଁ । ୩ ।



ପୂର୍ଣ୍ଣଚନ୍ଦ୍ର ଆଲୀନକର    ଲଗିଲଣି ଖେଳ ପଶାର

ଯୋଗୀ ଶିରୋମଣି ଆସେ ବସିଲେଣି

ମୁହାଁ ମୁହିଁ ହୋଇ ନାଗର ରାଜା ।

( ଗୋପାଳକୃଷ୍ଣ ଗ୍ରନ୍ଥାବଳୀ ୨୧୧ ପୃଷ୍ଠା )

ଦୁହିଁଙ୍କର ନେହ ପଥେ ଦୁଇ ଗାହ
ଲେଖାହେଲା ପରି ରହି । ୪ ।
ବ୍ରଜ ଜନଙ୍କର ଆଖି ରହିବାର
ଫଳ ଯେ ସେ କୃଷ୍ଣ ଭୁହି । ୫ ।
କୁଟିଳା ଜଟିଳା ନିଶି ବହି ଗଲା
ଗୋପାଳକୃଷ୍ଣର କହି । ୬ ।

—*—

## ରାଗ କଲ୍ୟାଣୀ—ରୂପକ ତାଳ

( ରାତି ପାହିଗଲା ହେ ହାଣ—ବୃତ୍ତେ )

ସରଧାରେ ଧାଇଁ ଶ୍ରୀରାଧା—କୁଞ୍ଜବନକୁ ଗମନ ଦେଖି ଯା
ପ୍ରାଣନାଥ ସଙ୍ଗେ ବିଜେ କରନ୍ତି ଅନଙ୍ଗ ମଞ୍ଜରୀଙ୍କର ଅଗ୍ରଜା ।
ବିଶ୍ୱସୃଜ କି ରଚିଥିଲେ ଶ୍ରୀକୁଣ୍ଡ କୁଞ୍ଜର ଚନ୍ଦ୍ରଶାଳା
ଯା ସୋପାନ ଶ୍ରେଣୀ ରତ୍ନ ଚିନ୍ତାମଣି
ଅବଲୋକିଲେ ପ୍ରଶଂସିବେ ବିଡ଼ୌଜା ।୧
ଦୂରିଛନ୍ତି ଆଳି ନିକର ଲାଗିଲେଣି ଖେଳ ପଶାର
ଯୋଷା ଶିରୋମଣି ଆଗେ ବସିଲେଣି
ମୁହାଁ ମୁହିଁ ହୋଇ ନାଗର ରାଜା ।୨
ପଣ କରି ଶିଖଣ୍ଡ ବେଣୀ କୁଣ୍ଡଳ ତାଟଙ୍କ ସଙ୍ଗିନୀ
ବଂଶୀ ହାରାବଳୀ ରାଧେଶ୍ୱରୀ ହରି
ବୋଲି ହୋଇଗଲେନି ତ ହାରିଜା ।୩
ଶ୍ରୀ ଗାନ୍ଧର୍ବୀ ଖେଳରେ ଜିଣୁ ସଖୀ ଛଡ଼ାଇ ଆଣୁ ବେଣୁ
ବୃନ୍ଦାବନ ପଟ୍ଟମହିଷୀ ହସନ୍ତି
ଆଳୀପରେ ଦେଇ ଦର ଆଜ୍ଞା ।୪
ରଖିଦେଇ ପଶାଖେଳର ହେଲେନି ଦାସୀ ଉପହାର
କାହାରି ଯିବେ ଗୋପାଳ କୃଷ୍ଣ ବୋଲେ
କରିବାକୁ ଏବେ ତରଣି ପୂଜା ।୫

—*—

# ସ୍ୱ ଅନୁଭୂତି

## ରାଗ କୀରବାଣୀ—ତାଳ ମିଶ୍ରରୂପ

( କବି ଗୋପାଳକୃଷ୍ଣ, ରାଧାକୃଷ୍ଣଙ୍କ ପ୍ରେମଲୀଳାରେ ଏପରି ବିଭୋଳ ଥିଲେ ଯେ ରାତିରେ ଶୋଇଲାବେଳେ ସ୍ୱପ୍ନ ମଧ୍ୟ ଦେଖୁଥିଲେ । ରାଧାକୃଷ୍ଣଙ୍କ ଲୀଳା ଖେଳାକୁ ଯିଏ ଆଖିରେ ଦେଖିଛି ସିଏ କେତେ ବଡ଼ ଭାଗ୍ୟବାନ ହୋଇ ନଥିବ ! ଗୀତଛଳରେ କବି ସୁନ୍ଦର ଭାବରେ ଏହି ବିଷୟ ବର୍ଣ୍ଣନା କରିଛନ୍ତି )

( କେଉଁଣେ ନଶୁଣି ଯେ ଡାକୁଥିଲେ ଏତେପରି—କୃଷ୍ଣେ

ଥରେ ଦେଖିଛି ଯେ ସେ ସିନା ସେ ସୁଖ ଜାଣେ

ଶ୍ରୀ ରାଧା ଗୋବିନ୍ଦ ମୂରତି ସୁଷମା ମନରେ ଅବା ଈକ୍ଷଣେ ।ପଦ।

ନିଶାନ୍ତରେ ବୃଦ୍ଧ ମର୍କଟୀ କଖ୍‌ଖଟୀ ଡାକ ପଡ଼ିଗଲେ କର୍ଣ୍ଣେ ।
ଝଟାପଟି ଆସି ଉଭାହୋଇବାର ନିଭୃତ କୁଞ୍ଜ ଉତ୍ତୀର୍ଣ୍ଣେ ।୧
ନନ୍ଦାଳୟରେ ଅଶନ ସମୟରେ ସୁରସ ପରିବେଷଣେ ।
ନିଜ ହରଷରେ ଜରଜର ହୋଇ ଅନାଅନି ନେତ୍ର କୋଣେ ।୨
ଶ୍ରୀ ଯଶୋଦା କୋଳେ ଧରି ଶ୍ରୀରାଧାଙ୍କୁ ଭୂଷିତ କରି ଭୂଷଣେ ।
ବଧୂ ସଧେ ବ୍ରଜବଧୂଙ୍କୁ ବଢ଼େଇକୁ ଲେଖାଇ ବାତ୍ସଲ୍ୟ ଗୁଣେ ।୩
ମଥୁରା ପଥେ ଓଗାଳି ବେଶ ଛଇଳବର ରହି ଦାମାପଣେ
ଶ୍ରୀରାଧା ତନୁରେ ଜନ୍ମିବାର ଭାବ ଚେଳାଞ୍ଚଳ ଆକର୍ଷଣେ ।୪
ଶ୍ରେଷ୍ଠ ରୂପଲ ମାନ ଗର୍ବ ରୋମାଞ୍ଚ ସ୍ୱେଦାଶ୍ରୁ କମ୍ପ ସ୍ଫୁରଣେ
ନିଜ ହର୍ଷ ହାସ ଉନ୍ମାଦ ଜନିତ କୃଷ୍ଣାଧିଷ୍ଟାଙ୍ଗ ପୂରଣେ ।୫
ରୁଷି ବସିଥିଲେ ବୃନ୍ଦାବନେଶ୍ୱରୀ ସ୍ୱ ଚେଳାଞ୍ଚଳ ବରଣେ
କରୁଣା ମୟୀ ଶ୍ରୀକରେ ତୋଳିବାର ମୋହନ ପଡ଼ୁ ଚରଣେ ।୬
ଗୋବର୍ଦ୍ଧନ ଗିରିବର ଗହ୍ୱରରେ ବିଶ୍ୱକର୍ମାର ନିର୍ମାଣେ
ବନ୍ଧ ପିଞ୍ଜୁଳା ବ୍ୟୂହ ମଧ୍ୟେ ହଂସୁଲି ଭୁଲ ଶେଯ ବାହୁରଣେ ।୭
ଅଧେ ତନୁପୀତ ଅର୍ଦ୍ଧାଙ୍ଗ ଅଶିତ ହେବାର ବନ ଭ୍ରମଣେ
ସପଲ୍ଲବ ପୁଷ୍ପ ପରସ୍ପରରେ ଅବତଂସ କଲ୍ପୀର ଶ୍ରବଣେ ।୮

ଫୁଲ ତୋଳୁ ପାଶେ ମିଳୁ ଅନ୍ୟ ଆଳୀ ଭୟେ ବାର ଉପବଣେ
ରମଣ କୋଳରେ ଲୁଚି ରହିବାର ଶ୍ରୀକୁଣ୍ଡ ସେତୁ ପ୍ରାଙ୍ଗଣେ ।୯
ରତ୍ନ ଦୋଳାରେ ବନେବଲ୍ଲ କାଳରେ ପଞ୍ଚାଉ ସଜନ ଟାଣେ
ବେଶ୍ନ କରେ ପ୍ରିୟ ଭୁଜ ଭିଡ଼ି ସ୍ୱର ଭାଣ ରଖିଲ କ ଭୂଣେ ।୧୦
ମଧୁପାନେ ମତ୍ତ ହୋଇ ମଦାଳସୀ ରହି ମୋହନ ଡାହାଣେ
ତାମ୍ବୁଳ ଯୋଗାଇ ଭୁଞ୍ଜକର ଜାଚୁ ଆଳୀ ହସିବାର ତେଣେ ।୧୧
ସାବନ୍ତ ସୁବେଶ ଶ୍ଳଥ ହୋଇଥାଇ ଗାଢ଼ ମନମଥ ରଣେ
ଶ୍ରୀକୁଣ୍ଡ ତଟରେ ଭଗ୍ନ ହୋଇବାର ମନ୍ଦ ଗନ୍ଧ ସମୀରଣେ ।୧୨
ଶ୍ରୀସରସୀରେ ଜଳଯୁଦ୍ଧେ ଶ୍ରୀହରି ହାରି ବୁଡ଼ି ରହିବାକ୍ଷଣେ
ଧରି ରାଧାଙ୍କୁ ଚଳାଇ ରହିବାର କଣ୍ଠ ଜଳ ପରିମାଣେ ।୧୩
ଚନ୍ଦନ ବୋଳ ଉକୁଟାଉ ଚରମେ ରହି ଶ୍ରୀରାଧା ଆପଣେ
ହସାହସି ହୋଇବାର ଗୃହିଁ ପ୍ରତିବନ୍ଧ ଦରପଣେ ।୧୪
ନିକୁଞ୍ଜେ ବେଶ ଅଶନ ଶୟନାନ୍ତେ ଶ୍ରୀବୃନ୍ଦାଙ୍କ ଫରମାଣେ
ପରସ୍ପରେ ତନୁ ପୁଲକ ହେବାର ଶୁକ ସାରୀଙ୍କ ଭାଷଣେ ।୧୫
ପଶା ଖେଳରେ ମୁରଲୀ ହାରି ଦେଇ ବୃଷଭାନୁଜାଙ୍କୁ ଏଣେ
ମାଗିଦିଅ ବୋଲୁ ହସିଲେ କସ୍ତୁରୀ ପୁଣି ଧାଇଁବାର ତେଣେ । ୧୬ ।
ମିହାର୍ଚନାନ୍ତରେ କପଟ ବଟୁଙ୍କୁ କହ ବୋଲି ହେ ଆପଣେ
ଜଟିଳା ବନ୍ଧୁ କରିଦେଇ ଦେଖାଉ ରାଧା ଥିବୁ ଦରପଣେ । ୧୭ ।
ନନ୍ଦଗଡ଼ ମାରଦ ନଶିରେ ଶ୍ରୀବୃଷଭାନୁଙ୍କର ସାଧାରଣେ
ଟିକପରି ତାଙ୍କୁ ଜାଣି ସଦନକୁ ଆଣିଲାବେଳେ ଗହଣେ । ୧୮ ।
ରାସ ଅବସାନେ ଯମୁନା ପୁଳନେ ନିର୍ମଳ ଚନ୍ଦ୍ର କିରଣେ
ବ୍ରଜବଧୂ କୋଳେ କଶୋଷୀ ମଣିଙ୍କି ନବ କସ୍ତୁରୀଙ୍କ ରଟଣେ । ୧୯ ।
ନିଭୃତ ନିକୁଞ୍ଜ ଜାତ ପୁଷ୍ପ ଶେଯ ପାଦୋପଧାନ ଅଭ୍ୟନ୍ତରେ
ବସି ଗୋପାଳକୃଷ୍ଣ ପଟ୍ଟନାୟକ ପରମ ହରଷେ ଭଣେ । ୨୦ ।

## ରାଗ ଶ୍ରୀ—ଆଦିତାଳ

( ନାହିଁ ମୋ ଗଣ୍ଡ ତୋ ବଦନାରେ କୁନ୍ଦରଦନା—ବୃତ୍ତେ )

ପଙ୍କଜ ଲପନା ! ଦୁଃଖୀ ନୋହିବୁ ମୋ ବଦନାରେ । ପଦ ।
ଅସିତ ରଞ୍ଜିକା ବର    ନକଟେ ଶ୍ରୀମୁଖୁ ତୋର
ପ୍ରଫୁଲ୍ଲ ନୋହୁ ସୁମନାରେ । ୧ ।
ଦୂବଂପର ଗଜଗଣ୍ଡ    ଡେଉରବୁ ନାହିଁଟି ଶ୍ରନ୍ତି
ଡାକିଲେ ପାଖି ମୋ ନାରେ । ୨ ।
ଯାଅ ବୋଲି ଶ୍ରୀମୁଖରୁ    ସରସେ ବାଣୀ ଉଚାରୁ
କାନ୍ଦୁ ମୋ ଗଣ୍ଡି ସୁନାରେ । ୩ ।
ନ ବୁଡ଼ା ନୟନୁ ନୀର    ସେତେ ଧନ ଆନ ମୋର
ଝେଲ ମୁଖ ମୋତେ ଅନାରେ । ୪ ।
ଗୋପାଳ କୃଷ୍ଣ ଅଙ୍କରେ    ବସାଇ ଜାଣେ ସଧୀରେ
ଜପନ୍ତେ କହ୍ଲି ସିନାରେ । ୫ ।

—*—

## ରାଗ ପୁନ୍ନାଗ ବରାଡ଼ି—ମିଶ୍ରରୂପତାଳ

( ନାହିଁ କରଦେ ରେ—ବୃତ୍ତେ )

ଶ୍ୟାମ ବୋଇଲେ ଗୋ ଡର ମୁଁ ଏଣ୍ଟୁ ତହିଁକି
କେତେ ମନ ଧରି ରହିଥିଲେ ହେଲେ ଜାଣୁମଣି ଜାଣିଲୁ କି । ପଦ ।
ଭୁଜଙ୍ଗ ସଙ୍ଗ ପ୍ରେମ ଗଣ୍ଡ ତା ପ୍ରେମର ସ୍ୱଭାବ ସଦା କୁଟିଳ
ଏ ଯେଣ କରିଛୁ ସତ୍ୟ ତାର ବାଣୀ ଉପରେ ମୋ ଗିର ତଳ । ୧
ମୋହୁଦ ମୁକୁତା ହାର ପଦକର ମଣିରେ ତା ରୂପ ଶୁହିଁ
ଆନନାରୀ କେ ମୋ କୋଳରେ ରହିଛି ବୋଲି ଗଲ ମାନ ବହି । ୨
ପଶା ଖେଳରେ ହାରିଲେ ମୁଖ ଶୁଖିଯିବ ଯେ ବୋଲି ମୁଁ ମ ।
କଣା ଦାନ ନପକାଇ ଶୁଣିବାକୁ ଶ୍ରୀମୁଖ ସରସ ବାଣୀ । ୩

ଆପଣର ବକ୍ଷ କଙ୍କଣର ନଖ କ୍ଷତ ଆଦି ମୋ ଅଂଗରେ ଦେଖି
ଉତ୍ତର ନ ଦେଇ ବିଳାପ ବହ୍ନିଲା ହୁଏ ଅବନତ ମୁଖୀ । ୪
ଶିର ଛୁଇ ପଦ ପ୍ରାନ୍ତରେ ପକାଇ ଜଣାଉ ଥିଲ ତ ଏଣେ
ଗୋପାଳକୃଷ୍ଣ ଭଣଇ ଚନ୍ଦ୍ରାବଳୀ ଯାଉ ଅଣାଇଲ କେଣେ । ୫

—*—

## ରାଗ ଝଂକୋଟୀ—ମିଶ୍ରଝମ୍ପତାଳ

( ଶ୍ରୀକର ସୁଧା ରମଣ ବୋଲି—ବୃତ୍ତେ )

ମୁଁ ଶ୍ୟାମ ବଁଧୁ ଭଳି କି ଗୋ ।
ସମ ନୋହିବ ସେ ପଦ ଧୂଳିକି । ପଦ
ତାମରସ ବନ କେଳି ଅଳିକି ।
କି ମଣି ନଯୋଗ୍ୟ ଗିର ମଲ୍ଲିକି । ୧
ନାଗର ନିକର ବଳି ସଳିଙ୍କି
ସାମ୍ୟ କରୁଛୁ ମୂଢ଼ ଗୁଆଳୀକି । ୨
ଭୁଲ କରୁ ମୋତେ ବନମାଳୀକି
ଶୁଣିଲେ ଜନେ ମାରିବେ ତାଳିକି । ୩
ନୀଳୋତ୍ପଳ ଗର୍ବ ଦଳ ଝଳିକି
ଭୁଲୁଛୁ କଣ୍ଠା ହରିଦ୍ରା ମଳିକି । ୪
ଗୋପାଳ କୃଷ୍ଣ ତୋଳି ମଣ୍ଡଳିକି
ହସିଲ ସ୍ୱାମିନୀ କହୁ ଆଳୀଙ୍କି । ୫

## ରାଗ କୀରବାଣୀ—ଆଦତାଳ

ସଖି କି ବ୍ରତ କରି ବର ପାଇଲୁ
ସେହି କେଉଁ ଦେବତାଙ୍କୁ ମନାଇଲୁ ? ପଦ ।
ସେ ଲକ୍ଷ୍ମୀ ଲଳିତାଙ୍କ ସେବକ୍ଷା ପରି କରି
ନବ କିଶୋରୀ ପଣେ ବୁଲାଇଲୁ । ୧
ଜଗନ୍ମୋହନ ମାନସ ମତ୍ତାଇଲୁ
ମାନ କରି ପ୍ରପଦରେ ନେଠାଇଲୁ
ଯା ସ୍ମୃତି ଲବ ଭବ ବ୍ରହ୍ମାଦିଙ୍କୁ ଦୁର୍ଲ୍ଲଭ
ତାଙ୍କୁ କରି କ୍ରୋଡରେ ନଚାଇଲୁ । ୨
ଆନ ବିଷୟୁ ମାନ ପାସୋରାଇଲୁ
ଧ୍ୟାନ ତୋରୂପ ସନ୍ତତ କରାଇଲୁ
କାନରେ କି ମନ୍ତ୍ର ଦେଲୁଟି ନିରନ୍ତର
ରାଧେ ହା ଶ୍ରୀରାଧେ ବୋଲି ଜପାଇଲୁ । ୩
କେତେ ବାର ତରୁଣୀଙ୍କି କନ୍ଦାଇଲୁ
ତାଙ୍କ ମନୋରଥ ଦ୍ରୁମ ଭଙ୍ଗାଇଲୁ
ବନମାଳୀ ସେ ଚନ୍ଦ୍ରାବଳୀ ପ୍ରୀତି ପଥରେ
ଧୂଳି ଉଡ଼ୁଥିଲା ତୃଣ ଉଠାଇଲୁ । ୪
ବନଯାକର କୁସୁମ ତୋଳାଇଲୁ
ପ୍ରସାଧନ ଦେଇ ଖୋସା ଖୋସାଇଲୁ
ମସ୍ତକ ପତ୍ରାବଳୀ ତିଳକ ସଜଡ଼ାଇ
ପଦଧରାଇ ଯାବକ ଲେଖାଇଲୁ । ୫ ।
ପୁଷ୍ପ ବାଟିକା ଡକାଇ ଅଣାଇଲୁ
ପୁରେ କାଲି ସୃଷ୍ଟି ପାସୋରି ଶୋଇଲୁ
ଗୋପାଳ କୃଷ୍ଣ ଭଣେ ଆଳୀଙ୍କି ରାଧା ଏଣେ
ହସି ହସନ୍ତି ଅଣ୍ଟିଲ କୁ ଚାଇଲୁ । ୬ ।

## ରାଗ ମୋହନା—ଏକତାଳି

( ରାଧା ଗୋବିନ୍ଦ ଭଜରେ—ବୃନ୍ଦେ )

ରାଧା ଗୋବିନ୍ଦ ବୋଲି ପଳାରେ, ପରାଣ । ପଦ ।

ବ୍ରଜ ବନକୁ ଯାଇ ସ୍ୱାମିମା କୁଞ୍ଜେ ରହି
ବୋଲ ହୋଇଲି ମୁଁ ଶରଣ ରେ । ୧ ।
ଶ୍ରୀ ରାସେଶ୍ୱରଙ୍କର କଳଙ୍କ ଭୂ ପୂର୍ବର
କହ୍ଲିଲି ଅଟେଷ୍ଟୁଁ ଏବେ ଜାଣରେ । ୨ ।
ନୂହଇ ସେ କାହାର ବୋଲୁ ସବୁ ମୋହର
ହୋଇଥିବୁଟି ଅକାରଣ ରେ । ୩ ।
ହଜିଛି ଯେଉଁଠାରେ ଲୋଡ଼ ଯାରେ ତହିଁରେ
ବାହାରେ କରନା ଭ୍ରମଣରେ । ୪ ।
ଗୋପାଳ କୃଷ୍ଣ ଭଣେ ନଯାଉ ତ ଜମିଣେ
ମିଳିବ ସ୍ୱେଷ୍ଟସ୍ତ ଚରଣ ରେ । ୫ ।

—*—

## ରାଗ ମୁଖାବତୀ—ମିଶ୍ରରୂପକତାଳି

ସ୍ୱପ୍ନରେ ଦେଖିଲିନ ବଂଗ୍ନା । ପଦ ।

ବୃନ୍ଦାବନ ଚନ୍ଦ୍ରମା ଦର୍ଶନର ମହିମା
ଅଥିର ଦେଲା ଚକ୍ଷୁ ଭୃ ଲୁଗ୍ନା । ୧ ।
ବରହ୍ମ ପଶ ରଖି ନେତ୍ରେ ପଲକ ରଖି
ତ୍ରିହାବେଶ ପଶୁଏ ବାଉଳ ହୋନା । ୨ ।
ନାଗ କୁସୁମାକର ଦଶୁଛି କଳେବର
ଦକ୍ଷିଣାନିଳରେ ଅପବାଦ ଦେନା । ୩ ।
ଗୁଞ୍ଜି ଭୃଙ୍ଗ ସଲୋକ ନେତ୍ରମାର କାହିଁକ
ବଢୁଛି ଅବଲମ୍ବେ ମୋତେ କଷ୍ଟ ଦିନା । ୪ ।
ଗୋପାଳ କୃଷ୍ଣ ଭଣେ ଜରେପିବାକୁ ଦୋଷେ
ଏ ବରଜ ଲୋକରୁ ସବୁଛ ସିନା । ୫ ।

—*—

## ରାଗ କୀରବାଣୀ—ମିଶ୍ରଝୂପତାଳ

( ସେ ସିନା ନୂଆଙ୍କରେ ବ୍ରଜ ବଧୂ—ବୃତ୍ତେ )

ମୁଁ ତ ଜାଣି ଜାଣି କରୁଛି ମାନ । ପଦ ।
କାହାକୁ ବୋଲିବି କିସ ମୋହରି କରମ ଦୋଷ
ସ୍ୱହସ୍ତେ କରୁଛି ବିଷ ପାନ । ୧ ।
ଅଛୁରି ସତେ ଏ ଯୋଗ ଆନ କେଁ କରିବ ଭୋଗ
ଲୁବ୍ଧ ପୋଷ୍ଟି ହୋଇବାକୁ ଗ୍ଲାନ । ୨ ।
ଆହା ହାତ ଧରି ମୋତେ ଏହ୍ୱରୁଷା ଲାଗି କେତେ
ଦେଉଥିଲେ ନ ପାଳିଲି ଆନ । ୩ ।
ବ୍ରଜବଧୂ ଦୁଃଖ ଦେଖି ହୋଇବ ବୋଲିତ ସୁଖୀ
ଆନକୁ ବଢାଇ ଦେଲି କାନ । ୪ ।
ଗୋପାଳ କୃଷ୍ଣ କହଇ ଆସିଲେକ ଲେଉଟାଇ
ସଜନି କର ସେହ୍ନି ଗୁମାନ । ୫ ।

—*—

## ରାଗ ଝଂଝୋଟି—ମିଶ୍ରଝୂପତାଳ

( ମୋହନ ନୟନାଞ୍ଚଳ ନାଚିଲା—ବୃତ୍ତେ )

ଯେ ଦେଖିଛି ସେ ସିନାରେ ଜାଣିବ । ପଦ ।
ନତନ ଶିଖଣ୍ଡ ଚଳ ନୂଆଁ ମକର କୁଣ୍ଡଳ
ମୁରଲୀ ବସା ଶ୍ରୀମୁଖ-ରାଜୀବ । ୧ ।
ଆଗରେ ବଳାଇ ଧେନୁ ଆସୁଥିଲି କେତେ ବନୁ
ଆହା ନବୀନ ରଙ୍ଗ ମହୋତ୍ସବ । ୨ ।
ଅଳସ ହସି ଆକତ ରଖି ଢାଳିଲେ ନେତ୍ରାନ୍ତ
କଥା ନୋହୁ ମଥାରେଡ଼ ପାଶିବ । ୩ ।
ଘଣେ ନମିଛେ ବେଳେ ବସିବା ବସାଇ କୋଳେ
ମହା ଆଦରଣ ଆଗରେ ଥିବ । ୪ ।

ଘରଦ୍ୱାସ ଫଳାପରେ ଚଉଲକ୍ଷ ସମକ୍ଷରେ
କୁଞ୍ଜ ଫୁଲ ଶେଯେ ସେ ଅବସ୍ଥ ।୫।
ଗୋପାଳ କୃଷ୍ଣ କହଇ ଶୁଣ କରଜ ବଢ଼ାଇ
ଦୁଷ୍ଟ ସୋପାନରେ କି ନ ଗଡ଼ିବ ।୬।

---

## ରାଗ ଝଞ୍ଜୋଟି—ମିଶ୍ରରୂପ ତାଳ

( ତୋତେ ଯଦି ନ ଲାଗିଲାନ ଶ୍ୟାମ ବାଧା—ବୃତ୍ତେ )
ଯାହା ଭାଳଥିଲ ହୋଇଥିଲେ ଆଜ ଚନ୍ଦ୍ରାନନ ହସନ୍ତା କି । ପଦ ।
ଶତ ଅବସ୍ଥକ ଭେଜଲେ ଗୋପୀକ-ପଦ ସେବା ମିଳନ୍ତା କି ।୧।
ମୋଗୀକ ଗାବନ ହୃଦର କଦନ କେ ଲଖାଇ ପାରନ୍ତା କି ।୨।
ମନେ ପଡ଼ିଗଲେ ମୁହିଁ କେତେ ୨ ନେନେ ଲୁହ ରହନ୍ତା କି ।୩।
ରୁଷନ୍ତେ କା'ପରେ କେଳି ତଳପରେ ବଳେ କେ ଚୁମ୍ବନ୍ତେନ୍ତା କି ।୪।
କହଇ ଗୋପାଳକୃଷ୍ଣ ସେ କମଳ ଭଙ୍ଗ ଏହା କରନ୍ତା କି ।୫।

—*—

## ରାଗ ପରଜ—ମିଶ୍ରଚାପତାଳ

ଗୁଣମଣି । କି ଗୁଡ଼ି ଅଇଲ ଜାଣି ଜାଣି ରେ । ପଦ ।
ଯାଉଛୁ ବୋଲି ମୁଁ କହୁ ଯାହା ହେଲୁ ଚୁହୁଁ ଚୁହୁଁ
ବହିଗଲା ନୟନରୁ ପାଣି ରେ ।୧।
କଣ୍ଠ ଗଦଗଦ ହେଲା ବଦନରୁ ନ ସ୍ଫୁରିଲା
ଉତ୍ତର ଆସୁ ଅବଧି ବାଣୀରେ ।୨।
ଫିଟି ଖୋସୁ ଖୋସୁ ବେଶ ଲୋଟୁଥିଲା ବାସ ଶେଷ
ଅସି ରହିଥିଲୁ ଆରୋହଣୀ ରେ ।୩।
ନଖେ ଶାଢ଼ୀ ଧଡ଼ି ଘସି ଲୁଆଁଇ ବଦନଶଶୀ
ହସୁଛି ତୋ ଉଦ୍ଧହେବା ଠାଣିରେ ।୪।

ପାଷାଣୁ ହେଲ ଦାରୁଣ କି ଚଳିଲା ମୋ ଚରଣ
ତୋର ସେ ଭାଷଣ ଶୁଣି ଶୁଣି ରେ । ୫ ।
ଗୋପାଳ କୃଷ୍ଣ କହଇ ଏ ଭାଗ୍ୟ କରିଛୁ ଯାଇ
ବସାଇବ ତୋତେ ଅଙ୍କେ ପୁଣିରେ । ୬ ।

—*—

## ରାଗ ଖରହରପ୍ରିୟା—ତ୍ରିସ୍ରଗତି ଏକତାଳ

ନନ୍ଦ ନୟନ-ଇନ୍ଦୀବର-ଇନ୍ଦୁ ତୋ ଲାଗି
ଯୋଗୀ ହୋଇଗଲା ପରି ଦିଶୁଛି ଭଙ୍ଗୀ । ପଦ ।
ଶ୍ରୀ ଅଙ୍ଗରେ ବିନ୍ୟାସି ଛନ୍ଦ ଦେବତା ଋଷି
ଭୁଜ ଭୂଷଣ ହେଉଥିଲେ ଓଲଗି । ୧ ।
ଛନ୍ଦେ ଚିନ୍ତ ତୋ ରୂପ ତୋ ନାମ କରି ଜପ
ନିଭୃତ ନିକୁଞ୍ଜରେ ଅଛନ୍ତି ଜଗି । ୨ ।
କି ବୋଲି କହିବି ମୁଁ ବିବେକରେ ଜାଣି ମୁଁ
ସାଜ ସଜ ଏ ବେଶ ହୁଅ ଉଲ୍ଲାସି । ୩ ।
ମସୃଣ ଘୁଣ୍ଟି ତନୁରେ ବିଭୂତି
ବାରଣ ହେଉନାହିଁ ଶିଷ୍ୟ ଅଙ୍ଗି । ୪ ।
ଦେଇଛନ୍ତି ଶ୍ରୀକର ଲେଖ ଦେଖ ସତ୍ୱର
ଉଠ ମଠ ନ କର ପରାଣ ସଙ୍ଗି । ୫ ।
ଗୋପାଳ କୃଷ୍ଣ ବୋଲେ କୃଷ୍ଣ ପାଶେ ମିଳିଲେ
ପ୍ରିୟ କଲ୍ପର ଦୋଷ ପଳିବ ଫିଙ୍ଗି । ୬ ।

## ରାଗ ଆଶାବରୀ—ଆଦ୍ୱତାଳ

ମୃଦୁବାଣୀ ଅରେ ଶୁଣାରେ । ପଦ ।

ପୁର ଦୁଆର ଯାଏ    କଣ୍ଠବେଳେ ବଳଦେପୁ
କୃପାଳୁ କର କରୁଣା ରେ । ୧ ।

ଶୀତଳ କର୍ପୂରରୁ    ସ୍ୱାଦୁ ପୀୟୂଷ ଠାରୁ
ସୁ ସ୍ୱର ବୀଣାରୁ କିଣାରେ । ୨ ।

ଯୁବା ମୋହ ମନ୍ତ୍ରର    ମଦନ ଦର ହର
ମୁନୀନ୍ଦ୍ର ଧୈର୍ଯ୍ୟ ହଣାରେ । ୩ ।

ପ୍ରତି ଅକ୍ଷରେ ପ୍ରେମ    ମୂର୍ତ୍ତିବନ୍ତ ଅସମ
ଯେ ଶୁଣେ ହୁଏ ତୋ କିଣାରେ । ୪ ।

ଗୋପାଳ କୃଷ୍ଣ ବୋଲେ    ଆଳୀଙ୍କ ଡାକ ହେଲେ
ଉଙ୍କି ହୋଇ ଅଗଣାରେ । ୫ ।

—*—

## ରାଗ ଝିଂଜୋଟି—ତାଳ ମିଶ୍ରଚାପ

ନନ୍ଦନା ଯେବେ କାମନାରେ
ଗଲ୍ପ ଚପଲେ ବୋଲୁ ଅନା ଅନା ରେ । ପଦ ।
ପ୍ରାଙ୍ଗଣରେ ଅବସରେ ନିରତେ
ଦେଖିବା ପାଇଁ ଖେଳ ନାନା ମତରେ । ୧ ।
ମୋ ନାମ କହିବା ଶିଶୁକୁ ହୃଦେ
ପକାଇ ଡାକୁ ଥାଇ କି ପ୍ରମୋଦେ ରେ । ୨ ।
ମୋତେ ଦେଖିଛି ବୋଲି ସଜନୀରେ
ନେତ୍ରରେ ଚୁମ୍ବୁଥାଇ କେତେଥର ରେ । ୩ ।
କ୍ଷଣେ ନଦେଖିଲେ ଆଳୀଙ୍କ ଡାକ
ବୋଲେ ନ ଦଣ୍ଡେ ମୁଁ ଅପରାଧୀ କରେ । ୪ ।

ଅଳୀକରେ ଗୃହିଁ ମୋ ଲଗି ପ୍ରବ
ପୁଲକାଇ ଢଏ ପ୍ରତି ପ୍ରଷ୍ଟକରେ । ୫ ।
ଗୋପାଳକୃଷ୍ଣ ପୁଚ୍ଛଇ ଦୂଷୀକ
କହ ମୋ ପରେ ସତେ ରୁଷି ଛୁ କରେ । ୬ ।

—*—

## ରାଗ ମାନ୍ଧା ମାଳବ ଗୌଡ଼ା—ମିଶ୍ର ରୂପତାଳ

ଶ୍ୟାମ କମନାସ୍ୱକୁ ସମନାଙ୍ଖି ଆଜ ଜଣେ । ପଦ ।
ବେନ ବାଣୀ ଶୁଣୁଶୁଣୁ ହେଲେ ହୋଇ ଲୋଭ ଲୋଭ
ଯାହା ହେଉଥାଇ ଦେହ ଫୁଲକାଣେ । ୧ ।
ବଦନେ ମୁଖ ଦେଖା ଦେଖି ନୋହୁଥିବ ଯେତେ ଆଖି
ଝୁରୁଥାଇ ତାକୁ ଝୁରି ଅନୁକ୍ଷଣେ । ୨ ।
ଅଙ୍ଗରେ ଅଙ୍ଗ ନମିଣେ ମିଶିଲା ପରି ଆଶ୍ଳେଷେ
ଗୃହିଁ ଦେଲେ ନାଚୁଥାଇ ନେତ୍ରକୋଣେ । ୩ ।
ଲବେ ହୋଇଲେ ମଞ୍ଜନ ପକାଇ ଦେଇ ଗୁମାନ
ଦୂତୀ ପଛେ ବୁଲଇ ସେ ଯିବ ଯେଣେ । ୪ ।
କେ ଅବାକ କହିବାକୁ ଡାକିଲେ ଠାରି ରହିକୁ
କମ୍ପୁଥାଇ ବପୁ ଯେତେ ଦରପଣେ । ୫ ।
ଗୋପାଳ କୃଷ୍ଣ କହଇ ଛନ୍ଦକୁ ପଛେ ପକାଇ
ଶଳୁକୁ ହେଲେ ହେଁ ମିଳ ବୋଲି ଭଣେ ।

—◦—

## ସାଧକ ଦେହୋଚିତ ଲାଳସା

## ରାଗ ଝଞ୍ଜୋଟି—ମିଶ୍ରରୂପ

( ଡାକଇ ରାଧା ରମଣ ବୋଲି—ବୃନ୍ଦେ )

ଜନମିଥିଲେ ଶ୍ରୀ ବ୍ରଜେମୁଁ
ସେବିଥାନ୍ତି ରାସେଶ୍ୱରୀ ପଦାବ୍ଜେ ମୁଁ ।ପଦ।
ପାଠକ ଗୋପକାନ୍ତ ସମ୍ବନ୍ଧରେ
ଅନୁଦିନ ରହିଥାନ୍ତି ସେବାର ।୧

ପ୍ରାତଃକୃତ୍ୟାଦି ହା ଦାସୀ ରସଭ
ପରସେବ୍ୟାଶ୍ରିବ ହୁଅନ୍ତା ମୋର ।୨
ବେଶ ହେବାର ସମ୍ଭାର ଯାବତ
ସଙ୍ଗେ ରଖନ୍ତି ଜାଣି ଅଭିମତ ।୩
ବ୍ରଜେନ୍ଦ୍ର ପୁରକୁ ସିବା ବେଳକୁ
ଡାକନ୍ତେ ମୋତେ ଠାଣି ମସ୍ତକକୁ ।୪
ଭେଟହେଲେ ପ୍ରିୟ କୁଣ୍ଡାରଣ୍ୟରେ
ମୁଁ ଲୁଚନ୍ତେ ଫୁଲତୋଳା ଛଳରେ ।୫
ଶବଦାଉ ମୁଁ ଆଳୀ ଆସିବାର
ପ୍ରାଣେଶ କୋଳରୁ ହେଉ ଅନ୍ତର । ୬ ।
ଗୋପାଳ କୃଷ୍ଣ ଏ ଉକ୍ତିରୁ ମ୍ଳାନ
ଭାବ ଭାବ ଦୀର୍ଘ ଶ୍ୱାସ ତେଜିଲା ।୭

—*—

## ରାଗ ଧନାଶ୍ରୀ—ମିଶ୍ରଚାପ ତାଳ

( ମୋହନ ଗୀତ ଚନ୍ଦ୍ରାପଡ଼ିଲା ରେ—ବୃତ୍ତେ )

ଅନୁସରବା ଫଳ ଫଳିଲାରେ
ଅନୁଭବକୁ ଆଜ ଆସିଲା ରେ ।ପଦ।
ମୋ ଦୁଃଖରେ ଦୁଃଖିନୀ ହେବାଥାଉ ସଜନୀ
ଶୁଣି କନ୍ଦନ ପୁଣି ହସିଲାରେ ।୧
ଦୂରରୁ ଦେଖିମୋତେ କର ଉରରେ କେତେ
ମାରିଦନ୍ତେ ରସନା ଦଂଶିଲା ରେ ।୨
ତା ମୋ ଭେଟପଥରୁ କାର ଚଞ୍ଚଳ ଖାରୁ
ଅନ୍ତର କଲାରୁ ଆକର୍ଷିଲା ରେ ।୩
ଦେଖି ମୋ ପୂର୍ବ ଲେଖ- ମାନ ଲଭି ବିମୁଖ
ଛୁନାଇ ରହରେ ଯା ଖୋସିଲା ରେ ।୪
ଗୋପାଳ କୃଷ୍ଣ ବୋଲେ ଦରଶନ ନଦେଲେ
ଆଳୀକି ହେଲେ ଯା ନ ପେଶିଲା ରେ ।୫

## ରାଗ ମାନ୍ଥ୍ୟମାଳବ ଗୌଡ଼ା—ମିଶ୍ରଝମ୍ପତାଳ

କେ କି ଲଗାଇ କହିଲା ଧନକୁ ମୋ ନାରେ । ପଦ ।

ଡ଼ାକିଲେ ଆଳୀ କହନ୍ତେ ବୋଇଲା ତୁ ନାରେ
ପୂରିଛି ନୟନକୁ ନୀର　　ସେ ଅନାଇ ଦେଲେ ଶିର
ଲୁଆଁଇ ଦେଉଛି ସୁମନାରେ । ୧ ।
ପୂରୁବ ପଣ ମୋହର　　ପ୍ରସଙ୍ଗ ସଖୀ ନିକର
ସଙ୍ଗେ କରୁନାହିଁ ଭାବନାରେ । ୨ ।
ସତେ କରି ଦେବ ଭିନ୍ନ　　ମୋ ସ୍ନେହ ଦରିଦ୍ର ଜନ
ଧନ ମୋ ଗଣ୍ଠିର ସୁନାରେ । ୩ ।
ଅଖ୍ୟାତି ନୂତନ ପ୍ରେମ　　ଲୋଭିତ ପରାଣ ସମ
ମାନିଲା କେମନ୍ତ ଭାବନାରେ । ୪ ।
ଗୋପାଳ କୃଷ୍ଣ କହଇ　　ଗୁଣ ପାସୋର ନୁହଇ ।
ଆନ ନଜାଣଇ ମୋ ବନାରେ । ୫ ।

—*—

## ରାଗ ଧନାଶ୍ରୀ—ମିଶ୍ରଝମ୍ପତାଳ

କି କରି ନାହିଁ ପଙ୍କଜ ମୁଖ ଶ୍ୟାମ ଅଙ୍କସୁଖ ଆଶାରେ
ଧିକ ହେଉ ଧୈର୍ଯ୍ୟ　　ଧରିକି ଗାଇଁଛି
ପାମରୀ ମୁଁ କୁଳଜାଙ୍କର ତତ୍ତ୍ୱରେ । ପଦ ।
ପରାଣ ସମାନ ଆପଣ ଦୁହିଁଙ୍କ ଦେଇ ମୁଁ କଷଣ ରେ
ଜାରି ବ୍ରଜରାଜ ସନ୍ନିଧିକି ଅନୁ ବରଜାଇଲା ମାର ଉନ୍ମାଦରେ ।୧ ।
ଗୁରୁତର ଲଜ୍ଜା ନୁଆଁ କଣ୍ଠସରେ ହେଲି ଶିଥିଳାଇ ଯେ
ଗୁଣବନ୍ତ ରମା ମୋ ଆଡ଼କୁ ଚୁହିଁ ନହସି ବେକ ହାତଦେଇ ମୁଖରେ
ଲଳିତା ତ୍ରିଭଙ୍ଗ ଭଙ୍ଗୀ ଆହା ବଂଶୀ ଧାରୀ
ଆଖିରେ ନାଚୁଛି ଶିର ଶିଖଣ୍ଡ ମାଧୁରୀ । ୩ ।
ବିନସୁ ମିଶା କଟାକ୍ଷ ବୁଡ଼ାନ ରୂପୁସି
ନିଶିଦିନ ରହିଲା ମୋ ମନେ ଭରି କରି । ୪ ।

କହୁ କହୁ ଲୁହଁ ଲୁହଁ କାଳଗଲା ସର
ମନମଥ ହୃଦୟୁ ପକାଇଛୁ ଉଦାର । ୫ ।
ଗୋପାଳକୃଷ୍ଣ ଅଇଲା ସେ କାଳେ ବାହାର
ପ୍ରିୟୁ ପ୍ରତ୍ୟନଙ୍ଗ ଲେଖ ହୃଦ ବାସେ ଧର । ୬ ।

—*—

## ରାଗ ଭୈରବୀ—ମିଶ୍ର ରୂପତାଳ

କ୍ଷଣକୁ କ୍ଷଣ ପର ପ୍ରେମ କପଟ ଲୋଡ଼ାଇ
ଯେ ଶିଖିଛି ସେ ବୁଝିଛି ତାର ବଢ଼ାଇ । ପଦ ।
ଦୃଷ୍ଟିରୁ ଅଇଲେ ଦୂର ଜନମାଇ ନେତ୍ରୁ ନୀର
ଧର ପଣନ୍ତ ଦୁଷ୍ଟର ପଙ୍କରେ ଗୋଡ଼ାଇ । ୧ ।
ବଚ୍ଛୁ ଯା ଖବ ଶବ୍ଦେ ଡ଼ାକଲେ ରହି ପୁରତେ
ନଶୁଣେ ଶୁଣିଲେ ପ୍ରତି ଉତ୍ତର ହୁଡ଼ାଇ । ୨ ।
ଶୁଣାଇ କାହା କଳ୍ପିତ ମଣାଇ ତା ବାଣୀ ବ୍ରତ
ଆଣୁଥାଇ ଦେହଳୀକି ବିଷୟୁ ଏଡ଼ାଇ । ୩
ସୋପାନ ଉପରେ ରହି ସେ ଦଶିବା ଦେଶେ ଚାହିଁ
ବୀଣାରୁ ସୁସ୍ୱର କରି ସାଙ୍କି ପଡ଼ାଇ । ୪ ।
ଗୋପାଳକୃଷ୍ଣ କହଇ ଯତ୍ନ ଅଳପ ଡୋଳାଇ
ତା ପ୍ରସଂଗ ବାଉଳାଇ ନଦ୍ରାହି ଛଡ଼ାଇ । ୫ ।

—*—

## ଖଣ୍ଡିତା

## ରାଗ କୀରବାଣୀ—ତାଳ ମିଶ୍ରରୂପ

( ଜଣା ପଡ଼ିଲାରେ ବଣା ମୃଗାକ୍ଷୀ ତୋ ଗୁଲ—ବୃତ୍ତେ )
କେତେଣେ ନଶୁଣି ଯେ ଡ଼ାକୁଥିଲେ ଏତେ ପର
ପରତିସ୍ତୁ ଦେଲେ ସୁନ୍ଦର ଗଣି ମୁଁ ପଳାଇ ଯିବାକି ଧର ? । ପଦ
ସ୍ତ୍ରୀରୁ ଦେଇ ଦଣ୍ଡକଲା କଥାରେ ଆଶା ଅନେକ ବଢ଼ିଲା
ଅକଳଙ୍କ ପୂର୍ଣ୍ଣ ଶରଦ ଚନ୍ଦ୍ରମା ମୁଖ ଥରେ ନଦେଖିଲା । ୧ ।

ଷୋଡ଼ଶ ନାମ ମନ୍ତ୍ରାର୍ଥାନୁସାରରେ ନିତ୍ୟ ଦାସୀ ଯେ ଯାହାର
ପରାର୍ଦ୍ଧ କାଳ ବ୍ରହ୍ମାର ସରିଲାନି ଆତୁର ହେଉଛି ଦୂର । ୨ ।
ହେ ଶ୍ରୀ ନାଗରେନ୍ଦ୍ର ବୃନ୍ଦାବନ ଚନ୍ଦ୍ର ହେ ଗୋଷ୍ଠେଶ୍ୱର ତନୁଜ ।
ଶ୍ରୀ ରାଧା ଜୀବନ ନୂତନ ମଦନ ବ୍ରଜ ନବ ଯୁବରାଜ । ୩ ।
ଧୃତବଂଶୀ ବେଣୁ ପରବଶ ତରସ ହେ ବ୍ରଜେଶ୍ୱରୀଙ୍କ ପୁତ୍ର
ଶତପତ୍ର ନେତ୍ର ମୁଦିରାଭ ଗାତ୍ର ହେ ଗୋକୁଳା ରଣ୍ୟ ମିତ୍ର । ୪ ।
ମାଗୁନାହିଁ କିଛି ମନେମାନ ଅଛି ଆଖି ପୂରାଇ ଦେଖିବି ।
କୃପାକଲେ ତୁମ୍ଭ ପ୍ରାଣବନ୍ଧୁ ରାଧା ପଦାବ୍ଜ କିଙ୍କରୀ ହେବି । ୫ ।
ଶ୍ରୀ କଶୋଷ୍ଟମଣି କରିଥିଲେ ମାନ ବଳେକି ଆପଣା ଦୋଷ ।
ତୁମ୍ଭ ପାଇଁ ଲଳିତାଙ୍କ ପାଦ ପଡ଼ି ଛଡ଼ାଇ ଦେବି ସେ ରୋଷ । ୬ ।
ଆଣି ଦେଉଥିବି ମୋ ସ୍ୱାମିନୀ ଶ୍ରୀ ହସ୍ତର ଗୁନ୍ଥା ଫୁଲମାଳା ।
ତୁମ୍ଭେ ସଜାଡ଼ି ଦେବାର ଝିରାନେଇ ଦେଇ କହିବି ଫୁଟିଲା । ୭ ।
ବନେ କରିଥିଲ କେଳି ଶ୍ରୀ କ୍ଷତିଦା ଜେମା ତୁମ୍ଭ ଶ୍ରୀଅଙ୍ଗରେ
ଗୋପାଳକୃଷ୍ଣ ତାମ୍ବୁଳଭାଙ୍ଗି ଲାଗି କରାଉଥିବି ଚୁମ୍ବରେ । ୮ ।

## ରାଗ ଶଙ୍କରା ଭରଣ—ରୂପକ ତାଳ

କି ନାଦରେ ପ୍ରାଣ ସଂଗିନି ଶୁଭୁଛି କଦମ୍ବ ବନେ ।
ଶ୍ରୁତିରେ ସୁଧା ବରଷି ଧୃତି ନାଚଣି ମତି ମନେ । ପଦ ।
ଦିଗ ବିଦିଗେ ପ୍ରସରି ଖଗ ମୃଗ ଜଡ଼ କରି, ସଖି !
କୁଳବତୀ ନାରୀ ଗ୍ରନ୍ଥି ଫିଟାଉଛି ଅଯତନେ । ୧ ।
ଜଳ ସ୍ତମ୍ଭ ଗ୍ରାବ ଦ୍ରବ ହୋଇଲାକି ଅସମ୍ଭବରେ, ସଖି !
ଆଜନ୍ମ ମୁଁ ଆଜକୁ ମୁଁ ଶୁଣିତ ନଥିଲି ଦିନେ ଦିନେ । ୨ ।
ଆସୁ କିନା ମୋ ପାଶକୁ ଲଭିଲଟି କି ଦଶାକୁରେ ସଖି !
ନୀପ ଫୁଲ ପରି ଲୋମ ପୂରିଲା ମୋ ଅପଘନେ । ୩ ।
ଡୋଳିଲା କୁସୁମ କରୁ ଗଳି ପଡ଼ିଲା ରମ୍ଭୋରୁ ରେ, ସଖି ।
ରହି ପାରିବି ନାହିଁ ମୁଁ ଘୁଡ଼ି ଦେ ନେଇ ସଦନେ । ୪ ।
ବଜାଉଛି ରସାଳସି ନିକୁଞ୍ଜ ଦେବତା ବଂଶୀରେ, ସଖି !
ଗୋପାଳ କୃଷ୍ଣ ଭାଷଇ ପ୍ରକଟିଲା ତ୍ରିଭୁବନେ । ୫ ।

## ରାଗ ଖମାଚ—ଆଦ୍ଧତାଳ

( ଭଜମନ ହରିପ୍ରାଣ ପ୍ରେୟସୀ ଶ୍ରୀମତୀଙ୍କ—ଦୃଷ୍ଟେ )

ଆଜ ବ୍ରଜରାଜ ସୁତେ ଲଜେ ମୁଁ ବୁଡ଼ିଲି ମା । ପଦ ।
ରୋହିଣୀଙ୍କ ସଙ୍ଗତରେ ଥିଲି ରନ୍ଧନ ମନ୍ଦିରେ
ପଛକୁ ନାଗର ବର ଦୃଷ୍ଟି ପଡ଼ିଲି ମା । ୧
ହୃଦକରେ ଦମ ଦମ ବୁଦ୍ଧି ମୋ ହୋଇଲା ବାମ
ସୁଧାସମ ଶିଖରଣୀ ଜଳେ ନଉଡ଼ିଲି ମା । ୨
କପଟିନୀ କୁନ୍ଦବଲ୍ଲୀ ଜାଣି ପାଶୁ ଗଲା ଚଳି
ସାଙ୍ଗ ପଡ଼ିବାରୁ ଆଣି ଓଢ଼ଣି ଓଢ଼ିଲି ମା । ୩
ହେଲୁ କି ପାକ ସମ୍ଭାର ବୋଲି ପଚାରନ୍ତେ ମୋର
ଧକ୍କା ଖସିଗଲା ପ୍ରଭୁ ଉତ୍ତର ତୁଟିଲା ମା । ୪
ମୋ ଓଷ୍ଠ କମ୍ପିଲା ବୁଝି ହସିଲେ ସେ ଆଡ଼େ ରହି
ତା ଇଂଗିତ ହେଜ ଶୀଘ୍ରେ ଅଧର ପୀଡ଼ିଲି ମା । ୫
ଗୋପାଳ କୃଷ୍ଣ କହନ୍ତି ରହୁ ଜଣିଲା ଅଇଲା
ଆସନ୍ତୁ ସଜନୀ ତୋତେ କେତେ ମୁଁ ଲୋଡ଼ିଲି ମା । ୬

—*—

## ରାଗ ମୁଖାରି—ମିଶ୍ରଚାପତାଳ

ଜଣା ଗଲାନି । ଗୁରୁ ବୃନ୍ଦାଣୀ
କଶୋଗ୍ରୀ ମଣି । ପଦ
ଲଲନା ବର ଥରକୁ ଥର
ଯମୁନାରୁ ନୀର ଅଣା ଗଲାନି । ୧
ବ୍ରଜେନ୍ଦ୍ର ସୁତ ନୟନ କୁନ୍ତ
ଘାତ ବିବେକ ବୁଦ୍ଧି ଜଣା ଗଲାନି । ୨
ତୋ ଭାବନାରେ ଶ୍ୟାମ ପାଦରେ
ମଦନ ରଜା ନହିଁ ଛଣା ହେଲାନି । ୩

ପ୍ରାଣ ମିତଣି　　　　ବଚନସ୍ତୁ ବାଣୀ
ଆଉ ଉଦ୍ୟାନରେ ରହି ଶୁଣା ଗଲାନ । ୪
ଆସ କରଣି　　　　ସୃହଁ ଝଟତ
ଗୋପାଳ କୃଷ୍ଣ ବୋଲଇ ହୁଅ ତୂନ । ୫

—*—

## ରାଗ ଖମାଚ—ଏକତାଳ

(ନଭାଙ୍ଗରେ ଶୁଭାଙ୍ଗି ଖାରଣି ହୁଅ ସାହା—ବୃତ୍ତେ)

ଏଣୀ ଈକ୍ଷଣି ରାଧେ ଏଣିକ ଆରେ
ଚନ୍ଦ୍ରକ ଅଧର ରଜ ଶ୍ରୀମୁଖ ଲୁଅଁ ରେ । ପଦ
ମନମଥ ସଜ　　　　ହୋଇଛନ୍ତି ଆଜ
ଅନା ନୁଆଁ ମାଳ ଜଳଧର ଝଁଳଆରେ । ୧
ଫୁଲ ଧନୁକର　　　　ଭଙ୍କେ ସୁମଶର
ଖୋସି ଚରମେ ଲୁମ୍ବଇ ନବ ରଙ୍ଗ ଆରେ । ୨
ମୁରଲୀ ରଙ୍ଗିସେ　　　　ଭୃନ୍ଦ ବନ୍ଧ ବାସେ
ଅନାଉଛନ୍ତି କଟାକ୍ଷ କର ଲୁଣିଆ ରେ । ୩
ଫଗୁ ମୁଠାକରୁ　　　　ଫିଟିଲା ରମ୍ଭୋରୁ
ଉପର ଉପୁରାଣରେ ମଥା ଘୋଡ଼ୁଆରେ । ୪
ଗୋପାଳକୃଷ୍ଣ ସେ　　　　ସମସ୍ତରେ ଭାଷେ
ଆସ ଭାଖେ ଆସିଛଳେ ସେ କୁଂଜ କୁଟୀଆରେ । ୫

## ଲାଳସା

## ରାଗ କାଫି—ମିଶ୍ରରୂପ

( ମୁହିଁ ମୁହିଁ କଶୋର ଚନ୍ଦ୍ରମାଙ୍କର ମୋର ପ୍ରଶ୍ନ—ବୃତ୍ତେ )

ଗଲାବେଳେ ମୋ ଜୀବ । ସ୍ବାମଧେ ଝଙ୍ଘା ଯିବ
ରହୁ ଶ୍ରୀ ଗୋସ୍ବାଚଲ ଚନ୍ଦ୍ର କୋଳରେ । ପଦ ।
ଦଶନେ ବଂଶୀଭୂଣ          କଣାଉଥିବୁ କଣାଣ
ଶ୍ରୀ ବୃନ୍ଦା ବନେଶ୍ବରୀ ପଦ ତଳରେ । ୧
ଶ୍ବାସ ଅବସାନରେ          ଆଉଜାଇ ହୃଦରେ
ମୋହନ ଝଂଡୁଥିବେ ପଦ ତଳରେ । ୨
କୋଟି କୋଟି ଜନ୍ମର          ସୁକୃତ ଫଳ ମୋର
ଦସ୍ୟାମସ୍ୱି ଙ୍କୁଅ କୃପା ବଳରେ । ୩
ଯାନ ହୀନ ପାମର          ହୋଇ ହେଲେ ଜଣର
ରାଧେଶ୍ବରୀ ଅଲୋକ ନେତ୍ରାଞ୍ଚଳରେ । ୪
ମୋ ମତେ ମୁଁ କିଂକରୀ          ହେବାକୁ ଆଶାକରି
ରହିଁଛି ଶରକାକୁ ମୁଁ ଆକୁଳରେ । ୫
ପ୍ରାର୍ଥନା ବାର ବାର          ଏ ଗୋପାଳକୃଷ୍ଣର
କହୁ ହେଲେ ପ୍ରାଣେଶ ଶ୍ରୀ ଷ ମୂଳରେ । ୬

—•×—

## ରାଗ ମାୟା ମାଳବ ଗୌଡ଼ା—ମିଶ୍ରତାପ ତାଳ

( ନାହିଁ କରଦେରେ—ବୃତ୍ତେ )

ଲେଖିଅଛନ୍ତି ଗୋ ତୋ ରୂପ କୁଂଜ ଭିତିରେ
ଭୁଲ୍ବ ଅନାଇବାର ପ୍ରାଣମିତଣି ବ୍ରଜେନ୍ଦ୍ର ରସବକ୍ଷରେ । ପଦ
ବଣି ନ ବଣିଲା ପରି ଜଗ୍ଗ ହୋଇ ଦୁଆର ବନ୍ଧ କଣ୍ଠରେ
ନବ ବଧୂପରି ବଡାଇ ଦେବାର ଭୋଜ୍ୟ ରୋହିଣୀ ହାତରେ ୧
ଖସି ଯାଇଛି ମଥାରୁ ଉପୁରଣ ସ୍ବେଦ ବିନ୍ଦୁ ଶ୍ରୀମୁଖରେ
ଜନତ ହୋଇଛି ଲୁଳଯାତ ଅଙ୍ଗି ଲେଣୀ ଲମ୍ବିଛି ପୃଷ୍ଠରେ । ୨

ଗଣ୍ଡ ମଣ୍ଡଳର ଲୋମ କଣ୍ଟକିତ ସିଂଦୂର ବିନ୍ଦୁ ତ ଝଳ
ଚିବୁକର ନବ ମୃଗମଦ ବିନ୍ଦୁ ଶୋଭା ପଡ଼ୁଛି ଉଜ୍ଜ୍ୱଳ ।୩
ନୂରିକ୍ତି ତ୍ରିଭ ଅଙ୍ଗରେ ଅଳଂକାର ଭୂଷାର ମୟୂଖ ମୁଖି
ପିନ୍ଧାଇଛନ୍ତି କଳାଶାଢ଼ୀ ସତେ ମୁଁ ଭୁନ୍ତ ବୋଲ ବେଲ ଦେଖି ।୪
ଭୁଜପି ତରଳ ଡ଼ୋଳା ଢ଼ାଳବାର ଭଙ୍ଗୀଯା ହୋଇଛି ସବୁ
ସକଳ କଳା କ୍ଷେମ ଗୁଣ ଦେଖୁଛି ବ୍ରଜ ବଧୂଙ୍କର ତହିଁ ।୫।
ପଦରେ ଯାଚକ ରଂଜୁଥିଲେ ମୂର୍ଚ୍ଛି ସ୍ୱାମୀଙ୍କୁ ଗଲା ବେଳାକୁ
ବୋଲୁ ସ୍ୱାମିନୀ ହସିଲେ ଏଣେ ଚାହିଁ ଗୋପାଳକୃଷ୍ଣ ମୁହଁକୁ ।୬

## ରାଗ ହରିକାମୋଦ—ରୂପକ ତାଳ

( ପାସୋରି ହେଲୁ ନା ହୃଦରେ ନସାନା—ବୃତ୍ତେ )

କୁଞ୍ଜବନ ଯାକ ଖୋଜୁଥିବେ ପରା
ମୋତେ ମୋ ଜୀବ ଜୀବନ
ଧିକ ନାରୀ ଜନ୍ମ କି ହେଲୁ ବିରହ
ସଦାକାଳ ପରାଧୀନ ।୧
ସଙ୍କେତ କୁଞ୍ଜକୁ ଶୂନ୍ୟ ଦେଖି ନେତ୍ରେ
ନୀର କରି ଥନ ଥନ
ବୃନ୍ଦା ପତ୍ରରୁ ନଇଁକର କର୍ଣ୍ଣେ
ଉଚ୍ଚାରିବ ଯେ ବଚନ ।୨
ପରିହାସ କରି ଲୁଚିଛି ମୁଁ ବୋଲି
ସଧୀରେ କରିଗମନ
କୁଞ୍ଜକୁ ହେଲେ ଦେଖିଲେ ଆସି ବୋଲି
ପଛେ ହୋଇବେ ଯେ ମ୍ଳାନ ।୩
ତାଙ୍କୁ ଦେଖି ମୋ ନାଁ ଡାକିଲେ ସାରିକା
ଉଲ୍ଲସାଇ ଅପଘନ
ବନପକ୍ଷୀଙ୍କି ପଠାଇ ପଥକୁ
କରୁଥିବେ ଆଲୋକନ ।୪

ପଡ଼ ଯାଉଥିବ କରରୁ ମୁରଲୀ
ନଥିବାରୁ ସାବଧାନ
ଶତ ଶୀତ କର ନଭସ୍ଥଳ ବାର
ମୁଖ ଝାଉଁଥିବ ମ୍ଳାନ ।୫
ସ୍ୱ ଈଶ୍ୱରୀ ପଦ ଭୁଲା କୋଟି ଦ୍ୱନ୍ଦ
ବାହାର କର ସଘନ
ଗୋପାଳକୃଷ୍ଣ ଭୁନକର କହିଲ
କଟିଲା କଲେ ଶପୁନ ।୬

—*—

## ରାଗ ପନ୍ତୁବରାଡ଼ି—ମିଶ୍ର ଚାପତାଳ

( ଭଜମନ ବ୍ରଜବନ ଦ୍ୱିଜରାଜ—ବୃତ୍ତେ )

ଧନ୍ୟ ସଜନୀ ଧନ୍ୟ ତୋ ଡୋଲା ତଳାରେ
ବୃନ୍ଦାରଣ୍ୟ ମଞ୍ଜ କସ୍ୱନ୍ଦ୍ର ଶୃଙ୍ଖଳା ରେ ।ପଦ।
ଯା ଏକ ଅଙ୍ଗରେ ସ୍ଥିତି    ଅଖିଳ ଇନ୍ଦ୍ରିୟ ବୃତ୍ତି
ଆହା ସେ ଝବେବକ କାହିଁ ଝଜ ଗଳାରେ ।୧
ସୁମନ ପୁଟିକା ଭୁଲେ    ବଂଶୀଦେଉ ତୋ ଅଞ୍ଚଳେ
କର ଢ଼ିର ଅଧରକ ଥରୁଥିଲା ରେ ।୨
ନ ପାରନ୍ତି କେହିହୁଁ    ଯା ବଂଶୀକ ଥିଲେ ଖୋଇ
ପଣ୍ୟ ଭୋହର ସାଦୃଶ ପରି ହେଲାରେ ।୩
ମଥାର ମଣି ଦର୍ପଣ    ଛଢ଼ ଗଣ୍ଡେ ସ୍ୱେଦ କଣ
ଗୃହୁଁ କାହୁଁ ବନାଶ୍ରମେ ଜନମିଲା ରେ ।୪
ସୁଧା ସହୋଦର ଗର    ଜଳଧୁ ଥରକୁ ଥର
ପୁଣି ସେ ବର୍ଣ୍ଣ ଲୁପ୍ତହସା ଆସିଲା ରେ ।୫
ଗୋପାଳକୃଷ୍ଣ ଭାଷଣ    ଗଢ଼ଲକ୍ଷଣି ଈ କ୍ଷଣ
ଗ୍ରହା ବେଶ ପରି ତନୁ ପୁଲକଲା ରେ । ୬

—*—

## ରାଗ ଝଞ୍ଜୋଟି—ଆଦତାଳ

ଆଜ ଆସିବେ ଶ୍ୟାମ କହ୍ନାଇ ରେ
ଚନ୍ଦ୍ରାବଳୀ ପୁରକୁ ଥିବେ ଯାଇ ରେ
ସେତ ରଙ୍ଗିଥିବ ହୃଦେ ଲଗାଇ ରେ । ୧
ଥିଲା ମନୋରଥ ଯାକ ପୂରାଇ ରେ
ବସିଥିବେ ଅଙ୍ଗ ଅଙ୍ଗେ ମିଶାଇ ରେ
ଘନ ବିଦ୍ୟୁତ ଦ୍ୟୁତିକି ଲସାଇ ରେ ।୨
ସର୍ବେ କସାଇଲ ମୋତେ ରୁଟାଇ ରେ
କେହୁ ଆଣିଲ ନାହିଁ ଲେଉଟାଇ ରେ
ଏବେ କହୁଛ କେଣେ ବଟିଆଇ ରେ ।୩
ଭଲଥାଅ ସଖି କୁଶଳ ହୋଇ ରେ
ମୁଁ ଯମୁନାକୁ ଯାଉଛି ଗାଧୋଇ ରେ
ବିଧି ଲେଖନ କେ ଦେବ ଲିଭାଇ ରେ ।୪
ଛଳ ଫଟ ହେଲେ ଧାଇଁ ଅଣାଇ ରେ
ବୋଲୁ ଲଳିତା ମୁଖକୁ ଅନାଇ ରେ
ନେଲେ କୋଳକୁ ଲୁହ ପୋଛି ଦେଇ ରେ ।୫
ବୃନ୍ଦା ଆଣିଲେ କୋଳ ବାହୁଡ଼ାଇ ରେ
କହ ଗୋପାଳ କୃଷ୍ଣ କଢ଼ାଇ ରେ
ଦେଲା ଶ୍ରୀ ରାସେଶ୍ବରୀଙ୍କି ଦେଖାଇ ରେ ।୬

—*—

## ରାଗ ଶଙ୍କରା ଭରଣ—ମିଶ୍ରଚାପ ତାଳ

ମୋହନ ଦେଖିଲେ ତୋତେ ରେ କହୁଥିଲେ ତ ମୋତେ ।ପଦ।
ଅରବିନ୍ଦ କନ୍ଦ ସୁତାରୁ ଆସୁ ସଖୀ ସଙ୍ଗରେ
ଭୁ ପୁଣି ଛନ୍ଦବର କେଳ ଗୁନ୍ଥିଲୁ ପଙ୍କଆଡ଼କୁ କି ସତେରେ। ୧
ଉଡ଼ୁଥିଲେ ଖୁଣି ଚକୋର ତୋ ଲପନ ପୁରତେ
ଜେଳମ୍ବ ନିକୁରୁମ୍ବକୁ ନିବାରୁଥିଲୁ ସରୋରୁହ ଥିଲା ହାତେରେ ।୨

ତୋ ହରଣୀଠାକୁ ସେ କୃଷ୍ଣ କୃଷ୍ଣସାର ଆସନ୍ତେ
ଚମକିଲ ହୋଇ ପାଶକୁ ଡାକିଲୁ ଲଳତାଙ୍କୁ ପୁଣି କେତେ ରେ ।୩
ଯାଇ ଚଟେ ତୋ ମଲ୍ଲୀ ଲୁଟମାଳା ବାନ୍ଧ ବାସାନ୍ତେ
ରଖିଛନ୍ତି ତନୁ ସୁରଭି ତୋହର ପ୍ରସରୁଛୁ ଅବରତେ ରେ ।୪
ଗୋପାଳକୃଷ୍ଣକୁ ନେ ବୋଲି ନାଗେଶ୍ୱର ଦଅନ୍ତେ
ଆଣିଲ ସେ ଅଳି ନ ବସା ସୁମନ ଦେବାପାଇଁ ତୋ ପୁରତେ ରେ ।୫

## ରାଗ କୀରବାଣୀ—ମିଶ୍ରଚାପତାଳ

( ରାଧା ପୁରତକୁ ଯାନା ଶଠ ଲମ୍ପଟ କାନା ବୁଝେ )

ଦଣ୍ଡୁଛି ତ ଭଙ୍ଗେପରି କ ରେ ନବ କିଶୋର ।ପଦ।
ବସିଛୁ ଗୁମାନେ       କ ପାଞ୍ଚ ନକ୍ସନେ
ଫଣେକ ହୋଇ ପାତ୍ରର ।୧
ସାଜିବ ତ ସଜ       ବୋଲି ମୁହିଁ ଆଜ
ଭାବଥିଲି ନୂଆ କରି ।୨
ଧେନୁ ଅଡାଇ ଆସୁ       ଦେଲେ ବଢ଼ାଇ
ଏ ହଁସ ଆଣିଛି ଧରି ।୩
ଶ୍ୟାମ ପ୍ରେମ ସୁଧା       ରସନଧି ରାଧା
ବୋଲି ଥାଏ ମୁଁ ବିଚାରି ।୪
କହଇ ଗୋପାଳ       କୃଷ୍ଣ ତହୁଁ ବେଳ
ଯାଇ ଶୋଇଲେ ପାସୋରି ।୫



## ରାଗ ନୀଳାମ୍ବରୀ—ମିଶ୍ରଚାପତାଳ

କି ପଢ଼ିଗଲୁ ଶ୍ୟାମ ଆସୁତେ ଆହା ଆଜନମ ସୁକୁମାର ।ପଦ।
କ୍ଷୀଣ ହେଲାତନୁ ଚିହ୍ନି ହେଉନାହିଁ କି ମନ୍ତ୍ର ଦେଲା ମୁରାର
ତେଜିଲୁ ଶୟନ ବିଭୂଷଣ ଭୋଜନ ଜପିଲୁ ନାମ ତାହାର ।୧
ଧୂର୍ତ୍ତ ଗୁରୁ ଶଠଶିଖାମଣି ନଷ୍ଟ ହୁଏ କି ତା ଗୁଣକାର
ପୟପାନ କର ଶିଶୁ ବୟସେ ଯେ ଜାଣିଛୁ ନାଶ୍ର ।୨
ତା ଅପରାଧେ ମୋତେ ନଦେଇ ଉତ୍ତର ଯେତେ କହିଲେ ଛିଆର
କାନନ କୁରଙ୍ଗ ଠାରୁ ବଳିଗଲୁ ଏକାଇ ତାକୁ ସ୍ୱୀଆର ।୩
ତଳପ କଲୁ ତଳକୁ ଅଦ୍ଧ ନିଶି ନେନେ ନରହିଲୁ କାର
ଅପଘନେ ଘର କଲସ୍ମର ଜ୍ୱର ନିତ ହୋଇଲୁ ଧିକ୍କାର ।୪
ନନ୍ଦନସୁନ ଇନ୍ଦୀବର ଚନ୍ଦ୍ରମା ରହି ଶୁଣି ତେଣି ପାର
ଦେଖି ଗୋପାଳ କୃଷ୍ଣ ଏଣେ ସଖୀଙ୍କି କହିଦେଲା ଆଖିଠାର ।୫

## ରାଗ ମାୟାମାଳବ ଗୌଡ଼ା ମିଶ୍ରଚାପତାଳ

( ନାହିଁ ମୋର ପୀରତି ସମକାର—ବୃତ୍ତେ )

ତୋ ପୀରତି ଲାଗିରେ ହୋଇବି ଯୋଗୀ ।ପଦ।
ଧରି ଜପାମାଳୀ      ତୋ ଗୁଣ ଆବଳୀ
ନିରନ୍ତେ ଜପିବି ଜୀବ ସଙ୍ଗୀରେ ।୧
ଅଙ୍କେ ସୁରତାନ୍ତେ      ପହୁଡ଼ାଇ ମୋତେ
ନିଶିଯାକ ବସିଥାଉ ଜଗିରେ ।୨
ଦୁରୁ ମୋତେ ଚୁହିଁ      ହସୁ ଚନ୍ଦ୍ର ମୁହିଁ
ମୁଖ ନାଗବଲ୍ଲୀ ଦେଉ ଫିଙ୍ଗିରେ ।୩
ଭଣଇ ଗୋପାଳ—      କୃଷ୍ଣ ବଂଶୀକୂଳ
ହେଜଲ ଓମାନ୍ଧପାରେ ଭୁରୁ ଭଙ୍ଗୀରେ ।୪

## ରାଗ ପୁନ୍ନାଗ—ତ୍ରିପୁଟା ତାଳ

କେ ମୁଁ କି ଜାଣଇ ମା । ଗୋଷ୍ଠ ଚନ୍ଦ୍ରମା ।
ତୋ ମୁଖରୁ ସିନା ଏବେ ଶୁଣୁଛି ମା । ପଦ ।
ଜାଣିନାହିଁ ଦେଉଳ ସହି ଆଜକୁ ବୋଲି
କୁଟିଳା କୁଟିଳାଙ୍କୁ ଡରି ।
ଗବାକ୍ଷର ମାର୍ଗର ସେ ନୀଳ ପୁରନ୍ଦର
ଲୁଚକି ଦେଇଛି ଥରେ ଅନାଇ ମା । ୧ ।
କଳଙ୍କ କି ମନ୍ତର ପଦ୍ମହ୍ରଦେ ମୋହର
ରହି ଦଶୁଛି ଦଶେ ଦଶେ
ପଳାଇଲେ ଆଗର ପଥ ଓଗାଳେ ମୋର
ଶ୍ୟାମ ସୁନ୍ଦର ଭୁଜ ପ୍ରସାରି ଦେଇ । ୨ ।
କଳନ୍ଦ ତନୟାକୁ କାଲି ଗାଧୋଇବାକୁ
ଗଲିବେଳେ ଏକା ହୋଇ
ପ୍ରତିଛନ୍ଦ ମୂରତି ପରହେଲା ପ୍ରତୀତ
ଦିଶୁଥିଲା ତ୍ରିଭଙ୍ଗ ଭଙ୍ଗିମା ହୋଇ । ୩ ।
କେଉଁଠାରେ ସଦନ ସେ କାହାର ନନ୍ଦନ
ଯାହୁଁ ଥିଲା ବେଣୁ ବଜାଇ
ଗୋପାଳ କୃଷ୍ଣ ଭଣେ ପ୍ରାଣନାଥ ହେବେ ସେ
ଲୋଡ଼ା ଲାଗିଲାନ ଦୂତି ତୁମ୍ଭ ପାଇଁ । ୪ ।

## ରାଗ କାମୋଦୀ—ତ୍ରିପୁଟାତାଳ

ଯାହୁଁ ନାହିଁ ସରକରି କହୁଛି କି କଥା ହେଲେ
ମୋତେ ସବୁ ଦିନ ପରି । ପଦ ।
କ୍ଷଣେ ନପାଇ ଦେମା ଭେଟ ବାହାରେ ରହିଲେ ଘଣ୍ଟ
ଦରଜା ଜଗୁଛି କାଠ କବାଟରେ ଅପସରି । ୧ ।
କେତେ ମୁଁ ମନ ମିଶାଇ ଡାକିଲେ ଗୁଣ ପକାଇ
ରହି ନରହିଲା ହୋଇ ଆଶୁଛି ନୟନକୁ ବାରି । ୨ ।

ସୁମନ ଗୁନ୍ଥି ସ୍ତବକରେ        ବାନ୍ଧଥିଲା ପଣନ୍ତରେ
ସଖୀଙ୍କ ନେଇ ରହସରେ ଦେଇ ପଠାଇଲା ଠାର । ୩ ।
ଗୁରୁଜନ ପାଶେ ଜାଣି        କରଜା ପଦ୍ମଢ଼ ରାତି
ଯାକ ରହିଥିଲା ଚେତି ମୋ ଗୁଣ୍ଠି ଶେଜ ସୁମର । ୪ ।
ଗୋପାଳକୃଷ୍ଣ କଥନ        ସେ ଜୀବନର ଜୀବନ
ସେ ଲୁଆଁଇଲେ ଲପନ କେଶ୍ବ ରହେ ଧଣି ଧର । ୫ ।

—*—

## ରାଗ ଝଂଜୋଟି—ରୂପକ ତାଳ

ପ୍ରାଣ ସଙ୍ଗିନି ରେ ଦେଖିଆ ।
ବ୍ରଜ ରାଜ ତନୁଜ ଭଙ୍ଗୀକି ନଚ୍ଛଇବାର ଭ୍ରୂରୁ ଭୁଜଙ୍ଗୀ କି ।
ଗୁନ୍ଥି ନ ଗୁନ୍ଥିଲା—        ପରି ଖେଳାଇ ଡୋଳା
ଶ୍ରୁତି ପଥରେ ଥକାଇ ଦେଉଛି ନବରଂଗିଆ । ୧
ଅଧରେ ନବେଶି        ରମଣୀସ୍ଥ କରି ବଂଶୀ
ବଜାଇ ଆସୁଛି ସେ ଶିଖଣ୍ଡ ଉତ୍ତମାଙ୍ଗିଆ । ୨
ପୀତବାସ କାଛି        ପିନ୍ଧିବାର ନୁହଇ ମୂରୁଛି
ନାଗୀମନ ନଳନର ସୁନ୍ଦର ମଦ ଭୃଙ୍ଗିଆ । ୩
ଆହ୍ନା କି ମଧୁର        ମନ୍ଦହା କି ସୁଧାର ଧାର
ସ୍ମରଶାଣ—ରସାଣିତ—ବରଛି ଅପାଙ୍ଗିଆ । ୪
ଗୋପାଳ କୃଷ୍ଣ ସେ        ସୁଖ ସୁଧାବ୍ଧିରେ ଭାସେ
ଆସି ଭେଟହେଉ ଶ୍ରୀରାଧା ସେ କଷ ଶୃଙ୍ଗିଆ । ୫

## ରାଗ ଆନନ୍ଦ ଭୈରବୀ—ମିଶ୍ରରୂପ ତାଳ

(ମୋହନଙ୍କୁ ଚୁମ୍ବିବ କି ସେ ରାଧା ଭୁଲାଉଛୁ—ବୁଝେ)

ତାଙ୍କୁ କେ କି କଜ୍ଜ୍ବଳ ଦେଲା ମୋ ନାଉରେ ଲଗାଇ । ପଦ

ମୋ ଲୋଚନକୁ ସୁମନା　　　　ହେଲା କି ଯୋଗୁ ବିମନା
ଦୃଷ୍ଟିକି ଚାହାଁରେ ଯେ ଥାଇ ଜଗାଇ । ୧

ମୋ ଲାଗି କୁସୁମ ମାଳା　　　　ଦେଖି ଆଳୀ କରେ ବାଳା
ମଉଳ ଗଳାକ ବୋଲି ଦେଲା ଫିଙ୍ଗାଇ । ୨

ମୁଁ ଜଗିଛୁ କୋଲ ସଖୀ　　　　ତାର କହନ୍ତେ ସୁମୁଖୀ
ମଥା କଂପାଇ କଂପାଇ ଦେଲା ଫିଙ୍ଗାଇଁ । ୩

କି ଗୂଢ଼ ଗଲା ସତରେ　　　　ତା ଶତ୍ରୁ ଚୀନ ଚେଳରେ
ପ୍ରେମ ମଞ୍ଜିଷ୍ଠା ରଙ୍ଗ ମୁଁ ଥିଲି ରଂଗାଇ । ୪

ଗୋପାଳ କୃଷ୍ଣ ଭଣଇ　　　　ଆସ ସଜନ ଜଣାଇ
ଯୋଗୀ ହୋଇ ବୁଲୁଥିବ ତା ଗୁଣ ଗାଇ । ୫

## ରାଗ ଆନନ୍ଦ ଭୈରବୀ—ଏକତାଳ

ରସ ସରସି ହଂଶୀ ହେ ରେ ଥରେ । ପଦ

ପ୍ରାଚୀର ପ୍ରାଚୀ ଅଚଳେ　　　　ଶ୍ରୀମୁଖ ଚନ୍ଦ୍ରମା
ପୂର୍ବ ପର କରଅ ଉଦେ ରେ । ୧

କଥା ଶିଖାଇଲା ପର　　　　ସାଗ୍ରିକ ସୁଧୀର
ଶୁକ୍ତ ହେଲେ ବଚନ ପଦେରେ । ୨

ମାଗୁଣି ମାଗୁଛି ଏତେ　　　　ଊକାଇଲା ଶ୍ରୀମୁଖ
ଲେଖା ହେଲେ ଯାଚକ ପଦେରେ । ୩

ଦେଖିଲା ଉତ୍ତରୁ ତୋତେ　　　　ଯାଉ ପଛେ ପ୍ରାଣ
ଦାରୁଣ ମଦନ ବିପଦରେ । ୪

କହଇ ଗୋପାଳ　　　　ପଞ୍ଚନାସ୍ଥିକ ଧନ
ଅନା ଆସି କରୁଣା ହୃଦରେ । ୫

## ରାଗ ବସନ୍ତ—ମିଶ୍ର ଚାପତାଳ

ମଜ୍ଜା ମଜ୍ଜାଇଲି ନ ଯାଇ ହଜାଇଲି ଲଜ୍ଜାକୁ ଜାଣୁ ମଣିକ ରେ ।ପଦ

ଏ ମଧୁର ନଶାରେ ବିରହ ଦଶାରେ
ପ୍ରାଣ ଧରିବ କେହ୍ନେ ବାଣ ସ୍ମରର ସହ୍ନେ
ଖାଣ ନ ବସେ ତେଣିକରେ । ୧

ତେଜୁ ନେହୁ ବାରି ହେବନି ଧିକ୍କାରି
କ୍ଷମା ତ ବଶୁଥିବ ଯାମକ ଯୁଗ ହେବ
ତାମରସ ଈକ୍ଷଣୀକ ରେ । ୨

ଅରଜିଲି ନିନ୍ଦା ବରଜିଲି ଫନ୍ଦା
ଆଶୀବିଷ ପୋଷିଲି ନାଶି ସୁମନ ବଲ୍ଲୀ
ଆସି ଉନ୍ମିଳି ଏଣିକ ରେ । ୩

ମନେ ମନେ ମୋତେ ଲୋଡ଼ୁ ଥିବ କେତେ
ଆଜି ଦେଖିବ ମୁହିଁ ବାଜି ମାରଇ ସହି
ଆଜି ପ୍ରାତଃ ସ୍ମରଣୀ କ ରେ । ୪

ଗୋପାଳ କୃଷ୍ଣର ବାଞ୍ଛା କରିବାର
ସୁକୃତର ଫଳ କି ସତେ ଲଭ୍ୟ ହେବ କି
ଦେଖି ସୁରୁରୁ ବେଣୀ କି । ୫

---

## ରାଗ ସାବେରୀ—ମିଶ୍ର ଚାପତାଳ

( ଗଲ୍ପଣିତ ଗଲ୍ପ କଥାରେ ସଂଗୀତ—କୃତ୍ତେ )

ବାରି ନୁହେଁ ନାସ୍ତି ମନଟରେ ନାଗରି !
ଅସାଧାରଣ ତାଙ୍କ ପ୍ରେମା ଚରଣ
କ୍ଷଣକୁ କ୍ଷଣ ନୂତନ ରେ । ପଦ

ପୁରୁଷଙ୍କୁ ବପୁ ପ୍ରାଣ ସମର୍ପଣ
କରିଥାନ୍ତି ରଜନୀରେ
ବାସରେ ମଦନ ଦହିଦେଲେ ହେଲେ
ଅନାନ୍ତି ନାହିଁ ହେଳା:ରେ । ୧

ପାଶେ ରହି ଜନେ ଡାକଲେ ନ ଶୁଣନ୍ତେ
                    ଯା ପ୍ରେମ ଭକ୍ତ ମାନସେ
ତାଙ୍କୁ ପୁରତରେ ଦେଖିଲେ ପଳାନ୍ତି
                    କାହିଁ ପାଇଁ ଧନା ଦୋଷେ । ୨
ଲକ୍ଷା ଲେଖି ଦେବ ବୋଇଲେ ଓଲଗି
                    ପକାନ୍ତି ଆପଣା ଆନ
ମାନ କଲା କାଳେ ଚରଣେ ପଡ଼ିଲେ
                    ନୁହନ୍ତି ଲବେ ପ୍ରସନ୍ନ ।୩
ପୁରୁଷାର୍ଥିରେ ଅବାସତକୁ ଶୋଭା
                    କରନ୍ତି ଦରଶନକୁ
ଏଥୁ ଆନ ବେଳେ ନ ଦେଖାନ୍ତି ପଦ
                    ଅଙ୍ଗୁଷ୍ଠି ଅଗ୍ର ଭାଗକୁ ।୪
ହୃଦେ ଥାନ୍ତି ଜଡ଼ ନାଶି ବେନ ଘଡ଼ି
                    ଥାଉ ଚଳନ୍ତି ଉଠିବସି
ଗୋପାଳ କୃଷ୍ଣ ଭାବର ଯିବା ବେଳେ
                    କହନ୍ତି ମାଡ ଆଶ୍ବାସି । ୫

## ଅଭିଷ୍ଟ ଲାଳସା

### ରାଗ କଲ୍ୟାଣୀ—ରୂପକତାଳ

( ଗତି ପାଇଗଲି ଯେ ହାତି ବୁଡ଼େ )

ବ୍ରଜ ଜନ ନେତ୍ର ସଂପତ୍ତି । ହା ନନ୍ଦିତ କୁଂଜ ଗୃହ ଦମ୍ପତ୍ତି । ପଦ
          ଦିବ୍ୟ ରତ୍ନ ପୀଠ ପକାଇ ।
          ଗୋଷ୍ଠେନ୍ଦ୍ରଙ୍କୁ ଭଜେ କରାଇ ।
     ନେଇ ବାଡ଼ିବା ସୁବର୍ଣ୍ଣ ପାତ୍ରରେ
               ସୁଧା ସ୍ଵାଦୁ ଭୋଜ୍ୟ ହା ରସବତୀ । ୧

କରୁ ଜୀବ ବଂଧୁ ଅଶନ
ହା ହା ସେ କାଳର ପ୍ରସନ୍ନ
ରସବତୀ ଦ୍ୱାର ପାଶୁ ଚଳବାର
ଚେଉଜ କଶବାକୁ ଶ୍ୟାମୁର ବତୀ । ୨
ହେଜି ଏକା ଘୂରି ନୟନ
ଲାଜ ହାସ ଭ୍ରୁରୁ କୁଂଚନ
ବେନ ବଦନ ହା ହା କି ସେ ଶୋଭନ
ହେଜି ଲୁହା କୁହ୍ନି ଧୀର ଗାରଣୀ । ୩
ପର କେଷଣ ବଡ ଚମତ୍କାର
ଯହିଁ ରମା ଉମା ବଧୂର
ହଗିଯିବ ସେହ୍ନକ୍ଷଣି ପୁର୍ଗତନ
କୁଟଂମ୍ବିନୀ ନୟୁଣେତା ଉନ୍ମତ । ୪
ଅଶାନାନ୍ତରେ ଆଗମନ
ଦେଇ ପୋଛୁବାକୁ ବଦନ
ନଜ ଚେଲାଞ୍ଚଳ ବଢ଼ାଇ ଦେଲାର
ତ୍ରିଭୁବନ ଶୂନ୍ୟ ପ୍ରଣୟ ଗୀତ । ୫
ପଲଙ୍କରେ ପ୍ରିୟ ଅଂକରେ
ବସି ତାମ୍ବୁଲ ସେବ କରେ
ଯାଙ୍କି ପ୍ରାଣନାଥ ମୁଖେ ଦେବା ଶୋଭା
ଆହା ସେ ସଂକଳ୍ପ ଶିଖ ମୂରତି । ୬
ଆସି ଆପଣାର ଆଳୀଙ୍କି
ଡାକ ବସାଇ ମଣୋହକ
କାନ୍ତ ଅବଶିଷ୍ଟ ଅଶନକୁ ଜାତ
ହରଷ ଧରିବ କି ବସୁମତୀ । ୭
କେତେ ଦିନରୁ ମନୋରଥ
ଆଜ ହୋଇଲା ତପ ତେ ସାର୍ଥ
ବୋଲୁ ଲଳତା ହୃଦେ ରାଧା ଆଜିକ
ଲାଜେ ହସିବାଉ ବଦନ ପୋତ । ୮

ଅଦ୍ୱିତୀୟ ପରମ ତତ୍ତ୍ୱ
ପରମାନନ୍ଦ ସାରସତ୍ତ୍ୱ
ନିତ୍ୟ ସନାତନ ସର୍ବଦା ନୂତନ
ବୃନ୍ଦାଟବୀ ପ୍ରାଣ ପ୍ରେମ ବସନ୍ତ । ୯
ଆଳୀ ସହ ସ୍ୱାଦୁ ଭୋଜନେ
ଆଚମନ ତାମ୍ବୁଲାଶନେ
ଶ୍ୟାମ ଶ୍ରୀମୁଖକୁ ଶ୍ରୀମତୀ ଚକିତ
ସ୍ୱ ସ୍ୱ କୁଞ୍ଜକୁ ଯିବାର ସଖୀ ସଂହତ । ୧୦
ତା ସାଙ୍ଗ ଗୋପାଳ କୃଷ୍ଣର
କେବେ ହେବ ଦୃଷ୍ଟି ଗୋଚର
ଶ୍ରୀ ରୂପ ମଞ୍ଜରୀ ଦେବେ କୃପାକର
ସେ ଅନ୍ତେଶେଷ ଲଭ ହେବ ଶ୍ରୀପ୍ତ । ୧୧

—*—

## ରାଗ ପୁନ୍ନାଗ ବରାଡ଼ି—ମିଶ୍ରରୂପ ତାଳ

(ଆହା କି ଗଳ୍ପରେ କି ସ୍ନେହ କେତେ ଦୂରକୁ—ବୃତ୍ତେ )

ପ୍ରାଣ ମିତଣୀରେ ଫିଟାଇ କହକୁ ମତ୍ତା ।
ତୋତେ ମୋହନଙ୍କୁ ବନ୍ଦ କରଥିଲା କୁଞ୍ଜେ କେଉଁ ସୁନ୍ଦର ରାଜା । ପଦ
ଚଳପାଙ୍ଗି ପ୍ରଚଳାକ ମୁକୁଟକୁ ଭେଟ ହେଲୁ କେଉଁଠାରର
କି ଲଟରୁ ତାଙ୍କ ଉତ୍ତରୀୟ ପୀତବନ୍ଦ ବନ୍ଧିଛୁ ଅଙ୍ଗରେ । ୧
ଫୁଲ ତୋଳୁଥିଲୁ ପଲ୍ଲବ ଅଧର ଏବେ ଆଳୀ କହୋଜରେ
କେ କହିଲା ଗଣ୍ଡ ମଣ୍ଡଳେ ତାମ୍ବୁଳ ବୋଳ ମକରୀ ଉପରେ । ୨
ଲବ ମିଥିଲ ନୋହିଥିଲୁ ସଜାଡ଼ି ଥିବାର ସଜ ସାବତ
ମଦ କୁଞ୍ଜର କରଙ୍କକ ପରାଏ ହୋଇଛୁ ତ ଅସ୍ତବ୍ୟସ୍ତ । ୩
କଟେଶୀ ମୁକୁଟ ମଣି ମୋ ମୁହଁକୁ ରହୁଁ କନା ସରିକର
ଲାଗକୁ ଆସ ବନ୍ଦୁ ବନ୍ଦୁ ମୁଖରେ ଝରଛୁ ତ ଶ୍ରମବାରି । ୪
କୁଞ୍ଜ ଲତାକୁ ହସିଣ ଶ୍ରୀ ଲଳିତା ଘେନିଛୁ କେ କହିଲୁନ
ଗୋପାଳ କୃଷ୍ଣ ଭଜେ ରାଧା ପଦାବ୍ଜେ କୁସୁମ ବ୍ୟଞ୍ଜନ ଘେନ । ୫

—*—

## ରାଗ ଭୈରବୀ—ମିଶ୍ର ରୂପତାଳ

ଛଳିଲ କର ଚୁମ୍ବରେ ପଡ଼ିଲି
ଛନ୍ଦ ହେଲ ପଦ ଚୋଟେ ଲେଉଡ଼ିଲି । ପଦ ।
ଆଗେ ଗଲା ଇଂଦୁଲେଖା ପଛେ ରହିଲା ବିଶାଖା
ଏକାକିନୀ ଜଳଧିରେ ବୁଡ଼ିଲି । ୧ ।
ଦମ ଦମ ହେଲା ଛାତି ଖସିଗଲା ଗୋ ମୋ ଧଣ୍ଡ
କହିବାର ଧାରଣା ମୁଁ ହୁଡ଼ିଲି । ୨ ।
ରୋମାଞ୍ଚିତ ହୋଇଗଲି ଛୁଆଇଁ ଦେଇ ମୁରଲୀ
ହସି ଦନ୍ତେ ଦନ୍ତ ବାସ ଭିଡ଼ିଲି । ୩ ।
ଥର ଥର ପ୍ରାଣମିତ ପାଣିକି କୋଉକା କୃତ
କରି କେତେଥର ଶିରେ ଯୋଡ଼ିଲି । ୪ ।
ଗୋପାଳକୃଷ୍ଣ ଭଣିଲ ହେଟି କୁଟିଳା ଆସିଲା
ବୋଲି ଗଲେ ଏଣିକି ବାହୁଡ଼ିଲି । ୫ ।

—*—

## ସ୍ୱାନୁଭୂତି

## ରାଗ ଝଂଜୋଟୀ—ତାଳ ମିଶ୍ରରୂପ

( ମୋହନ ନୟନାଞ୍ଜନ ନାଚଲରେ—ବୃତ୍ତେ )

ମାନସରୁ ଯିବନି ସେ ଭାବନା । ପଦ ।
ବ୍ରଜେନ୍ଦ୍ର ଅଗେ ଜଣେ ସଖୀ । ଉଭାହେବାର ମାଟେ ସ୍ଥି
ମଧ୍ୟାହ୍ନରେ ମାଧବୀ ମଣ୍ଡପର ଘଟଣା । ୧ ।
ଦରାବୃତ ଉପକରଣ । ଚନ୍ଦ୍ରତଟ ଆବରଣ
ପଦଅଙ୍ଗୁଳି ଜ ଘସି ବୁଲାର ବଞ୍ଚନା । ୨ ।
ସୁମନ ପିନ୍ଧାଇବାକୁ । ପ୍ରିୟ ପାଶୁ ଶ୍ରୀମୁଖକୁ
ଗୁହ୍ମି ଲଜେ ବଂଚିଲାର ଦଶନେ ରଦନା । ୩ ।

କଉସ୍ତୁଭ ସୀମନ୍ତକ । ଯୋଗ ହେଉ ଦୁଇଯାକ
ଯେ ଢଳେଇକନ୍ତି ସେ ଶୋଭା ଜାଣିବ ସେ ସିନା । ୪ ।
ସଦନା ନନ୍ଦନା କୁଞ୍ଜ କାନ୍ତ ଘାଖୁଣ୍ଡାର ସେଜ
ଗୋପାଳ କୃଷ୍ଣ ସଧୀରେ କଲାର ରଚନା । ୫ ।

## ରାଗମୋହନା—ରୂପକ ତାଳ

ଯିବ ପରା ଚରଣ ସଙ୍ଗିନୀ ଉଠିଆରେ
ବଂଶୁଥିବ ଶ୍ୟାମ ବାମ ପାଶ ପଡ଼ିଆରେ । ପଦ ।
ବ୍ରଜ ହାଟ ବାଟ ହେଲାଣି ନସ୍ତାଟ
ଜଗିଥିବେ ବ୍ରଜବଧୂ ନିକୁଞ୍ଜ ଦୁଆରେ । ୧ ।
ପବନେ ପଲ୍ଲବ ଚଳିଲେ ମାଧବ
ପଥ ଚାହିଁ ଛନ୍ତି ଧରି କେଶର ପୁଆରେ । ୨ ।
ଆଜ ହେବା ସଜ ପରିହରି ଲାଜ
ନଅଁଛୁଇ ହେବେ ହୋଇ ପଦ ତଳଆରେ । ୩ ।
ଅନା ଉଷଧୀଶ ହେଲାନ ପ୍ରକାଶ
ଶୁଣୁନାହୁଁ ଅଳନ୍ତ କୁଞ୍ଜେ ଏକୁଟିଆ ରେ । ୪ ।
ଯାମ ହେଲା ଆସି ଉପାଉନ୍ଥି ବସି
ଭକ୍ତୁ ଭକ୍ତୁ ଡାକବ ତ କୁକ୍କୁଟ କୁଆରେ । ୫ ।
ଆଳୀ କର ଧରି ଚାହିଁ ଶ୍ରୀ କଶୋରୀ
ଗୋପାଳକୃଷ୍ଣ ଭାବେ ହେଟି ସେ କଳ୍ପ୍ୟାରେ । ୬ ।

## ରାଗ କୀରବାଣୀ—ରୂପକ ତାଳ

( ଶ୍ୟାମ ପ୍ରୀତିରେ ଉସାଇ—ବୃତ୍ତେ )

ଏତେ ଦୁଃଖ କାହିଁକି ? ପ୍ରାଣ ସଙ୍ଗିନି ମୋ ସ୍ମର ପାଇଁକି । ପଦ ।
ବ୍ରଜରେ ସକଳପଙ୍କଜ ମୁଖୀ ବ୍ରଜ ନାହାନ୍ତି ମୋ ଭଙ୍ଗି କଳକି
ନୀରଜବନ୍ଧୁଜା ତୀର କୁଞ୍ଜବନ ଦୂରରୁ ଝୁରିଗଲା କି ? ୧ ।
ଅଳକାବୃତ୍ତ ନଟିଲ ତିଳକକୁ ଗୋରଚନା ନ ମିଳିଲା କି
କଳାପି କଳାପ ଅପୂର୍ବ ହେଲାନା ବଂଶୀ କେ ନେଇଗଲା କି ? ୨
ଶାଖୋଟ କାନନ ସନ୍ଧ୍ୟା ପଦ୍ମା ଆଜ ଆସିନାହିଁ ଫଗାଲୁକି
ପଞ୍ଚାଣର ସମ ଚନ୍ଦ୍ରାବଳୀ ପ୍ରେମ ଏତେ କେବେଁ ଖାଜିଗଲା କି । ୩ ।
ଗାଇଶିବ ମାପମଞ୍ଜରୀ କୃଷ୍ଣଲୀଳାମାଳା ହେଲେ କେ ନ ଦେଲେ କି
ନଟବର ବେଶ ଧେନୁ ପଞ୍ଚଲହ୍ୟ ମନରେ ନ ପଡ଼ିଲା କି ? ୪ ।
ବ୍ରଜରେ ଅଚ୍ଛିତ ଆଜ କେଶେ ଲୋକାତୀତ ହୋଇ ଝରିଗଲା କି
କେବେ କେତେବେଳେ ଅରେକେଉଁଠାରେ ବିଲୋକିଲେ ନୋହିଲା କି ୫
କୋଟିଏ କୋଟି ମଦନ ନମିଞ୍ଜନ ହୋଇବେ ପଦ ସରିକି
ରମାଦି ଅଖିଳ ରମଣୀ ଦେଖିଲେ ଲୋଭାଇବେ ଶ୍ରୀମୂର୍ତ୍ତିକି । ୬ ।
ଆସି ଲଳିତା ଭାଷିଲେ ବୃଜ ଦୁଃଖ ଶୁଣିବାକୁ ଆଜ ଥିଲା କି
କୋଲୁ ଗୋପାଳକୃଷ୍ଣ ଫେଡ଼ି ଧରିଲା ପଦ ନୂପୁର ଦୁହିଁକି । ୭ ।

—*—

## ରାଗ କାମୋଦ—ମିଶ୍ରରୂପ—ତାଳ

( ନାଗରବର ପ୍ରେମ ନିରେଖି କରି—ବୃତ୍ତେ )

କେତେ କହିଲେ ତୋତେ କଶୋଷ ମଣି
ପ୍ରତେ ନକର କୋଇଲୁ ଯେ କେ ଜାଣି ।ପଦ।
ସଦବା ସୁପ୍ରସନ୍ନ ସଜ କଞ୍ଜ ଲପନ
ଶୁଖାଇ ନୟନରୁ ପୋଛିଲୁ ପାଣି ।୧
ସୁନ୍ଦର ପୁରନ୍ଦର ମୁକୁଟ ଅଳଙ୍କାର
ହେଲେ କି ଅଦେ ସତ ନାହିଁ ତା ବାଣୀ ।୨

ଅଦ୍ୱିତୀୟ ବିଦଗ୍ଧ ଧୀର ଶୀଳ ସୁସ୍ନିଗ୍ଧ
ହୋଇ କି ହେବ ଜାର-ବର ଅଗ୍ରଣୀ । ୩
ସାଜ ସେ ପରସଙ୍ଗ ବୋଲି ଦମ୍ଭରେ ଅଙ୍ଗ
ଲଙ୍ଘି ହେଲୁ ନାହିଁକି ଜ୍ୟୋତ୍ସ୍ନାକୁ ଆଣି । ୪ ।
ମନକୁ ନ ଆସିଲେ ଅସାର ଭଲଦେଖିଲେ
ବୋଲି ଭଟିଗଲୁ ରେ ପ୍ରାଣମିତଣି । ୫ ।
ଆସ ଆସ ଉଚ୍ଛୁର ହେଲାଣି ଅଭିସାର
ବାଳ ଆଗ ସଜାଡ଼ି ଦେବି ମୁଁ ବେଣୀ ୬ ।
ହେଲାଣି ହେଲାକଥା ହୋଇବ କି ଅନ୍ୟଥା
ଗୋପାଳକୃଷ୍ଣ ଶ୍ରୀ ଲଳିତାଙ୍କୁ ଭଣି । ୭ ।

—*—

## ରାଗ ଖମାଚ—ରୂପକ ତାଳ

ମୋହନ ପ୍ରସଙ୍ଗ ସଙ୍ଗିନ ରେ ଆଉ କହନା
ଅଭିଳଷ ଅନଳରେ ସମିଧ ଦେଇ ଦହନା । ପଦ ।
ପୁଣି ମୁଁ ଆଶା କରବ ବୋଲି କି କଷ୍ଟକୁ ସହବ
ଶୁଖିଗଲା ଅଗାଧ ତରଣି-ସୁତା ପ୍ରବାହନା । ୧ ।
ଶାଶୁ ନଣନ୍ଦ ଭର୍ତ୍ସନା ସ୍ୱବନ୍ଧୁ ଜନ ତର୍ଜନା
କେତେ ସୁହାଇବ ତନୁ ଶିଳା ମୁଁ ମହୀରୁହ ନା । ୨ ।
କୁମୁଦିନୀ ଗୋପିବ୍ରଜ ବ୍ରଜବଧୂ ସେ ସହଜ
ସେ କି ତୃଷିତ ଚାତକ ମୁଁ ନବ ବାରିବାହନା । ୩ ।
ଲୁଚାଇ ଜାତି ନାଶିଲି ଅଲଂଘ୍ୟ ସୀମା ଲଂଘିଲି
ବାସ ପ୍ରସାର ମାଗୁଛି ସରି ଗୋ ମାସେ ସ୍ନେହନା । ୪ ।
ଗୋପାଳକୃଷ୍ଣ ଭାଷିତ ଶ୍ୟାମ ଲଳିତା ଏକାନ୍ତ
ହେଉଛନ୍ତି ପ୍ରାଙ୍ଗଣରେ ମାନସରେ ସଂବେଦନା । ୫ ।

—•—

## ରାଗ ଝଂଝୋଟି—ମିଶ୍ରରୂପ ତାଳ

( ମୋହନ ନୟନାଞ୍ଚଳ ନାଚଇ—ବୃତ୍ତେ )

କହ ସହଚରୀ କରନାହିଁ କି । ଘୋଷା ।

ଉଷ୍ଣ ଶ୍ୱାସରୁ ଅଧର    ରଙ୍ଗ ହୋଇଲା ବଦୁର
ଯୋଗମଥା ନେହ ମୁଁ ଚେ କାରକ । ୧ ।
ଧରା ଭୂଷାର ସେବକ    ବୋଲି ମୁଁ ଯେ ପଡ଼େ ଡାକ
କଣି ବ୍ରହ୍ମଲୋକ ଭେଣି ପାରକ । ୨ ।
କଣା ଜନରେ ଦୋଷକୁ    କଲେ କି ଲଭେ ଯଶକୁ
ତରଳିବା ଥରେ ନପରୁଁରକ । ୩ ।
ଯେ ଯିନା ଦେଲା ବଶୋଶ    ପାଶୋରନ୍ତ ମୁଁ କି କରି
ମୋ ନାମ ପଡ଼ାଇବାର ସାଖୀକ । ୪ ।
କଳଙ୍କ ଯେବେ ଦୋଷକୁ    ଅଙ୍କୁକିସ ପାଂଚିବାକୁ
ମାରୁ ଅଙ୍ଗେ କରଜ କଟାକ୍ଷକି । ୫ ।
କହିବୁ ଏତୁ ଉଦନ୍ତ    ଥାଉ ନୟନାନ୍ତ କୁନ୍ତ
ସମର୍ପିଲୁ କିମ୍ବା ଶମ୍ବରାରିକି । ୬ ।
ଗୋପାଳକୃଷ୍ଣ କହଇ    ମଣ୍ଡିରେ ତା ବନା ହୋଇ
କେ ଶୁଣିବା ଅଛି ମୋ ଗୁହାରିକି । ୭ ।

—*—

## ରାଗ ମୁଖାରି—ମିଶ୍ର ଚାପତାଳ

କୋପାଇଲା ନଯ ଯେ କି ପାଇଲା ମା ।ପଦ।

ଆନ ମାନଙ୍କ ପରି    ରାଧାକୁଞ୍ଜ ବହାରୀ
ପୀରତି ବୋଲି ପରା ମଣିଲାରେ,
ପରମାନନ୍ଦ ରୂପରୁ    ଜାତ ପରମ ପ୍ରେମ
ସୁଧାବ୍ଧି ପଶେ ତୃଣ ଜାଳିଲାରେ ।୧
ଶୁଣି ଯା ନାମଲିପି    ନୟନେ ଲୁହବ୍ୟାପି
ଯାଉ ନିକଳୀ ବୋଲି ହୋଇଲାରେ,

ତା ଆଳୀ ଅଳନ୍ଦର    ତଳେ ମାଳମଣିର
ଯଷ୍ଟି ପଣ ମୋହନ ଗଡ଼ିଲରେ ।୨
ପୂଟ ପୁରଟ ଘର    ଉଚ୍ଛୁରତ ଆଭର
ନରଭ-ସନ୍ଧି-ସ୍ନେହ ବଢ଼ିଲା ରେ,
କୂଟ କପଟ ଯାକ    ସରସ ସୁବେଳେକ
ପଣ କ୍ଷଣକେ ଜଣା ପଡ଼ିଲାରେ ।୩
ଦେଖିବ ଆସିଥାଉ    ଆଉ ଘଡ଼ିଏ ଯାଉ
ରାସାବସାନେ ହଂସଜା ବେଳାରେ,
କିଶୋର ଚନ୍ଦ୍ରମାର    ବୃଷଭାନୁ ଜେମାର
ଅପଡ଼ ହୋଇବାର ତା ବେଳାରେ ।୪
ଗୋପାଳକୃଷ୍ଣ ଭାବେ    ଲଳିତା ଶ୍ରୁତି ପାଶେ
କି କହିଲେଟି ହେଲେ ହସିଲରେ,
ବଢ଼ାଇ ଫୁଲତୋଳା    କରଜୟନ୍ତି ମାଳା
ଗୁନ୍ଥିବାର ଉଦ୍ୟମ ଲାଗିଲାରେ ।୫

## ରାଗ ନାଟ କୁରଙ୍ଗୀ—ରୂପକତାଳ

( ସଖି ଏଇଟି ପଶୁପି ଲମ୍ପଟିଆ—ବୃତ୍ତେ )

ଦୁଃଖ ସିନ୍ଧୁରେ ବନ୍ଧୁ ଯାଉଛି ରେ ଭାସି ।ପଦ।
କହିଲ ଶିରୀଷ ଦେହା    ପଙ୍କେ ବୋଲବୁଟି ଆହା
ମଦନ କୁମ୍ଭୀର ଦେଲେ ଗ୍ରାସି ।୧
ନିକଟରେ ଉପୁଡ଼ାଇ    ଝଅନାରେ ଫୋପଡ଼ାଇ
ପାଳି ପ୍ରେମ ଅମର ପନଶୀ ।୨
ତୋର ବୋଲି ଏଜଗତେ    ନଚିହ୍ନିବେ କ ଅଚ୍ଛିମୋତେ
ନିନ୍ଦା ଘଡ଼ିସିବୁ ପିକଭାଷି ।୩
ଶାବଯିବାର ଆଖର    ହେଲାନି ରସିକାବର
ଦଶା ମୁଖଶଶୀ ଥରେ ଆସି ।୪
ଗୋପାଳକୃଷ୍ଣ ନା ଲୁକା-    ନାରେ ତୋ କୃପାନଉକା
ପକାଇ ଉଦ୍ଧର ଦରହାସି ।୫

## ରାଗ ସାବେରୀ—ମିଶ୍ର ରୂପତାଳ

( ଜଣା ପଡ଼ିଲାରେ ବଣାମୃଗାକ୍ଷି ତୋ ଛଳ—ବୃତ୍ତେ )

ଆହା କି ଗଳ୍ପରେ କି ସ୍ନେହ କେତେ ଦୂରକୁ
ଦାରୁଣ ଦଇବ କଣେ ଅଦୃଷ୍ଟକୁ ହେଲେ ଥରେ ବୁଝିବାକୁ ।ପଦ।
ଗ୍ରୀଷମ ଋତୁ ଦିବସ ଦ୍ୱିଯାମରେ ଦ୍ୱିମଣି ତୃଷ କାରଣେ
ପଦ ତଳେ ରଖି ପଣନ୍ତ ମୋ ଭାଇ ବଳେଇକୁ ଥାଉ ପ୍ରାଙ୍ଗଣେ ।୧
ଠାର ଦୂତିଙ୍କ ପଣ୍ଟରୁ ମୋ ସମସ୍ତ ଦେଖିନାହିଁ ସେ ଭାଷିଲେ
ଆଣି ନେବେ ପାଣି ଯାହା ହେଉଥାଉ କେ ଜାଣିବ ତା କହିଲେ ।୨
ବିଚ୍ଛେଦ ନୋହିବାକୁ ଯେତେ ବରତ କରିଛୁ ସୁଜାଣୁମଣି
ଥାଉ ଆଉ ନାସ୍ତି ପ୍ରତି ପାଳିବାର କର୍ଣ୍ଣରେ ନଥିବ ଶୁଣି ।୩
ନବ ପୁରୁଷ ନାସ୍ତି ଋଷି କସିବା ପ୍ରସଙ୍ଗ ପଦ୍ଧ ପଢ଼ିଇ
ଧଇର୍ଯ୍ୟ କେମନ୍ତ ଧରନ୍ତି ଗୋ ବୋଲି ଆଳିଙ୍କ ପଣ୍ଟରୁ ଥାଇ ।୪
ମାରଜକୁ ପଦ୍ଧ ନଶିରେ ଭଲେକେ ମାର ନୟନୁ ବୁହାଇ
ଶଙ୍କୁ ତୋ ଦନ୍ତ ନୋହୁ ବୋଲି ଗାନ୍ତେ ଗୋପାଳକୃଷ୍ଣ ଚୁମ୍ବଇ ।

—*—

## ଶ୍ରୀକୃଷ୍ଣ ଉକ୍ତି

ରାଗ—ସୁଖାବତୀ—ଆଦିତାଳ

( କି କହିବି ସେ ଘନ ଜଘନା ବେଦନା—ବୃତ୍ତେ )

କହରେ ସଙ୍ଗିନ କେ ସେ ନୂଆଁ ଲଳନା, ମୋତେ
କାନ୍ତି କୁଳ ଦେବତା କି କରି କଳନା । ପଦ
ଦଶ ଦଶ କାଞ୍ଚନାଭ ଦଶୁଛି ଏ କି ଦୁର୍ଲଭ
ଦଶାର୍ଦ୍ଧଶର କରିଛି ଏ କି ରଚନା ।୧
ଶୁଣ ନୂପୁର ସୁରତ ମଣି ଭୂଷାର ସିଂଜତ
ବ୍ରଜର ଲକ୍ଷ୍ମୀ ପରାଏ କର ବରଜା । ୨
ପରମ ଧାମର ଉଦ୍ଭୂତ କଳା ମୋ ନେଇ ସଂପତ୍ତି
ମୂର୍ତ୍ତିବନ୍ତ ହୋଇ ବଳସୁତ କି-ଅନା । ୩

ବୃନ୍ଦାରଣ୍ୟ ଜନଙ୍କର କୋଟିଏ କୋଟି ଜନ୍ମର
ଭାଗ୍ୟରାଶି ପରି ହେଉଛି ମୋ ଭାବନା । ୪
ଗୋପାଳକୃଷ୍ଣ ଭାଷଣ ସେ ନୂତନ ଉଣାରଣ
ରହୁ ଅଳପ ଦିନରେ ଚହ୍ଲିବ ସିନା । ୫

## ଗ୍ରାମ୍ୟ ରସ

ରାଗ ଝିଂଜୋଟୀ—ମିଶ୍ର ରୂପତାଳ

ବହ୍ନି ନାସା କରି ମୋତେ କାହିଁ ପାଇଁ ଗଢ଼ିଲ ରେ । ପଦ ।
ବଧୂ ନଶି ମଧୁକାଳ ବହନ୍ତ ଦକ୍ଷିଣା ନିଳ
ଏକାକିମା ନାରୀ ନାଶ ଦଶା ଆସି ପଡ଼ିଲ ରେ । ୧
ଏ ବୟସ ଅକାରଣ ଗଲରେ ସଜନ ଜାଣ
ବନର ମାଳତୀ ପରି ବନେ ଫୁଟି ଝଡ଼ିଲରେ । ୨
ନିତଦିନ ଭଣ୍ଡି ସହି ଭାଙ୍ଗୁ ଗଲ କାଳ ବହି
ମନର କଥା ମନରେ ରହି ଦେହ ସଢ଼ିଲରେ । ୩
ମୁଁ ହେଲି ପର ଆୟତ ସ୍ୱାଧୀନ ନୋହିଲ ଚିତ୍ତ
ମଦନ ହନ୍ତକ ଖୋଜ ଅନୁବ୍ରତେ ପୀଡ଼ିଲ ରେ । ୪
ଗୋପାଳକୃଷ୍ଣଙ୍କୁ ବେଳେ ଦେଖିବି ହୋଇଲେ ଢ଼ୋଳେ
କୁଳ ଭୟ ଲାଜ କ୍ଷଣେ ଚିତ୍ତରୁ ନ ଛାଡ଼ିଲ ରେ । ୫

## ରାଗ ମାୟାମାଳବ ଗୌଡ଼ା—ମିଶ୍ର ରୂପତାଳ

( ଏକ ପରମାଦ ଆସି ପଡ଼ିଲ ମା—ବୃତ୍ତେ )

ନୂଆ ସ୍ନେହେ ଯା ମୋ ଗୁଣ ଗୁଣି କରେ
କି ଛାଡ଼ି ଅଇଲ ମୁହିଁ ଏଣିକି ରେ । ପଦ ।
ନଆସେ ନିଦ୍ରା ପଲକେ ମୋ ହୃଦ ବନା ପଲଙ୍କେ
କରିଥିବ ଶଯ୍ୟା ସେ ଧରଣୀକି ରେ । ୧
ଲୋଟୁଥିବ କାମ ଶେଷ ଫିଟୁ ଖୋସୁ ଖୋସୁ କେଶ
ଆସି ଲୁହୁଁ ଥିବ ମୋ ସରଣୀକି ରେ । ୨

ଚିନ୍ତି ମୋତେ ମନେ ମନ ତଜାଇ ନିଶ୍ୱାସ ଧନ
ପୋଛୁଥିବି ପଦ୍ମ ନେତ୍ର ପାଣିକ ରେ । ୩
କି ଧରିବି ଧୃତି ବାଳା ସହଜେ ପ୍ରୀତି ବିହ୍ୱଳା
ମୁଁ ବସୁଥିବି ରହିଁଲେ ସେଣିକ ରେ । ୪
ଅବଧି ଦିନ ଗଣୋଇ ଭିତ୍ତି ନିକଟକୁ ଯାଇ
ଗଣୁଥିବି ପଦ୍ମ ଗାର ଶ୍ରେଣୀକ ରେ । ୫
ଗୋପାଳକୃଷ୍ଣ କହଇ ବିଦେଶୁ ମୁଁ ଫିବାପାଇଁ
ସହିଥିବି ଚମ୍ପା ଶୂଳ ପାଣିକ ରେ । ୬

## ରାଗ ଖମାଚ—ଆଦିତାଳ

( ନଭଙ୍ଗରେ ଶୁଭାଙ୍ଗି ଶରଣ ହୁଅ ସାହା—ବୃତ୍ତେ )

ମୋ ଦିନ ଯିବପରି ଏକା ଏହିପରି ଯେ
ପୁଣି ପଦ ସେବା ମୋତେ ଦେବେ କି କିଶୋରୀ ଯେ ?
ବୃନ୍ଦାରଣ୍ୟରାଜ୍ୟ ରାଜ୍ଞୀ କୀର୍ତ୍ତିଦା କୁମାରୀ
ପରାନନ୍ଦ ଶ୍ରୀ ମୂର୍ତ୍ତିଙ୍କି ସୁନ୍ଦରୁ ସୁନ୍ଦରି ଯେ । ୧
ଆହା ଶ୍ରୀରାଧିକେ ହା ସ୍ୱାମିନି ରାସେଶ୍ୱରି ।
ବୋଲି ବୋଲି ଯାଉନାହିଁ ଜୀବନ କାହାରି ଯେ । ୨
ବିଜେକଲ୍ପ ଶୋଭା ପ୍ରିୟ ହୃଦେ ଅପସରି
ଦିନେ ଦିନେ ଦିଶି ହୃଦ ହେଉଛୁ ବିଦାରି ଯେ । ୩
ଆହା କରୁଣା ବାରିଧି ନିକୁଂଜ ବିହାରି ହେ
ହା କଳ୍ପଲତା ଲଳିତେ ଶ୍ରୀ ରୂପମଞ୍ଜରି ଯେ । ୪
ଜଗତେ ଚିହ୍ନିଲେ ନ ବୋଲି ସାହା କିଂକରୀ
ଜନ୍ମିବି ସ୍ୱାମିନି ଆଜ୍ଞ କାହାକୁ ଗୁହାରି ଯେ । ୫
ଗୋପାଳ କୃଷ୍ଣକୁ ରହିଁ ମସ୍ତକରେ ଠାରି
ଡାକିଲେ ଉଷ୍ମା ହେବି କି ଗ୍ଳାମୁରେ ଗୁହାରି ଯେ । ୬

## ସାଧକର ଦେହୋତ୍ତ ଲାଳସା

### ରାଗ ଆନନ୍ଦ ଭୈରବୀ—ଆଦତାଳ

( ଅଳି ! କେଶର କୁଞ୍ଜରୁ—ବୃତ୍ତେ )

କେବେ ବେଳକୁ ଶ୍ରୀପଦାବ୍ଜ ଦର୍ଶିବ ସେ ।
ଲକ୍ଷ ଅଳି ସାଇ ସୁଖେ ବସିବ ସେ ।ପଦ।
ଶ୍ରୀ ଗୋବିନ୍ଦ ବକ୍ଷସ୍ଥଳ ସଂଯୋଗର ପରିମଳ
ତହୁଁ ଲଭି ଲୋଭେ ମତ୍ତି ରହିବ ସେ ।୧
ଗୋପେନ୍ଦ୍ର ନୟନ ଭୃଙ୍ଗ ସଙ୍ଗତରେ କରି ରଙ୍ଗ
ସ୍ନେହ ମକରନ୍ଦ କ୍ଷୋଦ ପିଇବ ସେ ।୨
ସୂକ୍ଷ୍ମ ଧୂଳି ପରାଗରେ ଲୋଟିବ ଅନୁରାଗରେ
ସୁରମ୍ୟ ମଧୁର ନାଦ କରିବ ସେ ।୩
ବ୍ରଜ ନବ ଯୁବା କର ଶ୍ରୀ କରେ ଚିତ୍ର କଳାର
ଯାବକ ପରିଧି ଯାକ ବୁଲିବ ସେ । ୪ ।
ସୌଭାଗ୍ୟ ରେଖାଦ୍ଧିଚିହ୍ନ ଚିହ୍ନିବ କରି ଦର୍ଶନ
ଭାବ ସୁଧା ବାରିଧିରେ ଭାସିବସେ । ୫ ।
ଅଶୋକ କଳିକା ବଳି ସୁସିଗ୍ଧ କୋମଳାଙ୍ଗୁଳି
ବିକସିବ ବୋଲି ଆଶା କରିବ ସେ । ୬ ।
ଉର୍ଦ୍ଧ୍ୱରେ କେତକୀ କାନ୍ତି ତଳେ କୋକନଦ ଦ୍ୟୁତି
ବିଲୋକି ଅତି ପ୍ରମୋଦ ମାତିବ ସେ । ୭ ।
ସୁମନ କମ ଉନ୍ନର ଭୂଷାରେ ନୂପୁରାଦର
ପୁଷ୍ପ ଭ୍ରମେ ଉଡ଼ିତ ସ୍ପର୍ଶିବ ସେ । ୯ ।
ଶ୍ରୀ ରୂପ ମଞ୍ଜରୀ କର ଲଳିତ ମଧୁର ତର
ପରମାନଂଦ ଆସ୍ୱାଦ ପାଇବ ସେ । ୧୦ ।
ଗୋପାଳକୃଷ୍ଣ ଏ ଭାଗ୍ୟ ଦେଖିବାକୁ ହୋଇବ ଯୋଗ୍ୟ
ଶ୍ରୀ ସ୍ୱାମିନୀ ଦୟା ଦୃଷ୍ଟି ପଡ଼ିବ ସେ । ୧୧ ।

—*—*--

## ରାଗ ଭୈରବୀ—ରୂପକ ତାଳ

( ହୋଇଥାରେ କେଶ କୁଞ୍ଜକୁ ଯିବା ପରା—ବୃତ୍ତେ )

ଦେଖିଲେ ପରାଣ ଯିବ ଛାଡ଼ି ମୋହନ । ପଦ ।

ବାସ ବରଜ ହେଲେ କହୁଛି     କେଶ ଖସିଲା ଖୋସୁଛି
କେଶୀ ମଥନ ଜୁହାରୁଛି କେ ସେଠି ଏଣିକି ଆସୁଛି । ୧ ।
ସାହସ ଏତେ କେ କରିବ     ଅଧରେ ନାସା ଧରିବ
ସ୍ୱହସ୍ତେ ଅଛି ଜାଣିବ ରହ ମୋ ସଂସାର ସରିବ । ୨ ।
ଜଟିଳା ଦେଖୁଛି କଷଣ     ନାଠି ଏବେ ମୋବାଣ
କୋଟିବାର ତୁମ୍ଭ ଶରଣ ହେଟି ଜନ ଭୂଷଣ ଶୁଣ । ୩ ।
ଧନକର ପୂଜାର ଫୁଲ     ବନଜାକ୍ଷ ସ୍ମରିଲ
ବନ ଯାକ ବୁଲି ଆଇଲି ସ୍ନାନ କରିଥିଲି ଛୁଇଁଲି । ୪ ।
କେଳିକୁଞ୍ଜ ଫୁଲ ସେଜେ     କଲେ ରାଧା କୃଷ୍ଣ ବିଜେ
ଭଲ ଗୋପାଳକୃଷ୍ଣ ଭଜେ ମିଳି ସେ ଚରଣ ସରୋଜେ । ୫ ।

—*—

## ରାଗ ଝଂଜୋଟୀ—ତସ୍ରଗତି ଏକତାଳ

ଘୁଞ୍ଚି ଗଲାକି ଭଙ୍ଗୀରେ ଛଇଲା ଅଳସ ଭଙ୍ଗିରେ । ପଦ ।

ଚମ୍ପାକୃତି କରି ଭୁଜ ଲତିକା     ତୋଳ ଉର୍ଦ୍ଧ୍ୱକୁ ସେ ନବରସିକା
ମଦନ ମୁଠାରୁ ଫିଟିଲା ବରଛି ପରି କଟାକ୍ଷ ଦେଲା ଫିଙ୍ଗିରେ । ୧ ।
ହୋଇଲା ଝଟି ଏକା ଘୂରିଆଖି     ଚେଳାଞ୍ଚଳ ଗଣ୍ଡ ପାଶରେ ରଖି
ଜର ଜର ହୋଇ ହରଷ ଲାଜରେ ନଚାଇ ଭୂରୁ ଭୁଜଙ୍ଗୀରେ । ୨ ।
ଓଳାଇଲା ଯା ଶ୍ରୁତି ସୀମାରେ ଡୋଳା     ଚନ୍ଦ୍ର ମଣ୍ଡଳୁ ଇନ୍ଦୀବର ମାଳା
ଚପଳା ଚଳିଲ ପରି ଖସି ଆସି ହେଲା ମୋ ହୃଦୟ ସଙ୍ଗୀରେ । ୩ ।
ଲାବଣ୍ୟ ଲତାରୁ ସୁନା ନଳିନ     ବୁଲିଗଲା ପରି ବାଜି ପବନ
ଦିଶିଲା ମୁଖ ପାଲଟାଇ ପଙ୍କଜକୁ ହସି ହସି ରସରଙ୍ଗୀରେ । ୪ ।
ତର୍ଜନୀ ଚିବୁକ ମଧରେ ରଖି     ଘୁମାଇଲା ପରି ମୋଦରେ ଆଖି
ମେଲାଣି ମାଗିଲା ଗୋପାଳ କୃଷ୍ଣଙ୍କୁ ଆଳୀ ଭଙ୍ଗରେ ଶୋଭାଙ୍ଗିରେ । ୫ ।

—*—

## ବଙ୍ଗଶ୍ରୀ—ତାଳ ମିଶ୍ରରୂପକ

( ମୁହିଁ । ମୁହିଁ କିଶୋର ଚନ୍ଦ୍ରମାଙ୍କର ମୋର—ଭୃଙ୍ଗେ )

କେତେ ଯେଉ ଡାକିଲେ କାହିଁକି ବୋଲି ବୋଲ
ଆଜ ସରଳ ଶୁଣା ଗଲ୍ପ ନାହିଁ ଯେ । ପଦ ।
ଶ୍ରୀ ବ୍ରଜେନ୍ଦ୍ର କୁମାର — ସାଧକ ଲେଖିବାର
ପଦାବ୍ଜର କଙ୍କସଜନ ମୁହିଁ ଯେ । ୧ ।
ପିକନନ୍ଦ ରୂପିଣୀ — ପରମ ଠାକୁରାଣୀ
ତୋ ପ୍ରଭୁ ବୋଲି ଗୁରୁ ବେଳେ କହି ଯେ । ୨ ।
ଶଶୀ ଯଶ କଳଙ୍କୀ — ସ୍ୱାମିନୀ ହୋଇବେ କି
ଚରଣେ ଚନ୍ଦ୍ରପଣ୍ଣ ଯିବ ରହି ଯେ । ୩ ।
ମଧୁର ପୀୟୂଷର — ବଚନ ଶ୍ରୀ ମୁଖର
ଶୁଭ୍ର ଲଭିବ ତାପାନ୍ଧ କରହି ଯେ । ୪ ।
ଦସ୍ୟାକୃତ ପଣ ଶାନ୍ତ — ପ୍ରଶ୍ନ ଆଶାରେ ନଷ୍ଟ
ଗୋପାଳ କୃଷ୍ଣ ଅଶ୍ରୁ ଗୋଟେ କହି ଯେ । ୫ ।

## ରାଗ ସାମନ୍ତମାଳବ ଗୌଡ଼ା—ମିଶ୍ରରୂପତାଳ

କେବଳ ବରଷା । ବାଲା ବିଚ୍ଛେଦ ବରଷି
ସନ୍ଧ୍ୟାଘଟେ ଶୀର୍ଣ୍ଣ ହୋଇକରେ ଚନ୍ଦ୍ରା ଅରବାହେ ରହି । ୧
ଏ ମଧୁ ନଶୀକ — ଗୃହିଁ ସମ୍ପୂର୍ଣ୍ଣ ଶଶୀକ
କି ବଦ୍ଧରୁଥିବ କି ଗୁଢ଼ ଅଇଲ ପୀୟୂଷହାସୀ କି । ୨
ଗଜ ଗମନାକ — ରଖିଥିବ କାମ ନକ
ଯାଇ ଏଥିରୁ ମୁଁ ଆଜ କି ଗୁହିଁବ ଦୁଃଖ ଶମନାକ । ୩
ଦେଖି ନଆଳୀକ — ଗାଉ ମଧୁର ଆଳୀକ
କି ଗନ୍ଧରୁଥିବ ଲଳିତ ବୟସୀ ଅନାଇ ଆଳୀକ । ୪
ମୋ ଦୁଃଖୀ ହରବ — ଶୁଣି ବନପ୍ରିୟ ରବ
ବରଜବନ ମଦନ ମଦନକୁ ଜଣିବା ଗରବ । ୫

ଏ ମନ୍ଦ ପବନ ନଷ୍ଟେ ହେବନ ଜୀବନ
ପଣନ୍ତେ ଶରଣ ପଶି ପୋଗ୍ଧଇଲା ନସୂବନ୍ତୁ ବନ । ୭
ଥିବ କ ଭସାରେ ତାହାର ସୁରସାରେ
ବୋଲେ ଗୋପାଳକୃଷ୍ଣ ବନ୍ଧ ଭଙ୍ଗିଲୁ କେଉଁ ଭରସାରେ । ୭

## ରାଗ ଝଂଜୋଟି—ତାଳ ମିଶ୍ରଚାପ

( କୃଷ୍ଣ ପଦ ଛନ୍ଦ ଦେଖ ଗୋ—ବୃତ୍ତେ )

ଅନୁଗତ କଲ୍ପ ଫଳ ସୁଶୀଳା ଏହ୍ନିକି ରେ । ପଦ
ଆପଣା ଜନକୁ ଦୂର କରିବାର ଅବେଷ୍ଟର
ଦୁଃଖ କଲେ ହେଲେ ତା ମୁଖକୁ ନ ଗୃହ୍ନି କିରେ । ୧
ଦେଇ ଅଧରୁ ପୀୟୂଷ ପୋଷି ଯାକୁ ସ୍ୱମାଈଶ
ଜାଣି ସେ ନଜାଣି ଦୋଷ କଲେ ନ ସହ୍ନି କି ରେ । ୨
ପ୍ରାଣ ଭର ଯେ ଯାହାର ବାନ୍ଧିଲେ ସେ ଯୋଡ଼ି କର
ଥାଉ ଦସ୍ଯା କରିବାର କଥା ନ କହ୍ନି କି ରେ । ୩
ସୁଶାଷ କଟାକ୍ଷ ଶର ଥାଉ ତୋ ରସିକା ବର
ଦଣ୍ଡ ଢଆଉଛୁ ପର ହାତରେ କାହିଁକି ରେ । ୪
ମଦନ ଖେଦ ବାରଣ ଅରୁଣା ରୁଣ ଚରଣ
ଦେଇ ଶିରେ ଏ ମୋ ପ୍ରାଣ ରଷା ନ କହ୍ନିକିରେ । ୫
ଗୋପାଳକୃଷ୍ଣ କହଇ ଛଳ ପଛରେ ପକାଇ
କରୁ ନାହୁଁ ଅନୁଗ୍ରହ ଗୃହ୍ଣୁଁ କୁ ମଣ୍ଡିକି ରେ । ୬

## ରାଗ ଝଂଜୋଟି—ମିଶ୍ରଗ୍ୟପତାଳ

( କା ମନେ ଥିଲା ଏକଥା—ବୃତ୍ତେ )

କେ କସ କହ୍ମା ତାକୁରେ
କେଁକି ମଥା ଗୃହୁଁ ନାହିଁ ମୁହିଁକୁରେ । ପଦ
ପଲକ ପତନ କାଳ ଅନ୍ତର
କୋଟିଯୁଗ ହେଉଥାଇ ଯାହାକୁରେ । ୧

ରଖିଲ ନାହିଁ ଦେଲେ ହେଲେ ସଖୀ
ଲେଖି ପ୍ରେମ ତନସ୍ୱ ଜଣାଣକୁ ରେ । ୨
ଜାଣିଛୁ ତ ଚନ୍ଦ୍ର ମୁଁ କି ବୋଲିବ
ପୀୟୂଷ ବିଷ ହେଲା କରମକୁରେ । ୩
ଶୁଣିଲେ ବାଣୀ କ୍ଷଣପ୍ରଭା ପରି
ଝୁଲିକୁ ଥାଇ ଆସି ଅଗଣାକୁ ରେ । ୪
ଗୋପାଳକୃଷ୍ଣ କହଇ ଧୀରେ
କଥା ରହିଗଲା କାଳ କାଳକୁ ରେ । ୫

## ରାଗ ମାଧ୍ୱ ମାଳବ ଗୌଡ଼ା—ମିଶ୍ର ଝୁମ୍ପତାଳ

(ଆନେ ନକର ପ୍ରୀତି—ବୃନ୍ଦେ)

ବାଜୁଛି ସନ୍ଧ୍ୟା କାଳରେ, ତୋନାରେ ବ୍ରଜ ବଜାରେ ।ପଦ।
ଅନ୍ତାଳରେ ଭୁ ଥିବାର          କାନକୁ ସେ ଆସିବାର
ଅନା ଅନା ଚମତ୍କାର ଶ୍ରବନା ତୋର ତାହାର ।୧।
ଭ୍ରଜ ବଂଧୁ ପୀତ ପଟ          ତୋମାଳ ଶାଢ଼ୀ ପାଲଟ
ହୋଇବାର ବାଟ ଘାଟ ଯାକରେ ହେଲାନି ସ୍ଫୁଟ ।୨।
ଯାଇ ଯମୁନା ପାଣିକି          ଭୁ ନବୁଡ଼ାଇ ଘଡ଼ିକି
ମାପରୁ ଶ୍ୟାମ ଛୁଇଁକି ଅନାଇଥିଲ ନାହିଁକି ?
କହୁଥିଲ ଚନ୍ଦ୍ରାବଳୀ          ଶେଜେ ଶିଖଣ୍ଡ ମଣ୍ଡଳ
ହେଉଥିବାର ବାଉଳ କଣ୍ଠ ରାଧେ ଶ୍ରୀ ରାଧେ ବୋଲି ।୩।
ଗୋପାଳ କୃଷ୍ଣ କହଇ          ଗୋପୀଙ୍କି ସବୁ ଆପଇ
ଆପଣାର ଦୋଷ ନେଇ ପରେ ଦଅନ୍ତ ଲଗାଇ ।୪।

## ରାଗ ପରଜ—ଆଦତାଳ

ଯିବାଁରେ ନିକୁଂଜ ଶେଜକୁ
ଜୀବନର ବନ୍ଧୁ ରାଧା-ଗୋବିନ୍ଦ ସଜକୁ ।ପଦ।
କେତେ କାଳରୁ ବିରଞ୍ଚି ବାଛି ରଖିଥିଲା ସଂଚି
ସଂସାର ସାର ସୁଷମା ସଂପତ୍ତି ବ୍ରଜକୁ ।୧।
ସୁମନ ତଲ୍ପ ସରରେ କଣ ପରମ ତୋଷରେ
ଧରିଲା ପରି ଦିଶୁଛି ସୁନା ପଙ୍କଜକୁ ।୨।
ହେଉ ଯୁଗ ଆଖି ଏକା ହସ ପ୍ରିୟ ଶ୍ରୀରାଧିକା
କାନ୍ତକରେ ଲୁଗୁଉଛି ଲୋଚନ ଲାଜକୁ ।୩।
ଅଚଳ ଚପଳା ହୃଦେ ବନ୍ଧି ଘନ ହେଲ ଉଦେ
ଉଛନ ଦଶା ପଡ଼ିଲା ମକର ଧ୍ୱଜକୁ ।୪।
ଏ ବ୍ରଜରେ ଆଖି ବନ୍ଧି ଥିବ ଜନଙ୍କର ସନ୍ଧି
ଜନ୍ମାନ୍ତର ପୁଣ୍ୟ ଫଳ ଘଟିଛି ଆଜକୁ ।୫।
ଗୋପାଳକୃଷ୍ଣ କାତାଧି କବାଟକଲା ନରୁଦ୍ଧ
ଆଳୀ ଏ ସିବା ଉପରୁ ବଢାଇ ଭୁଜକୁ ।୬।

—*—

## ରାଗ ଆଷାଢ଼ ଶୁକ୍ଳ

କୁମ୍ଭଜ ପରିଏ ବିପକ୍ଷ ହୋଇ
ଟେ ପ୍ରେମ ବାଧି ଦେଲା ଶୁଖାଇ
କର ଚନ୍ଦ୍ରମଣି ପଥର ହେଲା
କରୁଣା ବୃକ୍ଷେ ନିଷ୍ଫଳ ଫଳିଲା
କାହ୍ନୁଁକି ଶୁଣିଲ, କଥା ନକହୁ ମଥା ପୋତି ଦେଲା । ୧
କୂର୍ମ ପୃଷ୍ଠରୁ ଧରଣୀ ଖସନ୍ତା
କୂଳକୁ ପଛେ ସାଗର ଲଙ୍ଘନ୍ତା
ବନମାଳୀ ବନ୍ଧୁ ହେଲେ ଭୁଗତ
କଂସତେ ଶରଣ ନୁହନ୍ତା ଶତ୍ରୁ
କାହ୍ନୁଁକି ଶୁଣିଲ କଥା ନ କହୁ ମଥା ପୋତି ଦେଲା । ୨

—*—

## ରାଗ ଶଙ୍କର ଭରଣ—ରୂପକ ତାଳ

(ପୋଢ଼ ସ୍ୱର ଅନୁରାଗ—ବୃତ୍ତେ)

ଅନୁ ସରିବାର ସାର
ଏହି ଏକାକି ସହି ପଶୁର ଗୋ । ପଦ
ଅପାର କରୁଣା ଅକୂପାରବୋଲି
ଅନୁ ଦିନ ଆଶା କରିଗୋ
କାଳ ବହିଗଲା ଦୁଃଖ ନ ସରିଲା
ଯୋଡ଼ୁ ନୟନରୁ ବାରିଗୋ
ଯା ଦୟା ଦୃଷ୍ଟି ପ୍ରାନ୍ତ ଲବ ଲେଶକୁ
ଭିକ୍ଷୁକ ପରାଏ ହୋଇ ଗୋ
ସ୍ତୁତିଁ ବା ଜନକୁ ହୃଦେ ହୃଦ ଦେଇ
କର ମାରିକ ପଲାଇଗୋ ।୨।
ମାର ମାରଣରେ ପରାଣ ଆଖର
ହୋଇଲାଣି ବୋଲି ଶୁଣି ଗୋ
ସ୍ମମୁକୁ ଉକାଇ ମୁଖକୁ ଅନାଇ
ପଦେ ନ କହି କ ବାଣୀ ଗୋ ।୩।
ଅଧରୁ ଅମୃତ ପାନ କରିବାକୁ
ଅରହ ଯେ ପୀରଣ୍ଡରେ ଗୋ
ସ୍ନେହ କଣ୍ଠଲାପଣେ ହେଲେ ତାକୁ
ନସଙ୍ଗୁଳି କ ଗୁପତରେ ଗୋ ।୪।
ଯେମନ୍ତ ହେଲା କୁରଙ୍ଗ ସୁଧାକର
ପକ୍ଷରେ ବଳାଇ ଆଶା ଗୋ
ଶ୍ରୀ ଜଗନ୍ନାଥ ଗଜପତି *
ଭଣିଲେ ହେଲ ମୋ ସେହି ଦଶାଗୋ ।୫।

—*—

* ଶ୍ରୀ ଜଗନ୍ନାଥ ଗଜପତି—ପାରଳା ଖେମୁଣ୍ଡୀ ରାଜ୍ୟର ତତ୍କାଳୀନ ରାଜା ।

## ରାଗ ଧନାଶ୍ରୀ—ମିଶ୍ରରୂପତାଳ

(କେତେ କୋଳ ମୋ ଦୁଃଖ—ବୃତ୍ତେ)

ତୋ ରୂପ ପ୍ରତି ଦିଶେ ଦିଶୁ ଛି ରେ
ତୋ ପରି ଲଜେ ରହି ହସୁଛି ରେ ।ପଦ।
ପ୍ରସାରି ମୁଁ ପଣେ ଡାକଲେ ପ୍ରାଣମିତ
ଭସ୍ମେ ଦନ୍ତେ ରସନା ଦଂଶୁଛିରେ ।୧।
ଦୂରୁ ଲେଉଟି ବୃନ୍ଦେ ମୋତେ ପରାଣ ସନ୍ଧ
ନଶୁଭୁ ଧୀରେ ଗିର ଭାଷୁଛିରେ ।୨।
ଫିଟି ଯାଇଛି କେଶ ନିବିଡ଼ ନୀବି ବାସ
ଆତୁର ହୋଇ କେତେ ଖୋସୁଛିରେ ।୩।
ପ୍ରଭଞ୍ଜନ ଶବ୍ଦନେ ଚଳି ଚଳେ ସଦନେ
ସ୍ମରତ ସଦେଜ ଆସି ଭାଷୁଛି ରେ ।୪।
ଗୋପାଳ କୃଷ୍ଣ ଭଣେ ତୋର ଗୁଣସ୍ମରଣେ
ମାନସ ଅନୁକ୍ଷଣେ ରସୁଛି ରେ ।୫।

—*—

## ରାଗ ଖମାଚ—ଆଦିତାଳ

( ଭଜମନ ହରିପ୍ରାଣ ପ୍ରେୟସୀ ଶ୍ରୀମତିକ—ବୃତ୍ତେ )

* ଜୀବନ ବନ୍ଧୁ ମାଗୁଣି ମାଗୁଛି ରେ ଏତିକି
ନାହିଁ କରିବୁ ନାହିଁଟି କହିଲି ବନିତକ । ପଦ ।
ନଚୁଇ ଚରଣେ ବେଣୀ ବଜାଇ କଟି କିଙ୍କିଣୀ । ପଦ ।
ଝୁଲଇବୁ ଝପସିତେ ଭୁଲିକର ମୋତିକ । ୧ ।

---

* ଏହି ପ୍ରେମ କବିତାଟିକୁ ଭକ୍ତକବି ଗୋପାଳକୃଷ୍ଣ ତାଙ୍କର ଶୁଶ୍ରାବସ୍ଥାରେ ରଚନା କରିଥିଲେ । ତାଳପତ୍ର ଖେଦାରେ ଲେଖି ବ୍ୟାକରଣ ବହି ଭିତରେ ରଖି ଥିବା ବେଳେ ସହାଧ୍ୟାୟୀ ପଣ୍ଡିତ ଶ୍ରୀ ଚନ୍ଦ୍ର ପଟ୍ଟନାୟକ ନେଇଯାଇ ତାଙ୍କର ଗୁରୁଦେବ ପଣ୍ଡିତ ଶ୍ରୀ ଦିନବନ୍ଧୁ ପଟ୍ଟନାୟକଙ୍କୁ ଦେଖାଇବାରେ ଭକ୍ତପ୍ରବର ଗୁରୁଦେବ-ହସି ହସି କହିଥିଲେ " ଆହୁରି ଆମ୍ଭ ଗୋପାଳର ଶିଶୁବୁଦ୍ଧି ଛାଡ଼ି ନାହିଁ !"

ସ୍ତନ ଭୁଲେ ତୋର ହାସ                    ତାଟଙ୍କ ଝଲକା ଝଷ
        ଚଳାଇବୁ ଯୁହିଁ ମୋତେ ନଳଘାଇ ବଣ୍ଡକ । ୨ ।
ବଲୋକଚ ଦଶଧର                    ଭଣ୍ଡା ମୁଖ ସୁଧାକର
        ସ୍ୱେଦ ଜରଜର ଅନମ୍ବର ଦେହ ଦ୍ୟୁତକ । ୩ ।
ଲତା ମଧ୍ୟରେ ନେଇ                    ଖଞ୍ଜନ ଡୋଳା ଖେଳାଇ
        ଯାହା ବୋଲୁଥିବୁ ଶୁଭୁଥିବଟି ମୋ ଶ୍ରୁତକ । ୪ ।
ଦୁଃଖରୁ ଉଦ୍ଧରିବାକୁ                    ଥିଲେ ଗୋପାଳ କୃଷ୍ଣକୁ
        ଅଙ୍ଗୀକାର କରି ଥରେ ପଠିଆଅ ଦୂତୀକ । ୫ ।

—*—

## ସଖୀମାନଙ୍କ ପ୍ରତି ଶ୍ରୀରାଧା

ତାଳତାଳ—ଏକ

(ବାଟେ ଛାଡ଼ ଦେରେ—ବୃତ୍ତେ)

ଆଗୋ ସହଚରୀ
କି ନ କଲେ ସେ ବେଣୁଧାରି ।
ଦଗା ଦେଲେ ମନକୁ କି ବଚ୍ଛର ।ପଦ ।
କଣ୍ଠ ଦେଇ କୁଂଜକୁ ଡକାଇଲେ
ଠକ ପଣ ଧରିଣ ଠକାଇଲେ
ଚନ୍ଦ୍ରାବଳୀ କୁଂଜେ                    ମିଳ ରଂଗ ସଂଗେ
        ପକାଇଲେ ମୋତେଟି ପାଶୋର ।୧।
ଭାଗ୍ୟ ବତୀ ହେଲା ସେ ଗୋପିନୀ
ମୁଁ ସିନା ହୋଇଲି ଅଭାଗିନୀ
ସାଜ କାର ଶେଯ                    ବୃଥା ହେଲା ଆଜ
        ନଇଲେ ଯେଣୁ କୁଞ୍ଜବିହାର ।୨।
ନବ କଣଳପତ୍ରେ ସାଜ ଶେଯ
ସିଞ୍ଚିଲି ରଜନୀକର ରଜ
ଗୋଲି ଏଣୀ ମଦ                    ଚନ୍ଦନ କୁଙ୍କୁମ
        ରଖିଥିଲି ଅତି ଯତ୍ନକରି ।୩।

ଘଙ୍ଗି ନାଗବଲ୍ଲୀ ସଜଡନେ
ଶ୍ରୀ ମୁଖ ପଖାଳି       ପମାର ଝରକି
ତାଙ୍କି ରଖି ଥିଲି ମୋଦେଭର ।୪।
ଧୂପ ଦୀପ ଗଂଧ ପୁଷ୍ପହାର
ସବୁ ହେଲା ମୋର ନାର ଖାର
ନଇଲେ ନାଗର       କଣ ହରବର
ଉକୁଟିବା ଶତ୍ରୁ ଗଲା ଝୁରି ।୫।
କି ଦୋଷ କଲି ମୁଁ ଆଗୋ ଆଳି
ପର କଲେ ମୋତେ ବନମାଳି
ଅଭି ସାଗକାର       ଭରରେ ପନ୍ଦର
ଛେଦିବାର କେଉଁ ବାହାଦୁରୀ ।୬।
ଯାହା କଲେ ଆଜ ସେ ମାଧବ
କେଉଁ ନାସ୍ତି ଏହା ପାଶୋରବ
ଭାବଇ ଗୋପାଳ       କୃଷ୍ଣ ରାଧାଭାବ
ପାଶୋରିଲେ ବରଜ ବହାରି ।୭।

—*—

## ରାଗ ଚକ୍ରବାକ—ମିଶ୍ରରୂପତାଳ

( ସଖି ଛାଡ଼ି ନପାରେ ମୁଁ ସେ ପ୍ରୀତିକି—ବୃତ୍ତେ )

ପ୍ରେମ ଚନ୍ଦ୍ରା ମଣିକି କେ ଚୁମ୍ବାଇଲା ନର
ହମରେ ଏଣିକି ଭରସାଇଲାରେ । ପଦ ।
ଯେ କଲା ଏ ବିଷୁର       କି ଦେଇ ମୁଁ ତାହାର
ଭଙ୍ଗାଇ ମୋ ଆଶ ଲଭିବ କି ଯଶ
କ୍ଷୀରରେ ଖାର କେ ମିଶାଇଲା ରେ । ୧
ପୁରାତନ ବେଶରେ       ବସି କେଳି ବାସରେ
ଗୁଞ୍ଜୁ ଥିଲା ହାର ଶୁଣି ମୋର ଗିର
ନେହ ମାରି ବରଖାଇଲା ରେ । ୨

ସେହ୍ନ ଧନ ମାତର  ମୁଁ ତାକୁ ଦେଖିବାର
ହେଲି କେତେ ଦୋଷୀ, ଲଜ୍ଜିଲି ବସୁସୀ
ମୁଖ ଆଉ ନ ଦଶାଇଲା ରେ । ୩
ଦୁଃଖ ମୋ ଶୁଣି ବ୍ୟଥା  ଲଜ୍ଜ କା ଆଉ କଥା
କୁସଙ୍ଗରେ ହେଲେ ମୋର ନାମ ଥରେ
ବଦନରେ ନ ବସାଇଲା ରେ । ୪
ଗୋପାଳକୃଷ୍ଣ କହେ  ମୁଁ ତୁଚ୍ଛ କାର ନୁହେଁ
କାହାକୁ ବୋଲିବ କ କର ଗୁହାରି
ବନ୍ଧୁ ଭଗାର ହସାଇଲା ରେ । ୫

—*—

## ରାଗ ବସନ୍ତ—ମିଶ୍ର ରୂପତାଳ

ଉଠ ନ କର ମଠ ତୋ ଦରଶନକୁ
ମୋହନ ଆସିଛନ୍ତି ପଛା ରେ । ପଦ ।
ପଲଙ୍କ ତଳରେ  ପ୍ରଦୀପ ପାଶରେ
ଉଭା ହୋଇଛନ୍ତି ଧୀରାଧୀର ରେ । ୧
ହେବୁ ବୋଲି ବେଣି  କଣ କେତେ ଆଶ
ଆଣିଛନ୍ତି ସୁମନସ ଝରିରେ । ୨
ହୁଅ ଅପହୁଡ଼  ତଳପ ସଜାଡ଼ି
ପ୍ରାଣନାଥ ମନୋରଥ ପୂରରେ । ୩
ସଖୀକର ଧରି  ଶ୍ରୀନବ କଶୋଷ
ଚେତି ଉଭା ହେଲେ ବସୁନ୍ଧରାରେ । ୪
ସଖୀ ଗଲେ କହି  ସମସ୍ତୁ ରହିଁ
ଗୋପାଳକୃଷ୍ଣ ବୋଲଇ ଭବ ରେ । ୫

—*—

## ରାଗ ମାୟା ମାଳବ ଗୌଡ଼ା – ମିଶ୍ରରୂପ—ତାଳ

( ଯେ ପୀରତି କରିଛି ତାର ମନ ଜାଣେ—ବୃତ୍ତେ )

ମନରଞ୍ଜା ପୀରତି କେ କଳନ ମନା
ଭଳ କଲେ କରଇ ଦଇବ ସିନା । ପଦ
ଜାତି ମାତି ଧନ    ମହତ୍ତ୍ୱ ଗୁମାନ
ତେଜିବାକୁ ଅଛି ଯାର ଆଲୋଚନା । ୧
ସ୍ଥିର କି ସ୍ଥିକର    ସ୍ଥିଁଲେ ତାହାର
କରଇ ଯେ ପ୍ରଭୁ ସମ ସମ୍ଭାବନା । ୨
ଯା ଲାଗି ଯା ପ୍ରାଣ    ଯିବ ଏପ୍ରମାଣ
ଦେଲେ ଛୁଡ଼ିବ କି ତା ଭୁଲ ରେ ସୁନା । ୩
ନୟନ ଅୟନେ    ଶୟନେ ସ୍ୱପନେ
ନଦିଶଇ ଆନ ତା ମୁରତି ବିନା । ୪
ଯିବା ଯାଏ ଶିର    ଯାର ଅଙ୍ଗୀକାର
କଥା ପଦକୁ ଥାଇ କି ତା ଶୋଚନା । ୫
କହଇ ଗୋପାଳ-    କୃଷ୍ଣ ସ୍ନେହଜଳ
ଛାଡ଼ି କରିବେ କି ଜନେ ଅକଳନା । ୬

—*—

## ତାଳ—ତ୍ରିପଟା

( ଜାଣିଛି ମୁଁ ଏବେ ମାହତେଗୋ—ବୃତ୍ତେ )

ତରଣୀ ଯା ତଟେ    ବାଜୁଛି ବାଂଶରୀ
ତଉ ମନ ଭେଳ କରିବାକୁ
ଧରଣୀ ହୋଇବେ    ସମ୍ଭାଳିବ ଛାତି
ମନସୁତ ଶରେ ମରିବାକୁ । ପଦ ।
ଆଖି ତାଳ ଗୁନ୍ଦେ ସେ ପୀତ ପଟିଆ
ଉଗାଳ କାଙ୍କିବ ଗୋପୀଙ୍କ ମାଠିଆ
ଘାଟ ମାଗି ହଟ    ଲଗାଇବ ନଟ—
ଲୁଟିଆ ମହତ ସାରିବାକୁ । ୧ ।



ତରଣୀ ଯା ତଟେ          ବାଜୁଛି ବାଂଶରୀ
ଚିତ୍ତ ମନ ଚୋରି କରିବାକୁ
ଧରଣୀହୋଇ କେ          ସମ୍ଭାଳିବ ଚିତ୍ତ
ମନସୁତ ଶରେ ମରିବାକୁ ॥

( ଗୋପାଳକୃଷ୍ଣ ଗ୍ରନ୍ଥାବଳୀ   ୨୬୨ ପୃଷ୍ଠା )

କଳା କଳାହକ ଜିଣି ଅଙ୍ଗକାନ୍ତି ସାଜେ
ବରହା ମୁକୁଟ ଶିର ପରେ ରାଜେ
ଉକୁଟିଛି ସ୍ମିତ ଅର୍ଦ୍ଧଚନ୍ଦ୍ରାଧରେ
ସାରସ୍ୱଣୀ ପ୍ରାଣ ଘାରିବାକୁ । ୨ ।
ଦମ୍ଭ ଧରି କେହ୍ନେ ଏ ବ୍ରଜ କଟକେ ।
ମୋହନ ମୋହନୀ ମୋହରୁ ଛଟକେ
ରହି ପାରିବକ ଆଣି ଟାଣି ମିତ
ଲୋକବକ, ଲୁହ ଝରିବାକୁ । ୩ ।
କିକରିବା ଏବେ କହଲୋ ମିତଣୀ
କେମନ୍ତେ ଲଙ୍ଘିବା ମଦନ ସରଣୀ
ଏହୃଦ ଚନ୍ଦନ
ସେ ନନ୍ଦ ନନ୍ଦନ
ସାର ହେବ ଗୁଣ ଝୁରିବାକୁ । ୪ ।
ହେଉ ଯା ହେବାର ଆଗୋ ପ୍ରାଣସଖି
ଆସ ଥରେ ଯିବା ନାଗରଙ୍କୁ ଦେଖି
କହଇ ଗୋପାଳ କୃଷ୍ଣ ହୋଇ ଦୁଃଖୀ
ପଦଚମ୍ପ ଅଘ ତରିବାକୁ । ୫ ।

—*—

## ସଖୀମାନଙ୍କପ୍ରତି ଶ୍ରୀରାଧା

ତାଳ—ଏକତାଳି

( ଘେନାଇ ଆମ୍ଭେ ଯେତେ—ବୃଜେ )

ନୟନେ ଦେଖିଲି ମୁଁ ଶ୍ୟାମକୁ ଗୋ
ମୂରତି ଜିଣେ କୋଟି କାମକୁ ଗୋ । ପଦ ।
କାମ କମାଣ ଜିଣି
ସାଜେ ଭ୍ରୂଲତା ଠାଣି
ଚୂଳେ ଖଞ୍ଜିଛି ଫୁଲ ଦାମକୁ ଗୋ । ୧ ।

ତଳ ଗୁଲଇ ରଙ୍ଗେ
ବ୍ରଜବାଳକ ସଙ୍ଗେ
ବାମରେ ରଖି ବଳରାମଙ୍କୁ ଗୋ । ୨ ।
କୋଳ ନନ୍ଦ ନନ୍ଦନ
କରି କେତେ ଯତନ
ଗଢ଼ିଲା ତନୁ ଦେଖି କାମଙ୍କୁ ଗୋ । ୩ ।
ନାଗରୀ ମରାଞ୍ଛବ
ଯେନ ବରଜ ଭବ
ଆସି ମଣ୍ଡିଛି ଧରା ଧାମଙ୍କୁ ଗୋ । ୪ ।
ଗୋପାଳ କୃଷ୍ଣ କହି
ସାନ ନୂଦେହ ଗୋ ସହି
ସୁଦାର କଳାକହ୍ନୁ ପ୍ରେମଙ୍କୁ ଗୋ । ୫ ।

## ରାଗ ମୋହନା—ମିଶ୍ର ରୂପତାଳ

( ଜଣାଥିଲା କି ମୋତେ ଏ ଖଣ୍ଡରେ—ବୃତ୍ତେ )
କି କରି କିକଲୁ ପାପ ବନ୍ଧରେ ।
କି ଦୋଷ କରିଥିଲି ମୋର କପାଳେ
ଏହି ଏକା ଥିଲୁ ଲହିଲେ । ପଦ ।
ଏ ମାରଦ ନଶିକ ଅନାଇଁ
ଏକାମନେ ମନେ ମୋତେ ଧିଆଇ
ଲେଟୁଥିବ ପଶ୍ଚ ଅବମା ଶେଯରେ
କାର ବାନ ସ୍ୱର୍ଣ୍ଣ ଦେହୀ ରେ । ୧
କେଶରୀ ମଧ୍ୟାକୁ ଅଷ୍ଟକେ ସବ
ଆଜ ଗଢ଼ିକ କ ନାରୀ ତା ପଶ
ଯା ଠାରୁ ଅବଳା ଶିଶୁ ସରିଯିବ
ତାଙ୍କୁ କ ଏ ଦଣ୍ଡ ବନ୍ଧରେ । ୨

ଆସି ଦେଖିଲି କୁଆର ଜାଗରେ
ବସିଥିବ ପଦ୍ମ ନଣୀ ବାସରେ
ମୋ ପଥକୁ ଚାହିଁ କଟାଉଛନ୍ତି ଥିବ
ଶରଦ ଚନ୍ଦ୍ରମା ମୁହଁରେ । ୩
ମୁଁ ଯେ ଅଇଲି ବେଳରେ ଏଣିକ
ଲୁହ ପୋଛୁ ଥିଲି ଧରି ପାଣିକ
ସୁମନା ସ୍ପୃଷ୍ଟ ନୋହୁ ଲେଉଟିବାକୁ
ପ୍ରବୋଧ ଆସିଲ କଣ୍ଠ ରେ । ୪
ଆଜ ଗୋପାଳକୃଷ୍ଣ ଙ୍କ ଲଭିବ
ଯାକୁ ଦେଖି ପଶୁ ବଶୀ ହୋଇବ
ତାକୁ ସ୍ୱରେ ଦୁଃଖ ଜଣାଇବାକୁ ନତା
ମାନସ ବଳଲି କେହ୍ନରେ । ୫

---

## ରାଗ ରୀତିଗୌଡ଼ା—ରୂପକ ତାଳ

( ରାଧେ ଶ୍ରୀ ପଦାବ୍ଜ ଦଅ ଦରଶନ—ବୃତ୍ତେ )

ଆରେ ଫୁଲ ତୋଳ ଯିବା ବୃନ୍ଦାବନ
ଆସି ଲେଖ ଆଳୀ ନାକର । ପଦ
ତମାଳ ବନଟି ଘନ ପରିଦଶେ ଶୋଭିବନ
ବଦୁ୍ୟପର ଫୁଟିଅଛି ସୁମନ । ୧
ନୀଳ ଶାଢ଼ୀକି ତୋ ତନୁ ବରାଜୁ ଅଛି ସୁତନୁ
ଦେଖି ଡ଼ରି ପଳାଇବ ମଦନ । ୨
ପୁଣି ଯମୁନାରେ ପଶି ସ୍ନାନ କରିବା ସୁବେଶି
ମାଳା ଲାଗି କରିଦେବ ବନ୍ଧନ । ୩
କଳା ତୋଳାକୁ ଚଳାଇ ହେଳା କରି ଦେବୁ ଭୁଞ୍ଜି
ହେଳା ମାନଙ୍କ ମୋହ ହେବେ ନୋହନ । ୪
ତାକୁ ଲଳିତାଙ୍କ ଗୀତେ ଶୁଣି ତଙ୍କନେ ସଙ୍କେତେ
ଭବ ଗୋପାଳକୃଷ୍ଣର କଥନ । ୫

## ରାଗ ଭୈରବୀ—ମିଶ୍ରରୂପତାଳ

( ଶ୍ୟାମ କମଳାସ୍ୟକୁ ସମ ନାହିଁ ଆଜ—ବୃତ୍ତେ )

କ ସୁକୃତ କରିଥିଲ ସେ ଶ୍ରୀ କିଶୋରୀ
ଅନ୍ୟ ଜନମରେ କହ ସହଚରି । ପଦ
ଯେ ନେହାନ୍ତ କୋଣରେ ଅନାଇଁ ଦେଲେ ଥରେ
ବ୍ରଜବଧୂ ହେଉଛନ୍ତି ଦାସୀ ପରି । ୧
ଆଜ ଗୋ ଆଜ ଯାକ ଯୁବାବୃନ୍ଦ ତିଳକ
ତା ଦାସୀ କ ରହିଛନ୍ତି ଅନୁସରି । ୨
ଜାଣିଲେ ଯେତେ ରସ ହୋଇଲେ କେତେ ବେଶ
ତା ଗୁଣ ଛଟକ ହୋଇବ କେ ସରି । ୩
ନୋହିବା ଯାକ ସ୍ଫୂର୍ତ୍ତି ତା ସୁଗୁଣ ଶ୍ରୀ ମୂର୍ତ୍ତି
ଯାହା ମତେ ଉତ୍ତମ ସେ ବ୍ରଜନାରୀ । ୪
ଗୋପାଳ କୃଷ୍ଣ ଜାଣ ସେ ଶ୍ରୀପଦ ଶରଣ
ହେଲ କି କହନ୍ତୁ ଟି ସେ ରାସେଶ୍ୱରୀ । ୫

—*—

## ଶ୍ରୀରାଧାପ୍ରତି—ଲଳିତା

ଶୁଣ ଗୋ କିଶୋରୀ ମଣି । ଯାହା କରୁଛନ୍ତି ମୁରଲୀ ପାଣି
ନାରୀମଣି ଗୋ
ଦେଖି ହୃଦ ହେଲା ହାଣି । ୧ ।
କୁଞ୍ଜେ ଡକାଇ ତୁମ୍ଭଙ୍କୁ । ରମିଲେ ଯାଇ ସେ ଚନ୍ଦ୍ରାବଳୀକୁ
ନାରୀମଣି ଗୋ
କହୁଛେ ଫାଟଇ ବୁକୁ । ୨ ।
କୁଞ୍ଜେ କୁଞ୍ଜେ ଖୋଜ ଧୀରି । କାହିଁ ନ ଦେଖିଲ ମୁରଲୀ ଧରି
ନାରୀ ମଣି ଗୋ
ହେଉଥିଲ ଧୈର୍ଯ୍ୟହରି । ୩ ।

ଦ୍ୱାଦଶ ବନ ବୁଲିଲି । ଗୋଲକୁଞ୍ଜ ଖୋଜି ନପାଇଲେ ଗଲି
ନାଗ୍ରମଣି ଗୋ
ଚନ୍ଦ୍ରାବଳୀ କୁଞ୍ଜେ ବୋଲି । ୪ ।

ଦେଖିଲି ତହିଁ ମୋହନ । ଚନ୍ଦ୍ରାବଳୀ ବାହୁପାଶେ ବନ୍ଧନ
ନାଗ୍ରମଣି ଗୋ
ବନ୍ଧ ଦେଇଛନ୍ତି ମନ । ୫ ।

ଛଇଂବଶି ଚନ୍ଦ୍ରାବଳୀ । ପଡ଼ିଅଛି କାହ୍ନୁ କୋଳରେ ଢଳି
ନାଗ୍ର ମଣି ଗୋ
ଲାଗି ଅଛି ରତି କେଳି । ୬ ।

ଭଙ୍ଗି ଭୃଙ୍ଗାଳେ ଯାନ । କହିଲି ପାଶୋରି ନ ଦେବ କାହ୍ନ
ଏ-କଣା ଦାସୀଙ୍କ
ହୃଦରେ ଦେବ ଆସନ । ୭ ।

ଅଙ୍ଗିକାର କଲେ ହରି । କେତେ ଗେଲ କଲେ କୋଳରେ ଧରି
ରାସ ରଙ୍ଗୀରେ
ଦେଖି-ତନୁ ଜଡ଼ିଲା ମୋ ଥରି । ୮ ।

ନଦ୍ଧ୍ୟନୁ କଜ୍ଜଳ ନେଇ । କରଜ ମୂନରେ ଲେଖି ଲେଖାଇ
କେତକୀ ଦଳେ
ଗବାକ୍ଷେ ଦେଲି ଗଳାଇ । ୯ ।

ଦଗାଦାର ବେଣୁଧର । ଯାହା କଲ ଆଜ ସଖୀଙ୍କ ମୋର
କଳା କାହ୍ନୁ ହେ
ପ୍ରତିଶୋଧ ନେବ ତାର । ୧୦ ।

ମୋ ନାମ ଯେବେ ଲଳିତା । ଦିନେ ନିଶ୍ଚେ ରାଧା ପାଦ ଅଳତା
କଳା କାହ୍ନୁ ହେ
ମଣ୍ଡାଇବ ତୁମ ମଥା । ୧୧ ।

ଲଳିତା ମୁଖରୁ ଶୁଣି । ଜ୍ଞାନ ହୀନା ହେଲେ ଶ୍ୱାନୁ ଦୁଲଣୀ
ମୀନ ନୟନୁ
ଝରି ଝରି ଗଲେ ପାଣି । ୧୨ ।

ହା ହା ଶ୍ୟାମବନ୍ଧୁ ମୋର । କଵା ଦୋଷେ ମୋତେ କଲ ଅନ୍ତର
ଲୀଳା ନିଧି ହେ
ଗୋପାଳ କୃଷ୍ଣ କହୁର । ୧୩ ।

—◆⁂◆—

## ସଖୀମାନଙ୍କ ପ୍ରତି—ଶ୍ରୀରାଧା

ତାଳ—ଆଠତାଳି

ଯେବେ ନ ଆସିଲେ ଆଭେସ୍ନ ବାନ୍ଧବ ବାସକ ଶେଯେ ଭଣ୍ଡାଇ
ତେବେ ଗୋ ସଙ୍ଗିନୀ—ତାଙ୍କଠାରୁ ମୋର ସମ୍ବନ୍ଧ ଦଶଛିଣ୍ଡାଇରେ
ସଙ୍ଗିନୀ
ସେ ଚନ୍ଦ୍ରାବଳୀର ନାଥ
ବୃଷଭାନୁ ସୁତା ଶ୍ୟାମ ଉପେକ୍ଷିତା
ଜୀବନଟା ତାର ବ୍ୟର୍ଥରେ । ୧ ।
କରୁଛି ଦୁର୍ଜ୍ଜୟ ପଣ ମୁହିଁ ଆଜ ଶୁଣ ଗୋ ସଜନୀ ମାନେ
ନଦେଖିବି କଳା ପଦାର୍ଥ ଶୁଣିବି ନାହିଁ କୃଷ୍ଣ ନାମ କାନେରେ
ସଙ୍ଗିନୀ
କୃଷ୍ଣ ଦ୍ରବ୍ୟ ମୋ ନଇଣ
କଳା ମରକତ ଚୂଡ଼ କାଡ଼ି ହେମ
କାଚ ଦିଅ କରେ ଭରିରେ । ୨ ।
ଆଖିରେ କଜ୍ଜ୍ୱଳ, ନରଞ୍ଜିବି ଆଉ, ନପିନ୍ଧିବି ନୀଳପାଟ
ଶ୍ୟାମା ସଖୀଏ ମୋ, ପାଶେ ନରହିବେ, କଳସୀକୁ ଭାଙ୍ଗିଛଟରେ
ସଙ୍ଗିନୀ
ଶୁଆ ସାରୀଙ୍କୁ ସତ୍ୱର
ଦିଅ ଉଡ଼ାଇଣ ପିଞ୍ଜରାଟି ଖୋଲି
ଆଖିରୁ ହେବନ୍ତୁ ଅନ୍ତରରେ । ୩ ।
ତମାଳ ବୃକ୍ଷଟି ଉପାଡ଼ିଣ ଦିଅ
ଫୁଲ ତାର ଦିଅ ଦଳି

ଝାଙ୍କି ଦିଅ ଯେବେ    ଲତବନେ ଅଛୁ
ଶ୍ୟାମଳ କୁସୁମ ବଢ଼ିରେ
ସଜନି
କଳାରଙ୍ଗ ନଦେଖିବ
ଯମଭଗ୍ନୀ କଳା    ଜଳ ଆଣିବାକୁ
କଳସୀ ଘେନ ନଯିବରେ । ୪ ।
କଳାଆକାଶକୁ ନଚାହିଁବ ଆଉ କଳାଭୃଙ୍ଗ ମୋ ଅରାତି
ତେଣୁ ବୃକ୍ଷଲତା ଉଙ୍କ ମୋଡ଼ଦିଅ ସବୁଯାଉ ପୁଷ୍ପ ପ୍ରୀତି ଗୋ
ସଜନି
କଳାକୁ କଲି ବର୍ଜ୍ଜନ
ନ ଦେଖା କେ କଳା    ନଶୁଣାଅ କଳା
ଗୋପାଳକୃଷ୍ଣ ରଚନରେ । ୫ ।

## ସଖୀଗଣଙ୍କ ପ୍ରବୋଧ

ତାଳ ଝପକା

ଗୁମାନ କର ଅଧିକେ ରହିପାରିବୁ କରେ
ସତେ ଶ୍ୟାମଙ୍କର କଥା ମନୁ ପାଶୋରିବୁ କରେ । ପଦ ।
କାନକେ ବାଜିଲେ ବଂଶୀ    ତନୁ ଉଠିବ ଉଲ୍ଲସି
କଳସୀ କାଖେ ତୁ ନାସ୍ତି ପାଇଁ ନବାହାରିବୁ କରେ । ୧
ଗୋଧନ ବାହୁଡ଼ାବେଳେ    ଗୋପାଳ ବାଳକ ମେଳେ
ଆସିବାର ଦେଖି ତୋଳେ ନେତ୍ର ନଠାରିବୁ କରେ । ୨
ସେ ନଟ ନାଗର ବର    ନୟନରେ ଭରିମାର
ଚିଆଁ ହୋଇଲେ ସମ୍ମୁଖେ ନରଖି କରିବୁ କରେ । ୩
ସ୍ୱପନେ କହିଲେ ସେହି    ଝାଙ୍କି ପାରିବୁ କି ସହି !
କରଧରିଲେ ତୋର ତୁ କର ନ ଧରିବୁ କରେ । ୪
ସେ ନାଟୁଆ ଶିରୋମଣି    ଜାଣେ ବହୁତ କାଟେଣୀ
କାଟି କହିଲେ ବଚନ ଆଣିକି ବା ମରିବୁରେ । ୫

ଗୋପାଳ କୃଷ୍ଣ ଭଣନ ଆଗୁ ହୁଅ ସାବଧାନ
ନହେଲେ ମହତ ମାନ ଏକ ସଙ୍ଗେ ସାରବୁରେ । ୭

—*—

## ଶ୍ରୀକୃଷ୍ଣଙ୍କ ପ୍ରତି ଚନ୍ଦ୍ରାବଳୀ

ତାଳ ଖେମଟା

ଶ୍ୟାମବନ୍ଧୁ ମୋ ବନ୍ଧୁ ପରା
ବହୁ ଦିନାନ୍ତରେ ଦେଇଛ ଧରାହେ । ପଦ ।
କିମନ୍ତ୍ର କରିଛ ବୃଷଭାନୁ ଜେମା ଭୋଳାଇଛ ତାର
ପ୍ରୀତି ପସରା
ଚନ୍ଦ୍ରାବଳୀ କିବା ନହେବାରୁ ଯୋଗ୍ୟ ପରକଳ ତାକୁ
ମୁରଲୀ ଧରା ।
(ହେ) ନାଟୁଆ କିଶୋର ସଖୀଧୃତି ଚୋର ଭ୍ରମ୍ଭଲାଗି ଯେତେ
ନନ୍ଦାଙ୍ଗପରା । ୧
ଏ ବ୍ରଜ ବଜାରେ ସ୍ନେହ ମଥା ପୋତି କହୁଥିଲେ କଥା
ହେବ ଅସରା ।
କେତେ ରଙ୍ଗ ସଙ୍ଗେ ବସି ଶୂନ୍ୟ କୁଞ୍ଜେ ବିଷାଦେଗଣିଛୁ
ସରଗ ତରା । ୨
ଆଖି ପାଣି ଆଖି କୋଣେ ଶୁଖାଇଛୁ ଗ୍ଲାନିକି କରାଇ
ବିଷାଦ ଭରା ।
କଣ୍ଟ ଦେଇ ଖଣ୍ଡ ପଣ ଆଚରିଛ ଶୁଖାଇ ମୋହର
କୁସୁମ ଝରା । ୩
ନବୀନ ଗୀତିକା ଗାଇ କଳକଣ୍ଠ ହସି ଅଛୁ କେତେ
ହୋଇ ଖେପରା ।
ଶୁଭ ଯୋଗେ ଆଜ ପାହିଥିଲା ନିଶି ତେଣୁ ଭଜେକଲ
ରଙ୍ଗ ଅଧରା । ୪
ଚନ୍ଦ୍ରାବଳୀ କୁଞ୍ଜ ହେଲା ଆଜ ଉଚ୍ଚ ହୃଦସ୍ଫୁର୍ତ୍ତି ହେଲା
ଆନନ୍ଦ ଭରା ।

ବହୁବନ୍ଧନାନ୍ତରେ ପାଇଛୁ ବନ୍ଧୁ ହେ ନ ଛାଡ଼ିବ କେବେ
ପାଣରୁ ଗଙ୍ଗ । ୫
ବାହୁପାଶେ ବାନ୍ଧି ରଖିବ କାଳକୁ ହେଲେ ହେବ ବ୍ରଜେ
ମହତ ସଙ୍ଗ ।
ତୁମେ ଶ୍ୟାମ ବନ୍ଧୁ ଚନ୍ଦ୍ରାବଳୀ ବନ୍ଧୁ ବୋଲି ଜାଣନ୍ତୁ ଏ
ଜଗତ ସାଙ୍ଗ
ଗୋପାଳ କୃଷ୍ଣଙ୍କୁ ଗତି ଦିଅ ପ୍ରଭୁ ପଦ ପଙ୍କଜକୁ
କରିଛୁ ଆସଙ୍ଗ । ୬

## ଚନ୍ଦ୍ରାବଳୀ ପ୍ରତି ଶ୍ରୀକୃଷ୍ଣ

ରାଗ ଖେମଟା

'ଚନ୍ଦ୍ରାବଳୀ ଗୋ । ଚନ୍ଦ୍ରାନନା ମୋ ଗଳାମାଳ ଗୋ
ତୋବିନା ଭୁବନ ଲାଗେ ମୋତେ ଶୂନ୍ୟ
ମୁଖ ନଦେଖି ମରେ ଜ୍ୱାଳ ଗୋ । ପଦ ।
ପ୍ରାଣ ବାନ୍ଧବୀ ତୁ ମୋର ମୁଁ ତୋ ବାନ୍ଧବ
ସାକ୍ଷୀରଖି କହୁ ଅଛି ଚଣ୍ଡିକା ଧବ
ଭବ ପଙ୍କଜ ପର
ପ୍ରୀତି ତୋର ମୋହର
'ରହବ ଚିର ଜନ କେବେ ନ ଯିବ ସର
ତୁମୋ ପୀୟୂଷ ଭରା ଥାଳ ଗୋ । ୧
କଣି ରଖିଲୁ ମିତଣୀ ସେନହେ ମୋତେ
କଦାପି ମୁଁ ରହୁଛି ଆଜ ନୋହିବ ତୋତେ
କୋକନଦ ଅଧରୁ
ମଧୁ ଦେଇ ରମ୍ଭୋରୁ
ତେରଙ୍କେ ଗୁହିଁଥରେ ଖେଳାଇ ଦିଅ ଭୁରୁ
ମଦନ ହାସ ଯାଉ ଜଳି ଗୋ । ୩

ଆସ ଆସ ସଙ୍ଗୀତରେ ମାଳ କୁନ୍ତଳା
ସାର୍ଥକ କର ରଜନୀ ଖେଳାଇ ଦୋଳା
ମାର ମାର୍ଗଣ ବାଜ
ପରଶେ ଦୂରେଁ ଯାଉ
ତୋର ମୋର ମିଳନ କଥା କାଳକୁ ଥାଉ
ଗୋପାଳକୃଷ୍ଣ ଗୀତେ ଭଣେ ଗୋ । ୪

## ଲଳିତାର—ଶ୍ରୀକୃଷ୍ଣଙ୍କ ପ୍ରତି

କ୍ରୋଧୋକ୍ତି
ଚାଳ—ନିପୁଣ୍ଠା

ଦଗାଦାର ଶ୍ୟାମବନ୍ଧୁ ବଟାଳିଆ ହେଲେ ହେ
ଦୁର୍ବ୍ୟବହାର କଲ ବନ୍ଧୁ !
ମୁକୁଳତା ମାଳତୀଙ୍କ ପାଦରେ ଦଳିଲ ହେ
ସ୍ନେହ ଲତା ମୂଳ କାଟି ଝରାରେ ଥାପିଲ ହେ । ୧
କି ଅମଳ ଖାଇ ତୁମ୍ଭେ ବିବେକ ହାରିଲ ହେ
ରାଇ କୁଞ୍ଜ ବାଟ ଛାଡ଼ି ବିପଥେ ଅଇଲ ହେ । ୨
ନବ ବଉଳଯୁ ଶେଯେ ଚାହାଣ୍ଡି ପଡ଼ିଲ ହେ
ବୃଥା ହେଲା ଫୁଲ ଶେଯ ଚିତ୍ତେ ନ ଭାବିଲ ହେ । ୩
ଉଡ଼ୁକାନ୍ତ ମୁଖୀ କଥା ଚିତ୍ତେ ନ ଥୋଇଲ ହେ ।
ଉନ୍ନିଦ୍ରେ ବସାଇ କୁଞ୍ଜେ ଆଚ୍ଛାଦଣା ଦେଲ ହେ । ୪ ।
ଆଶା କରିଥିଲୁ ସତ୍ୟ ଆସିବେ ଛଳିଲ ହେ
ଗୁନ୍ଥୁଥିଲୁ ପ୍ରୀତିହାର ମଣ୍ଡିବାକୁ ଗଲ ହେ । ୫ ।
ବୃଥା ହେଲୁ ସବୁ ଶ୍ୟାମ ଏକି କରାଇଲ ହେ
ଏଣୀ ନୟନା ନୟନୁ ଅଶ୍ରୁ ଝରାଇଲ ହେ । ୬ ।
ଚନ୍ଦ୍ରାବଳୀ କୁଞ୍ଜେ ମାତ୍ର ରାତ୍ରି ପୁହାଇଲ ହେ
ଲଳିତା ରାଇର କଥା କେମନ୍ତେ ପାଶୋରିଲ ହେ । ।୭।

ସଂକେତ ଦେଇ କୁଞ୍ଜକୁ ଡକାଇଣି ଥିଲ ହେ
ବାସକ ହୋଇଲା ଶଯ୍ୟା ତଳେ ନ ଶୋଇଲ ହେ । ୮ ।
କିଣା ଜନେ ନାଶ କରୁ କି ଯଶ ପାଇଲ ହେ
ନିରବଧି ନୟନରୁ ନୀର ବୁହାଇଲ ହେ । ୯ ।
ମନେରଖ ବନ୍ଧୁ ଆଜି ଯାହା କରି ଦେଲ ହେ
ସେଥିପାଇଁ ହେବ ପଛେ ନିସ୍ତେ କଲବଲ ହେ । ୧୦ ।
ମୋ ନାମ ଲଳିତା ବୋଲି ଜାଣ ନନ୍ଦଲାଲ ହେ
ଛଡ଼ାଇ ଦେବ ଦଣ୍ଡକେ ଏ ସବୁ ଖିଆଲ ହେ । ୧୧ ।
ଆଜି ରାଈଙ୍କ ଯେପରି ଦୁଃଖୀ କରାଇଲ ହେ
ସେହି ପରି ଦୁଃଖୀ ହେବ ଯଶୋଦା ଦୁଲାଳ ହେ । ୧୨ ।
ଯାଉଛି ମୁଁ ସଖୀ ପାଶେ କହିବି ଏ ହାଲ ହେ
ଥାଅ ଚନ୍ଦ୍ରାବଳୀ ପ୍ରିୟ କହଇ ଗୋପାଳ ହେ । ୧୩ ।

## ରାଗ ଆନନ୍ଦ ଭୈରବୀ—ଝିପଟା ତାଳ

( ଯେନ ସୁଟଣ୍ଡେ ଗୋ—ବୃନ୍ଦେ )

କାହା ଶକ୍ତି ତାହା ବର୍ଣ୍ଣି ନ ବଳିବ ଯାହା ଦେଖିଲି ଗୋ ମା
ଆହା ନବତାରୁଣ୍ୟ ଆହା ସେ କି ଲାବଣ୍ୟ
ଆହା ବ୍ରଜେନ୍ଦ୍ର ପୁଣ୍ୟପୁଞ୍ଜ ଗୋଷ୍ଠ ଚନ୍ଦ୍ରମା ।ପବା
ବଳାହକ ନିବହ — କଳାରୁ ବଳି ଦେହ
ଦୋଳାରେ ନାଚୁଛି ଗୋ ମା,
ତାଳାଚୁଳ ଧ୍ୱଜକୁ — ଭୁଲା କୋଟି ତଳକୁ
ବଳାଉ ଦୃଷ୍ଟି ସଣଗଲୁ ସବୁ ଗାରିମା ।୧
ନିଟିଳାଳକ ଅଧ — କୁଟିଳ ଭ୍ରୂରୁ ମଧ୍ୟ
ପଟୀର ତିଳକ ଗୋ ମା,
ନଟୀ ରତ୍ନ କୁଣ୍ଡଳ — ଯୋଟିଛି ଗଣ୍ଡସ୍ଥଳ
କଟୀ ପୀତ ଦୁକୂଳହା ତ୍ରିଭଙ୍ଗ ଭଙ୍ଗିମା

ଖଞ୍ଜନ ଯୁଗମଦ ଗଞ୍ଜନ ନେତ୍ର ଦ୍ୱନ୍ଦ
କ ଅନୁରଞ୍ଜନ ଗୋ ମା,
କଞ୍ଜ ସଂଯୋଗଅଳି ପ୍ରଭଞ୍ଜନେ ଆନ୍ଦୋଳି
ହେଲ ପରି ଏ ଚଳ ମଣ୍ଡୁଛି ଶ୍ରୁତି ସୀମା ।୩
ଯୁବା ନକର ବର ନବାବତାର ମାର
ଜବା ସେ ହୋଇଛି ଗୋ ମା,
ନିବାସ ମୁରଲୀର ଗ୍ରୀବାଭୁ ଯୁବକଣ୍ଠର
ଜବା ଗର୍ବାପହର ଅଧର ଅରୁଣି ମା ।୪
ଗୋପାଳ କୃଷ୍ଣ ଭଣେ ଅପାର ଦନରୁ ସେ
ଉପାୟ କଲେଣ ଗୋ ମା,
ନଥାଇ ଅବସର କୃପାମୟୀ ଭୂମର
ସ୍ୱରୂପ ହୋଇଲାଣି ଶ୍ୟାମ ନେତ୍ର ପ୍ରତିମା ।୫

## ଶ୍ରୀରାଧା—ବିରହିଣୀ

ବହନାରେ ମଳୟ ବାଆ
ଦହନା ବିରହେ ତନୁ···କେବେ ଫେରି ଯାଆ । ପଦ ।
ଶ୍ୟାମ ବିଚ୍ଛେଦନା ମୂର୍ଚ୍ଛି ଲୁଟାଇଛି ମାୟା
ଏ ଭବ ଭବନେ ମୋର କେହି ନାହିଁ ସାହା । ୧
ରେ କଳା କୋକିଳ ବୃଥା ହେବୁ ଯେବେ ବାୟା
ଏ ସଂସାରୁ ପୋଛି ଦେବି ମୁଁ ତୋହର ନାଆଁ । ୨
କଳା କଳା ମେଘ ଘୋଟି ଦେଲେ ଉପଚ୍ଛାୟା
ମୋର ଅଭିଶାପେ ପୋଡ଼ି ହୋଇ ଯିବ ଧୂଆଁ । ୩
କଳା ଭୃଙ୍ଗ ଦେଖି ବଡ଼ ଲାଗୁଛି ଗ୍ଲନିଆଁ ।
ତେଣୁ ତରୁ ଲତାରେ ମୁଁ ଜଳାଇଛି ନିଆଁ । ୪
କଳା ପ୍ରତି ମୋ ଅନ୍ତରେ ନାହିଁ ତିଳେ ଦୟା
ଗୋପାଳକୃଷ୍ଣ ଭଣଇ ହୋଇ ଅମାନିଆ । ୫

## ଶ୍ରୀକୃଷ୍ଣଙ୍କ ଅନୁଚିନ୍ତା

ତାଳ—ଏକତାଳି

କି କଲି ମୁଁ—ଖିଆଲେ ବୁଦ୍ଧି ହରାଇଲି
ମନ୍ଦ ମଦନ ମାଦକେପଥ ହୁଡ଼ିଲିରେ । ପଦ ।
ଜଳା ବଳାହକ କେଶୀ ପର୍ବ ଶର୍ବରୀଶ ହାସୀ
ଗରବ ଦଳାଇ କିବା ଖ୍ୟାତି ଅର୍ଜିଲିରେ । ୧
ଅଭିସାରିକା ସେବାଳା କୁଂଜେ ନଶି ପୁହାଇଲା
ସଙ୍କେତ ଦେଇଣ ତାକୁ ନିରାଶ କଲିରେ । ୨
ସେ ନବ ଲାବଣ୍ୟ ବତୀ କେମନ୍ତେ ଧରିବ ଧୃତି
ଅମୃତ ବୋଲି ଜହର ଖଣ୍ଡ ଗୋଳିଲିରେ । ୩
ସେ ଯେବେ ବନ୍ଧୁକ ବେଶ ମାଗି ଦେବ ତ ମୁଁ ଉଦାସ
କହିବ ଘୋର ଅଂଧାରେ ପଥ ହୁଡ଼ିଲିରେ । ୪
ନମାନିଲେ ଯୋଷାବର ଜନମେ ଧରିବ କର
ଗୋପାଳକୃଷ୍ଣ କହୁର ହାରିତ ଗଲି ମୁଁ ଗଲିରେ । ୫

—(×)—

## ବିଶାଖା ଏବଂ ଶ୍ରୀରାଧାଙ୍କ

ଉକ୍ତି—ପ୍ରତ୍ୟୁକ୍ତି

( ଗଳଣିତ ଗଳ୍ପ କଥା—ବୃତ୍ତେ )

ବିଶାଖା—ହେଲା କଥା ଅଘଟନ ଗୋ କିଶୋରି !...
ଶ୍ରୀରାଧା—ସେ ଧୂର୍ତ୍ତ ଲମ୍ପଟ ପୀତପଟ୍ଟଠାରେ କହିଲି ଦୁର୍ଜ୍ଜୟ ମାନ । ୧
ବିଶାଖା—ଏ ଆଣ୍ଠୁ ରହିବ ଟିକି ଗୋ କିଶୋରି !
ଶ୍ରୀରାଧା—ଗୋଳ ଜହରକୁ ଗିଳିବି ବିଶାଖେ
ଯେବେ ନପାରିବି ରଖି । ୨ ।
ବିଶାଖା—ପ୍ରାଣଥିଲେ ମିଳେ କୃଷ୍ଣ ଗୋ କିଶୋରି !
ଶ୍ରୀରାଧା—କୃଷ୍ଣ ନାମ କହ ଆଉ ଗୋ ବିଶାଖେ !
ଦିଅନା ମୋ ପ୍ରାଣେ କଷ୍ଟ । ୩ ।

ବିଶାଖା—ଏ ଜଗତ କୃଷ୍ଣ ମୟ ଗୋ କିଶୋରି !
ଶ୍ରୀରାଧା—କଳା ବୋଲି ସେହି ତେଜିଲି ବିଶାଖେ
ପୁଚ୍ଛସି କିପାଇଁ କହ ।୪।
ବିଶାଖା—ଧଳା ପାଖେ ଥାଏ କଳା ଗୋ କିଶୋରି !
ଶ୍ରୀରାଧା—କଳାକୁ ତେଜି ମୁଁ ଆଦରି ନେଇଛି
ଅନ୍ୟରଙ୍ଗ ଭୁଲେ ଧଳା ।୫।
ବିଶାଖା—କଳା ତ ଅଟେ ରଜନୀ ଗୋ କିଶୋରି !
ଶ୍ରୀରାଧା—ଆଲୋକ ଜଳାଇ କଳାକୁ ମୁଁ ଧଳା
କରିବି ପ୍ରାଣ ସଜନୀ ।୬।
ବିଶାଖା—କଳା ଯମୁନାର ନୀର ଗୋ କିଶୋରି !
ଶ୍ରୀରାଧା—ସେ ଜଳେ କେବେ ମୁଁ ସ୍ନାନ
ନକରିବି କହିଲି ନିରଟ ଗିର ।୭।
ବିଶାଖା—ଆକାଶ କଳା ଅଟଇ ଗୋ କିଶୋରି !
ଶ୍ରୀରାଧା—ପ୍ରାଣେ ଥିବାଯାଏ ଚାଲିବି ବିଶାଖେ
କେବଳ ତଳକୁ ଚାହିଁ ।୮।
ବିଶାଖା—ତଳେ କଳା ଦୁର୍ବାଦଳ ଗୋ କିଶୋରି !
ଶ୍ରୀରାଧା—କେଦାର ପ୍ରାନ୍ତରେ ନଯାଇ
ଉଆସେ କାଟିବି ଜୀବନ କାଳ ।୯।
ବିଶାଖା—ତୋ ମସ୍ତକେ କଳା କେଶ ଗୋ କିଶୋରି !
ଶ୍ରୀରାଧା—ଗୋଟି ଗୋଟି କରି ଓପଡ଼ାଇ ଦେବି
ଲଗାଇ ସଖି ପାଉଁଶ ।୧୦।
ବିଶାଖା—ଭ୍ରୂଲତା କିସ କରିବୁ ଗୋ କିଶୋରି !
ଶ୍ରୀରାଧା—କ୍ଷୌରକାର ଡାକି ଚାଞ୍ଛାଇ ଦେଇ ମୁଁ
ପୋଡ଼ି ପକାଇବି ସବୁ ।୧୧।
ବିଶାଖା—ଆଖି ପତାକୁ ତୁ ଅନା ଗୋ କିଶୋରି !
ଶ୍ରୀରାଧା—ଦେଖି ନହୁଏ ସେ ତେଣୁ ତା ପାଇଁକି
ନାହିଁ ମୋ ମନେ ଶୋଚନା ।୧୨।

ବିଶାଖା—ଆଖି ଢୋଳା ସବୁ କଳା ଗୋ କିଶୋରି !
ଶ୍ରୀରାଧା—ଛୁଇଁ ଧରି ତାକୁ ଚାହିଁବ ବିଶାଖେ !
ଛିଣ୍ଡି ଯିବ ସବୁ ଜ୍ୱାଳା ।୧୩।
ବିଶାଖା—ଏ ଦୁର୍ବୁଦ୍ଧି ଛାଡ଼ ଦିଅ ଗୋ କିଶୋରି !
ଶ୍ରୀରାଧା—କରଧରି ସଖି ବିନତି କରୁଛି
ଆଉ ମୋତେ ନଜଳାଅ ।୧୪।
ବିଶାଖା—ତୁ ଆମ୍ଭର ଗଳାମାଳି ଗୋ କିଶୋରି !
ଶ୍ରୀରାଧା—ଛାଡ଼ିଦିଅ ମୋର ଆଶା ଗୋ ବିଶାଖେ
ଭାଗ୍ୟ ମୋ ଯାଇଛି ଜଳି ।୧୫।
ବିଶାଖା—ନହୁଅ ଏ କଦର୍ଥିନ ଗୋ କିଶୋରି !
ଶ୍ରୀରାଧା—କି ଲଭ ଆଉ ଏ ଅସାର ଜୀବନେ
ପର କଲେ ଶ୍ୟାମଘନ ।୧୬।
ବିଶାଖା—ସବୁ କଥା ତୁଟି ଯିବ ଗୋ କିଶୋରି !
ଶ୍ରୀରାଧା—ତୁଟିବା କଥା ତୁ କହନା ବିଶାଖେ !
ଗୋପାଳ କୃଷ୍ଣର ଭାବ ।୧୭।

—*—

## ସଖୀମାନଙ୍କପ୍ରତି ଚନ୍ଦ୍ରାବଳୀ

( ତାଳ—ଝମ୍ପଟ )

ନୟନେ ଦେଖିଲି ନାହିଁ ତାରି
ଶୁଣିଛି ମୁରଲୀ ରେ
ମନପ୍ରାଣ ଯାଚିଲି ହୋଇ
ଦେଇଅଛି ତାଳରେ
ସଙ୍ଗାତ । ପଦ ।
ପୀତ ପଛିଆ କାହ୍ନୁ
ଭୁଲି ନୁହେ ନୟନୁ

ଲାସ୍ୟ ରତା          ମିଳନ ଭଙ୍ଗୀ
ମିଶିଛୁ ତା ଗୀତରେ
ସଙ୍ଗୀତ । ୧ ।

ହାଣିଲେ ନେତ୍ର କୁନ୍ତ
ଛନକା ଉଠେ ଚିତ୍ତ
ଜଳି ଉଠେ          ଛାତିରେ ନିଆଁ
ଯାଏ ମୁଁ ଚହଲିରେ
ସଙ୍ଗୀତ । ୨ ।

ଯବେ ସେ ବଂଶୀଧାରୀ
ପାଲେ ପଡ଼ିଲି ଧରା
ଭରମରେ          ନରମି ଯାଇ
ସରମେ ସରିଲିରେ
ସଙ୍ଗୀତ । ୩ ।

ଅପାଙ୍ଗେ ଚାହିଁ ଥରେ
ବୋଇଲା ମଧୁ ସ୍ୱରେ
କୁଞ୍ଜପଟେ          ଆସ ଗୋ ଧନି
ତୁ ନବ ଛଇଳଣିରେ
ସଙ୍ଗୀତ । ୪ ।

ତା ଅପରୂପ ଛବି
ଦେଖି ମୁଁ ଗଲି ଦ୍ରବି
ନପାରିଲି          ମୂର୍ଚ୍ଛି ତଳେ
ତା ବଚନେ ଭୁଲିଲିରେ
ସଙ୍ଗୀତ । ୫ ।

ମୋ କର ଧରି ଧୀରେ
ନେଲା କୁଞ୍ଜକୁ ଖରେ
କୋଳେ ଧରି          ଚୁମ୍ବନ୍ତେ ଗଣ୍ଡ
ମୋହିତ ହୋଇଲିରେ
ସଙ୍ଗୀତ । ୬ ।

ପୀତ ପଙ୍କିଆ ଶ୍ରୀପତି
କେତେ ରଙ୍ଗେ କଲା ପ୍ରୀତି
ରସାଇଲା                    ମନକୁ ମୋର
ତା ତନୁରେ ଜଡ଼ିଲେ
ସଙ୍ଗାତ । ୭ ।

ରଜନୀ ଗଲା ପାହି
ଜାଣି ପାରିଲି ନାହିଁ
ଭାସିଗଲି                    ମଧୁ ମାଦକେ
ବାହୁରେ ଭିଡ଼ିଲାରେ
ସଙ୍ଗାତ । ୮ ।

ଡାକନ୍ତେ କାକ ପିକ
ମନେ ଲାଗିଲା ଦକ
ଘରେ କଥା                    ପଡ଼ିଲା ମନେ
ବନସ୍ତେ କହିଲାରେ
ସଂଗାତ । ୯ ।

ଛାଡ଼ ହେ ଆନନ୍ଦକନ୍ଦ
ମୋର ଶାଶୁ ନଣନ୍ଦ
ଧିଙ୍ଗାସରେ                    ଗଞ୍ଜିବେ ମୋତେ
ମୁଁ କି ଲାଜେ ସଡ଼ିଲିରେ ସଙ୍ଗାତ । ୧୦ ।

ସେ ନଟପଟଳ ରାଜା
କହିଲେ ବେଗେ ଯା' ଯା'
ବଣା ଏଣୀ                    ପରାଏ କେତି
ପଳାଇ ଅଇଲି ରେ ସଙ୍ଗାତ ।୧୧।

ସେଦିନୁ                    ପ୍ରୀତି ରତି
ଚିତ୍ତରେ ହେଲା ଗାର
ବଦନ୍ତି ଶ୍ରୀ                    ଗୋପାଳକୃଷ୍ଣ
ସେ ମୋର ଗଳା ମାଳରେ ସଙ୍ଗାତ ।୧୨।

—*—

## ରାଗ ଖରହରପ୍ରିୟା—ତାଳ ମିଶ୍ରଚାପ

ମାନସ ଭବ । ରାଧା ମାଧବ
ନୂତନ ଭେଟ ମହୋତ୍ସବ ମାଧୁର୍ଯ୍ୟ ବିଭା
ଶ୍ୟାମ କୁଞ୍ଜରେ ରାଧା ଆଜରେ
ତାର ତରଳ ଡୋଳା ଖେଳା ଚତୁରୀ ।୧
ଆଳୀ ନିକର କେଳି ମନ୍ଦର
ଦୁଆର ରୁଦ୍ଧ ହେବାର କର ଧରି ।୨
ସଙ୍ଗିମା ବାସ ନଟେଭଜି ରାସ-
ରଙ୍ଗିମା ଅଜବାର ଲଜେ ହେବ ।୩
ସଖୀ ହସନ୍ତି ଅନ୍ତ ଶ୍ରୀମତୀ
ଆସୁ ନିକଟକୁ ନିକୁଞ୍ଜ ବିହାରୀ ।୪
ଭ୍ରମତ୍ତଗଜ ହେମ ପଙ୍କଜ
ନେଲାପର ହେବାର ନବ କଣୋଦରୀ ।୫
ହେଲା ସନ୍ତୁଷ୍ଟ ଗୋପାଳକୃଷ୍ଣ
ଧୀରେ କବାଟ ପୁଟ ଟାଣି ଉଟାରି ।୬

—*—

## ଶ୍ରୀକୃଷ୍ଣ ଦର୍ଶନେ ସଖୀଗଣ

ତାଳ—ଯତି

ତଳ ଆସେ ମୋହନ ମୂରତି ଗୋ । ରସବନ୍ତି
ବ୍ରଜ ପୁର ଶୋଭାର ସଂପତ୍ତି ଗୋ । ରସବନ୍ତି । ପଦ ।
ତେଜ ଲଜ୍ଜା ଅଭିମାନ
କହ୍ନୁଙ୍କୁ କର ଦର୍ଶନ
ଏ ପରା ଅଖିଳ ଜନଭୂତି ଗୋ । ୧
ଦୁଷ୍ଟ ଭ୍ରଷ୍ଟ ନାଚିବାର
ମୂର୍ଚ୍ଛନା ହସିବା ସାର
ଦେଖି କହ ରହିବ କା ଧୃତି ଗୋ । ୨

ଗଳେ ମଣୋପ୍ରଭ ମାଳ
କଟୀରେ ପୀତ ଦୁକୂଳ
ଚୂଡ଼ାରେ ଖଞ୍ଜିଛି ବାସ ଫୁଲ ନାନା ଜାତି ଗୋ । ୩
ଶିରେ ବରହା ମୁକୁଟ
ଝଣେ କେତେ ଝୁଟ ଝୁଟ
ବନ୍ଦେ ବଂଶୀ ବାଇ କରେ ଜଗାଉ ଏମିତି ଗୋ । ୪
ଏ ବନ୍ଧ ଗୃହିଁଣୀ ତାର
ଦନ୍ତ ଚନ୍ଦ୍ର ଝାଷିବାର
ନନ୍ଦଙ୍କୁ ହାଣୀ ଯେମନ୍ତ ତାଣ ଥିଲା ହାଣ୍ଡି ଗୋ । ୫
ନୟନେ କଣୀ କଜ୍ଜଳ
କଟାକ୍ଷେ ମାର ମାର୍ଗଣ
ନାଗରୀ ମାରିବା ପାଇଁ ରଖିଛି ସାଇତି ଗୋ । ୬
ଭଙ୍ଗୀତାର ଆନ ଆନ
କୋଟି କନ୍ଦର୍ପ ସମାନ
ଦେଖିଲେକେ ମୁ ଲୁଚିବ ଥାଣି ଦଳ ଧୁଞ୍ଜ ଗୋ । ୭
ଗୋପାଳ କୃଷ୍ଣ ଭଣଇ
ଅଧ ଅଂଶେ ସର୍ବ ସନ୍ଧି
ମନ ମୋହନ ଗ୍ରନ୍ଥରେ ମିଶାଇବା ଗ୍ରନ୍ଥ ଗୋ ।।

## ରାଗ ଶଙ୍କରା ଭରଣ—ମିଶ୍ର ଏକ ତାଳ

( ହରି ବସିଛୁ କଶୋର ପ୍ରାନ୍ତ—ଭୁରେ )

# ସାଧକ ଦେହାନ୍ତର ଲାଲସା

( ଏହି ସଙ୍ଗୀତରେ କବି ତାଙ୍କ ନିଜ ମନର ବାସନାକୁ ବ୍ୟକ୍ତ କରିଛନ୍ତି । ସଂସାରର ଅଳୀକ ମାୟାପ୍ରତି ଆକୃଷ୍ଟ ନହୋଇ ରାଧାକୃଷ୍ଣଙ୍କ ଶରଣପଞ୍ଜରେ ଆଶ୍ରୟ ନେବାକୁ ତାଙ୍କ ମନ ପାଗଳ ହୋଇ ଉଠିଛି । ଭାଷା ସରଳ ଭାବ ଗମ୍ଭୀର ହୋଇଥିବାରୁ ପ୍ରତ୍ୟେକ ସଙ୍ଗୀତ ପ୍ରେମିଙ୍କ ଏହା ଆଦରଣୀୟ ହୋଇ ପାରିଛି ।

ସଂକଳୟିତା )

ଦୟାମୟି ଦେଖିବ ଯିବାକାଳରେ ମୋ ଜୀବ ଯିବ—ଯେ
ବ୍ରଜବଧୂଙ୍କ ଅଙ୍କରେ ଥିବ ଯେ ।ପଦ।
ହନ୍ତେ ବଂଶୀଗୁଣ, କରୁଛି ଜଣାଣ, ଶୁଣ ପୁଣ ଏହି ସ୍ତବ;
ଶରଣ ମୁଁ ହୋଇଥିଲି ଶ୍ରୀ ଚରଣ ହୃଦେ ମୋର ଉଦେ ହେବ ଯେ ।୧
ରମଣଙ୍କୁ ନାଗବଲ୍ଲୀ ଯାଚି ଯାଚି ମୋ ଆଡ଼େ ଟୋଳା ଡାଳବ
କୃପା କଟାକ୍ଷ ପୀୟୂଷ ଘଡ଼ ମୋର ଅପରାନ ଉଛୁଳିବ ଯେ ।୨
ଅକଳଙ୍କ ପୂର୍ଣ୍ଣଚନ୍ଦ୍ର ମୁଖ ହସ ଯେ ଛବି ଆଖି ଦେଖିବ
କୋଟିଏ ଜନ୍ମର ଦୁଃଖ ଦୂର ହୋଇ ଆନନ୍ଦାଶ୍ରୁ ବହିଯିବଯେ ।୩
ଜୟ ଶ୍ରୀରାଧା ଗୋବିନ୍ଦ ବୋଲି ନାମ ବଦନରୁ ଉଚ୍ଚରିବ
ମଥାରେ ଘୁମୁକୁ ଡ଼ାକିଲା ପରାଏ ମାନସରେ ଆଶ୍ୱାସିବ ଯେ ।୪
ଗୋପାଳ କୃଷ୍ଣ ଭଣେ ଶ୍ରୀ-ଗୁରୁଦେବ ଦତ୍ତ ଦେହେ ପ୍ରବେଶିବ
ଅରୁଣ ଅମଳ କମଳ ଅଂଘ୍ରିର ସେବାରେ ନିଯୁକ୍ତ ହେବ ଯେ ।୫

## ରାଗ କୀରବାଣୀ ତୀଶ୍ରଗତି ଏକ ତାଳ

କି ଶୁଣିଲି ଆଜି ନୂଆ କରବେଭ
ସଙ୍ଗଟିଙ୍କ କହ ସହଚରରେ
ଭୁ ସୁଣି କିଶୋର ମଣିଙ୍କ ବିଲୋକି
ମଥାପୋଛି ଗଲୁ ଅପସରରେ ।ପଦ।

ସ୍ମରଣା କରୁଛି ଅଦୃଷ୍ଟଙ୍କୁ
ଯାହା ମୂରତି କି ଦେଖିବାକୁ
ଯୋଡ଼ିଏ ନୟନ ଦେଲୁ ବୋଲି ଯେତେ
ନିନ୍ଦା କରୁଥାଉ ବିଧାତାକୁ ।୧

କ୍ଷଣେ ନମୁ ଲୁଚୁଛି ଛଳପଟ
ବନକୁ ଯିବା ଆସିବା ବାଟ
ଜଗି ବସିଥାଉ ଶିଖଣ୍ଡି ମୁକୁଟ
ଭେଟକୁ କେ କଲା ଏତେକୂଟ ।୨

ନିରେଖି ନଭରେ ମାରୁତଙ୍କୁ
ପୁଲକାଇ ଦେଇ ଶ୍ରୀ ଅଙ୍ଗକୁ
ଯା ତନୁ କାନ୍ତିକି ଲକ୍ଷ ବୋଲି ପକ୍ଷ
ଲୋଡ଼ୁଥାଇ ପରବନ୍ଧଣକୁ ।୩

ଗୋବର୍ଦ୍ଧନ ଶିଖରରେ ରହି
ଗୋପେନ୍ଦ୍ର ସୁତ ପଥକୁ ଚାହିଁ
ଦିନ ଦି ଯାମରେ ଦ୍ୟୁମଣି ଶିଳାରେ
ଉଭାହେବା ଲୋଭ ଗଲା କାହିଁ ।୪

ଭାଷନ୍ତି ଶ୍ରୀମତୀ ହସି ଧୀରେ
ଗୁରୁଜନେ ଥିଲେ ପୁରତରେ
ଗୋପାଳକୃଷ୍ଣ କହିଲା ଠାରି କୃଷ୍ଣ
ଜଗିଛନ୍ତି କୁଞ୍ଜ ବାଟିକାରେ ।୫

## ରାଗ ମାଳବ ଗୌଡ଼ା—ମିଶ୍ରଚାପ ତାଳ

( ଗଲଣିତ ଗଳ କଅାରେ—ବୃନ୍ଦେ )

କହ୍ବଲେ ବନ୍ଧୁ ବେଷରେ, ସଙ୍ଗାତ
ଭୁଣ୍ଡି ସେନବାକୁ ଅଛୁ କି ଆଉରି ନିକୁଂଜ ବନ୍ଧାଣ୍ଡି ଦୋଷରେ ।ପଦ।
ବ୍ରଜ ପୁରନ୍ଦର ନନ୍ଦନ ସୁନ୍ଦର ବୃନ୍ଦ ଚନ୍ଦ୍ର ବରଣକ
କର ଜୋଡ଼ରେ ନଗୁଇଲୁ ଇତର ଆଡ଼େ ନଡ଼ାକୁ ଦୃଷ୍ଟି କି । ୧
ଥରକୁ ଥର ପତ୍ରାବଳୀ ମକର ଲେଖୁ ଜନ ଅଣ୍ଟୁ ନାହିଁ
ଆଜ ଯେତେ ସେବା ଆଳୀ ଅଜଣାରେ ତୋତେ ଏକା ସାକ୍ଷୀ ଭୁଣ୍ଡ । ୨
କି କରୁନାହାନ୍ତି ତୋର ନଜକର ସୁଇ ପର ପାଶେ ଥାଇ
ତୁ ସିନା ନିଷେଧ କରୁଛୁ ଆସିଲେ ସେ ଲକ୍ଷା ଲେଖିବା ପାଇଁ । ୩
ଘଡ଼ିଏ ସୁମୁରୁ ହୋଇଲେ ଅନ୍ତର ତୋ ପାଦ ତଳର ଧୂଳି
କୋଳ ଦେଉଛନ୍ତି ଲୁଡ଼ ଘୋଟି ପୋଛି ବୃନ୍ଦାବନ ଯାକ ବୁଲି । ୪
ଶୁଣି ସଖୀ ବାଣୀ ଶ୍ରୀ କିଶୋରୀମଣି ଶ୍ୟାମ ସୁମୁରେ ମିଳିଲେ
ଗୋପାଳ କୃଷ୍ଣ ପଦାମ୍ବୁଜ ପୋଛି ପୋଛି ମୋହନ କୋଳକୁ ନେଲେ । ୫

## ବୃନ୍ଦାପ୍ରତି—ଶ୍ରୀକୃଷ୍ଣ

ତାଳ—ଆଠତାଳି

ବୃନ୍ଦେ ଗୋ । ଅପରାଧ କ୍ଷମା ଲାଗି କହ ଛଇଳକୁ
ଜାଣିବେ ମନ୍ଥୁଇ କୋପି ଥିବା କନ୍ଦଳକୁ । ୧।
କଣାଜନ ଠାରେ ଜଣା
ପ୍ରଭୁ ନକରେ କରୁଣା
ଯାହା କରୁ ରସବନ୍ତ
ଚିତ୍ତେ ସ୍ଥା ଝଲକ । ୧
ରସାଳସା ରସାଣରେ
ଅବତାର ମୋ ରସାରେ

ଦାସୀ କରି କହୁଅଛୁ
ମୁଁ କର ମାଳକ । ୨

ବଣ୍ଡ ହୋଇ କୁପିତ
କହୁ ଅଛୁ ହନ୍ତ ସନ୍ତ
ନିରବଧି ଚିତ୍ତକୁ ମୋ
ଦେଉଅଛୁ ଜାଳକ । ୩

ଜମ୍ବୁନଦ ଗୋଷ୍ଠ • ଲାଗି
ଜଗତେ ମୁଁ ଅନୁରାଗୀ
ଯୋଷାବର ଅଟେ ସିନା
ମୋ ରତନ ଥାଳିକ । ୪

କରିବ ଯେବେ ନିରାଶ
ଭକ୍ଷି କାଳ କୂଟ ବିଷ
ନାଶ ହୋଇ ଛଡ଼ାଇବ
ପ୍ରାଣ ଦୁଃଖ କାଳିକ । ୫

ଅନୁକଂପା ପରକାଶି
କୋପନା ମୋ ଦୁଃଖ ନାଶି
କ୍ଷମା ଦେଉ ଏଥରକ
ସେନ ନଉ ଗ୍ଲାନିକ । ୬

ଗୋପାଳ କୃଷ୍ଣ ରଚନ
ଚଳ ଗୋ ବୃନ୍ଦେ ବନ୍ଧନ
ସେନାଇ ମୋ ଲାଗି କହ
ନାଗରୀ ମଞ୍ଜୁଳ କ । ୭

## ରାଗ ଶ୍ରୀ—ଆଦିତାଳ

ମୋହନ ଯା ଯା ତୁ ହୁଅଁ ନା । ପଦ ।
ବାରଣ ପରି ନ ଘେନ ବାରଣ ବାଳକ ପରି ହୋନା
ବାର ଆଜ ଶ୍ରୀମିଷ୍ଟ ମୁଁ ପୂଜଣ୍ଡ ଅପଗାରତ ବନ୍ଧନା । ୧
ବାଟ ନିକଟ ନଟବର ନିପଟ ପାଟକ ଗୋପକାନ୍ତ
ହାଟ ଘାଟରେ ପଶୁପ୍ରୀ ଲମ୍ପଟ ପାପ ହେବ ଅପଖ୍ୟାତି । ୨
ଅନ୍ତର ହୁଅ ଧ୍ୱାନ୍ତ ସହଚର କାନ୍ତ ଆସିବେଟି ମୋର
ସ୍ୱାନ୍ତରେ ରଖି ହନ୍ତକ କଂସକୁ କହି ଯାରିବେ ସଂସାର । ୩
ଆଳୀ ଅଇଲେ ଗାଳ ଦେଇ କରତାଳ ମାରିବେଟି ଗୃଳ
ଶାଳୀ ଟାପରା ସେ ଚନ୍ଦ୍ରାବଳୀକି କରିବୁ ଯା ବନମାଳି । ୪
ପାଣି କୋରକାକୃତ କରି ସେ ହରି ସେବକା ବୋଲୁ ମୁହିଁ
ଜାଣି ସେବ ବୋଲି ସେବକାନ୍ତରେ ଗୋପାଳକୃଷ୍ଣ କହଇ । ୫

## ରାଗ ଶ୍ରୀ—ଆଦିତାଳ

(ନାହିଁ ମୋ ଗନ୍ତ ରୋ ଜନାରେ କୁନ୍ଦରଦନା—ବୃତ୍ତେ)

କେ କି କହିକଲୁ ମନାରେ ଚନ୍ଦ୍ର ବଦନା । ପଦ ।
ଯାସୋର ଦେଲୁ କେମନ୍ତେ ଅଙ୍କେଧରି ସୁରତାନ୍ତେ
ବୋଲୁ ମୋ ଗଣ୍ଡିର ସୁନାରେ । ୧ ।
ଆଗେ ପଠାଇ ଆଳୀକି ଆସିଥାଉ ଦେହଳୀକି
ଯାଉଛୁଟି ଘନଜଘନା ରେ । ୨ ।
ତନୁ ମାଘ ଫୁଲ ପରି ହେଉଥାଇ ଜବାଧରି
ଶୁଣିଲୁ ଯଷ୍ଟୀ ମୋର ନାରେ । ୩ ।
ପ୍ରୀତି ବହୁଳା ପଣରେ ନାଗ୍ନି ଜଗତ ଯାକରେ
ତଳେନଥିଲୁ ଭୁଲନାରେ । ୪ ।
ହସି ହସି ଲାଜେ କଥା କହି ଘୋଡବାର ମଥା
ଜାହିଁଗଲୁ ସେ ଖବନାରେ । ୫ ।

ଗୋପାଳ କୃଷ୍ଣ କହଇ ପର୍ବ ପରି ବେଶ ହୋଇ
ଥରେ ଦଶା ହେଉ କ ନାରେ । ୬ ।

## ରାଗ ଶଙ୍କରାଭରଣ—ରୂପକ ତାଳ

ଲାଗି ଲାଗି ସଙ୍ଗିନି ମୋତେ ସରକ ପକାଇ ଦେଲ
ମୋହନ ହାତେ । ପଦ ।
ନାହିଁ ନାହିଁ କରୁଥିଲି ଫୁଲ ତୋଳିଯିବା ବୋଲି
ଘେନିଗଲ ସେ ଭୁଲାଇ କୁଞ୍ଜବନକୁ ସଙ୍ଗତେ । ୧ ।
କେବେ ହେଲେ ସେ ବର୍ବର ସହି ତାଙ୍କର ତୋହର
ଅଲଙ୍ଘ୍ୟ ପଣ ବରତା ବ୍ରତ ନାଶିଲ ଇଷତେ । ୨
ବୃନ୍ଦା ଜାଣିଗଲେ ଏତ ସଙ୍ଗତ ଯାକ ଯାବନ୍ତ
ହସି ହସି ମାଳ ଦେଲେ ଆଜ ବସି ମୋ ଯୁରତେ । ୩
ବରଜ ଯାକ ଶୁଣିବେ ଶ୍ରୀ ପୌର୍ଣ୍ଣମାସୀ ଜାଣିବେ
ଚନ୍ଦ୍ରାବଳୀ ପରି ରାଧା ହେଲା ବୋଲିବେ ଜଗତେ । ୪
ଗୋପାଳକୃଷ୍ଣ କହଇ ସେ ପରିରେ ମୁଁ ନୁହଁଇ
ସରିଛି ବିବାଦ ସବୁ ଧୂଳିରେ ନାହିଁ କଅତେ । ୫ ।

## ରାଗ କୀରବାଣୀ—ଆଦିତାଳ

ସହି ତୋ ପରି କେହି ଦିଶୁନାହିଁ । ପଦ ।
ନାଗରୀ ଅଗ୍ରଗିରୀ ବହି ଦେଇଛି ପରୀ
ଶ୍ୟାମ ନୟନେ ତୋତେ ଲହି । ୧ ।
ପୁରତେ ଚନ୍ଦ୍ରାବଳୀ ପଦ୍ମା ସବ୍ୟାଦି ଆଦି
ଥାଉ ବୋଲନ୍ତି ରାଧେ ଜାହି । ୨ ।
ଧନ୍ୟରେ ଧନ୍ୟ ତନ ଭୁବନେ ଚନ୍ଦ୍ରାନନା
ମୋହନ କୁ ପାଇଲୁ ମୋହି । ୩ ।

କେଶର ନକୁଞ୍ଜରେ କଶଳସ୍ଥ ଶେଯରେ
କି ଦଶା ଆସିବଟି ସ୍ୱହିଁ । ୪ ।
ଗୋପାଳକୃଷ୍ଣ ବୋଲେ ସେହ୍ନ ସଙ୍ଗେ ମିଳିଲେ
ବ୍ରଜବଧୂ ଅଛନ୍ତି ଯହିଁ । ୫ ।

—୪୦—

## ଶ୍ରୀକୃଷ୍ଣଙ୍କ ପ୍ରତି ସଖୀଗଣ

ନବ ନାଗର ବର ହେ
ବିନା ଦୋଷେ ଗ୍ଲାନିକି କଲତ ପରହେ । ପଦ ।
ପଦ୍ମ ପୁରୁଷ ତୁମେ ଉର୍ବୀ ପାଳକ
ଗରବ ଗଂଜା ବୋଲି କହନ୍ତି ଲୋକ ହେ । ୧ ।
ପୁଣି କହନ୍ତି ତୁମେ ଦୀନ ସୋଦର
ଆରତି ଆର୍ତ୍ତିହର ରଥାଙ୍ଗ ଧର ହେ । ୨ ।
ଆମ୍ଭେ ବୁଝୁଛୁ ଅଛୁ ମିଛ ଏ କଥା
ନଟ କୁଟିଆ ତୁମ୍ଭେ ଖଣ୍ଡ ଦେବତା ହେ । ୩ ।
ରମଣୀ ମରୁ ପ୍ରୀତି ଲମ୍ପଟ ଅତି
ପ୍ରୀତି ପାଇଁ ନବାଛ ଜାତି ଅଜାତି ହେ । ୪ ।
କନକ ଅଙ୍ଗୀ ଆମ ରାଇ କିଶୋରୀ
କୃଷ୍ଣ ପ୍ରାଣ ଗାନ୍ଧର୍ବୀ ରସ ଈଶ୍ୱରୀ ହେ । ୫ ।
କି ନାରଖାର ତାକୁ କଲ ମୋହନ
ଦୁଃଖୀ ନୁହ କି ଦେଖି ଦେଖି ତାର ବଦନହେ । ୬ ।
କେତେ ଦୁଃଖ ପାଇଲା ତୁମ୍ଭର ଲାଗି
ଥରେ ଯା ତୁଣ୍ଡ ତାର ବଦନେ ଭାଗି ହେ । ୭ ।
ମାନ କରିଛି ଧନୀ ଅତି ଦୁର୍ଜ୍ଜୟ
ପାର ଯେବେ ଯାଇଣ କର ଖାଲସ୍ୱ ହେ । ୮ ।
ସବୁ ହୃଦର ଜାଣ ହେ ନଟବର
ଛଟକେ ଖଞ୍ଜ ଗାଞ୍ଜ ମୀନ ପଞ୍ଜର ହେ । ୯ ।

ହେଲା କଲେ ଭେଳାଟି ଯିବ ବୁଡ଼ି
ଶମନ ପୁରେ ଯିବ ରାଣ୍ଡି ପରାଣ ହେ । ୧୦ ।
କେଉଁ ଉପାୟ କରି ହଟାଅ କଷ୍ଟ
କରେ ଏତେ ମାଗୁଣୀ ଗୋପାଳ କୃଷ୍ଣ ହେ । ୧୧ ।

## ସଖୀମାନଙ୍କ ପ୍ରତି—ଶ୍ରୀକୃଷ୍ଣ

ତାଳ—ଖେମଟା

ସଖୀଏ ମୋ ପାଇଁ ଥରେ କହଯା କଶୋଙ୍କ ଗୋ
କଣାଜନ ମୁହିଁ ମୋତେ ନଦେଇ ପାଶୋର ଗୋ । ପଦ ।
ନଜାଣି କଲି ମୁଁ ଦୋଷ
କ୍ଷମା ନଥି କଲି ରୋଷ
ଯେବେ ଦଣ୍ଡ ଦେବ ଦେଉ ସୁଚତେ ଚମ୍ବୁରଙ୍କ ଗୋ । ୧ ।
ବୁଡ଼ିଗଲି ମାନ ଥରେ
କଣା ହୋଇ ଅନ୍ଧକାରେ
ଏଣିକି ବୁଡ଼ିବ ନାହିଁ ଆସିବ ପଦ୍ମର କି ଗୋ । ୨ ।
ମୁଁ ରଣର ମୋର ରାଣ୍ଡି
ବିନୁ ଅନ୍ୟ ଗତି ନାହିଁ
ପର କରିବ ସେ ଯେବେ ହେବି ବନ ବୃକ୍ଷକ ଗୋ । ୩ ।
ନୋହିଲେ କାଳନ୍ଦୀ ନୀରେ
ଝାସ ଦେବି ବରହରେ
ଗୋପାଳ କୃଷ୍ଣର ଗିର—ନଷ୍ଟ ଯିବ ସରି କି ଗୋ । ୪ ।



## ଶ୍ରୀରାଧାଙ୍କ ପ୍ରତି—ସଖୀଗଣ

ତାଳ—ଏକତାଳି

ଗୁମାନ ତେଜ ଏଥର କିଶୋରୀମଣି
ଗୁଣ୍ଡ ନକର ପଥର । ପଦ ।
ବାରଣ ଗମନାରେ ଅକାରଣେ କମ୍ପାଇଁ
ମରଣ ଲୋଡ଼ୁ କନ୍ଦୁ ଶରଣ ଛେଡ଼ି ଦେଇ
ବର ବରଣ ଦେହା
ତରୁଣୀ ସୁତନୟା
ମାର ମାର୍ଗଣା ଘାତେ ଊଣା ନକର ମାୟା
ଗୁଣା କର ତୋ ଲାଗି
କଣେ ହେଣେଣି କାୟା
ଠାଣ ପଣ ବରଜ ମଟିନେ ଆପଣାର । ୧ ।
ବଣା କୁରଙ୍ଗୀ ନୟନା—କିଶୋରୀମଣି
ନହୁଅ ଆଜ ମାନନୀ
ଷଣ କୁସୁମ ଜଣା ତନୁକୁରେ ନଖାନା
ଊଣା କରୁ କି ଲାଗି କୃପା କାରଣ ବିନା
ମୋତେ କଣିଲ କନ
ଭୁ'ତା ପ୍ରାଣର ପ୍ରାଣ
ଅରଣ୍ୟ ସାର ଘରେ ତୋ ଲାଗି ଶ୍ୟାମରାଣ
ଦାରୁଣ ହେଲେ ରାଣୀ !
କରଜକ ସେ ପ୍ରାଣ
ଜାଣିବାର ହୋଇଛୁ ହାଣନା ସ୍ମରଶର । ୨ ।
ଜୀବନ ଯେନ ମୋହନ କିଶୋରୀ ମଣି
ରକ୍ଷକ ନାହିଁଟି ଯେନ
ବନଜାକ୍ଷି ଭୁ ମନୁ ନ ତେଜିଲେ ଗୁମାନ
ମନସୁତ ଜନକ ସିଦ୍ଧ ସମ ପଦନ
ମନ୍ଦ ମନ୍ଦାରି ଶରେ
ସ୍ଫୂର୍ତ୍ତି ସେ ନିରନ୍ତରେ

ମାନ ମୟୀ ତୋ ଲାଗି          ନୟନରୁ ନୀରଧାରେ
ଜୀବନ ବରଜିବ
କରି ଅଛି ବସ୍ତୁର । ୩ ।
ତୋ କଣା ଜନ ମୋହନା କଶୋରୀ ମଣି
ତାପ୍ରତି ମୁଗ୍ଧ ବିମନା
କର ଧରି ତୋହର କହୁ ନାଗରୀବର
ନରକ ନାଶନର ଅରଜ ସେନା କର
ସରସିଜ ଲୋଚନା
ଦୂରକର ଶୋଚନା
ଧଣୀଧର ଖେଦ          ହର ମାର ମୋଚନ ।
ବଞ୍ଚନା କର ନାହିଁ
ଗୋପାଳକୃଷ୍ଣ ଗିର । ୪ ।

—*—

## ରାଗ କୀରବାଣୀ—ମିଶ୍ର ରୂପକତାଳ

ବୁଡ଼ିଗଲୁ ଶ୍ୟାମ ପ୍ରେମରେ । ପଡ଼ି ଭ୍ରମରେ
ଶ୍ରୀରାଧେ ରାଧେ । ପଦ ।
ବରଜ ପ୍ରାଙ୍ଗଣେ ସଖି          କରନ୍ତି ନୃତ୍ୟ ନିରେଖି
ବରତନୁରୁ ଥିଲୁ ଧଇର୍ଯ୍ୟ ଉପେକ୍ଷି ରାଧେ । ୧ ।
ପଞ୍ଚଶାଙ୍ଗି ସ୍ୱପନରେ          କି ବିଲୋକିଲୁ ରାତିରେ
ଭାବ ଶୋକ କରୁଥିଲୁ ଧକ ଧକ ଧୀରେ ରାଧେ । ୨ ।
ଫୁଲପରି କଦମ୍ବର          ଭୁଲ ଦିଶିଲୁ ଶାଖାର
ପୁଲକରେ ବସ୍ତ୍ର ପଦେ ବିଲୋକୁ ମୂର୍ଚ୍ଛାର ରାଧେ । ୩ ।
ସୁନାର ସୁନ୍ଦର ତନୁ          ତନ୍ଦ୍ରା ନୋହେ କାଲୁ ତନୁ
ଘାନାବସ୍ଥା ହେଲୁ ଦଣ୍ଡେ ନ ପାସୋରି ମନୁ ରାଧେ । ୪ ।
ସଖୀଙ୍କି ଲୁଚ୍ଛର ଦୁଃଖ          ରହିଲୁ ଶୁଖାଇ ମୁଖ
ବିହ୍ୱଳ ସୁମରି ହେଲୁ ସ୍ମର ଶର ଲକ୍ଷ ରାଧେ । ୫ ।

କହିଲେ ବେଷ କହିଲୁ ନୋହିଲେ ନୋହୁ ବୋଇଲୁ
ମଣ୍ଡିକ ଝୁଣ୍ଟିଁ ନୟନୁ ଲୁହ ବୁହାଇଲୁ ସଖେ । ୭ ।
ଝୁ ପାଭରେ ନମନ୍ତିଲେ କୃପା ମସ୍ତୀ ଆଳୀ କୋଳେ
ଗୋପାଳ କୃଷ୍ଣ ସେବେ ସେ ଅମଳ ପଦ କମଳେ । ୮ ।

## ରାଗ ଭୈରବୀ—ମିଶ୍ରରୂପତାଳ

( ସଞ୍ଜିବନ ଜୀବନେ କଣୋଖ—ବୃତ୍ତେ )

ଘନ କୁନ୍ତ ! ମାର ମୁଖେଁ ଏ କାରେକ ବଂଶୁରେ । ପଦ ।

ଜଳଦ ତଳେ କସନା ଶ୍ରମାକର
ଜଳଦ ସୁଧାକପ୍ରଦ ଝୁରୁ ଗିର ।
କଳପ କୋଟି ସୁକୃତ ଫଳ ମୋର
ଅଳପ ଦୃଷ୍ଟିରେ ପଶୁରେ । ୧ ।

କାରବାର୍ଣ୍ଣ ସୁନା ଜତ ସୁବରଣି
କାର ଗିର ଦେନ ହୋଇଛୁ ମଞ୍ଜୁମଣି
ସୁରସ ଦାନ ପଣକୁ ଦେବ ଦାନ
ଗଣ୍ଡୁ ଟେଳାଞ୍ଚଳ ଦୃଷ୍ଟିରେ । ୨ ।

ଅବାସ ତନୁ ନେଇ ସୁଖ ନିବାସ
ଦଶାଇ ମୋ ଘର ସୁରତରେ ରସ
ହାସ ଚନ୍ଦ୍ରଦୀପ କରି ପରକାଶ
ବେଣୀ ନାଗମଣି ନଶୁରେ । ୩ ।

ସ୍ମର ଗ୍ରହାବେଶ ସୀତ୍କାର ମନ୍ତ୍ରରେ
ଝାଡ଼ ଛାଡ଼ଇ ଦେଇ କି ନା ସଭରେ
ଚଖାଇ ଘଣ ଅଧର ପୀୟୂଷରେ
ଜରହ ଜ୍ୱର ଅନ୍ତ୍ୟରେ । ୪ ।

ଚୋଟେ ଲୁଷାଇଲ ଚୋଳରେ ଛଇଲ
ଚରଣ ସୃଷ୍ଟିରେ ନନ୍ଦା ଅଇଜଲ
ଗୋପାଳ କୃଷ୍ଣ ଅଙ୍ଗରେ ବାହୁବଲ୍ଲୀ
ଭିଡ଼ ବସା ଚୂଡ଼ ସଞ୍ଚାରେ । ୫ ।

—*—

## ରାଗ କାମୋଦୀ—ତାଳ ମିଶ୍ରଚାପ

( ଅବକେଶ ଦଇବ କି ଛଡ଼ାଇଲା—ବୃତ୍ତେ )

ରାଧା ରୁଷିଛି ମୋହନଙ୍କୁ ବୋଇଲେ
ହସିବେ ନାହିଁକରେ ଲୋକ ଶୁଣିଲେ । ପଦ ।
ବନରୁ ଆସିବାର      କେବେହେଲେ ଉଜୁର
ନୀର ପୂରୁଛି ଯାର ନେତ୍ର ଯୁଗଳେ । ୧ ।
ପୀୟୂଷ ସାର ରସ      ଯାର କର ପରଶ
ନୋହିଲେ ତୁହିଁ ନାହାନ୍ତି ଯେ ପହିଲେ । ୨ ।
ଭୁଜ ବନ୍ଧୁ ଛାମୁରୁ      ଯିବା ଆଳୀଙ୍କ ଦୂରୁ
ଦେଖି ଉଠି ଯେ ଜଙ୍ଘ ହେଉଛି ତଳେ । ୩ ।
ବିଦଗ୍ଧ ମିଥୁନର      ପ୍ରଣୟ ଅମର୍ଷର
ପ୍ରାନ୍ତର ଭାବ ଜାଣିବକେ ପାଞ୍ଚିଲେ । ୪ ।
ଚୂରଥିଲେ ଗୁଆଳୀ      ରାସ ମଣ୍ଡଳେ କାଲି
ବଞ୍ଚିଥିଲେ ଯେ ଯାକୁ ବସାଇ କୋଳେ । ୫ ।
ପରସ୍ପର ଅଧର      ସୁଧା ଖାଇବା ତୁ ଯାର
ତେଜ ହୁଏ କି ଗୋପାଳ କୃଷ୍ଣ ବୋଲେ । ୬

—*—

## ସଖୀମାନଙ୍କ ପ୍ରତି—ଶ୍ରୀରାଧା

ତାଳ—ରୂପକ

ସଖିରେ ! ଆଉ ନଶୁଣା ତା କଥା

ଶୁଣି ଲାଗଇ ବ୍ୟଥା    ଭରମି ଯାଏ ମଥା
ମୁଁ ତାର କୂଟକୁ ଜାଣିଥା ॥ ପଦ ॥
ଦଗାଦାର ସେ ଭୃଙ୍ଗ ସ୍ୱାତିକ ବନ୍ଧିଅଛି
ପ୍ରୀତି ପୀୟୂଷ ଲୋଭେ ଯା କିଛି କହିଅଛି
ନାହିଁ ତାକୁ ବିଶ୍ୱାସ    ନାରୀମଣ୍ଡ ପୁରୁଷ
କପଟେ କରିବ ହତ୍ୟା ॥ ୧ ॥
ମରିବ ବିରହରେ କାତରେ ସହି ଦୁଃଖ
ଆଉ ମୁଁ ନ ଚାହିଁବି କେବେହେଁ ତାର ମୁଖ
ଏ ମୋର ଦୃଢ ପଣ    ଜାଣ ଗୋ ସଖିଗଣ
କେବେ ନ ହେବ ଅନ୍ୟଥା ॥ ୨ ॥
ଯାହା କରିଛି ମୋତେ ସଙ୍କେତେ ବସାଇଣ
ନପାରିବି ପାଶୋରି ପିଣ୍ଡରେ ଥିଲେ ପ୍ରାଣ
ନିଷ୍ଠୁର ସେ ମାଧୋଇ    ତାକୁ ପରତେ ନାହିଁ
ଦିନେ ଖାଇବ ମୋ ମଥା ॥ ୩ ॥
ଜାଣି ସକଳ ଭାବ ତୁମେ ଗୋ ସଖିମାନେ
ପୁଣି କମ୍ପା ତା ମଥା ଶୁଣାଅ ମୋର କାନେ
ପୋଡ଼ଯାଉ ଶ୍ରୀପତି    ପୋଡୁ ପୋଡ଼ା ପୀରତି
ବାଆକୁ ନଖାଞ୍ଜି ବତା ॥ ୪ ॥
ମରିବି ନିଶ୍ଚେ ତାର ଅନାଡି କଥା ଭାଳି
କରିବି ନାହିଁ ଆଉ ଦିନେ ତା ତୁଟିଲି କେଳି
ଗୋପାଳ କୃଷ୍ଣ କହି    ନକର କହିଲଇଁ
ଏତି କି ମନେ ରଖିଥା ॥ ୫ ॥

# ଶ୍ରୀକୃଷ୍ଣଙ୍କ ପ୍ରତି—ବୃନ୍ଦା

ନାଗର ହେ—କାଳିଆ ସୁନା

ରସିକ ମଣ୍ଡଳ ମଧେ ଉଚ୍ଚ ତୁମ୍ଭ ବାନା । ପଦ ।

ଶ୍ରୀମୁଖ ଶୋଭାକୁ ବର୍ଣ୍ଣେ, ନାହିଁ ଏଁ। ଉପମା
ଏ ସ୍ମର କଥାକୁ କର୍ଣ୍ଣ। ଦୁଃଖ ଖେଦମନା-୧
ଦୁର୍ଜ୍ଜୟ ମାନ କରଛନ୍ତି ଶ୍ରୀମତୀ ସୁମନା
କରିବାକୁ ନ କରିବ ଅନୁନୟ ଯେନା-୨
ତଥାପି କହିବ ଯାଇ ତୁମ୍ଭ ଆରାଧନା
ଏ ବ୍ରଜ ମଣ୍ଡଳେ ରାଧା ଅଟେ ଶତଧନ୍ୟା -୩
ଜନମ ହୋଇଲ ମର୍ତ୍ତ୍ୟେ ରାଧା ପାଇଁ ସିନା !
ସୁଖିନୀ ନୋହିବ ରାଧା କେବେ ତୁମ୍ଭବିନା-୪
ଗୋପ ନଗରେ ଅଛନ୍ତି ଯେତେକ ଲଳନା
ସବୁରି ମଧେ ଉତ୍ତମା ବୃଷଭାନୁ ଜେମା-୫
ଗୋଲୋକନାୟିକା ସେହି ମର୍ତ୍ତ୍ୟେ ଅବତୀର୍ଣ୍ଣା
ହୋଇଛନ୍ତି ତୁମ୍ଭରି ଲାଗି ଜାଣ ନନ୍ଦ କାହ୍ନା-୬
ଜୀବ ପରମ ରୂପରେ ଖେଳୁଅଛ ସିନା
ଆଦି ସେ ଅନାଦି ତୁମେ ବ୍ରଜ ମାଧୁରିମା-୭
ମୋ ଦ୍ୱାଦଶ ବନ ପାଇଁ କରେ ମୁଁ ଭାବନା
ମାନମୟୀ ହେଲେ ରାଇ ସବୁ ହେବ ଚୂର୍ଣ୍ଣ-୮
ବୃନ୍ଦାବନ ରାସ କେଳି ଆଦି କଳପନା
ବୃଥା ହେବ ରାଧାକୃଷ୍ଣ ଯୁଗଳାଙ୍କ ଲୀନା-୯
ତେଣୁ ମୁଁ କରିବ ଉଭୟ ମିଳନ କାମନା
ଗୋପାଳକୃଷ୍ଣ କହଇ ପୂରୁ ମୋ କାମନା-୧୦

—*—

# ଶ୍ରୀରାଧାଙ୍କ ଗୀତ

—ଖଣ୍ଡିତ—

ଅଭିମାନ ଅଗ୍ନି ପ୍ରବଳ ଜଳଇ
ଭାଇ କ୍ରୋଧେ ଜର ଜର
ଶ୍ୟାମ ନାଗରଙ୍କୁ ଆଜ ନଗୁହିଁବ
ନକରିବ ଅଭିସାର
ଏଣୁ ଖେଦ ମନରେ
ବସି ଅଛି ସଦନରେ-୧

ଭିଆରି କହିଲେ କିଛି ନଶୁଣଇ
ନେତ୍ରୁ ଖାଲି ଗଳେ ନୀର
ଦୀର୍ଘଶ୍ୱାସ ଜୃମ୍ଭା ଉନ୍ନିଦ୍ର ଉଚ୍ଛନ୍ନ
ପ୍ରାଣେ ତା କଲାଣି ଘର
ଜଳଇ ଖାଲି ଅନ୍ତର
ତନୁ ସ୍ୱେଦ ଜର ଜର-୨

ପଚାରିଲେ କେହି ନଦେଇ ଉତ୍ତର
ତଳକୁ ପୋତଇ ମଥା
ଝର ଝର ଝର ନେତ୍ରୁ ବହେ ନୀର
ମୁଖୁ ନ ବାହାରେ କଥା
ଗୁପ୍ତ କର ବିପାର୍ଶ୍ୱ
ଭୂତଳେ କରେ ଶୟନ-୩

ଆହାର ବିହାର ଛାଡ଼ି ଲାଗି ଧନ୍ଦା
ସ୍ନାହାନକୁ ଯାଉ ନାହିଁ
ପିନ୍ଧିବା ବସନ ମଳି ହେଲେ ମଧ
ଧୋଇବାର ନ ଯୋଗାଇ
ଅତ୍ୟନ୍ତ କାତରରେ
କଂପଇ ବିଚ୍ଛେଦ ଜ୍ୱରେ-୪

ସଜନୀ ଏ ଯାଇ ବୁଝାଇ କହିଲେ
କହେ ମୋ ପାଶରୁ ଯା ଯା
ନ ଶୁଣିବ କଳା ଭ୍ରମରର କଥା
ଯେଣୁ ସେ ଲଂପଟ ରାଜା
ତାହା ଲାଗି ମରିବ
ଜଳା ହାର ନ କରିବ-୫

ଦିନୁ ଦିନୁ ତନୁ କୃଶ ହୋଇଲାଣି
ଶ୍ୱାସ କହେ ଘନ ଘନ
ଥନ ଥନ ହୁଏ ନୟନ ଯୁଗଳ
କନ କନ ଅପଘନ
ମନ ଯାଏ ମଉଳି
ବନ ମାଳୀ ଲାଗି ଝୁରି-୬

ସଜନୀ ଏ ସବୁ ସରୋଜ ପତର
ଆଣି ଶେଷ ସଜାବନ୍ତି
ରଖାର ବ୍ୟଜନ ଯେଣ ଦୁଃଖିତଚିତ୍ତେ
ପାଶେ ବସିଣ ବିଞ୍ଚନ୍ତି
କେ ଚନ୍ଦନ ଗୋଳହୋଇ
ତନୁ ସାରା ଦିଏ ବୋଳି-୭

କେ କର୍ପୂର ମିଶା ପନୀର ସିଞ୍ଚଇ
କେ ମାରଇ ପିଚକାରୀ
ଏସବୁକୁ କେବେ ନକରେ ଆଦର
ମାନମୟୀ ବିମ୍ବାଧରୀ
କହେ କଣ୍ଠୁ ବଚନ
ଗୋପାଳକୃଷ୍ଣ ରଚନ-୮

# ଦୂତୀପ୍ରତି ---ଶ୍ରୀକୃଷ୍ଣ

## ଛାନ୍ଦ-ସୁର

ଜକଲ ଜକଲ ମୋର ନବଜ୍ଜଇଳକ
ଜାଣି ଜାଣି ଦଳଲ ଗୋପିଲ୍ଲ କନ୍ଦଳକ
ଲଳଟେ । ସଣ୍ଡଗଲ ସୁଖ
ସରସିଜ ଦେହା ଲଭୁ ଥିବ ସିଜା ଦୁଃଖ । ୧ ।

କଳନ୍ଦ ଜା ତଟେ ଯେତେ ବସୁଛୁ ଅନାଇ
କଳନ୍ଦ ନଳମା କଳ ଭାଷା ନଶୁଣଇ
ଲଳଟେ । ସେହେମୋ କଲ୍ପଦ୍ରୁ ମା
ତା ବନା ବାଳଣ ସମ ହେଉଛୁ ମୁଁ ଭ୍ରମ । ୨ ।

ଜକଣିବ କେଣେ ଯିବ କହଗୋ ଲଳତା
କେମନ୍ତେ ନାଶିବ ବାନ୍ଧବୀର ମନୋ ବ୍ୟଥା
ଲଳଟେ । ଘନବାଣ ସମ
ବାଷ୍ପଜ ନେହା ନୟନୁ ବହୁଅଛ ଜନ । ୩ ।

ସତେ ଗୋ ମୁଁ କ ହୁହୁଲ କଲ କ କରମ
କରମାଙ୍କ ତନୁତାର ଦଳଲ ମରମ
ଲଳଟେ । ବାମ ମୋତେ ଧାତା
ତେଣୁ ବସରୋହା ନକହୁଛ ପଦେକଥା । ୪ ।

କରଧର କହୁଛୁ ମୁଁ ଲଳଟେ ଗୋ ଚଲ
ଚଳାପାଙ୍ଗୀ ଚିତ୍ତୁ ଲଭ କ୍ରୋଧର ଅନଳ
ଲଳଟେ । ଶିବେଦନ ମୋର
ଅରେ ମାନ୍ତ ଧନ୍ୟା କର୍ଣ୍ଣେ କରାଅ ଗୋଚର । ୫

ପରିକର ମୁଁ ତାହାର ସେ ମୋ ଆତ୍ମା ଭୂତ
ସାଜେ ତାର ସୁସନ୍ନତା ସର୍ବଦା ମୋ ପ୍ରତ
ଲଳଟେ । କଲେତ ନରାଣ
ଅସାଣ ତେଜବ ଭକ୍ଷି କାଳକୂଟ ବଷ । ୬ ।

ରାଧା-କୃଷ୍ଣ ଦେବ ବ୍ରହ୍ମାଣ୍ଡର ଶ୍ରେଷ୍ଠଧନ
ରାଧାସ୍ଥାନ କୃଷ୍ଣ ପ୍ରାଣ କାନ୍ତିଁକ ରତ୍ନବ
ଲଲଚେ । ଯଶ ମାନଥାଉ
ଗୋପାଳକୃଷ୍ଣ ଗାଉଛି କୃଷ୍ଣ ପ୍ରାଣଯାଉ । ୬ ।

—— —— ——

## ଶ୍ରୀକୃଷ୍ଣ ପ୍ରତି ଲଳିତା

( ତାଳ—ଏକତାଲ )

ଘାରି ନହୁଅ ବଂଶୀଧାରି ହେ
ମିଳାଇବ କିଶୋର କିଶୋରୀ ।
ମୋ ନାମ ଲଳିତା    ଯେବେକିଛି ଜାଣିଥା
ନଯିବ କେବେହେଲେ ପାଶୋରି
ବୃଷାକପି ଧେନା    ତରଣୀ ନନ୍ଦନା
ହେବ ତୁମରି ଗଲେ ହୋସରି । ୧ ।
ଅଭିମାନେ ଧନୀ    ହୋଇଛନ୍ତି ମାନିନୀ
ଜାଣି ଏଥାଙ୍କ ଦଶା ବିଚାରି
କଣ୍ଠ ଦେଇ ଖଣ୍ଡ    ପଣ କଲ କୃଷ୍ଣ
କହ କି ଛାଡ଼ିଲ ତାହାରି । ୨ ।
ନାଗରୀ ମୁକୁଟ    ଚିତ୍ତରେ ଗରସ୍ତ
କଷ୍ଟ ହୋଇଛି ଜାଣ କହାରି ।
ଦାବାଗ୍ନିରୁ ଜଳ    ଘୃତ ଯାଏ ଜଳ
ତେଣୁ ସନ୍ତାପ ହୁଏ ସେ ଝାରି । ୩ ।
ବଚନସୁ ବଚନ    ପ୍ରତି ଶୁଣିଲେ କର୍ଣ୍ଣ
ନଦେଇ ଝାଡେ ଅଶ୍ରୁ ନଗାରି
କରଜ ମୂଳରେ    ମସ୍ତକୁ ବଦାରେ
ତୁମରି ଜସ୍ତୁତି ସୁମରି । ୪ ।

ତଥାପି ମୋହନ ତୁମନବେଦନ
କହିବା ପାଇଁ ଇଚ୍ଛା ମୋହର
ହେଉ ଯା ହେବାର ସଙ୍ଗିମାନ ମୋର
ଶୁଣାଇ ଦେବ ଥରେ ଫୁକାର । ୫ ।
ନଦେଖିବ ଶ୍ୟାମ ତୁମର ବଦନ
ନ ଢାଳ ଆଉ ନୟନୁ ବାରି
ଦେଖିଏ ଅବସ୍ଥା ଚିତ୍ତେ ଲାଗେ ବ୍ୟଥା
କି ଶୁଖିଗଲ ତୁମେ ଅପାର । ୬ ।
ଯାହା ଦରଶନ ଲାଗି ପଦ୍ମାସନ
ନିରତେ ହୋଇଛନ୍ତି ଉଦାସୀ
କୃଷା କୃଷାସନ ଅଦିତି ନନ୍ଦନ
ଶ୍ରିସ୍ୱାଗ୍ରତ ଡାକନ୍ତି ଶଙ୍କାରି । ୭ ।
ବୀଣା ପାଣି ଯାର ସେବକ୍ଷି ଆଦର
ପଦ ଲୁଟନ୍ତି ସିନ୍ଧୁ କୁମାରୀ
ସେ ପ୍ରଭୁଙ୍କୁ ସ୍ଥିର କି ଲୋଡ଼ା ମାତର
ଗୋପ ପୁର କୁତ୍ସିତା ଆଦର । ୮ ।
ଯେବେ ହେଲା ଶ୍ରଦ୍ଧା ତେବେ କି ସେ ବାଧା
ନୋହିବ ପଦପ୍ରାନ୍ତେ ବଞ୍ଚିବ
ଗୋପାଳ କୃଷ୍ଣର ଭଷା ବଂଶୀଧର
ଆସ ମୁଁ ଥିବ କଷ୍ଟରେ ଧରି । ୯ ।



## ଗୋପୀମାନଙ୍କର ଉକ୍ତି

### ତାଳ—ଝପକା

( ହୃଦ କୁମୁଦ ବନ୍ଧୁଙ୍କୁ—ବୃତ୍ତେ )

କଳିନ୍ଦଜା କୂଳେ କାଲି ମୋହନ ଘାଟ
ଓଗାଳିଲେ ସଜନୀ ଲୋ ଆମ୍ଭଙ୍କୁ ବାଟ । ପଦ ।

ନାନାରଙ୍ଗେ ରୁଣ୍ଡୁ କହି　　ଘାଟ ମାଗିଲେ ଗୋ ସହି
କଥା କଥାରେ ଭାଙ୍ଗିଲେ ସବୁରି ଆଣ୍ଠ । ୧

କଷରେ ଜଳ ମାଠିଆ　　ଘାଦ ଭାଙ୍ଗି ହେଲୁ ଠିଆ
ବୋଇଲୁ ବିନୟେ ଶୁଣ ହେ ନନ୍ଦସୁତ । ୨ ।

ଆମ୍ଭେ କୁଳ ଭୂଆସୁଣୀ　　ଆସିଛୁ ନେବାକୁ ପାଣି
ଜାଣିଲେ ଶାଶୂ ନଣନ୍ଦ ବସିବ ହାଟ । ୩ ।

କେବେ ଘାଟ ମାଗ ନାହିଁ　　ଆଜି କୁଟକ କପାଇଁ
ଗୁଡ଼ ଗୁଡ଼ି କାହ୍ନୁ ବୁଆ ନଲଗା ନାଟ । ୪ ।

କହିବୁ ରାଣୀଙ୍କୁ ଯାଇ　　ସେ ଆସି ନେବେ ଧରାଇ
ଫଟାଇବେ ପିଠି ମାରି ଚେନ୍ନୁଲ ଗୁଣ୍ଠ । ୫ ।

ଆମ୍ଭ କଥା ଶୁଣି ବଂଶୀ-　　ଧାରି ମୃଦୁମନ୍ଦେ ହସି
ବୋଇଲା ଗୋ ଶୋଷ କେତେ କର ମୁଖଟ । ୬ ।

ଖାତ୍ରୀ ଦେଇ କଂସ ମୋତେ　　ଘାଟ ଜଗାଇଛି ଏଥେ
ନଦେଲେ ଛାଡ଼ିବ ନାହିଁ କଥା ନାରଟ । ୭ ।

ଶୁଣି ଭାର ଗଲା ଆଣି　　ଦଉଣିଲ ପାଦ ପାଣି
ବେଳକୁ ବେଳ ଏମନ ହେଲା ଉଚାଟ । ୮ ।

ଆମ୍ଭଙ୍କୁ ଦେଖି ନୀରବ　　ନଟକୁଟିଆ ମାଧବ
ଭାଙ୍ଗିଲେ ମାଠିଆ ଗଲେ ଛଡ଼ିଲା ପାଟ । ୯ ।

ଲାଜେ ମୁହଁ ଘୋଡ଼ାଇଲୁ　　ବାସେ ଦୁଃଖେ ଲେଉଟିଲୁ
ଗୋପାଳ କୃଷ୍ଣ ଭଣନ୍ତି ଘାଟର ନାଟ । ୧୦ ।

## ଯଶୋଦାଙ୍କ ପ୍ରତି ଗୋପୀଗଣ

( ତାଳ—ଝୁଲ )

ଯଶୋବନ୍ତୀ ମାଏ ଶୁଣ । କଳା କାହ୍ନୁଙ୍କର ଗୁଣ
ଯେତେ ହଟା କରେ ଭୁଜ କଣ୍ଟକରେ
ଯଶୋବନ୍ତୀ ଗୋ
କେ ସହି ପାରିବ ପୁଣ । ୧ ।

ଦଧି ଦୁଗ୍ଧ କରେ ଚୋରି । କହିଲେ ଗୋଡ଼ାଏ ମାରି
ଆକଟ କରି ସେ କହେ ଆଗସରି
ଯଶୋବନ୍ତୀ ଗୋ
ଶାଢ଼ୀ ଟାଣି ଦିଏ ଚିରି । ୨ ।

ଲୁଚି ଲୁଚି ପଶେ ଘରେ । ଭାଣ୍ଡ ଦେଖେ ଶିକାପରେ
ଜଙ୍ଘି ହାତେ ଧରି ଭାଣ୍ଡ କଣାକରି
ଯଶୋବନ୍ତୀ ଗୋ
ଧାରକୁ ତୁଣ୍ଡ ପ୍ରସାରେ । ୩ ।

ଘରଲବଣୀ ଚୋରାଇ । ମୁଖରେ ଦିଏ ପୂରାଇ
ପଳାଇବାକାଳେ ପଛେ ଗୋଡ଼ାଇଲେ
ଯଶୋବନ୍ତୀ ଗୋ
କର ଯୋଡ଼େ ମୁଣ୍ଡେ ନେଇ । ୪ ।

ପିଲାଙ୍କୁ ମାରଇ ଡାକି । କହିଲେ ଦେଖାଏ ଆଖି
ବେଣି ସେ କହେ ତା ଦାଣ୍ଡି ଭାଙ୍ଗି ଦିଏ
ଯଶୋବନ୍ତୀ ଗୋ
ସବୁ କଥା ଦିଏ ଫାଙ୍କି । ୫ ।

## ମନଃ ଶିକ୍ଷା

### ରାଗ—କଲ୍ୟାଣ ଆହାରି

( ଝୁମ୍ପା ତାଳ )

ସା'ରେ ମାନସ । ଶ୍ରୀ ବ୍ରଜଦେଶ ନ ଭୁଲ ବିଷୟ ଗନ୍ଧେ
ବାରେ ବାରେ କହୁଛନ୍ତି ତୋତେ ସଢ଼ନା ଜଂଜାଳ ଦ୍ୱନ୍ଦେ । ଧ୍ରୁ ।
ଶ୍ରୀକୁଣ୍ଡ ନୀରେ ମୁଣ୍ଡ ବୁଡ଼ାଇ ତୁଣ୍ଡରେ ବୋଲ ରାଧେ
ପୁଣ୍ଡରୀକାକ୍ଷ ଭୁଲେ ଶ୍ରୀ ସ୍ୱାମିନୀ ଦଶା ଦେବେ ପ୍ରେମାନନ୍ଦେ । ୧ ।
ସ୍ୱରୂପରୂପା ସଖୀ ଦୁହନ୍ତ ସ୍ନେହେ ଚାହିଁ ହସି ହସି ମନ୍ଦେ ମନ୍ଦେ
ଶୁଙ୍ଗ ବିଦ୍ୟାଙ୍କର ଯୂଥରେ ଗଣିବେ ମଞ୍ଜରୀ ମଧ୍ୟେ ସାନନ୍ଦେ । ୨ ।
ଶ୍ରେଷ୍ଠା ଅଷ୍ଟଆଳୀ ମାନସରେ ଭଜି ସେବାଯାଞ୍ଚ ଦେଇଁ ଶ୍ରୀଙ୍କେ
କଂକଣ ବଧାନେ ଥିବୁ ସାବଧାନେ କୁଂଜ ମନ୍ଦିର ଅଳିନ୍ଦେ । ୩ ।
ମଧ୍ୟାହ୍ନ ଲୀଳାରେ ବୃନ୍ଦାବନେଶ୍ୱରୀ ଆରାଧି ଯାଇଁ କାଳନ୍ଦେ
ମୁଖବାଦ୍ୟ ତାନେ ସୁଗାନ୍ଧୁ ଗମନେ ସଙ୍ଗେ ନେବେ ସଖୀବୃନ୍ଦେ । ୪
ଶ୍ରୀ ଲଳିତାଦି ସଖୀଙ୍କ ଗହଣେ ରଙ୍ଗ ଚଳିବୁ ସ୍ୱଚ୍ଛନ୍ଦେ
ବ୍ରଜେନ୍ଦ୍ରଙ୍କ ଜାର ରସ ତରଙ୍ଗରେ ରସିଥିବୁ ପ୍ରେମବଂଧେ । ୫
ଆଠଯାମ ଯାକ ଖଂଟଣୀ ଖଟିବୁ ମହା ଆମୋଦ ପ୍ରମୋଦେ
କହଇ ଗୋପାଳ କୃଷ୍ଣସ୍ୱାନ୍ତେ ଭଜ ଯୁଗଳ ପଦାର ବିଂଦେ । ୬

--*--

## ଶ୍ରୀ ଶ୍ରୀ ରାଧାଙ୍କ ବର୍ଣ୍ଣନା

ଶ୍ଳୋକ

ନବ ଗୋରଚନା ଗୌରୀଂ ପ୍ରବରେନ୍ଦୀ ବରାମ୍ବରାଂ
ମଣି ସ୍ତବକ ବିଦ୍ୟୋତି ବେଣୀ ବ୍ୟାଳାଙ୍ଗନା ଫଣାଂ ।

( ରାଗ କଳସା )

ଜୟ ଶ୍ରୀରାଧେ ଶ୍ରୀରାଧେ କୃଷ୍ଣ ବଧ୍ୟାନନ୍ଦା
ଅଭିନବ ଗୋରୋଚନା ଜିନ୍ଦିତ ବରନା ଗୋ ।୧
ଲାବଣ୍ୟ ଶ୍ରୀଅଙ୍ଗ କାନ୍ତି ଶୋଭା ମାଧୁରିମା
ନୀଳ ପଟ୍ଟ ଶାଢୀ ସ୍ୱର୍ଣ୍ଣଜରି ବୁଟାରମା ଗୋ ।୨

ସୁରଙ୍ଗ ଉତ୍ତଂସ ଉପରଣ ମନୋହର
କଳା ଭୁଜଙ୍ଗିନୀ ଜିଣି ବେଣୀ ସୁରୁଚିର ଗୋ ।୩
ରତ୍ନଗୁଚ୍ଛ ବିଚକିଳ ସୁମନସ ପନ୍ତି
ଗଗନେ ନକ୍ଷତ୍ରାବଳୀ ପ୍ରାଏ ଶୋଭା ତହିଁ ଗୋ ।୪
ସୁନ ଆଳୀ-ମାଳିକା ବେଷ୍ଟିତ ଗନ୍ଧ ଚୋର
ଗୋପାଳକୃଷ୍ଣର ସେବ୍ୟା କୃଷ୍ଣଧୃତି ହରା ।୫

—*—

## ଶ୍ଲୋକ

ଉପମାନ ଘଟାମାନ ପ୍ରହାର ମୁଖମଣ୍ଡଳାଂ
ନବେନ୍ଦୁ ନିନ୍ଦ ଭାଲୋଦ୍ୟତ୍ କସ୍ତୁରୀ ତିଳକ ଶ୍ରୀୟଂ ।୨
( ରାଗ—ଆଷାଢ଼ ଶୁକ୍ଳ )
ଅଖିଳ ଉପମା ଜିଣି ଶୋଭନା
ସେ ସୀମା ସମକୁ ନାହିଁ ତୁଳନା
କୋଟୀନ୍ଦୁ ନିନ୍ଦ ଶ୍ରୀମୁଖ ମଣ୍ଡଳ
ନବେନ୍ଦୁ-ଜିତ ଲଲାଟ କପାଳ
କସ୍ତୁରୀ ତିଳକ
ଶିଶୁଅଳି ଆଳି କି ସେ ଅଳକ ।୧

—*—

—ଶ୍ଲୋକ—

ଭ୍ରୂକ୍ଷିତାନଙ୍ଗ କୋଦଣ୍ଡାଂ ଲୋଲ ମାଳନୀ କା ବଳୀଂ
କଜ୍ଜ୍ୱଳୋ ଜ୍ଜ୍ୱଳତା-ରାଜ-ଚକୋରାଗ୍ର ସୁନ୍ଦ ଲୋଚନାଂ ।୩

## ରାଗ—ମଧୁଶ୍ରୀ

ଭ୍ରୂଯୁଗଳ ପରିପାଟୀ ସ୍ମର ଚାପ ନିନ୍ଦେ
ଉଜ୍ଜ୍ୱଳ କଜ୍ଜ୍ୱଳ ନେତ୍ରଯୁଗ ଅରବିନ୍ଦେ
ମଣ୍ଡନ କରଇ ମତ୍ତଚକୋରୀଗଣ
ଲୋଲ ମାଳନିକାବଳୀ ହୁଅଇ ପ୍ରଶାନ୍ତ ।୧

—*—

# ଜାଲଝୁଲି

( ସଜନୀରେ ଆଜ—ବୃତ୍ତେ )

ମିତଣୀରେ—ସେହ୍ନ କଳା କହ୍ନାଇ
ଠାର ଆଖି କୋଣେ ଡାକି କୁଞ୍ଜବନେ
ଖଣ୍ଡପଣତାର ଦେଲା ଚହ୍ଲାଇ ।ପଦ।
ମଧୁରେ ମୁରଲୀ ବଜାଇଲା
ଆଖିରେ ମୋହନୀ ରଞ୍ଜାଇଲା
ସଜା ଦେବାପାଇଁ ବଚନେ ମନାଇ
ଚିତ୍ତ ମନ ସବୁ ନେଲା ମନାଇ ।୧
କୋଳେ ଧରି ଚୁମ୍ବଦେଲା ଗଣ୍ଡେ
ରସିଲା ଭାସିଲା ହସି ତୁଣ୍ଡେ
ଦଣ୍ଡକ ମଧ୍ୟରେ ତା ପଦ୍ମ ପାଦରେ
ଛନ୍ଦିଦେଲି ଚିତ୍ତ ହୋଇ ମୁଁ ବାଇ ।୨
କେତେ ମତେ ପ୍ରୀତି ଜାଣେ ଗୋ ସେହ୍ନ
କଣ ନୋହିବ କେ ରମଣୀ ହୋଇ
ମନେ ପଡ଼େ ମିତ ସେଦିନ ସୁରତ
ତିଳେ ହେଲେ ମନୁ ପାଶୋରି ନାହିଁ ।୩
ମନେ ପଡ଼େ ସେହ୍ନ ଚନ୍ଦ୍ରମା ମୁଖ
ଦେଖି ହରେ ଯାହା କୋଟିଏ ଦୁଃଖ
-ଗୋପାଳ କୃଷ୍ଣର ମାନସ ଭ୍ରମର
ଲୋଡ଼ୁଅଛି ସୁଧା ସେ ପଦେ ଯାଇ ।୪

## ବଂଶୀ ବାଦନ

( ତାଳ—ଝୁଲା )

ବାଜ—ବାଜରେ ମୁରଲୀ-ବାଜ ବାଜ ରାଧା ବୋଲି
ଅଖିଳ ବିଶ୍ୱ-ଆନନ୍ଦ ସୁନ୍ଦରୀ ଲହଲି ।ପଦ।
ପୂରଟ ଅଙ୍ଗୀ ସଲ୍ଲିଳା ହାସ୍ୟ ଲାସ୍ୟମୟୀ
କୃଷ୍ଣ ପ୍ରିୟା ଭାନୁସୁତା କୁବଳୟ କଳି ।୧
ଅପରୂପା ରାସେଶ୍ୱରୀ ଶ୍ରୀମତୀ କିଶୋରୀ
ହାସ୍ୟମୟୀ, ରାଇ, ବନୋଦ୍ଧମୀ ରସ କଳି ।୨
ଆଭୀରବର ବରଜ କଣ୍ଟକ ଆଲୋକ
ବୃନ୍ଦାବନ ମଣ୍ଡନା ଗୋପୀକା ପ୍ରିୟ ଆଳି ।୩
ନନ୍ଦ ନନ୍ଦନ ଯାହାର ଗଳାରତ୍ନ ହାର
ତା ପଦେ ଚଳିଟୁ ଗୋପାଳ କୃଷ୍ଣର ମଉଳି ।୪

—⁂—

### ତାଳ—ଏକତାଳି

ଶ୍ୟାମଳ ସୁନ୍ଦର ତନୁ ଧାରିଲାରେ
ନେତ୍ରାନ୍ତ କୁନ୍ତ ପ୍ରହାରି ସାରିଲାରେ ।ପଦ।
ଅଭିସାରକୁ ମନ ହେଲାଣି ଛନ୍ଦ ଛନ୍ଦା
କନକ ନେତ୍ର କନ ଝରିଲାରେ ।୧
କୁଳ ମାନ ବରଜ ଶିଖି ଚୂଳକୁ ହେଜ
କାଳିକୁଳ ମରମ ଥରିଲାରେ ।୨
ଯୋଡ଼କ ଯୋଡ଼ ହୋଇ ଚଳିଲେ ଗୋପ ଗୋଷ୍ଠ
ନକ୍ଷଣେ ଅରଣ୍ୟାନ ଘୂରିଲାରେ ।୩।
ଏକେ ଶରଦ କାଳ ଶଙ୍ଖସ୍ୱ ପରିମଳ
ମାନସ-ମଳ ପ୍ରାଣ୍ୟୁ ହରିଲାରେ ।୪।
ବାଜିଲା ମୃଦୁସ୍ୱରେ ଶ୍ୟାମବଂଶୀ ମଧୁରେ
କୂଳବଧୂ ଗୁମାନ ସରିଲାରେ ।୫।

ରାସ ଭୂଷାଳ ହଲ୍ଲ — ବଂଶୀ ସ୍ୱନେ ବ୍ରଜ ନାରୀ
ପ୍ରାଣେ ମୃଦୁ ଉଚ୍ଛାଟ ଭରିଲରେ ।୭।
କୁଞ୍ଜ ମିଳନ ଆଶେ — ଗୋପାଳକୃଷ୍ଣ ଭାଷେ
ପୀକ କଣ୍ଠୁ ଅମିୟ କ୍ଷରିଲରେ ।୭।

## ଶ୍ରୀକୃଷ୍ଣଙ୍କ ପ୍ରତି—ଗୋପୀଗଣ

( ତାଳ—ଖେମଟା )

ନଟ ପଟଳ ମୁକୁଟ-କପିଁକର ଏଟେଙ୍କଟ
ଜଣାଗଲା ତୁମ୍ଭ ସ୍ୱଭ. ଅଟ ଅପଟ ଲମ୍ପଟ ।ପଦ।
ବଂଶୀ ସ୍ୱନରେ ଡକାଇ — ବନମାଳୁଙ୍କ ଠକାଇ
ଆହେ କକାଟିବା ତୁମ୍ଭେ ହେଲ ଜଇଁ ଏତେ ଶଠ ।୧
ଷୋଳସସ୍ର ବ୍ରଜବାଳୀ — ମନୁରୁ ତୁମ୍ଭଙ୍କୁ ଭଜି
କାହିଁ ଅଛ ବନମାଳୀ ଶ୍ରୀମୁଖ ଦେଖାଅ ସ୍ପଷ୍ଟ ।୨
ହସୁଛି ଶରଦଶଶୀ — ବନଭୂମି ଉଠେ ହସି
ବଜାଅ ମୋହନ ବଂଶୀ ତଳ ତଳ ଗ୍ରୀବଗଣ୍ଡ ।୩।
ବାଳକୁଟେ କସି କସି — କାନ୍ଧୁରୁ ସବ ସୁକେଶୀ
ଲୁଚନା ଆଉ ହେ ବଂଶୀଧାରୀ କଣ୍ଠ ହାଟନଟ ।୪।
ଏକାଦଶୀ ମନୁ ସ୍ୱତ — ତେଜ ମନରୁ ଶ୍ରୀପଦ
ଦରଶନ ଦିଅ ଧାଉଁ ଭାବଇ ଗୋପାଳ କୃଷ୍ଣ ।୫।



## ରାଗ ସାବେରୀ—ତାଳ ଆଠତାଳୀ

( ଏତକ୍ଷଣରେ । ଜନା ତୋ ପ୍ରୀତିରେ—ବୃତ୍ତେ )

ଯୋଷାବର ରେ ।
ଦୋଷାଇଲଣି କେ ତୋତେ କରୁ ଅନାଦର । ଯୋଷା ।
ରସାମଣ୍ଡିତା ସ୍ୱର ସାଲସା ।
ତୋହ ବିନେ କେ ମୋର ଭରସା ?
ପ୍ରତି କୂଳା ହେଲେ ଶଶା-ଦଶା
ଲଭିବାର ସାର ହେବ ଜାଣନ୍ତୁ ନିକର । ୧
ତୋର ଚରଣକୁ ଯେବେ ମୁହିଁ
ଅପରାଧୀ ହୋଇଛି ସୁ ମୁହିଁ,
ଦଣ୍ଡଦିଅ ଇଚ୍ଛାମତେ ସହି
ଅଛି ଜପମାତ୍ର ଗ୍ରୁମୁରେ ତ ଏ କିଙ୍କର । ୨
କରଧର କହୁଛିରେ ବାଳୀ !
ଅନା କରୁଣା କଟାକ୍ଷ ଢାଳ
ନୁହ ଗୁମାନୀ ମୋ ଗଳା ମାଳ
ତଥା କିନା ଥରେ ଧନ । ତୋ ସ୍ନେହ ଶାକର । ୩ ।
ରସ ରଙ୍ଗିନୀ ପ୍ରାଣ ସଂଗିନୀ ।
କଷ ବାହୁପାଶେ ଭ୍ରୂଭଙ୍ଗିନୀ ।
ସଶ ରଖ ଶିଷ୍ଟ ଅଙ୍ଗିନୀ ।
ବଶ ଗୋପାଳକୃଷ୍ଣର ଅଙ୍କ ତଳ୍ପପର । ୪ ।

## ରାଗ ଦେଶବରାଡ଼ି—ତାଳ ଆଠତାଳୀ

( କହରେ ସଜନି ! ଆଜ ଏ ରଜନୀ—ବୃତ୍ତେ )

ହେ ମନ୍ଦରଧର, କନ୍ଦର୍ପ ସୁନ୍ଦର ! ତମଙ୍କୁ ସୁନ୍ଦର ଏ ହେଲା କି ?
ଅବଳା ମାରଣ ଔଷଧାଦିକ କାହୁଁ ଶିଖିଥିଲ ହଠ କଉତୁକୀ ।ପଦ।
ତୁମ୍ଭଲାଗି ମୋର ଜୀବନ ସଂଗିନୀ
ହୋଇଲାଣି ଆହା କି ଦୁଃଖଭାଗିନୀ

ହେବାରୁ ନବୀନା ପ୍ରୀତି ସୋହାଗିନୀ
ତାର ପ୍ରତିଫଳ ଏହି ନିକ । ୧
ଅକଥନୀୟ ତା ଦୁର୍ଦ୍ଦଶା କାହାଣୀ
କହି ଆସୁଁ ମୁଖେ ନ ସ୍ଫୁରଇ ବାଣୀ
ଆହା ଦେଖିଲ ଯା ଏମୋର କଲିଜା
ହୋଇ ଯାଉଅଛି ଟିକି ଟିକି । ୨
ବିରହ ଅନଳ ତାପ ପଡ଼ୁଁ ବଳି
କୋମଳ ତନୁଟି ଯାଉଅଛି ଜଳି
ସେ ତୀବ୍ରତାପ ସହନେ ଅସମର୍ଥୀ
ମୃତପଙ୍କେ ଲୁଣ୍ଠଇ ବିଧୁମୁଖୀ
ତୁମ୍ଭେ ସୁପୁରୁଷ ଶିରୋମଣି ବୋଲି
ଜଗତରେ ବିଖ୍ୟାତ ଥିଲ ବନମାଳି
ଏବେ ନାରୀବଧ ବିପୁଳ କଳଙ୍କେ
ସେ ସୁଖ୍ୟାତି ଲୁପ୍ତ ନୋହିବ କି । ୪
କେ କେତେ ଆଶ୍ୱାସ ଦେଇ ସଖୀଗଣ
ଶାନ୍ତ କରିବା ଚେଷ୍ଟାରେ ଅନୁକ୍ଷଣ
ତା ଭୀଷଣ ବେଦନାର ପରିମାଣ
ଅବୋଧନ୍ତି ସର୍ବେ ଅଶ୍ରୁମୁଖୀ । ୫
ତବ ଅଙ୍ଗ ସ୍ପର୍ଶ ପ୍ରତିଜ୍ଞାରେ ମାତ୍ର
ପ୍ରାଣଧରି ରହିଅଛି ଏପର୍ଯ୍ୟନ୍ତ
କହଇ ଗୋପାଳକୃଷ୍ଣ ମୁଁ ଏମନ୍ତ
ଜାଣେ ଅନୁମାନେ ଅବଲୋକ । ୬

## ଶ୍ରୀକୃଷ୍ଣଙ୍କ ଖେଦ

### ରାଗ ପୂରବୀ—ଖାଲ ଝୁଲା

( ଶ୍ୟାମବନ୍ଧୁଙ୍କୁ ଅରତେ ଦେଖିବ—ବୃନ୍ଦେ )

ମୋହରେ ଲଳନ୍ତା ! ତୁ ରୁଷ ନା ଆଜରେ
ଏଗୁମାନ ଧନ, କର ତ୍ୟାଜରେ । ଘୋଷା ।
ଅଳିଭ କୁନ୍ତଳା ରସିକା ଛଇଳା
ଟେକ ମୁଖ ଦ୍ୱିଜ ଖଜରେ । ୧
ତୋ ଅବେକ ହରେ ସ୍ମର ତୀକ୍ଷ୍ଣ ଶରେ
ଅଙ୍ଗ ଚଳପେ ବରଜରେ । ୨
ଏଣୀଦୃଶୀ ବେଣୀ ଶୋଭେ କଷ୍ଟ ଶ୍ରେଣୀ
ଭନାସ ନମଣି ବ୍ୟାଜରେ । ୩
'ଖେଳ ଭସ୍ମାଳସା ଭୁଜରେ ନନ୍ଦସା
ପର ପନ୍ଥି ନି ସମାଜରେ । ୪
ତୋ ମୁଖ କମଳ ନପକା ଅଦଳ
ଆଳ ମେଳେ ଦେଇ ଲାଜରେ । ୫
ପ୍ରବୋଧି ଗୋପାଳ- କୃଷ୍ଣ କଦେ ଭାଳ
କୃପାଦୃଷ୍ଟି ରଜ ରାଜରେ । ୬



## ରାଗ ଖମାଚ—ଆଦ୍ଧାତାଳ

( ନ ଭାଙ୍ଗରେ ଶୁଭାଙ୍ଗି ଭାରତୀ ତୁଅସାହା—ବୃତ୍ତେ )

ଜନେ ଜାଣିଲେନ ବୋଲି ତୁ ଏକାନ୍ତଜାଣୁ
ବଞ୍ଚାଇ ସଜନ ମୋତେ ବଚନରେ ଜଣୁ । ପଦ ।
ନବ ନୀରଦକୁ ଦେଖି ଆଖିର ପଲକ ରଖି
ଏପରିଛବିକେ ଅଛି ବୋଲୁ ଯାହା ଭଣୁ ।। ୧ ।
ଥରକୁ ଥର କାନନ ବାଟକୁ ଅନାଉ ଧନ
ଅଣ୍ଡ ନାହିଁ ଅପରାହ୍ଣ କାଳ ନ ହେଉଣୁ । ୨ ।
ଲୁଣ୍ଠିକର ସକୁଟରେ ବଂଶୀ ଗୀତ ତା ପାଶେ ର
ଲେଉଟି ଯିବାର କାକ ପିକ ନଡ଼ାକୁଣୁ । ୩ ।
କରି କି ଏତେ ସାହାସ ନଆଁକଶୋର କଷୂସ
ଆଜକୁ ବାହାରିନାହୁଁ ଭୟରେ ପ୍ରାଙ୍ଗଣୁ । ୪ ।
ଏ ବ୍ରଜେ ଦୋଷ ଦେବାକୁ ଅଛନ୍ତି ଆଉ କାହାକୁ
ଗୋପାଳକୃଷ୍ଣ ଭଣେ ଭୁଲନାହିଁ କେ ନଶୁଣୁ । ୫ ।

—*—

## ଲାଲସା

## ରାଗ ମୋହନା—ରୂପକ ତାଳ

ମୁଁ ଛାଡ଼ିଦେଲି କି । ଦଶା ଦେଲେ । ପଦ ।
ପୁର ପଦ୍ଧତିରେ ଶ୍ରୀ ଚରଣାବ୍ଜରେ
ମୁଁ ନ ଲୋଟନ୍ତି କି ? ୧
ପଦାବ୍ଜର ଧୂଳି ଶିରେ ହୋଇ ବୋଳି
ମୁଁ ନଗଡନ୍ତି କି ? ୨
ଆନନ୍ଦରେ ପ୍ରେମ ପିୟୂଷ ସିନ୍ଧୁରେ
ମୁଁ ନ ମଜ୍ଜନ୍ତି କି ? । ୩
ମୋର ଦଶା ଦେଖିଲେ ବିଲୋକ ଡାକଲେ
ଚୋଳନ୍ତେ ନାହିଁକି ? ୪

ହୋଇଲାର ଯୋଗ ଶ୍ରୀ କୃଷ୍ଣାଙ୍ଗ ରାଗ
ମୁଁ ନ ଲଭନ୍ତି କି ? ୫
ପ୍ରଭାତରେ ଗାବ ପ୍ରବେଶ ଉତ୍ସବ
ଘଟନ୍ତା ନାହିଁକି ? ୬
ଗୋପାଳ କୃଷ୍ଣର କୋଟି ଜନ୍ମାନ୍ତର
ଦୁଃଖ ରହନ୍ତା କି ? । ୭

## ରାଗ ବଲାହାରି—ମିଶ୍ର ରୂପତାଳ

( ଏକ ସଖୀ ବ୍ରଜ ଗୋଷ୍ଠଯାକ—ବୃନ୍ଦେ )

ତୋତେ ତୁମ୍ଭ ପ୍ରାଣସଙ୍ଗୀ ସାକ୍ଷୀ ମୁଁ କି ଜଣାଇବି ରେ । ପଦ ।
ଚନ୍ଦନ କୋଳି ଦେଇ ଯା ଅଙ୍ଗେ-
ଉଲୁଟାଇ ଦେଉ ସେହିଲାଗେ
ଆଜ ବନଯାକ ଦେଖିନାହୁଁ ମାନସେ କି ଭାବରେ । ୧ ।
ପଣା ଖେଳରେ ମୋହନ ହାର-
ଛଡିଲେ ମିଶାଇ ଦେଇ ସାର
ହସି ବୋଲୁଥାଉ ପଙ୍କ ଅସ୍ତ ହୋଇସିବେ ରବିରେ । ୨ ।
ଲୁଚି ଥାଉ ପରିହାସ କରି
କ୍ଷଣେ କାଳ ନୋହୁ ଜବାଧରି
ତରମରୁ କୋଳ କରୁଥାଇ ଚମ୍ପକ ଅଟବୀରେ । ୩ ।
ଆସୁ ଆସୁ ଗୋଚାରଣ କରି
ଅଟାଳୀ ଶିଖରେ ବଜେ କରି
ଯାହା ହେଉଥାଉ ଦୃଷ୍ଟି ତାଳ କାନନ ପଦବୀରେ । ୪ ।
ଗୋପାଳକୃଷ୍ଣ ଭଣଇ ଗୀତ
ଭକ୍ତ ଶ୍ରୀମନ୍ତ ଶୁଣ ମିତ
ପରାଧୀନ କୁଳବଧୂ ଜନ ମୁଁ କିସ କହିବିରେ । ୫ ।

# ଦୈନ୍ୟ ବୋଧିକା

( ଭକ୍ତ ମୁହଁରେ ନିଜ ମନରେ ଦୈନ୍ୟ ଭାବକୁ ଏହି କବିତାରେ ସୁନ୍ଦର ଭାବରେ ବର୍ଣ୍ଣନା କରା ଯାଇଛି । କବିସୂର୍ଯ୍ୟ ବଳଦେବ ରଥ ପୁତ୍ରଶୋକରେ ଅଧିର ହୋଇ ଏହି ଭଳି ଭାବରେ ବେଦନାକୁ ଜଗନ୍ନାଥଙ୍କ ପାଖରେ ଜଣାଇ ଥିଲେ କିଂନ୍ତୁ ଠାକୁରେ ତାଙ୍କର ଗୁହାରି ନଶୁଣିବାରୁ "ବାଧିଲା ଜାଣିଷମା" କବିତାକୁ ଗାଇଥିଲେ । ମାତ୍ର ଭକ୍ତ ଗୋପାଳକୃଷ୍ଣ ଏହି କବିତାରେ ଧନରତ୍ନ କିଛି ମାଗି ନାହାନ୍ତି । ବିନମ୍ର ସହକାରେ ମାଗୁଣି କରିଛନ୍ତି ଆରାଧ୍ୟ ଦେବତା ରାଧା କୃଷ୍ଣଙ୍କ ସେବା ପାଇଁ )

ରାଗ—କୌଶିକ

କୃପା ନ କଲେ । କାହିଁକି ଧରିବ ପରାଣି ?
ବ୍ରଜେନ୍ଦ୍ର ହୃଦୟ ହରାଣୀ ରାଧେ ହୋଇ ଯିବତ ଅକାରଣ । ପଦ ।
ନମିଳିବ ବେଳେ ହେଲେ ପଦସେବା
ଅମଳ ଶ୍ରୀକଂଜ ଚରଣ
ପ୍ରାଣନାଥ ସଖୀ ମଂଜରୀ ମାନଙ୍କୁ
ଏହି ପାଇଁ ନତି ଜଣାଣ । ୧
ରାସା-ବସାନରେ କୁସୁମ ବ୍ୟଜନ
ଆଳୀ ଛଡ଼ିଲେ ମୋତେ ଡାକ
କୋଟିଏ ଜନ୍ମର ତପସ୍ୟାର ଫଳ
ବ୍ରଜ ପ୍ରାପ୍ତି ଆଜ କାହିଁକି । ୨
କେଶର କୁଂଜରେ ପ୍ରାଣେଶ ସଂଗରେ
ନ ଦେଖିବ ପଦ ଦୁହିଁଙ୍କ
ଆଖି ବନ୍ଧିବାର ହୋପିଇବ ସିନା
ଯେମନ୍ତେ ଚନ୍ଦ୍ର ବଇଠକ । ୩
ପରମ ଅଭୀଷ୍ଟ ସ୍ୱାମିନୀ ସୁଜନ୍ମ
ନ ପାଇବ ପଦ ରସନା

ଚରଣୁ ଚଣ୍ଡ ଘଣ୍ଟଣ ଘର୍ଷ ଲୁଭେ
　　　　　　ହୋଇଥିବ ସିନା ବୁଲନା । ୪
ଭୁଜ ସୁବଳଜ ପିନ୍ଧାଇ ଥିବାର
　　　　　　ସୁଧନସ ସ୍ରକ ପ୍ରାନ୍ତରେ
ସଜ ସାଜବାକୁ ଫିଟାଇ ସଜନୀ
　　　　　　ନ ଦେବେ ଯନ୍ଧ ମୋ ହାତରେ । ୫
ପରମ ଦୟା ମୟୀ ନାମ ଶୁଣି ମୁଁ
　　　　　　ପ୍ରତ୍ୟାଶା କରଛି ସ୍ୱାମିନ
ଦନ୍ତେ ତୃଣଧର ଭଣଇ ଗୋପାଳ
　　　　　　କୃଷ୍ଣ ହେ କୃଷ୍ଣ ପ୍ରଣୟି ନୀ । ୬

## କୁଞ୍ଜବିହାରୀ ଶ୍ରୀକୃଷ୍ଣଙ୍କ ପ୍ରତି ଚନ୍ଦ୍ରାବଳୀ

ତାଳ ଆଠ ତାଳି

( ଚୋଖା କରରେ—ବୃନ୍ଦେ )

ବନମାଳି ଛନ୍ଦ
　　ଚନ୍ଦ୍ରାନନର ଶୋଭା ମାଳ ହେ ।
ରସିକ ମଣ୍ଡଳ　　　　ସାର ସୁଧା ଥାଳ
　　କେଳଣ୍ଠ କୈରବ ଶାଣ୍ଡ ହେ । ପଦ ।
ଶ୍ରୀପଦ ସାରଙ୍ଗ　　　　ଛଳେ ମନ ଭୃଙ୍ଗ
　　ଖାଉଥିବ ଯାହା ଗଳ ହେ
ଅଖିଳ ଅବନୀ　　　　ମଧ୍ୟେ ସୌଭାଗିନୀ
　　ନଥିବ କେହି ତା ଭଳି ହେ । ୧ ।
ବରଣ୍ଣ ଶଙ୍କର　　　　ଯେ ପଦେ କଙ୍କର
　　ଯା ଭଙ୍ଗୀ ସମୁର ଧୂଳି ହେ
ମଉଳରେ ବୋଳି　　　　ଗୌତମ କୁଉଳ
　　ଲଜ୍ଜାଉଛି ଅଳପଳ ହେ । ୨ ।



ଶ୍ୟାମ ମୋ ଗଳାର ମାଳ ଗୋ

ଶ୍ୟାମ ଲାଗି ମୁଁ ପାଗଳ

ଶ୍ୟାମ ସୁମନରେ ଅଛି ଯତନରେ

ଭକ୍ତ ପୂଜାର ଥାଳ ଗୋ ।

( ଗୋପାଳ କୃଷ୍ଣ ଗ୍ରନ୍ଥାବଳୀ ୩୧୪ ପୃଷ୍ଠା )

ଲଭି ସେ ପଦ୍ମର ଧନ୍ୟ ହେଲା ମୋର
ନଶ୍ୱର ଜୀବନ ଜନ୍ମ ହେ
କେବେ ନନ୍ଦନନ୍ଦ ଆଶ୍ଳେଷେ ଲଭିବ
ଜଡ଼ ଅଙ୍ଗେ ଖଞ୍ଜି ଭଲ ହେ । ୩ ।
ନ ଦେଖିବ ପ୍ରାଣ ସ୍ୱପ୍ନ ରସିକେଶ
ରଚ ଅପ୍ରାକୃତ ବେଶ ହେ
ମନ ସ୍ମୃତି ଭ୍ରାନ୍ତ ଭ୍ରୁଟିକ ଅବଶ୍ୟ
ଦରଶ ହୋଇବ ଭଲ ହେ । ୪ ।
ଗୋଲକ ବିହାରି ହେ ପ୍ରଭୁ କଂସାରି
ସେବନ ପାଦ ଜଉସ୍ଥଳ ହେ
ଏହି ବାଞ୍ଛା ଥିବ ଅନ୍ତର ନୋହିବ
ଗୋପାଳ କୃଷ୍ଣ ସ୍ମୃତି ଫଳ ହେ । ୫ ।

—*—

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

ରାଗ—ପଦଲଟ

( ପୀତପଟ କଷଣ—ବୃତ୍ତେ )

ବାଟ ଛାଡ଼ ହଟିଆ-ଏବେ ହଟ କର ଆଉ ନମାଗ ବାଟ ।
ଶୁଣିଲେ ଏ ନଟ ରୋଷ କଟକରେ
ନାଗରୀ ସମାଜ କରିବେ ଥଟ୍ଟା । ପଦ ।
ଶାଶୁ ମୋର ଦୁଷ୍ଟା ଜଟିଳା
ଝିଅଟି ନଣନ୍ଦଟି କୁଟିଳା
କେତେ କଥା ନଥା ଲୁଟାଇ ଦେବେଟି
ଫିଟା ହୋଇଯିବ ଘୁଣ୍ଟା ମୁହଁଟା । ୧ ।
ଭୂଷା ଲାଗି ଭୁଜ କଟକେ
ମୁଣ୍ଡ ଟେକ ମୁହଁ ଝଟକେ
ଆଗେଇ ଚାଲୁଥିଲେ ବାଉଁଶ ପଛେ ନଇଁ
ବାଟେ ଭାଙ୍ଗିବ କେଶ ଉପରେ ଝଟା । ୨ ।

ବେଳ ହୋଇଲାଣି ଉଚ୍ଛୁର
ଖାଳ ମୋତେ ମାଡ଼ୁଛି ଡର
ଗଂଜଣ ଅପାର ନଣନ୍ଦ ମୋହର
ଶାଶୁ କହିଦେବେ କୁଳଟା । ୩ ।
ତୁମ ଲାଗି ହେ ବନମାଳୀ
ସଇ ନାମେ ଲାଗିଛି କାଳି
ଗାଳି ଶୁଣି ଶୁଣି ଡାକିଆ ହେଲିଣି
ତେବେ ସୁଦ୍ଧା ତୁମେ ଲଗାଅ ନାଟ । ୪ ।
ହେଲେ ହେଉ ଯେତେ କଳଙ୍କ
ଶ୍ୟାମ ତୁମେ ମୋର ବାଳକ
କରୁଛି ନୟମ ସାକ୍ଷୀରଖି ଦନ-
ମଣିକୁ ନିର୍ମଳ କର ମନଟା । ୫ ।
ଦୟା ରଖିଥାଅ ମୋହନ
ମାୟା ନକରଣ ଛଚନ
ଭଣିଲେ ଗୋପାଳ କୃଷ୍ଣ ଭାଳ ଭାଳ
ସମ୍ବଳ ଷଣ୍ଢର ପଦ୍ମପାଦଟା । ୬ ।

—*—

## ଶ୍ରୀକୃଷ୍ଣଙ୍କ ପ୍ରତି—ଚନ୍ଦ୍ରାବଳି

ରାଗ—ଝୁଁଲା

କଳା କାହ୍ନୁ ହେ କେତେ ମୁଁ କହିବ ଆଉ ।
ଯା ହେବାର ହେଉ ଜୀବ ଗଲେ ଯାଉ
ପ୍ରୀତି ସବୁଦିନେ ଥାଉ ।
ମୋହନ । ପଦ ।
ଯମୁନା ତଟ ।ବଳି ମାଗେ ପଦଧୂଳି
ତାପ୍ରତି କରୁଣା ହେଉ
ଫୁଲ ଭୃଙ୍ଗ ପରି ପ୍ରୀତି ନ ଆଚରି
ଚିରକାଳ ଜଣା ରହୁ । ୧

ମୋ କଣ୍ଠର ମଣି      ତୁମ୍ଭେ ନୀଳମଣି
କେବା ଜାଣେ ତୁମ୍ଭ ଭାଉ
ବହୁ ଦିନ ପରେ      ଲଭି ନିକଟରେ
ଛାଡ଼ ଦେବାର ନ ହେଉ । ୨
ଶ୍ୟାମ ପ୍ରୀତି ଧନ      ପାଇ ଏ ଜୀବନ
ଯିବାର ହୋଇଲେ ଯାଉ
ପର କରି ହରି      ନ ଦିଅ ପାଶୋରି
କୁଂଜରେ ରଜନୀ ପାହୁ । ୩
ହେ ପ୍ରାଣ ବାଂଧବ      ଚନ୍ଦ୍ରାବଳୀ ଧବ
ତୁମ ମାୟା ଜାଣେ କେହୁ
ଗୋପାଳ କୃଷ୍ଣର      ଅଳିଟି ମାତର
ଅଳ ପ୍ରଭୁ ଗୁଣ ଗାଉ । ୪

## ସେବାଲାଳସା

### ରାଗ ଜୌନପୁର ତୋଡ଼ି—ତାଳ ଯତିତାଳୀ

( ଗୀରଭ ପ୍ରଥମସଭାରେ ସଙ୍ଗୀତ—ବୃନ୍ଦେ )

ଜନ୍ମିଥା ତୁ ନିରନ୍ତରେ ରେ ମାନସ ! ଜନ୍ମିଥା ତୁ ନିରନ୍ତରେ
ହେବାକୁ କିଂକରୀ ବୃନ୍ଦାବନେଶ୍ୱରୀ ଶ୍ରୀ ପଦାମ୍ବୁଜ ପ୍ରାନ୍ତରେ ।ପଦ।
ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଯା ଚରଣେ ହୋଇବା ଆଶାରେ ଦାସୀ
ଶ୍ରୀ ବନରେ ବସି ତପ ସାଧୁଛନ୍ତି ଯୁଗଳ ସେବା ପିପାସି ।୧
ପ୍ରେମର ଆଶ୍ରୟ କେବଳ ଶ୍ରୀବୃଷଭାନୁ ନୃପତି ନନ୍ଦିନୀ
ପ୍ରେମର ବିଷୟ କୃଷ୍ଣପ୍ରାପ୍ତି ହେବେ ତାଙ୍କ ଅନୁଗ୍ରହେ ବିନା ।୨
ଯଥାର୍ଥରେ ବୁଝି ତୋ ବିତାପ ଜନିତ ଦାରୁଣ ଯନ୍ତ୍ରଣା ସୃଷ୍ଟି
ହୋଇଯିବ ଦୂର ତାହାଙ୍କ କରୁଣାମୃତ ଧାରା ହେଉ ବୃଷ୍ଟି ।୩
ଯିବ କଳେବର ଅନୁସର ତୋର ନାହିଁ ଦେହୁଁ ତେଜ ଲୋଭ
ଭଣଇ ଗୋପାଳକୃଷ୍ଣ ଦାସ ପାଇଁ ପ୍ରେମାବୁକ୍ତି ଏତେ ଲୋଭ ।୪

## ରାଗ କେଦାର—ମିଶ୍ରରୂପ ତାଳ

( ବନ୍ଧୁ ଏ କି ଲାଜ ନଦେଇ ମୋତେ ଉତ୍ତରରେ—ଝୁରିଲେ )

ନୟନରେ ନାଚୁଛି ତୋ ରୂପ ଚନ୍ଦ୍ରମା ମୂର୍ତ୍ତିରେ
ଯେଣିକି ଚାହିଁଲେ ତୋ ଚକ୍ଷୁରେ ମୋହିତ କେବଳ ଜଣେ
ଅନ୍ଧଶୂନାହିଁରେ ।ପଦ।
ବଲେକଲେ ଅବା ଶୁଣିଲେ ମୋ କାଣୀ
ଗାଳବନ୍ଧୁ କେତେ ସ୍ନେହୀ
ମାପ ଫୁଲ ପରି କଳେବରଯାକ
କଶୋର ପୁଲକୁ ଥାଇ ।୧
ହେଉଥାଇ ରତେ ମୋ ଦୃଷ୍ଟି ଜଳଜ
ତଳକୁ ଚଳିଲେ ସଙ୍ଗ
ଚୁମ୍ବ ଦେବା ଛଳେ ମୁଖେ ମୁଖ ଦେଇ
ଭବ ନ ମୁଞ୍ଚିଲି ମୁହିଁ ।୨
ସ୍ୱର ଭାଣ୍ଡେ ଚଳୁ ତଳେ ଅଲୋଦର
ତୁମ୍ଭର ପାଣରେ ଭଲ୍ଲ
କାସ ପିନ୍ଧି ମାଣ ବନ୍ଧ ଖୋସୁ କଣ୍ଠ
ଝୁଲି ଯା ଦେଖନ୍ତୁ ସ୍ନହିଁ ।୩
ଅଭଳା ବେଳେ ମୋ ପଦ୍ମେ ପଦ୍ମେ ଆସି
ବାରକାନ-ସ୍ୱର୍ଣ୍ଣ ପେଶ୍ଚ
ତେଜଲୀ ଦୁଆରୁ କନକ ବର୍ମୋଚ୍ଛ
ରତ୍ନସିନ୍ଧାର ଭୁ କଣ୍ଠ ।୪
ରଳମକ ସୁଷ୍ଟ ସ୍ରକ ତୋର ବଣ୍ଟ-
କର୍ମ ନ ପାଏବ ଲକ୍ଷ
ବୋଲେ ଗୋପାଳକୃଷ୍ଣ ଆଜ ଲଭନ୍ତ
ଗଲ୍ପଲେ ଉଦାସରେ କାହିଁ ।୫

## ସାଧକର ଲାଳସା

ରାଗ, କଳହଂସ କେଦାର—ତାଳ, ଝୁଲା

( କହଇ ମନ ଆରେ ମୋ ବୋଲକର ବୃତ୍ତେ )

କାରୁଣାମୟୀ ରାଧେ ! ଶ୍ରୀ ଗାନ୍ଧର୍ବିକେ
ଗୋଷ୍ଠେନ୍ଦ୍ର ସୂନୁ କୃଷ୍ଣ—ପ୍ରାଣନାଥଙ୍କେ ସଙ୍ଗା
ଯମୁନା ସାଗର ବୃନ୍ଦାରଣ୍ୟାଧୀ ଦେବି ।
ସତେ କି ମିଳିବ ତେବେ ସେବକା ବୃତ୍ତି ଗୋ ।୧

ଯୂଥେଶ୍ୱରୀ ଶ୍ରୀ ଲଳିତାଦ୍ୟା ସଙ୍ଗିନୀ
ବଲ୍ଲିକା ବିନୋଦିନୀ ଗୀତରଂଗିଣୀ ଯେ
ଶ୍ରୀ ରୂପରୂପା ସଖୀଙ୍କ ହେଉଁ ଆଦେଶ
ତାଙ୍କ ଶ୍ରୀମୁଖୁ ନେବେ ପିନ୍ଧାଇ ବେଶ ଯେ ।୨

ତେଷ ଆଜ୍ଞାବାଣୀ ଶିରେ ଘେନ ସଶ୍ରଦ୍ଧେ
ସୁସେବା ଆଦରିବ ମଞ୍ଜରୀ ମଧ୍ୟେ ଯେ
ଯାବନ୍ତ କାଳ ପ୍ରତ୍ତତର୍ଯ୍ୟ ଯେମନ୍ତେ
ସବୁ ନର୍ତ୍ତା କରିବ ଚରଣ ପ୍ରାନ୍ତେ ଯେ ।୩

ନିଭୃତ ନିକୁଞ୍ଜରେ କେଳି ବିଳାସେ
ନିଶାନ୍ତେ ଦଣ୍ଡାଦେଇଁ ଗବାକ୍ଷ ପାଶେ ଯେ
ଯୁଗଳ ଜୟଗୀତ ଗାଇଁନାନନ୍ଦେ
ନର୍ତ୍ତନା ବେଶେ ମୁଗ୍ଧହେବ ସ୍ୱଚ୍ଛନ୍ଦେ ଯେ ।୪

ସାଧକାଂଗେ ସାଧନ ଧନ ପ୍ରାପତେ
ଜୀବନକୁ ସାର୍ଥକ ମଣିବ ଚିତ୍ତେ ଯେ
ହେ ସ୍ୱାମିନି ! ଏଭାଗ୍ୟ କେବେ ଘଟିବ ?
ଗୋପାଳକୃଷ୍ଣ ଶ୍ରୀ ପଦାବ୍ଜେ ଖଟିବ ଯେ ।୫

## ବିଦେଶରେ ବିରହୀର ଭାବନା

ରାଗ ପରଜ—ତାଳ ଆଠତାଳି

( ଦେଖାଇବାକୁ ସତେ ଦଇବ—ବୃତ୍ତେ )

ସଖି ପିବନ ଲେଉଡ଼ି ଲେଉଡ଼ି ଯେ ମୋତେ ସନ୍ତୋଳ ଲପମ୍ମା ।ପଦ।
ବସନ୍ତ ମନ୍ମଥ ପିକ ମଧୁବ୍ରତ
ବଧୂ ସଖା ସେନା ସୈନ୍ୟ ସଙ୍ଗେ
କେତକୀ କୁନ୍ତ ବିଶାଇ ଚୂତରେ ଶର ବସାଇ
ଦାରୁଣ ମଦନ ଝାଡ଼ ଦେବାନରେ ଉଭାବନ । ୧

ପ୍ରାଙ୍ଗଣର ମଲ୍ଲୀ ବଲ୍ଲୀରେ ବଧୂଲ୍ଲୀ-
ଅଧସ୍ମି ଭୃଙ୍ଗ ରଂଗକୁ ସ୍ମରି ।
କାମପଦ ଅଳନ୍ଦରେ ଭଙ୍ଗି ଦୁଆର ବଂଧରେ
ଅପସର ଲୁବ୍ଧ ସ୍ତୋତ୍ର ଥିବାନରେ, ଥିବାନ । ୨

ଆଳୀ ମୋ ସଂଦେଶ ପଥରୁଁ ନାଶ୍ୱଶ
ମଥା ପୋଛ ଧଇରେ ଅଙ୍ଗ ସ୍ତ୍ରୀ
ଝସି ଘସି ଅସ୍ତୁଁ କନ୍ଧି ବାଣୀ କଣ୍ଠେ ଗଲେ ରୁନ୍ଧି
ଶୋକରେ ଜିବଳୀ ବଳ ହେବାନରେ, ହେବାନ । ୩

ଉତ୍ତୀର୍ଣ୍ଣ ସୁବର୍ଣ୍ଣ କାନ୍ତକ ଯା ବର୍ଣ୍ଣ
ହସୁଥାଇ ଏବେ ଶୀର୍ଣ୍ଣ ହେ
ଝାଞ୍ଜି ବଜା ନବବଲ୍ଲୀ ପଗସ୍ତେ ପିବନ ଲୋଳ
ଶେଟେସ ଲଗି ଯାଇଥିବ ମୋ ଦେହନରେ, ମୋ ଦେହନ । ୪

ମାର ଅଂଧକାର କ ପରେ ଗୁଆଁର
ପଣେ ଚିନ୍ତାମଣି ଦେଲ ଫିଙ୍ଗି
ଗୋପାଳ କୃଷ୍ଣ ଭଣିତ ଆଜ କ ପରାଣ ମିତ
ଧନ ଧରିବ ମୋଗୁଣ ବାଉନରେ ବାଉନ । ୫

—*—

## ରାଧାଙ୍କୁ ସଖୀମାନଙ୍କ ପ୍ରଶଂସା

ରାଗ ତୋଡ଼ି ପରଜ—ତାଳ ଆଡତାଳୀ

( ଲୋ ସଜନୀ । ଗଲିନ ମୁଁ ଲାଜେ ସଡ଼ି—ବୃତ୍ତେ )

ରେ କିଶୋରି ! କନକ ମୁକୁର କାନ୍ତି
ଶ୍ୟାମ ବିଳାସର ସୁନ୍ଦର ତନୁ ତୋ ଦର୍ଶେକି ଅପୂର୍ବ ଶାନ୍ତି ! ଘୋଷା !
ସୁନୀଳ ବସନ ରତନ ଭୂଷଣ
ଜଳଦେ ଦାମିନୀ ଉଦେ
କୁଂଚିତ କେଶର ଫଣିଙ୍କ ବେଣୀଟି
ଦୋହଲି ଖେଳଇ ହୃଦେ । ୧
ସୁର ମୁଗ୍ଧ କର ଲଲାଟେ ସିନ୍ଦୂର
ତହିଁ ମଳୟଜ ରେଖା
ନବ ଜଳଧର କୋଳେ କି ଅରୁଣ
ନବ ଇଂଦୁ ଦେଲା ଦେଖା । ୨
ଲୋଚନ ଖଞ୍ଜନ ଗଂଜନ ରଂଜନ
ଅଂଜନ ବସନ ସାଜେ
କ୍ୱଣିତ କିଂକିଣୀ ସୁମଞ୍ଜୀର ଧ୍ୱନି
ମଦନୋହର ବାଜେ । ୩
ରାଜ ହଂସ ଗଜ ଗତି ବିଡମ୍ବନ
ଅବଲମ୍ବୀ ସଖୀ ହାତେ
ଚରଣ ଶବଦେ ମଧୁକର ନିକର
ବସନ୍ତ ଯୂଥକୁ ଯୂଥେ । ୪
ସ୍ୱର୍ଣ୍ଣ ଲତାଜିଣି ନବସୌଦାମିନୀ
ରୂପ ତୋ ବାଧି ଅବଧି
ଗୋପାଳକୃଷ୍ଣ ଯେ ଶ୍ରୀପଦାବ୍ଜେ ଭଜେ
ନୁଆ ଦାସୀପଣ ସାଧି । ୫

## ରାଗ ଭଟିଆରୀ—ତାଳ ଏକତାଳ

ଧୀରେ ରହିଁ ମନ !

ରାଧା ଗୋବିନ୍ଦ ମୂରତି କର ସଜନ !

ନିକୁଞ୍ଜ ଶେଯରେ ବଜେ କରିଛନ୍ତି
ସଖୀ ମଞ୍ଜରୀଙ୍କ ପ୍ରାଣ-ଧନ । ଘୋଷା ।

କୁନ୍ଦନ ମର୍କତ ମଣିଆଭା ତମାଳେ କନକଲତା ଜବା
ବ୍ରଜାବନୀ ଦେଶେ ସମୁଦିତ ଜସେ
ସ୍ଥିର ସୌଦାମିନୀ ଘନ ପ୍ରଭା । ୧

ତରୁଣ ତରୁଣୀ ରମ୍ୟବେଶ ପରିଧାନ ନୀଳ ପୀତବାସ
ମୃଗ ମଦକର ଭାଲେ ମନୋହର
ଅପୂର୍ବ ପ୍ରଣୟ ଭାବାବେଶ । ୨

ଶ୍ରୀବକ୍ଷେ ମାଳତୀ କୁନ୍ଦହାର ଶିରେ କେକୀପୁଚ୍ଛ ପୁଷ୍ପଝରା
ନୀଳ ଶୋଣାମ୍ବୁଜ ନୟନୁ ସ୍ରବ ପଡ଼େ
ଡବ ଡବ ପ୍ରେମ ଅଶ୍ରୁ ଧାରା । ୩

ଆଳୀ ଆଳ ସ୍ଥିତ ଚଉପାଶେ ପରସ୍ପରଙ୍କ ହାସ ପରିହାସେ
ସ୍ୱେଶ୍ୱରୀ ସ୍ୱେଶ୍ୱର ଯୁଗଳ ପୟର
ସ୍ମରଣେ ଗୋପାଳକୃଷ୍ଣ ବାଞ୍ଛେ । ୪

—*—

## ମନଶିକ୍ଷା

ରାଗ ଶଙ୍କର ଭରଣ—ତାଳ ଆଠତାଳୀ

( ଦୟାମୟୀ ଈଶିକ—ବୃତ୍ତେ )

ରାଧା ବଂଶୀ ବଦନ । ସ୍ମର ନିଭୃତ ନିକୁଞ୍ଜେ ମନରେ ।ପଦ।
ଶ୍ରୀ ବୃନ୍ଦାବନୁ ଭୂମାର ରସେଶ୍ୱର ଗୋଷ୍ଠ ମଘବା ନନ୍ଦନ
ଅଭିନବ ଲୀଳା କମଳ ଧାରିଣୀ ବ୍ରଜେନ୍ଦ୍ର ଜଗବନ୍ଦନ । ୧
ମହା ଭାବମୟୀ ବୃନ୍ଦାରଣ୍ୟ ରାଣୀ ଶ୍ରୀବ୍ରଜାରଣ୍ୟ ମଦନ
ଅପ୍ରାକୃତ ପ୍ରେମ ପ୍ରତିମା ଯୁଗଳ ଲାବଣ୍ୟ ମୃତ ସଦନ ଯେ । ୨



ଘାଟମୁଲ ନ ଦେଇ        କାଳି କରୁଛ ଗୋଳ
କଥା ପଡ଼ିବ କଂସ ଆଗର ରେ
ଗୋପାଳ କୃଷ୍ଣ ବୋଲେ    ଆଜି ଘାଟ ନଦେଲେ
କଳସୀ ରହିଯିବ ଠଉ ରେ !

( ଗୋପାଳକୃଷ୍ଣ ଗ୍ରନ୍ଥାବଳୀ    ୩୨୩ ପୃଷ୍ଠା )

ଶ୍ରୀ ଗୋକୁଳେଶ୍ୱରୀଙ୍କର ତେଜସ ଭୂଷଣ ଗୋପିମା ଜୀବନ ଧନ
ଉଜ୍ଜ୍ୱଳ ରସ ବିଗ୍ରହ ବ୍ରଜଜନ ବୃନ୍ଦ ଆନଂଦ ବର୍ଦ୍ଧନ ଯେ । ୩
ଜମ୍ବୁନଦ ହେମ ଅମ୍ବୁଦ ବରନ ନୀଳଶୋଣାବ୍ଜ ନୟନ
ଗୋପାଳକୃଷ୍ଣର ହୃଦ ସଂପୁଟକ ଅମୂଲ୍ୟ ମଣି ରତନ । ୪

## ସଖୀମାନଙ୍କପ୍ରତି—ଶ୍ରୀରାଧା

( ତାଳ—ଆଠତାଳ )

ପୀତପଟ୍ଟ ସେ ଶ୍ୟାମ ସୁନ୍ଦର ଗୋ ସଖି !
ଯାହା କଲେ ମୋ' ସଙ୍ଗେ ଶୁଣବୁ ଗୋ । ପଦ ।
ଯମୁନା ଗଲି ସଞ୍ଜ । ପାଣି ଆଣିବା ପାଇଁ
ପଥେ ଭେଟିଲେ ବ୍ରଜ ଚନ୍ଦ୍ର ଗୋ । ୧ ।
ବନ କୁସୁମେ ବେଶ ସାଜିଥିଲେ ସରସ
ମୁରଲୀ ଥାପିଲେ ଅଧର ପରେ । ୨ ।
ମୋତେ ଦେଖି ସେ ମନେ ହସି ତ୍ରିଭଙ୍ଗୀ ଛନ୍ଦେ
କହିଲେ ଆସି କଥା ମଧୁର ଭରେ । ୩ ।
କିଗୋ ବ୍ରଜ କିଶୋରୀ ଏକ ଗୁପ୍ତ ଆଚରି
ନୀର ନେଉଛ କର ଅନ୍ତର ରେ । ୪ ।
ଘାଟ ମୂଲ ନ ଦେଇ ବାଟ କରୁଛ ଛୋଡ଼ି
କଥା ଫିଙ୍ଗିବ କଂସ ଆଗରେ । ୫ ।
ଗୋପାଳ କୃଷ୍ଣ କୋଲେ ଆଜି ଘାଟ ନ ଦେଲେ
କଳସୀ ରଖିଯାଅ ଏଠାରେ ରେ । ୬ ।



## ତାଳ ଏକତାଲି

( ଗୁହାରେ ମିତ—ଚୂତଛେ)

ସୃହଁ।ଶ୍ରୀମଙ୍ଗ—ମାଳହାଷ୍ଣ

ସୃଲେ କ ରଙ୍ଗେ

ଶିରେ ଶିଖିପୁଚ୍ଛ କେଡ଼େ ସୁନ୍ଦର

ତୋଳଥିଲେ ପଦ୍ମ ଗିରି ମନ୍ଦର

କ୍ଷୀର ଖିଆଇଲେ ପୂତନା ନାଶିଲେ

ଥାଇ ଉଛଙ୍ଗେ ।୧।

ଶିରେ ଖୋଷି ରଙ୍ଗ ଜାମ୍ବୁ ତାଳକ

ଭଙ୍ଗୀ କରି ବାଙ୍କେ ସୃଲେ ଚଳକ

ଗଳ ଗଲ ସୃହେଁ ବରଜ ବାଳୀଙ୍କି

କେଳି ତରଙ୍ଗେ ।୨।

କୋଟି କାମ ଜିଣି ତନୁ ସୁଷମା

ବାଳାରୁଣ କ ଅଧର ରଙ୍ଗିମା

ରୁଣୁ ଝୁଣୁ ବାଜେ ନୂପୁର ପୟରେ

ଘାଗୁଡ଼ି ସଙ୍ଗେ ।୩।

ଚଳେ ପଛେ ଯାଉ ଏକ୍ଷ ପରାଣ

ନନ୍ଦଭବ କେବେ ଛାଡ଼ାଚରଣ

ଗୋପାଳ କୃଷ୍ଣ ଭାଷଇ ମୋ ମାନସ

କୃଷ୍ଣ ପ୍ରସଙ୍ଗେ । ୪ ।

## ରାଗ ଭୈରବୀ—ଆଠତାଳି

ଶ୍ୟାମଳ ନମିଳ ଜଳଧର ଛବକ ।ପଦ।

ନୀଳ ପଣ୍ଡ ପିତା କୁଳ— ଜଳଧି କରି ଚଉଳ

ପ୍ରୀତି ଲଗି ରାଧା ତନୁ ଦେଲାନ ବକ ।୧

ଜାଣରେ ସଜନ ଜୀବ ଯେବେହେଲେ ବରଜବ

ଛାଡ଼ିଦେଲେ ସବୁଦନେ ତାଇଁଥିବ କ ।୨

ଆଜଟାଏ ଆଜନମୁ    ବରତ କେତେ କରି ମୁଁ
ବର ମୁଁ ମାଗୁଛି ନନ୍ଦ ସେବ ଭବକ ।୩
କଳା ଚିତ୍ତ ମଣି ମୋର    ଗଳାର ଛଇଲ ବର
ମୁଁ ଯୋଗୀ ସେ ଥାଳ ଚେଳ ବରଣ୍ଡବ କ ।୪
ଉପାସ୍ୟ କହୁଛି ତୋତେ    ବଷ ଗୋଳଦେ ମୋହାତେ
ମନା କରନା ତୋ କଥା ନପାଳବ କ ।୫
ଗୋପାଳ କୃଷ୍ଣ ଭଣିତ    ଆଳୀ ବୁଝିବାକୁ ତତ୍ତ୍ୱ
ପଚୁଶଲେ ଜଜେକର ବୃନ୍ଦାବଣୀ କ ।୬

—⁕—

## ଶ୍ରୀକୃଷ୍ଣ ପ୍ରତି ଯଶୋଦା

( ଉଠିଲ୍ ଏଣ୍ଡେ ବେଗି—ବୃତ୍ତେ )

ମାଲ ହାଣ୍ଡ ! ଲ୍ୟୁଚ ପିବ ମୁଁ ତୋହ ପାଇଁକ
ଚିତ୍ତରେ ଭଲେ ଉର ନାହିଁକ । ପଦ
ନମାନ୍ତ ମୋରମନା    ଆରେ କାଳଆ କାହ୍ନା
ଏତେ ଦୁର କରୁଛୁ କାହିଁକ ? ୧
କ୍ଷୀର ସର ଲବଣୀ    ଦେଲେରେ ମାଲମଣି
ଥୁ ଥୁ ଥୁ କରୁ ତୁ ନ ଖାଇକ । ୨
ପଶି ଗୋପ ନଗରେ    ଚୋରାଉ ଘରେ ଘରେ
କହନ୍ତି ଆସି ଗୋପ ଗୋଈକ । ୩
ନଶୁଣି କ ମୁଁ ଏତେ    ଲ୍ୟୁଚ ପିବରେ ତୋତେ
ବୁଢ଼ି ମରବ ଜଳେ ପାଇକ । ୪
ମୋଘରେ କସ ନାହିଁ    ପର ଘରେ ଚୋରାଇ
ଖାଉଛୁ ଲାଜ ଲାଗୁ ନାହିଁକ । ୫
ଗୋପାଳକୃଷ୍ଣ କହୁ    ଆଜି କେଣେ ନଯାଇ
ଯା' ଇଚ୍ଛା କର ଘରେ ଥାଇକ । ୬

—*—

## ଶ୍ରୀରାଧାଙ୍କ ପ୍ରତି ସଖିମାନେ

( ରାଗ—ସୋରଠ )

ଏଣିକି—ମାନ ତେଜ ସୁବାଧସ୍ତ ।

ଲୋ ଅମୃତଜ୍ଞାରେ    ମଉଳ ଗଲେଣି
କଳାକାନ୍ତ ବଂଶୀ ଧାରି । ପଦ ।
କଣ୍ଠ ଜନେ ଜଣା    କରିଛ କରୁଣା
ବଡ଼ମ୍ନା ନବଘୃଣ
କଟଘନରେ ମୂନ    ମାନସ ମୋହିନୀ
କଲ ତାଙ୍କୁ ଏତେ ସର । ୧
ଦ୍ୱିରଦ ଗମନା    ତସ କାଳଆ ସୁନା
ନୂତନ୍ତ କବା ଚୋହର
ତାଙ୍କ ଅବର୍ଣ୍ଣେ    ଚୋବେଳ ନୟନୁ
ନୀର ନପିବକ ଝର । ୨
ଲୋ ହରହେ ଧନୀ    ପ୍ରଚଣ୍ଡ ଅଗନୀ
ଯାତେ ବ୍ୟଥା ପାଇ ହରି
ବାଧା ନ ପାଇଣ    କରନ୍ତି କାରୁଣ୍ୟ
ଦେଖି ସ୍ଥିତ ଉଠେ ଅଶ୍ରୁ । ୩
ମାର ମାର ଗଣ    ଯୋଖି ପଣ ପଣ
ବାଜ ସାଧେ ସମ୍ବରଣ
ସହ୍ୟ ନପାରନ୍ତି    ମସ୍ତରେ ଲୋଟନ୍ତି
ତାକ ରାଣ ଶ୍ରୀ କିଶୋର । ୪
ତେଜ ଅଭିମାନ    ରେ ରାମା ରତନ
ଆଣି ତାଙ୍କୁ କର ଧରି
ଗୋପାଳକୃଷ୍ଣର    ଦୁଃଖ ହେଉ ଦୂର
ଅଭିମାନ ସାଜ ସଙ୍ଗ । ୫



# ମିଳନ ମାଧୁରୀ

ତାଳ—ଏକତାଳି

( ଧୀରବରେ—କିଧନ୍ୟକୁ କୁହଇ )

ସଜନିରେ···ଦେଖ ଥରେ ଖୋଲି ନୟନ ।
ବିଜେ କୁଂଜ ଦୋଳପରେ ମଦନ ମୋହନ
ବାମେ ରାସେଶ୍ୱରୀ ରାଈ
ଶ୍ରୀ ଅଙ୍ଗେ ଅଙ୍ଗ ଜଡ଼ାଇ
ପର୍ବ ଶର୍ବରୀଶ ମୁଖ ଦିଶେ କି ଶୋଭନ । ୧
ଅଧରେ ମୋହନ ବେଣୁ
ଦେଇଣ ଯଶୋଦା ସୁନୁ
ଶ୍ରୀରାଧେ ଶ୍ରୀରାଧେ ବୋଲି କରନ୍ତି ବାଦନ । ୨
ଆଲିଙ୍କ ଚାମର ଧରି
ଖଟିଛନ୍ତି ସହଚରୀ
ସବୁରି ମୁଖ ମୟୂଖ ଦିଶୁଛି ପ୍ରସନ୍ନ । ୩
ଭୃଙ୍ଗ ବିଦ୍ୟା ବୀଣାଧରି
ବାଏ ଅନ୍ତ ଯନ୍ତ୍ର କରି
କୁଂଜେ କୁଂଜେ ଉଡ଼ି ଉଠେ ସୁରଙ୍ଗ କେତନ । ୪
ଆହା ଯୁଗଳ ମୁରତି
ନୟନେ ଦୁଅ ଭରନ୍ତି
ଗୋପାଳକୃଷ୍ଣ କରୁଛି ଭକ୍ତିରେ ବନ୍ଦନ । ୫

## ଯଶୋଦାଙ୍କ ପ୍ରତି—ଶ୍ରୀକୃଷ୍ଣ

( ପଦ୍ମପଞ୍ଚ—ଏକତାଳ )

କହ୍ନା ଚରାଇ ଯିବ ମା ! ବେଳ ହେଲାଣି ବିଳମ୍ବ
ବାଟେ ଜୁଣ୍ଡ ହୋଇଲେଣି ଆସି ମୋ ସଖା କଦମ୍ବ । ପଦ ।
ଭୁଞ୍ଜିବି ଦିଅ ଗୋ ଆଣି
ସର ସାକର ଲବଣୀ
ବଳରାମ ଭାଇ କାମ ସାରିଲେଣି ବେଗ ବେଗ । ୧
ଦେଖ ଧବଳା ଶ୍ୟାମଳା
ଛାଡ଼ିଲେଣି ହମ୍ବାରଡ଼ି
ବନେ ଯିବା ପାଇଁ କହ୍ନା ହୋଇଲେଣି ଚଗଚଙ୍ଗ । ୨
ଦିଅ ମୋ ଲଉଡ଼ି ବଂଶୀ
ଚୂଳେ ଶିଖି ପୁଚ୍ଛ ଖୋସି
ଗୁଞ୍ଜମାଳ ଦିଅ ଗଳେ ଦିଶୁଥିବ ଅନ୍ତରଙ୍ଗ । ୩
ପୀତବାସ କଟିତଟେ
ମାଳ ଦୁକୂଳକୁ ଆଣେ
ଭିଡ଼ ନୂପୁରେ ସଜାଇ ଦିଅ ମୋ ଚରଣ ଯୁଗ । ୪
ତାଳି ତାଳି ସଖା ସଙ୍ଗେ
ନାଚିବି ମୁଁ ନାନାରଙ୍ଗେ
କହ୍ନା ପଣେ ନାଚ କୁଦ କରିବି ମୁଁ କେତେରଙ୍ଗ । ୫
ନକର ଉଚ୍ଛୁର ଆଉ
ତୁମ ଦଧିମନ୍ଥା ଆଜ
ଗୋପାଳକୃଷ୍ଣ ଭାବରେ ସଖା ହୋଇଲେଣି ବ୍ୟଗ୍ର । ୬

## ବାତ୍ସଲ୍ୟ ମମତା



ବତ୍ସା ଚରାଇ ଯିବି ମା ! ବେଳ ହେଲାଣି ବିଳମ୍ବ
ଦାଣ୍ଡେ ଝୁଣ୍ଡ ହୋଇଲେଣି ଆସି ମୋ ସଖା କଦମ୍ବ । ୧ ।
× × ×
ଦିଅ ମୋ ଲଉଡ଼ି ବଂଶୀ
ଚୂଳେ ଶିଖୀ ପୁଚ୍ଛ ଖୋସି
ଗୁଞ୍ଜମାଳ ଦିଅ ଗଳେ ଦିଶୁଥିବ ଅତିରଙ୍ଗ । ୩ ।
( ଗୋପାଳକୃଷ୍ଣ ଗ୍ରନ୍ଥାବଳୀ ୩୨୮ ପୃଷ୍ଠା )

## ଗୋପୀମାନଙ୍କ ଚିନ୍ତା

( ତାଳ—ଆଠତାଳି )

ସେ ନନ୍ଦ ଶିର ସୁଷମା
କେ ପାଶୋର ପାରିବ ମା । ପଦ ।

ଶ୍ରୀମୁଖ ମୟୂଖ ଠାଣି ଧୈର୍ଯ୍ୟବନ୍ଧ ହଏ ହାଣି
ତ୍ରିଭଂଗୀ ଛନ୍ଦ ନିରେଖି
ମୂର୍ଚ୍ଛିବ କେଉଁ ବାମା । ୧ ।

ନୀପପୃଷ୍ଠେ ବସି ସେହି ମୁରଲୀ ବାଇଲେ ସହି
କହ ନ ଟଳିବ କାହା
ଧଇର୍ଯ୍ୟ ବନ୍ଧର ସୀମା । ୨ ।

ଯା'ର ନବନୀତ ତନୁ ଜିଣିଛି କୋଟି ଅତନୁ
ବାଳାରୁଣ ନିନ୍ଦା କରେ
ଯାହା ଅଧର ରଙ୍ଗିମା । ୩ ।

ସେହି ମୋହନ ମୂରତି ଯା ନେତ୍ର ହେବ ଭରତି
ନ ପଡ଼ି ପୀରତି ଫାନ୍ଦେ
ରହିବ କି ତା ଗରିମା । ୪ ।

ଗୋପାଳ କୃଷ୍ଣର ଚିତ୍ତ ବନ୍ଦା ସେ ପାଦେ ସତତ
ଅଖିଳ ପତି ସେ ତାଙ୍କ
ପରବ୍ରହ୍ମ ଶ୍ରୀସ୍ୱାମୀ ରମା । ୫ ।



## ଭକ୍ତର ଅନୁଚିନ୍ତା

( ତାଳ—ଝାମ୍ପତାଳ )

ରାଧେ କୃଷ୍ଣ ରାଧେ କୃଷ୍ଣ
ରଟରେ ରସନା ରଟ
ଅଖିଳ ଜଗତ ରାଣୀ
ଅଖିଳ ଜଗତ ରାଟ । ପଦ ।
ଯୁଗଳ ପଦ କଞ୍ଜରେ
ରହୁ ମିଳନ୍ଦ ଅଙ୍ଗରେ
ପ୍ରାଣଙ୍କର ମକରନ୍ଦ
ଚାଖିବୁ କରି ଉଚ୍ଚାଟ । ୧ ।
ଚିନ୍ମୟ ଶବ୍ଦବ୍ରହ୍ମ ଅନ୍ତ
ରସମୟ ଶିଖିପତ
ଆନନ୍ଦ ରୂପିଣୀ ରାଧା
ସକଳ ଶାସ୍ତ୍ରେ ପ୍ରକଟ । ୨ ।
ସେ ଦ୍ୱାଦଶ ବୃନ୍ଦାବନ
ସୁରମ୍ୟ ଗୋଲକ ଧାମ
ସେ ଧୂଳି ଲାଗିଲେ ମାଥେ
ନଦଣ୍ଡେ ଶମନ ବାଟ । ୩ ।
ଭଜମନ ସେ ଚରଣ
ହୋଇବୁ ସେବକ କାରଣ ।
ଲଂଘିବୁ ଯମ ଯାତନା
ଭଣିଲେ ଗୋପାଳ କୃଷ୍ଣ । ୪ ।



## ଶ୍ରୀରାଧାଙ୍କ ପ୍ରତି ସଖୀଗଣ

ରାଗ—ଆଠତାଳି

( ଦୁଃଖମଣ୍ଡ ନକର ସରସ—ବୃତ୍ତେ )

ରସବତୀ !

( କହ ) କହିଁ ଆଜ ଆନ ଚୋରଶିଖ । ପଦ ।

ତ୍ରଜ୍ଜା କାହିଁ ବେଶ ଭୂଷଣରେ
ନାଇ ଝାଳୁ ଶୋଇ ଧରଣୀରେ
ମଉଳଛି ସିନ୍ଦୂ     ଶୁଖି ମୁଖ ଛବି
ମଳିନ ଦିଶୁଛି ଅଙ୍ଗ କାନ୍ତି । ୧ ।
କେ କସ କହିଲା କବା ତୋତେ
ଫେଡ଼ି ନନ୍ଦଦୁହୁ କିମ୍ବା ଏତେ
କିବା ରସ ରାଜ     ନପୋଣ ଅଭଜ
ବିଫଳ କଲେ ବାସର ରାତି । ୨ ।
କଣ୍ଠ ଦେଇ କବା ନ ଆଇଲେ
ଖଣ୍ଡ ଘର ଆଚରଣ କଲେ
ତେଣୁ ତୁ ଗୁମାନ     କଲୁ ଗୋବଧନ
ଶିଥିଳ କରାଇ ଲୁଳୁ ଗ୍ରନ୍ଥି । ୩ ।
ଦେଖି ତୋର ବିରହିଣୀ ବେଶ
ଆମ୍ଭଙ୍କୁ ଲାଗଇ ଅତିକ୍ଲେଶ
କହ ପ୍ରାଣ ମିତ     ଯା ହେବା ଉଚିତ
ତା କରିବୁ ଆମ୍ଭେ ତାଳମତି । ୪ ।
ଗୋପାଳ କୃଷ୍ଣର ଉପାଦେନ
ଯେଣୁ ତୁ ଆମ୍ଭ ଜୀବ ଜୀବନ
ଫେଡ଼ି କହ ଗୋସା     କରିଛି ନକରି
କରୁଛୁ ଆମ୍ଭେ ଏହି ବିନତି । ୫ ।

## ସ୍ୱାଭୀଷ୍ଟ ଲାଳସା

### ରାଗ ମଙ୍ଗଳଗୁଜ୍ଜରୀ—ତାଳଏକତାଳୀ

ସ୍ୱେଶ୍ୱରୀଙ୍କ କୃପା କେବେ ହେବ ଏ ଦାସୀରେ
ଗୁରୁରୂପା ସଖୀ ଆଜ୍ଞା ବହିବଇ ଶିରେ ଯେ । ୧ ।
ସିଦ୍ଧଦେହେ ସ୍ୱ ସେବାରେ ରହି ପ୍ରତିଯାମେ
ଶ୍ରୀ ପଦାମ୍ବୁଜ ଯୁଗଳ ସଂବାହନେ ପ୍ରେମେ ଯେ । ୨
ଚନ୍ଦନା ଗୁରୁ କାଶୀର ଚର୍ଚ୍ଚିତାଙ୍ଗୀ ଦେଖି
ସେବୋପାୟନ ନିର୍ମାଣ କୁଶଳା ବଲ୍ଲବୀ ଯେ । ୩
ଚତୁଃଷଷ୍ଟୀ କଳାନ୍ୱିତା କିଶୋରୀ ପଦ୍ମିନୀ
ଶ୍ରୀମତୀ କରୁଣାର୍ଥିନୀ ସୁନ୍ଦର୍ଯ୍ୟ ରୂପିଣୀ ଯେ । ୪ ।
ପରମାରାଧ୍ୟା ମଧୁର ସ୍ମିତା ସୁନାଗରୀ
ଗୋପାଳକୃଷ୍ଣର ସେବ୍ୟା ପ୍ରେୟସୀ ସାଗରୀ ଯେ । ୫

—*—

### ରାଗ ବଙ୍ଗଳାଶ୍ରୀ—ତାଳ ଆଡ଼ତାଳୀ

କେବେ ମୁଁ ଅରୁଣ କମଳ ଦଳରେ
ଶେଯାଇବି କୁଞ୍ଜେ ଶେଯ
ପରଦ୍‌ଗ୍ରନ୍ଥ ଝର ଆନନ୍ଦେ ଖଟଣି
ଖଟିବ ସମ୍ଭାର ସଜ । ୧
ଶ୍ରୀ ସ୍ୱାମିନୀଙ୍କର ସଂଗିନୀଙ୍କ ଦାସୀ
ଅଭିମାନେ ସିଦ୍ଧାଙ୍ଗରେ
ଗୁରୁରୂପା ସଖୀ ବାମେନମ୍ର ମାଥେ,
ସଂଶ୍ଳିଷ୍ଟ ହେବି ସଙ୍ଗରେ । ୨
କେବେ ହେବ ମୋର ଏମନ୍ତ ସୁଦିନ,
ରହିବି ସେବିକା ପଣେ ।
ଗଣିବେ ସ୍ୱେଶ୍ୱରୀ ଅନୁକମ୍ପା କରି,
ମଞ୍ଜରୀ ମଧ୍ୟରେ ଜଣେ । ୩ ।

ବଧୁମୁଖାମ୍ବୁଜେ ତାମ୍ବୁଲ ବୀଟିକା
କେବେ ଯୋଗାଇବ ମୁହିଁ ।
ଶ୍ରୀ ବ୍ରଜେନ୍ଦ୍ର ଭାମା କାନ୍ତି ଆସ୍ୱାଦିବେ
ବଙ୍କିମ ନୟନେ ଯୁହିଁ । ୪
ଗୋଷ୍ଠେନ୍ଦ୍ର ନନ୍ଦନ ବଦାନ୍ୟ ବିଳାସେ
ଶ୍ରୀବୃଷଭାନୁଜା ଠାଇଁ ।
ଆସ ଗୋ ଯାବଟେ ବୋଲି ମୃଦୁସ୍ୱରେ,
ଡାକିବେ ମୋତେ ବହୁଇ । ୫ ।
ଶ୍ରୀ ରୂପ ମଞ୍ଜରୀ, ମଦନ ମଞ୍ଜରୀ;
ଲଳିତାଦି ସଖୀ ଗଣେ ।
ପଙ୍ଖା ଚାମର କରେ ଦେଇ, ଚଳନ୍ତ
ନବଦାସୀ ଯିବେ ସଙ୍ଗେ । ୬
କେବେ ମୋ ଉପରେ ବୃନ୍ଦାବନେଶ୍ୱରୀ
ଢାଳିବେ କରୁଣାବୃଷ୍ଟି ।
ଅଷ୍ଟକାଳୀୟ ପରିଚର୍ଯ୍ୟା ଗୋପାଳ-
କୃଷ୍ଣ କାଙ୍କ୍ଷେ ହୋଇ ତୁଷ୍ଟି । ୭ ।

—*—

## ଶ୍ରୀ ଶ୍ରୀ ଗୌରାଙ୍ଗ ସ୍ତବାମୃତ

( ଆଷାଢ଼ ଶୁକ୍ଳ ବାଣୀ )

କନକ ରୁଚିର କାନ୍ତ ଶ୍ରୀ ଗୌର । ସର୍ବ ଭକ୍ତଜନ ଚିତ୍ତୈକ ଚୋର
ପ୍ରକୃତ ମଧୁର ସୁନ୍ଦର ତନୁ । ନବଦ୍ୱୀପ-ଚନ୍ଦ୍ର ଶ୍ରୀ ଶଚୀ ସୁନୁ
ସୁଲଳିତ ରୂପ
ଲାବଣ୍ୟ ମନ୍ଦର କନ୍ଦର୍ପ ଭୂପ । ୧ ।
କନ୍ତୁଳ କୁଂଚିତ ଚିକୁର ବଂଧ । ପୁଷ୍ପକେତକୀ ସ୍ନିଗ୍ଧ ମୁଗ୍ଧ ପ୍ରବନ୍ଧ
ବିସ୍ତୃତ ଅବଧ ମଞ୍ଜୁଳ କେଶ । ମନୋହର ଜ୍ୟୋତି ତା ଶେଷବେଶ
ନଟନ ମୁରତି
ଲକ୍ଷ୍ମୀ ବିଷ୍ଣୁପ୍ରିୟା ପରାଣ ପତି । ୨ ।

ବିକଶିତ ପଦ୍ମ ବିସ୍ତାର ନେତ୍ର
ପତନ ସ୍ନିଗ୍ଧ ଦୃକ୍ ପ୍ରେମ ପାତ୍ର
ଖଣ୍ଡ ମୃଦୁଳ ମଧୁର ଚରିତ୍ର
ମାଧୁରିମା ପ୍ରୋଜ୍ଜ୍ୱଳ ସର୍ବତ୍ର ଗାତ୍ର
ଭକ୍ତଜନ ପ୍ରିୟ
ପତିତ ପାବନ ପ୍ରପନ୍ନାଶ୍ରୟ । ୩ ।
ପୂଣ୍ୟ ଲାବଣ୍ୟ ସଦନ ଶ୍ରୀଅଙ୍ଗ ।
କଳିତ ଲଳିତ ଛବି ତ୍ରିଭଙ୍ଗ
ସୁବିମଳ ସ୍ମିତ ସ୍ୱର୍ଣ୍ଣାବ୍ଜ ବକ୍ତ୍ର
ସୂକ୍ଷ୍ମ ନବପ୍ରାନ୍ତ ବସ୍ତ୍ରାନୁ ରକ୍ତ
ରଭସ ବିହାର
ପୂର୍ଣ୍ଣାନନ୍ଦ ପୂର୍ଣ୍ଣ ଲୀଳା ବତାର । ୪ ।
ସକଳରସ ବିଦଗ୍ଧ ପ୍ରବର
ସର୍ବଭାବ ପ୍ରଶୁଦ୍ଧ ବିଶ୍ୱମ୍ଭର
ସର୍ବେଶ ସକଳ ସୁଖ ବିନୋଦ
ମହିମା ବିଖ୍ୟାତ ନୃତ୍ୟ ପ୍ରମୋଦ
ସକଳ ସୁଖଦ
ଧନ୍ୟ ତାରୁଣ୍ୟ ଧାମ ଗୌର ଚନ୍ଦ୍ର । ୫ ।
ନୟନ ଅନ୍ତରିତ ଗଳଦସ୍ର
ଅପ୍ରାକୃତ ପ୍ରେମଧାରା ସହସ୍ର
ସ୍ନପିତ ସକଳ ଦେଶ ପ୍ରଦେଶ
ସଦା ଶ୍ରଦ୍ଧାସୂକ ନାମୋପଦେଶ
ଭୁବନ ବିଦିତ
ସର୍ବ ପ୍ରାଣୀ ନିସ୍ତାରକ ସାମନ୍ତ । ୬ ।
ସର୍ବାଙ୍ଗ ଘନ ପୁଲକ କଦମ୍ବ
ସୁନିର୍ମଳ ସ୍ଥୂଳ ମୁକ୍ତା ସମାମ୍ବୁ
ସ୍ନପିତ ତର ଲବ୍ୟ ହୃଦୋର
ଘନ ଘନ ପ୍ରେମ ହୁଙ୍କାର ଘୋର

ସ୍ୱଦସ୍ମ ମଧୁର
ମୂର୍ତ୍ତି ବିଶ୍ୱ ବିଖ୍ୟାତ କ୍ଷାନ୍ତି ସାର । ୭ ।
ଅଖିଳ ଭୁବନ ମଣ୍ଡଳ ଭର୍ତ୍ତା
ଶୋକ ଦୁର୍ଗତି ପରିତ୍ରାଣ କର୍ତ୍ତା
କୃପାମ୍ବୁ କଳି କଳୁଷ ନିହନ୍ତା
ଅକିଞ୍ଚନ ଗଣ ଦୁଃଖୈକ ଶାନ୍ତା
ନିଜ ଗୁଣ ଗାଥା
ସଙ୍କୀର୍ତ୍ତନାନନ୍ଦ ପରମ ଦାତା । ୮ ।
ସୁର ମୁନି ଭକ୍ତ ନିକର ବନ୍ଧୁ
ବ୍ରଜାଙ୍ଗନା ପ୍ରେମ ଉତ୍କର୍ଷ ସିନ୍ଧୁ
ଅତୁଳ ପ୍ରକଟ ସୁରଭିନନ୍ଦ
ଶ୍ରୀଲ ସୁମଞ୍ଜୁଳ ପଦାରବିନ୍ଦ
ନଟନ ମଧୁର
ମନ୍ଦ ପ୍ରଗାଢ଼ ପ୍ରବନ୍ଧ ରୁଚିର । ୯ ।
ସକଳ ଆଗମ ନିଗମ ସାର
ଅପ୍ରାକୃତ ପ୍ରେମ ପୂର୍ଣ୍ଣାବତାର
ଅସୀମ ପ୍ରଚୁର ଗୁଣ ଗମ୍ଭୀର
ସର୍ବାଶ୍ରୟ ସର୍ବ ସନ୍ଧାନ ଧୀର
ଦରିଦ୍ର ବାନ୍ଧବ
ପୂର୍ଣ୍ଣ କାରୁଣ୍ୟ ସିନ୍ଧୁ ଦୁଃଖୀଧବ । ୧୦ ।
ସପ୍ରେମ ମୃଦୁ ମଧୁର ଆଳାପ
ବଶୀକୃତ ଜଗଜନ କଳାପ
କୋଟି ଶାରଦେନ୍ଦୁ ପ୍ରଭ ଆନନ
କୋଟି କନ୍ଦର୍ପ ଲାବଣ୍ୟାପଘନ
ଶୃଙ୍ଗାର ବିଗ୍ରହ
ରମ୍ୟ ବରନ ହେମ ବାରିବାହ । ୧୧ ।
ଭକ୍ତ୍ୟାତ୍ମକ ଭକ୍ତ୍ୟାବୃତ ବିହାରୀ
ପ୍ରେମ କେଳି ଲୀଳା ତାଣ୍ଡବ କାରୀ

ରସାବେଶ ମଦାଳସ ଲୋଚନ
ଜଗଦାନନ୍ଦ କନ୍ଦ ଭକ୍ତାଧୀନ
ସନ୍ତାପ ଖଣ୍ଡନ
ବଦଗ୍ଧା ନାଗରୀ ଭାବ ମଣ୍ଡନ । ୧୨ ।

ପ୍ରେମ ସୁଦ୍ୱାନ ଲଳିତ ଦ୍ୱିଭୁଜ
ଭକ୍ତବଶୀ ପ୍ରେମାରାଧ ପଦାବ୍ଜ
ଗୋପାଙ୍ଗନା ପ୍ରେମ ଭକ୍ତ ମନ୍ଦର
ନବଭାବ ରସୋଲ୍ଲାସୀ ସୁଧୀର
ରସିକ ଅଗ୍ରଣୀ
ନଟେନ୍ଦ୍ର ଶ୍ରୀ ନାଗର ଶିରୋମଣି । ୧୩ ।

ଶ୍ରୀ ମଦ୍ଦ୍ୱିଜ କୁଳୋତ୍ତଂସ କିଶୋର
ଭକ୍ତ ସାଧ ଭକ୍ତ ରୂପୀ ଈଶ୍ୱର
ନିତ୍ୟାନନ୍ଦ ପ୍ରିୟତମ ନିରତ
ଅଦ୍ୱୈତ ସେବ୍ୟ ପଦାମ୍ବୁଜ ଆର୍ଯ୍ୟ
ଗଦାଧର ପ୍ରିୟ
ଶ୍ରୀବାସାଦ୍ୟ ଭକ୍ତଜନ ଆଶ୍ରୟ । ୧୪ ।

ନରହରି ଶ୍ରେଷ୍ଠ ସ୍ୱରୂପ ପ୍ରିୟ
ସନାତନ ଗତି ଶ୍ରୀ ଜଗନ୍ମୟ
ଶ୍ରୀରୂପ ହୃଦ ନିକେତନ ପ୍ରଭୁ
ଶଚୀ ନେତ୍ର ଚନ୍ଦ୍ର ଜଗନ୍ନାଥଭୂ
ଶ୍ରୀ ଦେବ ଦେବେଶ
ରାମାନନ୍ଦ 'ତତ୍ତ୍ୱକାଶ ନିଶୀଶ । ୧୫ ।

ଶ୍ରୀନିବାସାଦି ଭକ୍ତ ସୁପ୍ରମାନ
ସାର୍ବଭୌମାନନ୍ଦ ଦାତା ବଦାନ୍ୟ
ସର୍ବ ଭକ୍ତ ମନୋରଥ ପୂର୍ତ୍ତିକ
ଅଶେଷ ଜୀବ ସଭାଗ୍ୟ ଦାୟକ

ଯୁଗଳ ପଦାବ୍ଜେ
ଗୋପାଳକୃଷ୍ଣ ନିରନ୍ତର ଭଜେ । ୧୭ ।
ଇତି ଶ୍ରୀ ଗୌରାଙ୍ଗଙ୍କ ପ୍ରଭାତୀର ସଂପୂର୍ଣ୍ଣ



## ଶ୍ରୀରାଧାଙ୍କ ପ୍ରତି ବିଶାଖା

( ତାଳ—ଏକତାଳି )

ମିତଣି ! ଅନା ଘନ କାଳିଆକୁ
ଗୋବର୍ଦ୍ଧନ ପର୍ବତ ତୋଳିଆକୁ । ପଦ ।
କଦମ୍ବ ତଳେ ବସି    ବାଏ ମୋହନ ବଂଶୀ
ଚୂଳେ ଖୋଷି ଚୂତ ଜାମୁ ଡାଳିଆକୁ । ୧
ମଦନ ଜିଣା ଛବି    ଅଧର ଜିଣି ରବି
ଧନ୍ୟ ସେ ବ୍ରଜକୁଳ ପାଳିଆକୁ । ୨
ଦେଇ କୁସୁମ ବେଢ଼ା    ସନ୍ତେ ବାନ୍ଧନ୍ତି ଜୁଡ଼ା
ଅଙ୍ଗେ ଭରି ସୌନ୍ଦର୍ଯ୍ୟ ନାଳିଆକୁ । ୩
ଗୋପାଳକୃଷ୍ଣ କହି    ଭକ୍ତିରେ ଦେଖରହି
କାଳିଆ ବିଷଧର ଗୃଳିଆକୁ । ୪

## ଶ୍ରୀରାଧାଙ୍କ ପ୍ରତି—ଲଳିତା

ତାଳ—ଆଡତାଳି

ବନୋଦରୀ ଗୋ !
ତୋ ବଚନେ ଶ୍ୟାମ ହେଲେ ହୀନମାନୀ ।
ଗେଲେସିନା ଅଭିମାନ କଲୁ
କି ଘଟିବ ପଛେ ନ ଚେତିଲୁ
ଧନ ଦମ୍ଭପରେ ଦମ୍ପୋଳି ହେଉଛିଲୁ
ପ୍ରାଣମିତ
ଏ ତନୁଟି କାହାପାଇଁ ଗୋ । ୧

ବୁଝୁ ନାହୁଁ ଯେତେ ବୁଝାଇଲେ
କି ମାତି ଯାଇ ଅଛୁ ଖିଆଲେ
ହାଣ ପଞ୍ଚବାଣ ଆଣିରେ ହାଣିଲେ
ପ୍ରାଣମିତ
ସମ୍ଭାଳିବୁ କି କହନ ଗୋ । ୨

ନାଗର ରାଜ ତୋ ଗୁଣ ଝୁରି
ଅନୁତାପାନଳେ ଯାନ୍ତି ସରି
କୃପା ପ୍ରସ୍ରବଣ ନସ୍ରବିଲେ ଗୋରୀ
ପ୍ରାଣମିତ
ସର ଯିବେ ନୀଳମଣି ଗୋ । ୩

ବର୍ତ୍ତର ତେଜ ଏ ଅବିଚାର
ପ୍ରାଣ ବନ୍ଧୁରେ ନକର ପର
ଯାଉ ଯା ହେବାର କଥାକୁ ପାଶୋର
ପ୍ରାଣମିତ
ଗୋପାଳକୃଷ୍ଣ ଦଣ୍ଡିମ୍ନୀ ଗୋ । ୪

## କାଚ ବିକା ଛାନ୍ଦ—ବୃତ୍ତ

ଆସ ଗୋ କରଜ ବାଳୀ
ଆଣିଅଛୁ କାଚ ଭଲକୁ ଭଲ ଗୋ
କଳା, ଶ୍ୟାମଳଆ, ନେଳ
ଗୁଆଳୀ ଗୋ । ୧

ଯାହା କରିବୁ ଯେମନ୍ତେ
ସାଜକ ଗଢ଼ାଇ ନଅ ତେମନ୍ତେ ଗୋ
ବାଛି ନିଜ ଇଚ୍ଛାମତେ
ଗୁଆଳୀ ଗୋ । ୨

ବହୁ ଦୂରେ ମୋର ଘର
ଗାଆଁକା ନିମନ୍ତେ କରେ ବେପାର ଗୋ
ଖାଲି ମୂଳେ ମୂଳେ ବାରବାର
ଗୁଆଳୀ ଗୋ । ୩

ଶୁଣୁଛି ଏହି ଗୋପରେ
ଲକ୍ଷ୍ମୀ ଜନ୍ମିଛନ୍ତି ରାଧା ରୂପରେ ଗୋ
ତାଙ୍କ କଥା ଭାବ ଦେହଥରେ
ଗୁଆଳୀ ଗୋ । ୪

ଆଗୋ ମୋ ବେପାର ଘେନ
ତାଙ୍କର ହାତେ କରିବ ବଇନି ଗୋ
କାଚ ଦେଖି ମନ ଯିବ ମାନି
ଗୁଆଳୀ ଗୋ । ୫

ଅପସନ୍ଦ କଲେ ସେହି
ଅନ୍ୟ କାହାରି କି ଦରକାର ନାହିଁ ଗୋ
ସବୁ ଭାଙ୍ଗି ଦେବ ଫୋପଡ଼ାଇ
ଗୁଆଳୀ ଗୋ । ୬

ଗୋପାଳକୃଷ୍ଣ ଭାବଇ
କଳା କାଚ କାଚୁ ଦେବ ପିନ୍ଧାଇ ଗୋ
ଦେଖି ଖୁସି ହେବେ ସିନା ରାଈ
ଗୁଆଳୀ ଗୋ । ୭

## ତାଳ—ଏକତାଳି

( ମାନମୟୀ ମାନସେ—ବୃତ୍ତେ )

ରସନାରେ··କୃଷ୍ଣ କଥାରେ ବଞ୍ଚ ବାସନାକୁ । ପଦ ।
ଭବ ସାଗର ଅଥଳ
ନାହିଁ କାଚ କେଉଁଆଳ
ନାଉରୀ ନାମେ ଚଳାଅ ରସନାକୁ । ୧ ।
ତରଣୀ ତନୟା ତଟେ
ନିରେଖିବୁ ନୀପ ପୁଟେ
ବସିଛୁ କାଣ୍ଡାରୀ ଯାଇ ଭଜ ତାକୁ । ୨ ।
କୋଟି କାମ ଦେବ ଜିଣି
ସେ ଅଖିଳ ଚିନ୍ତାମଣି
ବ୍ରହ୍ମା ହର ଧ୍ୟାଉଛନ୍ତି ନିତି ଯାକୁ । ୩ ।
ସେ ଯାକୁ ହେବ ସଦୟ
ଜ୍ଞାନତା ହୁଏ ଉଦୟ
ନିର୍ଦ୍ଦୟ ହେଲେ କେ ନାହିଁ ତାରିବାକୁ । ୪ ।
ସଚର ଚର ତାହାର
ଅଟଇ ଲୀଳା ଆଗାର
ଗୋପାଳ କୃଷ୍ଣ ସନ୍ତତ ଭାବିବାକୁ । ୫ ।

## ଡାଲ—ଝୁଲ

( ଶ୍ରୀଯୁକ୍ତ ଭୁବନ ସାହାଙ୍କ—ବୃତ୍ତେ )

ଶ୍ୟାମ ମୋ ଗଳାର ମାଳ ଗୋ
ଶ୍ୟାମ ଲାଗି ମୁଁ କାଙ୍ଗାଳ
ଶ୍ୟାମ ସୁମନରେ          ଅତି ଯତନରେ
ଭରିବି ପୂଜାର ଥାଳ ଗୋ । ପଦ ।
ଶ୍ୟାମଳ ବସନ          କରି ପରିଧାନ
ତୋଳି ଶ୍ୟାମ ଫୁଲକଳି
ଶ୍ୟାମ ଚୂଳେ ଦେବି          ଶ୍ୟାମକୁ ପୂଜିବି
ଶ୍ୟାମ କୁଞ୍ଜେ ଖେଳି ବୋଲି ଗୋ । ୧ ।
ଶ୍ୟାମଳ କଙ୍କଣ          କରେ ଆଭରଣ
କରି ହୋଇବି ଛଇଳି
ଶ୍ୟାମ ବଂଶୀ ସ୍ୱନ          ଶ୍ରବଣେ ଶୁଣିଣ
ନାଚୁଥିବି ଟଳି ଟଳି ଗୋ । ୨ ।
ଶ୍ୟାମ ନାମ ଶ୍ରୁତି-          ରଟେ ଶୁଣି ମତି
ଉଠୁଥିବି ଫୁଲି ଫୁଲି ।
ଶ୍ୟାମ ଗୁଣ ଗାଇ          ଚଳୁ ଚମକାଇ
ଝୁଲୁଥିବି ଝୁଲି ଝୁଲି ଗୋ । ୩ ।
ଶ୍ୟାମ ବନ୍ଧୁ ମୋର          ଚିର ଆପଣାର
ମୁଁ ତାଙ୍କର ରସକଲି
ଗୋପାଳ କୃଷ୍ଣର          ଜୀବ ସେ ଶ୍ୟାମର
ଶ୍ରୀଚରଣେ ବନ୍ଧା ଦେଲି । ୪ ।



## ଶ୍ରୀକୃଷ୍ଣଙ୍କ ଅନୁଚିନ୍ତା

### ତାଳ—ଏକତାଳି

ମିତଣୀରେ ।
ପାଷାଣେ ଗଢ଼ିଲୁ କି ଚିତ୍ତ ?
ବିନାଦୋଷେ ମାରୁ କପଟା ବିରହ ଘାତରେ । ପଦ ।
ସପନରେ ଦେଖିଲେ ଅରେ
ପାଶୋରି ନାହିଁ ମୁଁ ତୋତେ
ବସିଛି ଅନାଇ ପଥେ ନିର୍ଜନ ଘାଟରେ । ୧ ।
ଚାନ୍ଦ ତୁ ଚକୋର ମୁହିଁ
ବିନୁ ଆନ ନଜାଣଇ
ତୋଲାଗି ସିନା ବଞ୍ଚି ଆ ଜଗତେ ମୁଁ ମାତରେ । ୨ ।
ତୁ ଯେବେ କରିବୁ ପର
କହ ମୁଁ ହେବି କାହାର
ହର ହର କରିବ ସେ ଦେବକୀ ନାତି ରେ । ୩ ।
ଗୋପାଳ କୃଷ୍ଣ କହଇ
ଦୟାବନ୍ତ ଦୟାମୟୀ
ଆଶ୍ରିତକୁ ଦାନକର ଥରେ ତୋ ସ୍ୱାଥୀରେ । ୪ ।



## ଶ୍ରୀରାଧାଙ୍କପ୍ରତି—ସଖୀଗଣ

### ଝାଂପ—ତାଳ

ମାନିନୀ ତୋ ମନୁ ମାନ ମାରିଦେ ଏଥରରେ
ମୋର ନାଥ ହୋଇଲେଣି ବିରହେ କାତର ରେ । ପଦ ।
ସାର ସାରସ ନୟନା
ବାରଣ ବର ଗମନା
ସ୍ଥିର କଥାକୁ କେଣେ ତୁ ହୃଦସ୍ଥରେ କରୁଗା ର । ୧ ।
ଯାର ଶ୍ରୀଚରଣ ଧୂଳି
ହର ବ୍ରହ୍ମା କରେ ଅଳି
ତାର ହେଲେ ଅପରାଧ କାହାକୁ ଜଣାଇବାର । ୨ ।
ଚାରକ ପଞ୍ଚ ଲପନା
କାରେ ମାନ କର ଖେନା
କାସନ୍ଧି ସୁତାପନ୍ତ ବପତ୍ତିଟି ଗୁରୁତର । ୩ ।
କଳିଙ୍ଗୀ ନରୁଷ ଆଜ
କର କୃପା ଦୁଃଖଯାଉ
ଗୋପାଳ କୃଷ୍ଣ ଭଣିଲା ଚନ୍ଦ୍ର ବାରିଜ ପୟୁର । ୪ ।

—*—

## ଶ୍ରୀକୃଷ୍ଣଙ୍କପ୍ରତି—ଲଳିତା

### ତାଳ—ଖେମଟା

କସ ହେବାରୁ ସେ ଧୂଳିରେ ଧୂସର କେଣେ ?
ଚନ୍ଦ୍ରାବଳି କୁଞ୍ଜ ତେଜି ରସ ରାଜ
କି ଲାଗି ଆସିଲ ଏଣେ । ପଦ ।
ହେତନୂଆ ଛଇଳ ଚତୁର କି ଭାବିଲ
ନଗୁହିଁଲ ଆଖି କୋଣେ ।
ଭଣ୍ଡ ଗୋଷ୍ଠାଯାକ ପୀରତି ମାଦକ
ଲୁଟି କଲ ପିନା ଜଣେ । ୧ ।
ହେ କଳା କାଞ୍ଚନ ଦଳା ଅସ ଘନ
ତୋଳା ପ୍ରତିମାକୁ କଣେ
କଣା କରି ଖଣା ଖାତେ ଦେଲ ଠଣା
ଯାଞ୍ଚିଥିଲ କି ପରାଣେ । ୨ ।
ଜାଣି ସ୍ମରଶର କୁସୁମ, ନାଗର
ଦଳ ଦେଇଣ ଚରଣେ
କିଂଶୁକରେ ଚଞ୍ଚୁ ଦେଲ ହେ କାଞ୍ଚତ
ବିଚାରିଲ ନାହିଁ ମନେ । ୩ ।
ବଢ଼ିଗଲା କଥା ଏବେ କଁପା ମଥା
ଘୋଷୁଛ କାହ ମଣ୍ଡନେ
ମୀନ ନୟନାକୁ କ୍ଷୀଣ କରିବାକୁ
ଆଜ କି ଯାଞ୍ଚୁଛ ମନେ । ୪ ।
ଯା ହେବାର ହୋଇ ଗଲା ହେ ମାଧୋଇ
ଫେରିଯା ନିଜ ସଦନେ
ଗୋପାଳ କୃଷ୍ଣର ମାନ ଗୁରୁତର
ନ ମେଣ୍ଟ କି ବୋଲି ଜାଣେ । ୫ ।

## ରାଗ—ଝିଗଣ୍ଟା

ଘନକାଳେ ବନଜାକ୍ଷି ମନେ କି ପାଞ୍ଚିଲୁରେ
ବନେ ବନେ ବୁଲାଇଲୁ । ପଦ ।

ଭାଗିରଥୀ ନୀରେ ଅବଗାହନ ମୁଞ୍ଚିଲୁରେ
ଗୋଷ୍ପଦ ସଲିଳ ସାରି ସର୍ବାଙ୍ଗେ ସିଞ୍ଚିଲୁରେ । ୧ ।
ଛାଡ଼ି କଚନନ୍ତୁ ଉପସିତ ବସୁରିଲୁରେ
ପଟେ ଯାଇ ହେଲୁ ପିଡା କାଇ ନପାରିଲୁରେ । ୨ ।
ବାଳୁ କୋଳି ବାଞ୍ଛକାଷ୍ଠୀ ସୁଧାକୁ ତାଳିଲୁରେ
ଖାରି ସାଗର ବାଲିରେ ସାକର ଗୋଳିଲୁରେ । ୩ ।
ଆପଣାର ଜନକୁ ତୁ ଭଲେ ନ ଗୁଣିଲୁରେ
ବିନା ଦୋଷେ ନେତ୍ରପଥ ଦୂରେ ଫିଙ୍ଗିଦେଲୁରେ । ୪ ।
ଚନ୍ଦନ ବୃକ୍ଷେ କର୍କଟୀ ଲତା ଚଢ଼ାଇଲୁରେ
ଅଦ୍ରାକ୍ଷ ଗ୍ଲାନିକୁ ଦ୍ରାକ୍ଷା ଖୋଳକ ମଣ୍ଡାଇଲୁରେ । ୫ ।
ଜାଣିବାର ହୋଇ କିବା ଜାଣି ନପାରିଲୁରେ
ଅମଳ ପାଣି ପିଇଲା ଅବେକ ଦାରିଲୁରେ । ୬ ।
ମନେ ଥାଉ ମିତଣୀ ତୁ ଯାହା କରିଦେଲୁରେ
ଗୋପାଳକୃଷ୍ଣ କହଇ ଟିକେ ନଭାଳିଲୁରେ । ୭ ।



## ଶ୍ରୀକୃଷ୍ଣଙ୍କ ପ୍ରତି ଯଶୋଦା

( ବାତ୍ସଲ୍ୟ )

### ରାଗ—ତାଳ ଝୁଲା

କୋଳ ଧରି ନେବିରେ ଶୋଇ ପଡ଼ ବାପ ଧନ ।
ବଡ଼ ବଡ଼ ଆଖି ଜହ୍ନମାମୁଁ ପରି
କୁଲା ପରି ତାର କାନ । ପଦ ।
ଅନ୍ଧାର ରାତିରେ ଲୁଚି ଲୁଚି ଆସେ
ଗାଆଁ ହୋଇଲେ ନିର୍ଜନ
ଅଝଟ ପୁଅଙ୍କୁ ଧରି ନେଇ ଯାଏ
କରି ମେଘ ଗରଜନ । ୧ ।
ଦାନ୍ତ ନିକୁଟି ସେ ଆଖି ତରାଟିଲେ
ଡରନ୍ତି ଜଗତ ଜନ
କାନ କାଟି ନେବ ନାକ କାମୁଡ଼ିବ
ମାଡ଼ ଦେବ ଘନ ଘନ । ୨ ।
କାଲି ଆସି ଆମ ଗାଆଁରେ ପଶିଲା
ଟେଇଁ କାନ୍ଦୁଥିଲା ଘନ
ଧରି ନେଇ ତାକୁ ଫୋପାଡ଼ି ଦେଇଛି
ହୋଇଛି ସେ ଅଚେତନ । ୩ ।
ଅଝଟ ନହୋଇ ଶୋଇପଡ଼ କାହ୍ନୁ
ବୁଡ଼ିଲାଣି ପରା ଜହ୍ନ
ବଳରାମ ଭାଇ ଦୁଧସର ଖାଇ
ନିଦେ ହେଲାଣି ଅଜ୍ଞାନ । ୪ ।
ଭୁଞ୍ଜାଇ ଦେଉଛି ସରଳବଣୀ ତୁ
ସୁଖରେ କର ଭୋଜନ
ଠାକୁର ମନ୍ଦିରୁ ଫେରୁଥିବେ ବାପା
ସାରି ଗୋବିନ୍ଦ ଭଜନ । ୫ ।

ଦେଖୁ ଦେଖୁ ଘଣ୍ଟ ମାଡ଼ି ଆସିଲରେ
କୋକ ହେଲଣି ଉଚ୍ଛନ୍ନ
ଏକ୍ଷଣି ଆସିବ କାନ କାଟି ନେବ
ଗୋପାଳ କୃଷ୍ଣ ରଚନ ।୬।

—*—

## ଶ୍ରୀକୃଷ୍ଣଙ୍କ ପ୍ରତି—ଗୋପୀ

### ତାଳ-ଝୁଲା

ନାଗରବର ।
ଧରା ପଡ଼ିଛ ଏଥର । ପଦ ।
ଆସି କାତରା ବେଶେ ଭଣ୍ଡୁଛ ଆମ ପାଶେ
ବାନ୍ଧିବୁ ଯେନ ପ୍ରୀତି ଡୋର । ୧ ।
ଆମ୍ଭେ ଗୋପ ତରୁଣୀ ଚତୁରୀ ପଣେ ମଣି
ତୁମ୍ଭେ କି ଆମ୍ଭଠୁଁ ଚତୁର । ୨ ।
ଧରାଇ ଦେବୁ ଘରେ ରାଧିକାଙ୍କ ହାତରେ
ପାଇବ ନାହିଁଟି ନିସ୍ତାର । ୩ ।
ତୁମେ ସେହି ହଟିଆ ଧିଠ ନଟଲୁଟିଆ
ଦଧି ଦୁଧ ଲବଣୀ ଚୋର । ୪ ।
ଘୁଞ୍ଚ ଏ ଠକ ଗିର ଲମ୍ପଟ ବଂଶୀଧାରୀ
ଏଠାରେ ନୁହେଁ ଚଳିବାର । ୫ ।
ଆମ୍ଭ ସଖୀ ଶ୍ରୀମତୀ ଗୁମାନ ବଢ଼ି ଅତି
ପ୍ରତିଜ୍ଞା କରିଛି କଠୋର । ୬ ।
ତାର ଦୁର୍ଜ୍ୟ ମାନ ଖଣ୍ଡିବ କେ ଭଜନ
ନହେବ କାହ୍ନୁ ନିକର । ୭ ।
ଫେରଯାଅ ହେଙ୍ଗଟ ପୀତପଟିଆ ଶଠ
ଗୋପାଳ କୃଷ୍ଣର ବଚୁର । ୮ ।

—*—

## ତାଳ—ଆଠତାଳି

( ଥାପିରେ କହତ—ବୃନ୍ଦେ )

ମନାଇ କହ ମୋ ନାଁରେ ରେ-ପ୍ରାଣମିତ
ମନେ ନପଡ଼େ ତାଙ୍କର
ଘେନାଇ କହିଲେ ନଘେନନ୍ତୁ ଛଳେ
ବସ୍ତୁରିଲେ କିବା ପରରେ
ପ୍ରାଣମିତ । ୧ ।

ଶଙ୍କସ୍ଥ ରଥାଙ୍ଗ ଦଶା କଣ ଭୋଗ
ଧୃତି କି ରହଇ କାର ?
ପ୍ରିୟଜନ ପ୍ରୀତି ତେଜ କେ ସୁକୃତି
ରହିଛିକି ହୋଇ ସ୍ଥିର
ପ୍ରାଣମିତ । ୨ ।

ସିନ୍ଧୁଜ ବଦନ ଦର୍ଶନେ କଦନ
କରଥିଲ ସିନା ଦୂର
ଏବେ ବିରହରେ ମରୁଛି କାତରେ
ପ୍ରାଣ ଉଠେ ହାହା କାରରେ
ପ୍ରାଣମିତ । ୩ ।

ମଦନ ଦମ୍ଭୋଳି ଘାତେ ମନ କଳି
ହୋଇଲାଣି ଶତେ ଚୂର
ସିଞ୍ଚ କୃପାବାର ସେ ମୁରଲୀ ଧାର
ବିସ୍ତରନ୍ତୁ ଝଙ୍କାର ଲେ
ପ୍ରାଣ ମିତ । ୪ ।

ଶ୍ୟାମ ବିରହିଣୀ କନ୍ଦୁକା ରମଣୀ
ଶଶଦର୍ଶ ଦେବା ସାଉ
ମାରନ୍ତୁ ତାରନ୍ତୁ ସ୍ୱଇଚ୍ଛା କରନ୍ତୁ
ଗୋପାଳକୃଷ୍ଣ ବନ୍ଧୁର ରେ
ପ୍ରାଣମିତ । ୫ ।

—✱—

## ଶ୍ରୀରାଧାଙ୍କ ପ୍ରତି—ସଖୀଗଣ

### ତାଳ—ଆଠତାଳି

ସଖି ! ଢ଼ାଳ୍‌କ ହେବ ଲୁହ ଧାରକୁ ରେ
ଜାଣି ପିଙ୍ଗିଲୁ ମଣି ହାରକୁରେ । ପଦ ।

ବାରି ନପାରି ବାରି
ବୋଲରେ ବିମ୍ବାଧରୁ
ଢେଉଁ ଗଲୁ ଅମୀୟ ଝରକୁ ରେ ।
କର୍ଣ୍ଣେ ଦେଖି ଗଣ୍ଡସ୍ଥ
ପିଇଲ୍ କାଳକୂଟ
ଡାକିବୁ ବୋଲି ମୃତ୍ୟୁ ଡରକୁରେ । ୧ ।
ଯାହାଙ୍କୁ କରୁ ମାନ
ସେ ତୋ ଜୀବ ଜୀବନ
କମ୍ପା କରୁଛୁ ହର ବରକୁ ରେ ।
କଉଳ ଆଡ଼ ଭୁଷା
ଅରଜ ବେନ ଯୋଷା
କୋଳକୁ ଆଣ ଧରି କରକୁ ରେ । ୨ ।
ଫୁଲ ତଳପ ତେଜ
ଧୂଳି ବାଲିରେ ମଜ୍ଜି
ଶୋଇ ବାର ନ କର ହାରକୁ ରେ ।
ଶତ କଦମ୍ବ ଦେହା
ଅସୁନ୍ଦରଟି ଏହା
ବନ୍ଧୁକୁ କର ଅଙ୍ଗୀକାରକୁ ରେ । ୩ ।
ତୋହର ବନ୍ଧୁ ବନ
ଶ୍ୟାମ ହେଲେଣି କ୍ଷୀଣ
ଆଣିଲେଣି ଶମନ ଘରକୁ ରେ ।
କରୁଣା କରସାଇ

ଅଲ୍ଲୁଣା ଧରି ଯାଇ
ଅପ୍ରାଧ ମାଗ ବନ୍ଧୁ କରିଲୁ ରେ । ୪ ।
ନୁହେଁ ସେ ଆନଜନ
ତୋର ନୟନ ଧନ
ଗୁହାଁ ଥରେ ତା ନେହ ଝୁରିଲୁରେ ।
ଗୋପାଳ କୃଷ୍ଣ କହି
ମନ୍ଦ ମଧୁରେ ଗୁହିଁ
ବିନାଶ ତା ବିରହ ଜ୍ୱରକୁ ରେ । ୫ ।

—*—

## ରାଗ ବେହାଗଡ଼ା—ତାଳଝୁଲା

ଭଜ ମନ, ଗୋପେନ୍ଦ୍ର ନନ୍ଦନ ବଂଶୀ ଧାରୀଙ୍କି
ଶିଖୀ ଶିଖଣ୍ଡ ମୁକୁଟ ଶ୍ରୀ ବ୍ରଜ ବିହାରୀଙ୍କି । ପଦ ।

ଗୋକୁଳ କୁଳଜା ପତି ବ୍ରତ ଭଙ୍ଗକାରୀଙ୍କି
ତପନଜା ତଟ ନୀପ ଅଟବୀ ସଞ୍ଚାରୀଙ୍କି । ୧ ।

ନବୀନ ଘନ ସୁନ୍ଦର ଭକ୍ତ ଚିତ୍ତ ହାରୀଙ୍କି
ସୁରତ କେଳି ନିବାସ ବକ୍ଷଣ ଅଧାରୀଙ୍କି । ୨ ।

ଶ୍ରୀରାଧା ମାନସ ହଂସ କେଶବ କଂସାରୀଙ୍କି
କୋଟି ମନ୍ମଥ ମନ୍ମଥ କଳୁଷ ନିବାରୀଙ୍କି । ୩ ।

ଧାତା ଗର୍ବ ଖର୍ବ କର ସର୍ବ ଅବତାରୀଙ୍କି
ଇନ୍ଦ୍ର ଦର୍ପ ହର ଦାବାନଳ ପାନକାରୀଙ୍କି । ୪ ।

ବଲ୍ଲବୀପ୍ରାଣ ଜବଳଆ ପଣ୍ଡା ଶକଟାରୀଙ୍କି
ଗୋପାଳ କୃଷ୍ଣର ହୃତ୍କମଳ ମଧୁହାରୀଙ୍କି

## ଶ୍ଳୋକ

ଅସ ଚେଷ୍ଟା କଷ୍ଟ ପ୍ରଦ ବିକଟ ପାଶାଳି ଭିରିହ
ପ୍ରକାମଂ କାମାଦ୍ୟ ପ୍ରକଟ ମନ ପ୍ରାନ୍ତ ବ୍ୟତି କରୈଃ
ଗଳେ ବଦ୍ଧ୍ୱା ହନ୍ୟେଽହମିତି ବକଭିଦ୍ ବର୍ତ୍ମପଗଣେ
କୁରୁ ତ୍ୱଂ ଫୁତ୍କାରାନବତି ସ ଯଥା ତ୍ୱାଂ ମନଃ । ଇତଃ ।

## ରାଗ କମ୍ପୁନ୍ତ ତାଳ—ପହପଟ

ଜାଣ ଆରେ ମନ । ଘୋଷା ।

କାମ କ୍ରୋଧାଦି କୁପଥ କତାଙ୍କ ନକର ।
ଅସତ୍ ପ୍ରବୃତ୍ତି କଷ୍ଟପ୍ରଦ ଭୟଙ୍କର ।୧।
ଯାହାର ଦଉଡ଼ିମାନ ଦୃଢ଼େ ଗଳେ ବାନ୍ଧି
ବିନାଶ କରୁଅଛନ୍ତି ମୋତେ ନିରବଧି । ୨ ।
ଏଣୁ ତୁ ଶ୍ରୀକୃଷ୍ଣ ଭକ୍ତ ମାନଙ୍କର ପାବଣ
ସକାତରେ ଉଚ୍ଚସ୍ୱରେ କାନ୍ଦ ଅହର୍ନିଶେ । ୩ ।
ତୋ ରୋଦନ ଶୁଣି ସେହି ସାଧକ ବୈଷ୍ଣବେ
ଆସି ଏ ଶତ୍ରୁଙ୍କ ହସ୍ତୁ ରକ୍ଷଣ କରିବେ । ୪ ।
ନିର୍ଭର ହୋଇ ତ୍ରିଗୋପାଳ କୃଷ୍ଣ ପ୍ରେମାନନ୍ଦେ
ସେବା କରିବ ନିଷ୍ଠେନେ ଶ୍ରୀରାଧା ଗୋବିନ୍ଦେ । ୫ ।



# ସଖୀଙ୍କ ପ୍ରତି ଶ୍ରୀରାଧା

( ଶ୍ରୀରାଧା ବାଉଳୀ—ବୃନ୍ଦେ )

ଶୁଣ ପ୍ରାଣମିତ ଅତି ବିପରୀତ
ଯାହାକଲେ ନନ୍ଦ ସୁତ କାହ୍ନୁ,
ପାଶୋର ନଯିବ ଥିବା ଯାଏ ଜୀବ
ତାକଥା ମୋହର ଭଜେ ମନୁ ।
ଆଗୋପ୍ରିୟ ଆଳୀ
ନଟକୁଟି ଆସେ ବନମାଳୀ
ଯମୁନା ତଟରେ ନୀପ ନିକଟରେ
ନାଚଥିଲେ ରଙ୍ଗେ ଭଲ ଭଲ । ୧

ଖରା ବେଳେ ମୁହିଁ ଗଲି ନୀର ପାଇଁ
ନଟରୋଳା ଦେଖି ପାଶେ ମିଳିଲି
ଅଧର ଥରାଇ ଅଶ୍ରୁ ବରଷାଇ
କାଖକର ମାଇଁ ଗୋ ବୋଇଲି
ସ୍ନେହ ନଗ୍ରହିଲି
କଳସୀ ରଖି କୋଳକୁ ନେଲି
ମୋ ଉରଜେ ହାତ ଥୋଇ ଗୋ ସଙ୍ଗାତ
କଲି ନାନାରଙ୍ଗେ ଖିଆଲି । ୨

ବାଳ କୁମରର ଦେଖି ଅବସ୍ଥାର
କୋଳରୁ ଓହ୍ଲାଇ ଦେଲି ତଳେ
ବୋଇଲି ମୋନଷ୍ଟୁ ସ୍ୱୈରଣୀ ତୁ ଅଟୁ
ଢଥ ନୋଇଲେ ମୁଁ ନେବି ବଳେ
ପକାଇଲି ଡକା
ଶୁଣି ମିତ ମୁଁ ହେଲି ଚାଟକା
ମହତ ହାରିଲି ଲାଜେ ମରିଗଲି
ଯାହା କଲା ସେ କାଳିଆ ଟୋକା । ୩

ଯଶୋଦା ଆଗରେ    ବୋଇଲା ରଙ୍ଗରେ
ଝାଡ଼ିଦିଅ ତୋ ସ୍ତନର ବାସ
ଝାଡ଼ନ୍ତେ ପଣନ୍ତ    ସରତେଲା ମିତ
ଦେଖି ସର୍ବେ କଲେ ଉପହାସ
ଲାଜେ ଜଳି ଗଲି
ମୁଖ ପୋତି ପଳାଇ ଆଇଲି
ଭାବି ସେ ବାସର    ହୋଇଲି ଅସର
ମନକଥା ମନରେ ସାରିଲି । ୪
ସେଦିନୁ ଗୋ ସହି    ଜୀବନରେ ଥାଇ
ମୃତପରି ମୁଁ କାଟୁଛି କାଳ
ଧନ୍ୟ ସେ କାଳିଆ    କାଇଁଚ ମାଳିଆ
ଜାଣେ କେତେ କଳା କଉଶଳ
ଦଗାଦାର ଖଣ୍ଡ
ପଦେ ନମଇ ଗୋପାଳକୃଷ୍ଣ
ଯାହା କଲେ କରୁ    ମନୁ ନ ପାଶୋରୁ
ସେହି ସିନା ମୋ ପ୍ରାଣର ଇଷ୍ଟ । ୫

—*—

## ଶ୍ରୀକୃଷ୍ଣ ପ୍ରତି ବ୍ରଜବଧୂ

( ତାଳ—ଝୁଲା )

କଳା ଶ୍ରୀମୁଖ ହେ ! ଏସନ୍ତ ଶିଖିଲ କାହ୍ନୁଁ
ତୁମେ ନବ ଘନ    ନୃପତି ନନ୍ଦନ
ମୁଁ ତୁମ ପରଜା ବୋହୂ । ପଦ ।
ଦାଣ୍ଡଘାଟେ ଏତେ ଟାପର ଖେଳିଲେ
କେ ସହିବ ଭଲ ସହୁ
ଜାଣିଲେ ନଣନ୍ଦ    ଆରମ୍ଭିବ ଦ୍ୱନ୍ଦ
ଚନ୍ଦ୍ରକୁ ଯେମନ୍ତ ରାହୁ । ୧

ବଉଳେ ରଞ୍ଜିଛୁ ଘର କଉସିନା !
ନିଜ ଗୁଣ ନିଜେ ଗାଉ
ନୃପତି ବସ୍ତ୍ରରେ ଭ୍ରମ ଅଳନ୍ଦରେ
କେବେ ହାତ ନ ପତାଉ । ୨
ଏଡ଼େ ଅଲାୟୁକ ବନମାଳି ତୁମ୍ଭେ
କାଆଗେ କହିବ ଆଉ
ସାହା କଲେ କର ସବୁ ସହିବାର
ଜୀବନ ପଛକେ ଯାଉ । ୩
ଆହେ ଘନ ଶ୍ୟାମ ଶ୍ରୀରଙ୍ଗା ଚରଣ
ସେବାରେ ଏ ଦିନ ଯାଉ
ନାମ ଶୁଣିବାରେ କାମ୍ୟନିରନ୍ତରେ
ଗୋପାଳ କୃଷ୍ଣର ଆଉ । ୪

—*—

## ରାଗ ଶଂକରା ଭରଣ—ତାଳ ଆଠତାଳି

ଘେନ ଅବୋଧମନ !
ବ୍ୟର୍ଥେ ହୋଇ ନ ଯା ତୁ ଉଛନ୍ନ ରେ । ଘୋଷା
ଦୁଷ୍ଟିନ୍ତା ବରଜ ବର ଭାବେ ମଜ
ଯୁଗଳ ନାମ ଭଜନ ରେ
କରିବୁ ଅପୂର୍ବ ଆନନ୍ଦାନୁଭବ
ସେବାକୁ ହୋଇ ଭାଜନ ରେ । ୧
ରାଧେକୃଷ୍ଣ ରାଧେ କୃଷ୍ଣ ବୋଲି ତନ୍ଦ୍ରା
ପ୍ରେମ ଲୋତକେ ନୟନ ରେ
କୃପାମୟୀ ବନେ— ସ୍ୱପ୍ନ ଦିଶାଇବେ
ଶ୍ରୀ ବୃନ୍ଦାରଣ୍ୟ ଅୟନରେ । ୨
ଜନ୍ମ ଜନ୍ମାନ୍ତର, ଦୁଷ୍କୃତ ତୋହର
ତପଣେ ବହ୍ନିକ ଦହନ ରେ

ଚଳ ଯିବୁ ସୁଖେ ଚିନ୍ମୟ ଧାମକୁ
ଲଭି ସିଦ୍ଧ ଅପଘନ ରେ । ୩
ସ୍ୱାଦରେ ଶ୍ରୀଗୁରୁ ରୂପ ସନାତନଙ୍କ
ନେବେ କରି ଆଲିଙ୍ଗନରେ
ସର୍ବ ସଖୀ ମଞ୍ଜରୀ— ସାଙ୍କ ଶୁଭ ଦୃଷ୍ଟି
ତୋ ପରେ ହେବ ପତନ ରେ । ୪
ଶ୍ରୀଲଳିତା ସଖୀ ଦେବେ ଯେ ତୁମ୍ଭରି
ସ୍ୱାମିନୀଙ୍କ ସନ୍ନିଧାନ ରେ
ନବଦାସୀ ଗଣେ ରଙ୍ଗିବୁ ଗହଣେ
କରୁ ସେ ଅନୁମୋଦନ ରେ । ୫
ସ୍ଥାନ ତୋ ପାଇଁରେ ସେ ଯୋଗପୀଠରେ
ହୋଇ ଅଛି ନିରୂପଣରେ
ଗୋପାଳକୃଷ୍ଣ ଏ ଭାଗ୍ୟ ଶ୍ରେୟ ଲୋଭେ
ଧନ୍ୟ ମଣିବ ଜୀବନରେ । ୬

—*—

## ରାଗ, ଦାର୍ଶନିକ—ତାଳ ଝିପୁଟା

ଶୁଣରେ ଅବୋଧମନ ଅନ୍ୟେ କିବା ପ୍ରୟୋଜନ
ସଦା ଚିନ୍ତ ନିତ୍ୟ ବୃନ୍ଦାବନ
ଦିବ୍ୟ ଚିନ୍ତାମଣି ଧାମ କରନ୍ତି ତହିଁ ବିଶ୍ରାମ
ଯେ ନିଭୃତକୁଞ୍ଜ ନିକେତନ । ୧
ଦିବ୍ୟ ଚକ୍ଷୁରେ ଯାହାର ଭାଗ୍ୟେ ଅଛି ଦେଖିବାରୁ
ସେ ଦେଖଇ ରତ୍ନମୟ ସ୍ଥଳ
ରାଧାକୃଷ୍ଣ ଲୀଳାମନ ସାର ସୁସାଧ୍ୟ ସାଧନ
ସିଦ୍ଧତନୁ ଲଭେ ସେ କେବଳ । ୨
ଏ ସତ୍ୟ ନିତ୍ୟ ନିଶ୍ଚୟେ ଅନ୍ୟ ଅଜ କିଛି ନୁହେ
ସଂଶୟ ନ କର ଏଥିଲେଶେ

ବ୍ରଜବନ ଲୀଳାଯୋଗ ସାଧନେ ତୁମ୍ଭ ସାଧକ
ଭ୍ରାତେଜ ସିଦ୍ଧ ଦେହ ଲଭିବା ବେଶ । ୩
ଲଳିତା ବିଶାଖା ଆଦି ସଖୀଙ୍କ ଅନୁଗା ସାଧି
ସେବ ଶ୍ରୀ ସ୍ୱାମିମାଙ୍କ ଚରଣ
ଗୋପାଳକୃଷ୍ଣ ଭାରତି ଏ ବନ୍ଧୁ ନାହିଁଟି ଗତି
ସେ ପଦାବ୍‌ଜେ ପଶି ଯା ଶରଣ । ୪

—ଶ୍ଳୋକ—

ମଦୀଶା ନାଥତ୍ୱେ ବ୍ରଜ ବିପିନ ଚନ୍ଦ୍ରଂ ବ୍ରଜବନେ
ଶ୍ୱରୀଂ ତାଂ ନାଥତ୍ୱେ ତଦତୁଳ ସଖୀତ୍ୱେତୁ ଲଳିତାଂ
ବିଶାଖାଂ ଶିକ୍ଷାଳୀ ବିତରଣ ଗୁରୁତ୍ୱେ ପ୍ରିୟସରେ
ଗିରୀନ୍ଦ୍ରୌ ତତ୍ପ୍ରେକ୍ଷା ଲଳିତ ରତିଦତ୍ୱେ ସ୍ମର ମନଃ ।

—*—

## ରାଗ ବଙ୍ଗଳାଶ୍ରୀ—ତାଳ

ଶୁଣ ଆରେ ମନ ! ଯଥାର୍ଥ ବଚନ କହୁଅଛି ତୋତେ ମୁହିଁ
ହୃଦୟରେ ଯେମ ତୁ ଅନ୍ୟ ଉଚ୍ଛନ୍ନ ବିଷୟ ଜଞ୍ଜାଳେ ରହି । ୧
ଶ୍ରୀବୃନ୍ଦାରଣ୍ୟ ଚନ୍ଦ୍ରଙ୍କୁ ଶ୍ରୀରାଧାଙ୍କ ପ୍ରାଣ ନାଥ ରୂପେ ଚିନ୍ତ
ସ୍ୱାମିନୀଙ୍କୁ ବ୍ରଜେନ୍ଦ୍ରଙ୍କ ପ୍ରିୟାରୂପେ ଭାବନାକର ସନ୍ତତ ।
ଲଳିତା ସଖୀଙ୍କି ଶ୍ରୀକିଶୋରୀଙ୍କର ଶ୍ରେଷ୍ଠ ସଂଗିନୀ ସ୍ୱରୂପେ
କରତୁ ଭଜନ ପ୍ରେମରେ ମଗ୍ନନ ହୋଇ ସଦାନଂଦେ ଆପେ । ୩
ବିଶାଖା ଆଳୀଙ୍କି ଶିକ୍ଷାଗୁରୁ ପଦେ ସାଦରେ କରିବରଣ
ଶ୍ରୀକୁଣ୍ଡ ଗୋବର୍ଦ୍ଧନଙ୍କୁ ରତିପ୍ରଦ ସ୍ୱରୂପେ କର ସ୍ମରଣ । ୪
ଏସିନା ତୋହର ସାଧନ ସରଣୀ ଅନ୍ୟେ କିବା ପ୍ରୟୋଜନ
ଗୋପାଳ କୃଷ୍ଣଙ୍କୁ ଭୁଲାନା ମାନସ କୁପଥେକରଗମନ । ୫

## ରାଗ—ଦୀର୍ଘଛନ୍ଦ ତାଳ—ତ୍ରିପୁଟା

କହୁଛି ଯେତନରେ ମନ !                ଅନ୍ୟ କିବା ପ୍ରୟୋଜନ
ସଦାଚିନ୍ତ ନିତ୍ୟ ବୃନ୍ଦାବନ
ଦିବ୍ୟ ଚିନ୍ତାମଣି ଧାମ                କରନ୍ତୁ ତହିଁ ବିଶ୍ରାମ
ଯେ ନିଭୃତ କୁଞ୍ଜ ନିକେତନ । ୧
ଗୋବର୍ଦ୍ଧନ ଗିରିବର                ସୁଖେ ପ୍ରଦକ୍ଷିଣ କର
ମୁଖେ ଗାଇ ସେ ଲୀଳା ପ୍ରସଙ୍ଗ
ଗୋବିନ୍ଦ କୁଣ୍ଡରେ ବୁଡ଼ି                ଇନ୍ଦ୍ର ଯଜ୍ଞସ୍ଥଳେ ଗଡ଼ି
ଧୂଳି ଧୂସରିତ କର ଅଙ୍ଗ । ୨
ଯମୁନା ପୁଳିନ ବନ                ବୁଲି କର ଦରଶନ
ଧୀରେ ସମୀର ଶ୍ରୀ ବଂଶୀବଟେ
ଆନନ୍ଦେ କରି ବିଶ୍ରାମ                ବୋଲି ଜୟ ରାଧେ ଶ୍ୟାମ
କୁଟୀର ବନାଅ କେଶୀଘାଟେ । ୩
ଦ୍ୱାଦଶ କାନନ ଯାଇ                କୃଷ୍ଣଲୀଳା ସ୍ଥାନ ଦେଖ
ଅଦ୍ୟାବଧି ରହିଅଛି ଚିହ୍ନ
ସବୁ ତୁ ପ୍ରତ୍ୟକ୍ଷେ ଦେଖି                ଦୁଶ୍ଚିନ୍ତା ମନୁଁ ଉପେକ୍ଷି
ଗୁରୁ ଆଜ୍ଞାରୁ ନହୁଅ ଭିନ୍ନ । ୪
ଶ୍ରୀକୃଷ୍ଣ ମାନସ ନଗ୍ରୀ                ନନ୍ଦୀଶ୍ୱର ପୁର ଆଦି
ଭ୍ରମଣ କର ତୁ ଠାବେ ଠାବେ
ସିଦ୍ଧସାଧକ ବୈଷ୍ଣବେ                ରହିଛନ୍ତି ବ୍ରଜ ଭାବେ
ସେ ସଂଗ ଆଚର ଭକ୍ତି ଭାବେ । ୫
ସେ ଚିନ୍ମୟ ଭୂମି ଜାଣ                ତହିଁ ବିସର୍ଜିଲେ ପ୍ରାଣ
ହୋଇ ଯିବୁ କାରଣନିସ୍ପୃହ
ଗୋପାଳକୃଷ୍ଣଙ୍କୁ ଖାଲି                ଜଞ୍ଜାଳେ ନ ପକାଉଣି
ଯୁଗଳ ଚରଣେ ହୁଅ ଥୟ । ୬

—*—



## ମଲ୍ଲମଧୁରେ—ବୃତ୍ତେ

ମିତଣୀ ତାଙ୍କୁ କହିଦେ ଫେର ଯିବାକୁ ।
ଆସିଛି କାହାର କଳେ ପଟେ ଲକ୍ଷା ରଞ୍ଜିବାକୁ । ପଦ ।

ଧରି ନାପିତୁଣୀ ବେଶ
ଆସିଅଛି ପୀତବାସ
ଜାଣେ ମୁଁ ତା ଛଳ ଶ୍ଳେଷ     ହାଣଇ ନାଗସ୍ୱରୂପକୁ । ୧ ।
ମୁଁ ନୋହେ ଆନ ରମଣୀ
ନାମ ଧରେ ରାଧାରାଣୀ
ଭଙ୍ଗୀରେ ମୋ ମନ କିଣି     ବସିଛି ଭୁଲାଇବାକୁ । ୨ ।
ଲେଖା ଲେଖୁ ଲକ୍ଷା କମ
ଲେଖିଲା ଆପଣା ନାମ
ଜାଣିଲି ତା କର୍ମ ବାମ     ଅପମାନ ଲଭିବାକୁ । ୩ ।
ସେ ଲମ୍ପଟ ଶଠରାଜ
ଧରା ପଡ଼ିଗଲା ଆଜ
ନାହିଁ ତା ସ୍ତ୍ରୀମୁଖେ ଲାଜ     ଚୂନକଳା ଦିଅ ତାଙ୍କୁ । ୪ ।
ଗୋପାଳ କୃଷ୍ଣ ବର୍ଣ୍ଣିଲି
ଝାଟ ବେଗେ ଦୂର କରି
ଯାଉ ଲମ୍ପଟିଆ ହରି     ଲୁଚାଇ କଳା ମୁଖକୁ । ୫ ।

## ରାଗ, କଲ୍ୟାଣୀ—ତାଳ, ରୂପକ

ଶରଧାରେ ଧାଇଁ ଶ୍ରୀରାଧାକୁଣ୍ଡ ବନକୁ ଗୋବନ ଦେଖି ଯା
ପ୍ରାଣନାଥ ସଙ୍ଗେ ବିଜେ କରିଛନ୍ତି ଅନଙ୍ଗ ମଞ୍ଜରୀଙ୍କର ଅଗ୍ରଜା । ପଦ

ବିଶ୍ୱସୃକ କି ରଚିଥିଲା ଶ୍ରୀକୁଣ୍ଡ କୁଣ୍ଡର ଚନ୍ଦ୍ରଶାଳା
ଯା ସୋପାନଶ୍ରେଣୀ ରତ୍ନ ଚିନ୍ତାମଣି
ବିଲୋକଲେ ପ୍ରଶଂସିବେ ବିଡ଼ୌଜା । ୧ ।

ପୂରିଛନ୍ତି ଆଳୀନିକର ଲଗିଲାଣି ଖେଳ ପଶାର
ଯୋଷା ଶିରୋମଣି, ଆଗେ ବସିଲେଣି
ମୁହାଁ ମୁହିଁ ହୋଇ ନାଗର ରାଜା । ୨ ।

ପଣକର ଶିଖଣ୍ଡ ବେଣୀ କୁଣ୍ଡଳ ଚାଟୁଙ୍କ ସଙ୍ଗିନୀ
ବଂଶୀ ହାରାବଳୀ ରାସେଶ୍ୱରୀ ହରି
କୋଲି ହୋଇ ଗଲାଣି ତ ହାଉଜା । ୩ ।

ଶ୍ରୀ ଗାନ୍ଧର୍ବୀ ଖେଳରେ କିଣୁଁ ସଖୀ ଛଡ଼ାଇ ଆଣୁ ବେଣୁ
ବୃନ୍ଦାବନ ପଟ୍ଟମହିଷୀ ହସନ୍ତି
ଆଳୀ ପରେ ଦେଇ ଦରଆଉଜା । ୪ ।

ରଖିଦେଇ ପଣା ଗୁମର ନେଲେଣି ଦାସୀ ଉପହାର
କାହାରି ସିବେ ଗୋପାଳକୃଷ୍ଣ ବୋଲେ
କରିବାକୁ ଏବେ ତରଣିପୂଜା । ୫ ।



### ଶ୍ଳୋକ—

ଯଦୀଚ୍ଛେରାବାସଂ ବ୍ରଜଭୁବି ସରାଗଂ ପ୍ରତିଜନୁ
ର୍ଯୁବଦ୍ୱନ୍ଦ୍ୱଂ ତଚ୍ଚେତ୍ ପରିଚରିତୁ ମାରାଦ ଭିଲ ଷେଃ
ସ୍ୱରୂପଂ ଶ୍ରୀ ରୂପଂ ସଗଣମିହ ତ ସ୍ୟାଗ୍ରଜମପି,
ସ୍ଫୁଟଂ ପ୍ରେମ୍‌ଣା ନିତ୍ୟଂ ସ୍ମର ନମ ତଦା ତ୍ୱଂ ଶୃଣୁ ମନଃ ।

### ରାଗ ଜୟଶ୍ରୀ—ତାଳଝୁଲା

ଶୁଣିକିନା ଆରେ ମନ    ଶ୍ରୀକୃଷ୍ଣ ଦାସୀ ବଚନ
ଯଦି ବ୍ରଜବାସ ଇଚ୍ଛୁ , ନହୋଇ ପଶୁରେ ।୧

ଅନୁରାଗରେ ସ୍ୱଚ୍ଛନ୍ଦେ,    ଇଷ୍ଟ ଶ୍ରୀ ରାଧା ଗୋବିନ୍ଦେ
ସେବା କରିବାରେ ଆଶା, ଯେନ ମୋ ଭାଷାରେ ।୨

ଶରଣ ଯେନ ସ୍ୱରୂପେ    ଗଣ ସହିତେ ଶ୍ରୀରୂପେ
ତାଙ୍କ ଜ୍ୟେଷ୍ଠ ସନାତନେ, ବୈଷ୍ଣବ ଜନେ ରେ ।୩

ଭକ୍ତିଭାବ ସହକାରେ    ନିତ୍ୟ ସମ୍ୟକ ରୂପରେ
ସ୍ମରଣ ନମସ୍କାର ସତନେ  କର ରେ ।୪

ଏଥିରେ ନକର ହେଳା    ଏ ତୋହର ଶୁଭବେଳା
ଗୋପାଳ କୃଷ୍ଣ ଭାଷଣ, ପିକ କପଣ ରେ ।୫



ଶ୍ଳୋକ—

ରମ୍ଭାଂ ଗୌରୀ ସ୍ମରେଅପି ତତ୍ରନ୍ତ ସୌନ୍ଦର୍ଯ୍ୟ କରଣୈ
ଶଚୀ ଲକ୍ଷ୍ମୀ ସତ୍ୟାଃ ପରିଭବତି ସୌଭାଗ୍ୟ ବଳନୈଃ
ବଶୀ କାରୈଶ୍ଚନ୍ଦ୍ରାବଳୀ ମୁଖ ନବୀନ ବ୍ରଜ ସତୀଃ
କ୍ଷିପତ୍ୟାରାଦ୍ ଯା ତାଂ ହରି ଦୟିତ ରାଧାଂ ଭଜମନଃ

## ରାଗ-ମଧୁଶ୍ରୀ । ତାଳ—ଝୁଲା

ଶୋନ ଶୋନରେ ମନ !
ଶ୍ରୀକୁଣ୍ଡବାସୀଙ୍କର ଶିକ୍ଷା ବଚନ ।ଘୋଷା
ଯାହାଙ୍କର ମଧୁର ସୌନ୍ଦର୍ଯ୍ୟ ଛଟା
ରମ୍ଭା, ଗଉରୀ, ଲୀଳା ସୌନ୍ଦର୍ଯ୍ୟ ହଟା ।୧
ଯାହାଙ୍କର ସୌଭାଗ୍ୟ ଦେଖିଲେକେ ନାହିଁ
ଶଚୀ ଲକ୍ଷ୍ମୀ ଆଦିଙ୍କି ପରା ଭବଇ ।୨
ଯାହାଙ୍କର ସୁଗୁଣାବଳୀ ଅପାର
ଚନ୍ଦ୍ରାଦି ବ୍ରଜ ଯୋଷା ହେଲେଟି ଦୂର ।୩
ସେହି ଶ୍ରୀସ୍ୱାମିନଙ୍କୁ ନିରନ୍ତର
ନିଷ୍କପଟ ଅଭିମାନେ ଭଜନା କର ।୪
ସୌନ୍ଦର୍ଯ୍ୟ ସଉଭାଗ୍ୟ ସୁଗୁଣବନ୍ତି
ସେ କୃଷ୍ଣ ପ୍ରିୟା ରାଧା ଦେବେ ସୁରତି ।୫
ଶ୍ରୀବ୍ରଜେ ବାସ ବାଞ୍ଛା କରି ମାନସ ।
ଗୋପାଳ କୃଷ୍ଣ ହରୁ ନିତାପ କ୍ଳେଶ ।୬



ଶ୍ଳୋକ

ଗୁରୌ ଗୋଷ୍ଠେ ଗୋଷ୍ଠାଳୟିଷୁ ସୁଜନେ ଭୂସୁରଗଣେ
ସ୍ୱମନ୍ତ୍ରେ ଶ୍ରୀନାମ୍ନି ବ୍ରଜନବଯୁବଦ୍ୱନ୍ଦ୍ୱଶରଣେ
ସଦାଦମ୍ଭଂ ହିତ୍ୱା କୁରୁରତିମପୂର୍ବାମତିତରାଂ
ଅୟେ ସ୍ୱାନ୍ତ ଭ୍ରାତ ଶ୍ଚଟୁଭିର ଭିଯାଚେ ଧୃତପଦଃ

## ରାଗ ତୋଢ଼ିପରଜ—ତାଳ ଆଡ଼ତାଳୀ

ଗନ୍ଧବସ୍ତ ପରହରିରେ ମାନସ
ଶୁଣ ବଚନ ମୋହର
ଯାଚଞ୍ଚା କରୁଛି ମିନତି ପୂର୍ବକ
ତୃଣ ଦନ୍ତେ ପଦ ଧରି । ଘୋଷା ।
ଶ୍ରୀଗୁରୁଦେବେ ଚନ୍ଦ୍ରସ୍ଥ ବ୍ରଜ ନାମେ
ବ୍ରଜ ବାସୀଜନ ଗଣେ
ବୈଷ୍ଣବେ ବ୍ରାହ୍ମଣେ ସ୍ୱୀୟ ଦୀକ୍ଷା ମନ୍ତ୍ରେ
ଶ୍ରୀ ଭଗବତର ନାମେ ।୧
ରକ୍ଷକ ସ୍ୱରୂପ ବ୍ରଜ ନବ ଯୁବ
ଯୁଗଳ ରାଧା ଗୋବିନ୍ଦେ
ଅତ୍ୟନ୍ତ ଭକତି କରି ନିତି ନିତି
ମଜ୍ଜି ପରମ ଆନନ୍ଦେ ।୨
ଦୀକ୍ଷାଗୁରୁ ରୂପେ ସ୍ୱୟଂ ଶ୍ରୀ ଗୋବିନ୍ଦ
-ଶିକ୍ଷାଗୁରୁ ରୂପା ରାଧା ।
ବୈଷ୍ଣବ ସ୍ୱରୂପେ ସଖୀଗଣ ସର୍ବେ
ହରିବେ ତୋ ବିଘ୍ନ ବାଧା ।୩
ନାମରୂପେ କୃଷ୍ଣ ସଦାସ୍ଥ ତୋହର
ସଂସାର ସିନ୍ଧୁ ତାରଣେ
ଗୋପାଳକୃଷ୍ଣ କହଇ ଭୁଲ ନ ସା
ସାଧନ ମାର୍ଗକୁ କ୍ଷଣେ ।୪

—✻—

## ରାଗ ଶଙ୍କର ଭରଣ—ତ୍ରିସ୍ରଗତି ଏକତାଳି

ପରି ପନ୍ଥି—ଗରବ—ଗିରି ଭାଙ୍ଗି ଦେଲୁରେ ।
ରସ ରଙ୍ଗିନ ରେ ତୋ ଭଙ୍ଗି କାଲି ।ପଦ।
ସୁଧା ସାର କଳାପ          ତୋ ମଧୁର ଆଳାପ
ଶ୍ୟାମ ବଂଶୀସ୍ୱନକୁ ଯା ଚୁମ୍ବୁଥିଲା ରେ ।୧
ଲାସ୍ୟରେ ରଙ୍ଗ ରଙ୍ଗି          ପ୍ରିୟ ଆସ୍ୟକୁ ଚୁମ୍ବି
ହସି ଖେଳାଉଥିଲାର ଲାଜେ ତୋଳାରେ ।୨
ନବୀନ ପରାକ୍ରମ          ଜାଣି ହୃଦକୁ ଶ୍ୟାମ
ସେ ନେଲେ ଲୋଭେ ଯା ତୋତେ ଛଇଲା ରେ ।୩
ମସ୍ତକ ଶ୍ୟାମ ଅଂଶ          ପକାଇ ଭ୍ରୂ ଅଳସେ
ଉଷା ହେବା ଶୋଭା ଶଶି ହରିନେଲା ରେ ।୪
ଗୋପାଳ କୃଷ୍ଣଭଣେ          କୃଷ୍ଣ ପ୍ରେୟସୀ ଗଣେ
ଅଦ୍ୱିତୀୟା ବୋଲି ବ୍ରଜେ ଜଣାଇଲା ରେ ।୫

—(✳)—

## ରାଗ ଧନାଶ୍ରୀ ମିଶ୍ର ରୂପତାଳି

ଗୋଷ୍ଠ ଚନ୍ଦ୍ରମାଙ୍କୁ ଆସ ବୋଲରେ ସଖି
କହିଦେଲୁ ନ କରେ ।ପଦ।
ଏତେକ ବେଳୁ ମୋ ତନୁ ଥରିଲାନ
ଦେଖି ନାହିଁ ମୁଖ ଆଜର ଆଗିରେ ।୧
ସ୍ନେହ କୃତ୍ୟ ସ୍ଫୂର୍ତ୍ତି ହେଲା ନାହିଁ ତିନି ପହରରୁ ମନରେ
କେତେବେଳେ କେ ଦେଖି ଦେବଟି ବୋଲି
ଦମ ଦମ ହୃଦ ହେଉଛି ଖିତ ରେ ।୨
କି ବୁଦ୍ଧି କରିବ କୁଟିଳା ମର୍କଟମୁଖୀ ଅଛି ପୁରରେ
ଅଗଣାକୁ ଗଲେ ଦେଇ ଅପବାଦ
ମାରିତାଳି ଆସି ନାଚିବ ଦୁଆରେ ।୩

କି କରୁଥିଲେ କୃଷ୍ଣ ଗଲାବେଳକୁ ଥିଲେ କେଉଁ ଠାବରେ
କି ବୋଇଲୁ କିସ ପଚାରିଲେ ତୋତେ
କହୁ ପ୍ରିୟା ଭୁଲିଯିବା ରହସ୍ୟରେ ।୪
ନ ଆସ ବୋଲି ଜଣାଅ ଯାଇ ହେଲେ ସଖି ଜୁହାରୁଛି ମା
ଚନ୍ଦ୍ରାବଳୀ ହେଲାପରି ହେବ ପ୍ରିୟା
ଜଳ ଜଳ ମୋତେ ଦିଶୁଛି ଆଖିରେ ।୫
ଗୋପାଳ କୃଷ୍ଣ ଘରେ ଜଗିଥିଲେ ସେ ତୋ ପାଇଁ ପ୍ରାଙ୍ଗଣରେ
ଲାଗ ହୋଇ ଏଣେ ତେଣେ ଚାହିଁ ଧୀରେ
ଘଷିଲେ ଥାଉଛି ପୁଷ୍ପ ବାଟିକାରେ ।୬

## ରାଗ ମାସ୍ଥମାଳବ ଗୌଡ଼ା—ମିଶ୍ରରୂପ ତାଳ

କେବଣ ବିରହୀ । ବାଳା ବିଚ୍ଛେଦ କରନ୍ତି
ସନ୍ତାପରେ ଶୀର୍ଣ୍ଣ ହୋଇ କରେ          ଚିନ୍ତାପର ବାସେ ଭଲ ।୧
ଏ ମଧୁ ନଶିକ          ଗୃହିଁ ସମ୍ପୂର୍ଣ୍ଣ ଶଶୀକ
କି ବର୍ଷୁଥିବ କି ଗୁଡ଼ ଅଇଲ ପୀୟୂଷ ହାସିକ ।୨
ଗଜଗମନୀ କି          ରଖିଥିବ କାମନାକି
ଯାଇ ଏଥିରୁ ମୁଁ ଆଉ କି ଗୃହିଁବି ଦୁଃଖ ଶମନୀ କି ।୩
ଦେଖି ନଆଳୀକି          ଯାଉ ମଧୁପ ଆଳୀକି
କି ପଶୁରୁଥିବ ଲହୁଲି ବସୁସୀ ଅନାଇ ଆଳୀକି ।୪
ମୋ ଦୁଃଖୀ ଦଶବ          ଶୁଣି ବନପ୍ରିୟ ରବ
ବରଜିବନ ମଦନୁ ମଦନକୁ ଜଣିବା ଗରବ ।୫
ଏ ମନ୍ଦ ପବନ          ନିଶ୍ଚେ ସେଣିବ ଜୀବନ
ପଣେନ୍ତି ଶରଣ ପଶି ପୋଷୁଇଲା ନସ୍ୱନରୁ ବନ ।୬
ଥିବ କି ରସାରେ          ତାହାର ସୁରସା ରେ
ବୋଲେ ଗୋପାଳ କୃଷ୍ଣ ଚନ୍ଦ୍ର ଭାଙ୍ଗିଲୁ କେତେ ଭରସାରେ ।

## ରାଗ ଖମାଚ—ତାଳ ଆଦ୍ଧତାଲ

ଭଜମନ । ଶ୍ରୀ ଶଚୀ ନନ୍ଦନ ଗୌରହରି
ସାଧନ ମାର୍ଗରୁ ଲଭେବ ରହନା ଓହରି । ଘୋଷା ।
ଅଦ୍ୱୈତ ପ୍ରକଟି କୃତ    ନରହରି ପ୍ରେମଯୁତ
ସ୍ୱରୂପ ଗୋସାଇଁ ପ୍ରିୟ ଦଣ୍ଡ କମଣ୍ଡଳୁ ଧାରୀ । ୧
ନିତ୍ୟାନନ୍ଦ ପ୍ରାଣ ସଖା    ସନାତନ ଗତି ଏକା
ଶ୍ରୀ ରୂପ ହୃଦ କେତନ ଲକ୍ଷ୍ମୀ ପ୍ରାଣ ପତି ହରି । ୨
ଗଦାଧର ରସୋଲ୍ଲାସୀ    ଜଗନ୍ନାଥ ପୁର ଶଶୀ
ସାଙ୍ଗୋପାଙ୍ଗେ ସଂକୀର୍ତ୍ତନେ ମହା ପ୍ରମତ୍ତ କେଶରୀ । ୩
ଶ୍ରୀ ବାସାଙ୍ଗଣ ନର୍ତ୍ତକ    ବିଷ୍ଣୁ ପ୍ରିୟାଙ୍କ ନାୟକ
ଶ୍ରୀ ନବଦ୍ୱୀପ ନାଗରୀ ମାନସ ସଂପଦ ହାରୀ । ୪
ଗୋପାଳକୃଷ୍ଣ ଶରଣ    ସେହିଟି ତୋ ପ୍ରାଣଧନ
କୁଂଦନ ନିନ୍ଦନ କାନ୍ତି ଜାହ୍ନବୀ ଶିର ବିହାରୀ । ୫

## ରାଗ ତୋଡ଼ି ପରଜ—ତାଳ ଆଡ଼ତାଳୀ

ରେ ମାନସ ତ୍ୟଜ୍ୟ ଅନ୍ୟ ଅଭିଳାଷ
ଶ୍ରୀରାଧା ଗୋବିନ୍ଦ ଚରଣାରବିନ୍ଦ ସ୍ମରଣେ ହୁଅ ଉଲ୍ଲାସ ।ପର
ନିଷ୍କାମ ଗୋପୀକା ଭକ୍ତିରେ ଭୂଏକା ହେଉଥା ତନ୍ମୟ ନିତ୍ୟ
କୃପାମୟୀ ରାସେଶ୍ୱରୀଙ୍କ କୃପାରୁ ଲଭେବ ନୋହିବୁ ବଞ୍ଚିତ । ୧
ସ୍ୱୀୟ ବ୍ରଜବାସ ଭଜନା ଲାଳସ ବଢ଼ାଅ ଶ୍ରଦ୍ଧା ସରାଗେ
ପ୍ରତିଷ୍ଠା ଲଭେ ଯା ଲାଳାୟିତ ହେଉ ସହକର ପରିତ୍ୟାଗେ ! ୨
ସ୍ୱାମିନୀ ଶ୍ରୀକୁଂଜେଶ୍ୱରୀଙ୍କର ଦାସୀ ଅଭିମାନେ ହୁଅ ବ୍ରତୀ
ତଥାପୁ ସାକ୍ଷାତ ସେବା ପ୍ରାପ୍ତି ଆଶା ହେଉ ଏବେ ବଳବତ୍ତୀ । ୩
ପୂଜାନାମ, ଧ୍ୟାନ, ମହିମା ଶ୍ରବଣ, ପ୍ରଣାମ ଏ ପଞ୍ଚାମୃତ
ସେବନ କରିଭୁ କୃତାର୍ଥ ହୋଇ ଯା ଗୋପାଳକୃଷ୍ଣ କହିତ । ୪

## ରାଗ ଝଂଝୋଟି— ତାଳ ଆଠତାଳୀ

ମାନସ କେଣେ ରହୁ ଉଦାସ ?
ଆଶ୍ରୟ ପ୍ରଦାତ୍ରୀ ଥାଉଁ ତୋହର । ଘୋଷା ।
ଉଜ୍ଜ୍ୱଳ ପରକୀୟା ପ୍ରେମାମୃତ
ରସ ବାରିଧିରେ ମଜ୍ଜ ସତତ । ୧
ସଖୀଙ୍କ ସଂଗିନୀ ଗଣେ ସହିତେ
ସିଦ୍ଧତନୁ ଅନୁସର ଶ୍ରୀବ୍ରଜେ । ୨
ଦୟାମୟୀ ବୃନ୍ଦାରଣ୍ୟ ଈଶ୍ୱରୀ
ରକ୍ଷି ପାରିବେ କ ଲବେ ବିସ୍ମର । ୩
କୃପା କଟାକ୍ଷରେ ତାଳେ ମସ୍ତକ
ଯାଚି ଦେବେ ସେବା ସମ୍ଭାର ଯାକ । ୪
ଗୋପାଳକୃଷ୍ଣ କହଇ ପ୍ରବୋଧି
ସାଧନେ ସୁଲଭ ଜୀବକୁ ସିଦ୍ଧି । ୫

—•—

## ରାଗ ଗାନ୍ଧାର—ତାଳ ପହପଟ

ସୁମର ମନ । ରାମ ଅନୁଜ ନାମକୁ ରଟୁଥାରେ ।
ବାମ ନୋହିବ ତାମରସର ବନ୍ଧୁଜ ତୋହଠାରେ । ପଦ ।
କାମ ମୋହନ ଶ୍ୟାମ ସୁନ୍ଦର, ଦାମ ଉଦର ମନ୍ଦର ଧର
ଧାମକୁ ଯାଇ କୁଟୀର ବନାଇ ବଅ ହଂସଜା ପନ୍ତାରେ । ୧
ଗ୍ରାମ ଯାବଟ ଶ୍ରୀନନ୍ଦୀଶ୍ୱର ମୁଖରାଇ ବରଷାଣ ନବର
କୁଳି ଝୁଲି ଧରି ମାଗି ମଧୁକରୀ ଭୁଂଜ ରାଧେଶ୍ୟାମନାଁରେ । ୨
ସମର୍ଥ ଆଜ୍ଞ ପଳାଇଯା ଯା ପରିହରି ସୁତ ବିତ୍ତ ଖଣ୍ଡଯା
ଉନମତ୍ତ ହୋଇ କରେ ତାଳିଦାଇ କୃଷ୍ଣଗୁଣ ଗୀତ ଗାଆରେ
ଯାମ ଯାମକେ କର ସ୍ମରଣ ଶ୍ରୀ ଯୁଗଳ ଲୀଳା ରସ କଥନ
ସାଧନେ ସ୍ୱତନ୍ତ୍ର ନାମ ବୀଜମନ୍ତ୍ର ଗୋପାଳକୃଷ୍ଣେ ଜପରେ । ୪

—*—



## ରାଗ ଆଶାବରୀ—ତାଳ ଆଠତାଳୀ

ଶାରଧାରେ କର ମନ । ଶ୍ରୀରାଧା ନାମ କୀର୍ତ୍ତନ । ଘୋଷା ।

ବିଶ୍ୱସ୍ତ ସର୍ଜ୍ଜନାରେ ସ୍ମୃତି ଶ୍ରୁତି ପୁରାଣରେ
ଏଥୁଁ ବଳନାହିଁ ପଥ ଲଭିବାକୁ ପ୍ରେମଧନ । ୧ ।
କାହାକୁ ନକର ଲକ୍ଷ୍ୟ ସବୁଥିରୁ ନିରପେକ୍ଷ-
ହୋଇ କରୁଥା ଗୋବିନ୍ଦ ଅଙ୍କେ ସ୍ୱାମିନୀଙ୍କି ଧାନ । ୨
ହେ ଶ୍ରୀକୃଷ୍ଣ ପ୍ରାଣପ୍ରିୟେ ହେ ସର୍ବ ରମା ଆଶ୍ରୟେ
ବୋଲି ଶ୍ରୀକୁଣ୍ଡ ସେତୁରେ ରହି ଯା ରତି ସଦନ । ୩
ରାସେଶ୍ୱରୀ ସେବାଯୋଗ୍ୟ କିଂକରୀ ଜନ ସୌଭାଗ୍ୟ
ବୃନ୍ଦାବନ ପୁରନ୍ଦର ବିନା ନଜାଣନ୍ତି ଆନ । ୪
ଦ୍ୱିଚତୁର ଯାମଲୀଳା ସେବା ଭାବ ଦିନ ବଳା
ସ୍ୱଜାତୀୟ ସାଧୁସଙ୍ଗେ ପ୍ରେମଭକ୍ତି ସୁଧାପାନ । ୫
ଦୟାଳୁ ଶ୍ରୀଗୁରୁଦେବ ଦେବାର ତୋ ଅବସ୍ୟକ
ଗୋପାଳକୃଷ୍ଣ ଭଣେ ଲଭିବୁ ହୁଅ ସାବଧାନ । ୬

## ରାଗ ଶଙ୍କରା ଭରଣ—ତାଳ ଆଠତାଳୀ

ମନ ! ଏକ ଚୋର ଭ୍ରମ

ଦେଖିଲେ ଦେହଲେ ନ ଛାଡ଼ନ୍ତି ଯାହାଙ୍କି ସ୍ୱଧର୍ମ । ପଦ ।

ଭକ୍ତି ନ ଯା ନ ଆଦରନ୍ତୁ ମୁକ୍ତି ଯାର ଦାସୀ
କେଉଁ ସୁଖ ଲାଗି ହେଉ ମୋକ୍ଷ ଅଭିଳାଷୀ । ୧ ।

ଦାନ ଯଜ୍ଞ ତପସ୍ୟାଦି ଯେତେ ଅନୁଷ୍ଠାନ
କୃଷ୍ଣଭକ୍ତି ଷୋଡ଼ଶକୁ କେ ନୁହଇ ସମାନ । ୨ ।
ସର୍ବ ସିଦ୍ଧି ଯାକ ସ୍ଥିତ ଗୋବିନ୍ଦ ଚରଣେ
ନାନା ତୀର୍ଥ ବ୍ରତେ ଭ୍ରମୀ ହେଉଛ କାରଣେ । ୩
ବ୍ରଜେ ସିଦ୍ଧ ଦେହ ପ୍ରାପ୍ତି ଲାଳସେ ନିରତ
ଶ୍ରୀରାଧା ସଖୀଙ୍କ ଦାସୀ ଭାବେ ହୁଅ ରତ । ୪
ସାଧନେ ଲଭିବୁ ସିଦ୍ଧି ରାଗାନୁଗା ମତେ
ଯୁଗଳ ପଦାବ୍ଜେ ସେବା ମିଳିବ ସୁକତେ । ୫
ଅନ୍ୟ ବାଞ୍ଛା ଶୂନ୍ୟ ହୋଇ ଭଜ ରାଧା ହରି
କହଇ ଗୋପାଳକୃଷ୍ଣ ଦନ୍ତେ ତୃଣ ଧରି । ୬

—*—

## ରାଗ ନାଦନାମ କ୍ରିୟା—ତାଳ ଅଡ଼ତାଳୀ

ଭଜ ବ୍ରଜେନ୍ଦ୍ର ନନ୍ଦନରେ ମାନସ ।

ଶିଖୀ ଶିଖଣ୍ଡ୍ରକ ଚୂଡ଼ା ଅବତଂସ ନିଖିଳ ଜଗବନ୍ଦନ । ପଦ ।

ତ୍ରିଭଙ୍ଗ ଲଳିତ ନର୍ତ୍ତକ ସୁନ୍ଦର ବେଦରେ ଦୁର୍ଲଭ ଯେହୁ
ନିଷ୍କାମ ନିର୍ମଳ ଗୋପିକା ଭକ୍ତିରେ ଜୀବକୁ ସୁଲଭ ସେହୁ । ୧ ।
ଯାହାଙ୍କର ଶ୍ରୀଚରଣ ଅରବିନ୍ଦ ମହିମା ନ ଜାଣେ ବିଧି
ଏକା ବ୍ରଜଦେବୀ ମାନଙ୍କୁ ଗୋଚର ଅତୁଳ ମହତ ସିଦ୍ଧି । ୨ ।
ଇନ୍ଦ୍ର ଚନ୍ଦ୍ର ଭାସ୍କର ଅଗ୍ନି ସୂର୍ଯ୍ୟ ଅନଳାଦି ଅମରେ ଯା ଆଜ୍ଞାଧୀନ
ସ୍ୱୟଂ ରୂପେ ସେ ତ୍ରୈଲୋକ୍ୟ ମୋହନ ହୋନ୍ତି ସ୍ୱଜନ ଅଧୀନ । ୩

ସ୍ବୀୟ ପୁରୁଷାର୍ଥ ଅସାଧ୍ୟ ବସ୍ତୁ ସ୍ବଭକ୍ତେ ପାରଡ଼ ଦେଇ
ପ୍ରେମାନନ୍ଦ ମହାନନ୍ଦ ସମୁଦ୍ରରେ ବିହରନ୍ତି ଅତି ସ୍ନେହୀ । ୪
ମହାନାରାୟଣ ପରବ୍ୟୋମ ଈନ ଯେଉଁ ଗୋବିନ୍ଦଙ୍କ ଅଂଶ
ରାମାଦି ଅବତାର ମୂର୍ତ୍ତି ଯେତେକ ଯାହାଙ୍କ କଳା ପୁରୁଷ । ୫
ଚିନ୍ମୟ ଚିଦ୍‌ଘନ ରସରଭଣ୍ଡାର ସଚ୍ଚିଦାନନ୍ଦ ବିଗ୍ରହ
ସର୍ବ କାରଣର କାରଣ ଯେହୁଟି ଶ୍ରୀବୃନ୍ଦାରଣ୍ୟ ଅଦେହ । ୬
ସ୍ଥାୟୀ ସାତ୍ତ୍ୱିକ ହର୍ଷଆଦି ବ୍ୟଭିଚାରୀ ଭାବେ ତାଙ୍କୁ ଚିନ୍ତ
କହଇ ଗୋପାଳ କୃଷ୍ଣ ସିଦ୍ଧତନୁ ପାଇ ହୋଇବୁ ନିଶ୍ଚିନ୍ତ । ୭

## ରାଗ କେଦାର ଚନ୍ଦ୍ରକେଳି—ତାଳ ଝମ୍ପା

ଆରେମନ ନହୁଅ ଭ୍ରାନ୍ତ
ଅସତସଙ୍ଗ-ରୂପ ବେଶ୍ୟାକୁ ଛାଡ଼ । ୧
ବ୍ୟାଘ୍ରୀ ରୂପା ମୁକ୍ତି ସମ୍ବନ୍ଧ କଥା
ଶ୍ରବଣ ନକର ଭୁଲି ସର୍ବଥା । ୨
ଶ୍ରବଣ ମାତ୍ରେ ସେ ମାନସ ହରେ
ସର୍ବାଙ୍ଗ ଗ୍ରାସଇ ଅତି ବେଗରେ । ୩
ଅପିଚ ଯେଉଁ ନାରାୟଣ ଭକ୍ତ
ହୁଅଇ ଶୂନ୍ୟେ ବା ବୈକୁଣ୍ଠେ ଗତ । ୪
ତାହା ମଧ୍ୟ ପରିତ୍ୟାଗ ପୂର୍ବକ
ବ୍ରଜଧାମେ ଶ୍ରୀରାଧା କୃଷ୍ଣଙ୍କ ଡାକ । ୫
କରିଲେ ତୁ ଯୁଗଳ ସେବା ଭଜନ
ଯାଚି ଦେବେ ସେ ପ୍ରେମ ମହାଧନ । ୬
ଏହିଣୁ ନକର ଅନ୍ୟାଭିଳାଷ
ଗୋପାଳକୃଷ୍ଣ ନ ହେଉ ନିରାଶ । ୭

# ମନଶିକ୍ଷା ଚଉତିଶା

## ବ୍ରଜବାସ ଲାଳସା—ରାଗ ରସ ମଞ୍ଜରୀ

କହୁଛିରେ ମନ ! ଶୁଣ ମୋ କଥା
ଖଳ ସଂଗତରେ ନ ପାଅ ବ୍ୟଥା । ୧
ଗଂଜ ମୁହ ବ୍ୟର୍ଥେ ଜଂଜାଳ ଜାଲେ
ଘର ତ୍ୟଜି ପଳା ଶ୍ରୀ ବ୍ରଜଆଳେ । ୨
ଉପାଡ଼ କୁଳା ଭି ମାନତରୁ
ଚରଣେ ଠେଲଦେ ଗୌରବ ଗରୁ । ୩
ଛଡ଼ାଇ ପ୍ରତିଷ୍ଠା ମଣିକ ଖରେ
ଜଳାଞ୍ଜଳି ଦିଅ ଜାତି ଗୋଷରେ । ୪
ଝଁଳ ରସ ବିଗ୍ରହ ରାଧା ଶ୍ୟାମେ
ନିଷ୍ଠା ଭକ୍ତି କଳାଅ ଅବିରାମେ । ୫
ଟଳାଇ ଦମ୍ଭ ଗର୍ବ ଅହନ୍ତା
ଠଣ ଶ୍ରୀ ପଦାବ୍‌ଜେ ରଖ ମମତା । ୬
ଡର ସରମ ପରିହରି ଦୂରେ
ଢଳାଇ ମଉଳ ଗୁରୁ ପଦୁରେ । ୭
ଅର୍ଯ୍ୟମା ନଂଦନା ପୁଲିନ ବନେ
ତରୁତଳ ବାସୀ ହୁଅ ସଘନେ । ୮
ଥକାଇ ନେତ୍ରେ ପ୍ରେମ ଲୋତକ
ଦୟାମୟୀ ଶ୍ରୀ ସ୍ୱାମିନୀଙ୍କି ଡାକ । ୯
ଧରି ସଦ୍‌ବେଶକୁ ସାତ୍ତ୍ୱିକ ଭାବେ
ନତ ମସ୍ତକ ହୋଇ ଠା'ବେ ଠାବେ । ୧୦
ପଶୁପ ପଲ୍ଲୀରେ ଆନନ୍ଦେ ବୁଲି
ଫେରନ୍ତରେ କଂଧେ ପକାଅ ଝୁଲି । ୧୧
ବଖାଣି ଭୃଙ୍ଗେ ଶ୍ରୀ ରାଧାଶ୍ୟାମ
ଭଜନାନଂଦେ ଭୁ ହୁଅ ନିଷ୍କାମ । ୧୨

ମଧୁ କଣ୍ଠ ବୃତ୍ତି ଅବଲମ୍ବନେ
ଯଥା ଜଠରରେ ସୁ ଭିକ୍ଷାଟନେ ।୧୩।
ରଖି ଲାଲସା ତୁ ଶ୍ରୀ ନାମାଭ୍ୟାସେ
ଲଜ୍ଜାକୁ ନୋହି ପ୍ରଭୁ ଅବକାଶେ ।୧୪।
ବ୍ରଜ ବାସୀଙ୍କ ଦ୍ୱାରେ ଦ୍ୱାରେ
ଶରଣାଗତ ହୁଅ ଶ୍ରଦ୍ଧାଭରେ ।୧୫।
ଷଡ଼ରସରେ ଚତୁର୍ବିଧ ଅନ୍ନ
ସମ୍ପୂର୍ଣ୍ଣ କରି ଉଦର ପୋଷଣ ।୧୬।
ହରେକୃଷ୍ଣ ରାମ ଉଚ୍ଚରି ମୁଖେ
କ୍ଷଣଦା ଦିବସ ବଂଚନ୍ତୁ ସୁଖେ ।୧୭।
ଷବର୍ଣ୍ଣେ ଗୋପାଳକୃଷ୍ଣ ଭଣେ
ଷନାମମୟୀ ରାଧା ପଦ ସ୍ମରଣେ ।୧୮।

## ରାଗ–ପୁରବୀ । ତାଳ ପହପଟ୍ଟ

ଆନ ରସରେ ରସ ନାରେ, ରସନା ।ଘୋଷା।
କୃଷ୍ଣ ନାମାମୃତ      ମଧୁର କେମନ୍ତ
ଆସ୍ୱାଦୁ ଜାଣିବୁ ସିନାରେ ।୧।
ଖଣ୍ଡ କ୍ଷୀର ସର      ମଣିବୁ ଛୁକାର
କଣ୍ଟର ଅମୃତ ପଣାରେ ।୨।
ନାମ ରସାୟନ      କରିଥିଲେ ପାନ
ହଟେ ନି ତାପ ଯାତନାରେ ।୩।
ବିଷୟ କଂକାଳ      ଶମନ କାଙ୍ଗାଳ
ତର୍ଜ୍ଜି ନରଖ ବାସନାରେ ।୪।
ଗୋପାଳ କୃଷ୍ଣର      ଏ ମିନତି ଗିର
ନ ମଣିବୁ ବିଡ଼ମ୍ବନାରେ ।୫।



## ରାଗ ରସ କେଦାର । ତାଳ ପହ୍ନପଟ

ଭଜମନ ଶ୍ରୀ ବ୍ରଜେନ୍ଦ୍ର ପଦ କଞ୍ଜକୁ
ମଣ୍ଡଳରେ ବୋଳି ରାସସ୍ଥଳୀ ରଜକୁ । ଘୋଷା।

ସଂସାର ସାର ସୁଷମା          ଅଭିନବ ତ୍ରିଭଙ୍ଗିମା
ଅପୂର୍ବ ଲାବଣ୍ୟ ଠାଣି ବଂଶୀଭୁଜଙ୍କୁ ।୧।
ଚିନ୍ମୟ ଉଦ୍ଦୀପନ ରସ          ନିର୍ମଳ ପ୍ରେମ ପୀୟୂଷ
ଆସ୍ୱାଦନ କରି ଧନ୍ୟ ମଣ ନିଜକୁ ।୨।
ସହସ୍ର ଦଳ କମଳ          ଗୋକୁଳାଖ୍ୟ ରମ୍ୟସ୍ଥଳ
ତହିଁ ମଧ୍ୟେ ବିରାଜିତ ରସ ରାଜଂକୁ ।୩।
ଗୋଲୋକର ନିତ୍ୟଧନ          ସେ ଅପ୍ରାକୃତ ମଦନ
ହରଣ କରିବେ ତବ ଆଜନ୍ମ ଦୁଃଖକୁ ।୪।
ଭବ ବିରଂଚି ବଂଦନ          ସ୍ୱୟଂ ବ୍ରଜେନ୍ଦ୍ର ନଂଦନ
ଶତମନ୍ୟ ମଣି କାନ୍ତି ପୂର୍ଣ୍ଣ ପୁଞ୍ଜକୁ ।୫।
ଗୋପାଳ କୃଷ୍ଣ ଭଣିତ          କୁଞ୍ଜାଙ୍ଗରେ କର ନୃତ୍ୟ
ପରିହରି କୁଳ ଭୟ ଲାଜ ବ୍ୟାଜକୁ ।୬।

## ରାଗ-ଝୋଡ଼ ପରଜ । ତାଳ-ଆଡ଼ ତାଳୀ

ରେ ମାନସ । ଶୁଣ ସାର ଉପଦେଶ
ସଦା ଭକ୍ତି ପ୍ରଦ ମଧୁର ରସରେ ମଜ୍ଜି ରହ ଅହର୍ନିଶ ।ପଦ।
ଶ୍ରୀ ସ୍ୱାମିନୀ ସ୍ୱାମୀ ରାଧା ଗୋବିନ୍ଦଙ୍କ ନାମ ଗୁଣ ଲୀଳାମାନ
ବସି ନିର୍ଜ୍ଜନରେ କରୁଥା ଶ୍ରବଣ କୀର୍ତ୍ତନ ଅନୁଧ୍ୟାନ ।୧।
ରସମୟୀ ରସମୟ ଶ୍ରୀ କିଶୋରୀ କିଶୋର ଶ୍ରୀମୂର୍ତ୍ତି ରମ୍ୟ
ଯେ ପଦାବ୍ଜ ଈଶ ଶେଷାଦି ଦେବାଧିଦେବଙ୍କ ଦୁରଧିଗମ୍ୟ ।୨।
ଏମନ୍ତ ଦୁର୍ଲ୍ଲଭ ଧନ ସ୍ୱେଶ୍ୱରୀଙ୍କ ସଖୀ ମଂଜରୀ ନିକର
ତଦୀୟ ଅନୁଗା ପ୍ରେମ ସେବାରେ ଯେ ପ୍ରଗାଢ଼ ଲାଳସାଧର ।୩।
ଶ୍ରଦ୍ଧା ବିଶ୍ୱାସ ସହିତରେ ଭଜନ ସାଧନ ମାର୍ଗରେ ପଶ
ଶ୍ରୀଗୁରୁ ପ୍ରଦତ୍ତ ବୀଜମନ୍ତ୍ର ତନ୍ତ୍ର ଉଲ୍ଲାସ ପରାଣେ ପୋଷ ।୪।
ତୋର ସିଦ୍ଧତନୁ ଅନୁସ୍ମରଣେରେ ଯୋଗପୀଠେ ରଖି ଲୟ
କହଇ ଗୋପାଳକୃଷ୍ଣ ତୃଷ୍ଣେ ସେବାଧନ ପାଇବୁ ନିଶ୍ଚୟ ।

---

## ରାଗ ଜୌନପୁରୀ ଝୋଡ଼—ତାଳ, ଝୁଲ

ଏକ ତୋର ବୁଝାମଣା ରେ ମାନସ !
ଜାଣି ଜାଣି ଯାହା          ଗରଳ ଗିଳୁଛୁ
ଛାଡ଼ ସୁଧା ସର ପଣାରେ ମାନସ । ଘୋଷା ।
କାମ କ୍ରୋଧାଦିକ          ପାଳେ ହୋଇ ରଂକ
ହେଉଛୁ ଯା ପଥ କଣା
ପଡ଼ ସିକ ଝୁର୍ଣ୍ଣି          ନପକାଉ ଦୃଷ୍ଟି
ଆଗରେ ରହିଛୁ ଖଣାରେ ମାନସ । ୧
ପଥ ପ୍ରଦର୍ଶକ          ସେ ସିଦ୍ଧ ସାଧକ
ତାହାଙ୍କୁ ନକଲୁ ଜଣା
ମହାଶତ୍ରୁ ତୋର          ଛଅଙ୍କୁ ନିବାର
ସେହି ବିଷମ ମାରଣାରେ ମାନସ । ୨

ଛନ୍ତି ବ୍ରଜବାସୀ    ବୈଷ୍ଣବେ ଉଦାସୀ
ଆଦରି ଗୋପପାଞ୍ଚଣା
ନତ ମସ୍ତକରେ    ସେ ସାଧୁ ନିକରେ
ଭଜନ୍ତୁ ବଚନେ ମଣାରେ ମାନସ । ୩
ତୋ ପ୍ରତି କରୁଣା    ନକରିବେ ଊଣା
ବତାଇ ଦେବେ ଠିକଣା
କହଇ ଗୋପାଳ—    କୃଷ୍ଣ ପ୍ରତିପାଳ
ମୋ କଥା କରି କଲଣାରେ ମାନସ । ୪

—*—

## ରାଗଚୋଢ଼ ପରଜ—ତାଳ ଆଡ଼ତାଳୀ

( ମନ ପ୍ରତି ବିବେକର ଶିକ୍ଷା ଉପଦେଶ )

ରେ ମାନସ ! ଘେନ ସାର ଉପଦେଶ

କରତୁଧାରଣ ସଂସାର ତାରଣ କାରଣ ସଜନବେଶ । ଘୋଷା ।

ଶ୍ରୀ ଗୁରୁ ଗଉର ବୈଷ୍ଣବ ଚରଣ ଆଶ୍ରୟ ଗ୍ରହଣ କରି
ହରିନାମ ହାରେ ଅମୂଲ୍ୟ ରତନ ଗଳାରେ ପିନ୍ଧ ଆଦରି । ୧

ଏ ସଂସାରେ ଅପାମର ଦୁରାତ୍ମରେ ଏଥି ପୂର୍ବେ ଥିଲେ ଯେବା
ହେଲେ ସେ ସୁକୃତି ଶାଳୀ ମହାମନ୍ତ କରିଗୁରୁ ସାଧୁସେବା । ୨

ସବୁ ଜାଣି ଶୁଣି ବିଷୟ ଲାଳସେ ଲାଳାୟିତ ହେଉଛକେଣେ
ଉତ୍କଟ ଗରଳ ସେ ପିନା କେବଳ ଭ୍ରୂକ୍ଷେପ ନରଖି ତେଣେ ୩
ପ୍ରାଚୀନ ପ୍ରମାଣ ପଥ ଅନୁସରି ମହାଜନଙ୍କର ମତେ
ଭକ୍ତି ଶ୍ରଦ୍ଧାରଖି ଶ୍ରୀ ଗୁରୁ ବୈଷ୍ଣବେ ଏକାନ୍ତେ ଅନବରତେ । ୪

ଗୋପାଳକୃଷ୍ଣ କହଇ ଆପଣାର ହୋଇ କେହି ନାହିଁ ତୋର
ଇଷ୍ଟ ମନ୍ତ୍ର ଦାତା ଏକା ପରିତ୍ରାତା ସେ ପଦାବ୍ଜ ସଦା ସ୍ମର । ୫

—*—



## ଭଜନ ନିଷ୍ଠା

### ରାଗ ମଙ୍ଗଳଗୁଜ୍ଜରୀ—ତାଳ ଏକପଟା

ମୂଢ଼ ମନ । ଦୃଢ଼ କର ଭଜ ଶ୍ରୀ ଗୋବିନ୍ଦ
ଘୁଞ୍ଚିବ ସକଳ ଜ୍ୱାଳା ପାଇବୁ ଆନନ୍ଦ । ୧
ଉଚ୍ଚୈଃସ୍ୱରେ ଗାଇବାର ହରି ହରି ବୋଲି
ସଙ୍ଗରେ ବୈଷ୍ଣବ ଗଣ କରିନେବେ କୋଳ । ୨
ପରିହରି ଦୂରେ ମନ । ଯାବନ୍ତ କାମନା
ବ୍ରଜେ ରାଧାକୃଷ୍ଣ ଲୀଳା କରନ୍ତୁ ଭାବନା । ୩
ସଖୀଙ୍କ ସଂଗିନୀ ରୂପେ ମଂଜରୀ ଦେହରେ
ସେବାକୁ ଆଚର ସଦା ପରମ ସ୍ନେହରେ । ୪
କୁ ଚକ୍ରେ ପଡ଼ି ଭ୍ରମନା ରହ ସାବଧାନେ
ନିମିଷେ ନକର ହେଳା ଭଜନ ସାଧନେ । ୫
ଐଶ୍ୱର୍ଯ୍ୟ ଜ୍ଞାନକୁ ତୋର ଦିଅ ଜଳାଞ୍ଜଳି
ପ୍ରତିଷ୍ଠା ଗୌରବ ଗୁମାନକୁ ପକାଦଳି । ୬
କୁଳାଭିମାନ ମଦିରା କରି ଦୂର ଜନ
ଚାଲ ଯା ବ୍ରଜ ବନକୁ ଭାବ ନୋହୁଛନ । ୭
ଜାତି, ବିଦ୍ୟା, ରୂପ, ଯୌବନାଦି ମୂଳଚ୍ଛେଦ
ଗୋପାଳକୃଷ୍ଣ ନ ହେଉ ଜଞ୍ଜାଳେ ଆବଦ୍ଧ । ୮

## ରାଗ ଦେଶାକ୍ଷ—ତାଳ ଆଠତାଳୀ

ଶ୍ରୀ ଗୁରୁ କଳପ ତରୁ କରକ୍ଷୁ ମନ ଆଶ୍ରୟ
ସ୍ୱୟଂ ଗୋବିନ୍ଦ ସ୍ୱରୂପ ଜାଣ ତାହାଙ୍କୁ ନିଶ୍ଚୟ । ଘୋଷା ।।
ତାହାଙ୍କ କରୁଣା ଦୃଷ୍ଟି    ପତନେପ୍ରାପ୍ତ ହେବୁଟି
ଶ୍ରୀ ବ୍ରଜ ଚନ୍ଦ୍ରସୁଧାମ ପରମ ଶାନ୍ତି ନିଳୟ ।୧।
ମୋଦଟରେ ଶ୍ରଦ୍ଧା ବଢ଼ାଇ    ନେବେ ସରଣୀ କଢ଼ାଇ
ଚିନ୍ତିବେଲୁ ତୁ ଅହରହ ଅରୁଣ ପଦାବ୍ଜ ଦ୍ୱୟ ।୨।
ଗୋକୁଳ ଗୋପେଶ ଧାମ    ହୋଇବ ଅତି ସୁଗମ
ମିଳିବ ନିଭୃତ କୁଂଜେ ସେବା ସମ୍ପଦ ନିଚୟ ।୩।
ଆଳୀ ଆଳିଂକ ହେତରେ    ବ୍ରଜ ବଧୂଂକ ଅଙ୍କରେ
ସ୍ୱାମିନୀ ଶ୍ରୀ ରାସେଶ୍ୱରୀ ତୋର ହିତାର୍ଥେ ବିଜୟ ।୪।
ଗୋପାଳକୃଷ୍ଣ ଅଦୃଷ୍ଟ    ଲବ୍ଧ ଫଳ ହେଉ ପୁଷ୍ଟ
ଭ୍ରାନ୍ତ ଧ୍ୱାନ୍ତ ଧ୍ୱଂସନରେ ଲଭିବ ସୁଖ ସଞ୍ଚୟ ।୫।

—*—

## ରାଗ କୌଶିକ । ତାଳ ଏକତାଳି

ମାନସ ! କେଣେ ହୋଇଯାଉ ନିସ୍ୱଣ
ପରମ ଦୟାମୟୀଙ୍କ କୃପାପାଙ୍ଗେ ନ ଘୁଞ୍ଚିବ କରୋ ଦୁର୍ଦ୍ଦଶା ।ପଦ
ଅବଲମ୍ବନ କର ଶ୍ରୀ ଗୁରୁ ରୂପସଖୀ ଲବଙ୍ଗ ମଞ୍ଜରୀଙ୍କ ।୧
ନିଭୃତ କୁଞ୍ଜରେ ବ୍ରଜେନ୍ଦ୍ରଂକ ଅଙ୍କେ, ସଖୀରେ ବୃନ୍ଦାଁ ସେବ୍ୟ ଶୁଶ୍ରୂଷାଙ୍କ ।୧
ଦିନେ ରମ୍ୟରୂପେ ସୁମନସଢଳେ, ଫଳ୍ପିଣ ପ୍ରତିମା ସୁଗଳ
ହିତେଲେକନେ ତୋର କୋଟିର ଜନ୍ମର, ସୁକୃତ ଫଳ ଯିବ ମିଳି ।୨
ଶ୍ରୀ ଲଳିତା ସଖୀ ଦେବେ ଯେ ଚିହ୍ନାଇ, ଏ ନୂଆ କଙ୍କାଳୀ ବୋଲିଣ
ମୃଦୁ ମଧୁରେ ହସି ଧନି ସେବେବେଳେ, ଯାଆରେ ପଦାବ୍ଜେ ଶରଣ ।୩
ସଂକଳ୍ପ ଲାଳସା ମେଣ୍ଟିବ ତକ୍ଷଣେ ଆଦରନ୍ତେ ସେବା ସମ୍ଭାର
କହଇ ଗୋପାଳକୃଷ୍ଣ ସନ୍ତୁଷ୍ଟରେ, ସିଦ୍ଧାପଦନ ଅନୁସର ।୪

—*—

## ରାଗ ନାଟନାମ କ୍ରିୟା—ତାଳ ଏକତାଳି

ରେ ମାନସ, ଗୁରୁ ଆଜ୍ଞା ଭ୍ରତପାଳ
ଶ୍ରୀରାଧା ଗୋବିନ୍ଦ ଗୁଣାବଳୀ ପଦ ଗାଉଥା ବଜାଇ ତାଳି ।ପଦ

ନିଶାନ୍ତଠାରୁ ନିଶିଥିନୀ ସରକ ଲୀଳାପାକ ଭାଳି ଭାଳି
ରହିଯାଅ ସ୍ୱାମିନୀଙ୍କ ସେବାରେ ଆଶ୍ରୟ କରି ପ୍ରେଷ୍ଠାଳୀ ।୧
କରୁଣାଳଙ୍କାର ମଣ୍ଡି କଳେବର ହୁଅ ନବ ବ୍ରଜ ବାଳୀ
ଯୂଥେଶ୍ୱରୀ ଭୃଙ୍ଗ ବିଦ୍ୟାଙ୍କ ଯୂଥରେ ଗଣିବେଷଭୁ ଦୁଲାଳୀ ।୨
ନିଭୃତ ନିକୁଞ୍ଜେ କଳକାଳେ ବିଜେ ଶ୍ରୀ କିଶୋରୀ ବନମାଳୀ
ଆସ ନୂଆଦାସୀ ବୋଲି ସ୍ମିତେ ହସି ଡାକିବେ ବାଙ୍ଗ ତାଳି ।୩
ଶ୍ରୀ ରୂପମଞ୍ଜରୀ ପ୍ରିୟନର୍ମ ମୃଦୁଗିରେ ହୋଇଧିରେ ନିଉଜ୍ଜ୍ୱଳ
ଉଲଟି ସ୍ୱ ପରିଚର୍ଯ୍ୟା ଆଦରିବୁ ସୁମତି ସିଦ୍ଧ ପ୍ରଣାଳୀ ।୪
ଚିନ୍ତୁ ବ୍ରଜେଶ୍ୱରୀ କାର୍ତ୍ତିଦା ଯଶୋଦା ପଣତ ଗଣ୍ଠି ପଞ୍ଚାଳ
ଭଣେ ଗୋପାଳ କୃଷ୍ଣ ପ୍ରେମଲୋଭକେ ଭୂଷଣ ଯୁଗଳ ଶାଳ ।୫

—◆)(✻)(◆—

## ରାଗ-ତୋଡ଼ି ପରଜ—ତାଳ-ଆଡ଼ତାଳି

ପୁରୁଷାଭିମାନ ପରିହରିମନ ! ସାଜରେ ପ୍ରକୃତି ବେଶ
ରାଗମାର୍ଗେ ସେବ ଶ୍ରୀରାଧାମାଧବ ଯୁଗଳ ପଦ ସାରସ
ରେ ମାନସ ! ସ୍ୱାଭୀଷ୍ଟ ସିଦ୍ଧି ଲାଳସେ
ଅନୁକ୍ଷଣେ ଅନୁଗତ ହୋଇରହ ପ୍ରେଷ୍ଠାଳୀଙ୍କ ବାମପାଶେ । ୧
ପୂର୍ବରାଗ ଆଦି ଯେ ରସ ଯେ ଲୀଳା ଯାବନ୍ତ କର ସ୍ମରଣ
ବିପ୍ରଲମ୍ଭ ସମ୍ଭୋଗାନୁସାରେ ନିତ୍ୟ ମାଳଞ୍ଚାଅ ଆଚରଣ
ରେ ମାନସ ! ରସକଥା ଆଳାପନେ
ସଖୀଙ୍କ ମଧ୍ୟରେ ବସନ୍ତ କର ତୋ ସ୍ୱରୂପସିଦ୍ଧ ଅଭ୍ୟସନେ ।୨
ଅନାଥିନୀ ଦେଖି ଶ୍ରୀ ଲଳିତା ସଖୀ ଅନାଇଁ କୃପା ଈକ୍ଷଣେ
ମେଣ୍ଟିବ ଦୁର୍ଦ୍ଦଶା ପୂର୍ଣ୍ଣିବ ଆଶା ରହିବୁ କିଙ୍କରୀ ପଣେ

ରେ ମାନସ ! ଶ୍ରୀ ବିଶାଖା ଦେବ ତୋଷେ
କୃପା ସ୍ନେହ ଦୃଗଞ୍ଚଳେ ଯାଚବେତବେ ସେବା ଯଥା ଅବକାଶେ ।୩
ସ୍ୱାନୁଚରୀ ଭାବ ଭୃଙ୍ଗବଦ୍ୟାଦେବୀ ଆଜ୍ଞାଦେବେ ସ୍ମିତେ ହସି
ମିଷ୍ଟାନ୍ନ ସେବନେ ଗନ୍ଧାନୁଲେପନେ ଖଟିବୁ ସୁଖେ ଭରସି
ରେ ମାନସ ! ନିଭୃତ ନିକୁଞ୍ଜଧାମେ
କହଇ ଗୋପାଳକୃଷ୍ଣ ଆଶ୍ରାଘେନ ଶ୍ରୀଗୁରୁରୂପାଙ୍କ ବାମେ ।୪

---

# ମନଃଶିକ୍ଷା

ଶ୍ରୀ ବୃନ୍ଦାବନ ସ୍ମରଣାନନ୍ଦ
ଶ୍ରୀମଦ୍ ବୃନ୍ଦାବନଂ ଧ୍ୟାୟେ ବୈଷ୍ଣବଂ ହୃଦୟେ ସଦା
ମହାପଦ୍ମ ଯୋଗପୀଠଂ କାଞ୍ଚନ ସ୍ଥଳୀ ନିର୍ମିତଂ ॥

—ଚୋଇବାଣୀ—

ରମ୍ୟ ବୃନ୍ଦାବନେ ଧ୍ୟାନକର ମନ !
ମହା ପଦ୍ମପରେ ଯୋଗପୀଠ,
ଅପୂର୍ବ କାଞ୍ଚନ ସ୍ଥଳୀ ମନୋହର
ସ୍ୱର ଭୂରେ ହୋଇ ଏକନିଷ୍ଠ । ୧

ପୂର୍ଣ୍ଣ ଶଶଧର ଉଦୟ ରୁଚିର
ସର୍ବସ୍ୱ ବିବିଧ ପୁଷ୍ପାନ୍ୱିତ,
କଦମ୍ବ ପାଦପ ଛାୟା ସୁଶୀତଳ
କାଳନ୍ଦୀ ପୁଳିନ ସୁଶୋଭିତ । ୨

ମାଧବୀ କୁଞ୍ଜ ବିଭ୍ରାଜ ପୁଞ୍ଜି
ପୁଞ୍ଜ ଗୁଞ୍ଜିନ୍ମଧୁବ୍ରତ ଚନ୍ତ୍ରଭଥି
କଳପି କୂଜିତ ମଧୁର ସଂଗୀତ
କଳାପୀ କଳାପ ନୃତ୍ୟଗତି । ୩

କୃଷ୍ଣ ସାରଗଣ ସଙ୍ଗ ସମାକୀର୍ଣ୍ଣ
କାମଧେନୁ ବୃନ୍ଦସୁଖାସ୍ପଦ,
ଗୋପଗୋପୀ ପ୍ରିୟ ସ୍ଥାନ ରମଣୀୟ
କଳ୍ପବୃକ୍ଷରାଜି ଶୋଭାସଦ୍ମ । ୪ ।

ମଧ୍ୟେ ଗୋବର୍ଦ୍ଧନ ଗିରି ବିଦ୍ୟମାନ
ବିଚିତ୍ର ମଣି ମନ୍ଦିର ତହିଁ,
ରତ୍ନସିଂହାସନ-ସକ୍ତ ପଦ୍ମରାଗ
ସରୋରୁହ ଫୁଲ୍ଲ ଦିବ୍ୟକାନ୍ତି । ୫ ।

ତନ୍ମଧ୍ୟେ ବିଜୟେ ଶ୍ରୀ ସଚ୍ଚିଦାନନ୍ଦ
ବିଗ୍ରହ କୈଶୋର ବଂଶୀଧାରୀ,
ବାମେ ପ୍ରିୟାରାଧା ଶ୍ରୀ ବାର୍ଷଭାନବୀ
ଲୀଳା-ବିଳାସିନୀ ଶ୍ରୀ କିଶୋରୀ । ୬ ।

କୋଟି ରତିସ୍ମର ଯୁଗଳ କିଶୋର
ପଦାବ୍ଜ ମରନ୍ଦଲୁବ୍ଧଚିତ୍ୟ,
ଗୋପାଳକୃଷ୍ଣର ସ୍ମରଣ ସଂପଦ
ଶ୍ରୀଗୁରୁ ପ୍ରଦତ୍ତ ବୀଜମନ୍ତ୍ର । ୭ ।



## ଶ୍ଳୋକ

ପ୍ରତିଷ୍ଠାଶା ଧୃଷ୍ଟା ଶ୍ୱପଚ ରମଣୀ ମେ ହୃଦି ନଟେତ୍
କଥଂ ସାଧୁପ୍ରେମା ସ୍ପୃଶତି ଶୁଚିରେ ତନ୍ନନୁ ମନଃ ।
ସଦା ତ୍ୱଂ ସେବସ୍ୱ ପ୍ରଭୁ ଦୟିତ ସାମନ୍ତ ମତୁଳଂ
ଯଥା ତାଂ ନିଷ୍କାଶ୍ୟ ତ୍ୱରିତ ମିହତଂ ବେଶୟତିସଃ ॥

## ରାଗ—କଳହଂସ କେଦାର । ତାଳ—ଝୁଲା

ପ୍ରତିଷ୍ଠା ଆଶା ଦୁଷ୍ଟା ଚଣ୍ଡାଳୁଣୀଟି
ମୋ ହୃଦେ ନାଚୁଅଛି ନିରତେ ଯୋଷି ଯେ ।
କି କରି ସାଧୁ ପ୍ରେମ ଛୁଇଁବ ମୋତେ ?
ଏଣୁ ଆରେ ମାନସ କହୁଛି ତୋତେ ଯେ । ୧ ।
ମହା ରାଜାଧିରାଜ କୃଷ୍ଣ ଅଧୀନେ
ଅଛନ୍ତି ଯେଉଁ ଭକ୍ତ ଶ୍ରେଷ୍ଠ ରାଜନେ ଯେ ।
ସେହି ସାଧୁ ଜନଙ୍କ ସେବାକୁ କର
ତେବେ ସେ ଚଣ୍ଡାଳୀକି କରିବେ ଦୂର ଯେ । ୨ ।
ତୋ ହୃଦେ ସୁନିର୍ମଳ ପ୍ରେମ ରତନ
କରିବେ ପ୍ରତିଷ୍ଠିତ ହୋଇ ପ୍ରସନ୍ନ ଯେ
ଏଥି ସଂଶୟ ନାହିଁ ବୁଝରେ ମନ
ସିଦ୍ଧ ସାଧକ ହେବୁ କଲେ ଯତନ ଯେ । ୩ ।
ଶୂକରୀ ବିଷ୍ଠାତୁଲ୍ୟ ପ୍ରତିଷ୍ଠା ଜାଣି
ଗୌରବ ଭବେ ରଉରବ ସମାନ ଯେ ।
ଅଭିମାନକୁ ସୁରାପାନ ତୁ ମଣି
ମୁଁ ଗୋପାଳକୃଷ୍ଣ ସଦୈନ୍ୟେ ଭଣି ଯେ । ୪ ।

# ଯୁଗଳ ଭଜନ ନିଷ୍ଠା

( ରାଗ ବସନ୍ତ—ତାଳ ସରମାନ ଯତି )

ଭଜମନ ଦିବସ ଭଜରେ ମାନସ
ବ୍ରଜ ନବ ଯୁବ ଦ୍ୱନ୍ଦେ
ଅଜ ଶେଷ ଭବ ଦେବେ ଯେ ଦୁର୍ଲ୍ଲଭ
ଚିନ୍ତ ସେ ସୁଧା ଗୋବିନ୍ଦେ । ଘୋଷା ।
ନିଭୃତ ନିକୁଞ୍ଜେ ସୁମନସ ଶେଯେ
ରସାଳ ସେ ବେନେ କରିଛନ୍ତି ସେ ଯେ,
କନକ ଜଳଦ କାନ୍ତି ମନୋହର
ପରିବେଷ୍ଟି ତାଳୀ ବୃନ୍ଦେ । ୧ ।
ଅଭିନବ ନୀଳ ଶୋଣାବ୍ଜ ନୟନ
ମୃଦୁହାସ୍ୟ ଯୁତ ପ୍ରଫୁଲ୍ଲ ବଦନ
ମଳୟଜ ମୃଗ- ମଦର ତିଳକ
ଅଳକ ତଳକ ମଧ୍ୟେ । ୨ ।
ଶିରେ ଶିଖୀ ଶିଖ- ଣ୍ଡକ ପୁଷ୍ପ ଚୂଳ
ଶ୍ରୁତି ଯୁଗେ ଅବତଂସ ଶ୍ରୀକୁଣ୍ଡଳ
ଗଳେ ବିଲମ୍ବିତ ବୈଜୟନ୍ତୀ ବନ-
ମାଳା ସୁମାଳତୀ ବୃନ୍ଦେ । ୩ ।
ନବୀନ ତରୁଣୀ ତରୁଣ ସୁବେଶ
ପରିଧାନ ପଞ୍ଚ ନୀଳ ପୀତ ବାସ
ମୋହନ ମୁରଳୀ ଲୀଳା ତାମରସ
ଶ୍ରୀକର ମଣ୍ଡିତ ଶ୍ରବେ । ୪ ।
ପଦାବ୍ଜ ଯୁଗଳେ ମଂଜୁଳ ମଂଜୀର
ବିବିଧ ଭୂଷଣେ ଭୂଷିତ ଶରୀର
ନିତ୍ୟ ନଉତନ ଶ୍ୟାମମୂର୍ତ୍ତି ଶୋଭନ
ଗୋପାଳ କୃଷ୍ଣ ବ ବଂଦେ । ୫ ।

## ରାଗ ଶଙ୍କରା ଭରଣ—ତାଳ ଆଠତାଳି

ମନ ଭଜ ନିରନ୍ତରେ
ଅଭିନବ ଶ୍ରୀ ଯୁଗଳ ରୂପକୁ ସ୍ୱାନ୍ତରେ । ପଦ ।
ଜମ୍ବୁନଦ ହେମ ନୀଳ ଇନ୍ଦୀବର କାନ୍ତି
ଶ୍ରୀରାଧା ଗୋବିନ୍ଦ ଜଗନ୍ମୋହନ ମୂରତି । ୧ ।
ସଖ୍ୟ ଲଳିତାଦି ଆଳୀ ଆଳି ପରିବୃତ
ନୀଳ ପଟ୍ଟଶାଢ଼ୀ ପୀତାମ୍ବର ପରିହିତ । ୨ ।
ମଧୁର ଶ୍ରୀଅଙ୍ଗ ନାନାଭୂଷଣେ ମଣ୍ଡିତ
ନବୀନ କୈଶୋର ରୂପ ଶୋଭା ଅଲଙ୍କୃତ । ୩ ।
ଗାନ୍ଧର୍ବିକା ଜନ ଅବ୍ୟସ୍ତ ସୁଲଳିତ ବେଶ
ଅପୂର୍ବ ସୁନ୍ଦର ନଟବର ବଂଶୀବାଣ । ୪ ।
ଶ୍ରୀ ବୃନ୍ଦାରଣ୍ୟ ଦମ୍ପତି ପଦାବ୍ଜ ସ୍ମରଣେ
ଆନନ୍ଦାଶ୍ରୁ ନୟନେ ଗୋପାଳକୃଷ୍ଣ ଭଣେ । ୫ ।

—•XO•—

## ଯୁଗଳ ଭଜନ

## ରାଗ ଧନାଶ୍ରୀ—ତାଳ ଏକତାଳୀ

ଭଜମନ ରାଧା ଶ୍ୟାମେ,
ବାସ ଅଭିଳାଷ କର ନିତ୍ୟ ବ୍ରଜଧାମେ । ପଦ ।
ଦିନୁ ଦିନୁ ପରମାୟୁ ଯାଉଅଛି ବିତି
ଭାବ ଦେଖ ରାଧାକୃଷ୍ଣ ବିନୁ ନାହିଁ ଗତି । ୧ ।
ଧନଜନ ପୁତ୍ର ପତ୍ନୀ କେ ଅବା କାହାର ?
ଅସାର ସଂସାରେ ଏକା ହରିନାମ ସାର । ୨ ।
କୁସଙ୍ଗ ବର୍ଜ୍ଜି ସଦା ସାଧୁ ସଙ୍ଗ ବାଞ୍ଛି
ଜାତି କୁଳ ଅଭିମାନ ତୃଣ ତୁଲ୍ୟ ଗୁଞ୍ଛି । ୩ ।
କୃଷ୍ଣ ଗୁଣ ଲୀଳା ଗାନେ ହୁଅରୁ ପ୍ରମତ୍ତ
ଯୁଗଳ ପଦାବ୍ଜ ଧ୍ୟାନେ ହୋଇବୁ କୃତାର୍ଥ । ୪ ।

କହଇ ଗୋପାଳକୃଷ୍ଣ ଙ୍କ କହୁଚ ବେଶି
ସେବା ଅଧିକାର ପାଇ ହୁଅନ୍ତେ ଲାଳସୀ । ୫

—*—

## ରାଗ ନାଦନାମକ୍ରିୟା—ତାଳ ଆଡ଼ତାଳି

( କପର ମଧୁର ସ୍ୱନରେ—ବୃତ୍ତେ )

ରଜମା ଧନକୁ ଭଜରେ ମାନସ ।
ଅଜ ଶେଷ ଶିବ ବାସବାଦି ଦେବ ବନ୍ଦ୍ୟ ଯେଉଁ [illegible] । ପଦ ।
ସଚ୍ଚିଦାନନ୍ଦ ସାନ୍ଦ୍ରାଙ୍ଗ ଶ୍ରୀମୂର୍ତ୍ତି ସର୍ବସ୍ୱ ବିଶ୍ୱସ୍ୱ ଧାମ
ଅଚିନ୍ତ୍ୟ ମହାଶକ୍ତି ସୁବିଦଗ୍ଧ ବଂଶୀ ବୃନ୍ଦାରଣ୍ୟ ଧାମ । ୧ ।
ଅଖିଳ ସିଦ୍ଧି ନିକର ଯାହାଙ୍କର ବଶୀଭୂତ ନିରନ୍ତର
ମାଳକୁ ମାଳ ଅଗଣିତ ବ୍ରହ୍ମାଣ୍ଡ ବିଗ୍ରହେ ଭୂରିତ ଯାର । ୨ ।
ପ୍ରତ୍ୟୁତ୍ପନ୍ନ ମତି ବରିଷ୍ଠ ଯେ ଅତି ଯେ ମେଧାବୀ ସୂକ୍ଷ୍ମବୁଦ୍ଧି
ସକଳ ବିଦ୍ୟା ବିଶାରଦ ନୀତିଜ୍ଞ ଅପାର କୃପା ବାରିଧି । ୩ ।
ନୃତ୍ୟ ଗୀତ କଳାସାଧନରେ ସତତ ପରମ ନିପୁଣ ଯେହି
ନିରୁପାଧି ପ୍ରେମ ପରିପୂର୍ଣ୍ଣ ସାର ରସ କଥନରେ ସ୍ନିଗ୍ଧ । ୪ ।
ସର୍ବାନ୍ତର୍ଯ୍ୟାମୀ ସର୍ବଜ୍ଞ ସନାତନ ସ୍ୱରୂପ ନିତ୍ୟ ନୂତନ
ନବୀନ କିଶୋର ନବ ନଟବର ନବୀନ ଘନ ବରନ । ୫
ମହା ମନୋହର ଗୋପବେଶଧର ଅନନ୍ତ ଯା ଗୁଣାବଳୀ
ଶରଣାଗତ ପାଳକ ଭକ୍ତବନ୍ଧୁ ପ୍ରେମବଶ୍ୟ ବନମାଳୀ । ୬
ହୃତାରି ଦାୟକ ଶାନ୍ତ କ୍ଷମାଶୀଳ ଆତ୍ମାରାମ ଗଣାକର୍ଷୀ
କହଇ ଗୋପାଳକୃଷ୍ଣ ସେ ପଦାବ୍ଜେ ଯାଅନ୍ତୁ ଶରଣ ପଶି । ୭



## ଶ୍ରୀ ଶ୍ରୀ ରାଧାକୃଷ୍ଣ ଯୁଗଳଭଜନାମୃତ

ହେମେନ୍ଦୀବର କାନ୍ତି ମଞ୍ଜୁଳତରଂ ଶ୍ରୀମଜ୍ଜଗନ୍ମୋହନଂ
ନିତ୍ୟାଭିର୍ଲଳିତାଦିଭିଃ ପରିବୃତଂ ସନ୍ନୀଳଂ ପୀତାମ୍ବରଂ
ନାନା ଭୂଷଣ ଭୂଷିତାଙ୍ଗ ମଧୁରଂ କୈଶୋର ରୂପ ଯୁଗ୍ମଂ
ଗାନ୍ଧର୍ବା ଜନମବ୍ୟୟଂ ସୁଲଳିତ ନିତ୍ୟ ଶରଣ୍ୟଂ ଭଜେ ।

### ରାଗ ଶଙ୍କରା ଭରଣ—ତାଳଆଠତାଳ

ମନ ସଦା କର ଆଶ
ଶ୍ରୀରାଧା ଗୋବିନ୍ଦ ଯୁଗ୍ମ ପଦ୍ମର ସାରସ । ଘୋଷା

ନବ ହେମ ଇନ୍ଦୀବର କାନ୍ତି ମନୋହର
ଜଗନ୍ମୋହନ ଶ୍ରୀ ମୂର୍ତ୍ତି କିଶୋରୀ କିଶୋର । ୧

ନିତ୍ୟ ଲଳିତାଦି ସଖୀଗଣେ ପରିବୃତ
ନୀଳ ପୀତାମ୍ବର ଶୋଭା ବଢ଼ଇ ବିଶେଷ । ୨

ନାନା ଭୂଷଣେ ଭୂଷିତ ଶ୍ରୀଅଙ୍ଗ ମାଧୁରୀ
ଅତୁଳନୀୟ ଅପୂର୍ବ ଚମତ୍କାର ଧୁରୀ । ୩

ଗାନ୍ଧର୍ବିକା ରାସେଶ୍ୱରୀ ନବ ନଟବର
ଚିଦାନନ୍ଦ ଶ୍ରୀଯୁଗଳ ରୂପ ସୁରୁଚିର । ୪

ସୁଲଳିତ ଲାବଣ୍ୟ ଶ୍ରୀଚରଣାର ବିନ୍ଦ
ମତ୍ତ ଭରେ ଚୁମ୍ବେ ଭକ୍ତ ମାନସ ମିଳିନ୍ଦ । ୫

ଚିନ୍ମୟ ଚିଦ୍ଘନ ରସମୟୀ ରସରାଜ
ସୁଖାନନ୍ଦ ପ୍ରଦାୟକ ଅମଳ ପଦବ୍ଜ । ୬

କୋଟିରତ୍ନ ତୁଲେ କିସେ କୋଟି ରଣରଣ
ଗୋପାଳକୃଷ୍ଣ ନିରନ୍ତେ ଘେନୁଛି ଶରଣ । ୭

—*—

## ଶ୍ଳୋକ

ଆଲୋଲ ଚନ୍ଦ୍ରକ ଲସଦ୍ ବନମାଲ୍ୟ ବଂଶୀ
ରତ୍ନାଙ୍ଗ ପ୍ରଣୟ କେଳି କଳା ବିଳାସଂ
ଶ୍ୟାମଂ ତ୍ରିଭଙ୍ଗ ଲଳିତଂ ନିୟତ ପ୍ରକାଶଂ
ଗୋବିନ୍ଦ ମାଦ୍ୟପୁ ରୁଷଂ ତମହଂ ଭଜାମି ।

—*—

## ରାଗ ମଙ୍ଗଳଗୁର୍ଜ୍ଜରୀ—ତାଳ ତ୍ରିପୁଟା

ଭଜରେ ମାନସ ! ବ୍ରଜରାଜ ନନ୍ଦନଙ୍କୁ
ସଜକଂଜ ନେତ୍ର ଭକ୍ତ ହୃଦ ଚନ୍ଦନଙ୍କୁ । ଘୋଷା ।
ଶିଖର କର୍ମାନ୍ୱିତ କେକୀ ବରହ ଚନ୍ଦ୍ରକ
ମସ୍ତକ ଚୂଡ଼ା ଉପରେ ଦିଶେ ଝକଝକ । ୧
ଅଧରେ ମୋହନ ବଂଶୀ ବନମାଳା ଗଳେ
ମଣ୍ଡିତ ରତ୍ନ ବଳୟ ଶ୍ରୀବାହୁ ଯୁଗଳେ । ୨
ପ୍ରଣୟ ପୂର୍ବକ ପରିହାସାଦି କରଣେ
ବିଶେଷରେ ପରମ ନିପୁଣ ଅନୁକ୍ଷଣେ । ୩
ଶ୍ୟାମ ସୁନ୍ଦର ତ୍ରିଭଙ୍ଗ ଲଳିତ କିଶୋର
ନିୟତ ପ୍ରକାଶ ଗୋପବେଶ ମନୋହର । ୪
ସେହି ସର୍ବ ଅବତାରୀ ଗୋବିନ୍ଦ ଚରଣ
ସଦା ଆଶ୍ରିତ ଗୋପାଳକୃଷ୍ଣ ଅଶରଣ । ୫



## ରାଗ ତୋଡ଼ିପରଜ—ତାଳ ଆଡ଼ତାଳୀ

ରେ ମାନସ ! ସ୍ୱାମିନୀ ସେବାରେ ରହି
କସ୍ତୁ କାଳଯାକ ସମ୍ଭାଇବେ ତୋର
ମଞ୍ଜରୀ ଗଣଙ୍କୁ ବନ୍ଦରେ । ଘୋଷା
ପ୍ରେଷ୍ୟାଳୀଙ୍କ ଆଜ୍ଞା ପାଳ ପ୍ରତି କ୍ଷଣେ
ଖେଳକ କୁଂଜ ପ୍ରାଙ୍ଗଣ
ଅସାର ସଂସାର ଦୁର୍ଲକ୍ଷ୍ୟକ ବୁଦ୍ଧି
ଯେନ ସଖୀ ଆଚରଣରେ -୧

ବଚକତ ଜାଣି, ଳିଆଳୀ ସେବଣି
ଯୂଥ୍ୱକ୍ୟା ସୁମନ ହାର
କମ୍ବୁ ନଦାଙ୍ଗିମା କମ୍ବୁ ଅଶ୍ରମଣି-
ଗଳେଦଅ ଉପହାରରେ -୨

କୁଂଗ ବଦ୍ୟାଙ୍କର ଅନୁଗତେ ହର
ସୁଖେ ହବସ ଯାମିନୀ
ନବଦାସୀ ଅଭ— ମାନେ କୁ ଆଦର
ଯାଚ ଦେବାର ଖଟଣୀ ରେ -୩

ଗୋପାଳକୃଷ୍ଣର ସେବା ଅଧିକାର
ଦେଲେକ ନହେଉ ବ୍ୟର୍ଥ
ଶ୍ରୀଗୁରୁ ପ୍ରଦତ୍ତ ବୀଜମନ୍ତ୍ର ତତ୍ତ୍ୱ
ଗଣ୍ଠି କରଥା ଅନ୍ତରେ । ୪

## ରାଗ କଳସା—ତାଳ ଏକପୁଟା

ଶ୍ରୀ ଗୁରୁ ପ୍ରଭାତ ଜନ୍ମ ସାନରେ ମାନସ !
ସ୍ୱାମିନୀଙ୍କ ଅଷ୍ଟକାଳ ସେବା କୃତ୍ୟେ ଭସ ଦେଇ ଚିତା
ନିଶାନ୍ତେ କୁଞ୍ଜରୁ ଗୃହେ ଚଳନ୍ତେ ବିଚକ୍ଷଣ
ସଖୀ ସଙ୍ଗେ ଯିବୁ ଶତଦ୍ରୁହ ବେଶ ଧରି ସେ ।୧
ତଥାରୁ ନିଦ୍ରା ଭଞ୍ଜନେ ଯାବଟ ମନ୍ଦିରେ
ଖଞ୍ଜଣି ଖଟିବୁ ସ୍ନାନ ବେଶ ଭୂଷାଦରେ ଯେ ।୨
ବ୍ରଜେନ୍ଦ୍ରଙ୍କ ପ୍ରୀତ୍ୟର୍ଥେ ମନୋଜ୍ଞ ଦ୍ରବ୍ୟ ପାକେ
ନନ୍ଦ ଗ୍ରାମେ ଯିବୁ ସ୍ୱେଶ୍ୱରୀଙ୍କ ପକ୍ଷ ପାଖେ ସେ ।୩
ସୂର୍ଯ୍ୟ ପୂଜା ଛଳେ ଯାବ ଆଳୀଗଣ ସଙ୍ଗେ
ଯୁଗଳ ମିଳନ ଶୋଭା ବିଲୋକିବୁ ରଙ୍ଗେ ସେ ।୪
ଶ୍ରୀ ଅଙ୍ଗ ବର୍ଣ୍ଣନେ ସଖୀ ମାନଙ୍କ ଅଶ୍ଲେଷେ
ଅନୁଭବିବୁ ଅପୂର୍ବ ଆନନ୍ଦ ବିଶେଷେ ସେ ।୫
ଦୋଲା ପଞ୍ଚା ସୁନ୍ଦର କରଣେ ହେବୁ ସଖୀ
ଧନ୍ୟ ହେବୁ ମଧୁପାନା ଧରାମୃତ ଗୁଣି ସେ ।୬
ଜଳକେଳି ଆଜି ସେତେ ମଧ୍ୟାହ୍ନ ବିଳାସ
ବନ୍ୟ ଭୋଜନ ପାଶ କ୍ରୀଡ଼ା ହାସ ପରିହାସ ହେ ।୭
ଅପର ଗୋଷ୍ଠେ ଅଟ୍ଟାଳ ଦର୍ଶନ ସମୟେ
ସଖୀ କୁଳେ ବ୍ୟଗ୍ରତା ମଣିବୁ ଅନ୍ତଶେଷେ ସେ ।୮
ସାୟଂ କାଳରେ ଆଣିବୁ ମିଳନ ସଙ୍କେତ
ନିଶା ଯୋଗେ କୁଞ୍ଜ ଅଭିସାରେ ହେବୁ ରତ ସେ ।୯
ସେ ମିଳନାନନ୍ଦାବ୍ଧିରେ ରହିବୁ ନିମଜ୍ଜି
କୃତାର୍ଥ ହେବ ଗୋପାଳକୃଷ୍ଣ ଲୀଳା ହେଜ ସେ ।୧୦



## ରାଗ-ତୋଡ଼ି ପରଜ । ତାଳ-ଅଡ଼ତାଳୀ

ରେ ମାନସ ! କାହାକୁ ଭଜବୁ ଆଉ ?
ଧାତା ଇନ୍ଦ୍ର ହର ଆଜ୍ଞାକାରୀ ଯାର
ଏମନ୍ତ ସାମନ୍ତ ଥାଉଁ । କୋଷା !
ଏକା କୃଷ୍ଣ ବ୍ରଜେ ବ୍ରଜେନ୍ଦ୍ର ନନ୍ଦନ
ପୂର୍ଣ୍ଣତମ ଆତ୍ମାରାମ
ଆନ ଯେତେ ରୂପ ତାହାଙ୍କ ସ୍ୱରୂପ
ପୂର୍ଣ୍ଣତର ପୂର୍ଣ୍ଣ ନାମ ।୧
ସହସ୍ରାନନରେ ଶେଷ ଭଣି ଶେଷ—
କରନାହିଁ ଯା ମହିମା
ଏକ ମୁଖେ ଅବା କେ କହି ପାରିବ !
ସେ ଅନନ୍ତ ଗୁଣ ସୀମା ।୨
ଚତୁର୍ଭୁଜ ମୂର୍ତ୍ତି ପରଂବ୍ୟୋମ ସ୍ଥ
ଯାହାଙ୍କର କଳାଅଂଶ
ସର୍ବ ଅବତାରୀ କ୍ଷୀରାବ୍ଧି ଶାୟୀ ଯେ
ଯା ଧାମାଙ୍କୁ ଅବତଂସ -୩
ସର୍ବ ଶକ୍ତିମନ୍ତ ସର୍ବାନ୍ତର୍ଯ୍ୟାମୀତ
ବେଦ ବେଣୁ ଶୃଙ୍ଗ ପାଣି
କହଇ ଗୋପାଳ କୃଷ୍ଣ ହି ସକୃଷ୍ଣ
ନେସେ ବନ୍ଦେ ବୃଥା ଜାଣି -୪



## —ଶ୍ଳୋକ—

ସମଂ ଶ୍ରୀ ରୂପେଣ ସ୍ମର ବିବଶ ରାଧା ଗିରିଭୃତୋ,—
ର୍ବ୍ରଜେ ସାକ୍ଷାତ୍ ସେବା ଲଭନ ବିଧୟେ ତଦ୍‌ଗଣଯୁଜୋଃ
ତଦିଜ୍ୟାଖ୍ୟା ଧ୍ୟାନ ଶ୍ରବଣ ନତି ପଞ୍ଚାମୃତ ମିଦଂ
ଧୟନ୍ନୀତ୍ୟା ଗୋବର୍ଦ୍ଧନ ମନୁଦିନଂ ତ୍ୱଂ ଭଜମନଃ

## ରାଗ—ମାଳଶ୍ରୀ

ଆରେ ମନ ! ବ୍ୟର୍ଥ ହୋଇ ନ ଯା ବାଉଳି
ଗିରିରାଜ ଗୋବର୍ଦ୍ଧନେ ଲଗା ମଉଳି ।୧।
ଗୁରୁଦେବ ଶ୍ରୀ ରୂପଙ୍କ ସହ ଶ୍ରୀ ବ୍ରଜେ
ପରମ ଆନଂଦ ରସେ ମଜ୍ଜି ତୁ ନିଜେ ।୨।
କଂଦର୍ପ ବିବଶ ରାଧା ଗୋବିଦଂକର
ସାକ୍ଷାତ ସେବା ପ୍ରାପ୍ତି ପାଇଁ ଆଚର ।୩।
ନିୟମେ ପୂଜନ ନାମ ଗାନ ଧିଆନେ
ମହିମା ଶ୍ରବଣେ ନମସ୍କାର ବିଧାନେ ।୪।
ଏହି ପଞ୍ଚାମୃତ ସୁଖେ ସେବନ କରି
ଶ୍ରୀ ଗୋବର୍ଦ୍ଧନଂକୁ ଭଜ ନିତ୍ୟ ଆଚରି ।୫।
କହଇ ଗୋପାଳକୃଷ୍ଣ ହର୍ଷ ବଦନେ
ଭଜନ ରତ୍ନ ପାଇବୁ ଶ୍ରୀ ବୃନ୍ଦାବନେ ।୬।



## ରାଗ ଚକ୍ରବାକ ତାଳ ମିଶ୍ରରୂପ

( ପ୍ରେମ ଚିନ୍ତାମଣିକ କେ ଲୁଚାଇଲାରେ—ବୃନ୍ଦେ )

କେତେ କାଳ ହେଲା ଦେଖୁନାହୁଁ ସଖି
ଶେଯ ଯାକ ଭିଜିଗଲା ଲୁହ ବହି ବହି ।ପଦ।
ତରଣି ବୁଡ଼ିଗଲୁ ଏଷଣିତ ଅଇଲୁ
ଅଣ୍ଟିଲା ନାହିଁକି କଣ୍ଠୀରବ ମଧ୍ୟ
ହାର ପର ହୁଡ଼େଥିଲୁ ରଜ୍ଜୁ ।୧
ଆହାକି ଅସମ୍ଭବ କେ ଶୁଣିଚିଲ ହସିବ
ବଳୁ ଧେନୁ ପଛେ ବଂଶୀ ବଜାଇ ସେ
ଗଲେ କାଠ ଜଗିଥିଲୁ ଭୃଙ୍ଗ ।୨
ଗୁଳ କାଜ ଯେସନ୍ତେ ଗଣ୍ଡି ଯାଏ ଫୁଟି
ତେସନ୍ତେ ବ୍ୟଥା ହେବ ଲାବଣ୍ୟ ତନୁଟି
ନ ପାରିବୁ ଉଠି ଆହେ ବିମ୍ବୋଷ୍ଠୀ
ଟାଣି ନ ପାରିବୁ ଆଡ଼ିକି ।୩।
ବଡ଼ ଲମ୍ପଟିଆ ଗୋଧନ ଗୋଠିଆ
ଘାଟ ଜଗି ଲୁଟେ ଗୋପୀଙ୍କ ମାଠିଆ
ନଟକୁଟି ଆସେ ଭଜନ ବେଠିଆ
ଗୋପାଳକୃଷ୍ଣ ତା ଭାବ ଜାଣିକି ।୪।

## ମନପ୍ରତି ବିବେକ ବାଣୀ

( ରାଗ ବଙ୍ଗଳାଶ୍ରୀ—ତାଳ ପହପଟ )

ଭଜକନା ‘ ରାଧେ କୃଷ୍ଣ ’ ମାନସ !
ନରତେ ହୋଇ ସନ୍ତୁଷ୍ଟ
ତ୍ରିତାପ ଯନ୍ତ୍ରଣା ହୋଇଯିବ ଊଣା
ନରହିବ ଖାଲୁ ଉଷ୍ଣ ।୧।

ଶ୍ରୀ ଯୁଗଳ ଭାବେ ମଜ୍ଜିରେ ମାନସ !
ନାମ ହେଉଥିଲେ ଭଜ
ଭୁଞ୍ଜ ଭୁଦ ବେଭୁ                    ଏଭବେ ଆରମ୍ଭୁ
ହୋଇବୁ—ଦହଗଞ୍ଜୀ । ୨ ।
କେଣେଟି କରୁ ପରୁଆରେ ମାନସ !
ହୋଇ ଦୁଃଚିନ୍ତା ଜ୍ବରୁଆ
ପଳା ବ୍ରଜଗ୍ରାମେ                    ରହିବୁ ଆରାମେ
ନ ହୋଇ ଯମ ଡରୁଆ । ୩ ।
ରାଧେଶ୍ୟାମ ଗୁଣ ଗୀତ ରେ ମାନସ !
ବ୍ରଜ ବାସୀଙ୍କ ଆଶ୍ରିତେ
ଅପୂର୍ବ ଆନନ୍ଦ                    ପ୍ରେମର ସମ୍ପଦ
ଅସ୍ବାଦିବୁ ସୁଖେ ନିତ୍ୟେ । ୪
ଶ୍ରୀ ଗୁରୁ ଦେବାର ମନ୍ତ୍ରରେ ମାନସ
ଜପି ହୋଇବୁ ସ୍ବତନ୍ତ୍ର
ସିଦ୍ଧ ତନୁ ଧର                    ଗୋପାଳ କୃଷ୍ଣର
ପୂରୁ ସଂକଳ୍ପ ଯାବନ୍ତ । ୫ ।

## ରାଗ ତୋଡ଼ି ପରଜ—ତାଳ, ଆଡ଼ତାଳୀ

ରେ ମାନସ ! ଭାବଲେ ଭାବନ୍ତି ପଣ
ଶ୍ରୀରାଧା ଗୋବିନ୍ଦ କଥା ହୋଇବାର ହସି ଧୀର ଧୀର କଣ । ଘୋଷା
ନିଭୃତ କୁଞ୍ଜରେ ସୁମନ ଶେଯରେ ରାତ୍ରି ଥାଉ ଚେତା ହୋଇ
ବୃକ୍ଷରେ ବଲ୍ଲୀ କେତିଲା ସଜେ ରହି ଶ୍ରୀମୁଖେ ମୁଖ ଲଗାଇ । ୧
ଆଳୀମାନେ ଥିଲାବେଳେ କେଣେ ମୋର ନିକଟକୁ ଆସିବାର
କି ଲାଜ ନାହିଁ ବୋଲୁ ବ୍ରଜବଧୂ ସବୁ ଚୁମ୍ବନ ଦେବାର । ୨
କି ଲାଜ ନାଚିବା ଲୋକର ବରଜ ରାଜପଥେ ବୁଲିବୁଲି
ବୋଲୁ ଶ୍ରୀ ପ୍ରାଣେଶ ଗଣ୍ଡେଗଣ୍ଡ ଦେଇ ମଜ୍ଜିବାର ଝୁଲିଝୁଲି । ୩

ଜଟିଳା ଆସୁଛୁ ବୋଇଲେ ପଳାଇ ସପ୍ତଦର୍ଶୀ କୁଞ୍ଜ ମଧ୍ୟରେ
ଦୁହେଁ ଯାକ ଲୁଚି ପଡ଼ୁଥିବ ହେଲାରକ ଶିରୋମଣି ବାସରେ ।୪
ଶ୍ୟାମଳା ବେଶରେ ପୁରକୁ ଯିବାର ଚାଳ ରାତର ଚରିତ
ନାସା ଭୂଷଣ କାହ୍ନି ବୋଲି ଶ୍ରବନ୍ତୁ କୁଞ୍ଜିଲତା କଳ୍ପଦତ୍ତ ।୫
ଘନ ସୁନ୍ଦର ଶ୍ରୀମନ୍ତୀ ହୋଇ ଜନଅର ତଳେ ଭେଟାଭେଟି
ପରିଷ୍ୱଙ୍ଗ ରଙ୍ଗେ ମଜ୍ଜି ପୁର ଆଡ଼େ ଉଭୟେ ତାଳଡାଳ ଦୃଷ୍ଟି ।୬
ଗୋପାଳକୃଷ୍ଣ କହେ ଶ୍ରୀ ରାଧାକୃଷ୍ଣ ପ୍ରେମରସ ସୁଧାବ୍ଧିର
ଶୀକର ଯାର ସ୍ୱ ରଚନା ରସିକ ସେ ଜାଣିବ ଏ ମଧୁର ।୭

—*—

## ରାଗ ବେହାଗଡ଼ା—ତାଳ ତ୍ରିପୁଟା

( ଦେଖିଲେ ଦେଖିଲାପରି—ବୃତ୍ତେ )

ଶ୍ରୀରାଧା ଗୋବିନ୍ଦ ବୋଲି ବ୍ରଜକୁ ଚାଲଯା ମନ !
ଅଳିକ ସୁଖରେ କେଣେ ବ୍ୟର୍ଥେ ହେଉଛୁ ଉଛନ୍ନ ।ପଦ

ଚିଦାନନ୍ଦ ସୁଖଦାୟୀ ସେ କାରୁଣ୍ୟାମୃତମୟୀ
ସେ ପଦାବ୍ଜ ଭଜନ ବଂଶ ଚିନ୍ତ ଭୁଲେ ହୋ ବଳ୍ପନ ।୧

ଯେବେ ସେବାଧନେ ବାଞ୍ଛା ଶ୍ରୀ ଗୁରୁଙ୍କୁ କର ପୂଜା
ବତାଇ ଦେବେ ଯାବନ୍ତ ପରିଚର୍ଯ୍ୟାର ବିଧାନ ।୨

ସ୍ୱ ସଖୀରୂପା ସେ ତୋର ଦେବେ କୃପା ଅଳଙ୍କାର
ଶ୍ରୀ ରୂପଢକ ଆଶ୍ରିତେ ଜୀବନ ମଣିବୁ ଧନ୍ୟ ।୩

ସ୍ୱାମିନୀ କୁଣ୍ଡ ତଟରେ ବାସ କରି ରହସ୍ଥିରେ
ଶ୍ରୀ ରାସେଶ୍ୱରୀ କଙ୍କରୀ ପଦେ ଯାଚିବେ ଶରଣ ।୪

ଗୋପାଳକୃଷ୍ଣ କହଇ ଦୟା ଅକାରଣ ହୋଇ
ଛୁଡ଼ିବେ ମାୟାମମତା ପୁତ୍ର ପତ୍ନୀ ପରିଜନ ।୫।

—*—

## ରାଗ ଶଙ୍କ ଶ୍ଲୋକ

ଚିନ୍ତାମଣି ପ୍ରକର ସଦ୍ମସୁ କଳ୍ପବୃକ୍ଷ
ଲକ୍ଷାବୃତେଷୁ ସୁରଭିରଭି ପାଳୟନ୍ତଂ
ଲକ୍ଷ୍ମୀ ସହସ୍ର ଶତ ସଂଭ୍ରମ ସେବ୍ୟମାନଂ
ଗୋବିନ୍ଦମାଦି ପୁରୁଷଂ ତମହଂ ଭଜାମି ।

## ରାଗ ଶଙ୍କରା ଭରଣ—ତାଳ ଆଠତାଳି

ମନ ଭ୍ରମହେତୁ କେଣେ ?
ରହ ଯା ସ୍ୱାମିନୀ ସ୍ୱାମୀ ପଦାବ୍ଜ ସ୍ମରଣେ ।ପଦ
ଚିନ୍ତାମଣି ନିର୍ମିତ ନିଳୟବ୍ରାତ ସହି
ଲକ୍ଷ ଲକ୍ଷ କଳ୍ପବୃକ୍ଷେ ଯେ ସ୍ଥାନ ଶୋଭଇ ।୧
ସେ ଅସାଧାରଣ ଗୋକୁଳ ନାମେ ପୀଠ ସ୍ଥଳେ
ଯେ କାମଧେନୁ ବୃନ୍ଦକୁ ପାଳନ୍ତି କୁଶଳେ ।୨
ବ୍ରଜ ସୁନ୍ଦରୀ ରୂପିଣୀ ଲକ୍ଷ୍ମୀଗଣ ତୋଷେ
ଯାହାଙ୍କ ସେବା ଖଟନ୍ତି ଯଥା ଅବକାଶେ ।୩
ସେହି ଆଦି ପୁରୁଷ ଶ୍ରୀ ଗୋବିନ୍ଦ ଭଜନେ
ବଞ୍ଚିତ ନୋହୁ ଗୋପାଳକୃଷ୍ଣ ନିତ୍ୟଧନେ ।୪

—*—

## ରାଗ ଖରହର ପ୍ରିୟା—ତାଳ ପହପଟ

ଭବ ଭୋଗ ରୋଗ ଜାଣି ତୁ ମାନସ ! ଏ ଜଞ୍ଜାଳୁ ଖସି ଯାରେ
ଶ୍ରୀରାଧା ଗୋବିନ୍ଦ ପଦ ଅରବିନ୍ଦ ମକରନ୍ଦ ଚୁମ୍ବୁଥାରେ । ଘୋଷା
ତୋ ସିଦ୍ଧ ପ୍ରଣାଳୀ ଦେହନାମ କାଳ ତନ୍ତ୍ର ଶ୍ରୀଗୁରୁ କୃପାରେ
ଆନନ୍ଦ ଚେତକ ପୂର୍ତ୍ତିକର ଅଷ୍ଟ ଯୁଗଳୁ ବକ୍ଷ ଚିନ୍ତାରେ । ୧
ଗୋବର୍ଦ୍ଧନ ଗିରି ପ୍ରଦକ୍ଷିଣ କରି ମଜ୍ଜ ମାନସୀ ଗଙ୍ଗାରେ
ବ୍ରହ୍ମ ରୁଦ୍ର ଇନ୍ଦ୍ର, ଗୋବିନ୍ଦ କୁଣ୍ଡରେ ଅବଗାହି ମୋଦ ପାରେ । ୨
ଦର୍ଶନେ ଶ୍ରୀ ଲୀଳେ ଶ୍ରୀକୁଣ୍ଡ ସଳିଳେ ମଜ୍ଜି ପାତକ ହରାରେ
ସୂର୍ଯ୍ୟକୁଣ୍ଡମାରେ ବୁଡ଼ ପ୍ରେମସରେ ରାଧେ ଶ୍ୟାମ ମୁଖେ ଗାରେ । ୩

ସଂକେତ ବର୍ଷାଣ ଦଧି ନନ୍ଦଗ୍ରାମ ଯାବଟ ମୁଖରା ଗାଁରେ
ଭ୍ରବେ ଝୁଲି ଝୁଲି ନଚାଇ ମଣ୍ଡଳ ଆଭୀରଙ୍କ ଦ୍ୱାରେ ଦ୍ୱାରେ
ଘେନ କଣ୍ଠେ ଢୋଲ ପ୍ରସାର ଅଞ୍ଚଳ ମଧୁକରୀ ମାଗି ପାରେ । ୫
ହା ସ୍ୱାମିନି ରାଧେ । ତାର ସାନନ୍ଦେ ଗଡ଼ ଯମୁନା କିନାରେ
ଉଚ୍ଚେ କାନ୍ଦୁ ଟୋଳି ରାସସ୍ଥଳୀ ଧୂଳି ବୋଳି ହାତୋନ୍ନଜଗାରେ ।୬
ବ୍ରଜବନ ବାସୀ ସାଧୁଙ୍କ ପଦପଙ୍କରେ ଅପୂର ଶିର ଲଗାରେ
ସଙ୍କଳ୍ପ ପୂର୍ଣ୍ଣେ ଗୋପାଳକୃଷ୍ଣ ଭଣେ ଶ୍ରୀରାଧା କାନ୍ତ ଆଗାରେ । ୭

—*—

## ରାଗ କଲ୍ୟାଣୀ—ତାଳ ରୂପକ

( ନ ତେଜବ ମୁରଲୀ ଧରା ବୃନ୍ଦେ )

ଭ୍ରମି ନୂଆ ବସନ୍ତ ବଣେ
ରହ ରାଗମାର୍ଗ ଅନୁସରଣେ । ଘୋଷା

ମନ ଭୂତ ମତ୍ତ ବାରଣ    ହୋଇ ଯିବୁଟି ଆକାରଣ
ଶ୍ରୀଗୁରୁ ଚରଣ ପଙ୍କଜେ ଶରଣ
ନେଇଣ ଥା ଭକ୍ତ୍ୟଙ୍ଗ ଯାଜନ ପଣେ । ୧

ସାଧୁ ସଂଗେ ହରି କଥନ    ପ୍ରସଙ୍ଗକୁ କର ଯଜନ
ଆଚରୁଁ ଏ ସ୍ତୁତି ଅନର୍ଥ ନିବୃତ୍ତି
ହୋଇଯିବ ଶଙ୍କା ପାଇ ଆପଣେ । ୨

ପ୍ରବର୍ତ୍ତକ ଅବସ୍ଥା ଅନ୍ତେ    ସାଧକ ଭୂ'ହେବୁ ନିଶ୍ଚିନ୍ତେ
ତଦନ୍ତରେ ସିଦ୍ଧ ତନୁଟି ବନ୍ଧିବୁ
ସ୍ୱାଭୀଷ୍ଟ ଲାଲସା ପରି ପୂରଣେ । ୩

ରାସେଶ୍ୱରୀ କରୁଣା ଦୃଷ୍ଟି    ତୋ ଉପରେ କରିବେ ବୃଷ୍ଟି
କହଇ ଗୋପାଳକୃଷ୍ଣ ଗଣ୍ୟ ହେବୁ
ସଖୀ ମଞ୍ଜରୀଙ୍କ ମଧ୍ୟରେ ଜଣେ । ୪



—ଶ୍ଳୋକ—

ନ ଧର୍ମଂ ନା ଧର୍ମଂ ଶ୍ରୁତି ଗଣ ନିରୁକ୍ତଂ କିଲକୁରୁ
ବ୍ରଜେ ରାଧାକୃଷ୍ଣ ପ୍ରଚୁର ପରିଚର୍ଯ୍ୟାମିହ ତନୁ
ଶଚୀସୂନୁଂ ନନ୍ଦୀଶ୍ୱର ପତି ସୁତତ୍ୱେ ଗୁରୁବରଂ
ମୁକୁନ୍ଦ ପ୍ରେଷ୍ଠତ୍ୱେ ସ୍ମର ପରମଜସ୍ରଂ ନନୁମନଃ

## ରାଗ,ଶଙ୍କରାଭରଣ—ତାଳ ଆଠତାଳୀ

ମନ ହେଳ ମୋର ବାଣୀ
ଶ୍ରୀଦାସ ଗୋସ୍ୱାମୀ ଯାଦାଛନ୍ତି ପରିମାଣି । ପଦ
ବେଦ ବିଧି ନିଷେଧରେ କିସ ପ୍ରୟୋଜନ ?
ଚତୁର୍ବର୍ଗ ଲଭ ଆଶା କର ବରଜନ । ୧
ସାଧକ ଦେହରେ ସିଦ୍ଧ ଦେହ ଅନୁସର
ସ୍ୱୀୟ ବ୍ରଜବାସ ଭାବନାରେ ନିରନ୍ତର । ୨
ଶ୍ରୀରାଧା ଗୋବିନ୍ଦଙ୍କର ପ୍ରଚୁର ସେବନେ
ଶଚୀସୁତ ଶ୍ରୀ ଗୌରାଙ୍ଗେ ନନ୍ଦସୁତ ଜ୍ଞାନେ । ୩
ଶ୍ରୀ ଗୁରୁ ଦେବଙ୍କୁ କୃଷ୍ଣ ଅବଘର୍ଣ୍ଣ ଜାଣି
ସ୍ମରଣ କରୁଥା ନାମ ବଦନେ ବଖାଣି । ୪ ।
ଦେହ ଯହିଁ ତହିଁ ଥାଉ ବ୍ରଜେ ଥାଅ ମନ
ନିଷ୍ଠାରେ ଗୋପାଳକୃଷ୍ଣ ନୋହୁଛି ଉଛନ୍ନ । ୫ ।

—:✻:—

## ରାଗ, ବଙ୍ଗଳାଶ୍ରୀ—ତାଳ, ସରିମାନ

ଭଜୁଥାରେ ମନ ଶ୍ରୀରାଧା ରମଣ
ଶରଣ ରକ୍ଷଣ ହରିଙ୍କି,
ଯେବେ ଭବାର୍ଣ୍ଣବୁ ଉଦ୍ଧାର ହୋଇବୁ
ଧର ଶ୍ରୀପଦାବ୍ଜ ତରୀକ । ପଦ ।
ଜନ୍ମି ମଧୁପୁରେ କଂସ ବନ୍ଦୀଘରେ
କରୁଣା କଲେ ଆତ୍ମଜଙ୍କି,
ଶ୍ରୀବ୍ରଜ ମଣ୍ଡଳେ ନାନାରୂପ ହେଲେ
ଲୀଳା ଛଳେ ମାୟା କରିକ । ୧ ।
ବତ୍ସ ବକା ଶଣ୍ଢା ଶକଟା ଦୁର୍ଦ୍ଦଣ୍ଡା
ବତ୍ସା ଆଘା ଆଦି କରିଙ୍କି
ପ୍ରାଣେ ବିନାଶିଲେ କାଳିଙ୍କ ଦଳିଲେ
ଟେକିଲେ ମନ୍ଦର ଗିରିକ । ୨ ।
ଘୋର ଦାବାନଳ କଲେ ଯେ କବଳ
ଧାତା ଗର୍ବ ହେଲେ ଚୂରିକ
ବ୍ରଜଶିଶୁ ସଂଗେ ଖେଳି ନାନାରଙ୍ଗେ
ମୋହିଲେ ଗୋକୁଳ ନାରୀଙ୍କି । ୩ ।
ଏରୂପରି କେତେ କଉତୁକ ଲୀଳା
କେ ପାରିବ ଅନ୍ତ କରିକ ?
ଶ୍ରୀ ବୀର ପ୍ରତାପ- ରୁଦ୍ର ଦେବ * ଭୂପ
ବଂଦେ ସେ କରୁଣ ହାସ୍ୟଙ୍କି । ୪ ।

---

* ପ୍ରତାପରୁଦ୍ର ଦେବ-ପାରଳା ଖେମୁଣ୍ଡୀର ମହାରାଜା ଗୋପାଳ-କୃଷ୍ଣଙ୍କ କବିତ୍ୱରେ ମୁଗ୍ଧ ହୋଇ ତାଙ୍କୁ କବି 'କଳହଂସ', ଓ ବସନ୍ତ କୋକିଳ, ଉପାଧି ଦେଇଥିଲେ । ସଂକଳକ

## ଶ୍ଳୋକ

ବେଣୁଂ କ୍ୱଣନ୍ତ ମରବିନ୍ଦ ଦଳାୟତାକ୍ଷଂ
ବର୍ହାବତଂସ ମସିତାମ୍ବୁଦ ସୁନ୍ଦରାଙ୍ଗଂ
କନ୍ଦର୍ପ କୋଟି କମନୀୟ ବିଶେଷ ଶୋଭଂ
ଗୋବିନ୍ଦମାଦି ପୁରୁଷଂ ତମହଂ ଭଜାମି ।

## ଆଷାଢ଼ଶୁକ୍ଳ—ତାଳ ଝୁଲା

ଭଜ ଭୁରେ ମନ !
ବ୍ରଜ ବଧୂ ଶ୍ରୀ ଗୋପେନ୍ଦ୍ର ନନ୍ଦନ । ଘୋଷା ।

ଯା ମଧୁର ବଂଶୀଧ୍ୱନି ଶ୍ରବଣେ
ବିମୋହିତା ବ୍ରଜ ଲଳନା ଗଣେ
ଯାହାଙ୍କ ନୟନ ଯୁଗ ଶୋଭିତ
କମଳ ପଲାଶ ପରି ବିସ୍ତୃତ । ୧ ।

ମସ୍ତକେ କଳାପୀ ଚନ୍ଦ୍ରିକା ଚୂଡ଼ା
ବେଷ୍ଟିତ ସେବନ୍ତି ମଲ୍ଲୀ ପାଖୁଡ଼ା
ଅନୁପମ ବେଣୀ ଚରଣେ ଦୋଳେ
ସାଧ୍ୱୀବ୍ରତ ହତ ବିଲୋକି ଡୋଳେ । ୨ ।

କସ୍ତୁରି ନୀରଦ ଦଳିତାଞ୍ଜନ
ନୀଳେନ୍ଦୀବର ଅତସୀ ସୁମନ
ଇନ୍ଦ୍ରନୀଳ ମଣି ମର୍କତ ପନ୍ତି
ତା ତହୁଁ ଅଧିକ ଶ୍ରୀଅଙ୍ଗ କାନ୍ତି । ୩ ।

କୋଟି କୋଟି କନ୍ଦର୍ପ ଏକାବେଳେ
ଶରଣାଗତ ଯା ପଦ କମଳେ
ସେହି ଶ୍ରୀ ଗୋବିନ୍ଦ ଆଦି ପୁରୁଷ
ଗୋପାଳ କୃଷ୍ଣଙ୍କ ସେବ୍ୟ ସର୍ବସ୍ୱ । ୪ ।

—*—

## —ଶ୍ଲୋକ—

ଅରେ ଚେତଃ ! ପ୍ରୋଦ୍ୟତ୍ କପଟ କୁଟିନାଟୀ ଭର ଖର
କ୍ଷରନ୍ମୂତ୍ରେ ସ୍ନାତ୍ୱା ଦହସି କଥମାତ୍ମାନମପି ମାଂ
ସଦା ତ୍ୱଂ ଗାନ୍ଧର୍ବା ଗିରିଧର ପଦ ପ୍ରେମ ବିଲସତ୍
ସୁଧାମ୍ଭୋଧୌ ସ୍ନାତ୍ୱା ସ୍ୱମପି ନିତରାଂ ମାଞ୍ଚ ସୁଖୟ ।

## ରାଗ ମଙ୍ଗଳ ବରାଡ଼ି—ତାଳ ତ୍ରିପୁଟା

ଆରେ ମନ ! କେଣେ ଭୁଲି ହେଉ ଅବୁଝାଣ
ଶ୍ରୀ କୁଣ୍ଡବାସୀଙ୍କ ଉପଦେଶ ଶିରେ ଘେନ । ୧ ।
ଅନ୍ୟବସ୍ତୁ କପଟତା କୁଟିନାଟି ପୂର୍ଣ୍ଣେ
ଆସକ୍ତି ଗର୍ଦ୍ଦଭ ମୂତ୍ରେ ସ୍ନାନ ଆଚରଣେ । ୨ ।
ମୋତେ ତୋ ସଙ୍ଗତେ ପକାଉଛୁ ଦଗ୍ଧକରି
ଏକି ବଡ଼ମନ ରୀତି ଦେଖୁଛୁ ତୋହରି । ୩ ।
ସର୍ବଦା ଶ୍ରୀରାଧା କୃଷ୍ଣ ପଦାବ୍ଜ ଯୁଗଳେ
ପ୍ରେମଭକ୍ତି ଅନୁଷ୍ଠାନ କରି ସୁବିମଳେ । ୪ ।
ଅମୃତ ସାଗରେ ସ୍ନାନ କରାଇ ଯତ୍ନରେ
ନିଜେ ସୁଖ ଲଭି ସୁଖୀ କରାଅ ତୁ ମୋରେ । ୫ ।
ପରିହର ବିଷମୟ ବିଷୟ ଲାଳସା
ନ ଭୋଗୁ ଗୋପାଳକୃଷ୍ଣ ସଂସାର ଦୁର୍ଦ୍ଦଶା । ୬ ।

—*—

## ବିବେକର ମନପ୍ରତି ପ୍ରବୋଧ ବାଣୀ

ରାଗ ଜୌନପୁର ତୋଡ଼ି—ତାଳ ଝୁଲା

ମନ ! ତୋତେ ବୁଝାଇ କହୁଛିରେ ଘେନ ସାର ଉପଦେଶ
ମିଛ ମାୟାଜାଲେ ଆବଦ୍ଧ ହୋଇ ତୁ କାହିଁ ପାଇଁ ପାଉ କ୍ଳେଶ
ଅନ୍ୟାନ୍ୟ ଅଭିସ୍ପୃହା ସଂସାର ଆସକ୍ତି ପରିତ୍ୟାଗ କରିଥକା
ଶ୍ରୀ ରାଧା ଗୋବିନ୍ଦ ଚରଣ ସ୍ମରଣେ ଶ୍ରୀବ୍ରଜେ ନିପୁନ ଥିକା । ୧ ।

ସର୍ବ ଦୁର୍ବାସନା ହୋଇଯିବ ଚୂନା ଭଜନେ ଥିଲେ ନିରତ
ଯୁଗଳ ପଦାବ୍ଜେ ଏକାନ୍ତ ଭାବେ ତୁ ହୋଇ ଯା ଶରଣାଗତ । ୨ ।
ହା ପ୍ରଭୁ ହା ନାଥ ହା କୃଷ୍ଣ ଉଚ୍ଚାର ଉତ୍କଣ୍ଠାରେ ତାଙ୍କୁ ଡାକ
ସକଳ ମମତା ସର୍ବ ମଳିନତା ଅହନ୍ତା ଦୂରେ ଉପେକ୍ଷ । ୩ ।
ବିଷୟ କୂପରେ ପଡ଼ି ଅନ୍ଧ ମୁଗ୍ଧ ଥାଉଁ ତୋ ଦିବ୍ୟ ନୟନ
ଶିକ୍ଷାଦାତା ଗୁରୁ ଦେଇଛନ୍ତି ପରା ମହୌଷଧି ଜ୍ଞାନାଞ୍ଜନ । ୪ ।
ତେବେ କାହିଁକି ତୁ ନ କରୁଛୁ ହେତୁ ଭ୍ରମହୋଇ ମାୟାବଶେ
ଉଠ ଅକାତରେ ଦୁଃଚିନ୍ତା ସ୍ରୋତରେ ଭାସି ନଯା ଅକାରଣେ । ୫ ।
ଦୁସ୍ତର ସଂସାର ସାଗର ତର ତୋନାମ ଭାବ ଆଶ୍ରାକର
କହଇ ଗୋପାଳକୃଷ୍ଣ ଘୋର ଲୋଭ ମୁଁ ଦାସ ତୋ ପଣ୍ଡହର । ୬ ।

## ସିଦ୍ଧାନ୍ତ ଲାଳସା

ରାଗ—ପୁନ୍ନାଗ । ତାଳ-ଆଠତାଳି

'ଜୟ ରାଧେ କୃଷ୍ଣ' ବୋଲ ପଳ୍ୟମନ । ବ୍ରଜବନେ
ପାଇବୁ ଅପୂର୍ବ ସୁଖ କଳପ କନ୍ୟା ପୁଲକେ । ପଦ ।
ନିଭୃତ ନିକୁଞ୍ଜ ଗେହେ ତୋ ସ୍ୱାମୀ ସ୍ୱାମିନୀଙ୍କେ
ବେଷ୍ଟିତ ଆଳୀ ସମାଜେ ମିଳିଯା ହର୍ଷ ବଦନେ । ୧ ।
ଦ୍ୱି ଚତୁର ଯାମ ଯାକ ଲୀଳା ବିଳାସ ସେବିତ
ପ୍ରିତ ଅବସରେ ସେବା ନିର୍ବାହ କର ଯତନେ । ୨ ।
ତୋ ଅପୂର୍ବ ଅବୟବ ଦେଇଛନ୍ତି ଗୁରୁଦେବ
ଜପମନ୍ତ୍ର ଶୋଧି ଶୋଧି ରହି ଯା ସୁଆତ୍ମାଧ୍ୟାନେ । ୩ ।
ସଖୀଙ୍କ ସଙ୍ଗିନୀ ରୂପେ ପ୍ରେଷ୍ଠାଳୀଙ୍କର ସମୀପେ
ଥିବୁ ସେବାରେ ଅନୁକ୍ଷଣେ ଗୁରୁରୂପାଙ୍କ ପ୍ରସନ୍ନେ । ୪ ।
ତପସ୍ୟ କୃପାଳଂକାର ମଣ୍ଡି ହୋଇ ସ୍ୱଶରୀର
ସ୍ୱେଶ୍ୱରୀଙ୍କର କିଙ୍କରୀ ଯୋଗ୍ୟ ହୁଅ ଅନୁଧ୍ୟାନେ । ୫ ।
ହୋଇ ପରମ ସନ୍ତୁଷ୍ଟ କହଇ ଗୋପାଳକୃଷ୍ଣ
ଉଦ୍ଧତ୍ତି ସୌଭାଗ୍ୟ ଭବ ବାହାର ହୁଅ ସଘନେ । ୬ ।

## ରାଗ ଜୌନପୁରୀ ତୋଡ଼ି । ତାଳ, ଝୁଲା

ଏକ ଚୋର ବୁଝାମଣାରେ ମାନସ
ଜାଣି ଜାଣି ଯାହା      ଗରଳ ଗିଳୁଛୁ
ଛାଡ଼ ସୁଆ ସର ପଣାରେ ମାନସ ।ଘୋଷା
କାମ କ୍ରୋଧାଦିଂକ      ପାଲେ ହୋଇ ରଂକ
ହେଉଛୁ ଯା ବତ ବଣା
ପଡ଼ିଯିବୁ ଝୁଣ୍ଟି      ନପକାଉ ଦୃଷ୍ଟି
ଆଗରେ ରହିଛୁ ଖଣାରେ ମାନସ ।୧।
ପଥ ପ୍ରଦର୍ଶକ      ଯେ ସିଦ୍ଧ ସାଧକ
ତାହାଙ୍କୁ ନକଲୁ ଜଣା
ମହାଶତ୍ରୁ ଚୋର      ଛଅଙ୍କୁ ନବାର
ସେଟି ବଚମ ମାରଣାରେ ମାନସ ।୨।
ଛନ୍ତି ବ୍ରଜବାସୀ      ବୈଷ୍ଣବେ ଉଦାସୀ
ଆଦରି ଗୋପପାଟଣା
ନତ ମସ୍ତକରେ      ସେ ସାଧୁ ନିକରେ
ବିନୟ ବଚନେ ମଣାରେ ମାନସ ।୩।
ତୋ ପ୍ରତି କରୁଣା      ନ କରିବେ ଊଣା
ବତାଇ ଦେବେ ଠିକଣା
କହଇ ଗୋପାଳ      କୃଷ୍ଣ ପ୍ରତିପାଳ
ମୋ କଥା କର କଲଣାରେ ମାନସ ! ୪ ।

ଭକ୍ତକବି ଗୋପାଳକୃଷ୍ଣଙ୍କର ବହୁ ଅପ୍ରକାଶିତ କବିତା ସ୍ଥାନାଭାବ ହେତୁ ପ୍ରଥମ ଭାଗରେ ପ୍ରକାଶ ପାଇ ପାରିଲା ନାହିଁ ।

ସହୃଦୟ ପାଠକମାନେ ଗୋପାଳକୃଷ୍ଣ ଗ୍ରନ୍ଥାବଳୀର ଦ୍ୱିତୀୟ ଭାଗ କ୍ରୟ କଲେ ଅବଶିଷ୍ଟ କବିତାମାନ ପାଇ ପାରିବେ ।

ସଂକଳକ

## —ଶୁଦ୍ଧି ପତ୍ର—

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧ | ୧୦ | ଜଯୋଗ | ଜଯୋକ |
| ୨ | ୧ | କୃଷ୍ଣଙ୍କୁ | ବୃଷଙ୍କୁ |
| ୨ | ୧୯ | ଶ୍ରୀମୂ ର୍ତ୍ତି | ଶ୍ରୀମୂର୍ତ୍ତି |
| ୩ | ୩ | ପ୍ରାଣଶଂକର | ପ୍ରାଣେଶଙ୍କର |
| ୩ | ୧୨ | ଡ଼ାଲ | ଡାଳ |
| ୩ | ୧୯ | ସେଯେ | ଶେଯେ |
| ୩ | ୨୧ | କ୍ରି ଡ଼ାନ୍ତରେ | କ୍ରୀଡ଼ାନ୍ତରେଁ |
| ୩ | ୨୨ | ସେଯୁ | ଶେଯୁ |
| ୩ | ୨୮ | କୃଷ୍ଣର | କୃଷ୍ଣନ |
| ୪ | ୭ | ଦୃନ୍ଦାବନେ | ବୃନ୍ଦାବନେ |
| ୪ | ୧୩ | ଡ଼ାକ | ଡାକ |
| ୭ | ୨ | ଭୁଯେ | ଭୁଜେ |
| ୭ | ୮ | ଶ୍ରୀହସ୍ତେ | ଶ୍ରୀହସ୍ତେ |
| ୭ | ୧୪ | ମନ୍ତ୍ରିପିକେ | ମଞ୍ଜୁପ୍ରିକେ |
| ୭ | ୧୧ | ଭାତ | ହାତ |
| ୭ | ୧୨ | ଗୁଡ | ଗୁଡ଼ |
| ୭ | ୧୭ | କାଂହି | କାହିଁ |
| ୭ | ୫ | ଖିଖିଯିବୁ | ଶୁଖିଯିବୁ |
| ୭ | ୧୯ | ଗୁହକୃତ୍ୟ | ଗୃହକୃତ୍ୟ |
| ୭ | ୨୧ | ଚ ମ୍ବକ | ଚୁମ୍ବକ |
| ୭ | ୨୨ | ଚନ୍ଦ୍ରାଣି | ଚନ୍ଦ୍ରେ |
| ୮ | ୮ | ସନ୍ଧୁ | ସସ୍ତୁ |
| ୮ | ୧୩ | ଅର୍ଥ | ଅର୍ଦ୍ଧ |
| ୮ | ୧୩ | କୀଯାମା | କି ଯାମା |
| ୮ | ୨୩ | ପରିଜସ୍ଥ | ପରିଜସ୍ତ |
| ୯ | ୨ | ରାସେଶ୍ୱର | ରାସେଶ୍ୱରୀ |
| ୯ | ୪ | ବ୍ରଜବଧୂ | ବ୍ରଜବଧୂ |
| ୯ | ୭ | କଳଂକ | କଳଙ୍କ |
| ୯ | ୮ | ବରଣାଳୟେ | ବରୁଣାଳୟେ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୯ | ୧୯ | କେତେ | କେତେ |
| ୯ | ୨୪ | ସ୍ୱର୍ଙ୍କି କଣ୍ଣ | ସ୍ୱର୍ଣ୍ଣକଙ୍କଣ |
| ୯ | ୨୬ | କାଲକୁଟ | କାଳକୂଟ |
| ୯ | ୨୭ | ଦେହୁ | ଦେହୁ |
| ୧୦ | ୧ | ପିୟୂଷ | ପୀୟୂଷ |
| ୧୦ | ୨ | ଭୃଣୀଧର | ଭୃଣଧର |
| ୧୦ | ୪ | ହୋଇଯିବା | ହୋଇଯିବ |
| ୧୦ | ୨୧ | ଗୁଞ୍ଜନରେ | ଗୁଞ୍ଜନରେ |
| ୧୦ | ୨୭ | ସଞ୍ଚିଠ | ସଞ୍ଚିତ |
| ୧୧ | ୩ | ଢମସୀରେ | ତମସୀରେ |
| ୧୧ | ୪ | ଚରମରେ | କରରେ |
| ୧୨ | ୭ | ବୁଲବୁଲ | ବୁଲବୁଲ |
| ୧୨ | ୧୧ | ସ୍ୱ | ସ୍ୱ |
| ୧୩ | ୯ | ଲକ୍ଷୀ | ଲକ୍ଷ୍ମୀ |
| ୧୩ | ୧୩ | ଗୁରୁଜନ | ଗୁରୁଜନ |
| ୧୩ | ୧୭ | କେନ୍ଦ୍ର | କେନ୍ଦ୍ର |
| ୧୪ | ୨୧ | ରଜବାସେ | ରଦବାସେ |
| ୧୫ | ୪ | କଷିବାର | ଘଷିବାର |
| ୧୫ | ୫ | ପୀୟୁଷ | ପୀୟୂଷ |
| ୧୫ | ୧୧ | ଯଦୁନୁଲ | ଯଦୁକୁଳ |
| ୧୫ | ୧୭ | ମର୍ଗନ | ମର୍ଦ୍ଦନ |
| ୧୫ | ୧୯ | ବୃତାନନ | ବୃତ୍ରାନନ |
| ୨୧ | ୨୮ | ଘୃଷଣ | ଘଷଣ |
| ୨୨ | ୩ | ସିଂଦୂର | ସିନ୍ଦୂର |
| ୨୨ | ୪ | ନିକୁଜ | ନିକୁଂଜ |
| ୨୩ | ୨୭ | ସେମାତେଙ୍କ | ହେବାର୍ତେଙ୍କ |
| ୨୫ | ୧୭ | ନାଦନାମଦସ୍ଥା | ନାଦନାମନ୍ଦିସ୍ଥା |
| ୨୯ | ୨୫ | କାଲାଞ୍ଜଳି | ଜଳାଞ୍ଜଳି |
| ୨୯ | ୨୭ | ସଙ୍ଘାଳି | ସ୍ୱଘାଳି |
| ୩୩ | ୩ | ସୁଧୁ | ସୁଧୁ |
| ୩୩ | ୩ | ଅଲକୃତ | ଅଲଂକୃତ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୩୩ | ୧୫ | ପାଶୋର | ପାସୋର |
| ୩୩ | ୨୨ | ବଂଶି | ବଂଶୀ |
| ୪୦ | ୧୬ | ରଘ | ରଷ |
| ୪୦ | ୨୪ | ଲଲା | ଲ୍ଲା |
| ୪୦ | ୨୭ | ପାଷ ପାଷ | ପାସ ପାସ |
| ୪୧ | ୩ | ଅରବଂନ୍ଦ | ଅରବଂଦ |
| ୪୧ | ୬ | ମଦଂ | ମଂଦ |
| ୪୧ | ୮ | ଉଠାରୁ | ଓଠାରୁ |
| ୪୧ | ୧୧ | ପର୍ଶଙ୍କ, ବୁପୋଧଗ | ପର୍ଶଙ୍କ, ବୁପୋଢଗ |
| ୪୧ | ୧୩ | ବୋଲୁଛୁ | ବୁଲୁଛୁ |
| ୪୧ | ୧୬ | ପ୍ରକୃତି | ପ୍ରକୃତ |
| ୪୧ | ୨୧ | ବନନ | ବନ ନ— |
| ୪୧ | ୨୩ | କାଲଧୂଲୀ | କାଲଧୂଳି |
| ୪୧ | ୨୪ | ଜରର | ଜରଜର |
| ୪୩ | ୧୦ | ଇଏ | ଏ |
| ୪୩ | ୧୨ | ବଳତା | ବଳ ତା |
| ୪୩ | ୧୮ | ସାର | ସାଅ |
| ୪୩ | ୨୫ | ଛୁର୍‌ପର | ଛୁର ପର |
| ୪୫ | ୧୩ | ଶ୍ରୀମନ୍ତ | ଶ୍ରୀମନ୍ତ |
| ୪୫ | ୧୫ | ସେ ସେ | ଶେଯେ |
| ୪୬ | ୧୯ | ଖ୍ରୀଷ୍ଟ | ଖ୍ରୀଷ୍ଟ |
| ୪୭ | ୨ | ଏପାଖିରେ | ଏ ପାଖରେ |
| ୪୭ | ୬ | ସ୍ପଟ | ସ୍ପଷ୍ଟ |
| ୪୭ | ୧୭ | ବଲୀ | ବଲ୍ଲୀ |
| ୪୭ | ୨୦ | ପାଥରେ | ପଥରେ |
| ୪୭ | ୨୧ | ବୁଢ଼ଗଲା ଆଜରେ | ବୁଢ଼ଗଲ୍ ଆଜରେ |
| ୪୮ | ୧୬ | ମିତଣି | ମିତଣୀ |
| ୪୯ | ୪ | ନତ | ନଡ |
| ୪୯ | ୧୦ | ସନକୁମାର | ସନତ କୁମାର |
| ୪୯ | ୧୪ | ବଟପିର | ଶ୍ଵଟପୀର |
| ୪୯ | ୧୫ | କଳ୍କକ | କଳ୍କଂକ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୪୯ | ୧୭ | ଭୁଜେନ୍ଦ୍ର | ଭୁଜେନ୍ଦ୍ର |
| ୪୯ | ୧୯ | ଅଦ୍ଧନଶା | ଅଦ୍ଧନିଶା |
| ୫୦ | ୧ | ଗ୍ରାମ | ସାଗ |
| ୫୦ | ୧୦ | ସ୍ୱଧିରେ | ସ୍ୱଧୀରେ |
| ୫୦ | ୨୭ | ନୁହେଁରେ | ନୁହଁରେ |
| ୫୧ | ୧ | ଟେକ | ଟେକ |
| ୫୧ | ୩ | ସରଣି | ସରଣୀ |
| ୫୧ | ୭ | ଗିର | ଗୀର |
| ୫୧ | ୯ | ଶର୍ମି | ସ୍ୱର୍ମା |
| ୫୧ | ୧୯ | ନ ଭଣ୍ଡ | ନ ବନ୍ଧୁ |
| ୫୧ | ୨୦ | ଅଦ୍ଭୁତ | ଅଦ୍ଭୁତ |
| ୫୧ | ୨୦ | ସେ ସେ | ଶେସେ |
| ୫୨ | ୨ | ଶ୍ରୀ ମୂର୍ତ୍ତି | ଶ୍ରୀମୂର୍ତ୍ତି |
| ୫୨ | ୨୭ | ଗମ୍ଭୀର୍ଯ୍ୟେ | ଗାମ୍ଭୀର୍ଯ୍ୟ |
| ୫୩ | ୫ | ଧ୍ୱଶିଜ | ଧ୍ୱଂସଜ |
| ୫୩ | ୭ | ବଂଶଓ | ବଂଶଡ |
| ୫୩ | ୮ | ଭଦନ୍ତ | ଭଦନ୍ତ |
| ୫୩ | ୯ | କବଦ | କବ |
| ୫୩ | ୧୫ | ନାନ | ନାମ |
| ୫୪ | ୨ | ସ୍ୱଜନୀ | ଜନନୀ |
| ୫୪ | ୧୭ | ଚନ୍ଦ୍ରକ | ଚନ୍ଦ୍ରକ |
| ୫୫ | ୧ | ଧନ୍ୟାଶ୍ରି | ଧନାଶ୍ରୀ |
| ୫୫ | ୭ | ଦଷା | ଦଶା |
| ୫୫ | ୯ | ସ୍ୱରୁଣ | ସ୍ୱରୂପ |
| ୫୬ | .. | କଳିଙ୍ଗ | କଳିଙ୍ଗ |
| ୫୭ | ୫ | ଢ଼ଳ | ଢଳ |
| ୫୭ | ୮ | ଗଲେରେ | ଅଙ୍ଗରେ |
| ୫୭ | ୧୫ | ବାଣୀଦ୍ୱେଲ | ବଣା ଦ୍ୱେଲ |
| ୫୭ | ୧୫ | ବକ୍ଷରେ | ବାଣୀରେ |
| ୫୭ | ୧୬ | ମୋ | ସେ |
| ୫୭ | ୧୮ | କହିବା | କହିଲା |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୬୮ | ୩ | ବନକାଶି | ବନକାଂକ୍ଷୀ |
| ୬୮ | ୧୬ | ପ୍ରବେଶେ | ପ୍ରଦେଶେ |
| ୭୦ | ୧ | ଅଞ୍ଜଳୀ | ଅଞ୍ଜଳି |
| ୭୦ | ୩ | ସାଢ଼ୀ | ଶାଢ଼ୀ |
| ୭୦ | ୧୦ | ନବାରୁ | ନବାରୁ |
| ୭୦ | ୧୨ | ସମ୍ମୁଖ | ସମ୍ମୁଖ |
| ୭୧ | ୧ | ଜାଣିଛୁ | ଦାଣ୍ଡିଛୁ |
| ୭୧ | ୧୬ | ଭଲେ | ଚଲେ |
| ୭୫ | ୭ | ମୁଁ | ମୋ |
| ୭୫ | ୮ | ସୁଖେ | ମୁଖେ |
| ୭୫ | ୧୧ | ଵନରେ | ବନରେ |
| ୭୭ | ୪ | ଅଲ | ଅଲି |
| ୭୭ | ୧୬ | ଯୁଃଧୈର୍ଯ୍ୟ, ଡ଼ାକ | ଯୁବା ଧୈର୍ଯ୍ୟ, ଭାବ |
| ୭୭ | ୯ | ଅକ୍ଷି ଖିର ବ°ଦର | ଅକ୍ଷି-ପକ୍ଷୀର ବନ୍ଧ |
| ୭୭ | ୨୧ | ପାଃସ୍ୱବର | ପାସ୍ୱବତ |
| ୭୭ | ୨୫ | କୁଂଜନ | କୁନ୍ଦନ |
| ୭୮ | ୧୦ | ଶେଭେ | ଶେଯେ |
| ୭୮ | ୨୧ | ଖାଇସାଇ | ଖାଇ ଯାଇ |
| ୭୯ | ୮ | ସେନାବେଢା | ସେ ନବୋଢ଼ା |
| ୭୯ | ୧୨ | ମୋକୁଳ | ଗୋକୁଳ |
| ୭୮ | ୨୧ | ସେଜରେ | ଶେଯରେ |
| ୮୦ | ୭ | ଚକ୍ଷଣ | ଚକ୍ଷଣ |
| ୮୧ | ୪ | ହରିଣାଶି | ହରିଣାକ୍ଷୀ |
| ୮୧ | ୫ | ଭଲ | ଛଳ |
| ୮୧ | ୧୩ | ସାରସାକ୍ଷି | ସାରସାକ୍ଷୀ |
| ୮୨ | ୯ | କୁହିଲ, ଛବ | ସୁହିଲ, ଛବ |
| ୮୨ | ୨୪ | କେତେଣେ | କେତେ ସେ |
| ୮୩ | ୨ | ସାକ୍ଷୀ | ସାକ୍ଷୀ |
| ୮୩ | ୩ | ବକ୍ରାବୁଜ | ବକ୍ତ୍ରାବୁଜ |
| ୮୩ | ୧୩ | ଲ ସ୍ୱାଙ୍ଗୀଂ | ଲବଙ୍ଗିଂ |
| ୮୩ | ୧୪ | କାଲାଭବସ୍ଥା | କାଲାଭବସ୍ଥା |
| ୮୩ | ୧୭ | ଦ୍ରୁଦ୍ଧ | ଦ୍ରବ୍ଧ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୮୪ | ୨୦ | ଖରଦ୍ୱର | ଖର ଦ୍ୱର |
| ୮୭ | ୬ | କୁନ୍ଦୀର ସୁଖ | କୁମ୍ଭୀର ମୁଖୁ |
| ୯୦ | ୫ | ଶ୍ରୁ,ଢ ତଦ | ଶ୍ରୁ,ଢ ଭଟ |
| ୯୧ | ୯ | ଶୁଦ୍ଧଚର୍ଥୀ | ଶୁଦ୍ଧ ଚତୁର୍ଥୀ |
| ୯୧ | ୧୯ | ଲୃଦ କବାଟ ଅର୍ଶନ | ହୃଦ କବାଟି ଅର୍ଗଲ |
| ୯୧ | ୨୮ | ଦନ | ବନ |
| ୯୨ | ୫ | ସୁନାଦ୍ୱାର | ସୁନାଗାର |
| ୯୯ | ୧୩ | ସାଶ | ସାସ୍ତ୍ର |
| ୧୦୦ | ୧ | ଆଣି ଆଣି | ଆଣି ପାଣି |
| ୧୦୧ | ୧୫ | ବଦ୍ୱୀପ | ନବଦ୍ୱୀପ |
| ୧୦୧ | ୧୬ | ଥିସକୁ | ରସକୁ |
| ୧୦୩ | ୯ | ଦୃନ୍ଦାବନ | ବୃନ୍ଦାବନ |
| ୧୦୪ | ୫ | ସୁ | ସେ |
| ୧୦୪ | ୨୦ | ବାସୀକ | ଦାସୀକ |
| ୨୦୫ | ୪ | ଥାଇ ରହୁ ରହୁ | ଯାଉ ଥାଇ ବହୁ |
| ୧୦୯ | ୨ | ଢ଼ାକବ | ଡାକବ |
| ୧୦୯ | ୬ | ସେକେ | ଶେଯେ |
| ୧୦୯ | ୬ | ରଞ୍ଜର | ରଂଜନ |
| ୧୦୯ | ୧୩ | ଜରଇ | କରାଇ |
| ୧୧୧ | ୧୨ | ଅଦ୍ଧର | ଆସ୍ଥିର |
| ୧୧୧ | ୧୮ | ସୁଆସ | ସୁଆଗ |
| ୧୧୧ | ୧୯ | ଗୋଛନା | ପୋଛନା |
| ୧୧୨ | ୪ | ଛିଂଖଣ୍ଡ | ଛିଖଣ୍ଡ |
| ୧୧୩ | ୧୮ | ଦୁଷ୍ଟ ନାଶ | ଦୁଷ୍ଟ କଲେ ନାଶ |
| ୧୧୪ | ୨ | ମଙ୍ଗ୍ମ | ମଙ୍ଗଳଂ |
| ୧୧୪ | ୩ | କୁଞ୍ଜୁ | କୁଞ୍ଜ |
| ୧୧୪ | ୯ | ସୁବାସିତତପମାଳ ସ୍ତବକ | ସୁବାସିତ ତମାଳ ସ୍ତବକ ନୀଳ |
| ୧୧୪ | ୧୦ | ପସ୍ଥୋଧି | ପସ୍ଥୋଦଧି |
| ୧୧୫ | ୨ | ବଦ୍ଧ୍ୟଭାନଢ | ବଦ୍ଧ୍ୟଭାଳଭ |
| ୧୧୫ | ୧୯ | ଯାଚନ୍ତୀ | ଯାଚନ୍ତଂ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧୧୭ | ୭ | ରରୁଢା | ରରୁଣ |
| ୧୧୭ | ୯ | ସତଂ | ସୁତଂ |
| ୧୨୦ | ୧୩ | ପ୍ରାପ୍ତବଦ୍ଧାଂଦ୍ଦବଦ୍ଧାଂ | ପ୍ରାପ୍ତବତ୍ୟାଂ ଦ୍ଦବତ୍ୟାଂ |
| ୧୨୧ | ୩ | କମ୍ର ମୁଖା ମ୍ବୁଜଂ | କମ୍ରମୁଖାମ୍ବୁଜଂ |
| ୧୨୧ | ୧୮ | ପାଦାମ୍ବୁଜେ | ପାଦାମ୍ବୁଜେ |
| ୧୨୨ | ୬ | ଗୋବନ୍ଦ | ଗୋବନ୍ଦ ପଯ୍ୟର |
| ୧୨୨ | ୮ | ଧର୍ତ୍ରୀଢା | ଧୂର୍ତ୍ତ୍ରୀଣ |
| ୧୨୪ | ୪ | ବେଲଙ୍କୁ | ତେଲଙ୍କୁ |
| ୧୨୪ | ୯ | ଶ୍ରିଗଣ୍ଡେ | ଶ୍ରୀଖଣ୍ଡେ |
| ୧୨୪ | ୧୨ | ସ୍ବରମ୍ମେତ | ସ୍ବରଣାମୃତ |
| ୧୨୪ | ୨୧ | ହେଷ୍ଟି | ହେଜ |
| ୧୨୫ | ୨୦ | ସେଯେ | ଶେଯେ |
| ୧୨୬ | ୨୧ | ଶୋଜୁ | ଯୋସୁ |
| ୧୨୭ | ୨୪ | ଧଉଉ | ଧଉ |
| ୧୩୧ | ୫ | ବଈ | ବକ୍ତ୍ରୁ |
| ୧୩୧ | ୧୪ | ଶେଜେ | ଶେଯେ |
| ୧୩୨ | ୮ | ବିରହୁଢା | ବ୍ୱାହୁତା |
| ୧୩୫ | ୯ | ରୁପ | ରୁପ |
| ୧୩୮ | ୧୪ | ଦନ | ଦନ ମୋଧନ |
| ୧୩୮ | ୧୪ | କେ | କ |
| ୧୩୮ | ୧୬ | ପରମାଦସୁ | ପରମାଦନ୍ତୁଁ |
| ୧୩୮ | ୧୭ | କର | କନ୍ତୁ |
| ୧୪୦ | ୭ | ଅଧୀସ୍ନାଧୀଣ | ଅଧୀଶାଧୀଶ |
| ୧୪୨ | ୮ | ସୁଖ | ମୁଖ |
| ୧୪୩ | ୧୪ | ହେଜଲ | ହଜଲ |
| ୧୪୪ | ୧ | ଯଦୁକୂଳ | ଯଦୁକୁଳ |
| ୧୪୫ | ୨୦ | କୋଢ଼ିଏ | କୋଟିଏ |
| ୧୪୫ | ୨୩ | ଦୁଃଖରେ | ମୁଖରେ |
| ୧୪୭ | ୧୪ | ଆଉ | ଥାଉ |
| ୧୪୯ | ୧୯ | ଗଂଜନ | ରଞ୍ଜନ |
| ୧୫୦ | ୮ | କଂଜବେ | କଞ୍ଜେ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧୫୦ | ୨୪ | ସେଜରେ | ଶେଯରେ |
| ୧୫୩ | ୧୪ | ଢେଢ଼ | କେଢ଼ |
| ୧୫୫ | ୧୪ | ରଷଣ | ରଯଣ |
| ୧୫୭ | ୩ | ଢ଼ଗରେ | ଡଗରେ |
| ୧୫୭ | ୨୫ | ତ୍ରପେନ୍ଦ୍ର | ତ୍ରକେନ୍ଦ୍ର |
| ୧୬୧ | ୧୮ | ଦୃଷଭାନୁ | ବୃଷଭାନୁ |
| ୧୬୨ | ୪ | ଭାବଗ୍ରବ | ଭାବଭବ |
| ୧୬୨ | ୧୦ | ଖୋସି ଖେଷି | ଖୋଷି ଖୋଷି |
| ୧୬୨ | ୨୫ | ଖୋପାଲ ଅଇଲେ | ଗୋପାଳ ଅଇଲେ |
| ୧୬୨ | ୨୭ | ବରଷରେ | ବୃରଷରେ |
| ୧୬୪ | ୩ | ଲପିତ | ଲିପ୍ତ |
| ୧୬୪ | ୯ | ସରମା | ସ୍ରମା |
| ୧୬୫ | ୨ | ଶୌର | ଶୌରୀ |
| ୧୬୫ | ୧୯ | ସେଜେ | ଶେଯେ |
| ୧୬୮ | ୭ | ମୃଣାଳବାନ୍ଧ | ମୃଣାଳ ବାନ୍ଧା |
| ୧୬୮ | ୯ | ଆଜନ୍ମ | ଆଜନ୍ମ |
| ୧୬୯ | ୪ | କଥାନ୍ତର | କଦାଚିତ |
| ୧୬୯ | ୨୪ | ଢେଙ୍କୁଲ | ଢେଙ୍କଲ |
| ୧୭୨ | ୧୭ | କନ୍ଧଲେ | କନ୍ଧଲେ |
| ୧୭୫ | ୧୦ | ଲୁଟକ୍ତିଜବନ | ଲୁଟକ୍ତିଜୀବନ |
| ୧୭୭ | ୧୨ | ରଙ୍ଗା | ରଙ୍ଗା |
| ୧୮୧ | ୧୩ | ଲଗ୍ନ | ଲାଗି |
| ୧୮୩ | ୭ | ଭେଟିଲ | ଭେଟିଲ |
| ୧୮୩ | ୧୯ | ସ୍ତ୍ରୁତି | ସ୍ତୁତି |
| ୧୮୮ | ୩ | ନେଜ | ଭେଜ |
| ୧୯୧ | ୧୯ | ଶବ୍ଦ | ଶବଦ |
| ୧୯୪ | ୨୨ | ଭଣ୍ଡିତା | ଭଣିତା |
| ୧୯୫ | ୮ | ଗ୍ରୀର | ଗୀର |
| ୧୯୭ | ୧୪ | ମୁଖାମ୍ବୋଜ | ମୁଖାମ୍ବୁଜ |
| ୧୯୭ | ୧୩ | ମୃଗାଙ୍କ | ମୃଗାଙ୍କ |
| ୧୯୭ | ୧୫ | ମଣ୍ଡୁଚନାରେ | ମଣ୍ଡ କନାରେ |

| ପୃଷ୍ଠା | ଧାଡି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧୯୭ | ୨୩ | ଟଂକନ | ଖଂଜନ |
| ୧୯୮ | ୧ | ମୋରସୀ | ସରସୀ |
| ୧୯୮ | ୧୩ | ଥାଉ | ଆଉ |
| ୨୦୨ | ୨୧ | ସତୁଥିରୁ | ସବୁଥିରୁ |
| ୨୦୪ | ୭ | ଦାରଣ | ଧାରଣ |
| ୨୦୫ | ୧୩ | ଜନ | ଜାନୁ |
| ୨୦୬ | ୧୦ | ଦେଉହୁଲ୍ | ଦେଉଥିଲୁ |
| ୨୦୮ | ୨୧ | ପନ | ପଦ |
| ୨୦୯ | ୧୩ | ନାଗସ୍ତ୍ରୀ | ନଗସ୍ତ୍ରୀ |
| ୨୦୯ | ୧୪ | ପଛେ | ପଛେ ପଛେ |
| ୨୦୯ | ୨୦ | ହେଉଛୁ | ଙ୍କ ହେଉଛି |
| ୨୧୧ | ୧୧ | ବସିଲେନ | ବସିଲେଣି |
| ୨୧୫ | ୧୧ | ନଚଯାସୁ | ନଚୋଳୁ |
| ୨୧୮ | ୧୮ | ନଚନ | ନୂତନ |
| ୨୨୦ | ୪ | ଅଙ୍ଗେ | ଅଙ୍କେ |
| ୨୫୦ | ୨୨ | କନ୍ଧବ | କରିବ |
| ୨୫୧ | ୧୭ | ବକସିବ | ବକସିବ |
| ୨୫୨ | ୧୨ | ସେକେ | ଶେଯେ |
| ୨୫୪ | ୨୪ | କସ | କସ |
| ୨୫୫ | ୧୭ | ନବୁଡାଇ | ନ ବୁଡାଇ |
| ୨୫୬ | ୨୬ | ଲୁହକ୍ରୀ | ନୁହନ୍ତି |
| ୨୫୭ | ୨୪ | ହେଲ୍ | ହେଲ |
| ୨୫୮ | ୨୦ | ଦଷ୍ଟୀ | କଷ୍ଟୀ |
| ୨୬୦ | ୧ | ସଜଡନେ | ସଯତନେ |
| ୨୬୦ | ୨୩ | ଖୀର | କ୍ଷୀର |
| ୨୬୧ | ୧୫ | ଧୀବ୍ରାଧୀରାରେ | ଧୀର ଧୀରରେ |
| ୨୬୨ | ୧୦ | ଗ୍ଲୁଡ଼ିଦ | ଗ୍ଲୁଡ଼ିବ |
| ୨୭୦ | ୨୩ | ପାନ୍ଧଥିଲ | ପାନ୍ଥଥିଲ |
| ୨୭୧ | ୧୯ | ରହୁବ ଚରଜକ | ରହୁବ ଚରଦକ |
| ୨୭୧ | ୨୧ | ଯେନନ୍ଦେ | ସେନନ୍ଦେ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୨୭୨ | ୧୧ | ହେଲେ | ହେଲ |
| ୨୭୯ | ୧୮ | ଧିଙ୍ଗାପରେ | ଝିଙ୍ଗାସରେ |
| ୨୭୯ | ୨୧ | ବହୁଲେ | କହୁଲେ |
| ୨୭୯ | ୨୪ | ପ୍ରିରଚଛ | ପିରଚଭ |
| ୨୮୦ | ୨୦ | ଲଛ | ଲକ୍ଷ |
| ୨୮୨ | ୧୯ | ମାନଷ | ମାନସ |
| ୨୮୪ | ୧୩ | କଶୋଘ ମଣି | କଶୋଘ୍ର ମଣି |
| ୨୮୫ | ୨ | ବଭୁ | ଟଉ |
| ୨୮୭ | ୫ | ମୋଝେ | ଏଝେ |
| ୨୮୮ | ୧୫ | ଲକ୍ତଠ | ଲମ୍ଫଟ |
| ୨୮୮ | ୨୬ | ମୀନ | ମାନ |
| ୨୮୯ | ୭ | କୋଶୋକ | କଶୋସକ |
| ୨୯୯ | ୮ | କ (ପାଟଶୋର) | କ (ପାଟଶୋରକ) |
| ୨୯୦ | ୧୧ | ହେବଣେଣି | ହେଲେଣି |
| ୨୯୧ | ୧ | ଝ୍ଲାରେ | ଝଟରେ |
| ୨୯୧ | ୧୦ | ଧଣିଧର | ଧରଣୀଧର |
| ୨୯୨ | ୧୦ | ସୁଧା କି ପ୍ରପ | ସୁଧାକଲପ |
| ୨୯୨ | ୧୭ | ଘୁଞ୍ଚରେ | ଘୁଞ୍ଚାରେ |
| ୨୯୪ | ୧୯ | ମଥା | କଥା |
| ୨୯୫ | ୮ | କହୁବ | କରବ |
| ୨୯୮ | ୧୪ | ବହୁଥିକ | କହୁଥିବ |
| ୩୦୫ | ୫ | ହେଲ | ଦେଲ |
| ୩୧୦ | ୫ | ଢାଁଜଲେ | ଟେକରେ |
| ୩୧୩ | ୨୩ | ହୋଯିଇବ | ହୋଇସିବ |
| ୩୧୬ | ୧୫ | ଖୋଖାଲ | ଗୋପାଲ |
| ୩୧୮ | ୧୮ | ଅଇଲା | ଅଇଲୁ |
| ୩୨୯ | ୧୬ | ରହୁବକ ତା ଗାରମା | ରହୁବ କ ଛାଁ ଗାରମା |
| ୩୩୪ | ୪ | ସଗୁରୁ | ସୁଗୁରୁ |
| ୩୩୭ | ୧୪ | ବେଢ଼ା | ବେଢ଼ା |
| ୩୪୧ | ୧୯ | ଶ୍ୟାପ | ଶ୍ୟାମ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୩୪୫ | ୭ | ବାଇ | ବାଉ |
| ୩୪୭ | ୧୫ | ନଷ୍ଟ ବୁଟିଆ | ନଷ୍ଟକୁଟିଆ |
| ୩୫୦ | ୨ | କରିଲୁରେ | କରକୁରେ |
| ୩୫୦ | ୧୪ | ଅଟଙ୍ଗ | ଅଷ୍ଟଙ୍ଗ |
| ୩୫୨ | ୮ | ନଷ୍ଟକୁଟି ଅସେ | ନଷ୍ଟ କୁଟିଆ ସେ |
| ୩୫୯ | ୧୦ | ତାଷ୍ଟଙ୍କ | ତଟଙ୍କ |
| ୩୬୧ | ୧୨ | ଭବଇ | ଭାବଇ |
| ୩୬୩ | ୯ | ଯେ ନେଲେ | ଘେଣଲେ |
| ୩୭୦ | ୬ | ତଙ୍କ୍ତି | ତେଜ |
| ୩୭୨ | ୯ | ରସ ରାଜଂକୁ | ରସରାଜଙ୍କୁ |
| ୩୭୩ | ୧୯ | ପାଲେ | ପାନେ |
| ୩୭୪ | ୨୧ | ଉକ୍ତି | ଭକ୍ତି |
| ୩୮୧ | ୧୨ | ବଯନ | ବଦନ |
| ୩୮୨ | ୯ | ଅଲକତ | ଆଲୋକତ |
| ୩୮୨ | ୨୦ | କଢ | ଗଢ |
| ୩୮୮ | ୧୭ | ସର୍ଦ | ସର୍ବ |
| ୩୯୦ | ୧୭ | ନଷ୍ଟକୁଟିଆ ସେ | ନଷ୍ଟ କୁଟିଆ ସେ |
| ୩୯୧ | ୧୧ | ଅପୁର୍ଭ | ଅପୂର୍ବ |
| ୩୯୪ | ୫ | ଦୀତୋ ନିଜ ଗାରେ | ହୋ ତୋ ନିଜ ଗାଁରେ |
| ୩୯୪ | ୬ | ବ୍ରଜ୍ଵବନ ବାସୀ ଛୁକ | ବ୍ରଜ ବନବାସୀ ସାଧୁଂକ |
| | | ପଦମ୍ବରେ ଅମ୍ବର | ପମ୍ବରେ ଅମ୍ବରେ |
| ୩୯୪ | ୭ | କାନ୍ତ ଅଟାରେ | କାନ୍ତ ଗାଆରେ |
| ୩୯୭ | ୧୮ | ଅଭଣୀ | ଅଭସୀ |

—*—

# ଗୋପାଳକୃଷ୍ଣ ଗ୍ରନ୍ଥାବଳୀ

## ବ୍ୟବହାରିକ ଶବ୍ଦାର୍ଥ

କିଙ୍କରୀ—ସେବିକା
ବ୍ୟଜନ—ପଙ୍ଖା
ସମ୍ବାହ୍ୱନ—ଆମନ୍ତ୍ରଣ
ନିଯୋଜ—କିଙ୍କର ବା ଭୃତ୍ୟ
କିଶୋରୀ—ରାଧା
ବୃଷଭାନୁ—ରାଧାଙ୍କ ପିତା
ବ୍ରଜେନ୍ଦ୍ର ନନ୍ଦନ—ଶ୍ରୀକୃଷ୍ଣ
ସ୍ରକ—ଫୁଲ
ବ୍ରଜେଶ୍ୱରୀ—ଯଶୋଦା
ବାଟିକା—ବଗିଚା
ସ୍ତନନ୍ଧୟ ପୂଜା—ଜନ୍ମଦନୋତ୍ସବ
ଆସ୍ୟ—ମୁଖ
ସୁଧାମାମଣି—ଇନ୍ଦ୍ରନୀଳମଣି
ଈକ୍ଷଣେ—ଦେଖିବାରେ
ପୀୟୂଷ—ଅମୃତ
ବଟୋଳ—ପାଗଳ
ପଶୁପ ନଗରୀ—ଗୋପପୁରୀ
କେଶରୀ ମଧ୍ୟମା—ସିଂହକଟୀ
ଦାଡ଼ିମ୍ବ—ଡାଳିମ୍ବ
ଚନ୍ଦ୍ରାନନ—ଚନ୍ଦ୍ରମୁଖ
ପତଦ୍‌ଗ୍ରହ—ପିକଦାନ
ଅବନୀ—ଧରଣୀ
ପୁରନ୍ଦର—ଇନ୍ଦ୍ର
ସ୍ମର—କାମ ( ଦେବ )
ସୁରପତି—ଇନ୍ଦ୍ର
ଅଭିସାର—ସଙ୍କେତ ସ୍ଥାନକୁ ଗମନ
ପ୍ରତ୍ୟୟ—ବିଶ୍ୱାସ

ବଲ୍ଲୀ—ଲତିକା
ଜନକଜା—ସୀତା ଦେବୀ
ସାରଡିଆ—ଗୁଣିଆଁ, କୁଟିଳ ସ୍ୱର୍ଣ୍ଣୀ
କୁରୁଡିଆଁ—ଆଖିପତା ନସୁରଞ୍ଜା
ମନମଥ—କନ୍ଦର୍ପ
ଅଳିନ୍ଦ—ଅଗଣା
ଜଣ୍ଟ ଖଟି—ମର୍କଟୀ ବିଶେଷ
ଲୁକାଇ—ଲୁଚାଇ
ବିଟପୀ—ବୃକ୍ଷ ( ମାଧବୀ )
ଗୁମାନ—ଅଭିମାନ
ଢେଙ୍କ—କୌତୁକ
ପକ୍ଷ—ପଙ୍ଖା
ନାଗରେନ୍ଦ୍ର—ନାୟକ ଶ୍ରେଷ୍ଠ
ବାରିବାହ—ମେଘ
ବରହି—ମୟୂର
କ୍ଷଣପ୍ରଭା—ବିଜୁଳି
ବାଗୁରା—ଜାଲ
ନନ୍ଦିନୀ—ଯଶୋଦା
ମିହିରକନ୍ୟା—ସୂର୍ଯ୍ୟକନ୍ୟା ( ଯମୁନା )
ପକ୍ଷ୍ମ—ଆଖିପତା
ନିର୍ବପଣ—ନିବାରଣ
ସଗୋଏ—ସ୍ୱବଶ
ତାମ୍ରଚୂଡ—କୁକୁଡ଼ା
ଜୃମ୍ଭା—ହାଇ
ଭର୍ତ୍ସନା—ନିନ୍ଦା
ବିଲୋକନ୍ତୁ—ଦେଖନ୍ତୁ
ନଳିନ—ପଦ୍ମ, ପୁଷ୍ପ, ଜଳ, ଶୈବାଳ

ନଳିନ—ସାରସ ପକ୍ଷୀ, ସ୍ୱର୍ଗଗଙ୍ଗା, କମଳାକର

ଘନ—ମୂର୍ତ୍ତି, ଦ୍ରବ୍ୟ, ଟଜା, ପଦ

ବନ—ପାଣି

କନ୍ଦର୍ପ- -ମନପୋଡ଼ା

କୁଆଳି—ଗୋପାଳୁଣୀ

ସମିଳ—ପଦ ବା ଦ୍ରବ୍ୟ

ମାଦ୍ୱାର—ଚଣ୍ଡାଳ

ଉନ୍ନିଦ୍ର—ଅନିଦ୍ରା

ଧୃତି—ସ୍ଥିତି, ଧାରଣ, ଧୈର୍ଯ୍ୟ, ଯାଗ, ଯୋଗ ବିଶେଷ, ସନ୍ତୋଷ, ସୁଖ, ସବଂଧ, ପ୍ରୀତି

ଖଦ୍ୟୋତଜା—ଯମୁନା

ଖଗନିନାଦ—ପକ୍ଷୀର କୂଜନ

ଘର୍ମ—ଝାଳ

ଅଳକ୍ତ—ଅଳତା

ହେଇଁ—ହେଇଛି

ଜାମ୍ବୁନଦାଙ୍ଗୀ—ସୁବର୍ଣ୍ଣ ଦେହା

ଘାଣ୍ଟୁଥାଇ—ଘୋଡ଼ାଇ

ଝଷନୟନା—ମୀନ ନୟନା

ଜଟିଳା—ରାଧାଙ୍କ ଶାଶୁ

ଠବର୍ଣ୍ଣ—ଚନ୍ଦ୍ରପରି ଉଜ୍ଜ୍ୱଳ

ରମ୍ଭୋରୁ—କଦଳୀ ଗଛ ସମ ଜଙ୍ଘ

କଙ୍କତିକା—ପାନିଆ

ଅଳି—ଭ୍ରମର

ବୀଜମନ୍ତ୍ର—ମୂଳମନ୍ତ୍ର

ରୂପମଞ୍ଜରୀ—ରାଧାଙ୍କ ଭଉଣୀ

ଛଳିଳ—ଛଳନା

ଆଳିବୃନ୍ଦ—ସଖୀଗଣ

ଶରଣୀ—ପଥ

ଚରମବାସ – ଖୋସଣୀ

ବେଦବର—ବ୍ରହ୍ମା

ଆଉଣ୍ଡି—ରହୁଛୁ

ତରଣି ତନୟା—ଯମୁନା

ତରଣୀ, ତରୀ—ନୌକ

ଅଗାଧବାରି—ଅଥଳପାଣି

କ୍ଷେପଣି—ଆତ

କଣ୍ଠ ଦଘ୍ନକ—ବେକକେପାଣି

ପ୍ରତୀକ—ନିଦର୍ଶନ

ସରସିଜ—ପଦ୍ମ

ଅବତଂସ—ଆବର୍ତ୍ତ

ଲକ୍ଷା—ଅଳତା

ଉପବୀତ—ପଇତା

ଗଣ୍ଡ—ଗାଲ

କେଶର କୁଞ୍ଜ—ନାଗେଶ୍ୱର କୁଞ୍ଜ

ରମା—ଲକ୍ଷ୍ମୀ

ଧୃଷ୍ଣା—ପ୍ରଜ୍ଞା

ଭଲ୍ଲ—ଶେଯ

ପଚଳାକ—ମୟୂରପୁଚ୍ଛ ବା ସର୍ପଫଣ

ଲୁକୁଯାଇ—ଲୁଚିଲ

ଲୋଲ ଲୋଚନା—ଚାମ୍ପ ଦୃଷ୍ଟି

ନୀରଦ—ମେଘ

କର୍ଣ୍ଣୋତ୍ତଂସ—କାନର ଭୂଷଣ

ଅଶରଣ—ନିରାଶ୍ରୟ

ପଞ୍ଚାଳିକା—ଉତ୍ତରୋଧ କଲା

କଦନ—ଦୁଃଖ

ଚକ୍ର—ସୁଦର୍ଶନ ଚକ୍ର

ନକ୍ର—କୁମ୍ଭୀର

କକ୍ଷ—କାଖ

ପରମେଷ୍ଠୀ—ବ୍ରହ୍ମା

ଝପା—କୁଳଟା, ବେଶ୍ୟା,, ଝାଉଁ, କୁଳ, ବଣ, ବନସ୍ତ, ଘଣ ।

ସଲାପ—କଥା
ସଂହତ—ମିଳିତ
ବରାଙ୍ଗୀ—ଉତ୍ତମା ସ୍ତ୍ରୀ
ଯାଉଥିବାର—ଯାଉଥିବାଣି
ଯୁଃ ଧୈର୍ଯ୍ୟ—ଯୁବାଧୈର୍ଯ୍ୟ
ଭେକ—ବେଙ୍ଗ
ଫଣୀ—ସାପ
ବରୂଥାବଳୀ—ସୈନ୍ୟଗଣ
ଖୁଲ୍ଲକ—ଭ୍ରୂଲତା
ଢଳ—ଖସା
ତରୁକ—ଉଷ୍ମ
ଖେଦ—ଦୁଃଖ
କାନନ—ଜଙ୍ଗଲ
ଲୁଳ—ଶିଥିଳ
ରସାଳ—ଆମ୍ବ
ଦୀପ୍ତି—ଭାତି
କ୍ଷରିଲେ—ଖସିଲେ
ହିଭାଏ—ହିଳଏ
ଓଘ—ଅବାଧ ସ୍ରୋତ
ସୁରଭି—ଗନ୍ଧ, ବାସନା
ଅନୁଦିନ—ଦିନୁଦିନ
ସୁପ୍ରଭାତ—ପ୍ରାତର ଆରମ୍ଭ
ସୂତ୍ରାଧାର—କାଇଁଚ ମାଳ
ଶତହ୍ରଦା—ବିଜୁଳି
ଶତମନ୍ୟୁ—ଇନ୍ଦ୍ର
କେତଣେ—କାହିଁକି, କୁଆଡ଼େ
ପଦ୍ମମୁଖ—ସୁନ୍ଦର ସ୍ତ୍ରୀର ମୁଖ
ଗୀଟକର—ଟେକା
ସୁଙ୍କୀ—ସ୍ୱଣୀ
ହର୍ମ୍ୟ—କୋଠାଘର
ଲପନ—ମୁଖ

ବ୍ୟାଳ—ସର୍ପ
ନଟିଲ—ସ୍ୱଳ୍ପ ପ୍ରଦେଶ
ମଧୁବ୍ରତ—ଭ୍ରମର
ବନସ୍ରୁକ—ବନଫୁଲ
ବୈତାଳିକ—ବେତାଳ ସାଧକ, ସ୍ତୁତିଷ
କଳାଭୁଜଗ—କୃଷ୍ଣସର୍ପ
ପୁରନ୍ଦର—ଇନ୍ଦ୍ର
ନୀବିବନ୍ଧ—ସ୍ତ୍ରୀର କଟିବନ୍ଧନ, ଖୋସଣୀ,
ମୂଳଧନ
ଶୂରପଣ—ବଳପଣ
ପ୍ରସାଧନୀ—ଭୂଷଣ ସାମଗ୍ରୀ
ଅବସ୍କର—ଶଙ୍କର
ଭବ ପାରାବାର—ସଂସାର ସମୁଦ୍ର
ଯାମଳାର୍ଜୁନ—ବୃକ୍ଷ ବିଶେଷ
ଜାମ୍ବୁନଦ—ସୁବର୍ଣ୍ଣ
ଗୌତମନାରୀ—ଅହଲ୍ୟା
ନକ୍ର—କୁମ୍ଭୀର
ପଦାବ୍ଜ—ପଦ୍ମପାଦ
ବର୍ଣ୍ଣସ୍ରଜ—ଧାତା
ସଦନ—ଗୃହ
ସ୍ରଜ—ମାଳା
ପଞ୍ଚାଇ—ଟୁଲଇ
ଲପନ—ମୁଖ
ଅନଙ୍ଗ ମଞ୍ଜରୀ—ରାଧାଙ୍କ ସ୍ଥାନ ଭଉଣୀ
ସେତୁ—ବାଲୁକାବନ୍ଧ
ପ୍ରମୋଦେ—ଆନନ୍ଦେ
କୀର—ଶୁଆ
ଦେହଳୀ—ଦ୍ୱାରବନ୍ଧ
ସୋପାନ—ପାହାଚ
ରୋଷ—ରାଗ
କଳ—ସଭ୍ୟ

ରଜ—ଧୂଳି
କପୀନ୍ଦ୍ର—ପାଠଦ୍ଧାଏ
ସୃଷ୍ଟିକା—ପୁତ୍ତଳା
ଲବ୍ଧ—ପଣ୍ଡିତ
ଅଧର—ଓଷ୍ଠ
କୃଷ୍ଣସାର ବାଲ୍ୟହରିଣ
ତନୁ—ଶରୀର
ପୟପାନ—ଦୁଗ୍ଧପାନ
କୁରଙ୍ଗ—କପୋତୀ
ଅଙ୍କ—କୋଳ
ସୁରତାନ୍ତେ—କେଳି ଶେଷରେ
ଗବାକ୍ଷ—ଝରକା
କଳିନ୍ଦ ତନୟା—କାଳିନ୍ଦ ସୁତ
ମଞ୍ଜିଷ୍ଠା—ମଞ୍ଜୁଆଠ
ଆନ—ମୁଖ
ସୁରଭୀ—ବଚନ
ଚେଳାଞ୍ଚଳ—ପଣତ କାନି
ମଣୋଦ୍ଧୃ—ସ୍ୱେଦଜ
ଅଗଦ—ସ୍ୱେଦଜ
କ୍ଷୀରସ୍ତୁ—ଓଢ଼ଣୀ
ମଦକୁଞ୍ଜର—ମଦମତ୍ତ ହସ୍ତୀ
ଗ୍ରୀମବାର—ଝାଳ
ହେଷ୍ଟି—ଏଣ୍ଟ
ମାଧବୀ—ଲତା ବିଶେଷ
ଗଣ୍ଡ—ଗାଲ
ଦଶନ—ଦାନ୍ତ
ମାଧବ—କୃଷ୍ଣ
ଓଷଧୀଶ—ଚନ୍ଦ୍ରମା
ଘ୍ରାଣ—ଲକ୍ଷ
କଳାପି—କୋକିଳ
କଳାପୀ—ମୟୂର

ଲୁବ୍ଧ—ଲୋଭି
ମକରୀ—ଗଣ୍ଡ ଚନ୍ଦ ବିଶେଷ
ନିକୁରୁମ୍ବ—ସମୂହ
ସରୋରୁହ—ପଦ୍ମ
ରୋଲମ୍ବ—ଭ୍ରମର
ମିଥିଳ—ରାଜା ଜନକ
ବିଚକିଲ—ଏକପ୍ରକାର ମଲ୍ଲୀ ଫୁଲ
ମୃଗମଦ—ମୃଗନାଭି କସ୍ତୁରୀ
ଚୀନାଂଶୁକ—ବଡ଼ ସରୁଲୁଗା
ଜପା—ଜନସୂ, ଘଣା
ଉର୍ଣ୍ଣିକ—ସଦ୍ୟୋଜାତ ଶିଶୁ
କାଞ୍ଚନାଭ—ସ୍ୱର୍ଣ୍ଣାଭ
ଦଶାର୍କଶର—ପଞ୍ଚଶର
ମହୀରୁହ—ବୃକ୍ଷ
ବାରିବାହ—ମେଘ
ଭୃଙ୍ଗ—ଭ୍ରମର
ନାଗବଲ୍ଲୀ—ପାନ
ପଜର—ବକ୍ର
ସନ୍ନତ—ଧୂନିତ
କରରୁହ—ନଖ
କରଜ—ନଖ
କଞ୍ଜ—ପଦ୍ମ
କନ୍ଦଳ—କଳରବ
ହଂସକା—ନଖ
ବିଚ୍ଛିତ୍ତି—ଅଙ୍ଗରାଗ ଓ ବିଲେପନ
ଜଟିଲ—କପାଳ
ଶତମନ୍ୟୁ—ଇନ୍ଦ୍ର
ନୀପ—କଦମ୍ବ ବୃକ୍ଷ
ଇନ୍ଦୀବର—ନୀଳପଦ୍ମ
ଇନ—ସୂର୍ଯ୍ୟ, ପତି
ହଲୀ—କୃଷକ

ଭଲ୍ଲ—ଭୁସ୍ସ
ତାଟଙ୍କ—କର୍ଣ୍ଣ ଭୂଷଣ ( ଫାପ )
ଦ୍ରୁହଣ—ବ୍ରହ୍ମା, ବିଷ୍ଣୁ
ମନସିଜ—କନ୍ଦର୍ପ
ଅଂଘ୍ରି—ବୃକ୍ଷର ମୂଳ
ଅଲକ୍ତକ—ଲାଖ ବା ଜଉ
ଈକ୍ଷଣ—ଆଖି
କୁଟିଳ—ଅନ୍ୟରୂପ ' ଜଟଲ '
ଅମ୍ବା—ଦୁର୍ଗା, ଜନନୀ
କଟିକାଳ—କଠିନ ସମୟ
ବଲାହକ—ମେଘ
ଜେହ୍ମ—କପଟ
ଘନ—ମେଘ
ଭାନୁ ( ବୃଷଭାନୁ )—ରାଧାଙ୍କ ପିତା
ଦୁଲଣୀ—କନ୍ୟା
ଅଭସ୍ମ—ତୋ ପାଣି
ବୃଷଭାନୁ ସୁତା—ରାଧା
ପ୍ରଭଞ୍ଜନ—ବାତ୍ୟା, ବା ଝଡ଼
ଶଙ୍କଶ—ଚନ୍ଦ୍ର
କେଦାର—ଶସ୍ୟ କ୍ଷେତ୍ର
ଏଣୀ—ହରିଣୀ
ମାର୍ଗଣ—ଧନୁଶର
ଅପଘନ—ଶରୀର
ଜମ୍ଭା—ହାଇ
କିଂଶୁକ—ପଳାଶ ଫୁଲ
ଦାମିନୀ—ବିଜୁଳି
ମଳୟଜ—ଚନ୍ଦନ
ପୁଟ—ଦଳ
ଇନ୍ଦିବର—ନୀଳକଇଁ
ଅଶନି—ବଜ୍ର
ଦମ୍ଭୋଳି—ବଜ୍ର
ପ୍ରସ୍ରବଣ—ଝରଣା

କାଣ୍ଡାସ୍ତ୍ର—ନାରଚ
କେତୁଆଳ—ଆନ୍ଧୁଳ
ବାରିନିଧିସୁତା—ସମୁଦ୍ର କନ୍ୟା
ଅର୍ଯ୍ୟମା—ସୂର୍ଯ୍ୟ
ବସନ୍ତ ଦୂତ—କୋକିଳ
ସୁଧାମା—ଇନ୍ଦ୍ର
ବଲ୍ଲକୀ—ବୀଣା
ବୀଥି—ଧାଡ଼ି
ରାସ ବହାରୀ—ଶ୍ରୀକୃଷ୍ଣ
ରୋଲମ୍ବ—ଭ୍ରମର
କଙ୍କଟୀ—କଟିମେ
ବ୍ରତତି—ଲତା
ରାସ—ଗୋପୀଙ୍କ ସହ କୃଷ୍ଣଙ୍କ ନୃତ୍ୟ
ରାଟ—ରାଜା
ବିଦେହ—କନ୍ଦର୍ପ
ବିଦେହ ନନ୍ଦିନୀ—ସୀତା ଦେବୀ
ମୁଖବାଦ୍ୟ—ହୁଳହୋଳ ଆଦି
ଆଠଯାମ—ଆଠ ପ୍ରହର
ବିଧ୍ୱାନନା—ଚନ୍ଦ୍ରାନନା
ଅରଢ—ବିରକ୍ତ
ଅଳକ—କ୍ଷୁଦ୍ର କେଶ
ସ୍ୱରଟ—ସୁନା
ବରାଙ୍ଗନା—ସ୍ତ୍ରୀ
କୁବଳୟ—କୁବେଳ
ବନଜ—ପଦ୍ମ
ଉଜାଣି—ସ୍ରୋତର ବିପରୀତ ଦିଗ
ଅରାଳ—ନମ୍ର । ଦ୍ୱିଜରାଜ —ଚନ୍ଦ୍
ଚନ୍ଦ୍ର । ବର୍ଣ୍ଣା-କନ୍ୟା । ଉଲୁଠାଇ-ଶେ
ହୋଇ । କଞ୍ଜ ଚରଣ-ପଦ୍ମ ପାଦ । ବ
କରୁଡ଼ି । ବକ୍ଷ-ସ୍ଥଳ ବିଶେଷେ 'ଏଭା
ନୀପ ଫଳ-କଦମ୍ବ ଫଳ । ଜଙ୍ଘ-ପଙ୍କ